# ଧରିତ୍ରୀ DHARITRI

ଧରିତ୍ରୀ 52 Years

ପୃଷ୍ଠା–୧୨+୮

ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୩/୨୦୨୫ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 13/2025 Page 20 ₹ 7.00

୫୨ଶ ଭାଗ ୨୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 20 ମୂଲ୍ୟ₹୭/-





## ସଂକ୍ଷେପରେ

### ଜାପାନରେ ଭୂକମ୍ପ ପରେ ସୁନାମି ସତର୍କ ସୂଚନା ଜାରି

ଟୋକିଓ,୧୨।୧୨

ଜାପାନର ଉତ୍ତରପୂର୍ବ ଭାଗରେ ଶୁକ୍ରବାର ପୂର୍ବାହ୍ନ ୧୧ଟା ୪୪ ମିନିଟ୍ ସମୟରେ ୬.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହା ପରେ ସୁନାମି ସତର୍କ ସୂଚନା ଜାରି କରାଯାଇଥିବାବେଳେ ପରେ ତାହାକୁ ପ୍ରତ୍ୟାହାର କରିନିଆଯାଇଛି। ଆଓମୋରିର ପୂର୍ବ ଉପକୂଳ ଏବଂ ଜାପାନର ମୁଖ୍ୟ ଦ୍ୱୀପ ହାନଶୁର ଉତ୍ତର ଦିଗରେ ୨୦ କି.ମି. ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ। ଭୂକମ୍ପ ପ୍ରଭାବରେ ୧ ମିଟର ଉଚ୍ଚର ସୁନାମି ଆସିବ ବୋଲି ଆକଳନ କରାଯାଇଥିଲା। ଭୂକମ୍ପଜନିତ କ୍ଷୟକ୍ଷତି ଏବଂ ଆହତଙ୍କ ସଂଖ୍ୟା ଜଣାପଡ଼ିନାହିଁ। ସୂଚନାଯୋଗ୍ୟ, ଗତ ଶନିବାର ଜାପାନରେ ୭.୫ ତୀବ୍ରତାର ଭୂକମ୍ପ ଯୋଗୁ ଅନ୍ୟୂନ ୩୪ ଜଣ ଆହତ ହୋଇଥିଲେ।

### ୨ ବର୍ଷରେ ୧,୯୫୧ ଥର ବିମାନ ଜିପିଏସ୍ ସିଗ୍ନାଲ ବାଧାପ୍ରାପ୍ତ ହୋଇଛି

ନୂଆଦିଲ୍ଲୀ,୧୨।୧୨(ପି.ଟି.)

ବିମାନ ଜିପିଏସ୍ (ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍)ରେ ୨୦୨୩ ନଭେମ୍ବରରୁ ୨ ବର୍ଷ ମଧ୍ୟରେ ମୋଟ ୧,୯୫୧ ଥର ସିଗ୍ନାଲଜନିତ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ନିକଟରେ ଦିଲ୍ଲୀ, ମୁମ୍ବାଇ, କୋଲକାତା, ଅମୃତସର, ହାଇଦ୍ରାବାଦ, ବେଙ୍ଗାଲୁରୁ ଏବଂ ଚେନ୍ନାଇ ବିମାନବନ୍ଦରରେ ଜିପିଏସ୍ ସ୍ପୁଫିଙ୍ଗ୍ ଏବଂ ଇଣ୍ଟରଫେସ୍ ସମସ୍ୟା ଦେଖାଦେଇଥିଲା। ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ କହିଛନ୍ତି, ଏୟାରସ୍ପେସ୍‌ରେ ଜିଏନ୍‌ଏସ୍‌ଏସ୍(ଗ୍ଲୋବାଲ ନାଭିଗେଶନ ସାଟେଲାଇଟ୍ ସିଷ୍ଟମ୍) ଇଣ୍ଟରଫେସ୍ ନେଇ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଆଡଭାଇଜରି ସର୍କୁଲାର ଜାରି କରିବା ପରେ ଭୁଲ୍ ଜିପିଏସ୍ ସିଗ୍ନାଲ ଆସିବା ଖବର ପ୍ରକାଶ ପାଇବା ଆରମ୍ଭ କରିଥିଲା ବୋଲି ମୋହୋଲ ଲୋକ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି।

### ଘାଟି ରାସ୍ତାରୁ ବସ୍ ଖସି ୯ ମୃତ, ୨୩ ଆହତ

ଚିଣ୍ଟୁରୁ,୧୨।୧୨(ପି.ଟି.)

ଆନ୍ଧ୍ରପ୍ରଦେଶର ଆଲୁରି ସୀତାରାମରାଜୁ ଜିଲାରେ ଶୁକ୍ରବାର ଭୋର ସମୟରେ ଏକ ବସ୍ ଘାଟି ରାସ୍ତାରୁ ଖସିପଡ଼ିବାରୁ ୯ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଚିନ୍ତୁର ଅଞ୍ଚଳରୁ ୩୭ ଯାତ୍ରୀଙ୍କୁ ନେଇ ବସ୍‌ଟି ତେଲଙ୍ଗାନା ଯାଉଥିବାବେଳେ ଚିଣ୍ଟୁର-ମରେଡୁମିଲ୍ଲି ଘାଟି ରାସ୍ତାର ଦୁର୍ଗା ମନ୍ଦିର ନିକଟରେ ଦୁର୍ଘଟଣା ଘଟିଥିଲା ବୋଲି ଏସ୍‌ପି ଅମିତ୍ ବରଦାର କହିଛନ୍ତି। ଘନକୁହୁଡ଼ି ଯୋଗୁ ଡ୍ରାଇଭର ସମ୍ଭବତଃ ବୁଲାଣି ରାସ୍ତାକୁ ଦେଖିପାରି ନ ଥିଲେ ବୋଲି କୁହାଯାଉଛି।



ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ସଂଘର୍ଷ ଲାଗିରହିଥିବାବେଳେ ଥାଇଲାଣ୍ଡର ସୁରିନ୍ ପ୍ରଦେଶ ସଂଲଗ୍ନ ବିବାଦୀୟ ସୀମାରେ ଥିବା ଏକ ସ୍କୁଲରେ ଖାଦ୍ୟ ପାଇଁ ଧାଡ଼ି ବାନ୍ଧିଛନ୍ତି ବିସ୍ଥାପିତ। (ଫଟୋ ସୌଜନ୍ୟ: ରଏଟର୍ସ)

## ବିଦେଶୀ ବିଶେଷଜ୍ଞଙ୍କୁ ନିଯୁକ୍ତ କଲା ଇଣ୍ଡିଗୋ

ମୁମ୍ବାଇ,୧୨।୧୨(ପି.ଟି.)

ଇଣ୍ଡିଗୋ ଏୟାରଲାଇନ୍ସର ବିମାନସେବା ସପ୍ତାହେରୁ ଉର୍ଦ୍ଧ୍ୱ ସମୟ ଧରି ବାଧାପ୍ରାପ୍ତ ହେବା ପରେ ଏବେ କମ୍ପାନୀ ଏହାର ମୂଳ କାରଣ ଖୋଜିବା ଆରମ୍ଭ କରିଛି। ଏଥିପାଇଁ ଇଣ୍ଡିଗୋ ବୋର୍ଡ ଏକ ବିଦେଶୀ ବିମାନ ଚଳାଚଳ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେଇଥିବା ଶୁକ୍ରବାର ଘୋଷଣା କରିଛି। ଉକ୍ତ ବିଶେଷଜ୍ଞ ଯଥାଶୀଘ୍ର ମୂଳ କାରଣ ଉପରେ ସମୀକ୍ଷା ଆରମ୍ଭ କରିବ ଏବଂ ବୋର୍ଡକୁ ସବିଶେଷ ରିପୋର୍ଟ ପ୍ରଦାନ କରିବ ବୋଲି ଇଣ୍ଡିଗୋ କହିଛି। ଏଥିପାଇଁ ଇଣ୍ଡିଗୋ ବୋର୍ଡ ଆମେରିକାର ବିଶେଷଜ୍ଞ ବିମାନ ଚଳାଚଳ କନ୍‌ସଲ୍ଟାନ୍ସି ଆଭିଏଶନ ଆଡଭାଇଜର୍ସ ଏଲ୍‌ଏଲ୍‌ସିର ନିଯୁକ୍ତିକୁ ଅନୁମୋଦନ କରିଛି।

ବିମାନସେବା ବିଭ୍ରାଟ ଘଟଣାର ତଦନ୍ତ ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ୪ ଜଣିଆ ତଦନ୍ତ କମିଟି ଗଠନ କରିଥିବାବେଳେ

### ବିମାନସେବା ବାଧାପ୍ରାପ୍ତର କାରଣ ଖୋଜା

### ୪ ଏଫ୍‌ଓଆଇ ବହିଷ୍କୃତ

ଉକ୍ତ କମିଟି ଗୁରୁବାର ଇଣ୍ଡିଗୋ ସିଇଓ ପିଟର ଏଲ୍‌ବର୍ସ ଏବଂ ମୁଖ୍ୟ ଅପରେଟିଂ ଅଫିସର ଇସିଡ୍ରେ ପୋର୍କ୍ୟୁରାସ୍‌ଙ୍କୁ ଜେରା କରିଥିଲା। ଉକ୍ତ ତଦନ୍ତ କମିଟିରେ ଯୁଗ୍ମ ମହାନିର୍ଦ୍ଦେଶକ ସଞ୍ଜୟ ବ୍ରାହମନେ, ଉପମହାନିର୍ଦ୍ଦେଶକ ଅମିତ୍ ଗୁପ୍ତା, ବରିଷ୍ଠ ଫ୍ଲାଇଟ୍ ଅପରେଶନ୍ସ ଇନ୍ସପେକ୍ଟର କପିଲ ମାଙ୍ଗଲିକ ଏବଂ ଏଫ୍‌ଓଆଇ ଲୋକେଶ ରାମପାଲ ସଦସ୍ୟ ରହିଛନ୍ତି। ଇଣ୍ଡିଗୋ ବିମାନସେବା ବାଧାପ୍ରାପ୍ତ ଘଟଣାରେ ଡିଜିସିଏ ଶୁକ୍ରବାର ୪ ଜଣ ଫ୍ଲାଇଟ୍ ଅପରେଶନ୍ସ ଇନ୍ସପେକ୍ଟର (ଏଫ୍‌ଓଆଇ)ଙ୍କୁ ବହିଷ୍କାର କରିଛି।

# ଚର୍ଚ୍ଚାରେ ଟ୍ରମ୍ପଙ୍କ ସିଫାଇଭ୍ ଯୋଜନା

## ନୂଆ ରାଷ୍ଟ୍ରଗୋଷ୍ଠୀ: ୟୁରୋପକୁ ବାଦ୍‌ଦେଇ ଭାରତ, ରୁଷିଆକୁ ସାମିଲ

ନୂଆଦିଲ୍ଲୀ/ୱାଶିଂଟନ୍,୧୨।୧୨

ସମ୍ପ୍ରତି ଭାରତ ନୂଆ ମହାଶକ୍ତି ଭାବେ ଉଭା ହେଉଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ୫ ବୃହତ୍ ଅର୍ଥନୀତିକୁ ନେଇ ଏକ ରାଷ୍ଟ୍ରଗୋଷ୍ଠୀ ତିଆରି ଯୋଜନା କରୁଥିବା କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। କୋର୍-ଫାଇଭ୍ (ସି୫)ରେ ଆମେରିକା ଓ ଭାରତ ସମେତ ଚାଇନା, ରୁଷିଆ ଓ ଜାପାନକୁ ସାମିଲ କରିବା ପ୍ରସ୍ତାବ ରହିଥିବା ଏକ ଖବରରୁ ଜଣାପଡ଼ିଛି। ତେବେ ଏନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇ ନ ଥିବାରୁ ଏହାର ସତ୍ୟାସତ୍ୟ ଜାଣିବା କଷ୍ଟକର।

କାନାଡା, ଫ୍ରାନ୍ସ, ଇଟାଲୀ, ଜର୍ମାନୀ, ଜାପାନ, ଆମେରିକା ଓ ବ୍ରିଟେନ୍‌କୁ ନେଇ ୧୯୭୫ ନଭେମ୍ବର ୧୫ରେ ଜି୭ ଗଠନ କରାଯାଇଥିଲା। ପରେ ଏଥିରେ ୟୁରୋପୀୟ



ଡୋନାଲ୍ଡ ଟ୍ରମ୍ପ

ସଂଘ(ଇୟୁ)କୁ ସାମିଲ କରାଯାଇଥିଲା। ୧୯୯୭ରେ ରୁଷିଆକୁ ଏହାର ସଦସ୍ୟତା ପ୍ରଦାନ ପରେ ଜି୭ ଜି୮ରେ ପରିବର୍ତ୍ତିତ ହୋଇଥିଲା। କିନ୍ତୁ ୨୦୧୪ରେ ରୁଷିଆ କ୍ରିମିଆ ଦଖଲ କରିବାରୁ ଏହାକୁ ଉକ୍ତ ରାଷ୍ଟ୍ରଗୋଷ୍ଠୀରୁ ବିଦା କରାଯାଇଥିଲା। ଆମେରିକୀୟ ଡିଜିଟାଲ ନ୍ୟୁଜ୍‌ପେପର 'ପଲିଟିକୋ'ରେ ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁସାରେ ଟ୍ରମ୍ପ ୟୁରୋପୀୟ ରାଷ୍ଟ୍ରଗୁଡ଼ିକୁ ବାଦ୍ ଦେଇ ଏକ ନୂଆ ରାଷ୍ଟ୍ରଗୋଷ୍ଠୀ ଗଢ଼ିବା ପାଇଁ ଚିନ୍ତା କରୁଛନ୍ତି। ଆମେରିକା, ଚାଇନା, ରୁଷିଆ, ଭାରତ ଓ ଜାପାନକୁ ନେଇ ଗଠନ ହେବାକୁ ଥିବା ଏହି ବ୍ଲକ୍‌ର ଅଧିକାଂଶ ସଦସ୍ୟ ରାଷ୍ଟ୍ରର ଜନସଂଖ୍ୟା ୧୦୦ କୋଟି ଉପରେ। ଜି୭ ଭଳି ସି୫ର ମଧ୍ୟ ନିୟମିତ ସମିଟ୍ ଅନୁଷ୍ଠିତ ହେବ। ସି୫ରେ ପ୍ରାଥମିକ କାର୍ଯ୍ୟସୂଚୀରେ ମଧ୍ୟପ୍ରାଚ୍ୟର ସୁରକ୍ଷା ଏବଂ ଇସ୍ରାଏଲ୍ ଓ ସାଉଦି ଆରବ ମଧ୍ୟରେ ସମ୍ପର୍କ ସ୍ୱାଭାବିକ କରିବା ଭଳି ପ୍ରସ୍ତାବ ରହିଛି। ଟ୍ରମ୍ପଙ୍କ ୩୩ ପୃଷ୍ଠା ସମ୍ବଳିତ ଏଭଳି ଗୁପ୍ତ ଯୋଜନାର ଦସ୍ତାବିଜ ସାମ୍ନାକୁ ଆସିଥିବାବେଳେ ହ୍ୱାଇଟ୍ ହାଉସ୍ ଏହାକୁ ଅସ୍ୱୀକାର କରିଥିବା 'ପଲିଟିକୋ' କହିଛି। ଜୋ ବାଇଡେନ୍ ପ୍ରଶାସନ ସମୟରେ ଆମେରିକା ଜାତୀୟ ସୁରକ୍ଷା ପରିଷଦର ୟୁରୋପୀୟ ବ୍ୟାପାର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିବା ଟୋରେୟ ତଉସିଗ୍ ଏନେଇ କହିଛନ୍ତି, ଆଦର୍ଶଗତ ସମାନତା ନ ଥିବା ଶକ୍ତିଶାଳୀ ପକ୍ଷଗୁଡ଼ିକୁ ନେଇ ଟ୍ରମ୍ପ ଏକ ନୂଆ ଗୋଷ୍ଠୀ ଗଢ଼ିବାକୁ ଯାଉଛନ୍ତି। ସି୫ରେ ୟୁରୋପକୁ ସ୍ଥାନିତ କରାଯାଇନାହିଁ। ରୁଷିଆକୁ ଏଥିରେ ଏପରି ଦୃଷ୍ଟିରେ ଦେଖାଯାଇଛି, ଯେପରି କି ମସ୍କୋ ଏକ ମହାଶକ୍ତି। ୟରୋପରେ ମଧ୍ୟ ରୁଷିଆ ନିଜ ଶକ୍ତି ବିସ୍ତାର କରିବାକୁ ସକ୍ଷମ। ସେହିପରି ଟ୍ରମ୍ପ ପ୍ରଶାସନର ପ୍ରଥମ ପାଳିରେ ରିପବ୍ଲିକାନ୍ ସିନେଟର ଟେଡ୍ କ୍ରୁଜ୍‌ଙ୍କ ସହଯୋଗୀ ଥିବା ମିଚାଏଲ୍ ସୋବୋଲିକ୍ ସି୫ ଗଠନ ପ୍ରସ୍ତାବକୁ ସମାଲୋଚନା କରିଛନ୍ତି। ଆମେରିକାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ଏହି ପଦକ୍ଷେପକୁ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକର ବୈଧକରଣ ରୂପେ ଦେଖୁଛନ୍ତି। ୟୁରୋପକୁ ବାଦ୍ ଦେଇ ରୁଷିଆକୁ ପ୍ରାଧାନ୍ୟ ଦେବା ଫଳରେ ପାଶ୍ଚାତ୍ୟର ଏକତା ଏବଂ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)ର ସଂହତି ଦୁର୍ବଳ ହୋଇପାରେ ବୋଲି ମନେକରାଯାଉଛି। ସି୫ ଛତା ତଳେ ୫ ଦେଶ ମଧ୍ୟରେ ତାଳମେଳ ରଖି ଗୋଟିଏ ରଣନୀତିରେ ଚଳାଇବା କେତେ ବାସ୍ତବ ହେବ ତାହା କହିହେଉ ନାହିଁ ବୋଲି କେତେଜଣ ଅନ୍ତର୍ଜାତୀୟ ବିଶ୍ଳେଷକ ମତ ଦେଇଛନ୍ତି।

## ଲୋକ ସଭାରେ ଇ-ସିଗାରେଟ୍ ସେବନ

### ଟିଏମ୍‌ସି ଏମ୍‌ପି ସୌଗତ ରୟଙ୍କୁ ୨ କେନ୍ଦ୍ରମନ୍ତ୍ରୀଙ୍କ ଟାର୍ଗେଟ

ନୂଆଦିଲ୍ଲୀ,୧୨।୧୨

ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନ ଚାଲିଥିବାବେଳେ ଲୋକ ସଭାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ସୌଗତ ରୟ ଇ-ସିଗାରେଟ୍ ପିଇଥିବା ଗୁରୁବାର ଅଭିଯୋଗ ହୋଇଛି। ଭାଜପା ଏମ୍‌ପି ଅନୁରାଗ ଠାକୁର କହିଛନ୍ତି, ଇ-ସିଗାରେଟ୍ ବ୍ୟବହାର ଉପରେ ୨୦୧୯ରେ ନିଷିଦ୍ଧାଦେଶ ଜାରି କରାଯାଇଥିଲେ ମଧ୍ୟ ଗୃହରେ କେହି ଜଣେ ସଦସ୍ୟ ତାକୁ ପିଉଛନ୍ତି। ସିଗାରେଟ୍ ଧୂଆଁର ଗନ୍ଧ ବାରିହୋଇ ପଡୁଥିବା ଅନୁରାଗ ଅଭିଯୋଗ ଆଣିବା ପରେ ବାଚସ୍ପତି ଓମ୍ ବିର୍ଲା ତତ୍କାଳ ସିସିଟିଭି ଫୁଟେଜ୍ ମଗାଇଥିଲେ। ସଂସଦର ଗରିମା ଉପରେ ସାଲିସ୍ କରାଯାଇପାରିବ ନାହିଁ ବୋଲି ବାଚସ୍ପତି କହିଥିଲେ। ଏହାର କିଛି ଘଣ୍ଟା ପରେ ପାର୍ଲାମେଣ୍ଟ ପରିସରରେ ଟିଏମ୍‌ସିର ବରିଷ୍ଠ ସଦସ୍ୟ ସୌଗତଙ୍କୁ ଧୂମପାନ କରୁଥିବା ଦେଖିବାକୁ ମିଳିଥିଲା। କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ଏବଂ ଗଜେନ୍ଦ୍ର ସିଂ ଶେଖାୱତ୍ ତାଙ୍କୁ ଚ୍ୟାଲେଞ୍ଜ କରିବା ପରେ କଥା କଟାକଟି ହୋଇଥିଲା। ଗିରିରାଜ କହିଥିଲେ, ବିରୋଧୀ ଦଳ ଆଇନକୁ ଉପହାସ କରୁଛି। ତେବେ ତାଙ୍କ ସମାଲୋଚନାକୁ ସୌଗତ ପ୍ରତ୍ୟାଖ୍ୟାନ କରିବା ସହ କହିଥିଲେ, ଗୃହ ବାହାରେ ସଂସଦ ପରିସରରେ ସିଗାରେଟ୍ ପିଇବାକୁ କେହି ଅଟକାଇ ପାରିବେ ନାହିଁ। ତାଙ୍କ ଉପରେ ମନ୍ତ୍ରୀମାନଙ୍କର କର୍ତ୍ତୃତ୍ୱ ନାହିଁ। ଅନୁରାଗ ଗୃହ ଭିତରେ ଇ-ସିଗାରେଟ୍ ପ୍ରସଙ୍ଗ ଉଠାଇବା ପରେ ବାହାରେ ସୌଗତଙ୍କୁ ଧୂମପାନ କରୁଥିବା ଦେଖିବାକୁ ମିଳିଥିବାରୁ ଏହି ପ୍ରସଙ୍ଗ ରାଜନୈତିକ ବିବାଦର ରୂପ ନେଇଛି। ପାର୍ଲାମେଣ୍ଟର ପବିତ୍ରତା ପାଇଁ ସମ୍ମାନ, ଏମ୍‌ପିଙ୍କ ଆଚରଣ ଓ ଉତ୍ତରଦାୟିତ୍ୱକୁ ନେଇ ବଡ଼ ପ୍ରଶ୍ନ ଉଠିଛି।

## ୟୁଏପିଏ ମାମଲାର ଫାଷ୍ଟଟ୍ରାକ୍ ଶୁଣାଣି କର

### ସବୁ ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୨।୧୨

ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ବଳରେ ରାଜ୍ୟଗୁଡ଼ିକରେ ରୁଜୁ ମାମଲାର ଶୁଣାଣି ସ୍ଥିତି ଯାଞ୍ଚ କରିବା ପାଇଁ ଗୁରୁବାର ସୁପ୍ରିମକୋର୍ଟ ହାଇକୋର୍ଟ ମୁଖ୍ୟ ବିଚାରପତିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ମାମଲାରେ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା ବୋଝ ଅଭିଯୁକ୍ତଙ୍କ ଉପରେ ରହୁଥିବାରୁ ସର୍ବୋଚ୍ଚ ଅଦାଲତ ଚିନ୍ତାବ୍ୟକ୍ତ କରିବା ସହ ଏହାର ତ୍ୱରିତ ଶୁଣାଣି କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ପ୍ରତ୍ୟେକ ବିଚାରାଧୀନ ବନ୍ଦୀଙ୍କ ପକ୍ଷ ରଖିବା ପାଇଁ ରହିଥିବା ଅଧିକାର ସମ୍ପର୍କରେ ସେମାନଙ୍କୁ ସଚେତନ କରାଇବାକୁ ମଧ୍ୟ ଅଦାଲତ ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୦ରେ ପଶ୍ଚିମବଙ୍ଗର ୱେଷ୍ଟ ମେଦିନୀପୁର ଜିଲାରେ ଜ୍ଞାନେଶ୍ୱରୀ ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ ହେବା ମାମଲାରେ କଲିକତା ହାଇକୋର୍ଟ କେତେଜଣ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ମାମଲାର ତଦନ୍ତ କରୁଥିବା ସିବିଆଇ ଏହା ବିରୋଧରେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ଏହା ଉପରେ ଜଷ୍ଟିସ୍ ସଞ୍ଜୟ କାରୋଲ ଓ ଏନ୍.କେ.ସିଂଙ୍କ ଖଣ୍ଡପୀଠ ଶୁଣାଣି କରି ଉପରୋକ୍ତ ରାୟ ଦେଇଛନ୍ତି। ୟୁଏପିଏ ଭଳି ଏକ ଆଇନ ଅଭିଯୁକ୍ତଙ୍କୁ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବାକୁ କହୁଥିବାରୁ ରାଷ୍ଟ୍ର ତାଙ୍କ ମାମଲାର ତ୍ୱରିତ ଶୁଣାଣି ସୁନିଶ୍ଚିତ କରାଇବା ଜରୁରୀ।

## ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶିବରାଜ ପାଟିଲଙ୍କ ପରଲୋକ

ଲାଟୁର,୧୨।୧୨(ପି.ଟି.)



ବର୍ଷୀୟାନ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶିବରାଜ ପାଟିଲଙ୍କର ଶୁକ୍ରବାର ସକାଳେ ମହାରାଷ୍ଟ୍ରର ଲାଟୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୦ ବର୍ଷ ହୋଇଥିଲା। ସେ କିଛିଦିନ ହେଲା ଅସୁସ୍ଥ ଥିଲେ ବୋଲି ପରିବାର ସୂତ୍ରରୁ କୁହାଯାଇଛି। ଶନିବାର ତାଙ୍କର ଶେଷକୃତ୍ୟ ଅନୁଷ୍ଠିତ ହେବ। ତାଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଏବଂ ଏନ୍‌ସିପି-ଏସ୍‌ପି ନେତା ଶରଦ ପାୱାର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

ପାଟିଲ କଂଗ୍ରେସରେ ଜଣେ ପ୍ରଭାବଶାଳୀ ନେତା ଥିଲେ। ୨୦୦୮ରେ ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିବାବେଳେ ନଭେମ୍ବର ୨୬ରେ ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ କରିଥିଲେ, ଯେଉଁଥିରେ ୧୬୬ ଜଣଙ୍କ ଜୀବନ ଯାଇଥିଲା। ସେହିଦିନ ପାଟିଲଙ୍କୁ ୩ ଥର ଭିନ୍ନ ଭିନ୍ନ ପୋଷାକରେ ଦେଖିବାକୁ ମିଳିଥିଲା, ଯେଉଁଥିପାଇଁ ସର୍ବସାଧାରଣ ଓ ଗଣମାଧ୍ୟମରେ ସେ ସମାଲୋଚିତ ହୋଇଥିଲେ। ମୁମ୍ବାଇ ଆକ୍ରମଣ ଘଟଣା ପାଟିଲଙ୍କ ରାଜନୈତିକ କ୍ୟାରିୟର ପାଇଁ ଭାରି ପଡ଼ିଥିଲା, ଯେଉଁଥିପାଇଁ ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

୧୯୩୫ ଅକ୍ଟୋବର ୧୨ରେ ଜନ୍ମିତ ପାଟିଲ ୧୯୬୬ରେ ଲାଟୁର ମ୍ୟୁନିସିପାଲିଟି ଅଧ୍ୟକ୍ଷ ଭାବେ ତାଙ୍କ ରାଜନୈତିକ ଜୀବନ ଆରମ୍ଭ କରି ୧୯୭୦ରୁ ୨ ଥର ବିଧାୟକ ଏବଂ ମହାରାଷ୍ଟ୍ର ବିଧାନସଭାର ଉପବାଚସ୍ପତି ଏବଂ ବାଚସ୍ପତି ରହିଥିଲେ। ପରେ ସେ ଲାଟୁର ଆସନରୁ ୭ ଥର ପାର୍ଲାମେଣ୍ଟକୁ ନିର୍ବାଚିତ ହେବା ସହ ୧୯୯୧ରୁ ୧୯୯୬ ବାଚସ୍ପତି ରହିଥିଲେ। ସେ ରାଜ୍ୟ ସଭା ସଦସ୍ୟ ମଧ୍ୟ ହୋଇଥିଲେ। କେନ୍ଦ୍ରମନ୍ତ୍ରୀ ଭାବେ ସେ ସ୍ୱରାଷ୍ଟ୍ର, ପ୍ରତିରକ୍ଷା, ବାଣିଜ୍ୟ, ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ସମ୍ଭାଳିଥିଲେ।



## ଧର୍ମେନ୍ଦ୍ରଙ୍କୁ ମନେପକାଇଲେ ହେମାମାଳିନୀ

ମୁମ୍ବାଇ

ବଲିଉଡ ଅଭିନେତା ଧର୍ମେନ୍ଦ୍ରଙ୍କର ନିକଟରେ ଦେହାନ୍ତ ହୋଇଛି। ତାଙ୍କ ପରିବାର ଏବେ ବି ଏହି ଦୁଃଖଜନିତ ଅବସ୍ଥାରୁ ମୁକୁଳିପାରୁନାହିଁ। କିଛି ଦିନ ପୂର୍ବେ ସନ୍ନି ଦେଓଲ ମୁମ୍ବାଇରେ ଏକ ପ୍ରାର୍ଥନା ସଭା କରିଥିଲେ। ପୁଣି ଧର୍ମେନ୍ଦ୍ରଙ୍କ ସ୍ମୃତିରେ ହେମାମାଳିନୀ ଦିଲ୍ଲୀରେ ଏକ ପ୍ରାର୍ଥନା ସଭା କରିଥିଲେ। ଏଥିରେ ଅନେକ ପ୍ରମୁଖ ନେତା ଯୋଗ ଦେଇଥିଲେ। ପ୍ରାର୍ଥନା ସଭାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସଭା ସମୟରେ ଧର୍ମେନ୍ଦ୍ରଙ୍କୁ ମନେପକାଇ ହେମାମାଳିନୀ କାନ୍ଦି ପକାଇଥିଲେ। ତାଙ୍କ ଦୁଇ ଝିଅ ଈଶା ଓ ଆହାନା ତାଙ୍କ ମା'ଙ୍କୁ ସମ୍ଭାଳି ତାଙ୍କ ସହିତ ଥିଲେ। କଙ୍ଗନା ମଧ୍ୟ ଏହି ପ୍ରାର୍ଥନା ସଭାରେ ଯୋଗଦେଇ ହେମାମାଳିନୀଙ୍କ ସହ ବସି ତାଙ୍କୁ ସାନ୍ତ୍ୱନା ଦେଇଥିଲେ। ଧର୍ମେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଅନେକ ପ୍ରମୁଖ ନେତା ଏହି ସଭାରେ ଯୋଗ ଦେଇଥିଲେ। ହେମାମାଳିନୀଙ୍କ ପରିବାର ତଥା ତାଙ୍କ ଦୁଇ ଜ୍ୱାଇଁ ମଧ୍ୟ ଏହି ସଭାରେ ଯୋଗ ଦେଇଥିଲେ। ଏହି କଷ୍ଟକର ସମୟରେ ଈଶାଙ୍କ ପୂର୍ବତନ ସ୍ୱାମୀ ଭାରତ ତଖତାନି ତାଙ୍କ ସହିତ ଦେଖାଯାଇଥିଲେ। ଧର୍ମେନ୍ଦ୍ରଙ୍କ ମୃତ୍ୟୁଜନିତ ଦୁଃଖରୁ ହେମାମାଳିନୀ ଏପର୍ଯ୍ୟନ୍ତ ମୁକୁଳିନାହାନ୍ତି। ସେ ନିକଟରେ ଅଭିନେତାଙ୍କ ଜନ୍ମବାର୍ଷିକୀରେ ଏକ ପୋଷ୍ଟ ଶେୟାର କରିଥିଲେ। ଝିଅ ଈଶା ଦେଓଲ ମଧ୍ୟ ତାଙ୍କ ବାପାଙ୍କୁ ମନେ ପକାଇ ଭାବପ୍ରବଣ ହୋଇଥିଲେ। ସୂଚନାଯୋଗ୍ୟ, ଧର୍ମେନ୍ଦ୍ରଙ୍କର ନଭେମ୍ବର ୨୪ରେ ଦେହାନ୍ତ ହୋଇଥିଲା। କିଛି ଦିନ ପରେ ତାଙ୍କ ଚିତାଭସ୍ମ ହରିଦ୍ୱାରରେ ବିସର୍ଜନ କରାଯାଇଥିଲା।

## ଡାଇବେଟିସ୍, ଓଜନହ୍ରାସ ଔଷଧ ଓଜେମ୍ପିକ୍ ଲଞ୍ଚ୍ ହେଲା

ନୂଆଦିଲ୍ଲୀ,୧୨।୧୨

ନୋଭୋ ନୋର୍ଡିସ୍କ ଏହାର ସଫଳ ଓଜନ ହ୍ରାସ ଔଷଧ ଓଜେମ୍ପିକ୍‌କୁ ଶୁକ୍ରବାର ଭାରତରେ ଲଞ୍ଚ୍ କରିଛି। ୧ ମାସ ବା ୪ ସପ୍ତାହ ପାଇଁ ଏହି ଔଷଧର ମୂଲ୍ୟ ୮,୮୦୦ ଟଙ୍କା ରହିଛି। ନିୟନ୍ତ୍ରଣ ବାହାରେ ଥିବା ବୟସ୍କ ଟାଇପ୍-୨ ଡାଇବେଟିସ୍ ରୋଗୀଙ୍କ ପାଇଁ ଭାରତ ଏହି ଇଞ୍ଜେକ୍ସନକୁ ଅନୁମୋଦନ କରିଥିଲା। ପଥ୍ୟ ଏବଂ ବ୍ୟାୟାମ ସହିତ ଏହି ଇଞ୍ଜେକ୍ସନ ସପ୍ତାହକୁ ଥରେ ନେବାକୁ ପଡ଼ିବ। ଏହା ୦.୨୫ ମିଲିଗ୍ରାମ୍, ୦.୫ ମିଲାଗ୍ରାମ୍ ଏବଂ ୧ ମିଲିଗ୍ରାମ୍ ଡୋଜ୍‌ରେ ଉପଲବ୍ଧ। ଯନ୍ତ୍ରଣାବିହୀନ ଭାବେ ଏହି ଇଞ୍ଜେକ୍ସନ ନେବା ପାଇଁ ଏହି ଔଷଧ ସିଙ୍ଗଲ୍ ୟୁଜ୍ ପ୍ରି-ଫିଲ୍ଡ ପେନ୍ ନୋଭୋଫାଇନ୍ ନିଡଲ୍ସରେ ଉପଲବ୍ଧ। ପ୍ରାଥମିକ ଡୋଜ୍ ୦.୨୫ ମିଲିଗ୍ରାମ୍‌ର ଦାମ୍ ୮,୮୦୦ ଟଙ୍କା ରହିଥିବାବେଳେ ୦.୫ ମିଲିଗ୍ରାମ୍ ଡୋଜ୍‌କୁ ୧୦,୧୭୦ ଟଙ୍କା ଏବଂ ୧ ମିଲିଗ୍ରାମ୍ ଡୋଜ୍‌କୁ ୧୧,୧୭୫ ଟଙ୍କା ରହିଛି। ଗୋଟିଏ ପେନ୍‌ରେ ୪ଟି ସାପ୍ତାହିକ ଡୋଜ୍ ରହିଛି।

## ଭାରତରେ ୨,୦୦୦ ହଳ କୋହ୍ଲାପୁରୀ ଜୋତା ତିଆରି କରିବ ପ୍ରାଦା

ମୁମ୍ବାଇ/ମିଲନ,୧୨।୧୨



ଭାରତର ପାରମ୍ପରିକ ଜୋତା ଦ୍ୱାରା ଅନୁପ୍ରାଣିତ ହୋଇ ଇଟାଲୀୟ କମ୍ପାନୀ ପ୍ରାଦା ଭାରତୀୟ କାରିଗରମାନଙ୍କ ସହ ଏକାଠି ୨,୦୦୦ ହଳ କୋହ୍ଲାପୁରୀ ଚପଲ ତିଆରି କରିବାକୁ ଯାଉଛି। ପ୍ରତି ହଳ ଚପଲ ଦାମ୍ ୮୦୦ ୟୁରୋ ବା ୯୩୦ ଡଲାର ରହିବ ବୋଲି ପ୍ରାଦାର ବରିଷ୍ଠ କାର୍ଯ୍ୟନିର୍ବାହୀ ଲୋରେଞ୍ଜୋ ବେର୍ଟେଲି କହିଛନ୍ତି। ପୂର୍ବରୁ ଏହି କମ୍ପାନୀ ବିନା ଅନୁମତିରେ ପାରମ୍ପରିକ କୋହ୍ଲାପୁରୀ ଚପଲ ଡିଜାଇନ୍‌କୁ ନକଲ କରି ସମାଲୋଚିତ ହୋଇଥିଲା। ଏବେ କମ୍ପାନୀ ସେହି ସମାଲୋଚନାକୁ ଭାରତୀୟ କାରିଗରଙ୍କ ସହିତ ସହଯୋଗରେ ବଦଳାଇବାକୁ ଯାଉଛି। ମହାରାଷ୍ଟ୍ର ଏବଂ କର୍ଣ୍ଣାଟକରେ ଏହି ଚପଲ ତିଆରି ହେବ। ପାରମ୍ପରିକ ଭାରତୀୟ ଦକ୍ଷତାକୁ ଇଟାଲୀୟ ଉତ୍ପାଦନ ପ୍ରଯୁକ୍ତି ସହ ମିଶାଇବା ଚିନ୍ତାଧାରା ନେଇ ଏଭଳି ନିଷ୍ପତ୍ତି ନିଆଯାଇଥିବା ବେର୍ଟେଲି କହିଛନ୍ତି। ୨୦୨୬ ଫେବୃଆରୀରେ ପ୍ରାଦାର ଦେଶବ୍ୟାପୀ ରହିଥିବା ୪୦ଟି ଷ୍ଟୋର ସମେତ ଅନ୍‌ଲାଇନରେ ଏହି ଜୋତା ବିକ୍ରି ପାଇଁ ଉପଲବ୍ଧ ହେବ। ସୂଚନାଯୋଗ୍ୟ, ୬ ମାସ ପୂର୍ବରୁ ପ୍ରାଦା ମିଲନରେ ପ୍ରଦର୍ଶିତ କରିଥିବା ଚପଲ କୋହ୍ଲାପୁରୀ ଚପଲ ଭଳି ଦେଖାଯାଉଥିବାରୁ ଏହାକୁ ନେଇ କମ୍ପାନୀ ସମାଲୋଚିତ ହୋଇଥିଲା। ଏହି ଫଟୋ ଅନ୍‌ଲାଇନରେ ପ୍ରସାରିତ ହେବା ପରେ ଭାରତରେ ଉତ୍ତେଜନା ଦେଖାଦେଇଥିଲା। ଭାରତୀୟ ପୁରାତନ ଷ୍ଟାଇଲ୍‌ରୁ ଏହି ଡିଜାଇନ୍ ଅଣାଯାଇଥିବା ପ୍ରାଦା ସ୍ୱୀକାର କରିଥିଲା। ଏବେ କମ୍ପାନୀ ଭାରତରେ ଚପଲ ତିଆରି ପାଇଁ ୨ଟି ସରକାରୀ ସମର୍ଥିତ ସଂସ୍ଥା ମହାରାଷ୍ଟ୍ରର ଲିଡକମ୍ ଏବଂ କର୍ଣ୍ଣାଟକର ଲିଡ୍‌କର ସହ ଚୁକ୍ତି ସ୍ୱାକ୍ଷର କରିଛି।

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୩/୨୦୨୫ | Bhubaneswar, Saturday, December 13/2025


# ହୁତୁହୁତୁ ଜଳିଗଲା ହୁକା ବାର୍

ବଡ଼ ସହର, ଚର୍ଚ୍ଚିତ ସମୁଦ୍ର କୂଳ ଅଞ୍ଚଳରେ ପର୍ଯ୍ୟଟକ ଏବଂ ସହର ବାସିନ୍ଦାଙ୍କ ଆମୋଦ ପ୍ରମୋଦକୁ ଦୃଷ୍ଟିରେ ରଖି ଅନେକ ବାର୍, ନାଇଟ୍ କ୍ଲବ୍ ଓ ରେଷ୍ଟୁରାଣ୍ଟ ଗଢ଼ିଉଠିଛି। ପ୍ରାୟତଃ ଏହି ସବୁଥିରେ ଆକର୍ଷଣୀୟ ନାଚଗୀତ ସାଙ୍ଗକୁ ହୁକା ଓ ଅନ୍ୟ ନିଶାଦ୍ରବ୍ୟର ଆସର ଜମୁଛି। ମାଲିକମାନେ ଏଥିରୁ ବିପୁଳ ଅର୍ଥ ଉପାର୍ଜନ କରୁଥିବାବେଳେ ଗ୍ରାହକ ଓ କର୍ମଚାରୀଙ୍କ ସୁରକ୍ଷାକୁ ସେତେଟା ଗୁରୁତ୍ୱ ଦେଉନାହାନ୍ତି। ଫଳସ୍ୱରୂପ ଗତ ୬ ତାରିଖରେ ଗୋଆର 'ବର୍ଚ ବାଇ ରୋମିଓ ଲେନ୍' ନାମକ ନାଇଟ୍ କ୍ଲବ୍‌ରେ ନୃତ୍ୟ ପରିବେଷଣବେଳେ ହଠାତ୍ ଅଗ୍ନିକାଣ୍ଡ ଘଟି ମାତ୍ର କିଛି ମିନିଟ୍ ମଧ୍ୟରେ ସବୁକିଛି ପୋଡ଼ି ଛାରଖାର ହୋଇଯାଇଥିଲା। ଏଥିରେ ୨୫ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରୁ ଗ୍ରାହକଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଥିବାବେଳେ ଭୁବନେଶ୍ୱରରେ ଶୁକ୍ରବାର ସକାଳେ ଏକ ହୁକା ବାର୍ ହୁତୁହୁତୁ ହୋଇ ଜଳିଉଠିଛି। ଗୋଆର ଉକ୍ତ ନାଇଟ୍ କ୍ଲବ୍ ଭଳି ଏହି ହୁକା ବାର୍‌ରେ ମଧ୍ୟ ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥିବା ଜଣାପଡ଼ିଛି। ହୋଟେଲ, ବାର୍‌ଗୁଡ଼ିକରେ ଅଗ୍ନିକାଣ୍ଡ ନିରୋଧୀ ବ୍ୟବସ୍ଥା ନ ଥିଲେ ମଧ୍ୟ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇପାରୁନାହିଁ। କୌଣସି ଅଘଟଣ ଘଟିଲେ ପୋଲିସ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ କେବଳ ସେହି ନିର୍ଦ୍ଦିଷ୍ଟ ବାର୍ ବିରୋଧରେ ଯାହାକିଛି ପଦକ୍ଷେପ ନିଆଯାଉଛି।

## ଭୁବନେଶ୍ୱରରେ ଗୋଆ ଭଳି ଅଗ୍ନିକାଣ୍ଡ



ଭୁବନେଶ୍ୱର ସତ୍ୟବିହାରରେ ଥିବା ରେଷ୍ଟୁରାଣ୍ଟ ତଥା ହୁକା ବାର୍ 'ନୋ ଲିମିଟ୍ ଏୟାର' ରେ ଶୁକ୍ରବାର ହୋଇଥିବା ଅଗ୍ନିକାଣ୍ଡ ବେଳର ଦୃଶ୍ୟ ।

**ଭୁବନେଶ୍ୱର,୧୨।୧୨ (ସତ୍ୟଜିତ ରାଉତ)**

ଭୁବନେଶ୍ୱର ୧୬ ନଂ. ଜାତୀୟ ରାଜପଥର ପାର୍ଶ୍ୱ ସତ୍ୟବିହାରରେ ଥିବା 'ନୋ ଲିମିଟ୍ ଏୟାର' ରେଷ୍ଟୁରାଣ୍ଟ ତଥା ହୁକା ବାର୍ ଶୁକ୍ରବାର ସକାଳ ୮ଟାରେ ଜଳିପୋଡି ପାଉଁଶ ହୋଇଯାଇଛି। ଏଥିରେ କ୍ଷୟକ୍ଷତି ଆକଳନ କରାଯାଇ ନ ଥିଲେ ମଧ୍ୟ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ପ୍ରାଥମିକ ଅନୁସନ୍ଧାନରୁ ବାର୍‌ରେ ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଅଗ୍ନିଶମ ବାହିନୀ ପକ୍ଷରୁ ସୂଚନା ଦିଆଯାଇଛି। ସୌଭାଗ୍ୟବଶତଃ ବାର୍‌ଟି ବନ୍ଦ ଥିବା ବେଳେ ଅଘଟଣ ଘଟିଥିବାରୁ କୌଣସି ଗ୍ରାହକ କିମ୍ବା ବାର୍ କର୍ମଚାରୀଙ୍କ କ୍ଷତି ଘଟିନାହିଁ। ବଡ଼ କଥା ହେଲା, ବାର୍‌ଟି ବେଆଇନ ଭାବେ ଚାଲୁଥିଲା ବୋଲି ଜଣାପଡ଼ିଛି। ଏପରକି ରେଜିଷ୍ଟରରୁ ବିଏମ୍‌ସି ଓ ପୋଲିସକୁ ବଟି ଦିଆଯାଇଥିବା ଉଲ୍ଲେଖ ଥିବାରୁ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ଏକ କୋଠାର ତୃତୀୟ ମହଲାରେ ଥିବା ଏହି ରୁଫ୍ ଟପ୍ ବାର୍ ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଥିବା ବେଳେ ଏହାକୁ ଲାଗି ଉକ୍ତ ମହଲାର ଅନ୍ୟ ଏକ ପାର୍ଶ୍ୱରେ ଥିବା ପାରାଡାଇଜ୍ ପ୍ରିମିୟମ୍ ହୋଟେଲର କିଛି ଗେଷ୍ଟ ହାଉସ୍ ନିଆଁରେ ଆଂଶିକ ପ୍ରଭାବିତ ହୋଇଛି। ☞ପୃଷ୍ଠା-୨

## ରେଜିଷ୍ଟର୍‌ରୁ ବଟି ରହସ୍ୟ



'ନୋ ଲିମିଟ୍ ଏୟାର' ବାର୍‌ରୁ ମିଳିଥିବା ଏକ ରେଜିଷ୍ଟରରୁ ବିଏମ୍‌ସି ଓ ପିସିଆର୍ ନାଁରେ ଟଙ୍କା ଦିଆଯାଇଥିବା ଜଣାପଡ଼ିଛି। ଏହି ଟଙ୍କା ବଟି ଭାବେ ଦିଆଯାଇଥିବା ଚର୍ଚ୍ଚା ହେଉଛି। ଜୁଲାଇ ୭ରେ ବିଏମ୍‌ସିକୁ ୨ ମାସ ଲାଗି ୬ ହଜାର ଟଙ୍କା ଦିଆଯାଇଛି। ସେହିପରି ପିସିଆର୍ ଭ୍ୟାନ୍‌କୁ ୫୦୦ ଟଙ୍କା ଦିଆଯାଇଥିବା ଉଲ୍ଲେଖ ରହିଛି। ଏନେଇ ବିଏମ୍‌ସିର ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି, ବାର୍‌ର ମାଲିକ କହିପାରିବେ, ସେ ବିଏମ୍‌ସିକୁ ଯଦି ଟଙ୍କା ଦେଇଛନ୍ତି, ତେବେ ତାହା କେଉଁ ବାବଦରେ ଦେଇଛନ୍ତି। ସେମିତି କିଛି ଲେଖିବାରେ କୌଣସି ଯଥାର୍ଥତା ନ ଥାଏ, ଯଦି ଅଫିସିଆଲି ରିସିପ୍ଟ ଥିବ, ତା'ହେଲେ ଦେଖାନ୍ତୁ, କେଉଁ ବାବଦରେ ବିଏମ୍‌ସି ଆକାଉଣ୍ଟକୁ ସେହି ପେମେଣ୍ଟ ହୋଇଛି। ଖାଲି ଲେଖିଦେଲେ, ତାହା ବିଏମ୍‌ସିକୁ ପେମେଣ୍ଟ ହୋଇଛି ବୋଲି ପ୍ରମାଣିତ ହେଉନାହିଁ। ସେହିପରି ସମ୍ପୃକ୍ତ ବାର୍ ପକ୍ଷରୁ ଯଦି ବିଏମ୍‌ସିର କୌଣସି ବ୍ୟକ୍ତି/କର୍ମଚାରୀଙ୍କୁ ବ୍ୟକ୍ତିଗତ ଭାବେ ଟଙ୍କା ଦିଆଯାଇଥାଏ, ତେବେ ତାହା ଭୁଲ୍ କଥା। ନିୟମ ଅନୁଯାୟୀ, ଟ୍ରେଡ୍ ଲାଇସେନ୍ସ କିମ୍ବା ୟୁଜର୍ସ ଫି' ବାବଦରେ ବିଏମ୍‌ସି ବାର୍‌ରୁ ଫି' ନେଇପାରିବ। ଟ୍ରେଡ୍ ଲାଇସେନ୍ସ ବର୍ଷକୁ ଥରେ ଦିଆଯାଉଥିବାବେଳେ ୟୁଜର୍ସ ଫି' ମାସକୁ ମାସ ଦିଆଯାଇଥାଏ। ଏହାବ୍ୟତୀତ କୌଣସି ନିୟମ ଖିଲାପ କରିଥିଲେ ବିଏମ୍‌ସି ଫାଇନ୍ ଆଦାୟ କରିଥିବ ଏବଂ ତାହାର ମଧ୍ୟ ରସିଦ୍ ରହିଥିବ ବୋଲି ମହାନ୍ତି କହିଛନ୍ତି।

# ମହାତ୍ମା ଗାନ୍ଧୀ ହେଲେ 'ପୂଜ୍ୟ ବାପୁ'

**ନୂଆଦିଲ୍ଲୀ,୧୨।୧୨**

ଭାରତର ଗ୍ରାମାଞ୍ଚଳର ଲୋକମାନଙ୍କୁ ନିଶ୍ଚିତ ରୋଜଗାର ଯୋଗାଇବା ପାଇଁ ଉଦ୍ଦିଷ୍ଟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଅଧିନିୟମ (ଏମ୍‌ଜିଏନ୍‌ଆର୍‌ଇଜିଏ) ନାଁକୁ କେନ୍ଦ୍ର ସରକାର ଶୁକ୍ରବାର ବଦଳାଇ ଦେଇଛନ୍ତି। ଏହି ଯୋଜନାକୁ ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା ଭାବେ ନାମିତ କରାଯାଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଏହି ଯୋଜନାରେ ବର୍ଷକୁ ସର୍ବନିମ୍ନ ୧୦୦ ଦିନ ନିଶ୍ଚିତ କାମ ଦିଆଯିବା ବ୍ୟବସ୍ଥା ରହିଥିବାବେଳେ ଏବେ ଏହାକୁ ୧୨୫ ଦିନ କରାଯାଇଛି। ଏଥିସହିତ ସର୍ବନିମ୍ନ ଦୈନିକ ମଜୁରିରେ ସଂଶୋଧନ କରାଯାଇ ଏହାକୁ ୨୪୦ ଟଙ୍କା କରାଯାଇଛି। ସୂଚନାଯୋଗ୍ୟ, ଉପା ସରକାର ଅମଳରେ ୨୦୦୫ରେ ପ୍ରଥମେ ଏହି ଯୋଜନା ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି

### ନାମ ବଦଳାଯାଇଥିବା ଯୋଜନାରେ ମିଳିବ ୧୨୫ ଦିନ କାମ

ଗ୍ୟାରେଣ୍ଟି ଅଧିନିୟମ (ଏନ୍‌ଆର୍‌ଇଜିଏ) ଭାବେ ଆରମ୍ଭ ହୋଇଥିଲା। ପରେ ଏଥିରେ ମହାତ୍ମା ଗାନ୍ଧୀଙ୍କ ନାମ ଯୋଡ଼ାଯାଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଅଧିନିୟମ (ଏମ୍‌ଜିଏନ୍‌ଆର୍‌ଇଜିଏ) କରାଯାଇଥିଲା। କାର୍ଯ୍ୟ କରିବାର ଅଧିକାରକୁ ଗ୍ୟାରେଣ୍ଟି ଦେବା ନୀତି ଅନୁଯାୟୀ ସାମାଜିକ ସୁରକ୍ଷା ବଢ଼ାଇବା ଲକ୍ଷ୍ୟରେ ଏହି ଶ୍ରମ ଆଇନ ଅଣାଯାଇଥିଲା। ଗ୍ରାମୀଣ ଭାରତର ଅଣକୁଶଳୀ ନାଗରିକମାନଙ୍କ ଜୀବିକାର ସୁରକ୍ଷା ବଢ଼ାଇବା ଏହାର ପ୍ରାଥମିକ ଲକ୍ଷ୍ୟ। କାମ ଚାହୁଁଥିବା ପ୍ରତି ପରିବାର ବୟସ୍କ ଲୋକଙ୍କୁ ଏହି ଯୋଜନାରେ ବର୍ଷକୁ ଅନ୍ୟୁନ ୧୦୦ ଦିନ କାମ ଯୋଗାଇ ଦିଆଯାଇଥାଏ।

# ନିଜ ବନ୍ଧୁକରୁ ଗୁଳିକରି ଯବାନଙ୍କ ଆତ୍ମହତ୍ୟା

**ନୂଆପଡ଼ା,୧୨।୧୨ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟ ଭିତରେ ଥିବା ଢେକୁନପାଣି ସିଆର୍‌ପିଏଫ୍ କ୍ୟାମ୍ପରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ନିଜ ସର୍ଭିସ ବନ୍ଧୁକରୁ ଗୁଳିକରି ଜଣେ ଯବାନ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ୨୧୬ ବାଟାଲିୟନରେ କାର୍ଯ୍ୟ କରୁଥିବା ଖଡିଆଳ ଥାନା ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁର ଗୋପୀନାଥ


ଗୋପୀନାଥ ଶବର

ଶବର। ସୂଚନା ଅନୁଯାୟୀ ପୂର୍ବାହ୍ନ ୧୧ଟା ସମୟରେ ହଠାତ୍ ଗୋପୀନାଥ ନିଜ ଏକେ ୪୭ ବନ୍ଧୁକରୁ ଗୁଳି କରି ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ | ବିଶେଷଜ୍ଞ ଲୋଡ଼ା






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାବ ଉତ୍ତରଣ ସାହିତ୍ୟ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସକାଳ ୯ଟା।
- ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସମ୍ପୂର୍ଣ୍ଣା–୨୦୨୫, ସ୍ଥାନ: ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରାଚୀନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କୋଲ୍ଡ ଷ୍ଟୋରେଜ କନ୍‌କ୍ଲେଭ ଏବଂ କ୍ରେତା ବିକ୍ରେତା ସମ୍ମିଳନୀ, ସ୍ଥାନ: ହୋଟେଲ ଆଇଟିସି, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବୋଦୟ ତୃତୀୟ ସଂସ୍କରଣ–ଅନ୍ତର୍ଜାତୀୟ ସମ୍ମିଳନୀ 'ଅର୍ଥନୈତିକ କରିଡର ମାଧ୍ୟମରେ ଭାରତର ପୂର୍ବ ସୀମା ଏବଂ ଦକ୍ଷିଣ ପୂର୍ବ ଏସିଆକୁ ସଂଯୋଗ କରିବା', ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦିବ୍ୟାଙ୍ଗ ଶିଶୁ ମହୋତ୍ସବ–୨୦୨୫, ସ୍ଥାନ: ଉତ୍କଳ ଦୃଷ୍ଟିହୀନ ସଂଘ, ସମୟ: ପୂର୍ବାହ୍ନ ୧୧ଟା।
- ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ୨୦୨୫–୨୬ର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ପଠାଣି ସାମନ୍ତ ପ୍ଲାନେଟୋରିୟମ, ସମୟ: ଅପରାହ୍ନ ୪ଟା ୩୦।
- ସାଇ କିନ୍ନର ବାର୍ଷିକ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ପୁସ୍ତକ ପାଠକାର୍ପଣ 'ଷଣ୍ଢକୁ ରୁଟି ଉପାଖ୍ୟାନ' ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୪୫।
- ଶ୍ୱେତପଦ୍ମା ସାଂସ୍କୃତିକ ପରିବାର ପକ୍ଷରୁ ୧୨ତମ ଓଡ଼ିଆ ମଞ୍ଚ ନାଟକ ମେଳା ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ପଞ୍ଚମ ଦିବସ, ସ୍ଥାନ: ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ମଧୁବାରିଷ୍ଟର ଆଇନଜୀବୀ ସଂଘ, କଟକ ଆନୁକୂଲ୍ୟରେ ଆନ୍ତଃ ଜିଲା ଆଇନଜୀବୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ନରଣପୁର ଖେଳ ପଡ଼ିଆ, ତ୍ରିଶୁଳିଆ, ସମୟ: ସକାଳ ୯ଟା ୩୦।
- ହାଇକୋର୍ଟ ଲିଗାଲ ସର୍ଭିସେସ୍ କମିଟି ପକ୍ଷରୁ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଗଣେଶ ଘାଟସ୍ଥିତ ଜୋହରିମଲ୍ଲ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଶହୀଦ ଭବନ, ସମୟ: ଅପରାହ୍ନ ୩ଟା।
- ଡିଏଭି ପବ୍ଲିକ ସ୍କୁଲ୍‌ର ବାର୍ଷିକ ଉତ୍ସବ– 'ଲାମହେ' ଉଦ୍‌ଘାଟନ, ସ୍ଥାନ: ସ୍କୁଲ ପରିସର, ସିଡିଏ ସେକ୍ଟର–୬, ସମୟ: ଅପରାହ୍ନ ୪ଟା ୩୦।

## ବାଲେଶ୍ୱର

- ରାଷ୍ଟ୍ରୀୟ ଲୋକ ଅଦାଲତ,ସ୍ଥାନ:ଜିଲା ଅଦାଲତ ପରିସର, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା।
- ଟିପିଏନ୍‌ଓଡିଏଲ୍ ପକ୍ଷରୁ ଚତୁର୍ଥ ଜାତୀୟ ଲୋକ ଅଦାଲତ,ସ୍ଥାନ:ଡିଭିଜନ, ସବ୍–ଡିଭିଜନ କାର୍ଯ୍ୟାଳୟ ଏବଂ କଚେରୀ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଯୁବ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ,ସ୍ଥାନ:ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ବାଲିଆପାଳ,ସମୟ:ପୂର୍ବାହ୍ନ ୧୦ଟା ୩୦।
- ଖବରଦାତା ସମ୍ମିଳନୀ,ସ୍ଥାନ:ନୋସି ବିଜିନେସ ପାର୍କ, ବାମପଦା, ବାଲେଶ୍ୱର, ସମୟ:ଅପରାହ୍ନ ୩ଟା।
- ଚତୁର୍ଥ ମଇତାପୁର ମହୋତ୍ସବ,ସ୍ଥାନ:ମଇତାପୁର, ସିମୁଳିଆ,ସମୟ:ଅପରାହ୍ନ ୫ଟା।

## ଭଦ୍ରକ

- ସାଂସଦ ଖେଳ ମହୋତ୍ସବର ୨ୟ ଦିବସ, ସ୍ଥାନ: ଆଦମପୁର ମିନି ଷ୍ଟାଡିୟମ୍, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଜୟକୃଷ୍ଣପୁର ରଜନୀ ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ,ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ସିଭିଲ ଜଜ୍ ତଥା ଜେଏମ୍ଏଫସି କୋର୍ଟ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା।
- ଗଜସାଥୀ ପ୍ରଶିକ୍ଷଣ ଶିବିର, ସ୍ଥାନ: ଧରଣୀଧର ନଗର ଭବନ, ଚମ୍ପୁଆ: ସମୟ: ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ

- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୬ତମ ବାର୍ଷିକ ଉତ୍ସବ,ସ୍ଥାନ:ବଡ଼ସାହି, ସମୟ:ସକାଳ ୯ଟା।
- ଲେଟ୍‌କଟ୍ କ୍ଲବ୍ ଆନୁକୂଲ୍ୟରେ ସର୍ବଭାରତୀୟ ଟି–୨୦ କ୍ରିକେଟ ମ୍ୟାଚ, ସ୍ଥାନ: ପ୍ରଫୁଲ୍ଲନଗର ଲେଟ୍‌କଟ୍ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟସ୍ତରୀୟ ମହାରାଜା ସେଭେନ୍ସ ରଗବୀ ଟୁର୍ନାମେଣ୍ଟ, ସ୍ଥାନ:ଆଥ୍‌ଲେଟିକ ଆସୋସିଏସନ ଷ୍ଟାଡିୟମ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ଜିଲା ଆଥଲେଟିକ ମିଟ୍, ସ୍ଥାନ: ମହାତ୍ମା ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ବ୍ରହ୍ମପୁର ଜିଲା ଓ ସିଭିଲ କୋର୍ଟ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଲାଞ୍ଜିପଲ୍ଲୀ ବାଳିକା ଉଚ୍ଚ ବିଦ୍ୟାଳୟ,ସମୟ: ଅପରାହ୍ନ ୪ଟା ୩୦।

## ଗଞ୍ଜାମ

- ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଆସିକା ବିଚାର ବିଭାଗୀୟ ଅଦାଲତ, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ଦିଲ୍ଲୀ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଡିପିଏସ୍ ସ୍କୁଲ ପରିସର, ଢେଙ୍କାନାଳ, ସମୟ: ସକାଳ ୯ଟା।
- ୪ର୍ଥ ଜାତୀୟ ଲୋକ ଅଦାଲତ, ସ୍ଥାନ: ସିଭିଲ କୋର୍ଟ ପରିସର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଆଠମଲ୍ଲିକ ନ୍ୟାୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ବନବିହାର କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ଝିମେଇ ବୁଆ ମହାଦେବ ମନ୍ଦିର ପ୍ରାଙ୍ଗଣ, ସମୟ : ପୂର୍ବାହ୍ନ ୧୨ଟା ୩୦।
- ତ୍ରୟୋଦଶତମ ସାତକୋଶିଆ ମହୋତ୍ସବ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ସିଆଇଟିୟୁର ରାଜ୍ୟ ସମ୍ମିଳନୀ ଉଦ୍‌ଯାପନୀ ସମାରୋହ, ସ୍ଥାନ: ପୌର କଲ୍ୟାଣ ମଣ୍ଡପ, ମଧୁବନ, ପାରାଦୀପ,ସମୟ: ପୂର୍ବାହ୍ନ ୧୧ଟା।
- ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ ତମ ଆର୍ବିଭାବ ମହୋତ୍ସବ, ସ୍ଥାନ: ଜୟଦେବ ସଦନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ଆଳି ଓ ରାଜନଗର କୋର୍ଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କ୍ରିକେଟ ମ୍ୟାଚ, ସ୍ଥାନ: ବଡମଙ୍ଗ, ଆଳି, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଚତୁର୍ଥ ରାଷ୍ଟ୍ରୀୟ ଲୋକ ଆଦାଲତ, ସ୍ଥାନ: ଯାଜପୁର ଜିଲା କୋର୍ଟ ସମେତ ଅନ୍ୟ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟାସନଗର ପବ୍ଲିକ ସ୍କୁଲର ୧୩ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ, ସ୍ଥାନ: ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଯାଜପୁର ରୋଡ କାଳୀ ମେଳଣ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।

## ନୟାଗଡ଼

- ଘୋଡଲାଗି ପର୍ବର ୧୭ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ୪ର୍ଥ ଜାତୀୟସ୍ତରୀୟ ଲୋକ ଅଦାଲତ, ସ୍ଥାନ: ନୟାଗଡ ଜିଲା ଦୌରାଜଜଙ୍କ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ନବମରେ ପ୍ରଥମ କ୍ୱାର୍ଟର୍ସ ଫାଇନାଲ ମ୍ୟାଚରେ କାନପୁର ବନାମ ଭୋଗଡା , ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ।
- ଶିଶୁର ପ୍ରଗତିରେ ମାତାପିତା ଓ ଗୁରୁଜୀ ଗୁରୁମାଙ୍କ ଭୂମିକା ଉପରେ ମାତୃ ସମ୍ମିଳନୀ, ସ୍ଥାନ:ନୟାଗଡ ହାଉସିଂ ବୋର୍ଡ କଲୋନୀସ୍ଥିତ ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ:ଅପରାହ୍ନ ୧.୩୦ଟା ।
- ପର୍ଯ୍ୟାବରଣ ଉପରେ ତୁଳସୀ ପୂଜନ, ସ୍ଥାନ: ନୟାଗଡ ବ୍ଲକ କରଡାବଣି ଗାଁ, ସମୟ: ଅପରାହ୍ନ ୩ଟାରୁ ୫ଟା ।
- ଜ୍ୟୋତି ର୍ବିଜ୍ଞାନୀ ସାମନ୍ତ ଚନ୍ଦ୍ର ଶେଖରଙ୍କ ୧୯୧ ତମ ଜନ୍ମ ସ୍ମାରକୀ ସମାରୋହ , ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିର ସମ୍ମୁଖ ଯଦୁମଣି ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ନୟାଗଡ ଜିଲା ଲେଖକ ପରିଷଦର ପ୍ରଥମ ଅର୍ଘ୍ୟ ନାଟକ ଏଇଜେ ସୂର୍ଯ୍ୟ ଉଏଁ, ସ୍ଥାନ: ନୟାଗଡ ପଠାଣି ସାମନ୍ତ ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୭ଟା ।

## ରାୟଗଡ଼ା

- ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ ଚଇତି, ସ୍ଥାନ: ମୁନିଗୁଡ଼ା ମହାବିଦ୍ୟାଳୟ ଖେଳ ପଡିଆ ପରିସର, ସମୟ: ସକାଳ ୭ ଟା ।
- ବ୍ଲକ୍‌ସ୍ତରୀୟ ଚଇତି ମହୋତ୍ସବ, ସ୍ଥାନ: ବ୍ଲୁ ମୁନ୍ ପାର୍କ, ଚନ୍ଦ୍ରପୁର ବ୍ଲକ କଲୋନୀ, ସମୟ: ସକାଳ ୮ଟା।
- ଉପଖଣ୍ଡ ସ୍ତରୀୟ ଚଇତି ମହୋତ୍ସବ ପାଇଁ କବାଡ଼ି ପ୍ରତିଯୋଗିତା, ସ୍ଥାନ: ବ୍ଲକ୍ ଅଫିସ ପରିସର, ଗୁଣପୁର, ସମୟ: ସକାଳ ୮ଟା।
- ଉପଖଣ୍ଡସ୍ତରୀୟ ଚଇତି ମହୋତ୍ସବ ପାଇଁ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ଗୁଣପୁର, ସମୟ: ସକାଳ ୯ ଟା।
- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ରାୟଗଡା ଜିଲା କୋର୍ଟ ପରିସର, ଗୁଣପୁର କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବେଟି ପଢାଓ, ବେଟି ବଚାଓ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ ସଦଭାବନା ଗୃହ, ଗୁଣପୁର, ସମୟ:ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ସାଂସଦ ଖେଳ ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ଝରିଗାଁ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଶିକ୍ଷା ସଭା କାର୍ଯ୍ୟକ୍ରମ, ସ୍ଥାନ: ପ୍ରାଥମିକ ବିଦ୍ୟାଳୟ ଆଡ଼ମୁଣ୍ଡା, ଏ.ମାଲକାନଗିରି ପଞ୍ଚାୟତ, ଦଶମନ୍ତପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଆଇଓସିଏଲ ପକ୍ଷରୁ ମିଡ଼ିଆ ବ୍ରିଫିଂ କାର୍ଯ୍ୟକ୍ରମ, ସ୍ଥାନ: ହୋଟେଲ ଇଂପେରିଅଲ ଇନ, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- କୋରାପୁଟ ସାହିତ୍ୟ ପରିବାରର ସ୍ମରଣୀୟ ରମାକାନ୍ତ ସମାରୋହ, ସ୍ଥାନ: ରାମକୃଷ୍ଣ ବିଦ୍ୟାଳୟ, କୋରାପୁଟ, ସମୟ: ସନ୍ଧ୍ୟା ୫ଟା ୩୦।

## ମାଲକାନଗିରି

- ଘଡେଇ ଆବାସିକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ ଟା ।

## ସମ୍ବଲପୁର

- ବ୍ଲୁ ଡାଇମଣ୍ଡ କ୍ଲବ ପକ୍ଷରୁ ଜିଲାସ୍ତରୀୟ ଜୁନିୟର ଟି–୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୮ଟା ୩୦।
- ଜିଲା ଚେସ୍ ସଂଘ ଆୟୋଜନରେ ସମୀକ୍ଷା ନାୟକ ସ୍ମାରକୀ ଜିଲା ବିଦ୍ୟାଳୟସ୍ତରୀୟ ପ୍ରତିଯୋଗୀତା–୨୦୨୫, ସ୍ଥାନ : ହାଟପଡା କଲ୍ୟାଣ ମଣ୍ଡପ, ସମୟ : ସକାଳ ୯ଟା।
- କଖଗ ଅନୁଷ୍ଠାନ ପକ୍ଷରୁ ନାଟ୍ୟୋତ୍ସବ –୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ବ୍ରଜ ମହୋତ୍ସବ –୨୦୨୫, ସ୍ଥାନ : ସାକ୍ଷୀପଡା ସ୍ଥିତ ଲତା ଘନଶ୍ୟାମ ମଣ୍ଡପ, ସମୟ : ଅପରାହ୍ନ ୨ଟା।
- ପଶ୍ଚିମ ଓଡ଼ିଶା ଦିବ୍ୟ ଜୀବନ ସଂଘ ପକ୍ଷରୁ ତ୍ରିଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀ, ସ୍ଥାନ : ଅମୃତ ବିହାର ସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୪ଟା।
- କଲମ ପରିବାର ଟ୍ରଷ୍ଟ ଆୟୋଜନରେ ତୃତୀୟ ସମ୍ବଲପୁରୀ ବହିହାଟ–୨୦୨୫ର ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର

- ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହେବ ନାଟକ ଜମିଦାର ଓ ତ୍ରିଶଙ୍କୁ, ସ୍ଥାନ: କୋଶଳ କଳା ମଣ୍ଡଳ ପୁରୁଣା ମଞ୍ଚ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା ଓ ୮ଟା ୧୫।

## ସୁନ୍ଦରଗଡ଼

- ସାଂସଦ ଖେଳ ମହୋତ୍ସବ ପାଇଁ ସମଲେଇ ମନ୍ଦିରଠାରୁ ମଶାଲ ଶୋଭାଯାତ୍ରା, ସ୍ଥାନ: ସମଲେଇ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ଭବାନୀପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସୁନ୍ଦରଗଡ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ:ଗାନ୍ଧିଛକ କଲ୍ୟାଣ ମଣ୍ଡପ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଚାଷୀ ସଂଗଠନ ଜୟ କିଷାନ ଆନ୍ଦୋଳନର ଖବରଦାତା ସମ୍ମିଳନୀ, ସ୍ଥାନ:ସମତା ଭବନ, ବରଗଡ଼,ସମୟ:ଅପରାହ୍ନ ୩ଟା।
- ଲୋକ ମହୋତ୍ସବ କମିଟି ଓ ସହଯୋଗ ଅନୁଷ୍ଠାନ ତରଫରୁ ରକ୍ତଦାନ ଶିବିର, ସ୍ଥାନ: ଅଶୋକ ପଡ଼ିଆ, ପଦ୍ମପୁର,ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି

- ବରିଷ୍ଠ ନାଗରିକ ସମ୍ମାନ ସମାରୋହ, ସ୍ଥାନ: ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା।
- ଜିଲାସ୍ତରୀୟ ଶ୍ରୀଅରବିନ୍ଦ ଶିକ୍ଷା ଶିବିର ତୃତୀୟ ଦିବସରେ କିଏ ଏହି ମା', ଭାଙ୍ଗିଦେଇ ନୂଆ କରି ଗଢ଼ ଉପରେ ଆଲୋଚନା, ସ୍ଥାନ: କେସିଙ୍ଗା ବ୍ଲକ ବୋରିଆ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ମେଗା ରକ୍ତଦାନ ଶିବିର, ସ୍ଥାନ: ଅଗ୍ରୱାଲା ଭାବନ ବୌଦ୍ଧ, ସମୟ: ସକାଳ ୯ଟା।
- ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ଭୈରବୀ ଖେଳ ପଡିଆ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ : ଦେବଗଡ ମଠ ସାହି ମା' କନକ ଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୭ଟା।
- ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ୨୧ ତମ ଜାତୀୟ ନାଟକ ମହୋତ୍ସବ ୨୦୨୫ର ତୃତୀୟ, ସନ୍ଧ୍ୟା, ସ୍ଥାନ:ଦେବଗଡ଼ ସହର ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ମାହେଶ୍ୱରୀ କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ତରଭା ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପନୀ ଏବଂ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ସୋନପୁର ପିପିଲିପାଲି ସ୍ଥିତ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନ ପରିସର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନିପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ନୂଆପଡ଼ା ଜିଲା କୋର୍ଟ ସମେତ କୋମନା, ଖଡିଆଲ, ସିନାପାଲି, ବୋଡେନ କୋର୍ଟ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ:ଜିଲା କୋର୍ଟ ପରିସର, ଝାରସୁଗୁଡ଼ା, ସମୟ:ସକାଳ ୯ଟା।
- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ :କୋର୍ଟ ପରିସର, ଲଖନପୁର, ସମୟ :ସକାଳ ୯ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପ ରୁଚି ଭୋଜନ,
ପର ରୁଚି ପହରଣ ।**

ନିଜ ରୁଚି ଅନୁସାରେ ଭୋଜନ ଗ୍ରହଣ କରିବା ଉଚିତ। କାରଣ ନିଜ ମନ ପସନ୍ଦ ଅନୁସାରେ ଖାଦ୍ୟ ଗ୍ରହଣ କଲେ ତାହା ସ୍ୱାସ୍ଥ୍ୟ ବୃଦ୍ଧିରେ ସହାୟକ ହୋଇଥାଏ। ସେହିପରି ନିଜ ଶରୀରକୁ କେଉଁ ପ୍ରକାରର ପୋଷାକ ଭଲ ମାନୁଛି ତାହା ଅନ୍ୟର ଆଖିରେ ସହଜରେ ଜଣାପଡ଼ିଯାଇଥାଏ। ତେଣୁ ଅନ୍ୟ ବା ପରର ପସନ୍ଦ ଅନୁସାରେ ପୋଷାକ ପରିଧାନ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଣେ ଭୁତି ଖାଏ କୁଟି,
କାମକୁ ଯାଏ ସକାଳୁ ଉଠି।**

ଗରିବ ହେଲେ ସବୁ ସହିବାକୁ ପଡ଼େ। ଯେତେ ପ୍ରତିକୂଳ ପରିସ୍ଥିତି ଆସିଲେ ମଧ୍ୟ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡ଼େ। ପରଘରେ ମୂଲ ମଜୁରି କରି ପେଟ ପୋଷୁଥିବା ଦରିଦ୍ର ଶ୍ରେଣୀର ବ୍ୟକ୍ତି ବଡ଼ି ସକାଳୁ ଉଠି କାମ ଅନ୍ୱେଷଣରେ ବାହାରି ଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ହୁତୁହୁତୁ ଜଳିଗଲା ...

ବାର୍ ପରିଚାଳନା ପାଇଁ 'ନୋ ଲିମିଟ୍ ଏୟାର'କୁ ଅବକାରୀ ବିଭାଗ ପକ୍ଷରୁ ଲାଇସେନ୍ସ ଦିଆଯାଇ ନ ଥିଲା। ହେଲେ ସେଠାରେ ରେଷ୍ଟୁରାଣ୍ଟ ନାଁରେ ବେଆଇନ୍ ଭାବେ ହୁକା ବାର୍ ସହ ମଦ ଓ ନାଚଗୀତର ଆସର ଚାଲିଥିଲା ବୋଲି ଅବକାରୀ ବିଭାଗ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଏପରିକି ସମ୍ପୂର୍ଣ୍ଣ କୋଠା ପାଇଁ ଫାୟାର ସେଫ୍‌ଟି ସାର୍ଟିଫିକେଟ୍ ମଧ୍ୟ ନିଆଯାଇ ନ ଥିଲା ବୋଲି ଡେପୁଟି ଫାୟାର ଅଫିସର ନାରାୟଣ ଦାଶ କହିଛନ୍ତି।

ଘଟଣାସ୍ଥଳରୁ ଏକ ବଡ଼ ହୁକା ଓ କିଛି ବିୟର କେନ୍ ଜଳିଯାଇଥିବାବେଳେ ଏଥିରୁ ବାର୍‌ର ଗୁମର ପଦାକୁ ଆସିଛି। ଏନେଇ ଭୁବନେଶ୍ୱର ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲ କହିଛନ୍ତି, ମଦ କାରବାର ନେଇ ଅଭିଯୋଗ ଆସିବା ପରେ ମାସେ ତଳେ ଉକ୍ତ ବାର୍‌କୁ ଯାଇ ଚଢ଼ାଉ କରିଥିଲୁ। ହେଲେ ସେଠାରୁ ସେଭଳି କିଛି ମିଳି ନ ଥିଲା। ମଦ ବେପାର ନ କରିବାକୁ ତାଗିଦ୍ କରି ସେଠାରୁ ଆସିଥିଲୁ। ହୁକା ତମାଖୁ ହୋଇଥିବାରୁ ଏହା ଆମ ଅଧୀନରେ ଆସୁନାହିଁ। ଅଗ୍ନିକାଣ୍ଡ ପରେ ବାର୍‌ର ସିସିଟିଭି ହାର୍ଡଡିସ୍କ ଯାଞ୍ଚ କରିବୁ। ମଦ କାରବାର ନେଇ ନିୟମ ଉଲ୍ଲଂଘନ ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଟେଲ କହିଛନ୍ତି। 'ନୋ ଲିମିଟ୍ ଏୟାର'ର ସାଇଲେଣ୍ଟ ପାର୍ଟନର୍ ଫୈସଲ ଖାନ୍ ଏହି ଅଗ୍ନିକାଣ୍ଡକୁ ପାଖ ହୋଟେଲ ପାରାଡାଇଜ୍ ପ୍ରିମିୟମ୍‌ର ଏସିରୁ ବ୍ୟାପିଥିବା କହିଛନ୍ତି। ଖାନ୍ କହିଛନ୍ତି, ଆସନ୍ତା ୧୫ ତାରିଖରେ ରେଷ୍ଟୁରାଣ୍ଟକୁ ବର୍ଷେ ହୋଇଥାନ୍ତା। ଫାୟାର ସେଫ୍‌ଟି ପାଇଁ ସମସ୍ତ ପଦକ୍ଷେପ ନେଇଥିଲୁ। ରେଷ୍ଟୁରାଣ୍ଟ ବନ୍ଦ ଥିବାବେଳେ ଏହି ଅଘଟଣ ଘଟିଛି। ଏଥିରେ ଦେଢ଼କୋଟି ଟଙ୍କା ନଷ୍ଟ ହୋଇଯାଇଛି ବୋଲି ଖାନ୍ କହିଛନ୍ତି। ଭୟଙ୍କର ଅଗ୍ନିକାଣ୍ଡରେ ବାର୍‌ରେ ଥିବା ଏସି, ସୋଫା, ଗଦି, ସୌଖୀନ ଚେୟାର ଆଦି ବହୁ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି।

କୋଠାର ତଳ ମହଲାରେ ଫ୍ରେଶ୍ ସିଗ୍ନେଚର୍, ପ୍ରଥମ ମହଲାରେ ପିଓଜେ ଫର୍ନିଚର, ଦ୍ୱିତୀୟ ମହଲାରେ ପାରାଡାଇଜ୍ ପ୍ରିମିୟମ୍ ହୋଟେଲ୍ ଏବଂ ତୃତୀୟ ମହଲାରେ ଏକ ପାର୍ଶ୍ୱରେ ରୁଫ୍ ଟପ୍ ବାର୍ 'ନୋ ଲିମିଟ୍ ଏୟାର' ଚାଲିଥିଲା। ସକାଳ ପ୍ରାୟ ୮ଟା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଛାତ ଉପରେ ପ୍ରବଳ ନିଆଁ ଦେଖି ସ୍ଥାନୀୟ ଦୋକାନୀମାନେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ୮ଟା ୫୩ରେ ଅଗ୍ନିଶମ ଟିମ୍ ଆସିବା ପୂର୍ବରୁ ସେହି ଅଞ୍ଚଳର ଧୂଆଁମୟ ହୋଇଯାଇଥିଲା। ଅଗ୍ନିଶମ ବାହିନୀର ଷ୍ଟ୍ରାଇକିଂ ଫୋର୍ସ, ଭୁବନେଶ୍ୱର ଫାୟାର ଷ୍ଟେଶନ, ମଞ୍ଚେଶ୍ୱର, ପାହାଳ ଟିମ୍ ନିଆଁଲିଭା କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ପ୍ରାୟ ୩୦ ଜଣ କର୍ମଚାରୀ ୫ ଦମକଳ ଗାଡି ଦ୍ୱାରା ଅପରେଶନ୍ ଆରମ୍ଭ ହୋଇଥିଲା। ପ୍ରାୟ ଦୁଇ ଘଣ୍ଟା ପରେ ସେମାନେ ନିଆଁ ଲିଭାଇବାରେ ସକ୍ଷମ ହୋଇଥିଲା। ତେବେ ବାର୍‌ରେ କିଛି ଫାୟାର ଏକ୍ସ୍‌ଟିଂଗ୍ୟୁସର ଛଡ଼ା ଅଗ୍ନି ନିରାପତ୍ତା ଲାଗି ଅନ୍ୟ କୌଣସି ବ୍ୟବସ୍ଥା ନ ଥିଲା ବୋଲି ଜଣାପଡିଛି। ସେଠାରେ ଫାୟାର ଆଲାମ ନ ଥିବା ବେଳେ ବିପତ୍ତି ବେଳେ ପଦାକୁ ବାହାରିବା ଲାଗି ପର୍ଯ୍ୟାପ୍ତ ପ୍ରସ୍ଥାନ ଦ୍ୱାର ମଧ୍ୟ ନ ଥିଲା। ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ଗୋଟିଏ ଥିଲା ବୋଲି ଜଣାପଡିଛି। କୋଠାଟି ୫୦୦ ବର୍ଗ ମିଟରରୁ ଅଧିକ ସ୍ଥାନରେ ନିର୍ମିତ ହୋଇଥିବାବେଳେ ଫୟାର ସେଫ୍‌ଟି ସାର୍ଟିଫିକେଟ୍ ନ ଥିବା ନେଇ ପ୍ରଶ୍ନ ଉଠିଛି। ଗ୍ରାହକ ନ ଥିବା ବେଳେ ଏହି ଅଘଟଣ ଘଟିଥିବାରୁ ବଡ଼ ବିପତ୍ତି ଟଳିଯାଇଛି। ଏନେଇ ବିଏମ୍‌ସିକୁ ଲିଖିତ ଆକାରରେ ଜଣାଇ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ୍ କରିବୁ ବୋଲି ଡେପୁଟି ଫାୟାର ଅଫିସର ନାରାୟଣ ଦାସ କହିଛନ୍ତି।

## ନିଜ ବନ୍ଧୁକରୁ ଗୁଳିକରି ...

ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ହେଲେ ସେ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ଅସ୍ପଷ୍ଟ ରହିଛି। ଖବର ପାଇ ତାଙ୍କ ସ୍ତ୍ରୀ ଘଟଣାସ୍ଥଳକୁ ଯାଇଛନ୍ତି। ଉଚ୍ଚସ୍ତରୀୟ ପୋଲିସ ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଛି। ରାତି ହୋଇଯିବାରୁ ଶନିବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଘଟଣାସ୍ଥଳ ଓ ଅନ୍ୟାନ୍ୟ ସ୍ଥାନରେ ତଦନ୍ତ ଜାରି ରହିଛି ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଶୁଭଚନ୍ଦ୍ର ପ୍ରଭାବରେ ନୂତନ ଆନନ୍ଦ, ଉତ୍ସାହ ଓ ଉଦ୍ଦୀପନାର ସହ ଦିନଟି ଉପଭୋଗ୍ୟ ରହିବ। ଶତ୍ରୁକ୍ଷେତ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ପାରିବାରିକ ଓ କର୍ମ କ୍ଷେତ୍ରର ପରିସ୍ଥିତି ସନ୍ତୋଷଜନକ ରହି ନ ପାରେ। ତର୍କବିତର୍କ ମଧ୍ୟରେ ମନ ବୁଝିଲା ଭଳି କଥା କହି ପରିସ୍ଥିତି ସୁଧାରି ନେବେ। ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସତର୍କତା ରକ୍ଷା କରିବା ଭଲ।

**ବୃଷ**
ଶୁକ୍ରଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ସୁଧୁରି ଯିବାରୁ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ବନ୍ଧୁଙ୍କ ସହ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ପରିବାରରେ ମନର ଅମେଳ ରହିବା କାରଣରୁ ସାମୟିକ ମନ ବିଷାଦଗ୍ରସ୍ତ ହୋଇପାରେ।

**ମିଥୁନ**
ରାଶ୍ୟାଧିପ ଷଷ୍ଠସ୍ଥ ଯୋଗୁ ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ଓ ଆର୍ଥିକ ଅଭିବୃଦ୍ଧି ମାନସିକ ସ୍ତରକୁ ପ୍ରଫୁଲ୍ଲିତ ରଖିବ। ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହେବେ। ସହକର୍ମୀଙ୍କ ସହଯୋଗରୁ କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ହୋଇପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ**
ଉଚ୍ଚାରୋହୀ କର୍ମାଧିପତିଙ୍କ ଯୋଗୁ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ନିଜ ପରିସରସ୍ଥ ବ୍ୟକ୍ତିଙ୍କ ଗହଣରେ ଆନୁଷ୍ଠାନିକ କାମରୁ ଖୁସି ରହିବେ । ଯାତ୍ରା ସମୟରେ ଜଣେ ଅପରିଚିତ ବ୍ୟକ୍ତିଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ବାଣିଜ୍ୟ, ପ୍ରଶାସନ ଓ ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**
ଚତୁର୍ଥ କେନ୍ଦ୍ରରେ ଏକାଧିକଗ୍ରହ ଅବସ୍ଥାନ କରିଥିବାରୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ। ଦୀର୍ଘ ଦିନରୁ ସ୍ଥଗିତ ରହିଯାଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରି ମାନସିକ ଶାନ୍ତି ଅନୁଭବ କରିବେ। ବ୍ୟବସାୟ ଓ ପରିବହନରେ ବିବାଦ ସୃଷ୍ଟି ହୋଇପାରେ। ରାଶ୍ୟାଧିପତି ରବିଙ୍କ ବଳହୀନତା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତା ପ୍ରକଟ କରିପାରନ୍ତି।

**କନ୍ୟା**
ସ୍ୱଗୃହୀ ବୁଧଙ୍କ ଯୋଗୁ ଅପୂରଣୀୟ ଆଶା ପୂରଣ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପରୋକ୍ଷ ଶତ୍ରୁତାରୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବ। ଘର ଲୋକଙ୍କୁ ଉପେକ୍ଷା କରି ପରକଥାରେ ପଡ଼ି ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି। ନିଜର ଜମା ଟଙ୍କା ପାଇବାରେ ବିଳମ୍ବ ଜନିତ ଅର୍ଥାଭାବ କୌଣସି କାମ କରିବାରେ ପଛେଇ ଯାଇପାରନ୍ତି।

**ତୁଳା**
ଧନସ୍ଥାନରେ ଶୁକ୍ର ହେତୁ ବିଭିନ୍ନ କାମରେ ଅନୁପ୍ରବେଶ କରି ସଫଳତା ହାସଲ କରିବାରୁ ମାନସିକ ସ୍ଥିତି ଭଲ ରହିବ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ। ତର୍କବିତର୍କଜନିତ ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟାର ସମାଧାନ ପାଇଁ ପ୍ରୟନ୍ କରିପାରନ୍ତି।

**ବିଛା**
ମୁଖଭାବସ୍ଥ ମଙ୍ଗଳଜନିତ ପ୍ରତ୍ୟେକ କ୍ଷେତ୍ରରେ ଅନାବଶ୍ୟକ କଥାର ପୁନରାବୃତ୍ତିରୁ ଦୂରେଇ ରହିବା ଭଲ। ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବାଧ୍ୟ ହେବେ। ସଙ୍ଗୀତ, କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ। ନୂତନ କର୍ମାରମ୍ଭ, ବନ୍ଧୁ ସମ୍ପର୍କ, ବାଣିଜ୍ୟ, ବ୍ୟବସାୟ ପ୍ରଭୃତିରେ ସଫଳତା ହାସଲ କରିପାରିବେ।

**ଧନୁ**
ରାହୁ ଚତୁର୍ଥ କେନ୍ଦ୍ରରେ ରହିଥିବାରୁ ମତଭେଦ କାରଣରୁ ପରିବାରରେ ଅଶାନ୍ତି ଦେଖାଦେବ। ସବୁକଥାକୁ ହାଲୁକା ଭାବେ ନେଲେ କ୍ଷତିରେ ପଡ଼ିବେ। ସଙ୍ଗଠନ, ନିର୍ମାଣ, ସଭାସମିତି, ରାଜନୀତିରେ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବା ସାଙ୍ଗକୁ ଆଶା କରିଥିବା ଖବର ପାଇ ଖୁସି ହୋଇଯିବେ।

**ମକର**
ଭାଗ୍ୟସ୍ଥାନରେ ଚନ୍ଦ୍ର ରହିଥିବାରୁ ଆଶା ଓ କଳ୍ପନା ବାସ୍ତବତାରେ ପରିଣତ ହେବା ସକାଶେ ଅନୁକୂଳ ସ୍ଥିତି ସୃଷ୍ଟି ହୋଇଯିବ। ଯେକୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ସାମାଜିକ ସ୍ତରରେ ସମସ୍ୟା ନିରାକରଣ ପାଇଁ ଚେଷ୍ଟିତ ହେବେ। ମାଙ୍ଗଳିକ କାମ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ**
ଶନିଦୃଷ୍ଟ ମଙ୍ଗଳଜନିତ ଆତ୍ମୀୟଙ୍କ ନକାରାତ୍ମକ ଚିନ୍ତାଧାରା ବିବ୍ରତ କରିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସମ୍ପର୍କୀୟଙ୍କ ସହାୟତାରେ ଆଧ୍ୟାତ୍ମିକ ଭାବନା ଓ କାର୍ଯ୍ୟକରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବା ଅନୁମେୟ।

**ମୀନ**
ରାଶିରେ ଶନିଙ୍କ ଅବସ୍ଥିତି କାରଣରୁ କାମର ବିଳମ୍ବତାକୁ ଲକ୍ଷ୍ୟକରି ବିଚଳିତବୋଧ କରିପାରନ୍ତି। ଭଲ ପଡୁନଥିବା ପାଖ ପଡ଼ୋଶୀଙ୍କ ଟୀକାଟିପ୍ପଣୀ ମନରେ ଦୁଶ୍ଚିନ୍ତା ସୃଷ୍ଟି କରିବ। ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ନ ମିଶିବା ଫଳରେ ମନରେ ଭାବାନ୍ତର ସୃଷ୍ଟି ହେବ।

ଆଜି ଡିସେମ୍ବର ୧୩ ତାରିଖ, ପୌଷ କୃଷ୍ଣ ନବମୀ ଯୁକ୍ତ ଦଶମୀ, ଶନିବାର, ରାଶିନକ୍ଷତ୍ର–ହସ୍ତା/କନ୍ୟା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୪୨ ଗତେ ଘ.୦୮।୫୮ ମଧ୍ୟେ, ଘ.୧୨।୦୨ ଗତେ ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୮।୫୮ ଗତେ ଘ.୧୦।୨୨ ମଧ୍ୟେ ରାହୁ କାଳ।।

# ପେଟ୍ରୋଲ ଢାଳି ସ୍ତ୍ରୀଙ୍କୁ ଜାଳିଦେଲେ, ସ୍ୱାମୀ ଗିରଫ

ବେଲପଡ଼ା,୧୨।୧୨(ମନୋଜ କୁମାର ମିଶ୍ର)


କୁଳବତୀ ପରୁଆ

ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଅନ୍ତର୍ଗତ କଟାପାଲି ଗାଁରେ କୁଳବତୀ ପରୁଆ (୨୫) ନାମ୍ନୀ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଶୁକ୍ରବାର ପୋଲିସ ତାଙ୍କ ଘର ଭିତରୁ ଜବତ କରିଛି। ମହିଳାଙ୍କୁ ହତ୍ୟା ପରେ ତାଙ୍କ ସ୍ୱାମୀ ପେଟ୍ରୋଲ ଢାଳି ଜାଳି ଦେଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ସ୍ୱାମୀ ପିଣ୍ଟୁ ପରୁଆଙ୍କୁ ଗିରଫ କରିଛି। ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାସ୍ଥଳରୁ ନମୁନା ସଂଗ୍ରହ କରି ତଦନ୍ତ କରୁଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବେଲପଡା ତହସିଲଦାର ଅଭିଷେକ କିଷାନଙ୍କ ଉପସ୍ଥିତିରେ ମୃତଦେହ ପୋଲିସ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ପିଣ୍ଟୁ ବେଲପଡା ଥାନା ବୁଦାମୁଣ୍ଡା ଗାଁର ମାର୍କଣ୍ଡ ନାଏଙ୍କ ଝିଅ କୁଳବତୀଙ୍କୁ ଗତ ୨୦୨୪ ମାର୍ଚ୍ଚ ୧୧ରେ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ୮ମାସର ପୁଅ ରହିଛି। ପିଣ୍ଟୁ ବିଭିନ୍ନ ସମୟରେ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେଉଥିଲେ। ଏପରିକି ତାଙ୍କୁ ମାଡ଼ ମଧ୍ୟ ମାରୁଥିଲେ। ପିଣ୍ଟୁ ନିର୍ଯାତନା ଦେଇ କୁଳବତୀଙ୍କୁ ପୋଡ଼ି ମାରି ଦେଇଛନ୍ତି ବୋଲି ମୃତାଙ୍କ ବଡ଼ଭଉଣୀ ରୁକ୍ମଣୀ ଅଭିଯୋଗ କରିଛନ୍ତି। କୁଳବତୀଙ୍କ କାକା ଗଙ୍ଗା ନାଏକ ମଧ୍ୟ ବେଲପଡା ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ.୩୬୫/୨୦୨୫) ରୁଜୁ କରିଛି। ବେଲପଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ଅନନ୍ତ ପ୍ରଧାନ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ଠିକ୍ କାରଣ ଜଣାପଡ଼ିବ । ତେବେ ପାରିପାର୍ଶ୍ୱିକସ୍ଥିତି ଓ ପ୍ରାଥମିକ ତଦନ୍ତରୁ ହତ୍ୟା ପରେ ପେଟ୍ରୋଲ ଢାଳି ଜାଳି ଦିଆଯାଇଛି ବୋଲି ଜଣାପଡୁଛି।

# ଅଳିଆବୁହା ଗାଡ଼ି ଧକ୍କାରେ ଶିଶୁକନ୍ୟା ମୃତ

ତାଳଚେର,୧୨।୧୨(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ପୌରପରିଷଦର ଅଳିଆବୁହା ଗାଡ଼ି (ନଂ. ଓଡି୩୫ଜି-୭୮୮୧) ଧକ୍କାରେ ଗୁରୁବାର ସକାଳେ ଜଣେ ୨ ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁକନ୍ୟା ହେଲେ କଳିୟରୀ ଥାନା ବାଘୁଆବୋଲ ଗଣେଶ ବିହାର ଅଞ୍ଚଳର ବିଧାନଚନ୍ଦ୍ର ରାୟଙ୍କ ଝିଅ ଅନ୍ୱେଶା ରାୟ। ସୂଚନା ଅନୁସାରେ, ସକାଳେ ବିଧାନଚନ୍ଦ୍ର ଘରର ଅଳିଆ ପକାଇବାକୁ ବାହାରକୁ ଆସିଥିବାବେଳେ ତାଙ୍କର ଏକମାତ୍ର ଶିଶୁକନ୍ୟା ପାଖରେ ଛିଡ଼ା ହୋଇଥିଲେ। ତେବେ ଚାଳକ ଜଣକ ବେପରୁଆ ଭାବେ ଅଳିଆବୁହା ଗାଡ଼ି ଚଳାଉଥିବାରୁ ତାହା ଶିଶୁକନ୍ୟାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ କଳିୟରୀ ପୋଲିସ ପହଞ୍ଚି ଗାଡ଼ିଟିକୁ ଜବତ କରିବା ସହିତ ଚାଳକ ଶେଷ ବେହେରାଙ୍କୁ ଗିରଫ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ବାଘୁଆବୋଲ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ନଂ. ୭୨୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କଫ ସିରପ୍ ଜବତ, ଖସିଗଲା ପିକଅପ୍ ଭ୍ୟାନ

- ୬ ବସ୍ତାରୁ ମିଳିଲା ୨୭୦୦ ବୋତଲ କଫ ସିରପ୍
- ଧରାପଡ଼ିଲେ ୨ ଅଭିଯୁକ୍ତ, ଅନେକ ଫେରାର

ବରଗଡ଼,୧୨।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ନିଶା କାରବାର ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ଶୁକ୍ରବାର ବରଗଡ଼ ଟାଉନ ଥାନା ପୋଲିସ୍ ସହର ଉପକଣ୍ଠ କଟାପାଲି କେନାଲ ରାସ୍ତାରୁ ୨୭୦୦ ବୋତଲ କଫ ସିରପ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ, ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୫ ବିଂଝିପଡ଼ାର ସୁରଜଲ ନାଗ(୨୦) ଏବଂ ବରଗଡ଼ ବ୍ଲକ ଖଲିଆପାଲି କେନାଲପଡ଼ାର ପପୁ ଓରଫ୍ ସିକ୍ରେଟି ଚୌଧୁରୀ(୨୯)। ତାଙ୍କ ପାଖରୁ ୨ଟି ସ୍କୁଟି(ନଂ- ଓଡି୧୭ଏସି ୪୯୩୨, ଓଡ଼ି୧୭ଏଇ ୨୦୪୮) ଏବଂ ଗୋଟିଏ ମୋବାଇଲ ଜବତ ହୋଇଛି। ବରଗଡ଼ ଟାଉନ


ଗିରଫ ୨ ଅଭିଯୁକ୍ତ।


ଜବତ ହୋଇଥିବା ସ୍କୁଟି।


ଜବତ କଫ ସିରପ୍।

ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଏଭଳି ସୂଚନା ଦେଇ ଆହୁରି କହିଛନ୍ତି, ଏକ ପିକ୍‌ଅପ୍ ଭ୍ୟାନ୍ ଯୋଗେ କଟାପାଲି କେନାଲ ରାସ୍ତାରେ କଫ ସିରପ୍ ଚାଲାଣ ହେଉଥିବା ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଏସ୍‌ପି ପି.ଏସ୍ ମିନାଙ୍କ ନିର୍ଦ୍ଦେଶକ୍ରମେ ଏକ ପୋଲିସ ଟିମ୍ ଗଠନ କରାଯାଇ ସେଥିପ୍ରତି ନଜର ରଖାଯାଇଥିଲା। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ କଟାପାଲି କେନାଲ ରାସ୍ତାରେ ୬ବସ୍ତାରେ ବୋଝେଇ ହୋଇଥିବା ୨୭୦୦ କଫ୍ ସିରପକୁ ଓହ୍ଲାଇ ପିକଅପ୍ ଭ୍ୟାନଟି ସେଠାରୁ ଖସିଯାଇଥିଲା। ଅପରପକ୍ଷେ ଘଟଣାସ୍ଥଳରୁ ପୋଲିସ କଫ ସିରପ୍, ବ୍ୟବହୃତ ୨ ସ୍କୁଟି, ମୋବାଇଲ ସହିତ ଉପରୋକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ପୋଲିସ ଆସୁଥିବା ଜାଣିପାରି ଘଟଣାସ୍ଥଳରୁ ଆହୁରି ୫ରୁ ୭ ଅଭିଯୁକ୍ତ ଖସି ଯାଇଛନ୍ତି ଏବଂ ସେମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ତ୍ରିପାଠୀ କହିଛନ୍ତି। ଏହାସହିତ ଫେରାର ପିକଅପ୍ ଭ୍ୟାନକୁ ମଧ୍ୟ ଧରିବା ପାଇଁ ତନାଘନା ଚାଲିଥିବା ସେ ସୂଚନା ଦେଇଛନ୍ତି। ଏ ନେଇ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା(ନଂ-୭୧୯/୨୫) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଜିଲାରେ ନିଶାଜନିତ ଆପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବଢ଼ିଚାଲୁଛି। ଏହାକୁ ନେଇ ସଚେତନ ନାଗରିକ ମହଲରେ ଉଦବେଗ ପ୍ରକାଶ ପାଇଛି।






ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନା ଗୁଡ଼ିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡ଼ିକୁ ନିରାମୟ କରି ପାରିବା ନାହିଁ। ତା'ପରିବର୍ତ୍ତେ ଆମେ ଯଦି ସେଗୁଡ଼ିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। –ଶ୍ରୀମା



# ବିଶେଷଜ୍ଞ ଲୋଡ଼ା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆମେ ପ୍ରାୟତଃ ଅଣଦେଖା କରୁଥିବା କଥାକୁ ଇଣ୍ଡିଗୋ ଘଟଣା ପୁଣି ଥରେ ମନେପକାଇ ଦେଇଛି। ବିଶ୍ୱରେ ଦ୍ରୁତଗତିରେ ବୃଦ୍ଧିପାଉଥିବା ଆଭିଏସନ ମାର୍କେଟ ମଧ୍ୟରେ ଭାରତ ଅନ୍ୟତମ। ଏହାକୁ ଏକ ନିୟାମକ ଦ୍ୱାରା ପରିଚାଳନା କରାଯାଉଛି, ଯାହା ବିଶେଷଜ୍ଞତାକୁ ଏକ ଅତିରିକ୍ତ ବିଷୟ ଭାବେ ଦେଖେ। ସାରା ବିଶ୍ୱରେ ବିମାନ ନିୟାମକଗୁଡ଼ିକ ସେହି ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ, ଯେଉଁମାନେ ସେମାନଙ୍କ ଜୀବନକୁ କକ୍‌ପିଟ୍, ଟାୱାର ନିୟନ୍ତ୍ରଣ, ବିମାନ ବୋର୍ଡରୁମ୍ କିମ୍ବା ଇଞ୍ଜିନିୟରିଂ ହ୍ୟାଙ୍ଗରରେ ସୀମିତ ରଖିଥାନ୍ତି। ବ୍ରିଟେନ ଜଣେ କମର୍ସିଆଲ ପାଇଲଟଙ୍କୁ ବିଶ୍ୱାସକରେ। ଏକ ପ୍ରମୁଖ ବିମାନ ସେବା ପରିଚାଳନା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆମେରିକା ବାଛିଥିଲା । ଫ୍ରାନ୍ସ ଏବଂ ଚାଇନାର ଇଞ୍ଜିନିୟରମାନେ ଟ୍ରୁବୁଲେନ୍ସ ଏବଂ ଅକ୍ଷମତା ମଧ୍ୟରେ ପାର୍ଥକ୍ୟକୁ ଜାଣିଥାନ୍ତି। ଏହି ଦେଶଗୁଡ଼ିକ ବିଶେଷଜ୍ଞତାକୁ ଏକ ଆବଶ୍ୟକତା ବୋଲି ବିବେଚନା କରନ୍ତି। ଭାରତରେ ଡାଇରେକ୍ଟର ଜେନେରାଲ ଅଫ୍ ସିଭିଲ ଆଭିଏସନ( ଡିଜିସିଏ)ପଦବୀରେ ପ୍ରାୟତଃ ଜଣେ ବାବୁ ରହନ୍ତି, ଯାହାଙ୍କ କ୍ୟାରିୟର କୃଷି, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଆଦିରେ କଟିଥାଏ। ଆମ ବ୍ୟବସ୍ଥା ବିଶ୍ୱାସ ଉପରେ କାର୍ଯ୍ୟ କରୁଥିବା ମନେହୁଏ । ଯଦି ଆପଣ ଜଣେ ଜିଲା ମାଜିଷ୍ଟ୍ରେଟ୍ ହୋଇଥିବେ, ତେବେ ଆପଣ ଉଡ଼ାଣ ସୁରକ୍ଷା ନିୟମ, ବିମାନ ଉଡ଼ାଣ ଯୋଗ୍ୟତା ଏବଂ ପାଇଲଟ ଲାଇସେନ୍ସିଂ ପରିଚାଳନା କରିପାରିବେ ବୋଲି ଆମର ଧାରଣା ରହିଛି। ବିମାନ ଚଳାଚଳ ଅନୁମାନ ଆଧାରିତ କାର୍ଯ୍ୟ ଏବଂ ବିଶେଷକରି ପ୍ରଶାସନିକ ବରିଷ୍ଠତାକୁ ଗ୍ରହଣକରେ ନାହିଁ । ଡିଜିସିଏ ଏକ ସରକାରୀ କାର୍ଯ୍ୟାଳୟ ନୁହେଁ। ଏହା ଲକ୍ଷ ଲକ୍ଷ ଯାତ୍ରୀଙ୍କ ପାଇଁ ଦେଶର ସୁରକ୍ଷା କବଚ। ସ୍ୱୀକାର କରିବାର ସମୟ ଆସିଛି ଯେ, ବେସାମରିକ ବିମାନ ଚଳାଚଳ ପରିଚାଳନାଗତ ଆତ୍ମବିଶ୍ୱାସ ଅପେକ୍ଷା ଅଧିକ କିଛି ଆବଶ୍ୟକ କରେ। ଏଥିପାଇଁ ବିମାନ ଚଳାଚଳ ବିଶେଷଜ୍ଞତାର ଦକ୍ଷତା ଆବଶ୍ୟକ।

### ସ୍ପଷ୍ଟୀକରଣ ଦିଆଯାଉ ନାହିଁ

ପ୍ରସାର ଭାରତୀର ଅଧ୍ୟକ୍ଷ ପଦରୁ ନବନୀତ କୁମାର ସେହଗଲ ଇସ୍ତଫା ଦେଇଛନ୍ତି। ଏହି ପଦବୀ ଅନେକ ବର୍ଷ ଖାଲି ପଡ଼ିବା ପରେ ମାର୍ଚ୍ଚରେ ସେହଗଲ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ବହୁ କଷ୍ଟରେ ୯ ମାସ ପୂରଣ କରିଛନ୍ତି। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଇସ୍ତଫାର କୌଣସି କାରଣ ଦର୍ଶାଗଲା ନାହିଁ, ସାର୍ବଜନିନ ଭାବେ କୌଣସି ସ୍ପଷ୍ଟୀକରଣ ମଧ୍ୟ ଦିଆଗଲା ନାହିଁ। ସମୟକୁ ନେଇ ତାଙ୍କ ଇସ୍ତଫା କେବଳ ବିବାଦୀୟ ହୋଇନାହିଁ, ବରଂ ପ୍ରସାର ଭାରତୀର ଅସ୍ୱସ୍ତିକର ଇତିହାସ ଯୋଗୁ ଏହା ହୋଇଛି। ସେହଗଲଙ୍କ କାର୍ଯ୍ୟକାଳରେ ମନ୍ଥନର ଏକ ପର୍ଯ୍ୟାୟ ସାମ୍ନାକୁ ଆସିଥିଲା, ଯେଉଁଥିରେ ଡିଡି ନ୍ୟୁଜ୍‌ର ନୂତନ ବ୍ରାଣ୍ଡିଂଠାରୁ ଆରମ୍ଭକରି ପ୍ରୋଗ୍ରାମିଂରେ ଉନ୍ନତି ଆଣିବା, ଆଉଟ୍‌ସୋର୍ସିଂ ଚୁକ୍ତି ଏବଂ ପ୍ରସାରକୁ ଏକ ପରିଚୟ ଦେବା ପାଇଁ ପ୍ରୟାସ କରାଯାଇଥିଲା। ଏହି ପଦକ୍ଷେପଗୁଡ଼ିକ ପାଇଁ ସ୍ଥିର ନେତୃତ୍ୱ ଆବଶ୍ୟକ ଥିଲା, ପୁନର୍ବାର ନେତୃତ୍ୱରେ ଶୂନ୍ୟସ୍ଥାନ ସୃଷ୍ଟି କରିବାର ନ ଥିଲା। ସେହଗଲଙ୍କ ତ୍ୱରିତ ପ୍ରସ୍ଥାନ ଏବେ ସମଗ୍ର ବ୍ୟବସ୍ଥା ପାଇଁ ପୁଣି ଥରେ ସମସ୍ୟାର କାରଣ ହୋଇଛି, ଯାହାକୁ ନେଇ ଅଧିକ କଳ୍ପନାଜଳ୍ପନା ପ୍ରକାଶ ପାଇବା ସ୍ୱାଭାବିକ। କେତେକ ମନ୍ତ୍ରଣାଳୟ ସହ ତାଙ୍କର ମତଭେଦ ହୋଇଥାଇପାରେ ବୋଲି କେତେକେ କହୁଥିବାବେଳେ ଅନେକେ ସଂସ୍କାରର ଗତି ଏବଂ ଦିଗକୁ ଇଙ୍ଗିତ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ)ରେ ଘଟୁଥିବା ଘଟଣାଗୁଡ଼ିକ ସହ କୌଣସି ସମ୍ପର୍କ ଥାଇପାରେ କିମ୍ବା ନ ଥାଇପାରେ, ହେଲେ ବିଶ୍ୱାସର ପରିବେଶକୁ ନେଇ ପ୍ରଶ୍ନ ଉଠୁଛି। ପ୍ରସାର ଭାରତୀର ଅଧ୍ୟକ୍ଷ ତାଙ୍କ କାର୍ଯ୍ୟକାଳର ଅଧାରୁ କାହିଁକି ଚାଲିଗଲେ ସେ ସମ୍ପର୍କରେ ସରକାର ଯେପର୍ଯ୍ୟନ୍ତ ସ୍ପଷ୍ଟୀକରଣ ଦେଇନାହାନ୍ତି ସେପର୍ଯ୍ୟନ୍ତ କଳ୍ପନାଜଳ୍ପନା ଆହୁରି ବଢ଼ିବ।

### ବିଶ୍ୱାସ ତୁଟିଯାଉଛି

ତେଲଙ୍ଗାନା ସଚିବାଳୟକୁ ନେଇ ପୁଣି ଥରେ ଗୁଞ୍ଜରଣ ସୃଷ୍ଟିହୋଇଛି। କେତେଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ଯୋଗୁ ଏଭଳି ଅଶାନ୍ତ ସ୍ଥିତି ହୋଇଥିବା ଜଣାପଡ଼ିଛି। ଫାଇଲ, ପଦାନୁକ୍ରମ ଏବଂ ଲିଖିତ ଉତ୍ତରଦାୟିତ୍ୱ ଉପରେ ପର୍ଯ୍ୟବସିତ ଏକ ବ୍ୟବସ୍ଥାରେ ବ୍ୟକ୍ତିଗତ ଚାଟ୍ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରୁଥିବା ଧାରଣା ଅତ୍ୟନ୍ତ ଚିନ୍ତାର ବିଷୟ । ରିପୋର୍ଟଗୁଡ଼ିକ ସୂଚାଇଦେଉଛି ଯେ ଏହା ସାଧାରଣ ଚାଟ୍ ବା କଥାବାର୍ତ୍ତା ନ ଥିଲା। ଶକ୍ତିଶାଳୀ ପଦବୀରେ ଥିବା ଅଧିକାରୀଙ୍କର ଏହା ଥିଲା ଏକ ସର୍କଲ ବା ମଣ୍ଡଳ, ଯାହାକୁ ସେମାନେ ସତର୍କତାର ସହ ସଂଯୋଜିତ କରୁଥିଲେ। ସେଥିରେ କେତେଜଣ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଜଡ଼ିତ ଥିଲେ, ଯେଉଁମାନେ ଆନୁଷ୍ଠାନିକ ଶୃଙ୍ଖଳା ବାହାରେ ଫାଇଲ ଗତିବିଧି ଏବଂ ପାଣ୍ଠି ଅନୁମୋଦନକୁ ପରିଚାଳନା କରୁଥିଲେ। ଏହାକୁ ନେଇ ମନ୍ତ୍ରୀମାନେ ହତାଶ ହୋଇଯାଇଛନ୍ତି ବୋଲି ଆମକୁ କୁହାଯାଉଛି। ସେମାନେ ଭାବୁଛନ୍ତି, ଗୋଷ୍ଠୀ ଭିତରେ କିଛି ଫାଇଲ ଦ୍ରୁତ ଗତିରେ ଯାଉଥିବା ବେଳେ ସେମାନଙ୍କର ନିଜସ୍ୱ ସୁପାରିସଗୁଡ଼ିକୁ ଏଡାଇ ଦିଆଯାଉଛି। ଏହାଦ୍ୱାରା କେବଳ ପ୍ରୋଟୋକଲ କ୍ଷତିଗ୍ରସ୍ତ ହେଉ ନାହିଁ, ବରଂ ବିଶ୍ୱାସ ତୁଟିଯାଉଛି। ଅଧିକାରୀମାନେ ସନ୍ଦେହ କରିବା ଆରମ୍ଭକଲେ ଶାସନରେ ବିଶ୍ୱାସ ଫେରାଇଆଣିବା କଷ୍ଟକର । ଥରେ ସାର୍ବଜନୀନ ନିଷ୍ପତ୍ତିଗୁଡ଼ିକ ବ୍ୟକ୍ତିଗତ ଚାଟ୍‌ରେ ସ୍ଥାନାନ୍ତରିତ ହେଲେ କୌଣସି ଅଡିଟ୍, କୌଣସି ନୋଟ୍ ଏବଂ କୌଣସି ନାଗରିକ କେବେ ବି ପ୍ରକୃତରେ ଜାଣିପାରିବେ ନାହିଁ ତାହା ଫଳାଫଳକୁ କ'ଣ ପ୍ରଭାବିତ କରିଛି। ଏକ ଗଣତନ୍ତ୍ରରେ, ଗୁପ୍ତ ଗ୍ରୁପ୍ ଚାଟ୍‌ରେ ଥିବା ବ୍ୟକ୍ତିଙ୍କ ଦ୍ୱାରା ନୀତି ନିର୍ଦ୍ଧାରଣ କରାଯିବା ଉଚିତ ନୁହେଁ।

Email: dilipcherian@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 8 | | |
| 6 | | 3 | | | | | | |
| 1 | | 9 | | | 2 | | | 4 |
| | | 1 | 5 | | | 9 | | 2 |
| 5 | | | 9 | | | | | 3 |
| 3 | | | | | 6 | 7 | | |
| | | | 8 | 4 | | 6 | | |
| | | | | | | 3 | | 9 |
| 4 | | | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 7 | 2 | 8 | 6 | 9 | 3 | 4 |
| 8 | 4 | 2 | 3 | 1 | 9 | 7 | 6 | 5 |
| 3 | 6 | 9 | 5 | 7 | 4 | 1 | 8 | 2 |
| 9 | 3 | 4 | 6 | 2 | 5 | 8 | 1 | 7 |
| 5 | 7 | 8 | 4 | 9 | 1 | 6 | 2 | 3 |
| 6 | 2 | 1 | 7 | 3 | 8 | 4 | 5 | 9 |
| 2 | 8 | 3 | 1 | 4 | 7 | 5 | 9 | 6 |
| 4 | 9 | 6 | 8 | 5 | 2 | 3 | 7 | 1 |
| 7 | 1 | 5 | 9 | 6 | 3 | 2 | 4 | 8 |

ଗତକାଲିର ଉତ୍ତର

# ବିମାନବନ୍ଦର କାହା ସ୍ୱାର୍ଥରେ



ସୁରେନ୍ଦ୍ର ତପସ୍ୱୀ

ଆମ ଉପକୂଳ ଅଞ୍ଚଳ ଏକ ବାତ୍ୟାପ୍ରବଣ ଅଞ୍ଚଳ ଭାବେ ବ୍ରିଟିଶ ଶାସନ ସମୟରୁ ଘୋଷଣା କରାଯାଇଛି। ଏହାର ନିରାକରଣ ନିମନ୍ତେ ୧୯୭୨ ମସିହାରୁ ସରକାରୀ ସ୍ତରରେ ବହୁ ଉଦ୍ୟମ ହୋଇଥିଲେ ହେଁ ବାତ୍ୟାର ପ୍ରକୋପ କମିବା ପରିବର୍ତ୍ତେ ବୃଦ୍ଧି ଘଟୁଛି। ବାତ୍ୟା ଓଡ଼ିଶାର ଉପକୂଳ ଅଞ୍ଚଳର ଧନଜୀବନର ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଓଡ଼ିଶାର ଅର୍ଥନୈତିକ ବିକାଶରେ ଉପକୂଳ ଅଞ୍ଚଳ ଏକ ଗୁରୁଦାୟିତ୍ୱ ବହନ କରିଥିବା କଥା କୁହାଯାଉଥିଲେ ହେଁ ଉପକୂଳ ଅଞ୍ଚଳରେ ଏକାଧିକ ସାମୁଦ୍ରିକ ବନ୍ଦର, ପ୍ରତିରକ୍ଷା ପ୍ରତିଷ୍ଠାନ ଇତ୍ୟାଦି ଉପକୂଳ ଅଞ୍ଚଳର ପରିବେଶ ପ୍ରତି ପ୍ରତିକୂଳ ପ୍ରଭାବ ପକାଉଛି ଯାହା ନିଃସନ୍ଦେହ।

ନିକଟରେ କେନ୍ଦ୍ର ସରକାର ଓଡ଼ିଶାର ପୁରୀ ଭଳି ବାତ୍ୟା ଓ ସୁନାମିପ୍ରବଣ ଅଞ୍ଚଳରେ ଏକ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସମୁଦ୍ର ପୂର୍ବାପେକ୍ଷା ଅଧିକ ଅଶାନ୍ତ ଓ ପ୍ରଳୟମୁଖୀ ହୋଇପଡୁଥିବାରୁ ବିଶ୍ୱ ବେସାମରିକ ବିମାନ ପରିଚାଳନା କୌଶଳ ସଂସ୍ଥା ସମୁଦ୍ର କୂଳରେ ବିମାନବନ୍ଦର ନ କରିବାକୁ ଏହାର ସଭ୍ୟଭୁକ୍ତ ଦେଶଗୁଡ଼ିକୁ ପରାମର୍ଶ ଦେଇଛି। ଅପରପକ୍ଷେ ଯେଉଁସବୁ ବିମାନବନ୍ଦର ସମୁଦ୍ରକୂଳରେ ଅଛି ସେଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ପରାମର୍ଶ ଜାରି କରିଛି। ଫଳ ସ୍ୱରୂପ ଗୋଆ, ବିଶାଖାପାଟଣା, ମୁମ୍ବାଇ ଇତ୍ୟାଦି ବିମାନବନ୍ଦରଗୁଡ଼ିକୁ ସମୁଦ୍ରକୂଳଠାରୁ ୫୦–୬୦ କି.ମି . ଦୂରକୁ ସ୍ଥାନାନ୍ତରୀକରଣ ପ୍ରକ୍ରିୟା ଚାଲୁ ରହିଛି। ତେବେ ସରକାର ଏହାକୁ ଗୁରୁତ୍ୱ ନ ଦେଇ ପୁରୀ ବେଳାଭୂମିରେ ବିମାନବନ୍ଦର ନିର୍ମାଣ ଭଳି ଏକ ପରିବେଶ ବିରୋଧୀ ପ୍ରକଳ୍ପ ନିମନ୍ତେ ଅଣ୍ଟା ଭିଡ଼ିବା ବିପଜ୍ଜନକ ବିଷୟ। ପ୍ରସ୍ତାବିତ ବିମାନ ବନ୍ଦର ପାଇଁ ୧୨ଶହ ଏକର ଜମି ମଧ୍ୟରେ ରହିଛି ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ, ଅନେକ ବନ୍ୟଜନ୍ତୁଙ୍କ ଆଶ୍ରୟସ୍ଥଳ, ବିରଳ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କ ଅଣ୍ଡାଦାନ ଓ ଇରାୱାଡି ଡଲ୍‌ଫିନ୍‌ଙ୍କ ଚଳପ୍ରଚଳ ପାଇଁ ଉଦ୍ଦିଷ୍ଟ ସ୍ଥାନ। ଏତଦ୍ ବ୍ୟତୀତ କେତେକ ବିରଳ ଗୁଳ୍ମ ଏଠାରେ ଦେଖିବାକୁ ମିଳେ।

ସରକାରଙ୍କ ଯୁକ୍ତି ଯେ, ଅନ୍ତର୍ଜାତୀୟ ବିମାନବନ୍ଦର ହେଲେ ପୁରୀଙ୍କୁ ବିଦେଶୀ ପର୍ଯ୍ୟଟକଙ୍କ ସୁଅ ଛୁଟିବ। ବାର୍ଷିକ ପ୍ରାୟ ୪.୫ ଲକ୍ଷ ପର୍ଯ୍ୟଟକ ଆସିବେ। ପୁରୀର ବିକାଶ ହେବ, ଉକ୍ତ ଅଞ୍ଚଳ ଜମିର ମୂଲ୍ୟ ବୃଦ୍ଧି ଘଟିଲେ ସରକାର ବହୁ କୋଟି ଟଙ୍କା ରାଜସ୍ୱ ପାଇବେ ଏବଂ ଜଗନ୍ନାଥ ସଂସ୍କୃତି ବିଶ୍ୱସ୍ତରରେ ପ୍ରଚାରପ୍ରସାର ହେବ। ଏଠାରେ ଉଲ୍ଲେଖଯୋଗ୍ୟ, ପୁରୀର ପର୍ଯ୍ୟଟନ ଋତୁ ୫ମାସ, ଅର୍ଥାତ୍ ନଭେମ୍ବରଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ପୁରୀକୁ ବିଦେଶୀ ପର୍ଯ୍ୟଟକ ପୁରୀକୁ ଆସନ୍ତି। ଗ୍ରୀଷ୍ମଦିନେ ପ୍ରାୟ ବିଦେଶୀ ପର୍ଯ୍ୟଟକ ପୁରୀ ଆସନ୍ତି ନାହିଁ। ବର୍ଷାଦିନେ ବାରମ୍ବାର ଲଘୁଚାପ ଓ ଅଶାନ୍ତ ସମୁଦ୍ର ହେତୁ ବିଦେଶୀ ପର୍ଯ୍ୟଟକ ପୁରୀ ଆସନ୍ତି ନାହିଁ। ଯେଉଁ ବିଦେଶୀ ପର୍ଯ୍ୟଟକ ଆସନ୍ତି ସେମାନଙ୍କୁ ମନ୍ଦିର ପ୍ରବେଶ ନିଷେଧ। ସେମାନଙ୍କ ରହଣି ପାଇଁ ଗୋଟିଏ ବି ପଞ୍ଚତାରକା ହୋଟେଲ ପୁରୀରେ ନାହିଁ କିମ୍ବା ଏକ ସୁସଂଗଠିତ, ସ୍ୱଚ୍ଛ ସୁରକ୍ଷିତ ବେଳାଭୂମି ନାହିଁ। ଉଲ୍ଲେଖଯୋଗ୍ୟ, ପୁରୀଠାରୁ ମାତ୍ର ୬୦ କି.ମି. ଦୂରତାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଅଛି। ଯେଉଁଠୁ ସଡ଼କ ପଥରେ ପୁରୀ ଆସିବା ପାଇଁ ମାତ୍ର ୪୦ ମିନିଟ୍ ସମୟ ଲାଗେ। ୨୦୨୩ରୁ ଭୁବନେଶ୍ୱର ବିମାନବନ୍ଦର ଅନ୍ତର୍ଜାତୀୟ ବିମାନବନ୍ଦର ହେବା ପରଠାରୁ ଏହା ଆଶାନୁରୂପକ ସଫଳତା ପାଇପାରିନାହିଁ। ତେବେ ଯାତ୍ରୀଙ୍କ ସଂଖ୍ୟା ଆଶାନୁରୂପକ ହେଉ ନ ଥିବାରୁ ବିଜୁ ପଟ୍ଟନାୟକ ବିମାନବନ୍ଦର କ୍ଷତିରେ ଚାଲୁଛି। ତେଣୁ ଘରୋଇ ବିମାନଗୁଡିକ ଉଡ଼ାଣଜନିତ କ୍ଷତିକୁ ଭରଣା କରିବା ପାଇଁ ରାଜ୍ୟ ସରକାର ଅଗଷ୍ଟ ୨୦୨୫ ସୁଦ୍ଧା ୧୭୦ କୋଟି ଟଙ୍କା ସାଧନ ଯୋଗ୍ୟ ସହାୟତା ରାଶି ଯୋଗାଇଛନ୍ତି। ଏତଦ୍ ବ୍ୟତୀତ ବିଦେଶ ଓ ଦେଶ ଭିତରେ କେତେକ ବିମାନକୁ ରୁଟ୍ ପିଛା ଯଥାକ୍ରମେ ୧୦ ଲକ୍ଷ ଓ ୫ ଲକ୍ଷ ଟଙ୍କା ସାଧନ ସହାୟତା ଯୋଗାଉଛନ୍ତି।



ଅପରପକ୍ଷେ ସିଏଜି ରିପୋର୍ଟ ଅନୁଯାୟୀ କେନ୍ଦ୍ର ସରକାରଙ୍କ 'ଉଡ଼େ ଦେଶ୍‌କା ଆମ୍ ନାଗରିକ' ବା 'ଉଡ଼ାଣ' ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଛି। କାରଣ 'ବନ୍ଦେ ଭାରତ' ଭଳି ଦ୍ରୁତଗାମୀ ଟ୍ରେନ୍, ସମ୍ପ୍ରସାରିତ ରାଜପଥ ଯୋଗୁ ଦୂରନ୍ତ ଅଞ୍ଚଳକୁ ଯାତ୍ରା କରୁଥିବା ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ ବସ୍‌ଗୁଡ଼ିକର ବ୍ୟାପକ ପ୍ରଚଳନ ହେତୁ ସାଧାରଣ ଜନତା ବିମାନସେବା ଅପେକ୍ଷା ସଡ଼କ ଓ ରେଳ ସେବାକୁ ଅଧିକ ପସନ୍ଦ କରୁଛନ୍ତି। ଏଭଳି ସ୍ଥିତିରେ ପୁରୀରେ ଏକ ଅନ୍ତର୍ଜାତୀୟ ଗ୍ରୀନ୍ ଫିଲ୍ଡ ବିମାନବନ୍ଦର ପାଇଁ ସରକାରଙ୍କ ପ୍ରସ୍ତାବ ଚିନ୍ତାଜନକ ବିଷୟ। ପୁରୀରେ ବିମାନବନ୍ଦର ହେଲେ ଲକ୍ଷ ଲକ୍ଷ ବୃକ୍ଷ ଛେଦନ ସହ ଅନେକ ଶହ ବାଲୁବନ୍ତଗୁଡ଼ିକୁ ଭାଙ୍ଗିଦିଆଯିବ। ପରିଣତି ସ୍ୱରୂପ ଉକ୍ତ ଅଞ୍ଚଳରେ ବାତ୍ୟା ଓ ସାମୁଦ୍ରିକ ଜୁଆର ପ୍ରକୋପ ବୃଦ୍ଧିପାଇବ। ସମୁଦ୍ର ଗର୍ଭରୁ ଅଣ୍ଡା ଦେବା ପାଇଁ ଆସୁଥିବା ଅଲିଭ ରିଡ୍‌ଲେ କଇଁଛଙ୍କ ଆଗମନ ବାଧାପ୍ରାପ୍ତ ହେବା ସହ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ପ୍ରତି କେବଳ ସମସ୍ୟା ହେବ ନାହିଁ, ଉଡ଼ାଣଜନିତ ବାର୍ଡହିଟ୍‌ର ଆଶଙ୍କା ଦେଖାଯାଇପାରେ। ଅନ୍ୟପଟେ ପୁରାତନ କୀର୍ତ୍ତିରାଜି ଶ୍ରୀମନ୍ଦିର ପ୍ରତି ମଧ୍ୟ ବିପଦ ଦେଖାଯିବ। ସାଧାରଣତଃ ଅନ୍ତର୍ଜାତୀୟସ୍ତରୀୟ ଉଡ଼ାଣ ହେଉଥିବା ବିମାନଗୁଡିକ ପ୍ରାୟତଃ ୪ ଇଞ୍ଜିନ ବିଶିଷ୍ଟ, ଏହାର ଉଡ଼ାଣ ବେଳେ ଉତ୍ପନ୍ନ ହେଉଥିବା ଶବ୍ଦ ତରଙ୍ଗଜନିତ କମ୍ପନ ଶ୍ରୀମନ୍ଦିର ପ୍ରତି କ୍ଷତି ପହଞ୍ଚାଇବ ନାହିଁ ତ ? ଯେଉଁଥିପାଇଁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ସଂସ୍ଥାର ମହାନିର୍ଦ୍ଦେଶକ (ଡିଏଜି) ଶ୍ରୀମନ୍ଦିର ନିକଟବର୍ତ୍ତୀ ଅଞ୍ଚଳର ଭୂମିଠାରୁ ୫୦ ହଜାର ଫୁଟ ଉଚ୍ଚ ଆକାଶ ଅଞ୍ଚଳକୁ ରେଡ୍ ଜୋନ୍ ବା ନୋ ଫ୍ଲାଇ ଜୋନ୍ ଘୋଷଣା କରିଛନ୍ତି ଯାହାର ଅବଧି ୨୦୨୮ ସେପ୍ଟେମ୍ବର ୨୩ ବଳବତ୍ତର ରହିଛି। ଅପରପକ୍ଷେ ଭାରତୀୟ ବିମାନବନ୍ଦର ଆଇନ ୧୯୯୪ ଅନୁଯାୟୀ ଗୋଟିଏ ବିମାନବନ୍ଦର ଅବସ୍ଥିତିଠାରୁ ୧୫୦ କି.ମି ଦୂରତା ମଧ୍ୟରେ ଭିନ୍ନ ଏକ ବିମାନବନ୍ଦର ସ୍ଥାପନ କରାଯାଇପାରିବ ନାହିଁ, ପୁନଶ୍ଚ ଆଇନ ୧୯୩୪ ଅନୁଯାୟୀ ଦେଶର ସମସ୍ତ ସରକାରୀ ଓ ଘରୋଇ ବିମାନ ଏବଂ ବିମାନବନ୍ଦରଗୁଡ଼ିକର ଉନ୍ନତୀକରଣ ଓ ପରିଚାଳନା ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ ମହାନିର୍ଦ୍ଦେଶକଙ୍କ ସୂଚନାରୁ ଏହା ସ୍ପଷ୍ଟ। ଏଭଳି ଏକ ସ୍ପର୍ଶକାତର ତଥା ସମ୍ବେଦନଶୀଳ ପ୍ରସଙ୍ଗକୁ ଯଦି ସରକାର ଗୁରୁତର ସହ ବିଚାର କରିବା ଦରକାର।

ଏଭଳି ସ୍ଥିତିରେ ଯଦି ବିଚାର କରାଯାଏ ତେବେ ଧନଜୀବନ ସୁରକ୍ଷା, ବ୍ୟବସାୟିକ, ସାଂସ୍କୃତିକ ଓ ପରିବେଶ କୌଣସି ଗୋଟିଏ ଦିଗରୁ ପୁରୀରେ ବିମାନବନ୍ଦର ପରିକଳ୍ପନା ଅନୁକୂଳ ନୁହେଁ। ଯଦି ସରକାର ବିକାଶ ଚାହୁଁଛନ୍ତି ତେବେ ଉକ୍ତ ସୁଦୀର୍ଘ ବେଳାଭୂମି ଅଞ୍ଚଳରେ ବ୍ୟାପକ ବନୀକରଣ ସହ ପାରମ୍ପରିକ କୃଷି ବା ଜୈବିକ କୃଷି ପ୍ରଣାଳୀ (ପ୍ରୋମାକଲ୍‌ଚର)ର ଏକ ପ୍ରୟୋଗଶାଳା ଖୋଲନ୍ତୁ । ଏହା ଅନେକ ହଜାର ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି ସହ ଉପକୂଳ ଅଞ୍ଚଳର ଜୈବ ବିବିଧତାକୁ ସୁରକ୍ଷା ଦେବ।

କହିବା ବାହୁଲ୍ୟ , ଯେବେଠାରୁ ପୁରୀରେ ଗ୍ରୀନ୍ ଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ହେବା ପାଇଁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି ସେହିଦିନଠାରୁ ବିଭିନ୍ନ ଜନଶୁଣାଣିରେ ସ୍ଥାନୀୟ ଅଧିବାସୀ ଓ ପରିବେଶବିତ୍‌ମାନେ ଏହାକୁ ବିରୋଧକରି ସରକାରଙ୍କୁ ଖାଲି ଜଣାଇ ନାହାନ୍ତି ବରଂ ଏହା ବିରୋଧରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ମାମଲା ଦାୟର କରିଛନ୍ତି। ବିଡ଼ମ୍ବନାର ବିଷୟ, ବିମାନବନ୍ଦର ସପକ୍ଷରେ ନାନା ଲୋଭନୀୟ ଗୁଜବ ପ୍ରଚାର କରାଯାଉଛି। ବେଳାଭୂମିର ପରିବେଶ ଓ ଲୋକଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସରକାର ଏଥିପ୍ରତି ସଜାଗ ରହିବା ଦରକାର।

ଜଗନ୍ନାଥ କଲୋନି, ପୁରୀ
ମୋ: ୮୨୪୯୧୬୩୪୩୯

# ଶିକ୍ଷକ ହେବା କି ସହଜ କଥା



ଶ୍ରୀବତ୍ସ ନାୟକ

କେବଳ ପାଠ ପଢ଼େଇଦେଲେ ବା ବିଦ୍ୟା ସମ୍ବନ୍ଧୀୟ ଜ୍ଞାନ ଦେଇଦେଲେ କେହି ପ୍ରକୃତ ଶିକ୍ଷକ ହୋଇଯାଏ ନାହିଁ। ଏଥି ପାଇଁ ଦରକାର ବିଶାଳ ହୃଦୟ, ଦରଦୀ ମମତାଭରା ମନ, ଅନୁସନ୍ଧିତ୍ସୁ, ପର୍ଯ୍ୟବେକ୍ଷଣ ଶକ୍ତି ସହିତ ଧୈର୍ଯ୍ୟର ଶକ୍ତି, ହୃଦୟସ୍ପର୍ଶୀ ଭାବ–ଭାଷା, ଅଭିନୟ ଢଙ୍ଗରେ ବିଷୟବସ୍ତୁକୁ ଆକର୍ଷଣୀୟ କରି ଉପସ୍ଥାପନ କରିବାର ସାମର୍ଥ୍ୟ।

ଦିନକର ଘଟଣା। ଥରେ ଜଣେ ସୁଦକ୍ଷ ଶିକ୍ଷକ ଜଣେ ସାଧୁଙ୍କୁ କହିଲେ–"ସ୍କୁଲର ସବୁପିଲା ଭଲ ପଢୁଛନ୍ତି। ପରୀକ୍ଷାରେ ପାସ୍ କରିବାର ସମ୍ଭାବନା ଅଛି କିନ୍ତୁ ଦୁଇଟି ପିଲାଙ୍କୁ ଛାଡ଼ି। ପ୍ରଥମ ପିଲାଟି କ୍ଲାସ୍‌ରେ ଯାହା ପଢ଼ା ହେଉଛି କିଛି ମନେରଖି ପାରୁନାହିଁ। ଆଉ ଦ୍ୱିତୀୟ ପିଲାଟି, ମୁଁ ପଢ଼େଇବା ଆରମ୍ଭ କଲା କ୍ଷଣି ସେ ଶୋଇପଡୁଛି, ପୂରା ପାଠପଢ଼ା ଶେଷ ହେବା ପର୍ଯ୍ୟନ୍ତ।" ଜାଣେନା ସେ ଦୁଇଜଣ ପାସ୍ କରିପାରିବେ କି ନାହିଁ ? କ'ଣ ହେବ ତାଙ୍କର ଭବିଷ୍ୟତ ?

ଏହା ଶୁଣି ସାଧୁ କହିଲେ "ପ୍ରଥମ ପିଲାକୁ ଆସନ୍ତାକାଲି ମୋ ପାଖକୁ ପଠାଇଦେବ।" ପରଦିନ ପିଲାଟି ସାଧୁଙ୍କ ପାଖକୁ ଆସିଲା। ପିଲାଟି ଆସିବା ପରେ ସାଧୁଜଣଙ୍କ ଅତି ଶ୍ରଦ୍ଧାରେ ପଚାରିଲେ, "ତତେ ସିନେମା ଦେଖିବାକୁ ଭଲଲାଗେ ? ପିଲାଟି କହିଲା– "ଆଜ୍ଞା ମତେ ଭଲ ଲାଗେ।" ତା'ପରେ ସାଧୁ ଜଣଙ୍କ ତାକୁ କିଛି ପଇସା ଦେଇ କହିଲେ –ଯା' ଟିକେଟ କିଣି ସିନେମା ଦେଖିବୁ। ଦେଖିସାରି ଆସି ସିନେମା କଥା ମୋତେ କହିବୁ"। ପିଲାଟି ଆନନ୍ଦ ମନରେ ପଇସା ନେଇ ଚାଲିଗଲା ସିନେମା ଦେଖିବାକୁ ଏବଂ ସିନେମା ଦେଖିସାରି ଫେରିଆସି ସାଧୁଙ୍କୁ ସିନେମାର ସବୁ ଦୃଶ୍ୟ, ସବୁ ଚରିତ୍ରର ସଂଳାପ ଅତି ସୁନ୍ଦର ଭାବରେ ଟିକିନିଖି ବର୍ଣ୍ଣନା କରିଗଲା। ଏହା ଶୁଣି ସାଧୁ ଖୁବ୍ ଖୁସି ଓ ପ୍ରସନ୍ନ ହେଲେ। ତା'ପରେ ସାଧୁ ଜଣଙ୍କ ଶିକ୍ଷକଙ୍କୁ ଡାକି କହିଲେ– "ଆପଣ କହୁଥିଲେ ପିଲାଟି ଯାହା ପଢ଼ାହେଉଛି କିଛି ମନେରଖୁ ନାହିଁ କିନ୍ତୁ ଦୀର୍ଘ ଅଢ଼େଇ ଘଣ୍ଟାର ସିନେମା ନିଖୁଣ ଭାବେ ବର୍ଣ୍ଣନା କରିଗଲା। ଏହା କେମିତି ସମ୍ଭବ ହେଲା ?" ଶିକ୍ଷକ କହିଲେ– "ଆଜ୍ଞା ସେଇଟା ସିନେମା ହଲ୍‌ର ଗୋଟିଏ ସିନେମା। ମୁଁ କ୍ଲାସ୍‌ରେ ତା'ର ପାଠପଢ଼ା କଥା କହୁଛି।"

ସାଧୁ କହିଲେ – ଆପଣଙ୍କର ପାଠପଢ଼ା କାହିଁକି ସିନେମା ପରି ହୋଇପାରୁ ନାହିଁ? ଶିକ୍ଷକ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ କହିଲେ – "ସିନେମା ପରି ପଢ଼େଇବି? ଏହା କିପରି ସମ୍ଭବ?" ସାଧୁ କହିଲେ, ଆପଣ ଯେତେବେଳେ ଯେଉଁ ବିଷୟରେ ପଢ଼ାଇବେ ସେତେବେଳେ ଆପଣଙ୍କ ଭାଷା, କହିବା ଶୈଳୀ, ଆପଣଙ୍କ ଚାହାଣି, ଅଙ୍ଗଭଙ୍ଗୀ ଏପରି ହେବା ଦରକାର ଯେମିତି ସିନେମାରେ ଅଭିନୟରେ ଫୁଟିଉଠେ। ଯେଉଁଥିରେ ପିଲାମାନେ ଆନନ୍ଦିତ ହେବେ, ଆଗ୍ରହୀ ହେବେ, ଉତ୍ସାହିତ ହେବେ, କୌତୂହଳୀ ହେବେ ଆପଣଙ୍କ କଥା ଶୁଣିବା ପାଇଁ। ଫଳରେ ସେମାନେ ଆପଣଙ୍କୁ ଭଲପାଇବେ, ଆପଣଙ୍କ ପାଠପଢ଼ାକୁ ଭଲପାଇବେ, ଉପଭୋଗ କରିବେ। ଆଉ, ଯେଉଁଠି ପିଲାଙ୍କ ଆଗ୍ରହ, ଆନନ୍ଦ, ଭଲପାଇବା, ପିଲା ତାକୁ ସହଜରେ ଗ୍ରହଣ କରିବେ, ଭୁଲିପାରିବେ ନାହିଁ।



ତା'ପରେ ସାଧୁଜଣଙ୍କ ଦ୍ୱିତୀୟ ପିଲାଟିକୁ ତାଙ୍କ ପାଖକୁ ପଠାଇବା ପାଇଁ କହିଲେ। ପରଦିନ ପିଲାଟି ତାଙ୍କ ପାଖକୁ ଆସିବାରୁ ସାଧୁ ତାକୁ କିଛି ସମୟ ଚାହିଁ କହିଲେ– ସ୍କୁଲକୁ ଆସିବା ଆଗରୁ କ'ଣ ଖାଇକି ଆସିଛୁ ? ପିଲାଟି କିଛି ସମୟ ଚୁପ୍ ରହି କହିଲା, "କିଛି ଖାଇକି ଆସିନି ଆଜ୍ଞା। ମୋ ପରିବାର ଅତି ଗରିବ। ଆମେ ଦୁଃଖରେ କାଳାତିପାତ କରୁ। ମୋ ମା' ସାରା ଦିନ ଅତି କଷ୍ଟକରି ଗୋଟିଏ ବେଳାର ଖାଦ୍ୟ ଯୋଗାଡ଼ କରିବାକୁ ସକ୍ଷମ ହୁଏ। ମୁଁ ସ୍କୁଲରୁ ଫେରିଲେ ସନ୍ଧ୍ୟାରେ ସେତିକି ମାତ୍ର ଖାଏ। ସାରା ଦିନ ଆଉ କିଛି ଖାଇବାକୁ ପାଏ ନାହିଁ। ବହୁତ କଷ୍ଟ ହୁଏ, ଦୁର୍ବଳ ଲାଗେ।

ଏହା ଶୁଣି ସାଧୁଙ୍କର କୋମଳ ମନ ଦୁଃଖରେ ଭାଙ୍ଗିପଡ଼ିଲା। ଦରଦୀ ନୟନରେ ଚାହିଁ ରହିଲେ ପିଲାଟି ଆଡ଼କୁ। ତା'ପରେ ସାଧୁ ଶିକ୍ଷକଙ୍କୁ ଡାକି କହିଲେ– "ଆପଣଙ୍କ ଶ୍ରେଣୀର ଗୋଟିଏ ପିଲା ଅଛି ଯିଏ ପ୍ରତିଦିନ କିଛି ବି ଖାଇକି ଆସେନି। ଆପଣ ଶ୍ରେଣୀରେ ପଢ଼ାଉଛନ୍ତି ଅଥଚ ତା'ର ବ୍ୟକ୍ତିଗତ କଥା କିଛି ବି ଜାଣନ୍ତି ନାହିଁ" ? ଶିକ୍ଷକ ଦେଖିଲା ବେଳକୁ ନ ଖାଇକି ଆସିଥିବା ପିଲାଟି ହେଉଛି ତାଙ୍କରି ଶ୍ରେଣୀରେ ପାଠ ପଢ଼ାଉଥିବାବେଳେ ଶୋଇ ଯାଉଥିବା ପିଲା।

ଶିକ୍ଷକଙ୍କ ମୁହଁରେ ପ୍ରଶ୍ନବାଚୀ ଫୁଟିଉଠିଲା। ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ–"ମହାଶୟ! ପାଠ ପଢ଼େଇବା ସହିତ ମୋତେ କ'ଣ ସବୁ ପିଲାଙ୍କ ବ୍ୟକ୍ତିଗତ କଥା ଜାଣିବାକୁ ହେବ"? ସାଧୁ କହିଲେ–"ହଁ ଆଜ୍ଞା, ଏହା ଆପଣଙ୍କୁ ନିଶ୍ଚୟ କରିବାକୁ ପଡ଼ିବ। ଜଣେ ଶିକ୍ଷକ ହିସାବରେ ପିଲାମାନଙ୍କୁ ପାଠ ପଢ଼େଇବା ସହିତ ତା'ର ବ୍ୟକ୍ତିଗତ କଥା, ଆବଶ୍ୟକତା, ସମସ୍ୟା, ସଂଘର୍ଷର ବିଷୟରେ ଅବଗତ ହେବାକୁ ହେବ। ଠିକ୍ ଗୋଟିଏ ମା' ପରି। ପିଲାର ମୁହଁକୁ ଦେଖି ଦେଇ ସବୁକିଛି ବୁଝି, ସେହି ଅନୁସାରେ ଦାୟିତ୍ୱ ନେବାକୁ ହେବ। ତେବେ ତ ଆପଣ ପ୍ରକୃତ ଶିକ୍ଷକ ପଦବାଚ୍ୟ ହେବେ !

ହଁ ଆଜ୍ଞା। ଶିକ୍ଷକ ହେବା ଏତେ ସହଜ କଥା ନୁହେଁ। ଶିକ୍ଷକ ହେବା ବଡ଼ କଠିନ କାମ। ଶିକ୍ଷକଙ୍କୁ ଛାତ୍ରୀଛାତ୍ରଙ୍କର ମା' ଓ ବାପାର ଭୂମିକାରେ ଅବତୀର୍ଣ୍ଣ ହେବାକୁ ପଡ଼ିବ। କେତେବେଳେ ଛାଟ ଧରି ବାପା ହୋଇ ତାଗିଦ କରିବେ ତ କେତେବେଳେ ମା' ହୋଇ ସ୍ନେହ ଶ୍ରଦ୍ଧାର ପଣତ କାନିରେ କୋଳେଇ ନେବେ। ଶ୍ରେଣୀରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ କାହାରି ବି ଯଦି ପେଟ ଖରାପ ହୋଇଥାଏ ବା ରାତିରେ ନିଦ ନ ହୋଇଥାଏ ଏବଂ ଶିକ୍ଷକ ଯଦି ଗୋଟିଏ ଝଲକ ଚାହିଁ, ଟେର୍ ନ ପାଆନ୍ତି, ତା'ହେଲେ ସେ ପୁଣି କେମିତି ଶିକ୍ଷକ ? ତା' ପାଇଁ ଦରଦୀ ମନ ଦରକାର, ଦରଦୀ ଦୃଷ୍ଟି ଦରକାର। ଛୁଆର ଅସୁଖ, ଅଶାନ୍ତି ଯେମିତି ମା'ର ଆଖିରେ ଏଡ଼ାଏନା, ଶିକ୍ଷକଙ୍କର ବି ସେମିତି ଆଖି ଦରକାର। ଶିକ୍ଷକ ଚାହିଁଲେ ପଙ୍ଗୁ ଗିରି ଲଂଘିପାରେ। ମୂକ ବି ଗୀତ ଗାଇପାରେ। ସମଗ୍ର ଶିକ୍ଷକ ସମାଜ ଏହାକୁ ହୃଦୟଙ୍ଗମ କରିବା ଦରକାର।

ଅଧ୍ୟାପକ, ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ
ମୋ:୯୪୩୮୦୭୦୮୪୯

## ଏଇ ଭାରତରେ

ଭାରତୀୟ ବନ ସେବା ଅଧିକାରୀ (ଆଇଏଫ୍‌ଏସ୍) ବିନିତ କୁମାର ଓ ତାଙ୍କ ସ୍ତ୍ରୀ ତଥା ବନ୍ୟପ୍ରାଣୀ ସଂରକ୍ଷକ ରୂପା ଯାଦବ ଆନ୍ଧ୍ରପ୍ରଦେଶ ଅନନ୍ତପୁର ଜିଲାର ମରୁଡ଼ିପ୍ରବଣ ଅଞ୍ଚଳରେ ଅଭିନବ ଉପାୟରେ ଜଳାଶୟ ନିର୍ମାଣ କରୁଛନ୍ତି। ଏହା 'ଅନନ୍ତ ନେରୁ ସଂରକ୍ଷଣ ପ୍ରୋଜେକ୍ଟ' ମାଧ୍ୟମରେ କରାଯାଉଛି। ଏହି ଦମ୍ପତି ବନ ବିଭାଗ ଓ ୪୦୦ରୁ ଊର୍ଦ୍ଧ୍ୱ ଗ୍ରମବାସୀଙ୍କ ସହଯୋଗରେ ଏବେ ସୁଦ୍ଧା ୧୧ଟି ଜଳାଶୟ କରିସାରିଲେଣି। ସେମାନେ ପୋତି ହୋଇପଡ଼ିଥିବା ଜଳାଶୟର ପୁନରୁଦ୍ଧାର କରିବା ସହ ନୂଆ ପୋଖରୀ ଖୋଳୁଛନ୍ତି। ଏହା ଯୋଗୁ ଅନନ୍ତପୁର ଜିଲାର କଲ୍ୟାଣଦୁର୍ଗମ ଓ ରାୟଦୁର୍ଗମ ଅଞ୍ଚଳର ଗାଁଗୁଡ଼ିକରେ ଲାଗି ରହୁଥିବା ଜଳାଭାବ ଅନେକାଂଶରେ ଦୂର ହୋଇପାରିଛି। ତେବେ ଜଳାଶୟ ଯୋଗୁ ଚାଷ କରିବା ସହଜ ହୋଇପାରିଛି। ଜଳର ଅଭାବ ନ ରହିବାରୁ ଫସଲ ଭଲ ହେଉଛି ଓ ପାଣି ସୁବିଧା ଯୋଗୁ ଆହୁରି ଅନେକ ଲୋକ ଚାଷ କରିବାକୁ ଉତ୍ସାହିତ ହୋଇଛନ୍ତି। ଏହା ବ୍ୟତୀତ ଜଳାଶୟ ଚାରିପାଖରେ ପାଖାପାଖି ୭,୦୦୦ ଗଛ ଲଗାଯାଇଛି। କହିବାକୁ ଗଲେ ଜଳାଶୟ ଏବେ ଜୀବନରେଖା ପାଲଟିଯାଇଛି। ବଡ଼ କଥା ହେଉଛି ଜଳାଶୟ ଥିବା ଅଞ୍ଚଳରେ ଭୂତଳ ଜଳସ୍ତର ବୃଦ୍ଧି ପାଇବା ଯୋଗୁ କମ୍ ଖର୍ଚ୍ଚରେ ବୋର୍‌ୱେଲ ହୋଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ଡିସେମ୍ବର ୧୯୭୬

- ପରିବାର ନିୟନ୍ତ୍ରଣ ସମ୍ପର୍କୀୟ ତ୍ରିପକ୍ଷୀ ଜାତୀୟ କମିଟିକୁ ପୁନର୍ଗଠନ କରାଯାଇଛି।
- ବିଶ୍ୱବିଦ୍ୟାଳୟ ମଞ୍ଜୁର କମିଶନ ଆକ୍ଟର ତୃତୀୟ ଧାରା ଅନୁସାରେ ଗାନ୍ଧୀଗ୍ରାମ ପ୍ରତିଷ୍ଠାନକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ।
- ମହାରାଷ୍ଟ୍ରର ରାଜ୍ୟପାଳ ଅଲ୍ଲୀ ଜାଭର ଜଙ୍ଗଙ୍କ ୭୨ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ପୁରୁଣା ସାଳନ୍ଦୀ ପୋଲ ମରାମତି କରାଯାଉ

ମହାଶୟ,

ଶିମିଳିପାଳ ମେଘାସନୀ ନନ୍ଦିନୀ 'ସାଳନ୍ଦୀ' ଭଦ୍ରକ ସହରର ବୁକୁଚିରି ବୋହିଯାଇ ସହରକୁ ଦୁଇ ଭାଗ କରିଅଛି। ବ୍ରିଟିଶ ଶାସନକାଳରେ ଏହି ନଦୀ ଉପରେ ଗୋଟିଏ ଲୁହାପୋଲ ତିଆରି ହୋଇଥିଲା। ପରବର୍ତ୍ତୀ ସମୟରେ ସରକାର ଏହାକୁ 'ଅସୁରକ୍ଷିତ' ଘୋଷଣା କରି ଏହା ଉପରେ ଭାରିଯାନ ଚଳାଚଳକୁ ବନ୍ଦ କରି ଦେଇଥିଲେ। କେବଳ ହାଲୁକା ଯାନ ଯା'ଆସ କରୁଥିଲା। ଗତ ୬।୧୨।୨୦୦୬ରେ ଏହା ଉପରେ ନିର୍ମିତ ଏକ ନୂତନ ପୋଲକୁ ଉଦ୍‌ଘାଟନ କରାଗଲା। ଏହି ନୂଆପୋଲ ଦେଇ ବଡ଼ ବଡ଼ ଭାରିଯାନ ସମେତ ବିଭିନ୍ନ ପ୍ରକାର ଯାନବାହନ ଯାଆସ କରୁଛି। ତଥାପି ପୁରୁଣା ପୋଲ ପ୍ରତି ଲୋକଙ୍କ ମାୟା ତୁଟି ନାହିଁ । ସାଇକେଲ୍ ଯାତ୍ରୀ, ପାଦଚଲା ଯାତ୍ରୀ ଏହି ରାସ୍ତା ଦେଇ ଯାଆସ କରୁଛନ୍ତି। ଯଦି ଏହାକୁ ଯଥା ସମୟରେ ରକ୍ଷଣାବେକ୍ଷଣ କରାଯାଇ ଆସୁଥାନ୍ତା, ପୋଲଟି ଅଦ୍ୟାବଧି କାର୍ଯ୍ୟକ୍ଷମ ଥାଆନ୍ତା। ୨୦୦୬ ରେ ଉଦ୍‌ଘାଟିତ ନୂଆ ପୋଲଟିର ଅବସ୍ଥା ସମସ୍ତେ ଜାଣନ୍ତି। ବହୁ ସମୟରେ ଏହା ଉପରେ ତାଳିପକା କାମ ହୋଇଥାଏ। ନିକଟରେ କିଛିମାସ ତଳେ ଆମ ବିଧାୟକ ଏହି ସାଳନ୍ଦୀ ନଦୀର ପୁରୁଣା ଲୁହା ପୋଲଟିକୁ ଯଥାଶୀଘ୍ର ମରାମତି କରି ଭଦ୍ରକର ଐତିହ୍ୟ ଭାବେ ଘୋଷଣା କରାଯିବ ବୋଲି କହିଥିଲେ। ଯଥାଶୀଘ୍ର ଏହି ପୋଲଟିକୁ ଐତିହ୍ୟ ଭାବେ ଘୋଷଣା କରାଯିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

–କାଳିନ୍ଦୀ ଚରଣ ଦାସ, ବରିଷ୍ଠ ନାଗରିକ, ଚରମ୍ପା, ଭଦ୍ରକ

## ଚିରନ୍ତନୀ

ଏ ଗାଥା ବୟାନ ନ କରିବି ତୁମ ପାଶେ
ବିଷାଦର ବାଣୀ ଲୁଚାଇ ଦେବି ମୋ ହାସେ
ତୁମେ ଆସ ଯାଅ ଫେରି ଚାହଁ ଯେବେ ଖୁସି
ଆଲୋକି ନିମେଷେ ଅନ୍ଧ ତମସା ବାସେ ।
–(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



‘ଧରିତ୍ରୀ’ଏବଂ ‘ଓଡ଼ିଶା ପୋଷ୍ଟ’ର ସମ୍ପାଦକ ତଥାଗତ ସତପଥୀଙ୍କ ଉପସ୍ଥିତିରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଶୁକ୍ରବାର ଧରିତ୍ରୀ ମୁଖ୍ୟାଳୟଠାରେ ଧରିତ୍ରୀ କ୍ଲାଇମେଟ୍ ଫିଲ୍ମ ଫେଷ୍ଟ-୨୦୨୫ର କ୍ଷୁଦ୍ର ଚଳଚ୍ଚିତ୍ର ‘ସୁରଭି’ର ନିର୍ମାତା ଇତିଶ୍ରୀ ପଣ୍ଡାଙ୍କୁ ପ୍ରଥମ ଶ୍ରେଷ୍ଠ ବିଜେତା ଭାବେ ୨୫ହଜାର ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।



‘ଧରିତ୍ରୀ’ଏବଂ ‘ଓଡ଼ିଶାପୋଷ୍ଟ’ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଶୁକ୍ରବାର ଧରିତ୍ରୀ ମୁଖ୍ୟାଳୟଠାରେ ଧରିତ୍ରୀ କ୍ଲାଇମେଟ୍ ଫିଲ୍ମ ଫେଷ୍ଟ-୨୦୨୫ର କ୍ଷୁଦ୍ର ଚଳଚ୍ଚିତ୍ର ‘O2 କୋଲାପ୍ସ’ର ନିର୍ମାତା ଅତସୀ ଅତିପ୍ରିୟା ରାଉତଙ୍କୁ ୨ୟ ଶ୍ରେଷ୍ଠ ବିଜେତା ଭାବେ ୧୫ହଜାର ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।

# ସମୟ ଗଲାଣି, କାମ ସରୁନି

- ୨୦୭ ବୃହତ୍ ଗ୍ରାମୀଣ ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ୨୫ ସମ୍ପୂର୍ଣ୍ଣ ହୋଇଛି
- କଳାତାଲିକାଭୁକ୍ତ ସହ ମାମଲା ରୁଜୁ କରିବେ କହିଲେ ମନ୍ତ୍ରୀ

ଭୁବନେଶ୍ୱର,୧୨।୧୨(ସୁନିତ୍ ମିଶ୍ର)

ରାଜ୍ୟର ୩ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୩୫ଟି ପାନୀୟ ଜଳ ଡିଭିଜନରେ ମୋଟ୍ ୨୦୭ଟି ବୃହତ୍ ଗ୍ରାମୀଣ ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ କେତେ ବାଟ ଗଲା ତାକୁ ନେଇ ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାଏକ ଶୁକ୍ରବାର ସମୀକ୍ଷା କରିଛନ୍ତି। ସୂଚନା ମୁତାବକ, ଏହି ୩ ରାଜସ୍ୱ ଡିଭିଜନ ଭିତରେ ଚାଲିଥିବା ସମସ୍ତ ପ୍ରକଳ୍ପ ମଧ୍ୟରୁ ମୋଟ୍ ୨୫ଟି ପ୍ରକଳ୍ପର କାର୍ଯ୍ୟ ସରିଥିବା ବେଳେ ସେଗୁଡିକ କାର୍ଯ୍ୟକ୍ଷମ ମଧ୍ୟ ହୋଇସାରିଛି। ହେଲେ ରାଜ୍ୟରେ ଏଯାବତ୍ ୧୮୨ଟି ବୃହତ୍ ଗ୍ରାମୀଣ ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାମ ନ ସରିବା ନେଇ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଏକ ନିର୍ଦ୍ଦିଷ୍ଟ ସମୟ ସୁଦ୍ଧା ସରକାର ‘ହର୍ ଘର୍ ଜଲ୍’ ଲକ୍ଷ୍ୟ ନେଇ ଦେଇଥିବା ପ୍ରତିଶ୍ରୁତି ପୂରଣ ଦିଗରେ ଏହା ବାଧା ସୃଷ୍ଟି କରୁଥିବା ଅନୁଭବକରି ପ୍ରକଳ୍ପଗୁଡିକର କାର୍ଯ୍ୟ କରୁଥିବା ସଂସ୍ଥାକୁ କଳା ତାଲିକାଭୁକ୍ତକରି ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ମନ୍ତ୍ରୀ ନାଏକ ଚେତାବନୀ ଦେଇଛନ୍ତି। ନିୟମାନୁଯାୟୀ, ଗୋଟିଏ ବୃହତ୍ ପ୍ରକଳ୍ପ କାର୍ଯ୍ୟ ସାରିବା ଲାଗି ରାଜ୍ୟ ସରକାର ୨ ବର୍ଷର ସମୟ ନିର୍ଦ୍ଧାରଣ କରିଥିବା ବେଳେ ଛୋଟ ପ୍ରକଳ୍ପ ଲାଗି ୧ ବର୍ଷ ସମୟ ରହିଥାଏ। ହେଲେ କାମ ସରୁ ନ ଥିବା ପ୍ରକଳ୍ପଗୁଡିକ ପ୍ରାୟ ୫ରୁ ୬ ବର୍ଷ ହେଲା ଆରମ୍ଭ ହୋଇଥିବାବେଳେ ସେଗୁଡିକର କାର୍ଯ୍ୟ ଏଯାଏ ଆଗେଇପାରୁନାହିଁ।

ବୈଠକରେ ଉପସ୍ଥିତ ଥିବା ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି, ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଦୀର୍ଘବର୍ଷ ଧରି ଚାଲୁଛି। ଅନେକ ପ୍ରକଳ୍ପ ୨୦୧୯ରୁ ଚାଲିଥିଲେ ସୁଦ୍ଧା ଏଯାଏ ପ୍ରକଳ୍ପ କାମ ପାଇଥିବା ସଂସ୍ଥାଗୁଡିକ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅନେକ ଦିନ ବିତିଯିବା ସତ୍ତ୍ୱେ କାର୍ଯ୍ୟ ସମ୍ପୂର୍ଣ୍ଣ କରୁନାହାନ୍ତି। ପ୍ରକଳ୍ପଗୁଡିକ ଲାଗି ଯେତିକି ଟଙ୍କା ନେବା କଥା ତା’ର ପ୍ରାୟ ୭୦ ପ୍ରତିଶତ ଅର୍ଥ ସେମାନେ ପାଇସାରିବା ପରେ ଏବେ ଏକପ୍ରକାର ଠକୁଛନ୍ତି। ତେଣୁ ସରକାର କଳାତାଲିକାଭୁକ୍ତ ଏବଂ ମାମଲା ରୁଜୁ କରିବା ଛଡା ଅନ୍ୟ କୌଣସି ଉପାୟରେ ସେମାନଙ୍କୁ ଡରାଇବାର ବାଟ ଏକପ୍ରକାର ବନ୍ଦ ହୋଇଯାଇଛି। ଯଦି କାମ ଅନୁଯାୟୀ ଟଙ୍କା ପ୍ରଦାନ କରାଯାଇଥାଆନ୍ତା କିମ୍ବା ସରକାରଙ୍କଠାରୁ ସେମାନେ ପାଇବାକୁ ଅର୍ଥ ରହିଥାଆନ୍ତା ତେବେ ଏଭଳି ସମସ୍ୟା ସୃଷ୍ଟି ହୋଇ ନ ଥାଆନ୍ତା ବୋଲି ସେ କହିଛନ୍ତି।

ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ଏମ୍‌ଜିଏନ୍‌ଆର୍‌ଇଜିଏ ସମ୍ମିଳନୀ କକ୍ଷରେ ବୃହତ୍ ଗ୍ରାମୀଣ ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ରାଜ୍ୟସ୍ତରୀୟ ତ୍ରିଦିବସୀୟ ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଗତ ୧୦ ତାରିଖରୁ ଆରମ୍ଭ ହୋଇ ଶୁକ୍ରବାର ପର୍ଯ୍ୟନ୍ତ ୩ ରାଜସ୍ୱ ଡିଭିଜନ ଅନ୍ତର୍ଗତ ସମସ୍ତ ୩୫ଟି ପାନୀୟ ଜଳ ଡିଭିଜନର ବୃହତ୍ ଗ୍ରାମୀଣ ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା ବୈଠକରେ ଅଧ୍ୟକ୍ଷତାକରି ମନ୍ତ୍ରୀ ନାଏକ କଠୋର ଆଭିମୁଖ୍ୟ ଗ୍ରହଣକରି ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ ନ ହେଲେ କାର୍ଯ୍ୟକାରୀ କରୁଥିବା ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ସହ ତାଙ୍କ ବିରୋଧରେ ଏଫ୍‌ଆଇଆର୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକର ୧ମ ଦିନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୨ଟି ପାନୀୟ ଜଳ ଡିଭିଜନ ଯଥା: ଆଠଗଡ଼, ବାଲେଶ୍ୱର, ବାରିପଦା, ଭଦ୍ରକ, ଭୁବନେଶ୍ୱର, କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ନୟାଗଡ଼, ପୁରୀ ଓ ରାଇରଙ୍ଗପୁରର ୬୮ଟି ବୃହତ୍ ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ବିସ୍ତୃତ ସମୀକ୍ଷା ହୋଇଥିଲା। ଏଥିମଧ୍ୟରୁ ୮ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସେଗୁଡିକ କାର୍ଯ୍ୟକ୍ଷମ ହୋଇଛି। ଅବଶିଷ୍ଟ ୬୦ ନିର୍ମାଣାଧୀନ ପ୍ରକଳ୍ପର ସବିଶେଷ ସମୀକ୍ଷା ହୋଇଛି। ୨ୟ ଦିନରେ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୪ଟି ପାନୀୟ ଜଳ ଡିଭିଜନ ଯଥା: ଆନନ୍ଦପୁର, ଅନୁଗୋଳ, ବଲାଙ୍ଗୀର, ବରଗଡ଼, ବୌଦ୍ଧ, ଢେଙ୍କାନାଳ, ଦେବଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ନୂଆପଡ଼ା, ରାଉରକେଲା, ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼ର ୭୭ଟି ପ୍ରକଳ୍ପର ବିସ୍ତୃତ ସମୀକ୍ଷା ହୋଇଥିଲା। ଏଥିମଧ୍ୟରୁ ୧୪ଟି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସେଗୁଡିକ କାର୍ଯ୍ୟକ୍ଷମ ହୋଇଥିବାବେଳେ ଅବଶିଷ୍ଟ ୬୩ ନିର୍ମାଣାଧୀନ ପ୍ରକଳ୍ପର ସମୀକ୍ଷା କରାଯାଇଛି। ଶୁକ୍ରବାର ଦକ୍ଷିଣାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୯ଟି ପାନୀୟ ଜଳ ଡିଭିଜନ ଯଥା: ଗଜପତି, ବ୍ରହ୍ମପୁର, ଭଞ୍ଜନଗର, କଳାହାଣ୍ଡି, ଫୁଲବାଣୀ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ାର ୬୨ ପ୍ରକଳ୍ପର ସବିସ୍ତୃତ ସମୀକ୍ଷା ହୋଇଛି। ଏହା ମଧ୍ୟରୁ ୩ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସେଗୁଡିକ କାର୍ଯ୍ୟକ୍ଷମ ହୋଇଥିବାବେଳେ ଅବଶିଷ୍ଟ ୫୯ ନିର୍ମାଣାଧୀନ ପ୍ରକଳ୍ପର ସବିଶେଷ ସମୀକ୍ଷା ହୋଇଛି।

ଏହି ୨୦୭ ପ୍ରକଳ୍ପର ନିର୍ମାଣକାରୀ ସଂସ୍ଥା ଓ ଏଥି ସଂକ୍ରାନ୍ତୀୟ ବିଭାଗୀୟ ଅଧିକାରୀଙ୍କଠାରୁ ମନ୍ତ୍ରୀ ନାଏକ ପ୍ରତିଟି ପ୍ରକଳ୍ପର ବୈଷୟିକ, ଆର୍ଥିକ ଓ ଅନ୍ୟ ଆନୁଷଙ୍ଗିକ ଦିଗର ତଥ୍ୟ ବିଷୟରେ ଅବଗତ ହୋଇଛନ୍ତି। ମନ୍ତ୍ରୀ ଏହି ଅବସରରେ କହିଛନ୍ତି, ନିର୍ମାଣାଧୀନ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରି ‘ହର୍ ଘର୍ ଜଲ୍’ ପ୍ରମାଣପତ୍ର ଦାଖଲକର। ରାଜ୍ୟର ଗ୍ରାମାଞ୍ଚଳର ପ୍ରତି ପରିବାରକୁ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବଦ୍ଧପରିକର ଅଛନ୍ତି ବୋଲି ସେ କହିଛନ୍ତି। ଏହି ସମୀକ୍ଷା ବୈଠକରେ ବିଭାଗୀୟ ସଚିବ ଏସ୍. ଏନ୍ .ଗିରୀଶ ଡିଭିଜନୱାରି ତଥ୍ୟ ରଖିଛନ୍ତି। ପାନୀୟଜଳ ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ ପ୍ରତି ପ୍ରକଳ୍ପ ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସର୍ବୋଚ୍ଚ ଯନ୍ତ୍ରୀ ରତ୍ନାକର ଶିଆଳ, ପାନୀୟ ଜଳ ଡିଭିଜନର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଇଆଇସି (ଇଞ୍ଜିନିୟର ଇନ୍ ଚିଫ୍) ରତ୍ନାକର ଶିଆଳ କହିଛନ୍ତି, ଆସନ୍ତା ଫେବୃଆରୀ ସୁଦ୍ଧା ଆଉ ୨୫ଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଯିବ। ଅନେକ ବିଭାଗର କ୍ଲିୟରାନ୍ସ ଲାଗି ଏକାଧିକ ପ୍ରକଳ୍ପକାମ ଅଟକିରହିଛି। କେନ୍ଦ୍ର ସରକାରଙ୍କ ଠାରୁ ମଧ୍ୟ ଅନେକ କ୍ଷେତ୍ରରେ ମଞ୍ଜୁରୀର ଆବଶ୍ୟକତା ରହିଥାଏ, ସେଥିରେ ମଧ୍ୟ ସାମାନ୍ୟ ବିଳମ୍ବ ହେଉଥିବା ସେ କହିଛନ୍ତି।

# ଆଶ୍ରମ ସ୍କୁଲ୍‌ର ନିଖୋଜ ୩ ଛାତ୍ର ଯାଜପୁରରୁ ଠାବ

ଢେଙ୍କାନାଳ/ରାସୋଳ,୧୨।୧୨ (ରତନ ନାୟାର/ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ଗଣ୍ଡାନାଳୀ ପଞ୍ଚାୟତ ଚିଲତଇଲା ଆବାସିକ ଆଶ୍ରମ ସ୍କୁଲ୍ ଛାତ୍ରାବାସରୁ ଗତ ୧୦ତାରିଖ ଦିନ ୩ଜଣ ଛାତ୍ର ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ତେବେ ସେମାନଙ୍କୁ ଶୁକ୍ରବାର ରାତି ୧୦ଟାରେ ଯାଜପୁରରୁ ଠାବ କରାଯାଇଥିବା ଜଣାପଡ଼ିଛି।

ଘଟଣାରୁ ଜଣାପଡ଼ିଛି ଯେ, ଢେଙ୍କାନାଳ ଜିଲା ଭୁବନ ଥାନା କଂଶରଗୋଡ଼ା ଗ୍ରାମର କାଳିଆ ମୁର୍ମୁଙ୍କ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ପୁଅ ସ୍ୱାଧୀନ ମୁର୍ମୁ (୭), ଷଷ୍ଠ ଶ୍ରେଣୀର ଶିବ ମୁର୍ମୁ ଓ ବାପି ବେଶ୍ରା(୧୦) ନାମକ ୩ଜଣ ଛାତ୍ରାବାସରେ ରହି ପଢୁଥିଲେ। ବୁଧବାର ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଚାଲିଥିବା ବେଳେ ପଡ଼ିଆରୁ ସେମାନେ କେଉଁଆଡ଼େ ଚାଲିଯାଇଥିବା ଅନୁମାନ କରାଯାଉଛି। ପିଲାଙ୍କ ଉପସ୍ଥାନ ନେବା ବେଳେ ଏହି ୩ଜଣ ଉପସ୍ଥିତ ନ ଥିବା ଶିକ୍ଷକମାନେ ଜାଣିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ଗୁରୁବାର ସ୍କୁଲ୍ କର୍ତ୍ତୃପକ୍ଷ ସେମାନଙ୍କ ପରିବାରବର୍ଗଙ୍କୁ ଜଣାଇଥିଲେ। ଖବର ପାଇ ସ୍ୱାଧୀନ ମୁର୍ମୁଙ୍କ ମା’ ବୈଜୟନ୍ତୀ ସୋରେନ ଶୁକ୍ରବାର ରାସୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ. ୩୬୨/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ଜିଲା ମଙ୍ଗଳ ଅଧିକାରୀ ରୁଦ୍ର ପ୍ରସନ୍ନ ପରିଜା କହିଛନ୍ତି, ୧୦ ତାରିଖରେ ଚିଲତଇଲା ଆଶ୍ରମ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଚାଲୁଥିବା ବେଳେ ଦ୍ୱିତୀୟ ଶ୍ରେଣୀ ଓ ଷଷ୍ଠ ଶ୍ରେଣୀର ପଢୁଥିବା ୩ ଜଣ ଛାତ୍ର ନିଖୋଜ ହୋଇଥିଲେ। ସେମାନଙ୍କ ଘର ଭୁବନ ବ୍ଲକ ଅଞ୍ଚଳରେ। ତେବେ ସେମାନଙ୍କୁ ଶୁକ୍ରବାର ରାତି ୧୦ଟା ବେଳେ ଯାଜପୁରରୁ ଠାବ କରାଯାଇଛି। ପୋଲିସ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିବା ଜଣାପଡ଼ିଛି।

ରାଜଧାନୀରେ ଜଳିଲା ବେଆଇନ ଚାଲିଥିବା ବାର୍




# ମୁଖ୍ୟମନ୍ତ୍ରୀଙ୍କୁ ସ୍ଥିତାବସ୍ଥା ଜଣାଇଲେ ଉପମୁଖ୍ୟମନ୍ତ୍ରୀ କେ.ଭି.

ଭୁବନେଶ୍ୱର,୧୨।୧୨(ରବିନାରାୟଣ ଜେନା)

ମାଲକାନଗିରି ଏମ୍‌ଭି-୨୬ରେ ଘଟିଥିବା ହିଂସାକାଣ୍ଡର ସ୍ଥିତାବସ୍ଥା ରିପୋର୍ଟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶୁକ୍ରବାର ଲୋକସେବାଭବନରେ ପ୍ରଦାନ କରିଛନ୍ତି। ରିପୋର୍ଟ ପ୍ରଦାନ ପରେ ମନ୍ତ୍ରୀ ଗୋକୁଳାନନ୍ଦ କହିଛନ୍ତି, ମାଲକାନଗିରିରେ ଘଟିଥିବା ହିଂସାକାଣ୍ଡକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆମ୍ଭେ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲୁ। ମାଲକାନଗିରି ଜିଲା ପ୍ରଶାସନ ସହିତ ଉଭୟ ସଂପ୍ରଦାୟଙ୍କ ମଧ୍ୟରେ ଏସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଏହାସହିତ ସେଠାରେ ବରିଷ୍ଠ ବୁଦ୍ଧିଜୀବୀଙ୍କ

ମାଲକାନଗିରି ହିଂସାକାଣ୍ଡ ରିପୋର୍ଟ



ସହିତ ମଧ୍ୟ ଆଲୋଚନା ହୋଇଛି।

ମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ସେଠାରେ ଏଭଳି ପରିସ୍ଥିତି ଯେପରି ପୁନର୍ବାର ନ ଉପୁଜିବ ସେଥିପ୍ରତି ଜିଲା ପ୍ରଶାସନକୁ ସଜାଗ କରାଯାଇଛି। ବିଭିନ୍ନ ଦିଗକୁ ତର୍ଜମା କରିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ବିସ୍ତୃତ ରିପୋର୍ଟ ପ୍ରଦାନ କରାଯାଇଛି। ଏହାପରେ ସେଠାରେ ଯାହା ଉଚିତ ସେଦିଗରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବେ। ଉଭୟ ସଂପ୍ରଦାୟ ଏବେ ଶାନ୍ତି ଚାହୁଁଛନ୍ତି। ବର୍ତ୍ତମାନ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ସେଠାରେ ଘଟିଥିବା ହିଂସାକାଣ୍ଡ ପଛରେ ଅନେକ କାରଣ ରହିଛି। ସରଜମିନ ତଦନ୍ତ କରାଯାଇଛି। ପରିସ୍ଥିତି ଉପରେ ନଜର ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମାଲକାନଗିରି ଜିଲାପାଳ ସୋମେଶ ଉପାଧ୍ୟାୟ କହିଛନ୍ତି, ପ୍ରାଥମିକ ଆକଳନ ଅନୁଯାୟୀ, ଏହି ହିଂସାକାଣ୍ଡରେ ପ୍ରାୟ ୩କୋଟି ୪୦ଲକ୍ଷ ଟଙ୍କାର କ୍ଷତି ହୋଇଛି। ଏପର୍ଯ୍ୟନ୍ତ କୌଣସି ଅପ୍ରୀତିକର ଘଟଣା ଆଉ ଘଟିନି, ସ୍ଥାନୀୟ ଅଞ୍ଚଳରେ ସ୍ୱାଭାବିକ ସ୍ଥିତି ଫେରୁଛି। ଏମ୍‌ଭି-୨୬ରେ ପରିସ୍ଥିତିରେ ଉନ୍ନତି ଆସିବାରୁ ଗାଁକୁ ଲୋକେ ଫେରୁଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ରିଲିଫ୍ ବଣ୍ଟନ କରାଯାଉଛି। ବିଦ୍ୟୁତ୍ ଓ ଜଳ ଯୋଗାଣ ପାଇଁ ଜୋରଦାର କାମ ଚାଲିଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# ବିକଶିତ ଓଡ଼ିଶା-୨୦୩୬ରୁ ସୁଦୃଢ଼ ହେବ ଭିତ୍ତିଭୂମି: ମୁଖ୍ୟସଚିବ

ଭୁବନେଶ୍ୱର,୧୨।୧୨(ରବିନାରାୟଣ ଜେନା)

ରାଜ୍ୟର ଭିତ୍ତିଭୂମି ସୁଦୃଢ଼ କରିବା ସହିତ ରାଜ୍ୟ ସରକାରଙ୍କ ଭିଜନ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଲକ୍ଷ୍ୟକୁ ସାଧିତ କରିବାରେ ‘ଗତିରୁ ପ୍ରଗତି’ ଅଧିକ ବଳ ଦେବ ବୋଲି ଏକ ବୁଝାମଣା ଅବସରରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଛନ୍ତି।

ଓଡ଼ିଶା ସରକାର କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧୀନ ସ୍ୱୟଂଶାସିତ ବୈଜ୍ଞାନିକ ସଂସ୍ଥା ଭାସ୍କରାଚାର୍ଯ୍ୟ ରାଷ୍ଟ୍ରୀୟ ସ୍ପେସ୍ ପ୍ରଯୁକ୍ତି ଓ ଜିଓ-ଇନ୍‌ଫରମେଟିକ୍ସ (ବିଆଇଏସ୍‌ଏଜି-ଏନ୍) ସହ ଏକ ଏମ୍‌ଓୟୁ ଅବସରରେ ଶୁକ୍ରବାର ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଡାଟାଆଧାରିତ ସଂଯୁକ୍ତ ଭିତ୍ତିଭୂମି ବିକାଶକୁ ଅଧିକ ସୁଦୃଢ଼ କରିବ। ଏହି ବୁଝାମଣା ଭୂ-ସ୍ପେସିଆଲ୍ ପ୍ରଯୁକ୍ତି, ଜିଆଇଏସ୍ ପ୍ଲାଟଫର୍ମ, ଡିଜିଟାଲ୍ ତଥ୍ୟ ଏବଂ ସଂଯୁକ୍ତ ନିର୍ଣ୍ଣୟ-ସମର୍ଥନ ବ୍ୟବସ୍ଥା ବ୍ୟବହାର କରି ବିଭାଗୀୟ ସ୍ତରରେ ଉନ୍ନତ ଏବଂ ସମନ୍ୱିତ ଭିତ୍ତିଭୂମି ଯୋଜନାକୁ ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହିତ ଓଡ଼ିଶାର ପ୍ରମୁଖ ଅର୍ଥନୈତିକ କରିଡର, ଶିଳ୍ପ ଭିତ୍ତିଭୂମି, ଖଣିଜ ଅଞ୍ଚଳ, ଲଜିଷ୍ଟିକ୍ସ ପାର୍କ, ରାସ୍ତା, ରେଳ, ଅନ୍ତର୍ଜାତୀୟ ଜଳପଥ, ଉପକୂଳ ଜାହାଜ ଚଳାଚଳ, ବିମାନ ସଂଯୋଗୀକରଣ, ଶକ୍ତି, ଟେଲିକମ, ଗ୍ୟାସ ପାଇପ୍ ଲାଇନ ଭଳି ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସହ ବିଦ୍ୟାଳୟ, ଡାକ୍ତରଖାନା, ଦକ୍ଷତା କେନ୍ଦ୍ର ଆଦି ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ଜାତୀୟ ସଂସ୍ଥାନ ବିଆଇଏସ୍‌ଏଜି-ଏନ୍ ଏକ ତଦାରଖ ଓ ବୈଷୟିକ ମେରୁଦଣ୍ଡ ଭାବେ ସହାୟତା ପ୍ରଦାନ କରିବ। ପିଏମ୍ ଗତିଶକ୍ତି ପୋର୍ଟାଲକୁ ଓଡ଼ିଶାର ଯୋଜନା ଇକୋସିଷ୍ଟମରେ ସଂଯୋଜନ କରିବା ଦ୍ୱାରା ବିଭାଗୀୟ କାର୍ଯ୍ୟକୁ ଉନ୍ନତ କରାଯିବ, ଯାହା ଭାରତରେ ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ନମୁନା ହେବ ବୋଲି ମୁଖ୍ୟସଚିବ କହିଛନ୍ତି।

ଏହି ଅବସରରେ ଉନ୍ନୟନ କମିଶନର ଅନୁ ଗର୍ଗ କହିଥିଲେ, ଏହି ବୁଝାମଣା ରାଜ୍ୟକୁ ‘ଭିଜନ୍ ବିକଶିତ ଓଡ଼ିଶା-୨୦୩୬’ ଏବଂ ‘ବିକଶିତ ଭାରତ ୨୦୪୭’ ଲକ୍ଷ୍ୟ ଅନୁସାରେ ଅଗ୍ରସର ହେବାରେ ସାହାଯ୍ୟ କରିବ। ଏମ୍‌ଓୟୁ ଅନୁଯାୟୀ, ଏହି ସହଯୋଗ ବିଭାଗୀୟ ଡାଟାସେଟ୍‌ଗୁଡ଼ିକୁ ପିଏମ୍ ଗତିଶକ୍ତି ଫ୍ରେମ୍‌ୱାର୍କ ସହ ସଂଯୋଜନ କରି ଏକୀକୃତ ଯୋଜନା, ଉନ୍ନତ ସମନ୍ୱୟ ଏବଂ ପ୍ରକଳ୍ପ କାର୍ଯ୍ୟକାରିତାକୁ ମଜଭୁତ କରିବ। ବାଣିଜ୍ୟ ଓ ପରିବହନ ବିଭାଗ ସହ ଶିଳ୍ପ ବିଭାଗ ଓଡ଼ିଶାରେ ଗତିଶକ୍ତି ସେଲ୍‌କୁ ସଂଚାଳନା କରିବା ପାଇଁ ନୋଡାଲ୍ ବିଭାଗ ଭାବେ କାର୍ଯ୍ୟ କରିବ ଏବଂ ପୂର୍ତ୍ତ ବିଭାଗ ଭଳି ଅନ୍ୟ ବିଭାଗଗୁଡ଼ିକ ସହ ସମନ୍ୱୟ ରକ୍ଷା କରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସଂସ୍ଥାନର ମହାନିର୍ଦ୍ଦେଶକ ଟି.ପି. ସିଂ ଓଡ଼ିଶା ସରକାରଙ୍କ ସହ ସମନ୍ୱିତ ଜ୍ଞାନକୌଶଳ ଓ ତଥ୍ୟଭିତ୍ତିକ ନିଷ୍ପତ୍ତି ଆଧାରରେ ସହଯୋଗିତା ନେଇ ସରକାରଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ବୁଝାମଣାପତ୍ର ସ୍ୱାକ୍ଷରିତବେଳେ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସହ ବିଆଇଏସ୍‌ଏଜି-ଏନ୍ ପକ୍ଷରୁ ସିଂ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ବିଆଇଏସ୍‌ଏଜି-ଏନ୍ ସହ ବୁଝାମଣା



# ପାଟଣାରେ ପ୍ରସ୍ତାବିତ ମେଗା ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ଗ୍ରାମସଭା

# ଏକର ପିଛା ୧୦କୋଟି ଦାବିକଲେ ଗ୍ରାମବାସୀ

ପାଟଣା,୧୨।୧୨(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣାରେ ହେବାକୁ ଥିବା ପ୍ରସ୍ତାବିତ ମେଗା ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ଶୁକ୍ରବାର ପ୍ରଥମ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ପାଟଣା ବ୍ଲକ୍ ଚେମେଣା ପଞ୍ଚାୟତ ଭୃଙ୍ଗରାଜପୋଷି ଗ୍ରାମ ପୋଷି ଖମାରପଡ଼ିଆରେ କଡ଼ା ସୁରକ୍ଷା ବଳୟରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଉପସ୍ଥିତ କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକେ ୧ଏକର ପିଛା ୧୦ କୋଟି ଟଙ୍କା ସହ ଅନ୍ୟାନ୍ୟ ଦାବି କରିଥିଲେ। ଗ୍ରାମସଭା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିବା ବେଳେ ୧୫୦ରୁ ଊର୍ଦ୍ଧ୍ୱ ପୋଲିସ ଫୋର୍ସ ମୁତୟନକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାଦ୍ୱାରା ପ୍ଲାଣ୍ଟ ବିରୋଧୀଙ୍କ କଣ୍ଠରୋଧ କରାଯାଇଥିବା ବିରୋଧୀ ମଞ୍ଚର ସଦସ୍ୟ ନାମ ଗୋପନ ରଖି କହିଛନ୍ତି।

ପାଟଣା ବ୍ଲକ୍ ତହସିଲ କଣ୍ଟିଆପଡ଼ା ଆର୍‌ଆଇ ସର୍କଲର ଯମୁନାପୋଷି ଓ ଚେମେଣା ଆର୍‌ଆଇ ସର୍କଲର ୧୨ଟି ମୌଜାରେ ମେଗା ଷ୍ଟିଲ୍‌ପ୍ଲାଣ୍ଟ ପ୍ରତିଷ୍ଠା ନେଇ



ରାଜ୍ୟ ସରକାର ଜେଏସ୍‌ଡବ୍ଲ୍ୟ ଓ ପୋସ୍କୋ କମ୍ପାନୀ ସହ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏ ନେଇ ଶୁକ୍ରବାର ଭୃଙ୍ଗରାଜପୋଷିରେ ପ୍ରଥମ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମୌଜାର ୧୮ଟି ଖାତାର ମୋଟ ୬୩ଟି ପ୍ଲଟ୍‌ର ୨୯ ଏକର ୬୧ ଡିସିମିଲ ଜମି ପାଇଁ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପ୍ରଭାବିତ ହେବାକୁ ଥିବା ୨୦୮ ଗ୍ରାମବାସୀ ଯୋଗଦେଇଥିଲେ। ଜମି ହରାଇବାକୁ ଥିବା ୧୮ଚାଷୀଙ୍କ ମଧ୍ୟରୁ ହେମଲତା ମହାନ୍ତ, ସରସ୍ୱତୀ ମହାନ୍ତ, ବୀରେନ୍ଦ୍ର ସାହୁ, ମନୋଜ ମହାନ୍ତ, ସସ୍ମିତା ନାଏକ ଓ ନିତ୍ୟାନନ୍ଦ ମହାନ୍ତ ନିଜ ନିଜର ଦାବି ଉପସ୍ଥାପନକରି ଉଚିତ କ୍ଷତିପୂରଣ, ନୂତନ ବିସ୍ଥାପନ ଓ ଥଇଥାନ ନୀତି ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଏଥିସହ ଭିଟାମାଟି ହରାଉଥିବା ନେଇ ଚିନ୍ତା ପ୍ରକଟକରି ମୁଖ୍ୟମନ୍ତ୍ରୀ ଆମ ସାତପୁରୁଷର ଭିଟାମାଟି ଛଡ଼ାଇନେବାକୁ ଉଦ୍ୟମକରି ଆମକୁ କନ୍ଦାଉଛନ୍ତି। ଆମର ସମସ୍ତ ଦାବି ପୂରଣ ଉପରେ କମ୍ପାନୀ ଚିନ୍ତାକରୁ ବୋଲି ମହିଳାମାନେ କୋହଭରା କଣ୍ଠରେ କହିଥିଲେ। ଏଥିସହ ଜମି ହରାଇବାକୁ ଥିବା ଲୋକମାନେ ୩୩ ଦଫା ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ଡିସିମିଲ ପିଛା ୧୦ଲକ୍ଷ ଟଙ୍କା(ଏକର ପ୍ରତି ୧୦କୋଟି), ବିଧବା, ବୃଦ୍ଧା, ଦିବ୍ୟାଙ୍ଗଙ୍କୁ ମାସିକ ୩୦ ହଜାର ଟଙ୍କା ଭତ୍ତା, ୧୮ ରୁ ୪୫ବର୍ଷର ବ୍ୟକ୍ତିଙ୍କୁ ସ୍ଥାୟୀ ନିଯୁକ୍ତି, ଜମି ହରାଉଥିବା ବ୍ୟକ୍ତିଙ୍କ ପିଲାଙ୍କୁ କମ୍ପାନୀ ସ୍କୁଲରେ ମାଗଣା ଶିକ୍ଷାଦାନ ଏବଂ କମ୍ପାନୀରେ ନିଯୁକ୍ତି, ଜମି ହରାଉଥିବା ଦିନଠାରୁ ନିଯୁକ୍ତି ପର୍ଯ୍ୟନ୍ତ ମାସକୁ ୩୦ ହଜାର ଲେଖାଏ ଭରଣପୋଷଣ, ଚାକିରି କରିବାକୁ ଅକ୍ଷମ ବ୍ୟକ୍ତିଙ୍କୁ ଏକକାଳୀନ ୫କୋଟି ଟଙ୍କା ସହ ମାସିକ ୨୫ ହଜାର ଟଙ୍କା ଭତ୍ତା, ୨୦୦୬ ଓ ୨୦୧୩ ବିସ୍ଥାପନ ନୀତି ସଂଶୋଧନ, କମ୍ପାନୀ ଲାଭାଂଶର ୩୦ ପ୍ରତିଶତ ବିସ୍ଥାପିତ ଲୋକଙ୍କୁ ପ୍ରଦାନ, ପୁରୁଷାନୁକ୍ରମିକ ନିଯୁକ୍ତି ସହ ମାସିକ ୬୦ହଜାର ଦରମା ଆଦି ଅନ୍ତର୍ଭୁକ୍ତ ଦାବିପତ୍ର ପ୍ରଦାନ କରାଯାଇଥିଲା।

ସଭାରେ ସ୍ଥାନୀୟ ସରପଞ୍ଚ ହେମଲତା ନାଏକଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲାପାଳ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ସ୍ଥାନୀୟ ସମିତି ସଭ୍ୟ ମନୋଜ ମହାନ୍ତ, ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ, ଇଡ୍‌କୋ ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସ୍ୱତନ୍ତ୍ର ଭୂର୍ଜନ ଅଧିକାରୀ ଉପସ୍ଥିତ ଲୋକଙ୍କୁ ଆଶ୍ୱାସନା ଦେଇ କହିଥିଲେ, କାହାରି ଘର ଭଙ୍ଗାଯିବ ନାହିଁ। କେବଳ ଚାଷଜମି ଅଧିଗ୍ରହଣ ହେବ।

# ସ୍ୱାସ୍ଥ୍ୟସେବାରେ ଉନ୍ନତି ହେଲେ ସୁସ୍ଥ ସମାଜ ଗଠନ ହେବ

ଯାଜପୁରରୋଡ୍,୧୨।୧୨(ପବିତ୍ର ରଞ୍ଜନ ମହାନ୍ତି)

କୋରେଇ ବିଧାୟକ ଆକାଶ ଦାସନାୟକ ଶୁକ୍ରବାର କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହର ଶିଳାନ୍ୟାସନ କରିଛନ୍ତି। ପୂର୍ତ୍ତ ବିଭାଗ ଦ୍ୱାରା ଏହି ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ନିମନ୍ତେ ସରକାର ୧୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ପ୍ରକଳ୍ପ କୋରେଇ ବ୍ଲକର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁ ଉନ୍ନତି ଆଣିବ। ସ୍ୱାସ୍ଥ୍ୟସେବାରେ ଉନ୍ନତି ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ବିଧାୟକ କହିଛନ୍ତି। ଏଥିସହିତ ଆଗାମୀ ଦିନରେ କୋରେଇର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ କରାଯିବା ବୋଲି ବିଧାୟକ ପ୍ରକାଶ କରିଛନ୍ତି। ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡାକ୍ତରଙ୍କ ସମେତ ସମସ୍ତ କର୍ମଚାରୀ ଏବଂ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଉପସ୍ଥିତ ଥିଲେ।



କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହର ଶିଳାନ୍ୟାସ ଉତ୍ସବରେ ବିଧାୟକ ଆକାଶ ଦାସନାୟକ ଏବଂ ଅନ୍ୟମାନେ।

ଅନ୍ୟମାନଙ୍କ ମଧ୍ୟରେ ହଳଦୀଗଡ଼ିଆ ପଞ୍ଚାୟତ ସମିତିସଭ୍ୟ ଉଦୟ ନାୟକ, ସାଦକପୁର ସରପଞ୍ଚ ରବୀନ୍ଦ୍ର ବେହେରା, କୋରେଇ ସ୍ୱାସ୍ଥ୍ୟ କେନ୍ଦ୍ର ରୋଗୀ କଲ୍ୟାଣ ସମିତି ସଭ୍ୟ ରବୀନ୍ଦ୍ର ଗାହାଣ, ରାଜେନ୍ଦ୍ର ରାଉତ, ନିରଞ୍ଜନ ସାମଲ, ସଭ୍ୟା ଦୀପ୍ତିମୟୀ କୁଅଁର, ହଳଦୀଗଡ଼ିଆ ପଞ୍ଚାୟତର ରଞ୍ଜନ ମହାନ୍ତି, ପୁରୁଷୋତ୍ତମ ଦାସ, କାଳନ୍ଦୀ ସେଠୀ, ଅମୂଲ୍ୟ ମଲ୍ଲିକ, କେଶବ ବାରିକ, ସୁରେନ୍ଦ୍ର ବେହେରା, କୋରେଇ ବ୍ଲକର ବରିଷ୍ଠ ଭାଜପା ନେତା ପ୍ରକାଶ ଧଳ, ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ ସାହୁ, ପିନାକ ରଞ୍ଜନ ଦାସ, ଏସ୍‌କେ ଜହର ଅଲ୍ଲୀ, ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ବୈତରଣୀ ମଣ୍ଡଳ ସଭାପତି ଆଲୋକ ମଲ୍ଲିକ, ଖରସ୍ରୋତା ମଣ୍ଡଳ ସଭାପତି ଭାସ୍କର ସାହୁ, ଗୌରପୁର ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ପାଟରଙ୍ଗା ସରପଞ୍ଚ ରଞ୍ଜନ ଦାସ, ଜହ୍ନା ସରପଞ୍ଚ ସଂଯୁକ୍ତା ସାହୁ, ବନ୍ଦାଳ ସରପଞ୍ଚ ବିଷ୍ଣୁ ଚରଣ ରଥ, ଯୁବନେତା ପ୍ରୀତିରଞ୍ଜନ ସାହୁ, ଧନେଶ୍ୱର ବାରିକ, ଗୋପାଳ ସାହୁ, ପ୍ରତାପ ରାଉତରାୟ, ପ୍ରହ୍ଲାଦ ଜେନା, ପ୍ରତାପ ସାହୁ, ଜନ୍ମେଜୟ ସାହୁ, ପ୍ରଫୁଲ୍ଲ ମାଝୀ, କୁଳମଣି ଦାସ, ଗୟାଧର ପରିଡ଼ା ଓ ଚିନ୍ତାମଣି ରାଉତ ପ୍ରମୁଖ ଯୋଗ ଦେଇଥିଲେ। କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ଛକଠାରୁ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ବିଧାୟକଙ୍କୁ ଏକ ବାଇକ୍ ଶୋଭାଯାତ୍ରାରେ କର୍ମୀମାନେ ପାଛୋଟି ଆଣିଥିଲେ।

# ବରୁଆଁ ଛକରେ 'ଯାଜପୁର ସେବା ସଦନ' ଉଦ୍‌ଘାଟିତ


ଯାଜପୁର 'ଯାଜପୁର ସେବା ସଦନ'କୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଯାଜପୁର ସଦର, ୧୨।୧୨ (ସମର ବିଜୟ ଶରଣ)

ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ଛକଠାରେ ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଲାୟନ୍ସ କ୍ଲବ୍ ସହଭାଗିତାରେ 'ଯାଜପୁର ସେବା ସଦନ'ନାମରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଖବରଦାତା ସମର ବିଜୟ ଶରଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲର ଅଧକ୍ଷ ଡା. ସୀତାରାମ ମହାପାତ୍ର ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ଗଦାଧର ରାଉତଙ୍କ ସଭାପତିତ୍ୱରେ ସଭା ଆୟୋଜନ କରାଯାଇଥିଲା। ଯାଜପୁର ସଦର ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଓଝା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ଉପସ୍ଥିତ ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ 'ଆପଣଙ୍କ ସ୍ୱାସ୍ଥ୍ୟ ଆମ ଦାୟିତ୍ୱ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ସମ୍ମାନିତ ଅତିଥି ଡା. ମହାପାତ୍ର ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କ ଦୈନନ୍ଦିନ ଜୀବନର ଚଳଣୀ ଓ ସ୍ୱାସ୍ଥ୍ୟର ଯତ୍ନ ସମ୍ପର୍କରେ ବୁଝାଇଥିଲେ। ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ସୁସ୍ଥ ରହିବାରେ ଯାଜପୁର ସେବା ସଦନ ସର୍ବଦା ସହଯୋଗ ଯୋଗାଇବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଅଭିଜ୍ଞ ଓ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ବିନା ମୂଲ୍ୟରେ ସେବା ଯୋଗାଇ ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଲାୟନ୍ସ କ୍ଲବର ଉପ ଗଭର୍ଣ୍ଣର ଅଶୋକ କୁମାର ମହାନ୍ତି ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କ୍ଲବ୍ ତରଫରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଡା. କାର୍ତ୍ତିକ ଚନ୍ଦ୍ର ରାଉତ ବୟସ୍କ ବ୍ୟକ୍ତିଙ୍କ ମଧ୍ୟରେ ଦେଖା ଦେଉଥିବା ବିଭିନ୍ନ ରୋଗ ଓ ଏହାର ନିରାକରଣ ନିମନ୍ତେ ଆବଶ୍ୟକ ଚିକିତ୍ସା ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଡିଏମଓ ବିଜୟ କୁମାର ମିଶ୍ର, ଜିଲା ମେଡିକାଲ ଅଫିସର ଡା. ମନୋଜ କୁମାର ସେନାପତି, ଡା. ରୂପ ନାରାୟଣ ସାହୁ, ଡା. ରଜତକାନ୍ତ ଶତପଥୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଭେଷଜ ବିଶେଷଜ୍ଞ ଡା. ପ୍ରଭାସ ପଣ୍ଡା, ଡା. ଦୀପକ ବେହେରା, ଡା. ପ୍ରଶାନ୍ତ ବିଶ୍ୱାଳଙ୍କ ଦାରା ଶତାଧିକ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଖବରଦାତା ଶରଣ ଧନ୍ୟବାଦ ଦେଇଥିଲେ।

# ରାଜନେତା ଶିବ ପ୍ରସାଦଙ୍କ ସ୍ମୃତିଚାରଣ

କେନ୍ଦ୍ରାପଡ଼ା, ୧୨।୧୨ (ଜଗନ୍ନାଥ ଧଳ)

ବରିଷ୍ଠ ବିଜେଡି ନେତା ତଥା ଚକ୍ରୋଡ଼ା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଶିବ ପ୍ରସାଦ ବିଶ୍ୱାଳଙ୍କ ସ୍ମୃତିଚାରଣ ସଭା କେନ୍ଦ୍ରାପଡ଼ା ବ୍ଲକ ମାଗୁରଗଣ୍ଡପାଟଣାଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଅଧକ୍ଷ ପ୍ରଦୀପ୍ତ ମହାନ୍ତିଙ୍କ ଅଧକ୍ଷତାରେ ଏହି ସଭାରେ ବିଶ୍ୱାଳଙ୍କୁ ଜଣେ ନିର୍ଭିକ, କର୍ତ୍ତବ୍ୟନିଷ୍ଠ ତଥା ଦରଦୀ ମଣିଷ ଭାବରେ ବର୍ଣ୍ଣନା କରାଯାଇଥିଲା। ଯୁବ ବିଜେଡି ନେତା ରାଜେଶ ପଣ୍ଡାଙ୍କ ସଞ୍ଚାଳନାରେ ପରିଚାଳିତ ଏହି ସଭାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଡ. ସିପ୍ରା ମଲ୍ଲିକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, କଂଗ୍ରେସ ନେତା ଜୟନ୍ତ ମହାନ୍ତି, ଉମେଶ ତ୍ରିପାଠୀ, ବିଧୂଭୂଷଣ ମହାପାତ୍ର, ବିଜେଡି ଜିଲା ସଭାପତି ଶିବ ପ୍ରସାଦ ବଳ, ସିପିଏମ୍ ନେତା ଗୟାଧର ଧଳ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ନଗର ବିଜେଡି ସଭାପତି ଯଯାତି ମହାନ୍ତି, କଂଗ୍ରେସ ନେତା ଭାଗୀରଥି ଜେନା ପ୍ରମୁଖ ଯୋଗଦେଇଥିଲେ। ସେମାନେ ସ୍ମୃତିଚାରଣ କରି କହିଥିଲେ, ବିଶ୍ୱାଳଙ୍କ ବିୟୋଗରେ ଚକ୍ରୋଡ଼ା ପଞ୍ଚାୟତ ମୁରବୀ ଛେଉଣ୍ଡ ହୋଇଗଲା। ରମାକାନ୍ତ ମହାନ୍ତି, ତାଙ୍କ ୨ ପୁଅ ସଞ୍ଜୀବ, ସନ୍ତୋଷ, ଝିଅ ସସ୍ମିତା ଓ ସ୍ନେହଲତା ପ୍ରମୁଖ ଏହି ସଭାକୁ ପରିଚାଳନା କରିଥିଲେ।

# ବାଙ୍କସାହି ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା


କ୍ରୀଡ଼ା ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥି।

ଧର୍ମଶାଳା,୧୨।୧୨(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ବାଙ୍କସାହି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ପରିକ୍ଷିତ ପ୍ରଧାନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ତ୍ରିଶା ପ୍ରିୟଦର୍ଶିନୀ ଲେଙ୍କା, ସୋମସମ୍ରାଟ ସିଂହ, ଲୋପାମୁଦ୍ରା ସାହୁ, ପ୍ରତିମା ସାହୁ, ଚନ୍ଦନ ମଲିକ, ଲିପ୍ସା ମଲିକ, ପ୍ରତ୍ୟୁଷ ଲେଙ୍କା, ସୋନାଲି ମଲିକ, ଆନିଶା ମଲିକ, ନିମାଂଶ ଲେଙ୍କା, ମହେଶ ମଲିକ, ଶ୍ରେୟାଂଶୁ ଲେଙ୍କା, ନିଗମାନନ୍ଦ ପାତ୍ର, ଜିୟାଂଶି ଲେଙ୍କା, ନୀତିଶ ନାୟକ, ସାସ୍ୱିରାଣୀ ନାୟକ, ଶ୍ଳୋକସତଭିକ୍ ବଳ, ଅଙ୍କିତା ନାୟକ ଓ ଅପର୍ଣ୍ଣା ମଲିକ ସଫଳତା ହାସଲ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବାରିକ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସିଆର୍‌ସିସି ପରିକ୍ଷିତ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ନାୟକ, ବଟକୃଷ୍ଣ ଜେନା, ନରେନ୍ଦ୍ର ଚନ୍ଦ୍ର ଲେଙ୍କା, ନାଳକୂଳ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୃନ୍ଦାବନ ମଲିକ, ୱାର୍ଡସଭ୍ୟ କିଶୋର ଚନ୍ଦ୍ର ନାୟକ ଓ ଏସ୍‌ଏମ୍‌ସି ସଭାପତି ଶୁକଦେବ ବିଶ୍ୱାଳ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏସ୍‌ଏମ୍‌ସି ଓ ପିଟିଏ ସଭ୍ୟସଭ୍ୟା ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ରାଜଶ୍ରୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ପ୍ରଶାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

# ପୁରାତନ ଛାତ୍ର ସଂସଦ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା


ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

କାଏମା,୧୨।୧୨(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ଅଧୀନ କାଏମା ଲାଲବାହାଦୁର ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ଆସନ୍ତା ୨୧ ତାରିଖରେ ହେବାକୁ ଥିବା ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ ଉପଲକ୍ଷେ ଉକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୁକ୍ରବାର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩ୟରୁ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବର୍ଣ୍ଣବୋଧ ଶବ୍ଦ ଗଠନ, ୬ଷ୍ଠ ଓ ୭ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଶ୍ରୁତ ଲିଖନ, ୮ମରୁ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା କରାଯାଇଛି। ଏହି ପ୍ରତିଯୋଗିତାକୁ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ପୁରାତନ ଛାତ୍ର ସଂସଦ ସଦସ୍ୟଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିହର ପଣ୍ଡା ପର୍ଯ୍ୟବେକ୍ଷକଭାବେ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ପୁରାତନ ଛାତ୍ର ସଂସଦର ସମ୍ପାଦକ ସୂଚନା ଦେଇଥିଲେ।

# ୧୯ ଅଭିଯୋଗର ଶୁଣାଣି

## ଗରଦପୁର ତହସିଲରେ ଅତିରିକ୍ତ ଜିଲାପାଳଙ୍କ ରାଜସ୍ୱ ଜନଶୁଣାଣି

ପାଟକୁରା,୧୨।୧୨(ରବୀନ୍ଦ୍ର ନାଥ ବାରିକ)

ରାଜସ୍ୱ ବିଭାଗରେ ଜନସାଧାରଣଙ୍କ ବିଭିନ୍ନ କାର୍ଯ୍ୟର ଚାପ ହ୍ରାସ କରିବାକୁ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍ ଆୟାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏଣିକି ଜିଲାର ବିଭିନ୍ନ ତହସିଲ କାର୍ଯ୍ୟାଳୟରେ ପ୍ରତ୍ୟେକ ମାସରେ ଥରେ ରାଜସ୍ୱ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଜିଲାର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ରାଜସ୍ୱ ସଂକ୍ରାନ୍ତୀୟ ଜନସାଧାରଣଙ୍କ ଅଭିଯୋଗଗୁଡିକର ଶୁଣାଣିକରି ତାହାର ଫଇସଲା କରିବାକୁ ନିର୍ଦ୍ଦେଶ ଦେବେ। ଫଳରେ ଲୋକମାନଙ୍କ ତହସିଲରେ ଯେଉଁ କାର୍ଯ୍ୟର ଚାପ ଥିଲା ତାହା କ୍ରମେ ହ୍ରାସ ପାଇବ। ଏହି କ୍ରମରେ ଶୁକ୍ରବାର ଗରଦପୁର ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ (ରାଜସ୍ୱ) ନବକୃଷ୍ଣ ଜେନା ଶିବିରରେ ଉପସ୍ଥିତ ରହି ସମୁଦାୟ ୧୯ଟି ଅଭିଯୋଗର ଶୁଣାଣିକରି ସେଗୁଡିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ତୃପ୍ତି ଦାଶ, ଅତିରିକ୍ତ ତହସିଲଦାର ଗୁଡ୍ରା ହେମ୍ରାମ ଶିବିରରେ ଉପସ୍ଥିତ ରହିଥିଲେ। ଅଭିଯୋଗଗୁଡିକ ମଧ୍ୟରେ ଭୂମିହୀନମାନଙ୍କୁ ବସୁନ୍ଧରା ଯୋଜନାରେ ଘରବାଡ଼ି ପଟ୍ଟା, ସିକିମରେ ପ୍ରଜାସ୍ୱତ୍ୱ ପରିବର୍ତ୍ତନ, କଲମ ୨, ଆର୍‌ଓଆର ସଂଶୋଧନ ଓ ଜମିଜମା କିସମ ପରିବର୍ତ୍ତନ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା।




# ଦୁଃଖୀ, ଦରିଦ୍ର, ବଞ୍ଚିତଙ୍କ ସ୍ୱର ଥିଲେ ମୋହନ ଜେନା

## ତୃତୀୟ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି


ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ବ୍ୟକ୍ତିବିଶେଷ।

ବଡ଼ଚଣା,୧୨।୧୨(ଦିଲୀପ କୁମାର ମହାନ୍ତି)

ସାମାଜିକ ନ୍ୟାୟ ଆନ୍ଦୋଳନର ପ୍ରତିଷ୍ଠାତା ତଥା ଯାଜପୁରର ପୂର୍ବତନ ଏମ୍‌ପି ମୋହନ ଜେନାଙ୍କ ତୃତୀୟ ପୂଣ୍ୟତିଥି ଶୁକ୍ରବାର ମୋହନ ଜେନା ସ୍ମୃତି ସଂସଦ ପକ୍ଷରୁ ପାଳିତ ହୋଇଯାଇଛି। ଚଣ୍ଡିଖୋଲ ପ୍ରେସ୍‌କ୍ଲବ ସମ୍ମିଳନୀ କକ୍ଷରେ ଅନନ୍ତ ଚରଣ ଷଣ୍ଢଙ୍କ ଅଧ୍ୟକ୍ଷତା ଓ ସ୍ମୃତି ସଂସଦ ଆବାହକ ପ୍ରଦୀପ କୁମାର ଧଳଙ୍କ ସଂଯୋଜନାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମୋହନଙ୍କୁ ଜଣେ ଦୂରଦ୍ରଷ୍ଟା ଜନନେତା ଭାବେ ବର୍ଣ୍ଣନା କରିଥିଲେ। ସେ ସମାଜର ତଳସ୍ତରରେ ରହୁଥିବା ଦୁଃଖୀ, ଦରିଦ୍ର ଓ ବଞ୍ଚିତଙ୍କ ସ୍ୱର ଥିଲେବୋଲି ମତବ୍ୟକ୍ତ କରିଥିଲେ। ରାଜନିତିରେ ସେ ସକ୍ରିୟ ରହି ଦୁଇ ଥର ଯାଜପୁର କ୍ଷେତ୍ରରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ ମଧ୍ୟ ତାଙ୍କୁ କୌଣସି ଭୋଗ ବିଳାସ ଓ ଅର୍ଥ ଲାଳସା ସ୍ପର୍ଶ କରିପାରି ନଥିଲା ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ସ୍ମୃତି ରକ୍ଷା ପାଇଁ ଚଣ୍ଡିଖୋଲରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ମତପ୍ରକାଶ ପାଇଥିଲା। ଏହି ସ୍ମୃତି ସଭାରେ ବରିଷ୍ଠ ଭାଜପା ନେତା ପବିତ୍ର ଦାଶ, କାହ୍ନୁଚରଣ ଦାଶ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ପ୍ରିୟନାଥ ମହାପାତ୍ର, କାମିନୀ ନାୟକ, ଖବରଦାତା ମହେଶ୍ୱର ବଳ, ପ୍ରେସକ୍ଲବ ସଭାପତି ବେଣୁଧର ପଣ୍ଡା, ଖବରଦାତା ମୋହନ ଖିଲାର, ଶିବରାମ ସାହୁ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତ, ବରିଷ୍ଠ ଆଇନଜୀବୀ ଦେରାଜ ବେହେରା, ବାର ଆସୋସିଏସନ ସମ୍ପାଦକ ପ୍ରକାଶ ଦାଶ, ପ୍ରଦୀପ୍ତ ଜେନା, ଜାଦବ ସଂଘ ସଂଯୋଜକ ଧୂଳେଶ୍ୱର ଦାସ, ଅଧ୍ୟାପକ ଶଲିଳ ମହାନ୍ତି, ବିଜୟ କେତନ ସାମଲ, କଂଗ୍ରେସ ନେତା ଶୁରେଶଚନ୍ଦ୍ର ସାହାଣୀ, କମ୍ୟୁନିଷ୍ଟ ନେତା ଈଶ୍ୱର ପରିଡା, ପ୍ରେସକ୍ଲବ ସମ୍ପାଦକ ହେମଂଶ ଜେନା ଓ କାଞ୍ଚନବାଳା ଦାସଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଜେନାଙ୍କ ସ୍ମୃତିଚାରଣ କରିଥିଲେ। ମୋହନଙ୍କ ସହଧର୍ମିଣୀ ହରପ୍ରିୟା ପାଣିଗ୍ରାହୀ କୃତଜ୍ଞତା ଜଣାଇଥିଲେ।

# ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବିଡିଓଙ୍କୁ ଦାବିପତ୍ର



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଯାଜପୁର ଟାଉନ,୧୨।୧୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ଆଞ୍ଚଳିକ କମିଟି ପକ୍ଷରୁ ଯାଜପୁର ବିଡିଓଙ୍କୁ ୧୨ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଞ୍ଚଳିକ କମିଟି ସମ୍ପାଦିକା ସୁଲୋଚନା ପ୍ରଧାନଙ୍କ ନେତୃତ୍ୱରେ ପ୍ରମୋଦ ମଲ୍ଲିକ, ଜଗବନ୍ଧୁ ମଲ୍ଲିକ, ଲବଙ୍ଗଲତା ଜେନା ଓ ରାଜଶ୍ରୀ ମହାନ୍ତି ବିଡିଓଙ୍କୁ ଭେଟି ଦାବିପ୍ରତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଛାତ୍ରୀ ଓ ନାରୀ ନିର୍ଯାତନା ବନ୍ଦ କରିବା, ମଦ ଓ ମାଦକ ଦ୍ରବ୍ୟ, ଅପସଂସ୍କୃତି ଓ ଅଶ୍ଳୀଳତା ବନ୍ଦ କରିବା, ଆକାଶ ଛୁଆଁ ଦରଦାମ ବୃଦ୍ଧି ବନ୍ଦ କରିବା, ଯାଜପୁର ମେଡିକାଲର ଅବ୍ୟବସ୍ଥା ଦୂର କରିବା, ଷଣ୍ଢ ଓ ମାଙ୍କଡ଼ଙ୍କ ଦ୍ୱାରା ଫସଲ ନଷ୍ଟ ରୋକିବାକୁ ଦର୍ଶାଯାଇଛି। ଯଦି ଏହି ଦାବିଗୁଡ଼ିକ ପ୍ରତି ଧ୍ୟାନ ଦେଇ କାର୍ଯ୍ୟକାରୀ କରା ନ ଯାଏ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ସମ୍ପାଦିକ ସୁଲୋଚନା ସୂଚନା ଦେଇଛନ୍ତି।

# ନାବାଳିକା ବଳାତ୍କାରୀଙ୍କୁ ପଳାତକ ଘୋଷଣା

ଚଣ୍ଡିଖୋଲ,୧୨।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ଥାନା ଅନ୍ତର୍ଗତ ଖଇରା ଗ୍ରାମର ସୁରେନ୍ଦ୍ର ଦଳେଇଙ୍କୁ ଜିଲା ପୋକ୍‌ସୋ କୋର୍ଟ ପକ୍ଷରୁ ପଳାତକ ଘୋଷଣା କରାଯାଇଛି। ଶୁକ୍ରବାର କୋର୍ଟ ପକ୍ଷରୁ ହୋଇଥିବା ଘୋଷଣା ନାମାକୁ ବଡ଼ଚଣା ପୋଲିସ ସୁରେନ୍ଦ୍ରଙ୍କ ଘର କାନ୍ଥରେ ଲଗାଇଛି। ୨୦୧୮ରେ ସୁରେନ୍ଦ୍ର ଜଣେ ନାବାଳିକାଙ୍କୁ ବଳାତ୍କାର କରି ଫେରାର ହୋଇଯାଇଛନ୍ତି। ଆଜି ପର୍ଯ୍ୟନ୍ତ ଥାନା କିମ୍ବା କୋର୍ଟରେ ହାଜର ହେଉନାହାନ୍ତି। ତେଣୁ ଦୀର୍ଘ ଦିନ ହେବ ସେ ଫେରାର ଥିବାରୁ କୋର୍ଟ ପକ୍ଷରୁ ଏହି ନୋଟିସ ଦିଆଯାଇଛି। ଯଦି ୩୦ ଦିନ ଭିତରେ ସେ ହାଜର ନ ହୁଅନ୍ତି ତେବେ ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରାଯିବ ବୋଲି କୋର୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଥାନାକୁ ଏହି ନୋଟିସ ଆସିବା ପରେ ପୋଲିସ ଖଇରା ଗ୍ରାମକୁ ଯାଇ ସୁରେନ୍ଦ୍ରଙ୍କ ଘରେ ନୋଟିସ ମାରିଛି।

# ବଢ଼ୁଛି ଚିଙ୍ଗୁଡ଼ିଘେରି, କମୁଛି ଜଙ୍ଗଲ, ଚାଷଜମି

କେନ୍ଦ୍ରାପଡ଼ା, ୧୨।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ଚିଙ୍ଗୁଡ଼ିଘେରିର ଅହେତୁକ ବୃଦ୍ଧି ସ୍ଥାନୀୟ ଅଞ୍ଚଳବାସୀ ସହ ପରିବେଶବିତ୍‌ଙ୍କ ଉଦ୍‌ବେଗର କାରଣ ସାଜିଛି। ଜିଲାରେ ମାତ୍ର ୭୨୯ ଚାଷୀ ଚିଙ୍ଗୁଡ଼ି ଘେରି ପାଇଁ ଜିଲା ମତ୍ସ୍ୟ ବିଭାଗରୁ ଅନୁମତି ନେଇଥିବାବେଳେ ୨୦ ହଜାରରୁ ଊର୍ଦ୍ଧ୍ୱ ସ୍ଥାନରେ ଘେରି ଗଢ଼ି ଉଠିଛି। ଇକୋ ସେନ୍‌ସେଟିଭ ଜୋନ୍ ଅଧୀନରେ ଥିବା ଅଞ୍ଚଳ ଏଥିରୁ ବାଦ୍ ପଡୁନାହିଁ। ଫଳରେ ଜଙ୍ଗଲ ଓ ଚାଷଜମି କମିଯାଉଛି। ସେହିପରି ଚିଙ୍ଗୁଡ଼ି ଘେରିର ଲୁଣା ଓ ବର୍ଜ୍ୟଜଳ ସ୍ଥାନୀୟ କୃଷିକୁ ପ୍ରଭାବିତ କରୁଛି। ଏପରି ଅଭିଯୋଗ ଆଣି ମହାକାଳପଡ଼ା ବ୍ଲକ ଅଞ୍ଚଳର ଚାଷୀ ନିରାକରଣ ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ଶୁକ୍ରବାର ପ୍ରଦାନ କରିଛନ୍ତି।

## ୧୪ଶହକୁ ଅନୁମତି, ୨୫ ହଜାରରୁ ଊର୍ଦ୍ଧ୍ୱ ଏକରରେ ଘେରି

ଏ ସମ୍ପର୍କରେ ଅଭିଯୋଗକାରୀ ରାଧାଶ୍ୟାମ ମଣ୍ଡଳ କହିଛନ୍ତି, ଚିଙ୍ଗୁଡ଼ି ଘେରି ଏବେ ଜୀବନ ଓ ଜୀବିକା ଉପରେ ଦାଉ ସାଧୁଛି। ଚଳିତବର୍ଷ ଧାର କରଜ କରି ୮ ଏକର ଜମିରେ ଖରିଫ ଧାନ ଚାଷ କରିଥିଲେ। ତେବେ ବ୍ୟବହାର ହେଉଥିବା ଲୁଣା ଜଳ ଚିଙ୍ଗୁଡ଼ି ଘେରି ନିକଟକୁ ଆଣିବା ଫଳରେ ଆଖପାଖ କ୍ଷେତ ନଷ୍ଟ ହୋଇଯାଇଛି। ପୂର୍ବରୁ ଏ ନେଇ ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହା ସତ୍ତ୍ୱେ ସୁଫଳ ମିଳିଲା ନାହିଁ। କ୍ଷେତ ଅମଳ ସମୟ ପରେ ବନ ବିଭାଗ ଓ ତହସିଲ କର୍ତ୍ତୃପକ୍ଷ ଚିଙ୍ଗୁଡ଼ି ଘେରି ଭାଙ୍ଗୁଥିଲେ ମଧ୍ୟ ଦିନ କେତୋଟି ପରେ ଏହାର ବନ୍ଧ ସମ୍ପୃକ୍ତ ମାଲିକ ବାନ୍ଧୁଛନ୍ତି। ଆଗାମୀ ଦିନରେ ଫସଲ ଏଠାରେ ଫଳିବା ନେଇ ଆଶଙ୍କା ପ୍ରକାଶ ପାଇଛି। ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ଜିଲାର ୬ ହଜାର ଏକର ଜମିରେ ବେଆଇନ ଘେରି ରହିଥିବା ଜିଲା ପ୍ରଶାସନ ସୂଚନା ଦେଉଛନ୍ତି। ମାତ୍ର ବାସ୍ତବିକରେ ଏହାର ପରିମାଣ ୨୫ ହଜାର ଏକରରୁ ଅଧିକ ଅଛି। ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ଇକୋ ସେନ୍‌ସେଟିଭ ଜୋନ୍ ଘୋଷଣା କରିଛନ୍ତି। ଏହାସତ୍ତ୍ୱେ ସମୁଦ୍ରର ୨ କିଲୋମିଟର ତଟବର୍ତ୍ତୀ ଅଞ୍ଚଳରେ ଏହି ଘେରି ବହୁ ଅଧିକ ରହିଛି। ଏପରିକି ଜଙ୍ଗଲ ଜମି ଉପରେ ଏହି ଘେରି ନିର୍ମାଣ ହେଉଛି। ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଘେରି ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଅଛି। ଏହାର ପ୍ରଭାବ ସ୍ଥାନୀୟ ଅଞ୍ଚଳରେ ଦେଖିବାକୁ ମିଳୁନାହିଁ। ଚିଙ୍ଗୁଡ଼ି ଘେରିରୁ ଉଦ୍‌ବୃତ୍ତ ବର୍ଜ୍ୟଜଳ ଜଙ୍ଗଲ ଓ ସାମୁଦ୍ରିକ ପରିବେଶକୁ ନଷ୍ଟ କରୁଥିବା ନେଇ ସେ ଉଦ୍‌ବେଗ କାଶ କରିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଚିଙ୍ଗୁଡ଼ି ଘେରି ଚାଷୀ ରତିକାନ୍ତ ଦେବନାଥ କହିଛନ୍ତି, ଜିଲାରେ କର୍ମନିଯୁକ୍ତି ପାଇଁ ସୁଯୋଗ ନାହିଁ। କ୍ଷେତରୁ ଆଶାନୁରୂପକ ଅର୍ଥ ରୋଜଗାର ହେଉନାହିଁ। ଚିଙ୍ଗୁଡି ଘେରି ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ହେଉଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରେ ଜଙ୍ଗଲ ଜମିରେ ବେଆଇନ ଭାବେ ଗଡି ଉଠିଥିବା ଚିଙ୍ଗୁଡ଼ି ଘେରିକୁ ଉଚ୍ଛେଦ କରାଯାଉଛି। ଏହି ଜମିରେ ହେନ୍ତାଳ ବଣ ସୃଷ୍ଟି ପାଇଁ ବନ ଓ ରାଜସ୍ୱ ବିଭାଗ ଗୁରୁତ୍ୱ ଦେଉଛି ବୋଲି ସେ କହିଛନ୍ତି।

# ଦେବୀ ନଦୀବନ୍ଧ ଉନ୍ନତୀକରଣ କାର୍ଯ୍ୟ ନିମ୍ନମାନର

ନାଉଗାଁ,୧୨।୧୨(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀଦୋଳଠାରୁ ଅଙ୍ଗେଶ୍ୱରପଡା ପର୍ଯ୍ୟନ୍ତ ଦେବୀନଦୀର ବାମପାର୍ଶ୍ୱ ବନ୍ଧର ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। ଉକ୍ତ କାର୍ଯ୍ୟ କରୁଥିବା ଠିକାସଂସ୍ଥା ନିମ୍ନମାନର କାର୍ଯ୍ୟ କରୁଥିବା ସ୍ଥାନୀୟ ଜନସାଧାରଣ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏପରିକି ବନ୍ଧରେ ବିଛାଯାଉଥିବା ମୋରମରେ ୮୦ ପ୍ରତିଶତ ବାଲି ମିଶାଉଥିବା କୁହାଯାଉଛି। ଏପରି ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ଅଭିଯୋଗ ପରେ ୩ ଡିସେମ୍ବର ୨୦୨୫ରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ କାର୍ଯ୍ୟ ତଦାରଖ କରିଥିଲେ। ଠିକ୍ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ କାମରେ ସୁଧାର ହେଉନାହିଁ। ଠିକାସଂସ୍ଥା ନଦୀପଠା ନିକଟରୁ ବାଲି ଉଠାଇ ମୋରମରେ ମିଶାଇ ନଦୀ ବନ୍ଧରେ ବିଛାଉଥିବା ଦେଖିବାକୁ ମିଳିଛି। ସାମାନ୍ୟ ବର୍ଷା କିମ୍ବା ପବନ ହେଲେ ଉକ୍ତ ବାଲି ମୋରମ ବୋହି ଯିବାର କିମ୍ବା ଉଡ଼ିଯିବାର ଆଶଙ୍କା ରହିଛି। ନିମ୍ନମାନର କାର୍ଯ୍ୟ ଯୋଗୁ ପ୍ରତିବର୍ଷ ବିଭାଗ ପକ୍ଷରୁ ନଦୀବନ୍ଧ ମରାମତି କରାଯାଉଥିବା ଚର୍ଚ୍ଚା ହେଉଛି।

ସୂଚନାଫଳକ ତଥ୍ୟ ଅନୁସାରେ, ଉକ୍ତ ନଦୀ ବନ୍ଧ କାର୍ଯ୍ୟ ୨୦୨୩ ଡିସେମ୍ବର ୨୮ରୁ ଆରମ୍ଭ ହୋଇଥିଲା। କାର୍ଯ୍ୟ ସରିବାର ଅବଧି ୨୦୨୪ ସେପ୍ଟେମ୍ବର ୨୭ ଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇନାହିଁ। ଏହି କାର୍ଯ୍ୟ ଜଗତ୍ସିଂହପୁର ଜଳସେଚନ ବିଭାଜନ ଆଳିପିଙ୍ଗଳ ଓ ଅଲଣାହାଟ ସେକ୍ସନ ଅଧୀନରେ ରହିଛି। ନଦୀ ବନ୍ଧ ପାଖାପାଖି ୧୧ କିମି ବନ୍ଧ କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ୬ କୋଟି ୮୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ଠିକାସଂସ୍ଥା ପକ୍ଷରୁ ଚୁକ୍ତି କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଗତବର୍ଷ ଯେତିକି ବନ୍ଧ କାର୍ଯ୍ୟ କରାଯାଇଥିଲା, ବର୍ଷାରେ ଉକ୍ତ ମୋରମ ଓ ବାଲି ଧୋଇଯାଇଛି। ଏପରିକି କେତେକ ସ୍ଥାନରେ ବନ୍ଧ ତଳୁ ମାଟି ଅତଡ଼ା ମଧ୍ୟ ଖସିଯାଇଛି। ବନ୍ଧରେ ଖାଲ ସୃଷ୍ଟି ହେବା ଫଳରେ ଉକ୍ତ ବାଟ ଦେଇ ଯାତାୟାତ କରିବା କଷ୍ଟସାଧ ହୋଇପଡ଼ିଛି। ବିଗତ ଦିନରେ ଏହି ବନ୍ଧ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ କାର୍ଯ୍ୟ ବନ୍ଦ ରଖିବାକୁ ସମ୍ପୃକ୍ତ ଠିକାଦାରଙ୍କୁ ଯନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ସମ୍ପୃକ୍ତ ଠିକାଦାର ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ନ ମାନି ରାସ୍ତାରେ ଶତକଡା ୯୦ ଭାଗ ବାଲିରେ ୧୦ ଭାଗ ମୋରମ ନାମକୁମାତ୍ର ମିଶାଇ ପକାଇ କାର୍ଯ୍ୟ କରିଥିଲେ। ଏଥିଯୋଗୁ ସାମାନ୍ୟ ପବନରେ ଉକ୍ତ ବାଲି ମୋରମ ନଦୀ ବନ୍ଧରୁ ଉଡୁଥିବା ଦେଖିବାକୁ ମିଳିଥିଲା। ସେହିପରି ନଦୀପଠାରୁ ମାଟି ତାଡ଼ିବାର ନିୟମ ନ ଥିବା ବେଳେ ସମ୍ପୃକ୍ତ ଠିକାଦାର ପଠାରୁ ମାଟି ତାଡି ବନ୍ଧର ଉଭୟ ପାର୍ଶ୍ୱରେ ପକାଇଛନ୍ତି। ନିମ୍ନମାନର କାର୍ଯ୍ୟ ଯୋଗୁ ୬ ମାସ ନ ପୂରୁଣୁ ନଦୀବନ୍ଧର ବିଭିନ୍ନ ସ୍ଥାନରେ ଖାଲ ଦେଖିବାକୁ ମିଳିଛି।

ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଚିତ୍ତରଞ୍ଜନ ମଲ୍ଲିକଙ୍କୁ ପଚାରିବାରେ, କାର୍ଯ୍ୟ ନିମ୍ନମାନର ହେଉଥିବାରୁ ତାକୁ ବନ୍ଦ କରାଯିବା ପରେ ଠିକ୍ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ପୁନର୍ବାର ଖରାପ କାର୍ଯ୍ୟ ହୁଏ ତେବେ କାର୍ଯ୍ୟ ବନ୍ଦ ରଖାଯିବ ବୋଲି ମଲ୍ଲିକ କହିଛନ୍ତି।


ମେଶିନ ସାହାଯ୍ୟରେ ଦେବୀନଦୀ ବନ୍ଧ କାମ ଚାଲିଛି।

- ବାଲିରେ ନାମକୁ ମାତ୍ର ମୋରମ ମିଶାଯାଉଥିବା ଅଭିଯୋଗ
- ଉପଜିଲାପାଳଙ୍କ ତଦାରଖ ପରେ ବି ଅବସ୍ଥା ସୁଧୁରୁନି
- ଅବଧି ଶେଷ ପରେ ବି ସରୁନାହିଁ କାମ

# କାର୍ ଅଟକାଇ ୩ ବ୍ୟକ୍ତିଙ୍କୁ ଉଠାଇନେଲା ପୋଲିସ

ରଘୁନାଥପୁର, ୧୨।୧୨
(ରାଜେନ୍ଦ୍ର ନାରାୟଣ ସିଂହ)

- ଗାଡ଼ିରେ ବନ୍ଧୁକ, ବୋମା ଓ ଟଙ୍କା ଥିବା ଚର୍ଚ୍ଚା
- ଗାଡ଼ି ଚକାକୁ ପୋଲିସର ଗୁଳି

ରଘୁନାଥପୁର ଥାନା ଅନ୍ତର୍ଗତ ତାରପୁର ଶାଳିଜଙ୍ଗା ରାସ୍ତାର ହଂସୁଆ ବ୍ରିଜ ନିକଟରେ ବାହାର ଥାନା ଅଞ୍ଚଳର ପୋଲିସ ଭ୍ୟାନ୍ ଏକ କାରକୁ ଗୋଡ଼ାଇ ଅଟକାଇବା ସହ ସେଥିରେ ଥିବା ୩ ବ୍ୟକ୍ତିଙ୍କୁ ଉଠାଇ ନେଇଛି। ଉକ୍ତ କାର୍‌ରୁ ବନ୍ଧୁକ, ଟଙ୍କା ସହ ବୋମା ଠାବ କରାଯାଇଥିବା ଚର୍ଚ୍ଚା ହେଉଛି। ସେଗୁଡ଼ିକୁ ପୋଲିସ ସାଙ୍ଗରେ ନେଇଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ମିଳିଛି। ପୋଲିସ ଉକ୍ତ କାର୍‌କୁ ଗୋଡ଼ାଇ ବ୍ରିଜ୍ ନିକଟରେ ଚକାକୁ ଗୁଳି କରିଥିବା କୁହାଯାଉଛି। ଏହି ସମୟରେ ଗାଡ଼ି ଭିତରେ ଥିବା ୩ ଜଣ ବ୍ୟକ୍ତି ନିକଟସ୍ଥ ହଂସୁଆ ସଫେଇକୁ ଡେଇଁ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସେମାଙ୍କୁ କାବୁ କରିଥିବା ଜଣାପଡ଼ିଛି। ମାତ୍ର ରଘୁନାଥପୁର ଏସ୍ଆଇ ଯୋଗେଶ୍ୱର ବେହେରା ଏହାକୁ ଅସ୍ୱୀକାର କରିଛନ୍ତି। ଗୋଟିଏ କାର୍ ପୋଲିସ ଭ୍ୟାନକୁ ଧକ୍କା ଦେବା ପରେ ଖରାପ ହୋଇଯିବାରୁ ଏହାକୁ ସଜାଡିବାକୁ ନିଆଯାଇଛି ବୋଲି ସେ କହିଛନ୍ତି। ଏହି ଘଟଣାର ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ମତ ପ୍ରକାଶ ପାଇଛି।

# ପ୍ରତ୍ୟେକ ସମସ୍ୟାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରୁହ


ଓସିଏସ୍-୨୦୨୩ରେ ଜଗତ୍ସିଂହପୁରରୁ ଉତ୍ତୀର୍ଣ୍ଣ କୃତୀ ଅଧିକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଜଗତ୍ସିଂହପୁର, ୧୨।୧୨
(ପ୍ରମୋଦ କୁମାର ନାୟକ)

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍)-୨୦୨୩ରେ ଜଗତ୍ସିଂହପୁର ଜିଲାରୁ ଉତ୍ତୀର୍ଣ୍ଣ ନୂତନ ପ୍ରଶାସନିକ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ଜେ. ସୋନାଲ ଯୋଗଦେଇ ନୂତନ ଅଧିକାରୀମାନଙ୍କୁ ସେମାନଙ୍କ ପରିଚୟ ପଚାରିବା ସହ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ରହିବାକୁ ଉପଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ ସଭାରେ ପୌରୋହିତ୍ୟ କରି ନୂତନ ଅଧିକାରୀମାନଙ୍କୁ ସଚ୍ଚୋଟତାର ସହ ଲୋକମାନଙ୍କ ସେବା କରିବାକୁ ଉପଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ କହିଥିଲେ, ଶିକ୍ଷା ହେଉଛି ଏକ ନିରନ୍ତର ପ୍ରକ୍ରିୟା ବୋଲି କହିବା ସହ ପ୍ରତ୍ୟେକ କ୍ଷେତ୍ରରେ ଶିଖିବା ଓ ତାକୁ କାର୍ଯ୍ୟକାରୀ କରିବା ପାଇଁ କହିଥିଲେ। ସଭାରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଉପସ୍ଥିତ ରହି ଜନସାଧାରଣଙ୍କ ସେବାକୁ ଗୁରୁତ୍ୱ ଦେବାକୁ ନୂତନ ଅଧିକାରମାନଙ୍କୁ ଉପଦେଶ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସଭା ପରିଚାଳନା କରିଥିଲେ। ଶେଷରେ ଜିଲାପାଳ ଏବଂ ଉଚ୍ଚ ପଦାଧିକାରୀମାନେ ନୂତନ ପ୍ରଶାସନିକ ଅଧିକାରୀମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଡେପୁଟି କଲେକ୍ଟର ଭରତ ଚନ୍ଦ୍ର ପରିଡ଼ା, ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଶ୍ରେଷ୍ଠ ପ୍ରାଣୀ ଚିକିତ୍ସକ ସମ୍ମାନ ପାଇଲେ ଡା. ବିଦ୍ୟାଧର ଶତପଥୀ

ଜଗତ୍ସିଂହପୁର, ୧୨।୧୨
(ପ୍ରମୋଦ କୁମାର ନାୟକ)

## ଭାରତୀୟ ପ୍ରାଣୀ ପ୍ରଜନନ ଅଧ୍ୟୟନ ସୋସାଇଟିର ଆନ୍ତର୍ଜାତିକ ସମ୍ମିଳନୀ



ଭାରତୀୟ ପ୍ରାଣୀ ପ୍ରଜନନ ଅଧ୍ୟୟନ ସୋସାଇଟିର ୪୦ତମ ବାର୍ଷିକୋତ୍ସବ ତଥା ଆନ୍ତର୍ଜାତିକ ସମ୍ମିଳନୀରେ ଅବସରପ୍ରାପ୍ତ ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ତଥା ଜଗତ୍ସିଂହପୁର ଆନିମଲ ହେଲ୍ପଲାଇନରେ କାର୍ଯ୍ୟରତ ଡା. ବିଦ୍ୟାଧର ଶତପଥୀଙ୍କୁ ଶ୍ରେଷ୍ଠ କ୍ଷେତ୍ର ପ୍ରାଣୀ ଚିକିତ୍ସକ ସମ୍ମାନରେ ସମ୍ମାନିତ କରାଯାଇଛି। ପୁଡୁଚେରୀସ୍ଥିତ ରାଜୀବ ଗାନ୍ଧୀ ପ୍ରାଣୀ ଚିକିତ୍ସା ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ତାଙ୍କୁ ମେଡାଲ ସହ ସାର୍ଟିଫିକେଟ ଦିଆଯାଇଛି। ଗୋରୁମାନଙ୍କ ପ୍ରସବ ସମୟରେ ସୃଷ୍ଟି ହେଉଥିବା ଅସୁବିଧାର ସମାଧାନ ପାଇଁ କି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ତା' ଉପରେ ଡା. ଶତପଥୀ ପ୍ରସ୍ତୁତ କରିଥିବା ପୋଷ୍ଟର ଓ ପାୱାର ପଏଣ୍ଟ ମାଧ୍ୟମରେ ସୁନ୍ଦର ଭାବରେ ଉପସ୍ଥାପନା ବିଚାରକମାନଙ୍କୁ ଆକୃଷ୍ଟ କରିପାରିଥିଲା। ସୂଚନାଯୋଗ୍ୟ, ଏହି ଉତ୍ସବରେ ଦେଶ ବିଦେଶରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରାଣୀ ଚିକିତ୍ସା ବୈଜ୍ଞାନିକ, ପ୍ରଫେସର, ଅଧ୍ୟାପକ, ସ୍ନାତକୋତ୍ତର ଛାତ୍ରୀଛାତ୍ର ତଥା କ୍ଷେତ୍ର ପ୍ରାଣୀ ଚିକିତ୍ସକମାନେ ଯୋଗଦେଇଥିଲେ।

# ପୁଅର ଶାବଳ ମାଡ଼ରେ ମା': ବାପାଙ୍କ ଆକ୍ରମଣରେ ପୁଅ ଗୁରୁତର

ଏରସମା,୧୨।୧୨ (ଦୀପ୍ତି ଖଣ୍ଡୁଆଳ)

ନିଶାଶକ୍ତ ଲୋକେ ନିଜର ହିତାହିତ ଜ୍ଞାନ ହରାଇ କିପରି ନିଜ ପରିବାରକୁ ଆକ୍ରମଣ କରୁଛନ୍ତି, ତା'ର ଉଦାହରଣ ଜଗତ୍ସିଂହପୁର ଜିଲାର ଏରସମା ବ୍ଲକରେ ଶୁକ୍ରବାର ଦେଖିବାକୁ ମିଳିଛି। ଏରସମା ଥାନା ଅଞ୍ଚଳରେ ନିଶାସକ୍ତ ପୁଅର ଶାବଳ ମାଡ଼ରେ ମା'; ପୃଥକ୍ ଘଟଣାରେ ବାପାଙ୍କ ଆକ୍ରମଣରେ ପୁଅ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି।

ଏରସମା ଥାନା ଅନ୍ତର୍ଗତ ଦର୍ଶିପୁର (ପାଇକସାହି ) ଗ୍ରାମରେ ନିଶା ଖାଇବା ପାଇଁ ଟଙ୍କା ନ ମିଳିବାରୁ ସୁନୀଲ କୁମାର ରାଉତ ମା'ଙ୍କୁ ଶାବଳରେ ଆକ୍ରମଣ କରି ଗୁରୁତର କରିଥିବା ଅଭିଯୋଗ ହୋଇଛି। ସୁନୀଲ ମଦ୍ୟପାନ କରି ଘରେ ଅଧିକାଂଶ ସମୟରେ ଗାଳିଗୁଲଜ କରିଆସୁଥିଲେ। ଶୁକ୍ରବାର ସୁନୀଲ ନିଶା ଖାଇବା ପାଇଁ ବାପା ସନ୍ତୋଷ ଓ ମା' ରାଜଲକ୍ଷ୍ମୀଙ୍କୁ ଟଙ୍କା ମାଗିଥିଲେ। ସେମାନେ ମନା କରିବାରୁ ସୁନୀଲ କ୍ରୋଧିତ ହୋଇ ଘରର ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଏଥିସହ ଶାବଳରେ ମା' ରାଜଲକ୍ଷ୍ମୀଙ୍କୁ ପିଟି ଗୁରୁତର କରିଥିଲେ। ତୁରନ୍ତ ରାଜଲକ୍ଷ୍ମୀଙ୍କୁ ଚିକିତ୍ସା ନିମନ୍ତେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସନ୍ତୋଷଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ. ୪୩୩/୨୫) ରୁଜୁ କରି ସୁନୀଲଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଏସ୍ଆଇ ବିଶ୍ୱଜିତ୍ ଗଡ଼ନାୟକ ସୂଚନା ଦେଇଛନ୍ତି।

ସେହିପରି ଏହି ଥାନା ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ରାମତରା ଗ୍ରାମରେ ନିଶାସକ୍ତ ବାପାକୁ ବୁଝାଇବାକୁ ଯାଇ ପୁଅ ଶିବାଜୀ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଏହି ଘଟଣାରେ ବାପା ଗୌରାଙ୍ଗ ମାଇତି (୪୦)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗୌରାଙ୍ଗ ଅଧିକାଂଶ ସମୟରେ ମଦ୍ୟପାନ କରି ପରିବାରରେ ବିଶୃଙ୍ଖଳା ସୃଷ୍ଟି କରିଆସୁଥିଲେ। ଏନେଇ ସ୍ତ୍ରୀ ମମତା ତାଙ୍କୁ ଯେତେ ବୁଝାଇଲେ ମଧ୍ୟ ସେ ଶୁଣୁ ନ ଥିଲେ। ବୁଧବାର ରାତିରେ କୌଣସି ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଗୌରାଙ୍ଗ ସ୍ତ୍ରୀ ମମତାଙ୍କୁ ମାଡ଼ମାରି କ୍ଷତାକ୍ତ କରିଥିଲେ। ପାରାଦୀପରେ ରହୁଥିବା ପୁଅ ଶିବାଜୀ ଏହା ଜାଣିବା ପରେ ଗୁରୁବାର ଘରକୁ ଆସି ଗୌରାଙ୍ଗଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ସେ ବୁଝିବା ପରିବର୍ତ୍ତେ ଏକ ଲୁହା ରଡ୍‌ରେ ଶିବାଜୀଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଶିବାଜୀଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଏରସମା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତ୍ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏନେଇ ମମତା ଏରସମା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୪୩୪/୨୫) ରୁଜୁ କରିଛି।

# କେନ୍ଦ୍ରାପଡ଼ାର ଝିଅ ରିଷିକା ପାଇଲେ ସ୍ୱର୍ଣ୍ଣ ପଦକ

ପଟ୍ଟାମୁଣ୍ଡାଇ,୧୨।୧୨
(କଳ୍ପତରୁ ନାୟକ)



କେନ୍ଦ୍ରାପଡ଼ାର ଝିଅ ରିଷିକା ମହାନ୍ତି ଏମ୍‌ଡିଏସ୍ ପରୀକ୍ଷାରେ ୬୦.୩୩ ପ୍ରତିଶତ ମାର୍କ ରଖି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରିଷିକା ହେଉଛନ୍ତି କେନ୍ଦ୍ରାପଡ଼ା ବ୍ଲକ ଅଧୀନ କପାଳେଶ୍ୱର ପଞ୍ଚାୟତର ଗରାପୁର ଗ୍ରାମର ତଥା ପଟ୍ଟାମୁଣ୍ଡାଇ ଉପନିବନ୍ଧକ ଅଶୋକ କୁମାର ମହାନ୍ତିଙ୍କ ଝିଅ। ରିଷିକା ୨୦୨୫ ଏମ୍‌ଡିଏସ୍ ପରୀକ୍ଷାରେ ଆଇଡିଏସ୍ ସମ ହସ୍ପିଟାଲର ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ଡେଣ୍ଟାଲ ସାଇନ୍ସର କରଭେଟିଭ୍ ଡେଣ୍ଟିଷ୍ଟ ଏବଂ ଏଣ୍ଡୋଡେଣ୍ଟିଷ୍ଟ ବିଭାଗରୁ ସର୍ବୋଚ୍ଚ ମାର୍କ ରଖି ପାସ କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରି କେନ୍ଦ୍ରାପଡ଼ା ଜିଲା ପାଇଁ ଗୌରବ ଆଣିଛନ୍ତି। ଏ ନେଇ ରିଷିକାଙ୍କୁ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ପଟ୍ଟାମୁଣ୍ଡାଇ କେନାଲ ରାସ୍ତା ତନଖି

ପଟ୍ଟାମୁଣ୍ଡାଇ,୧୨।୧୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ଶୁକ୍ରବାର ପଟ୍ଟାମୁଣ୍ଡାଇ କେନାଲରୁ ସଂଯୋଗ ହୋଇଥିବା ୧୬ ନଂ. କେନାଲ ରାସ୍ତା ପରିଦର୍ଶନ କରିଛନ୍ତି। ସେଠାରେ ଚାଲୁଥିବା ରାସ୍ତା କାମର ତଦାରଖ କରିବା ସହ ଠିକ ଢଙ୍ଗରେ କାର୍ଯ୍ୟ ସମ୍ପାଦନ କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ଚାଷ କାର୍ଯ୍ୟ ପାଇଁ ମୁଖ୍ୟ କେନାଲରୁ ଶାଖା କେନାଲକୁ ଯେଉଁସବୁ ସ୍ଥାନରେ ପାଣି ଯାଉନାହିଁ ସେସବୁର ତଦାରଖ ମଧ୍ୟ କରିଥିଲେ। ଏହି ପରିଦର୍ଶନ ସମୟରେ ପଟ୍ଟମୁଣ୍ଡାଇ ଶାସନ ଗ୍ରାମବାସୀ ଉପସ୍ଥିତ ରହିଥିବା ବେଳେ ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଶ କୁମାର ସ୍ୱାଇଁ, ଅଳଭା-୨ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଶ୍ରମ କୋଡ୍ ବିରୋଧରେ ଦେଶବ୍ୟାପୀ ହରତାଳ ପାଇଁ ଆହ୍ୱାନ

## ସିଆଇଟିୟୁର ରାଜ୍ୟ ସମ୍ମିଳନୀ

ପାରାଦୀପ, ୧୨।୧୨(ଶରତ ରାଉତ)


ସମ୍ମିଳନୀରେ ଯୋଗଦେଇଥିବା ସିଆଇଟିୟୁର ନେତୃମଣ୍ଡଳୀ।

ପାରାଦୀପ ପୌର କଲ୍ୟାଣ ମଣ୍ଡପରେ ଶୁକ୍ରବାର ସର୍ବଭାରତୀୟ ଟ୍ରେଡ୍ ୟୁନିୟନ ସିଆଇଟିୟୁର ରାଜ୍ୟ ସମ୍ମିଳନୀ ଆରମ୍ଭ ହୋଇଛି। ଏହା ରବିବାର ଶେଷ ହେବ। ଏହି ଅବସରରେ ଶୁକ୍ରବାର ସନ୍ଧ୍ୟାରେ ବଡ଼ପଡ଼ିଆଠାରେ ଏକ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ଏଥିରେ ସିଆଇଟିୟୁର ସର୍ବଭାରତୀୟ ସଭାନେତ୍ରୀ କେ. ହେମଲତା, ସାଧାରଣ ସମ୍ପାଦକ ତପନ ସେନ, ରାଜ୍ୟ ସମ୍ପାଦକ ବିଷ୍ଣୁ ମହାନ୍ତି, ସଭାପତି ଜନାର୍ଦ୍ଦନ ପତି, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପାରାଦୀପ ସଭାପତି ଉଲ୍ଲାସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ଏବେ ଯେଉଁ ନୂଆ ଶ୍ରମ କୋଡ୍ ଆଇନ ଲାଗୁ କରିବା ପାଇଁ ଯାଉଛନ୍ତି, ଏଥିରେ ଶ୍ରମିକ ସମାଜ ତା'ର ଅଧିକାର ହରାଇବାକୁ ଯାଉଛି। ଏହା ପୁଞ୍ଜିପତିଙ୍କୁ ସୁହାଇଲା ଭଳି ଆଇନ ହୋଇଛି। ଏହି ଶ୍ରମ କୋଡ୍ ବିରୋଧରେ ଦେଶବ୍ୟାପୀ ହରତାଳ କରିବାକୁ ଜାତୀୟ ସଭାନେତ୍ରୀ ହେମଲତା ଆହ୍ୱାନ ଦେଇଛନ୍ତି।

# ବିଦ୍ୟାଳୟକୁ ଯାଇପାରୁ ନ ଥିବା ପିଲାଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ ଆହ୍ୱାନ

ରଘୁନାଥପୁର,୧୨।୧୨
(ରାଜେନ୍ଦ୍ର ନାରାୟଣ ସିଂହ)

## ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିକ୍ଷାସଭା

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ରେଢୁଆ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅଭିଭାବକଙ୍କୁ ନେଇ ଏକ ଶିକ୍ଷାସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆର୍‌ସିସି ଚିନ୍ମୟ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ରାଢ଼ଙ୍ଗ ସରପଞ୍ଚ ସୁଶୀଳ ବାରିକ, ତଅଁରା ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ ଓ ପ୍ରଧାନଶିକ୍ଷୟିତ୍ରୀ ରିତା ରାଉତ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୌଣସି କାରଣବଶତଃ ବିଦ୍ୟାଳୟକୁ ଯାଇପାରୁ ନ ଥିବା ୫ ରୁ ୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ସଭାର ଉଦ୍ଦେଶ୍ୟ ବୋଲି ସିଆର୍‌ସିସି ରଥ ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଆସ ସ୍କୁଲ ଯିବା ଅଭିଯାନ ପିଲାମାନଙ୍କୁ ଗୁଣାତ୍ମକ, ଅନ୍ତର୍ନିବେଶୀ ଏବଂ ଆନନ୍ଦଦାୟକ ଶିକ୍ଷା ସୁନିଶ୍ଚିତ କରିବା ସହ ବାଲ୍ୟବିବାହ, ଶିଶୁଶ୍ରମ ଓ ଶିଶୁ ଚାଲାଣ ଭଳି ସାମାଜିକ ସଙ୍କଟକୁ ରୋକିବା ଏବଂ ଶତ ପ୍ରତିଶତ ନାମଲେଖା ସୁନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ରଥ ପ୍ରକାଶ କରିଥିଲେ। ଯେଉଁ ଅଭିଭାବକମାନେ ଶିକ୍ଷକଙ୍କ କଥାକୁ ଉପେକ୍ଷା କରି ପିଲାଙ୍କ ଶିକ୍ଷା ପ୍ରତି ଅବହେଳା ପ୍ରଦର୍ଶନ କରୁଛନ୍ତି ଆବଶ୍ୟକ ସ୍ଥଳେ ଶିକ୍ଷକ,ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ପଞ୍ଚାୟତ ଜନପ୍ରତିନିଧି ମିଳିତ ଭାବେ ସେମାନଙ୍କୁ ବୁଝାଇବା ପାଇଁ ପ୍ରସ୍ତାବ ରଖିଥିଲେ। ସେହିପରି ରାଢ଼ଙ୍ଗ ସରପଞ୍ଚ ବାରିକ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଆତ୍ମୀୟତା ଓ ଘରକୁ ଘର ଯାଇ ସମ୍ପର୍କକୁ ମଜଭୁତ କରିବା ସପକ୍ଷରେ ମତ ରଖିଥିଲେ। ପିଲାମାନଙ୍କ ନିୟମିତ ଉପସ୍ଥାନକୁ ପ୍ରୋତ୍ସାହିତ କରିବା, ଆସ ସ୍କୁଲ ଯିବା ପାଠ ପଢ଼ିବା ଅଭିଯାନର ପ୍ରଚାର ପ୍ରସାର, ଅଭିଭାବକମାନେ ନିଜ ପିଲାଙ୍କୁ ସ୍କୁଲ ପଠାଇବାର ଦାୟିତ୍ୱ ନେବା ଓ ଶିକ୍ଷାର୍ଥୀମାନେ ନିଜ ଗାଁ, ସାହି ଓ ପଡ଼ାରେ ଥିବା ସାଙ୍ଗସାଥୀଙ୍କୁ ସ୍କୁଲ ଆସିବାକୁ ଉତ୍ସାହିତ କରିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ରାଉତ ବକ୍ତବ୍ୟରେ କହିଥିଲେ। ଶେଷରେ ରାଢ଼ଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତରୁଣ କୁମାର ଜେନା ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ଗଠନ ଦିଗରେ ବିଦ୍ୟାଳୟ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ବୋଲି କହି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ସେନାପତି, ରଶ୍ମିପ୍ରଭା ରାଉତ, ମିନତିପ୍ରଭା ରାଉତରାୟ, ସଚ୍ଚିକାନ୍ତ ମିଶ୍ର, ନିରୁପମା ପଣ୍ଡା, ସସ୍ମିତା ପ୍ରଧାନ, ମାଳବିକା ରାଉତ ଏବଂ ଅଭିଭାବକ ଦୟାନିଧି ମହାରଣା ଓ ଗଗନ ବିଶ୍ୱାଳ ଆଲୋଚନାରେ ଭାଗ ନେଇଥିଲେ।


ସଭାରେ ଅତିଥିମାନେ ଆଲୋଚନା କରୁଛନ୍ତି।

# ଯୁବପିଢ଼ି ଠିକ୍ ମାର୍ଗରେ ପରିଚାଳିତ ହେଲେ ଦେଶର ପ୍ରଗତି ସମ୍ଭବ

ଜଗତ୍ସିଂହପୁର, ୧୨।୧୨
(ପ୍ରମୋଦ କୁମାର ନାୟକ)


ଜିଲାସ୍ତରୀୟ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଯୁବୋତ୍ସବରେ ମଞ୍ଚାସୀନ ଅତିଥି।

## ଜିଲାସ୍ତରୀୟ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଯୁବୋତ୍ସବ

ଜଗତ୍ସିଂହପୁର ଜିଲାର ୧୫ରୁ ୨୯ ବର୍ଷୀୟ ଯୁବତୀ ଓ ଯୁବକମାନଙ୍କୁ ନେଇ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଯୁବୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଦିକବି ସାରଳା ଦାସ ସଂସ୍କୃତି ଭବନ, ନିମାଇଁ ଭବନ ଏବଂ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ପରିସରରେ ପୃଥକ୍ ଭାବେ ବିଜ୍ଞାନ ମେଳା, ଲୋକନୃତ୍ୟ, ଲୋକ ଗୀତ, ଔପଚାରିକ ବକ୍ତୃତା, ଚିତ୍ରାଙ୍କନ, ଗଳ୍ପ ଲିଖନ ଓ କବିତା ଲିଖନ ଆଦି ବିଭାଗଗୁଡ଼ିକରେ ପ୍ରତିଯୋଗିତା ହୋଇଥିଲା। ଦଳଗତ ଲୋକ ନୃତ୍ୟରେ ଆଳିପିଙ୍ଗଳସ୍ଥିତ ଜ୍ଞାନ ଲକ୍ଷ୍ମୀ କଳା ପ୍ରତିଷ୍ଠାନ, ଲୋକଗୀତରେ ଜବାହର ନବୋଦୟ ବିଦ୍ୟାଳୟ, ବିଜ୍ଞାନ ମେଳାରେ ଅଳକା ମହାବିଦ୍ୟାଳୟ (ଅନନ୍ତ ବଟ), କବିତା ଲିଖନରେ ପ୍ରିୟଦର୍ଶିନୀ ବେହେରା, ଗଳ୍ପ ଲିଖନରେ ଅନନ୍ୟା ମହାନ୍ତ, ବକ୍ତୃତାରେ ସାଇ ସ୍ୱରୂପ ବିଶ୍ୱାଳ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଶୁଭଶ୍ରୀ ସାହୁ ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁରୂପ ଭାବେ ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ ୪ ଜଣ ଏକକ ପ୍ରତିଯୋଗୀ, ୨ଟି ସାଂସ୍କୃତିକ ଦଳ ଓ ୧ଟି ବିଜ୍ଞାନ ମେଳା ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଦଳଗତ ପ୍ରତିଯୋଗୀମାନଙ୍କୁ ପ୍ରଥମ ୧୦,୦୦୦, ଦ୍ୱିତୀୟ ୭୫୦୦ ଓ ତୃତୀୟ ପୁରସ୍କାର ଭାବେ ୫୦୦୦ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି ଏକକ ପ୍ରତିଯୋଗିତାରେ ପ୍ରଥମ ୫୦୦୦ ଟଙ୍କା, ଦ୍ୱିତୀୟ ୩୦୦୦ ଓ ତୃତୀୟ ପୁରସ୍କାର ସ୍ୱରୂପ ୨୦୦୦ ଟଙ୍କା ଦିଆଯାଇଥିଲା। ଏନେଇ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତ୍ସିଂହପୁର ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ ବିଜ୍ଞାନ ମେଳା ଓ ଯୁବ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଉପସ୍ଥିତ ଯୁବପିଢ଼ିଙ୍କୁ ନିଜର କର୍ମ ମାଧ୍ୟମରେ ପରିଚୟ ସୃଷ୍ଟି ପାଇଁ ପରାମର୍ଶ ଦେଇଥିଲେ। ସେ କହିଥିଲେ, ଯୁବପିଢ଼ି ଠିକ ମାର୍ଗରେ ପରିଚାଳିତ ହେଲେ ଦେଶର ପ୍ରଗତି ସମ୍ଭବ। ସଫଳତା ପାଇବାକୁ ହେଲେ ଉଦ୍ୟମ ଅବ୍ୟାହତ ରଖିବା ଜରୁରୀ। ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ଯୁବ ସମାଜ ହେଉଛନ୍ତି ଦେଶ ପ୍ରଗତିର ସାରଥି। ସେମାନଙ୍କର ସ୍ୱଭାବ, ଚରିତ୍ର ଓ ନୈତିକତା ଗଠନ କ୍ଷେତ୍ରରେ ଅଭିଭାବକ ତଥା ସମାଜର ଗୁରୁ ଦାୟିତ୍ୱ ରହିଛି। ସେମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ମିଳିପାରିଲେ ପ୍ରଗତି ଗତିଶୀଳ ହୋଇପାରିବ ବୋଲି କହିଥିଲେ। ଜିଲା ସଂସ୍କୃତି ଅଧିକାରୀ ଦିଲୀପ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁଥ ଅଫିସର ନିଖିଲ କୋକୁଲ୍ଲା, ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଯୋଗଦେଇ ଉପସ୍ଥିତ ଯୁବବର୍ଗଙ୍କୁ ଉତ୍ସାହିତ କରିଥିଲେ। ଯୁଥ ରେଡ୍‌କ୍ରସର ରାଜ୍ୟ ସଂଯୋଜକ ଗୋପାଳ କୃଷ୍ଣ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲା କ୍ରୀଡା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସେହିପରି ଅପରାହ୍ନରେ ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଯୋଗଦେଇ ଯୁବପିଢ଼ିଙ୍କୁ ଦେଶର ଆଗାମୀ ଭବିଷ୍ୟତ ବୋଲି ଅଭିହିତ କରିଥିଲେ। ପାଠପଢ଼ା ବ୍ୟତୀତ ଅନ୍ୟ ଦିଗରେ ଦକ୍ଷତା ବୃଦ୍ଧି ସହ ପ୍ରତ୍ୟେକ ଦେଶର ସୁନାଗରିକ ହେବାକୁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜଗତ୍ସିଂହପୁର ପୌରାଧ୍ୟକ୍ଷା ସିଂହ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ମନୀଷା ମିଶ୍ର ଉତ୍ସବ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମାଇଁ ଭାରତର ସ୍ୱେଚ୍ଛାସେବୀ, ବିଚାରକ ମଣ୍ଡଳୀ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସହାୟତା କରିଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଆସିଥିବା ଯୁବ ପ୍ରତିଭା, ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ, ବୁଦ୍ଧିଜୀବୀ ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ।

**ରସିଦ ନ ଦେଇ ରେଡକ୍ରସ୍ ନାଁରେ ଟଙ୍କା ଆଦାୟ ଅଭିଯୋଗ**

# ଜରିମାନା ଦେୟ ରସିଦ ପୈଠ ବେଳେ ନିଆଯାଉଛି ଟଙ୍କା

ନୟାଗଡ଼,୧୧।୧୨(ଲୋକନାଥ ମିଶ୍ର)
ନୟାଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ( ଆରଟିଓ) ରେ ରେଡକ୍ରସ୍ ନାଁରେ ୧୦୦ରୁ ୫୦୦ ଟଙ୍କା ଆଦାୟ ହେଉଥିବା ବେଳେ ଏଥିରେ ଚଞ୍ଚକତା କରାଯାଉଥିବା କୁହାଯାଉଛି। ରେଡକ୍ରସ୍ ପାଇଁ ଉଦ୍ଦିଷ୍ଟ ଟଙ୍କା ଲାଗି ହାତଗଣତି କେତେକ ଲୋକ ରସିଦ ପାଉଥିବାବେଳେ ଅଧିକାଂଶ ପାଉ ନ ଥିବା ଅଭିଯୋଗ ହୋଇ ଆସୁଛି। ରେଡକ୍ରସ୍ ଟଙ୍କା ନ ଦେଲେ ଜରିମାନା ବାବଦ ସ୍ଲିପ୍ ନ ଦେଇ ଲୋକଙ୍କୁ ଫେରାଇ ଦିଆଯାଉଥିବା ଅନୁରୂପ ଅଭିଯୋଗ ହେଉଛି। ଏହାର ପ୍ରତିବାଦ କଲେ ସିନିଅର ରେଭିନ୍ୟୁ ଆସିଷ୍ଟାଣ୍ଟ ଖରାପ ବ୍ୟବହାର ଦେଖାଉଥିବାର କୁହାଯାଉଛି। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ କେତେକ ଖବରଦାତା ଆରଟିଓ ଅଫିସକୁ ଶୁକ୍ରବାର ଯାଇ ଘଟଣାର ଯାଞ୍ଚ କରିଥିଲେ। ତେବେ ରେଡକ୍ରସ୍ ପାଇଁ ଟଙ୍କା ନ ଦେଲେ ସ୍ଲିପ୍ ଦେଇ ହେବନି ବୋଲି କହି ସିନିଅର ରେଭିନ୍ୟୁ ଆସିଷ୍ଟାଣ୍ଟ ଫେରାଇ ଦେଇଥିଲେ। ଏପରିକି ଦୁର୍ବ୍ୟବହାର ଦେଖାଇଥିଲେ। ଖବରଦାତା ପରିଚୟ ଜାଣିବା ପରେ ବ୍ୟବହାରରେ ସାମାନ୍ୟ ପରିବର୍ତ୍ତନ ଆସିଥିଲା। ତେବେ ନିଜକୁ ନିର୍ଦ୍ଦୋଷ ବୋଲି ବାରମ୍ବାର ସଫେଇ ଦେଇ ସବୁ କିଛି ଠିକ୍‌ଠାକ ଚାଲିଛି କହୁଥିଲେ। ଏନେଇ ଗଣିଆର ସୁଦାମା ପ୍ରଧାନ କୁହନ୍ତି, ମୋର ଜଣେ ସମ୍ପର୍କୀୟ ଡ୍ରାଇଭର ମଦ୍ୟପାନ କରି ଦଣ୍ଡିତ ହୋଇଥିଲେ। ତାଙ୍କୁ ୧୦ ହଜାର ଟଙ୍କା ଜରିମାନା ପଡିଥିଲା। ଦେୟ କୋର୍ଟରେ ପୈଠ କରି ଅନ୍‌ଲାଇନ୍ ରସିଦ୍ ଡିପୋଜିଟ୍ ପାଇଁ ଆରଟିଓ ଅଫିସକୁ ଯାଇଥିଲି। ମୋ ସାଥିରେ ସମ୍ପୃକ୍ତ ଡ୍ରାଇଭର ଥିଲେ। ଅନ୍‌ଲାଇନ୍ ରସିଦ୍ ଡିପୋଜିଟ୍ ସମୟରେ ୨୦୦ ଟଙ୍କା ରେଡ୍‌କ୍ରସ୍ ପାଇଁ ମାଗିଥିଲେ। ୧୦୦ ଟଙ୍କା ଦେବା ପରେ ହେବନି କହିଥିଲେ। ପରେ ୨୦୦ ଟଙ୍କା ଦେଲୁ ହେଲେ ରସିଦ୍ ଦେଲେନି। କହିଲେ ଆପଣ ଘରକୁ ଯାଆନ୍ତୁ ଆପଣଙ୍କର ସମସ୍ୟା ସମାଧାନ ହୋଇଯିବ। କୋର୍ଟରୁ ରସିଦ୍ ମିଳିଲା ଆପଣ କାହିଁକି ରସିଦ୍ ଦେବେନି କହିବାରୁ କୋର୍ଟର ରସିଦ୍ ଫେରାଇ ଦେଇଥିଲେ। ଆମେ ବାଧହୋଇ ଟଙ୍କା ଦେଇ ଆସିଲୁ। ପରେ ଆମର ସମସ୍ୟା ସମାଧାନ ହୋଇଯାଇଥିଲା।

**ଟଙ୍କା ନ ଦେଲେ ଦୁର୍ବ୍ୟବହାର**

ଯଦି ୨୦୦ ଟଙ୍କା ରେଡ୍‌କ୍ରସ୍ ପାଇଁ ନିଆ ଯାଉଛି ତେବେ ରସିଦ୍ କ’ଣ ପାଇଁ ଦେବେନି। ଅନ୍ୟପକ୍ଷେ ଭୁଲ କଲୁ ବୋଲି ୧୦ ହଜାର ଦଣ୍ଡ ଦେଲୁ। ଦଣ୍ଡ ପରେ ପୁଣି ରେଡ୍‌କ୍ରସ୍ ପାଇଁ ୨୦୦ ଟଙ୍କା କାହିଁକି ଦେବୁ। ରେଡ୍‌କ୍ରସ୍ ପାଇଁ ୨୦୦ ଟଙ୍କା ଆଦାୟ ହେଉଛି ବୋଲି ସଚେତନତା କରାଯାଉନି କାହିଁକି ସେ କହିଛନ୍ତି। ୫ରୁ ଊର୍ଦ୍ଧ୍ୱ ଲୋକ ନିଜ ନାଁ ଗୋପନ ରଖି ପ୍ରକାଶ କରିଛନ୍ତି। ବିଭିନ୍ନ କାରବାର କ୍ଷେତ୍ରରେ ରେଡକ୍ରସ୍ ନାଁରେ ୨୦୦ରୁ ୫୦୦ ଟଙ୍କା ଆଦାୟ ହେଉଛି। କିଛି ଲୋକ ରସିଦ୍ ପାଉଥିବା ବେଳେ ଅଧିକାଂଶ ଲୋକ ପାଉ ନାହାନ୍ତି। ରେଡ୍‌କ୍ରସ୍ ପାଇଁ ଟଙ୍କା ନ ଦେଲେ ଖରାପ ବ୍ୟବହାର ଶୁଣିବାକୁ ପଡୁଛି। ଏ ନେଇ ତଦନ୍ତ କରାଯାଇ ପଦକ୍ଷେପ ନିଆଯାଉ ବୋଲି କହିଛନ୍ତି।

ଏ ସମ୍ପର୍କରେ ସିନିଅର ରେଭିନ୍ୟୁ ଆସିଷ୍ଟାଣ୍ଟ ଧର୍ମପଦ ସେଠୀ କୁହନ୍ତି, ଜିଲାପାଳ ଆମକୁ ରେଡ୍‌କ୍ରସ୍ ପାଇଁ ଟଙ୍କା ଆଦାୟ କରିବାକୁ କହିଛନ୍ତି। ରେଡ୍‌କ୍ରସ୍ ପାଇଁ ଟଙ୍କା ନ ଦେଲେ କୋର୍ଟରେ ଜମା ହୋଇଥିବା ଜରିମାନା ଟଙ୍କାର ରସିଦ୍ ରଖି ହେବନି। ରେଡ୍‌କ୍ରସ୍ ଟଙ୍କା ଦେବା ପାଇଁ ପ୍ରଥମେ ବାଧ୍ୟତାମୂଳକ କହିଥିବାବେଳେ ପରେ ବାଧ୍ୟତାମୂଳକ ନୁହେଁ କହିଛନ୍ତି। ତେବେ ମୁଁ କାହାକୁ ଖରାପ ବ୍ୟବହାର ଦେଖାଉ ନାହିଁକି ଖବରଦାତାଙ୍କୁ ଦୁର୍ବ୍ୟବହାର କରିନାହିଁ ବୋଲି ସେ କହିଛନ୍ତି। ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) ନିର୍ମଳ ମହାନ୍ତିଙ୍କୁ ପଚାରିବାରୁ ସିନିଅର ରେଭିନ୍ୟୁ ଆସିଷ୍ଟାଣ୍ଟଙ୍କ ବିରୋଧରେ କିଛି ଅଭିଯୋଗ ଆସିଲାଣି। ମୁଁ ଏହାର ତଦନ୍ତ କରି ପଦକ୍ଷେପ ନେବି ବୋଲି ସୂଚନା ଦେଇଛନ୍ତି।

## ନୟାଗଡ଼ ବନଖଣ୍ଡରୁ ପୁରୀ ରଥ ନିର୍ମାଣ ପାଇଁ ୮୧୮ ଖଣ୍ଡ କାଠ ଯିବ

ଦଶପଲ୍ଲା, ୧୨।୧୨
(ପ୍ରକାଶ କୁମାର ପାଣି)
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ୨୦୨୬ ପାଇଁ ନୟାଗଡ଼ ବନଖଣ୍ଡରୁ ଚଳିତ ବର୍ଷ ୮୧୮ ଖଣ୍ଡ କାଠ ପଠାଯିବ ବୋଲି ଜଣାପଡିଛି। ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବାବେଳେ ବିଗତ ବର୍ଷର ୪୭ ଖଣ୍ଡ କାଠ ବଳକା ରହିଛି। ୮୧୮ ଖଣ୍ଡ କାଠ ମଧ୍ୟରୁ ୪୦୨ ଖଣ୍ଡ ସ’ ମିଲକୁ ଯିବାକୁ ଥିବାବେଳେ ୪୧୬ ଖଣ୍ଡ କାଠ ରଥ ଖଳାକୁ ଯିବ ବୋଲି ଜଣାପଡିଛି। ବିଭିନ୍ନ କିସମର ଅସନ, ଧଉରା, ଫାଶୀ ଓ ସିମୁଳି କାଠ ପଠାଯିବ। ସେହିଭଳି ପ୍ରଭୁ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା ପାଇଁ ରଥ ନିର୍ମାଣ ନିମନ୍ତେ ୩୫ ଖଣ୍ଡ କାଠ ପଠାଯିବ ବୋଲି ଦଶପଲ୍ଲା ରେଞ୍ଜର ଶ୍ରୀନିବାସ ଦାସଙ୍କ ସୂତ୍ରରୁ ଜଣାଯାଇଛି।

## ଘର ତାଲା ଭାଙ୍ଗି ଅଳଙ୍କାର ଲୁଟ

ଭାପୁର,୧୨।୧୨(ପ୍ରଭାତ ବରାଡ)
ଫତେଗଡ ଥାନା ଅର୍ନ୍ତଗତ ଫତେଗଡ ଗ୍ରାମରୁ ବିଳମ୍ବିତ ରାତ୍ରିରେ ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍ ହୋଇଛି। ଫତେଗଡ଼ ଥାନାଠାରୁ ଦୁଇ ଶହ ମିଟର ଦୂରରେ ଥିବା ବାଳକୃଷ୍ଣ ବେହେରାଙ୍କ ଘରୁ ଚୋରି ହୋଇଛି। ସେ ଏୟାର ଫୋର୍ସରେ କାମ କରୁଥିବାରୁ ହାଇଦ୍ରାବାଦରେ ପରିବାର ସହିତ ରହନ୍ତି। ସେ ଗ୍ରାମକୁ ଆସି ଫେରିବାର ଗୋଟିଏ ଦିନପରେ ଅର୍ଥାତ ଗୁରୁବାର ରାତିରେ ଘରେ କଳାକନା ବୁଲାଇଛନ୍ତି ଚୋର। ଚୋର ଛାତ ଉପରୁ ଶିଡି ଘର ପଟେ ପଶିଥିଲେ। ହେଲେ ଗ୍ରୀଲ ତାଡିବା ସମ୍ଭବ ନ ହେବାରୁ ବିଫଳ ହୋଇ ଦାଣ୍ଡ ଘର ତାଲା ଭାଙ୍ଗି ଭିତରେ ପଶି ୬ଟି ତାଲା ଭାଙ୍ଗି ବାଳକୃଷ୍ଣଙ୍କ ଶୋଇବା ଘରେ ପଶିଥିଲେ। ଗଡରେଜ,ଆଟାଚ ଭାଙ୍ଗି ଏକ କେଜି ରୁପା ଗହଣା ସହିତ ଅନ୍ୟାନ୍ୟ ଦାମୀ ଜିନିଷ ନେଇ ଲୁଗାପଟା ଚିରି ଫୋପାଡି ଦେଇ ଫେରାର ହୋଇଯାଇଥିଲେ। ସୁନା ଅଳଙ୍କାର ଟେର ପାଇପାରି ନ ଥିଲେ। ସକାଳୁ ପାଖଘରେ ରହୁଥିବା ବଡଭାଇ ହରେକୃଷ୍ଣ ବେହେରା ଚୋରି ସମ୍ପର୍କରେ ଜାଣିବା ପରେ ସାନଭାଇଙ୍କୁ ଫୋନକରି ଜଣାଇବା ସହିତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡିଛି।

## ଶ୍ରୀଜଗନ୍ନାଥ ସଂଗ୍ରହାଳୟକୁ ଆସିଲା ପାଟରା, ହାତପେଡ଼ି

ନୟାଗଡ଼,୧୨।୧୨(ଲୋକନାଥ ମିଶ୍ର)
ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହୀପୁର ଗାଁର ୯୫ ବର୍ଷୀୟା ମହିଳା ସତ୍ୟଭାମା ସାହୁ ଦୁର୍ଦ୍ଦୁରାର ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ଅନୁଷ୍ଠାନକୁ ସ୍ୱେଚ୍ଛାକୃତ ଭାବେ ବିଭିନ୍ନ ପୁରୁଣା ସାମଗ୍ରୀ ପ୍ରଦାନ କରିଛନ୍ତି। ଏଥିରେ ୨୦୦ ବର୍ଷର ପୁରୁଣା ପାଟରା ଓ ବେତ ପେଡି ରହିଛି। ଯାହାକି ସତ୍ୟଭାମାଙ୍କ ଜେଜେ ଶାଶୁ ଯୌତୁକରେ ଆଣିଥିଲେ। ସେ ପେଡିକୁ ସାଇତି ରଖି ଆଜୀବନ ବ୍ୟବହାର କରି ଆସୁଥିଲେ। ପୁତୁରା ଶିକ୍ଷାବିତ ଧୀରେନ୍ଦ୍ର କୁମାର ସାହୁ ସଂଗ୍ରହାଳୟକୁ ଦେବାକୁ ମନସ୍ଥ କରିଥିବା କଥା ଜାଣିବା ପରେ ନିଜେ ସତ୍ୟଭାମା ତାଙ୍କର ସାଇତି ରଖିଥିବା ତାଲା ଚାବି ଥିବା ବେତ ତିଆରି ପାଟରାକୁ ସଂଗ୍ରହାଳୟକୁ ଦେଇଛନ୍ତି। ପାଟରାର ଓଜନ ୫୦ କେଜି ରହିଛି। ଅନ୍ୟପକ୍ଷେ ଦୁଇଟି, ବଡ ସିନ୍ଦୁକ,କାଠ ନିର୍ମିତ ହାତପେଡି ମଧ୍ୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାରକୁ ଦାନ କରିଛନ୍ତି। ଏଥିରେ ଅନୁଷ୍ଠାନର ସଦସ୍ୟ ସଂଯୋଜକ ଶ୍ରୀଧର ବେହେରା, ଅଜିତ୍ କୁମାର ସାହୁ ଏବଂ ସଂଗ୍ରାହକ ସଞ୍ଜୟ କୁମାର ସାହୁଙ୍କ ଉପସ୍ଥିତିରେ ଅନୁଷ୍ଠାନକୁ ହସ୍ତାନ୍ତର କରିଥିଲେ। ସମ୍ପୃକ୍ତ ଉପକରଣ ଭବିଷ୍ୟତରେ ଯୁବପିଢ଼ି ଦେଖିବାର ସୁଯୋଗ ପାଇବ ବୋଲି ସଂଗ୍ରାହକ ସଞ୍ଜୟ କୁମାର ସାହୁ କହିଛନ୍ତି।

## ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଠାଣି ସାମନ୍ତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଖଣ୍ଡପଡ଼ା,୧୨।୧୨
(ଅଜୟ କୁମାର ମହାରଣା)
ଖଣ୍ଡପଡ଼ା ସହରର ପଠାଣି ସାମନ୍ତ ସ୍ମୃତିମନ୍ଦିର ଓ ପାଠାଗାର ପରିସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜ୍ୟୋର୍ତିବିଜ୍ଞାନୀ ମହାମହୋପାଧ୍ୟାୟ ପଠାଣି ସାମନ୍ତଙ୍କ ୧୯୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ମୃତି ମନ୍ଦିର ପରିସରରେ ଆୟୋଜିତ ସାଧାରଣ ସଭାରେ ପଠାଣି ସାମନ୍ତ ସ୍ମୃତି ମନ୍ଦିର ପରିଷଦ ସଭାପତି ଆର୍ତ୍ତତ୍ରାଣ ମିଶ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ଡ଼. ନାରାୟଣ ପଣ୍ଡା ଓ ସମ୍ମାନିତ ଅତିଥି ସାହିତ୍ୟିକ ସଞ୍ଜୟ କୁମାର ଛୁଆଲସିଂ, ସୁରେନ୍ଦ୍ର ଶ୍ରୀଚନ୍ଦନ ଓ ଖଣ୍ଡପଡ଼ାର ପ୍ରଥମ ନଗରପାଳ କିଶୋର ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ସାମନ୍ତଙ୍କ ସୁଦୁର ପ୍ରସାରୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ସମ୍ପାଦକ ବିନାୟକ ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଖଣ୍ଡପଡା ସହର ଓ ଆଖପାଖ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାନ୍ୟଗନ୍ୟ ବ୍ୟକ୍ତିବିଶେଷଙ୍କୁ ଏ ଅବସରରେ ପୁଷ୍ପଗୁଚ୍ଛ,ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ବାହାଡ଼ାକୁ ହରାଇ ଭୋଗଡ଼ା ବିଜୟୀ

**ବରୁଣେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ଖଣ୍ଡପଡ଼ା,୧୨।୧୨
(ଅଜୟ କୁମାର ମହାରଣା)
କଣ୍ଟିଲୋ ପଲଟନ ପଡ଼ିଆ ମିନିଷ୍ଟାଡ଼ିୟମରେ ମା’ ବରୁଣେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୧୯ ତମ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ୮ମ ଦିବସ ଲିଗ୍ ମ୍ୟାଚରେ ବାହାଡ଼ା କ୍ରିକେଟ କ୍ଲବକୁ ୮୮ ରନରେ ହରାଇ ଭୋଗଡା କ୍ଲବ ବିଜୟୀ ହୋଇଛି। ଟସ୍ ଜିତି ପ୍ରଥମେ ଭୋଗଡା ଦଳ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୫୪ ରନ କରିଥିଲା। ଜବାବରେ ବାହାଡା ଦଳ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୬୬ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଟିମ୍‌ର ଶିବୁ ସ୍ୱାଇଁ ୪୯ ବଲରେ ୮୫ ରନ ସଂଗ୍ରହ କରି ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ମ୍ୟାଚକୁ ବଣ୍ଟି ବେହେରା ଓ ଅନିଲ ନାୟକ ପରିଚାଳନା କରିଥିଲେ। ଶେଷଦେବ ନାୟକ ଭାଷ୍ୟକାର ଓ କାହ୍ନା ବେହେରା ସ୍କୋରର ଦାୟିତ୍ୱ ତୁଲାଇ ଥିଲେ। ଶନିବାର ୯ମ ଦିବସ ପ୍ରଥମ କ୍ୱାର୍ଟର୍ସ ଫାଇନାଲରେ କାନପୁର କ୍ରିକେଟ କ୍ଲବ ବନାମ ଭୋଗଡା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବର ସଦସ୍ୟ ଶଙ୍କର ବେହେରା ସୂଚନା ଦେଇଛନ୍ତି।

## ଦାରିଙ୍ଗବାଡ଼ି: ଦ୍ୱିତୀୟ ଦିନରେ ତୁଷାରପାତ



ଦାରିଙ୍ଗବାଡ଼ି, ୧୨।୧୨ (ଅରୁଣ ସାହୁ)
ଦାରିଙ୍ଗବାଡ଼ିରେ ଶୀତ ଅସହ୍ୟ ଯନ୍ତ୍ରଣା ଦେଇଛି। ଦିନକୁ ଦିନ ତାପମାତ୍ରା ତଳ ମୁହାଁ ହେବାରେ ଲାଗିଛି। ଶୁକ୍ରବାର ଦ୍ୱିତୀୟ ଦିନରେ ମଧ ଦାରିଙ୍ଗବାଡ଼ିର ବିଭିନ୍ନ ସ୍ଥାନରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି। ବିଶେଷ କରି କଫିବଗିଚା, କଲେଜ ପଡ଼ିଆ, ପେଟ୍ରୋଲଟାଙ୍କି ସାହି, ବଡ଼ିପଦର, ଶ୍ରୀପଙ୍କା, ସମେତ ସିମନବାଡ଼ି, ଶ୍ରାନିକେତା, କିରିକୁଟି, ତିଲୋରୀ, ବାଡ଼ାବାଙ୍ଗା, ଦାସିଙ୍ଗବାଡ଼ି, ସୋନପୁର, ସିଆଙ୍ଗବାଲି, ଭ୍ରମରବାଡ଼ି ପଞ୍ଚାୟତ ଆଦି ଅଞ୍ଚଳରେ ମଧ ତୁଷାରପାତ ହୋଇଛି। ଦାରିଙ୍ଗବାଡ଼ିବାସୀଙ୍କ ପାଇଁ ଅସମ୍ଭାଳ ହେବାରେ ଲାଗିଛି। ସନ୍ଧ୍ୟା ନଇଁ ଆସିବା ପରଠାରୁ ପରଦିନ ସକାଳ ୧୦ଟା ପର୍ଯ୍ୟନ୍ତ ଅସହ୍ୟ ଜାଡ଼ ଅସ୍ତବ୍ୟସ୍ତ କରିପକାଉଛି। ଶ୍ରମିକ ହୁଅନ୍ତୁ କି ସରକାରୀ ଓ ବେସରକାରୀ କର୍ମଚାରି ସଠିକ ସମୟରେ ନିଜ କାମଧନ୍ଦା ପାଇଁ ପହଞ୍ଚିବା ମୁସ୍କିଲ ହୋଇପଡ଼ିଛି। ସନ୍ଧ୍ୟା ହେବାକ୍ଷଣି ରାସ୍ତାଘାଟ, ବଜାର ଜନ ଶୂନ୍ୟ ହୋଇପଡୁ ଥିବାବେଳେ ଗାଁ ଦାଣ୍ଡ ଖାଁ ଖାଁ ଲାଗୁଛି। ତେବେ ଦୈନିକ ହଜାର ସଂଖ୍ୟାରେ ପର୍ଯ୍ୟଟକ ଶୀତର ମଜା ନେବାକୁ ଦାରିଙ୍ଗବାଡିରେ ଭିଡ଼ ଜାମଉଛନ୍ତି। ଆଗକୁ ରବିବାର ପର୍ଯ୍ୟନ୍ତ ସମସ୍ତ ହୋଟେଲ, ଲଜ ଗୁଡିକ ବୁକିଂ ସରିଗଲାଣି ବୋଲି ହୋଟେଲ ସଙ୍ଘର ସଭାପତି ଗିରିଶ ଚନ୍ଦ୍ର ସାହୁ କହିଛନ୍ତି।

## ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ

ଛତ୍ରପୁର,୧୨।୧୨(ଦିଲୀପ ସାମଲ)
ଚମାଖଣ୍ଡି ଛକରେ ଶୁକ୍ରବାର କୌଣସି ଏକ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚମାଖଣ୍ଡି ଅଞ୍ଚଳର ପ୍ରହ୍ଲାଦ ନାୟକ (୬୦)। ପ୍ରହ୍ଲାଦ ତାଙ୍କ ସ୍ତ୍ରୀଙ୍କ ସହିତ କାଳିଆବାଲିରୁ ନିଜ ଘରକୁ ଚାଲି ଚାଲି ଯାଉଥିଲେ। ଚମାଖଣ୍ଡି ଛକରେ ପଛରୁ ଏକ ଗାଡି ଧକ୍କା ଦେଇ ପଳାଇବାରୁ ପ୍ରହ୍ଲାଦ ଗୁରୁତର ଆହତ ହୋଇଥିଲେ। ଚମାଖଣ୍ଡି ପୋଲିସ ପହଞ୍ଚି ତାଙ୍କୁ ପ୍ରଥମେ ଛତ୍ରପୁର ଓ ପରେ ବ୍ରହ୍ମପୁର ବଡ ମେଡ଼ିକାଲକୁ ପଠାଇଥିଲା। ସେଠାରେ ପ୍ରହ୍ଲାଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଚମାଖଣ୍ଡିଥାନାରେ ନଂ.୫୫୮ / ୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି କହିଛନ୍ତି।

## କପିଳେଶ୍ୱର ମନ୍ଦିର ପାର୍ଶ୍ୱ ନଦୀ ହିଡ଼ରେ ହେବ ଶ୍ମଶାନଘାଟ

ପୁରୁଷୋତ୍ତମପୁର,୧୨।୧୨(ସବିତା ମିଶ୍ର)
ଗଞ୍ଜାମ ଜିଲା ପୁରୁଷୋତ୍ତମପୁରରେ ମୃତଦେହ ଦାହ କରିବା ଓ କ୍ରିୟାକ୍ରମ କରିବା ଲାଗି ୱାର୍ଡନଂ ୭,୮,୯,୧୦,୧୧ର ବାସିନ୍ଦାମାନେ ନାହିଁ ନ ଥିବା ହଇରାଣ ହେଉଥିଲେ। କପିଳେଶ୍ୱର ମନ୍ଦିର ସମ୍ମୁଖ ତୋରାବଣ ଋଷିକୁଲ୍ୟା ନଦୀ ପଠାରେ ନିର୍ମିତ ମୃତଦେହ ଦାହ ଗୃହକୁ କେତେ ଜଣ ବ୍ୟକ୍ତି ଜବରଦଖଲ କରି ରଖିଥିବାରୁ ସେମାନେ ମୃତଦେହକୁ ଦାହ ପାଇଁ କାନ୍ଧେଇ ବହୁଦୂରରେ ଥିବା କନକା ଓ କୁମାରୀ ମୌଜା ଶ୍ମଶାନଘାଟକୁ ନେଉଛନ୍ତି। ଏ ନେଇ ଧରିତ୍ରୀରେ ଏକ ଖବର ମଙ୍ଗଳବାର ପ୍ରକାଶ ପାଇବା ପରେ ପ୍ରସାଶନ ତତ୍ପରତା ପ୍ରକାଶ କରିଛି। ଶୁକ୍ରବାର ତହସିଲଦାର ବିନୋଦ ବେହେରା,ଏନଏସି ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀ, ଅଧକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ଜନପ୍ରତିନିଧି ଚିଣ୍ଟୁ ମହାପାତ୍ର, ଯନ୍ତ୍ରୀ ରାମଚନ୍ଦ୍ର ପେଙ୍ଗୁଆ, ଆରଆଇ ଏ.ଶ୍ରୀକାନ୍ତ ଦୋରା ସେଠାରେ ପହଞ୍ଚି ଜବରଦଖଲରେ ରହିଥିବା ଶ୍ମଶାନ ଗୃହକୁ ଦେଖିବା ସହ ଖୋଲା ଆକାଶତଳେ ଗଛମୂଳେ ଅସୁରକ୍ଷିତ ସ୍ଥାନରେ ଲୋକେ କ୍ରିୟାକର୍ମ କରୁଥିବା ଦେଖି ଚିନ୍ତା ପ୍ରକଟ କରିଥିଲେ। ଏହି ସମସ୍ୟା କିପରି ଶୀଘ୍ର ସମାଧାନ ହୋଇପାରିବ ସେନେଇ ଉପସ୍ଥିତ ଜନସାଧାରଣ ଓ ସାମାଜିକକର୍ମୀଙ୍କ ସହ ଆଲୋଚନା କରି କପିଳେଶ୍ୱର ମନ୍ଦିର ପାର୍ଶ୍ୱ ନଦୀ ହିଡରେ ଏକ ନୂତନ ଶ୍ମଶାନଘାଟ ସହ କ୍ରିୟାକର୍ମ ଗୃହ, ମୃତବ୍ୟକ୍ତିଙ୍କ ଅସ୍ଥି ରହିବା ସ୍ଥାନ ଯୁଦ୍ଧକାଳିନ ଭିତ୍ତିରେ ନିର୍ମାଣ କରବାକୁ ଜିଲାପାଳଙ୍କୁ ଜଣାଇବାକୁ ନିଷ୍ପତ୍ତି ନେଇଥିଲେ।


ତହସିଲଦାର,ନିର୍ବାହୀ ଅଧିକାରୀ, ଅଧକ୍ଷ ଶ୍ମଶାନସ୍ଥଳ ପରିଦର୍ଶନ କରୁଛନ୍ତି।

## ନୟାଗଡ଼ ଜିଲା ମହୋତ୍ସବର ସ୍ୱତନ୍ତ୍ର ନାମକରଣ ପାଇଁ ଦାବି

ନୟାଗଡ଼,୧୨।୧୨(ଲୋକନାଥ ମିଶ୍ର)
ନୟାଗଡ଼ ଜିଲା ମହୋତ୍ସବର ସ୍ୱତନ୍ତ୍ର ନାମକରଣ ପାଇଁ ଦାବି ଉଠିଛି। ଏନେଇ ଜିଲା କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ବାଚସ୍ପତି ସୁରମା ପାଢ଼ୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟର ବହୁ ଜିଲାରେ ମହୋତ୍ସବଗୁଡିକର ସ୍ୱତନ୍ତ୍ର ନାମକରଣ କରାଯାଇ ତା’ର ନିଜସ୍ୱ ପରିଚୟ ପାଉଥିବା ବେଳେ ନୟାଗଡ଼ ଜିଲାରେ ବିଗତ ୩୦ ବର୍ଷ ଧରି ମହୋତ୍ସବ ହୋଇ ଆସୁଥିଲେ ମଧ୍ୟ ସ୍ୱତନ୍ତ୍ର ନାମକରଣ କରାଯାଉନି। ସ୍ୱତନ୍ତ୍ର ନାମକରଣ ସମ୍ପର୍କରେ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଥିଲେ ମଧ୍ୟ ଅଣଦେଖା କରାଯାଉଛି। ଏନେଇ ରଣଜିତ ବାଚସ୍ପତିଙ୍କ ଅଫିସିଆଲ ଟୁଇଟର ହାଣ୍ଡେଲ ‘X’ରେ ଚିଠି ମାଧ୍ୟମରେ ପ୍ରସ୍ତାବ ଦେଇଛନ୍ତି। ଚିଠିର ନକଲ ମଧ୍ୟ ନୟାଗଡ଼ ଜିଲାପାଳଙ୍କ ଟୁଇଟର ହାଣ୍ଡେଲରେ ଅପ୍‌ଲୋଡ଼ କରିଛନ୍ତି।

## କଳାମୁଗୁନି ପଥର ବୋଝେଇ ଟ୍ରାକ୍ଟର ଜବତ

ନୟାଗଡ,୧୨।୧୨(ଲୋକନାଥ ମିଶ୍ର)
ବେଆଇନ ଭାବେ କଳାମୁଗୁନି ପଥର ଚାଲାଣ ହେଉଥିବା ବେଳେ ଟ୍ରାକ୍ଟରକୁ ଇଟାମାଟି ଥାନା ପୋଲିସ ଜବତ କରିଛି। ଏହି ଘଟଣାରେ ମାଲିକ ବଳିଆଙ୍କ ସମେତ ଡ୍ରାଇଭର, କେତେକ ଲୋକଙ୍କ ନାଁରେ ନଂ.୪୩୨ / ୨୫ରେ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ନୟାଗଡ ତହସିଲ ନୟାଗଡ ଟାଉନ ଥାନା ଅନ୍ତର୍ଗତ ବୃନ୍ଦାବନପୁର ମୁଣ୍ଡିଆ ନିଲାମ ହୋଇ ନାହିଁ। ତେବେ ଏଠାରେ ବେଆଇନ ଖଣି ଖନନ କରାଯାଇ ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ ହୋଇ ଆସୁଛି। ଓଡି୨୫ପି ୧୬୪୩ ନଂ ଟ୍ରାକ୍ଟରରେ କଳାମୁଗୁନି ପଥର ଚାଲାଣ ହେଉଥିବାବେଳେ ପୋଲିସ ଏହାକୁ ଜବତ କରିଥିଲା। ଏହି ଘଟଣାରେ ଡ୍ରାଇଭରଙ୍କୁ ଥାନାରୁ ବେଲ ଦିଆଯାଇଛି।

## ମଣ୍ଡଳସ୍ତରୀୟ କୁଇଜ୍ ପ୍ରତିଯୋଗିତା

ଗଣିଆ,୧୨।୧୨ (ସନ୍ତୋଷ କୁମାର ପ୍ରଧାନ)
ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ଗଣିଆ ପିଏମ୍ ଶ୍ରୀ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ମଣ୍ଡଳସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଜୁନିଅର୍, ସବ୍ ଜୁନିଅର୍ ଓ ସିନିଅର୍ ତିନୋଟି ଦଳରେ ବିଭକ୍ତ କରାଯାଇଥିଲା। ଜୁନିଅର୍ ଦଳରେ ୪୦, ସବ୍ ଜୁନିଅର୍ ଦଳରେ ୪୫ ଓ ସିନିଅର ଦଳରେ ୪୩ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସବ୍‌ଜୁନିଅର ଦଳରେ ରାଉତପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆରାଧ୍ୟା ଦେବୀ, ଜୁନିଅର୍ ଦଳରେ ଛାମୁଣ୍ଡିଆ କୁଞ୍ଜ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବିଚିତ୍ରାନନ୍ଦ ରଣା ଓ ସିନଅର୍ ଦଳରେ କିଶୋର ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ଅରୁଣ ମହାଳିକ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଗଣିଆ ମଣ୍ଡଳ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ରାଉତରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଗଣିଆ ବ୍ଲକ ଅଧକ୍ଷା ଝୁନା ଜେନା ଓ ମୁଖ୍ୟ ବକ୍ତା ଏବିଇଓ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜିକା ବିନୋଦିନୀ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଏବିଇଓ ନିରୁପମା ମହାପାତ୍ର, ପିଏମ୍‌ଶ୍ରୀ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନୀହାରବାଳା ରାଉତ, ଗଣିଆ ସରପଞ୍ଚ ଗିରିଧାରୀ ସେଠୀ ଓ ସମିତିସଭ୍ୟ ଫକୀର ମୋହନ ଡାକୁଆ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏଥିସହିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ସିଆରସିସି ସହଯୋଗ କରିଥିଲେ।



ଅତିଥିଙ୍କ ସହ ପୁରସ୍କୃତ ପ୍ରତିଯୋଗୀ।

## ସାତକୋଶିଆକୁ ଆସିଲେନି ଇଣ୍ଡିଆନ ସ୍କିମର ପକ୍ଷୀ

ଗଣିଆ, ୧୨।୧୨
(ସନ୍ତୋଷ କୁମାର ପ୍ରଧାନ)
ପ୍ରତିବର୍ଷ ଶୀତଋତୁ ଆସିଲେ ନଭେମ୍ବର ଆରମ୍ଭରୁ ମହାନଦୀର ସାତକୋଶିଆ ଗଣ୍ଡକୁ ବିଭିନ୍ନ ପ୍ରଜାତିର ବିଦେଶାଗତ ପକ୍ଷୀ ଆସିଥାନ୍ତି। ଏହି ବିଦେଶାଗତ ପକ୍ଷୀମାନଙ୍କ ମଧ୍ୟରେ ଇଣ୍ଡିଆନ ସ୍କିମର ଅନ୍ୟତମ। କିନ୍ତୁ ଚଳିତ ବର୍ଷ ଡିସେମ୍ବର ଅଧା ସମୟ ଅତିକ୍ରାନ୍ତ ହେଲାଣି ହେଲେ ଏହି ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ମିଳିନି। ଚଳିତ ବର୍ଷ ଶୀତ ବିଳମ୍ବରେ ଆସିବାରୁ ଏହି ପକ୍ଷୀଗୁଡିକ ଆସିନଥିବା କେତେକ ପ୍ରକୃତିପ୍ରେମୀ କହୁଥିବା ବେଳେ ପକ୍ଷୀମାନଙ୍କ ବିଚରଣସ୍ଥଳୀରେ ବିଶୃଙ୍ଖଳା ହେତୁ ଏଠାରୁ ମୁହଁ ଫେରାଉଥିବା ଆଉ କେତେକ ପରିବେଶବିତ୍ ମତ ଦେଉଛନ୍ତି।

ପ୍ରକାଶଯେ, ବିଦେଶାଗତ ଇଣ୍ଡିଆନ ସ୍କିମର ପକ୍ଷୀ ସାଇବେରିଆ ଓ ଲଦାଖ ଅଞ୍ଚଳରୁ ଆସିଥାନ୍ତି। ଓଡ଼ିଶାର ସାତକୋଶିଆ ଗଣ୍ଡର ଟିକରପଡ଼ା, ସୁନାଖଣିଆ ଓ ବଡ଼ମୂଳ, କଟକ ଜିଲାର ମୁଣ୍ଡୁଳି ଅଞ୍ଚଳରେ ଏହି ବିଦେଶାଗତ ପକ୍ଷୀ ଗଣନା ବେଳେ ଦେଖିବାକୁ ମିଳିଥାନ୍ତି। ଇଣ୍ଡିଆନ ସ୍କିମର ପକ୍ଷୀ ଦେଖିବାକୁ ଅତ୍ୟନ୍ତ ସୁନ୍ଦର। ନାରଙ୍ଗୀ ରଙ୍ଗର ଥଣ୍ଟ ସହ ଧଳା ଓ ଧୂସରିଆ ମିଶ୍ରିତ ଶରୀର। ମହାନଦୀର ବାଲୁକା ପଠାରେ ଦଳ ଦଳ ହୋଇ ବିଚରଣ କରୁଥିବା ବେଳେ କିଚିରିମିଚିରି କଳରବ ପର୍ଯ୍ୟଟକମାନଙ୍କ ମନମୁଗ୍ଧ କରିଥାଏ। ସାତକୋଶିଆ ଗଣ୍ଡରେ ପର୍ଯ୍ୟଟକମାନେ ନୌକା ବିହାର କରୁଥିବାବେଳେ ପକ୍ଷୀମାନଙ୍କର ଫଟୋ ଉଠାଇବା ସହ ମଜା ନେଇଥାନ୍ତି। ଏହି ବିଦେଶାଗତ ପକ୍ଷୀମାନେ ପ୍ରତି ବର୍ଷ ସାତକୋଶିଆ ଗଣ୍ଡକୁ ପୁନର୍ବାର ଆସୁଛନ୍ତି କି ନାହିଁ ଜାଣିବା ପାଇଁ ୨୦୧୪ରେ ନୟାଗଡ଼ ବନ୍ୟପ୍ରାଣୀ ବିଭାଗ ଦ୍ୱାରା ବାର୍ଡ ରିଙ୍ଗିଙ୍ଗ କରାଯାଇଥିଲା। ପକ୍ଷୀମାନଙ୍କ ଗୋଡ଼ରେ ନମ୍ବରିଂ କରି ଚିହ୍ନିତ କରାଯାଇଥିଲା। ଚିହ୍ନିତ କରାଯାଇଥିବା କେତେକ ପକ୍ଷୀ ସାତକୋଶିଆକୁ ପୁନର୍ବାର ଆସି ଫେରି ଯାଇଥିଲେ। ଏହି ପକ୍ଷୀମାନେ ଜନଶୂନ୍ୟ ନିରାପଦ ଅଞ୍ଚଳରେ ରହିବାକୁ ପସନ୍ଦ କରନ୍ତି। ବାସସ୍ଥଳୀରେ ବିଶୃଙ୍ଖଳା ସୃଷ୍ଟି ହେଲେ ଆଉ ସେ ସ୍ଥାନକୁ ଆସନ୍ତି ନାହିଁ। ତେବେ ସାତକୋଶିଆ ଗଣ୍ଡରେ ଅବାଧ ପ୍ରବେଶ କରି ମାଛ ଧରିବା ଓ ଲୋକଙ୍କର ଚଳ ପ୍ରଚଳ ହେତୁ ଏହି ପକ୍ଷୀମାନେ ସାତକୋଶିଆରୁ ମୁହଁ ଫେରାଉଥିବା କେତେକ ପରିବେଶବିତ୍ ମତ ଦେଇଛନ୍ତି।

ଏ ସମ୍ପର୍କରେ ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କୁ ପଚାରିବାରୁ ବିଳମ୍ବରେ ଶୀତ ଆସିବାରୁ ପକ୍ଷୀମାନଙ୍କ ଆସିବାରେ ଡେରି ହୋଇଛି। ସ୍କିମର ପକ୍ଷୀ ମୁଣ୍ଡୁଳିରେ ଥାଇପାରନ୍ତି ବୋଲି ସେ କହିଛନ୍ତି।


ଇଣ୍ଡିଆନ୍ ସ୍କିମର ପକ୍ଷୀ।

# ଚନ୍ଦନିଆ ବାୟୋ ମାଇନିଂର ଡ୍ରୋନ୍ ସର୍ଭେ

## ଏମ୍ଏସ୍ ଦୟାଚରଣ କମ୍ପାନୀକୁ ଦାୟିତ୍ୱ, ସର୍ଭେ ପରେ ଚୁକ୍ତିନାମା ସ୍ୱାକ୍ଷର



ଚନ୍ଦନିଆ ପାହାଡରେ ବିଏମ୍‌ସିର ବାୟୋ ମାଇନିଙ୍ଗ୍।

ବ୍ରହ୍ମପୁର,୧୨।୧୨(ସ୍ମୃତି ରଞ୍ଜନ ମହାଳିକ)

ଚନ୍ଦନିଆ ପାହାଡରେ ବ୍ରହ୍ମପୁର ମହାନଗର ନିଗମ (ବିଏମସି)ର ବାୟୋ ମାଇନିଂ ସାଇଡକୁ ଏକ ଘରୋଇ ସଂସ୍ଥା ଡ୍ରୋନ ସର୍ଭେ ଆରମ୍ଭ କରିଛି। ସର୍ଭେ ପରେ ବର୍ଜ୍ୟବସ୍ତୁ ପୁନଃ ପ୍ରକ୍ରିୟାକରଣ ଆରମ୍ଭ ହେବ ବୋଲି ବିଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ କହିଛନ୍ତି। ଏମ୍ଏସ୍ ଦୟାଚରଣ କମ୍ପାନୀ ଓ ଏମ୍ଏସ୍ କଲ୍ ଆଣ୍ଡ ଫିକ୍ସର ମିଳିତ ସହଭାଗିତାରେ ଏହି କାର୍ଯ୍ୟ ହେବ। ବିଏମ୍‌ସି ପକ୍ଷରୁ ଗତ ଅଗଷ୍ଟ ମାସରେ ନୂତନ ଟେଣ୍ଡର କରାଯାଇ ନଗର ଉନ୍ନୟନ ବିଭାଗକୁ ଅବଗତ କରାଯାଇଥିଲା। ପରେ ଉପରୋକ୍ତ ସଂସ୍ଥାକୁ ଟେଣ୍ଡର ପ୍ରଦାନ କରାଯାଇଥିବା ସାନିଟେସନ ବିଭାଗ ପକ୍ଷରୁ ସୂଚନା ମିଳିଛି। ବର୍ତ୍ତମାନ ନୂତନ ସଂସ୍ଥା ପକ୍ଷରୁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ କରାଯିବ। ପାହାଡରେ କେତେ ପରିମାଣର ଆବର୍ଜନା ଜମି ରହିଛି। ସେ ନେଇ ସଂପୃକ୍ତ ସଂସ୍ଥା ରିପୋର୍ଟ ଦେବା ପରେ ବିଏମ୍‌ସି ଓ ଉକ୍ତ ସଂସ୍ଥା ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହେବ। ପୂର୍ବରୁ ଦାୟିତ୍ୱ ଦିଆଯାଇଥିବା ସଂସ୍ଥା ପକ୍ଷରୁ ଅଣ ପ୍ରକ୍ରିୟାକରଣ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ହୋଇପାରି ନ ଥିଲା। ବର୍ତ୍ତମାନ ଏହା କରାଯିବ। ଚନ୍ଦନିଆ ପାହାଡକୁ ସମ୍ପୂର୍ଣ୍ଣ ବର୍ଜ୍ୟମୁକ୍ତ କରାଯାଇ ପାର୍କ ନିର୍ମାଣ କରାଯିବ। ଉକ୍ତ ପାହାଡର ୧୩.୧୫ ଏକର ଜାଗାରେ ପ୍ରାୟ ୧ ଲକ୍ଷ ୮୫ ହଜାର ମେଟ୍ରିକ ଟନ ଆବର୍ଜନା ଗଚ୍ଛିତ ଥିବା ନେଇ ବିଏମ୍‌ସି ପକ୍ଷରୁ ଗତବର୍ଷ ଜୁନ୍ ମାସରେ ହୋଇଥିବା ସର୍ଭେ ରିପୋର୍ଟରୁ ଜଣାପଡିଥିଲା। ଏହାକୁ ଦୃଷ୍ଟିରେ ରଖି ସେହି ବର୍ଷ ହିଁ ଜୁନ୍ ମାସରେ ଏମ୍‌ଜିଏସ୍ ଇନଭାଇରନ ସଂସ୍ଥା ସହ ଆବର୍ଜନା ପୁନଃ ପ୍ରକ୍ରିୟାକରଣ ପାଇଁ ୩ ମାସିଆ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ବିଏମ୍‌ସି ପକ୍ଷରୁ ୯ କୋଟି ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଥିଲା। ଏହାପରେ ଦୈନିକ ୩୫୦ରୁ ୪୨୦ ମେଟ୍ରିକ ଟନ ଆବର୍ଜନା ପୁନଃ ପ୍ରକ୍ରିୟାକରଣ କରାଯାଇଥିଲା। ଏଥିରେ ପ୍ଲାଷ୍ଟିକ ଓ ଘର ମରାମତି ସମୟରେ ବ୍ୟବହୃତ ଇଟା, ପଥର ଓ ଲୁହା ସମେତ ଅନ୍ୟାନ୍ୟ ସାମଗ୍ରୀ ରହିଥିଲା। ବର୍ଜ୍ୟବସ୍ତୁରୁ ପ୍ଲାଷ୍ଟିକ ପୃଥକୀକରଣ କରାଯାଇ ସିମେଣ୍ଟ ପ୍ରସ୍ତୁତି କାରଖାନାକୁ ପଠାଇବା ଯୋଜନା କରିଥିଲା। ସେହିପରି ଘର ନିର୍ମାଣ ସାମଗ୍ରୀର ପୁନଃ ପ୍ରକ୍ରିୟାକରଣ କରାଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟବହୃତ କରାଯିବାକୁ ବିଏମ୍‌ସି ଲକ୍ଷ୍ୟ ରଖିଥିଲା। ବର୍ଜ୍ୟବସ୍ତୁରୁ ଖତ ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ଉକ୍ତ ସଂସ୍ଥାର ଅବଧି ସରିବା ପରେ ଅବଧି ବୃଦ୍ଧି କରାଯାଇ ପ୍ରତିଦିନ ୨ ହଜାର ମେଟ୍ରିକ ଟନ ବର୍ଜ୍ୟ ପୁନଃ ପ୍ରକ୍ରିୟାକରଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ ବୃଦ୍ଧି ଅବଧି ସମୟରେ ସମସ୍ତ ଆବର୍ଜନା ପୁନଃ ପ୍ରକ୍ରିୟାକରଣ ହୋଇପାରି ନାହିଁ। ଯଦ୍ୱାରା ବର୍ତ୍ତମାନ ନୂତନ ସଂସ୍ଥାକୁ ଟେଣ୍ଡର ପ୍ରଦାନ କରାଯାଇଛି। ଉକ୍ତ ପାହାଡ ବର୍ଜ୍ୟମୁକ୍ତ ହେବା ପରେ ସ୍ଥାନୀୟ ବାସିନ୍ଦା ସ୍ୱଚ୍ଛ ପରିବେଶରେ ବସବାସ କରିବେ ବୋଲି ମତ ପ୍ରକାଶ ପାଇଛି।

## ସଂକ୍ଷେପରେ

### ଫାଶୀ ଗାଁଛକରେ ଗୋଷ୍ଠୀ ସଂଘର୍ଷ, ୪ ଆହତ

କବିସୂର୍ଯ୍ୟନଗର,୧୨।୧୨(କୃପାସିନ୍ଧୁ ସ୍ୱାଇଁ):

ଗଞ୍ଜାମ ଜିଲା କୋଦଳା ଥାନା ଅନ୍ତର୍ଗତ ଫାଶୀ ଗ୍ରାମର ମୁଖ୍ୟ ଛକରେ ଶୁକ୍ରବାର ଅପରାହ୍ନରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଉଭୟ ଗୋଷ୍ଠୀର ଛୁରାମାଡ଼ରେ ୪ ଜଣ ଆହତ ହୋଇଛନ୍ତି। ସେଥିମଧ୍ୟରେ ଜଣେ ଗୁରୁତର ଅଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେତେଜଣ ବ୍ୟକ୍ତି ହଠାତ୍ ଗାଁରେ ପହଞ୍ଚି ଗୋଟିଏ ପରିବାରର ବାପା ଓ ୨ ପୁଅଙ୍କୁ ଛୁରାମାଡ଼ କରିଥିଲେ। ପରେ ଉଭୟ ପକ୍ଷରୁ ଆକ୍ରମଣ ପ୍ରତି ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଫାଶୀ ଗ୍ରାମର ରାଜେଶ କୁମାର ପଲେଇ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କ ବଡ଼ଭାଇ ରାକେଶ କୁମାର ପଲେଇ ଓ ବାପା ଭାବଗ୍ରାହୀ ପଲେଇ ମଧ୍ୟ ଆକ୍ରମଣରେ ଆହତ ହୋଇଛନ୍ତି। ଅନ୍ୟ ଗୋଷ୍ଠୀରୁ ବାଦପଲ୍ଲୀ ଗ୍ରାମର ଭଗବାନ ସ୍ୱାଇଁ ଗୁରୁତର ଆହତ ହୋଇଛନ୍ତି। ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ସମସ୍ତ ୪ ଆହତଙ୍କୁ କୋଦଳା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି। ଘଟଣା ସ୍ଥଳରେ କୋଦଳା ଥାନା ପୋଲିସ ପହଞ୍ଚି ଛାନଭିନ ଆରମ୍ଭ କରିଛି।

## ୨୪ରୁ ଜାତୀୟ କବାଡି ପ୍ରତିଯୋଗିତା

# ଭାଗ ନେବେ ମୋନାଲିସା, କରିସ୍ମା



ଆସିକା,୧୨।୧୨ (ସୁରେନ୍ଦ୍ର ନାଥ ସାହୁ):

ଆସିକା ଟେକ୍ନିକାଲ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ମୋନାଲିସା କାର୍ଜି ଆସନ୍ତା ୨୪ ତାରିଖରୁ ମହାରାଷ୍ଟ୍ରର କୋକମଠନ ଠାରେ ହେବାକୁ ଥିବା ଜାତୀୟ କବାଡି ପ୍ରତିଯୋଗିତାରେ ଓଡିଶାରୁ ପ୍ରତିନିଧିତ୍ୱ କରିବେ। ମୋନାଲିସାଙ୍କ ସହ ବ୍ରହ୍ମପୁର ମହାମାୟୀ ସେକେଣ୍ଡାରୀ ସ୍କୁଲର ଛାତ୍ରୀ ଏ. କରିସ୍ମା ପାତ୍ର ମଧ୍ୟ ଏହି ପ୍ରତିଯୋଗିତା ଲାଗି ଚୟନ ହୋଇଛନ୍ତି। ଏମାନେ ଆସନ୍ତା ୧୭ ତାରିଖ ଠାରୁ ୨୩ ତାରିଖ ସୁନ୍ଦରଗଡ ଜିଲ୍ଲାର ବଣାଇସ୍ଥିତ ସରକାରୀ ବାଳିକା ବିଦ୍ୟାଳୟରେ ହେବାକୁ ଥିବା ତାଲିମ ଶିବିରରେ ଯୋଗଦେବେ । ଗତ ମାସରେ ସୁନ୍ଦରଗଡ ଠାରେ ହୋଇଥିବା ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାରେ ଗଞ୍ଜାମ ଜିଲା ଉପବିଜେତା ହୋଇଥିଲା ବେଳେ ଜାତୀୟ ସ୍ତରର ପ୍ରତିଯୋଗିତା ଲାଗି ଜିଲାରୁ ଏହି ଦୁଇ ଖେଳାଳିଙ୍କ ଯୋଗଦାନ ଗୌରବ ଆଣିଛି। ଶୁକ୍ରବାର ଟେକ୍ନିକାଲ ହାଇସ୍କୁଲରେ ମୋନାଲିସାଙ୍କୁ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ପଣ୍ଡା, କ୍ରୀଡା ଶିକ୍ଷକ କୈଳାସ ଚନ୍ଦ୍ର ଗୌଡ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଖେଳାଳିଙ୍କ ସଫଳତା ଲାଗି ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଭାଗିରଥି ସ୍ୱାଇଁ, ବ୍ଲକ ଶିକ୍ଷା ଅଧିକାରୀ ମୁନରାଣୀ ମହାନ୍ତି ଶୁଭେଚ୍ଛା ଜଣାଇଛନ୍ତି।

## ଜାନୁଆରୀ ପହିଲାରୁ କୁକୁର ବନ୍ଧ୍ୟାକରଣ

ବ୍ରହ୍ମପୁର,୧୨।୧୨(ସ୍ମୃତି ରଞ୍ଜନ ମହାଳିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଆସନ୍ତା ଜାନୁଆରୀ ପହିଲାରୁ କୁକୁର ବନ୍ଧ୍ୟାକରଣ ଆରମ୍ଭ ହେବ। ଏ ନେଇ ବିଏମସି ଡେପୁଟି କମିଶନର ଆଶୀର୍ବାଦ ପରିଡା ଶୁକ୍ରବାର ସୂଚନା ଦେଇଛନ୍ତି। ଟେଣ୍ଡର ପ୍ରଦାନ କରାଯାଇଥିବା ବାଙ୍ଗାଲୋରର ଆଶ୍ରା ସଂସ୍ଥା ପକ୍ଷରୁ ଜିଲା ପ୍ରାଣୀ ଚିକିତ୍ସାଳୟ ପରିସରରେ ଥିବା ୧୦୦ ଅସ୍ତ୍ରୋପଚାର ଗୃହରେ କୁକୁର ରଖିବାଠାରୁ ଆରମ୍ଭ କରି ସମସ୍ତ ଚିକିତ୍ସା କରାଯିବ। କୁକୁରଙ୍କୁ ଖାଦ୍ୟ ଓ ଅନ୍ୟାନ୍ୟ ସୁବିଧା ସଂପୃକ୍ତ ସଂସ୍ଥା ବହନ କରିବ ବୋଲି ଜଣାପଡିଛି।

## ଅନ୍ତର୍ଜାତୀୟ ପର୍ବତ ଦିବସ ପାଳିତ

ପାରଳାଖେମୁଣ୍ଡି,୧୨।୧୨
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ସ୍ୱୟଂଶାସିତ ଆନ୍ତର୍ଜାତୀୟ ପର୍ବତ ଦିବସ ପାଳିତ ହୋଇଛି। ଏହି ଅବସରରେ ମହାବିଦ୍ୟାଳୟର ଭୂଗୋଳ ବିଭାଗର ଶତାଧିକ ଛାତ୍ରୀଛାତ୍ର ପାରଳାଖେମୁଣ୍ଡି ସହରରେ ଥିବା ଭୋୟା ପର୍ବତ ଶିଖରକୁ ଯାଇ ସେଠାରେ ଏହି ଦିବସ ପାଳନ କରିଥିଲେ। ଚଳିତବର୍ଷର ଏହି ଦିବସର ବାର୍ତ୍ତା ରହିଛି ହିମାବହ (ଗ୍ଲାସୀୟ) ପର୍ବତମାଳାର ସୁରକ୍ଷା, ଏହି ପର୍ବତମାଳା ସୁରକ୍ଷିତ ରହିଲେ ନଦୀ ପ୍ରବାହ ଠିକ ଭାବରେ ହେବ। ଯଦି ହିମବାହ ଅସୁରକ୍ଷିତ ହେବ ବୃହତ ନଦୀ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡିବ। ଫଳରେ ଚାଷ ମଧ୍ୟ କ୍ଷତିଗ୍ରସ୍ତ ହେବା ସମ୍ଭାବନା ରହିଛି। ମହାବିଦ୍ୟାଳୟର ଭୂଗୋଳ ବିଭାଗ ଅଧ୍ୟାପିକା ଓ ଅଧ୍ୟାପକ, ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ପୁଲକ ଚନ୍ଦ୍ର ଫିଲିପ୍ସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦନା ହୋଇଥଲା।

## ରାଜ୍ୟସ୍ତରୀୟ ବାଳିକା ଯୋଗାସନ ପ୍ରତିଯୋଗିତା ଉଦ୍‌ଯାପିତ



ଦିଗପହଣ୍ଡି,୧୨।୧୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ୍ ବମକୋଇ ଗ୍ରାମ ସ୍ଥିତ ଚିଦାନନ୍ଦ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ୨ଦିନିଆ ରାଜ୍ୟସ୍ତରୀୟ ବାଳିକା ଯୋଗାସନ ପ୍ରତିଯୋଗିତା ହୋଇଥିଲା। ଏହିରେ କଟକ, ପୁରୀ, ବଲାଙ୍ଗୀର, ବାଲେଶ୍ୱର ପ୍ରଭୃତି ବିଭିନ୍ନ ଜିଲାର ବିଭିନ୍ନ ମାଧ୍ୟମିକ ବିଦ୍ୟାଳୟର ୩୫ରୁ ଉର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦେବଦତ୍ତ ସୁବୁଦ୍ଧି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିଯୁକ୍ତ କ୍ରୀଡା ଶିକ୍ଷୟିତ୍ରୀ ଏଲିଜା ପଟ୍ଟନାୟକ ଏବଂ ନାନବାବୁ ଦୋରା ପରୀକ୍ଷକ ଭାବେ ଯୋଗଦେଇଥିବା ବେଳେ କ୍ରୀଡା ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନ, ସବିତା କୁମାରୀ ପଣ୍ଡା, କ୍ରୀଡା ଶିକ୍ଷକ ସଚ୍ଚିଦାନନ୍ଦ ଦାସ, ଏମ.ଗୋପାଳ ରେଞ୍ଜୀ ରେଫେରୀ ଭାବେ ଉପସ୍ଥିତ ରହି ଜାତୀୟ ସ୍ତରୀୟ ଯୋଗାସନ ପ୍ରତିଯୋଗିତା ନିମନ୍ତେ ୭ ଛାତ୍ରୀଙ୍କୁ ମନୋନୀତ କରିଥିଲେ। ବମକୋଇ ଗ୍ରାମ ଚିଦାନନ୍ଦ ସରସ୍ୱତୀ ମାଧ୍ୟମିକ ବିଦ୍ୟାଳୟ କ୍ରୀଡା ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ଏବଂ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ନିର୍ମିତ ରାସ୍ତାର ସ୍ଥାୟିତ୍ୱ ନେଇ ଆଶଙ୍କା

କାଶୀନଗର, ୧୨।୧୨(ପି.ମୁରଲୀ)

ଗଜପତି ଜିଲା କାଶୀନଗର ଖଣ୍ଡବା ଠାକୁରାଣୀ ମନ୍ଦିରଠାରୁ ଖଣ୍ଡବା ପର୍ଯ୍ୟନ୍ତ ପ୍ରାୟ ୧୭ କି.ମି. ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟ ଚାଲିଛି। ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ରାତିରେ କାମ କରୁଛି। ପୂର୍ତ୍ତ ବିଭାଗର କୌଣସି ଅଧିକାରୀ ଏହାର ତଦାରଖ କରୁନାହାନ୍ତି। ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଗୋଟିଏ ରକମ ରାସ୍ତା ନିର୍ମାଣ ହୋଇଥିବା ବେଳେ ବସ୍‌ଷ୍ଟାଣ୍ଡଠାରୁ ପୁରୁଣା ଥାନା ପର୍ଯ୍ୟନ୍ତ ରାସ୍ତାରେ ଏକ ଇଞ୍ଚ ଉଚ୍ଚର ପିଚୁ ପକାଇ ନିର୍ମାଣ କରାଯାଇଛି। ଫଳରେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ଉପାଧ୍ୟକ୍ଷ ଏ ନେଇ କନିଷ୍ଠ ଯନ୍ତ୍ରୀ ଓ ଏସ୍‌ଇଙ୍କୁ ଜଣାଇଛନ୍ତି।

## ବଡକଳାକୋଟ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ଗୁମ୍ମା,୧୨।୧୨(ପ୍ରବୀଣ କୁମାର ଲିମା):

ଗୁମ୍ମା ବ୍ଲକ ବଡକାଳାକୋଟସ୍ଥିତ ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ସକାଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁମ୍ମା ରାଧାକୃଷ୍ଣ ମନ୍ଦିରରୁ ଶୋଭାଯାତ୍ରାରେ ମଶାଲ ଅଣାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ମାଉଡି ସଭାପତିତ୍ୱ କରିଥିବା ବେଳେ ସରପଞ୍ଚ ମୋକ୍ଷେକ ଗମାଙ୍ଗ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଦୁଇଦିନିଆ ଏହି ପ୍ରତିଯୋଗିତାର ପ୍ରଥମ ଦିନରେ କନିଷ୍ଠ ଓ ବରିଷ୍ଠ ବର୍ଗର ବିଭିନ୍ନ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। କ୍ରୀଡା ଶିକ୍ଷକ ପି. ଫାଲଗୁନା ରାଓ ଏହାକୁ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ବିନାୟକ ଆଚାର୍ଯ୍ୟ କଲେଜରେ ସ୍ୱାସ୍ଥ୍ୟ ସଚେତନତା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବ୍ରହ୍ମପୁର,୧୨।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ଯୁବ ରେଡ଼-କ୍ରସ ମିଳିତ ଆନୁକୁଲ୍ୟରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ହୋଇଛି। କଲେଜ ଅଧ୍ୟକ୍ଷା ଡ.ପ୍ରମିଳା ଖାଡଙ୍ଗା କାର୍ଯ୍ୟକ୍ରମକୁ ଉଦଘାଟନ କରି ସ୍ୱାସ୍ଥ୍ୟଜନିତ ସମସ୍ୟାରୁ କିଭଳି ମୁକୁଳିପାରିବେ ସେନେଇ ବୁଝାଇଥିଲେ। ଏନ୍ଏସ୍ଏସ୍ ଅଧିକାରୀ ଡ. ରବୀନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କହିଥିଲେ। ଯୁବ ରେଡକ୍ରସ ଅଧିକାରୀ ଡ. ଚିତ୍ତରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ସ୍ୱାସ୍ଥ୍ୟ ସମସ୍ୟାର କାରଣ ଓ ନିରାକରଣ କହିଥିଲେ। ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ପ୍ରାକ୍ତନ ଜିଲା ସଂଯୋଜକ ପ୍ର. ଜି. ଗୋବିନ୍ଦ ରାଓ ପ୍ରଶିକ୍ଷକ ଥିଲେ। ମଣିଷ ଶରୀର ଓ ମସ୍ତିଷ୍କର ନମୁନା ପ୍ରଦର୍ଶନ ପୂର୍ବକ ଅପ୍ରତ୍ୟାଶିତ ବିପଦ କାଳର ପ୍ରାକ୍-ପ୍ରସ୍ତୁତି ଓ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିର ସହାୟତା ସଂପର୍କରେ ମାର୍ଗଦର୍ଶନ କରିଥିଲେ। ଅନ୍ୟତମ ଏନ୍ଏସ୍ଏସ୍ ଅଧିକାରୀ ଡ. ଶୁଭଶ୍ରୀ ଅପରାଜିତା ସହଯୋଗ କରିଥିଲେ। ଏନ୍ଏସ୍ଏସ୍ ଛାତ୍ରୀ ଶାଖାର ଅଧିକାରୀ ଅଧ୍ୟାପିକା ସ୍ନେହାସିନୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଗୋହତ୍ୟାକୁ ନେଇ ଉତ୍ତେଜନା

### ୫ ଜଣଙ୍କ ନାଁରେ ମାମଲା, ଜଣେ ଅଟକ

ଗୋପାଳପୁର,୧୨।୧୨
(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଧିନସ୍ଥ ପୁରୁଣାପାଟଣା ନିକଟସ୍ଥ ସୋରାବାଡ଼ି ଜଙ୍ଗଲରେ କେତେଜଣ ବ୍ୟକ୍ତି ଗୋହତ୍ୟା କରି ମାଂସ କାଟୁଥିବା ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗୋଳନ୍ଥରା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ପୁରୁଣାପାଟଣା ନିକଟସ୍ଥ ସୋରାବାଡି ଜଙ୍ଗଲରେ ଶୁକ୍ରବାର ଭୋରରେ ୪ରୁ ୫ଜଣ ମିଶି ଗୋ ମାଂସ କାଟୁଥିଲେ। ଖବର ପାଇ ପଞ୍ଚମା ଗ୍ରାମର ବିକ୍ରମ ଦାସଙ୍କ ନେତୃତ୍ୱରେ କିଛି ଯୁବକ ସେଠାରେ ପହଞ୍ଚିବାରୁ ମାଂସ କାଟୁଥିବା ୪ ଜଣ ଚମ୍ପଟ ମାରିଥିବା ବେଳେ ଜଣଙ୍କୁ ସେମାନେ କାବୁ କରିଥିଲେ। ଏହା ଜାଣିବା ପରେ ଆର୍ଏସ୍ଏସ୍, ବଜରଙ୍ଗ ଦଳ ଓ ଗୋ-ରକ୍ଷକ ମାନେ ପହଞ୍ଚିଥିଲେ। ପରେ କିଛି ସମୟ ପାଇଁ ଉତ୍ତେଜନା ହୋଇଥିଲା। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଜଣେ ବ୍ୟକ୍ତିଙ୍କୁ ସେଠାରୁ ପୋଲିସ ଉଦ୍ଧାର କରି ଥାନାକୁ ଆଣି ଅଟକ ରଖି ପଚରା ଉଚରା ଜାରି ରଖିଛି। ଅନ୍ୟପଟେ କଟା ମାଂସକୁ ପୋଲିସ ପୋତି ଦେଇଥିବା ଜଣାପଡିଛି। ଏନେଇ ଥାନା କେଶ ନଂ ୫୬୭/୨୫ରେ ପୋଲିସ ୫ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବା ବୋଲି ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

## ଟାଟା ଏସ୍‌ଇଜେଡ୍ ପରିସରରେ ଗ୍ରୀଡ ସବ୍‌ଷ୍ଟେଶନ ପାଇଁ ଭୂମିପୂଜା

ଛତ୍ରପୁର.୧୨।୧୨(ଦିଲୀପ ସାମଲ):



ଗୋପାଳପୁର ଟାଟା ଇଣ୍ଡଷ୍ଟ୍ରିଆଲ ପାର୍କ ପରିସରରେ ଓପିଟିସିଏଲ ପକ୍ଷରୁ ଏକ ସ୍ୱତନ୍ତ୍ର ଗ୍ରୀଡ ସବ୍ ଷ୍ଟେଶନ ନିର୍ମାଣ ପାଇଁ ଗୁରୁବାର ଭୂମିପୂଜା କରାଯାଇଛି। ୨୨ ଏକର ଜାଗାରେ ୪୦୦/୨୨୦/୩୩ କେଭି ଜିଆଇଏସ ନିର୍ମାଣ ନେଇ ଭୂମିପୂଜା କରାଯାଇଛି। ଗଞ୍ଜାମ ଜିଲାପାଳ ଭି.କିର୍ତି ଭାସନଙ୍କ ଉପସ୍ଥିତିରେ ଓପିଟିସିଏଲ ସିଏମଡି ଭାସ୍କର ଜ୍ୟୋତି ଶର୍ମା ଯୋଗଦେଇ ଭୂମିପୁଜା କରିଥିଲେ। ଟାଟା ଏସଇଜେଡର ୩ ହଜାର ଏକର ଜାଗା ରହିଥିବା ବେଳେ ପାଖାପାଖି ୭୫ ପ୍ରତିଶତ ୧୭ଟି ବଡ କମ୍ପାନୀ ରହିଛି। ଏହି ଟାଟା ଏସଇଜେଡ ପରିସରରେ ଆଗକୁ ମଧ୍ୟ ବହୁ କମ୍ପାନୀ ଆସିବେ। ଏହି ଗ୍ରୀଡ ସବ ଷ୍ଟେସନରୁ ସେମାନେ ବିଦ୍ୟୁତ ନେବେ। ଏହାଦ୍ୱାରା ଅର୍ଥନୈତିକ ବିକାଶ ସହ ଅଞ୍ଚଳର ଜୀବିକା ବୃଦ୍ଧି ପାଇବ ବୋଲି ଜିଲାପାଳ କହିଥିଲେ। ଏହି ପ୍ରକଳ୍ପରେ ୫ଶହ ଏମଭିଏର ୨ଟି ଓ ୧୦୦ ଏମଭିଏର ୨ଟି ସବ ଷ୍ଟେସନ ରହିବ। କେବଳ କମ୍ପାନୀ ନୁହେଁ ସ୍ଥାନୀୟ ଅଞ୍ଚଳକୁ ମଧ୍ୟ ବିଦ୍ୟୁତ ନେଇପାରିବେ ବୋଲି ଟାଟା ସେଜ ଏମଡି ମଣିକାନ୍ତ ନାୟକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓପିଟିସିଏଲ ପ୍ରକଳ୍ପ ଅଧିକାରୀ ପ୍ରଦୀପ କୁମାର ଦାଶ, ଟିପିସିଓଡିଏଲ ସିଇଓ ଅମିତ କୁମାର ଗର୍ଗ, କାମ କରିବାକୁ ଥିବା ଶ୍ରୀଟେକର ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶପ୍ରେମ ଭାବନାକୁ ଜାଗ୍ରତ କରିବାରେ ଏନ୍‌ସିସି ସହାୟକ ହେବ




ଅଧିକାରୀଙ୍କ ଗହଣରେ ଏନସିସିରେ ଯୋଗଦେଇଥିବା ପିଲାମାନେ।

ବ୍ରହ୍ମପୁର,୧୨।୧୨(ସୁବାସ ଚନ୍ଦ୍ର ପାଢ଼ୀ)

କୁକୁଡାଖଣ୍ଡି ବ୍ଲକ କୁସୁମୀସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ପ୍ରଥମ ଥର ପାଇଁ ଏନସିସି (ଆର୍ମି ୱିଙ୍ଗ) ଆରମ୍ଭ ହୋଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶାରୀରିକ ଏବଂ ମାନସିକ ପ୍ରଗତି, ଶୃଙ୍ଖଳା, ନୀତି, ନିଷ୍ଠା ଓ ଦେଶସେବାର ମୂଲ୍ୟବୋଧ ଗଢିବା ପାଇଁ ଏହା ଏକ ମାଧ୍ୟମ । ୧୦ (ଓଡିଶା) ବାଟାଲିୟନର କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣଲ ନିତିନ ସହାୟିଙ୍କ ତତ୍ତ୍ୱାବଧାନରେ ଏନସିସି ବିଭାଗ ଖୋଲିଛି। ଏହି ଅବସରରେ କ୍ୟାପଟେନ ସାଇ ପ୍ରସାଦ ପାତ୍ର ଏବଂ କ୍ୟାପଟେନ ଶରତ ଗୌଡ଼ ଛାତ୍ରୀଛାତ୍ରଙ୍କୁ କ୍ୟାଡେଟ ଭାବେ ଯୋଗଦେବା, ଶିକ୍ଷଣ ପ୍ରଣାଳୀ, ସମାଜସେବା, ଆଡଭେଞ୍ଚର କ୍ୟାମ୍ପ, କ୍ୟାରିୟର ପ୍ରତି ଏନସିସିର ମହତ୍ତ୍ୱ ଇତ୍ୟାଦି ସମ୍ପର୍କରେ ତଥ୍ୟ ରଖିଥିଲେ । ବିଦ୍ୟାଳୟର ଏଏନ୍‌ଓ ଅମ୍ବିକା ପ୍ରସାଦ ଦାଶଙ୍କ ପରିଚାଳନାରେ ପ୍ରଥମ ବର୍ଷ ପାଇଁ ସମୁଦାୟ ୨୫ ଜଣଙ୍କୁ (୧୩ ଜଣ ବାଳକ ଓ ୧୨ ଜଣ ବାଳିକା) ଏନ୍‌ସିସି କ୍ୟାଡେଟ ଭାବେ ଚୟନ କରାଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶପ୍ରେମ ଭାବନାକୁ ଜାଗ୍ରତ କରିବା ସହ ଶରୀରକୁ ସୁସ୍ଥ ରଖିବାରେ ଏନ୍‌ସିସି ସହାୟକ ହେବ। ଏଥି ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହି ୱାଙ୍ଗ ଉଦ୍ଧାର କାର୍ଯ୍ୟରେ ସହାୟକ ହୋଇପାରିବ ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ସୁଦର୍ଶନ ସେଠୀ କହିଛନ୍ତି।

## ମଶାରି କିଣାରେ ଦୁର୍ନୀତି ଅଭିଯୋଗ

ରାୟଗଡ଼ ୧୨।୧୨(ଜ୍ୟୋତି ପ୍ରସାଦ ପାଣି)

ଗଜପତି ଜିଲା ରାୟଗଡ ବ୍ଲକରେ ଥିବା କେତେକ ଏସ୍ଏସ୍‌ଡି ବିଦ୍ୟାଳୟରେ ମଶାରି କିଣାରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଛି। ରାୟଗଡ ବ୍ଲକରେ ଥିବା ମଙ୍ଗଳ ବିଭାଗର ୮ଟି ବିଦ୍ୟାଳୟରେ ରହୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ମଶାରି କିଣିବାକୁ ଚଳିତ ବର୍ଷ ଜୁଲାଇ ମାସରେ ବିଦ୍ୟାଳୟର ଯୁଗ୍ମ ଜମା ଖାତାରେ ଟଙ୍କା ଜମା କରାଯାଇଥିଲା। ତେବେ ମଶାରି କିଣା କାଗଜ କଲମ ଓ ମିଥ୍ୟା ବିଲ ଭାଉଚରରେ ସୀମିତ ରହିଥିବା ଅଭିଯୋଗ ହେଉଛି। ଉକ୍ତ ମଶାରି କିଣା ଜମା ଟଙ୍କା ଉଠାଇ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ମଶାରି କିଣିବା ପାଇଁ ନିର୍ଦ୍ଦେଶ ଥିଲା। ତେବେ ଯୁଗ୍ମ ଜମା ଖାତାରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଷ୍ଣୁ ପ୍ରସାଦ ସେଠୀଙ୍କ ନାମ ଥିବାରୁ ଏହାର ଫାଇଦା ଉଠାଇ ପ୍ରଧାନ ଶିକ୍ଷକମାନଙ୍କ ଉପରେ ସେ ଚାପ ପକାଇ ଭୁବନେଶ୍ୱରସ୍ଥିତ ଗ୍ରୀନ ଓଡିଶା ସର୍ଭିସେସ ନାମକ ଠିକା ସଂସ୍ଥାକୁ ଚେକ୍ କରିବା ପାଇଁ ବାଧ୍ୟ କରିଥିଲେ । ଏଥିରେ କେତେ ଜଣ ପ୍ରଧାନ ଶିକ୍ଷକ ଆପତ୍ତି ଉଠାଇବାରୁ ଜିଲା ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶ ବୋଲି କହି ସେମାନଙ୍କଠାରୁ ଚେକ ନେଇଥିବା କେତେ ଜଣ ପ୍ରଧାନ ଶିକ୍ଷକ ପ୍ରକାଶ କରିଛନ୍ତି। ଚେକ୍ ନେବାର ପ୍ରାୟ ଏକ ମାସ ପରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସେଠୀ ଶିକ୍ଷକମାନଙ୍କୁ ବ୍ଲକକୁ ଡ଼ାକି କିଛି କିଛି ମଶାରି ଦେଇଥିଲେ। ତେବେ ଶିକ୍ଷକମାନେ ଏତେ କମ ମଶାରି ନ ଦେଇ ଯେତିକି ଟଙ୍କା ଡିପୋଜିଟ କରାଯାଇଛି ସେହି ଅନୁସାରେ ମଶାରି କାହିଁକି ମିଳୁନି ବୋଲି ପଚାରିଥିଲେ। ଆଉ କିଛି ଦିନ ପରେ ଆସିବ ବୋଲି ଶିକ୍ଷକମାନଙ୍କୁ କହିଥିଲେ। ତେବେ ଟଙ୍କା ନେବାର ଦୀର୍ଘ ୬ମାସ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅବଶିଷ୍ଟ ମଶାରି ସମ୍ପୃକ୍ତ ଠିକାସଂସ୍ଥା କି ଅଧିକାରୀ ଯୋଗାଇ ପାରିନାହାନ୍ତି । ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସେଠୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଲେ, ମଶାରି କିଣାରେ କୌଣସି ଅନିୟମିତତା ହୋଇନି। ଜିଲା ମଙ୍ଗଳ ଅଧିକାରୀଙ୍କ ନିର୍ଦ୍ଦେଶରେ ବ୍ଲକର ୮ଟି ସ୍କୁଲର ପ୍ରଧାନଶିକ୍ଷକମାନଙ୍କୁ ଆସିଥିବା ଟଙ୍କା ଦେବାକୁ କୁହାଯାଇଥିଲା। ସେମାନେ ଉପରୋକ୍ତ ସଂସ୍ଥା ନାମରେ ଚେକ୍ କାଟି ଦେଇଥିଲେ। ଏଯାବତ୍ ସମ୍ପୃକ୍ତ ସଂସ୍ଥା କିଛି ମଶାରି ଦେଇଛି। ଆଉ କିଛି ଦେଇନାହିଁ। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ସଲମାନ ରାଇକା କହିଛନ୍ତି,ଏପରି ଅଭିଯୋଗ ମୋ ନଜରକୁ ଆସିନାହିଁ। ତଥାପି ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି।

## ଅନସ୍ଲୋ ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

### ପ୍ରତିଯୋଗୀଙ୍କୁ ଉତ୍ସାହିତ କଲେ ଦୂତୀ ଚାନ୍ଦ

ଛତ୍ରପୁର,୧୨।୧୨(ଦିଲୀପ ସାମଲ):

ଛତ୍ରପୁରସ୍ଥିତ ପିଏମଶ୍ରୀ ଅନସ୍ଲୋ ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ମିନି ଷ୍ଟାଡିୟମ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅର୍ଜୁନ ପୁରସ୍କାରପ୍ରାପ୍ତ ତଥା ଅଲିମ୍ପିକ୍ସ ଖେଳାଳି ଦୌଡରାଣୀ ଦୂତୀ ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହିତ କ୍ରୀଡା ପ୍ରତିଯୋଗିତା ଉଦଘାଟନ କରିଥିଲେ। ଭଲ ପରିଶ୍ରମ କଲେ ଜଣେ ସଫଳ କ୍ରୀଡ଼ାବିତ ହୋଇପାରିବ ବୋଲି ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୋଚ ତଥା ବ୍ରହ୍ମପୁର ଶାରୀରିକ ଏକାଡେମୀର ମୁଖ୍ୟ ସିମାଞ୍ଚଳ ବାରିକ, ଛତ୍ରପୁର ବିଇଓ ସୁଜିତ କୁମାର ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମା ଶଙ୍କର ଦାଶ, ବରିଷ୍ଠ ଶିକ୍ଷୟତ୍ରୀ ସବିତାରାଣୀ ତ୍ରିପାଠୀ, ବିଦ୍ୟାଳୟ କ୍ୟାପଟେନ ଶୁଭଶ୍ରୀ ବେହେରା ପ୍ରମୁଖ ଯୋଗଦେଇ ଥିଲେ।

## ଶୀତ ସାହିତ୍ୟ ଆସର

ବ୍ରହ୍ମପୁର,୧୨।୧୨(ସ୍ମୃତିରଞ୍ଜନ ମହାଳିକ)

ଶିଶୁ ସାହିତ୍ୟ ବିକାଶ ପରିଷଦ ପକ୍ଷରୁ ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଶୀତ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ସଭାପତି ହାଡ଼ିବନ୍ଧୁ ମାଳି ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, କାର୍ଯ୍ୟକାରୀ ସଭାପତି ବିଜୟ ଚନ୍ଦ୍ର ନନ୍ଦ ସଂଯୋଜନାରେ ଅନୁଷ୍ଠିତ ଆସରକୁ କବୟିତ୍ରୀ ପଦ୍ମିନୀ ମିଶ୍ର ଉଦଘାଟନ କରିଥିଲେ। ସାଧାରଣ ସମ୍ପାଦକ ଶ୍ରୀପଲ୍ଲବ ସମ୍ପାଦକୀୟ ପାଠ କରିଥିଲେ। ସଭାପତି ଜିଲା ଲେଖକ ସାମ୍ମୁଖ୍ୟ ଓ ଲେଖିକା ସାମ୍ମୁଖ୍ୟର ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସ୍ୱନକ୍ଷତ୍ର ଉତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ।

# ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ କାରଣ ଦର୍ଶାଅ ନୋଟିସ

## ସିମେଣ୍ଟ ଗୁଣ୍ଡରେ ଅସ୍ତବ୍ୟସ୍ତ କଳିଙ୍ଗନଗରବାସୀ

ଯାଜପୁର,୧୨।୧୨(ହର୍ଷବର୍ଦ୍ଧନ ବେହେରା)



ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାର ସର୍ଫେସ ରନ୍‌ଅଫ୍ ଟ୍ରିଟମେଣ୍ଟ ସିଷ୍ଟମ (ଏସ୍‌ଆରଟିଏସ୍)ର ଡ୍ୟାନେଲାଇଜିଂ କାର୍ଯ୍ୟ ଏଯାଏ ସମାପ୍ତ ହୋଇନାହିଁ। ନିର୍ଗମନ ନିୟନ୍ତ୍ରଣ ପାଇଁ କାର୍ଯ୍ୟକ୍ଷମ ଡିଜି ସେଟ୍‌ର ପୁନଃ ନିର୍ମାଣ କାର୍ଯ୍ୟ ସମେତ କଣ୍ଟିନିୟସ ଏମିସନ ମନିଟରିଂ ସିଷ୍ଟମ (ସିଇଏମ୍‌ଏସ୍) ଏବଂ କଣ୍ଟିନିୟସ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ସିଷ୍ଟମ (ସିଏକ୍ୟୁଏମ୍‌ଏସ୍ ) ତଥ୍ୟ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ସର୍ଭରକୁ ନିରବଚ୍ଛିନ୍ନ ଭାବରେ ପଠାଯାଉନାହିଁ। ଫଳରେ ବାୟୁ ଓ ଜଳ ପ୍ରଦୂଷଣ ବୃଦ୍ଧି ଘଟୁଛି। ବାୟୁରେ ଏସ୍‌ପିସିବିର ନିର୍ଦ୍ଧାରିତ ମାନଦଣ୍ଡଠାରୁ ଅଧିକ ପରିମାଣର କଣିକା ପଦାର୍ଥ ବା ପାର୍ଟିକୁଲାର ମେଟର(ପିଏମ୍)ର ଘନତା ଚିହ୍ନଟ ହୋଇଛି। ଏସ୍‌ପିସିବି ପକ୍ଷରୁ ଏକ ତଦନ୍ତକାରୀ ଦଳ ୮।୮।୨୦୨୫ରେ ନିରୀକ୍ଷଣ କରିବା ପରେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟକୁ ୨୯।୧୧।୨୦୨୫ରେ

### ସିଇଏମ୍‌ଏସ୍, ସିଏକ୍ୟୁଏମ୍‌ଏସ୍ ତଥ୍ୟ ଦେବାରେ ଉଲ୍ଲଂଘନ

କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଯଦି ସ୍ପଷ୍ଟୀକରଣ ଦିଆଯାଏ ନାହିଁ କିମ୍ବା ସ୍ପଷ୍ଟୀକରଣ ସନ୍ତୋଷଜନକ ନୁହେଁ, ତେବେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପିସିବି ପକ୍ଷରୁ ଚେତାବନୀ ଦିଆଯାଇଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ମେରେଲ୍ଲୋ ଷ୍ଟିଲ୍ ପରିସରସ୍ଥ ରେଲୱେ ସାଇଡିଂରୁ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ ବିଷାକ୍ତ କଞ୍ଚାମାଲ ପରିବହନ ଯୋଗୁ ଅଞ୍ଚଳବାସୀ ବାୟୁ ପ୍ରଦୂଷଣରେ ଘୁରି ହେଉଛନ୍ତି। ଏହାସହ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାରୁ ଉତ୍ପାଦନ ଆରମ୍ଭ ହେବାର ପ୍ରାୟ ୫ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ବହୁ ଗୁରୁତ୍ୱପୂର୍ଣ୍ଣ ସର୍ଫେସ ରନ୍‌ଅଫ୍ ଟ୍ରିଟମେଣ୍ଟ ସିଷ୍ଟମ ଉପଯୁକ୍ତ ଭାବେ ବ୍ୟବସ୍ଥିତ ହୋଇପାରିନାହିଁ। ଉପରୋକ୍ତ ଅବ୍ୟବସ୍ଥା ନେଇ ପୂର୍ବରୁ ପ୍ରଭାବିତ ଅଞ୍ଚଳବାସୀଙ୍କ ପକ୍ଷରୁ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ମାମଲା, ଏସ୍‌ପିସିବି, ଯାଜପୁର ଜିଲାପାଳ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କିଛି ଲାଭ ମିଳି ପାରିନାହିଁ, ଏହାଦ୍ୱାରା କଳିଙ୍ଗନଗରର ଯଖପୁରା, ମାଣିତିରା, କିଆଁରାଗଡ଼ିଆ, ମାନପୁର, ଧୂଳିଗଡ଼, ଦାନଗଦି, ତ୍ରିଜଙ୍ଗା, ଡୁବୁରୀ, ବାରଗଡ଼ିଆ, ପଙ୍କପାଳ ଆଦି ଗ୍ରାମବାସୀ ସିମେଣ୍ଟ ଗୁଣ୍ଡରେ ନୟାନ୍ତ ହେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ରେଲୱେ ସାଇଡିଂ ଏବଂ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା ନିକଟରେ ଥିବା ସୋଲେଇ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାମାନେ ବାୟୁ ଓ ଜଳ ପ୍ରଦୂଷଣର ଶିକାର ହେଉଛନ୍ତି। ବାର୍ଷିକ ୧.୬ ମିଲିୟନ ଟନ କ୍ଷମତା ବିଶିଷ୍ଟ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ କ୍ଲିଙ୍କର, ସ୍ଲାଗ, ଜିପସମ୍ ଭଳି ଅତି ପ୍ରଦୂଷଣକାରୀ ସାମଗ୍ରୀ ପରିବହନ ହେଉଛି। ଫଳରେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା ପରିସର ସମେତ ଉପରୋକ୍ତ ଗ୍ରାମବାସୀ ବାୟୁ ପ୍ରଦୂଷଣରେ ନାହିଁ ନ ଥିବାର ସମସ୍ୟା ଭୋଗୁଛନ୍ତି। ବାୟୁ ପ୍ରଦୂଷଣ ଏତେ ଉତ୍କଟ ଯେ, ପଥଚାରୀଙ୍କ ଆଖି ଜଳୁଥିବା କୁହାଯାଉଛି। ଏନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ ନୀରବ ରହିଛନ୍ତି। ଏହାସହ କାରଖାନାର ବର୍ଜ୍ୟଜଳ ଓ ବିଭିନ୍ନ କେମିକାଲ ମିଶା ପାଣିକୁ ଉପଚାର କରା ନ ଯାଇ ବେଳେବେଳେ ବାହାରକୁ ଛଡ଼ାଯାଉଛି। ଫଳରେ ଅଞ୍ଚଳର ଜମିବାଡ଼ିର ଉର୍ବରତା ନଷ୍ଟ ହେବା ସହ ଗଣ୍ଡାନାଳ ଓ ଖରସ୍ରୋତା ପାଣି ବିଷାକ୍ତ ହେଉଥିବା ଅଭିଯୋଗ ହେଉଛି। ପାଣି ବିଷାକ୍ତ ହେଉଥିବା ଏସ୍‌ପିସିବି ରିପୋର୍ଟରୁ ମଧ୍ୟ ପ୍ରମାଣ ମିଳିଛି। ବହୁଦିନ ପରେ ଏସ୍‌ପିସିବି ପକ୍ଷରୁ ଜେଏସ୍‌ଡବ୍ଲ୍ୟୁକୁ କାରଣ ଦର୍ଶାଅ ନୋଟିସ ହୋଇଥିବାରୁ ଅଞ୍ଚଳବାସୀ କେତେକାଂଶରେ ଆଶ୍ୱସ୍ତି ଲାଭ କରିଛନ୍ତି। ହେଲେ ଏହି ନୋଟିସ ଦ୍ୱାରା ଅଞ୍ଚଳବାସୀଙ୍କ ସମସ୍ୟାର କ'ଣ ସମାଧାନ ହୋଇପାରୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି କୁହାଯାଉଛି। ଏ ସଂକ୍ରାନ୍ତରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, କାରଣ ଦର୍ଶାଅ ନୋଟିସ ଉପରେ ଆବଶ୍ୟକ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ ନ କଲେ ଜେଏସ୍‌ଡବ୍ଲ୍ୟୁ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ତୋଫାନ



@ ପ୍ରିୟା



@ ସ୍ୱିତାଦୀପ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖା**ରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୯.୧୨.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ **ତା.୩୦.୧୨.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ନୟାଗଡ ଶାଖା, ସା: ପ୍ଲଟ୍ ନଂ.: ୧୯୭୦, ଓଲ୍ଡ ହଷ୍ଟେଲ୍ ଲେନ୍, ନୟାଗଡ, ଶାଖା ପ୍ରବନ୍ଧକଙ୍କ ନାମ: ପ୍ରିୟବ୍ରତ ନାୟକ, ମୋ.: ୭୪୩୭୯୯୮୧୫୧** | | |
| ୧. | ବିକାଶ କୁମାର , ସା/ପୋ.: ଇଟାମାଟି, ଜିଲ୍ଲା: ନୟାଗଡ / ୧୮୪୬୦୬୧୦୦୨୮୫୪୪ | ଟ.୬୮,୦୦୦/- + ସୁଧ ଏବଂ ଦେୟ | ୨୨.୦୦ |
| | **ଏମ୍‌ସ ସିଜୁଆ ଶାଖା, ଏନ୍‌ଏଚ୍-୫, ସା/ପୋ: ପାତ୍ରପଡା, ଖୋର୍ଦ୍ଧା, ଓଡିଶା, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀମତୀ ଦେବସ୍ମିତା ବେହେରା, ମୋ.: ୭୭୩୫୧୪୦୬୫୦** | | |
| ୧. | ସିଦ୍ଧାର୍ଥ ରାଉତରାୟ, ସା: ପ୍ଲଟ୍ ନଂ.: ୬୫୫/୮୨୪, କାବେରୀ ସାହି, ପଟିଆ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା / ୩୧୮୪୦୬୧୦୦୨୭୪୮୬ | ଟ.୧,୩୬,୦୦୦/- + ସୁଧ ଏବଂ ଦେୟ | ୩୦.୧୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:
୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରଗୁଡିକର ଯାଞ୍ଚ କରିପାରିବେ ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପୈଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।

ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୬୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୨.୧୨.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

## ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ
यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କା କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୩୦.୧୨.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ସିଡିଏ ବିଡାନାସି ଶାଖା, ମୋ: ୯୩୯୮୨୬୩୭୯୯/** ଋଣଗ୍ରହୀତାମାନେ: ମେସର୍ସ ସାଗର ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ବିରାଜ ଛୋଟରାୟ, ସମ୍ରାଟ ହଲ୍ ନିକଟ, ସା/ପୋ/ଥାନା: ମଧୁପାଟଣା, ଜିଲ୍ଲା: କଟକ - ୭୫୩୦୧୦, ଶ୍ରୀ ବିରାଜ ଛୋଟରାୟ, ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ପୋ: ବକ୍ସି ବଜାର, କଟକ - ୭୫୩୦୦୧ / ଗ୍ୟାରେଣ୍ଟିଦାତା: ଶ୍ରୀ ଅଜୟ କୁମାର ମହାନ୍ତି, ପିତା: ସୁରେନ୍ଦ୍ର ମହାନ୍ତି, ସା: ନିମାଇସାପୁର, ପୋ: ଆୟତପୁର, ଭାୟା: କିଶାନନଗର, କଟକ ସଦର, କଟକ - ୭୫୪୧୩୧ / ବକେୟା ରାଶି: ତା.୩୦.୦୬.୨୦୨୫ ସୁଦ୍ଧା ଟ.୧୧,୦୯,୧୯୧.୦୨ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ବିରାଜ ଛୋଟରାୟ, ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୯୭, ଖାତା ନଂ.: ୩୪୨, ଥାନା ନଂ.: ୪, ଥାନା: ମଙ୍ଗଳାବାଗ, ମୌଜା: କଟକ ସହର ୟୁନିଟ୍-୧୮ ବକ୍ସି ବଜାର, ତହସିଲ: କଟକ ନଂ.: ୨୧୭,ଜିଲ୍ଲା: କଟକ, ମୋଟ ଜମିର କ୍ଷେତ୍ର: ଏକର ୦.୦୯୭ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୫୯୮, ପୂର୍ବ: ପ୍ଲଟ୍ ନଂ.: ୫୯୬, ପଶ୍ଚିମ: ପ୍ଲଟ୍ ନଂ.: ୬୧୨ | ଟ.୭୧,୨୦,୦୦୦/- / ଟ.୭,୧୨,୦୦୦/- / ଟ.୭୧,୨୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୨. | **ଅରିଲୋ ଶାଖା, ମୋ: ୯୬୫୮୧୭୨୧୮୨ /** ଋଣଗ୍ରହୀତା: ମେସର୍ସ ପରିଡା ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ପରିଡା, ପିତା: ଶ୍ରୀ କୁଳମଣି ପରିଡା / ଅଂଶୀଦାରମାନେ: ୧) ଶ୍ରୀ ଅଶୋକ କୁମାର ପରିଡା, ପିତା: ଶ୍ରୀ କୁଳମଣି ପରିଡା, ୨) ଶ୍ରୀମତୀ ପ୍ରଭାତି ପରିଡା, ସ୍ୱାମୀ: ଶ୍ରୀ ଅଶୋକ କୁମାର ପରିଡା, ସମସ୍ତଙ୍କ ଠିକଣା- ସା: ମଧୁପୁର, ପୋ: ଅଲଣାହାଟ, ଥାନା: ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା-୭୫୪୧୦୭ / ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୧୬,୨୩,୪୪୩.୧୪ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ଅଶୋକ କୁମାର ପରିଡା ଏବଂ ଶ୍ରୀମତୀ ପ୍ରଭାତି ପରିଡାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧୪୮, ରେଭିନ୍ୟୁ ଖାତା ନଂ.: ୪୪୯/୯୦, ମୌଜା: ମଧୁପୁର, ଥାନା ନଂ.: ୧୩, ତହସିଲ ନଂ.: ୧୨, ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା, କ୍ଷେତ୍ର: ଏକର୦.୦୭ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ଗ୍ରାମ୍ୟ ରାସ୍ତା, ପୂର୍ବ: ଭଗବାନ ପରିଡା, ପଶ୍ଚିମ: ପ୍ଲଟ୍ ନଂ.: ୧୧୪୯ | ଟ.୧୫,୩୯,୦୦୦/- / ଟ.୧,୫୩,୯୦୦/- / ଟ.୧୫,୩୯୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୩. | **ସାଲେପୁର ଶାଖା, ମୋ: ୭୯୭୮୦୧୯୨୨୫ /** ଋଣଗ୍ରହୀତା: ଶ୍ରୀ ଅକ୍ଷୟ ମଳିକ, ପିତା: ୰ ଉତ୍ତମ ମଳିକ, ସା: କୋଲଣପୁର, ପୋ.: ସାଲେପୁର, କଟକ - ୭୫୪୨୦୨ / କୋ-ଓବ୍ଲିଗାଣ୍ଟ / ଗ୍ୟାରେଣ୍ଟିଦାତା: ଶ୍ରୀ ନରୋତ୍ତମ ସ୍ୱାଇଁ, ପିତା: ଭାଗ୍ୟଧର ସ୍ୱାଇଁ, ସା: ଜିଗିନିପୁର, ପୋ.: ସାଲେପୁର, କଟକ - ୭୫୪୨୦୨ / ବକେୟା ରାଶି: ତା.୧୦.୧୨.୨୦୨୫ରିଖ ସୁଦ୍ଧା ଟ.୨,୧୭,୮୯୮.୮୦ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ଅକ୍ଷୟ ମଳିକ, ପିତା: ୰ ଉତ୍ତମ ମଳିକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୧, ପ୍ଲଟ୍ ନଂ.: ୨୦୭୨, କ୍ଷେତ୍ର: ଏକର ୦.୧୦୦ ଡିସିମିଲି, ମୌଜା: କୋଲଣପୁର, ତହସିଲ: ନିଶ୍ଚିନ୍ତକୋଇଲି, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ରେମାନନ୍ଦ ମଲ୍ଲିକ, ଦକ୍ଷିଣ: କେନାଲ, ପୂର୍ବ: ବାବନ ମଲ୍ଲିକ, ପଶ୍ଚିମ: ରାସ୍ତା | ଟ.୪,୧୫,୦୦୦/- / ଟ.୪୧,୫୦୦/- / ଟ.୪,୧୫୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୪. | **ପାରାଦୀପଗଡ଼ ଶାଖା, ମୋ.: ୭୩୨୬୦୪୦୩୯୦ /** ଋଣଗ୍ରହୀତା: ଶ୍ରୀ ଅଟଳ ବିହାରୀ ଦାସ ଓରଫ୍ ଅଟଳ କୁମାର ଦାସ, ପିତା: ଶ୍ରୀ ଧଡି ଦାସ, ସା: ଗଣ୍ଡକିପୁର, ପୋ.: ଗୋପିଆକୁଦ (କୁଜଙ୍ଗ), ଜିଲ୍ଲା: ଜଗତ୍‌ସିଂହପୁର / ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୨୬,୫୪,୩୨୬.୩୦ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ଶ୍ରୀ ଅଟଳ ବିହାରୀ ଦାସ ଓରଫ୍ ଅଟଳ କୁମାର ଦାସଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୪, ପ୍ଲଟ୍ ନଂ.: ୧୨୬୯, କ୍ଷେତ୍ର: ଏକର ୦.୦୪୦ ଡିସିମିଲି (୧୭୪୨.୪ ବର୍ଗଫୁଟ), ମୌଜା: ଗଣ୍ଡକିପୁର (କୁଜଙ୍ଗ), ଜିଲ୍ଲା: ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୨୬୮, ଦକ୍ଷିଣ: ରାସ୍ତା ଏବଂ ପ୍ଲଟ୍ ନଂ.: ୧୨୭୨, ପୂର୍ବ: ପ୍ଲଟ୍ ନଂ.: ୧୨୭୬, ପଶ୍ଚିମ: ରାସ୍ତା | ଟ.୧୬,୦୦,୦୦୦/- / ଟ.୧,୬୦,୦୦୦/- / ଟ.୧୬,୦୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୫. | **ବଡହାଟ କେନ୍ଦ୍ରାପଡା ଶାଖା, ମୋ.: ୯୭୩୪୨୮୦୦୦୪/** ଋଣଗ୍ରହୀତାମାନେ: ୧) ରୁକ୍ମଣୀ ବଳ, ସ୍ୱାମୀ: ୰ ରାଜ କିଶୋର ବଳ, ୨) ୰ ରାଜ କିଶୋର ବଳଙ୍କ ସମ୍ପତ୍ତିର ପ୍ରତିନିଧିମାନେ: କ) ରଜତ କୁମାର ବଳ, ପିତା: ୰ ରାଜ କିଶୋର ବଳ, ଖ) ରାଜଶ୍ରୀ ବଳ, ପିତା: ୰ ରାଜ କିଶୋର ବଳ ଏବଂ ଅନ୍ୟମାନେ / ଗ୍ୟାରେଣ୍ଟିଦାତା: ଶ୍ରୀ କୁଞ୍ଜ ବିହାରୀ ପଣ୍ଡା, ପିତା: ଜେନାମଣି ପଣ୍ଡା, ସମସ୍ତଙ୍କ ଠିକଣା- ସା: ତରାଣ୍ଡୋ, ପୋ: ବାରୋ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍ - ୭୫୪୨୫୦ / ବକେୟା ରାଶି: ତା.୨୧.୦୭.୨୦୨୫ରିଖ ସୁଦ୍ଧା ଟ.୫,୯୪,୮୪୦.୫୩ + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ରୁକ୍ମଣୀ ବଳଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ଖାତା ନଂ.: ୭୦୫/୧୪୩, ପ୍ଲଟ୍ ନଂ.: ୧୬୫/୩୦୧୪, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, ମୌଜା: ତରାଣ୍ଡୋ, ଥାନା: ନିକିରାଇ ଏବଂ ନଂ.: ୧୮୦, ତହସିଲ: କେନ୍ଦ୍ରାପଡା, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୧୬୪, ପୂର୍ବ: ପ୍ଲଟ୍ ନଂ.: ୧୬ର ଅବଶିଷ୍ଟ, ପଶ୍ଚିମ: ପ୍ଲଟ୍ ନଂ.: ୧୬୬ | ଟ.୨୧,୭୨,୦୦୦/- / ଟ.୨,୧୭,୨୦୦/- / ଟ.୨୧,୭୨୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ: ତା.୩୦.୧୨.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍/ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ, ତାରିଖ: ୧୨.୧୨.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## କାର୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ପାଣିକୋଇଲି,୧୨।୧୨(ବିକାଶ ଚନ୍ଦ୍ର ମଲ୍ଲିକ):**



ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ମକୁନ୍ଦବିନ୍ଧା(ବଡ଼ ତ୍ରିଲୋଚନପୁର) ନିକଟରେ ଶୁକ୍ରବାର କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ଖଇରାବାଦ ଗ୍ରାମର ରବୀନ୍ଦ୍ର ପୁହାଣ। ସେ ତାଙ୍କ ବାଇକ ଯୋଗେ କୁଆଖିଆ ପଟୁ ପାଣିକୋଇଲି ଆଡ଼କୁ ଆସୁଥିଲେ। ଏକ କାର ଓଡି୦୫ବିପି ୭୦୭୦ ଦ୍ରୁତଗତିରେ ଆସି ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ରବୀନ୍ଦ୍ର ଗୁରୁତର ହୋଇଥିଲେ। ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ପହଞ୍ଚି ତାଙ୍କୁ ଆଣି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ରବୀନ୍ଦ୍ରଙ୍କୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବୀନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ଏସ୍‌ଆଇ ପ୍ରଶାନ୍ତ କୁମାର ଦାଶ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ପୋଲିସ ନଂ.୩୧୬/୨୫ରେ ଏକ ମାମଲା ରୁଜୁ କରିବା ସହ ବାଇକ ଓ କାରକୁ ଜବତ କରି ତଦନ୍ତ ଚଳାଇଛି।

## ଜେଲ ଗଲେ ମା', ପୁଅ

### ବଳରାମ ଅପହରଣ, ହତ୍ୟା ଘଟଣା

**ରାଜନଗର,୧୨।୧୨ (ଭାସ୍କର ରାଉତରାୟ)**



ରାଜନଗର ଥାନା ଡିଆପାରି ଗାଁର ପୂର୍ବତନ ୱାର୍ଡସଭ୍ୟ ବଳରାମ ସେଠୀ ହତ୍ୟା ଘଟଣାର ଅଭିଯୁକ୍ତ ମା' ଓ ପୁଅ ଧରାପଡିଛନ୍ତି। ଏହି ହତ୍ୟା ଘଟଣାରେ କେନ୍ଦ୍ରାପଡ଼ା ବାରିମୂଳ ଜେଲରେ ଥିବା ଝିଅ ଓ ସ୍ୱାମୀକୁ ଦେଖା କରିବାକୁ ଯାଇ ଧରାପଡିଛନ୍ତି ମା', ପୁଅ। ଜେଲର ମା' ପୁଅଙ୍କୁ ଅଟକ ରଖି ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ବାରିମୂଳ ଜେଲରେ ପହଞ୍ଚି ମା', ପୁଅଙ୍କୁ ଗିରଫ କରିବା ସହ ଶୁକ୍ରବାର କୋର୍ଟ ଚାଲାଣ କରିଛି। ବଳରାମ ହତ୍ୟା ଘଟଣାରେ ଗିରଫ ସଂଖ୍ୟା ୫କୁ ବୃଦ୍ଧି ପାଇଛି।

ବଳରାମ ସେଠୀ ନଭେମ୍ବର ୩୦ ସନ୍ଧ୍ୟାରେ ପୁଅକୁ ଦୋକାନରେ ବସାଇ ଭୋଜି ଖାଇବାକୁ ଯାଉଛି କହି ବାଇକ୍ ନେଇ କି ଯାଇଥିଲେ। ପରେ ଆଉ ଘରକୁ ଫେରି ନ ଥିଲେ। ରାତି ୧୦ଟାରେ ବଳରାମଙ୍କ ମୋବାଇଲ ସୁଇଚ ଅଫ ହୋଇଯାଇଥିଲା। ଏହା ପରେ ତାଙ୍କର ଖୋଜ ଖବର ମିଳି ନ ଥିଲା। ୮ ତାରିଖ ସକାଳେ କୋଇଲିପୁର ପଞ୍ଚାୟତ କାଙ୍କଦିଆ ଗାଁ ପଛ ହଂସୁଆ ନଦୀ କୂଳ ଜଙ୍ଗଲ ନିକଟରେ ପୋଲିସ ଓ ଅଗ୍ନିଶମ ବାହିନୀ ସହ ପହଞ୍ଚି କେନାଲ ମଧ୍ୟରୁ ଜ୍ୟାକେଟ, ଚପଲ ଓ ବଳରାମଙ୍କ ବାଇକ୍ ଉଦ୍ଧାର କରିଥିଲେ। କେନାଲ ସମ୍ମୁଖ ହଂସୁଆ ନଦୀ ପଠାରେ ଥିବା ଜଙ୍ଗଲ ମଧ୍ୟରୁ ବଳରାମଙ୍କ ମୃତଦେହ ଜବତ କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ ଜାମିନୀ ସ୍ୱାଇଁଙ୍କୁ ଘଟଣାସ୍ଥଳକୁ ନିଆଯାଇ ସିନରିକ୍ରେଶନ କରାଯାଇଥିଲା। ଏହି ଘଟଣାରେ ୧୦ ତାରିଖ ସୁଦ୍ଧା ଅଭିଯୁକ୍ତ ମହିଳା ଜାମିନୀ, ମହିଳାଙ୍କ ବାପା ତଥା ରଙ୍ଗ ମିସ୍ତ୍ରି ଭାଗ୍ୟଧର ଜେନା ଓ ମହିଳାଙ୍କ ସହ ସମ୍ପର୍କରେ ଥିବା ବିଘ୍ନେଶ୍ୱର ମଲ୍ଲିକଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏହି ଘଟଣାରେ ଭାଗ୍ୟଧରଙ୍କ ସ୍ତ୍ରୀ ଶଶିକଳା ଜେନା, ପୁଅ ସୁରଞ୍ଜନ ଜେନାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
One Computer Operator for office and one Sales man for filed work with Graduation
- WhatsApp -
9338205137 / 9861404151
Bhubaneswar

Staff ଆବଶ୍ୟକ
ଭୁବନେଶ୍ୱରରେ Fabrication Industry ରେ କାର୍ଯ୍ୟ ପାଇଁ Experience Mechanical/Civil Engineer, Manager, Marketing ଓ Office କାର୍ଯ୍ୟ ପାଇଁ Accountant, Data Entry Operator, Driver ଓ other staff ଆବଶ୍ୟକ। ରହିବା ଓ ଖାଇବା ସୁବିଧା ଅଛି।
Contact : 9937499625

See Career Appointment on every Wednesday & Saturday

WANTED
1) Mali (Bagicha Kama)
2) Lady Office Assistant
Phulanakhara, Cuttack
Rahiba, Khaiba Free
Plus 10000 Each
Contact : 7809525452

Sales Executive For Angul Location Requires
Min. 1yr Exp. in Sales. Salary - 15k To 25k + Incentive
Interview Date :15/12/2025. Contact : 9124614408.
Saurashakti Enterprises Private Limited
Add : B/16, ID Market, Nayapalli, BBSR.

## ପାରାଦୀପ ବନ୍ଦର ପାଇଁ କ୍ରିକେଟ ପ୍ରଶିକ୍ଷକ ନିମନ୍ତେ ଆବେଦନ

No.PPT/GKS/Cricket Coach/2025/119 Date: 03.12.2025

ପାରାଦୀପ ବନ୍ଦର ପ୍ରାଧିକରଣ ରେ ଠିକା କର୍ମଚାରୀ ହିସାବରେ ୧ ବର୍ଷ ପାଇଁ କ୍ରିକେଟ ପ୍ରଶିକ୍ଷକ ର ଆବଶ୍ୟକ। ପାରାଦୀପ ବନ୍ଦର ରେ ଥିବା କ୍ରିକେଟ ଟ୍ରେନିଙ୍ଗ୍, ପାରାଦୀପ ବନ୍ଦର ର କ୍ରିକେଟ ଟିମ୍‌ର ଖେଳାଳୀ ଏବଂ ପାରାଦୀପ ବନ୍ଦର ର ଷ୍ଟାଡିୟମ ରେ ଆସୁଥିବା ଯୁବ ଖେଳାଳୀ (ପୁଅ ଓ ଝିଅ)ଙ୍କୁ ଖେଳ ପ୍ରଶିକ୍ଷଣ ଦେବେ। ଆବେଦନର ଶେଷ ତାରିଖ **୧୭.୧୨.୨୦୨୫**। ଏହା ପରେ ସାକ୍ଷାତକାର ପାଇଁ ଜଣାଇଦିଆଯିବ।

For further details, visit our website- https://paradipport.gov.in/ Carrer.aspx.

Sd/ Working president
Gopabandhu Kreeda Sansad, Paradip port Authority

PPA/PR/55/2025-2026 05/12/2025

## IFFCO
पूर्णतः सहकारी स्वामित्व
Wholly owned by Cooperatives

**Indian Farmers Fertiliser Cooperative Limited**
**Paradeep Unit**

Advertisement No. PDP/HR/App/2025 Date: 09.12.2025

**Requirement of Act Apprentices for IFFCO, Paradeep Unit**

Indian Farmers Fertiliser Cooperative Limited, Paradeep Unit, District - Jagatsinghpur (Odisha) invites applications for the post of Act Apprentices from candidates possessing Diploma (Chemical) / Diploma (Mechanical) / Diploma (Electrical) / Diploma (Instrumentation) / Diploma (Civil) / B.Sc.(PCM) / ITI (Fitter) / ITI (Machinist) / ITI (Welder) / ITI (Electrician) / ITI (Instrument Mechanic) / ITI (Tuner) / ITI (Mechanic Motor Vehicle) / ITI (Draughtsman Mechanical) / ITI (Draughtsman Civil) / ITI (Computer Operator and Programming Assistant) / ITI (Refrigeration & AC)

**How to apply:**
For details of advertisement and required qualification, age, apprenticeship, categories, emoluments, other eligibility criteria of the above-mentioned post and how to apply etc. visit our website at www.iffcoyuva.in. The online application form may also be directly accessed on https://appspd.iffco.coop/candidate/.
It is mandatory to submit an online application form.

**Important Dates for candidates:**
Date of opening of online application: 08.12.2025, 10.30 hrs
Date of closing of online application: 21.12.2025, 23.59 hrs

**For queries / clarification : Contact No: 06722-22 4761**

# ଓଡ଼ିଆ ସଭ୍ୟତାର ଚିତ୍ରପଟ ରାଜସୁନାଖଳା: ରାଜ୍ୟପାଳ

## ଉଦ୍‌ଯାପିତ ହେଲା କାଉଁରୀ ମହୋତ୍ସବ

ନୟାଗଡ/ରଣପୁର, ୧୨।୧୨(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ରାଉତ)

ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ରାଜ ସୁନାଖଳା ସିଟି ସ୍କୁଲ ପଡିଆରେ ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ରାଜ ସୁନାଖଳା ମହୋତ୍ସବ କାଉଁରୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦେଇ ସୁନାଖଳା ହେଉଛି ଓଡ଼ିଆ ସଭ୍ୟତାରେ ଚିତ୍ରପଟ ବୋଲି କହିଥିଲେ। ଅନ୍ୟପକ୍ଷେ ଏହା କେବଳ ଭୌଗୋଳିକ ସ୍ଥାନ ନୁହେଁ, ଏହାର ସାଂସ୍କୃତିକ, ଐତିହାସିକ, ବୌଦ୍ଧିକ ଓ ରାଜନୈତିକ ଆଦିର ସ୍ୱତନ୍ତ୍ର ପରିଚୟ ରହିଛି। ପୁଣି କୃଷିକ୍ଷେତ୍ରର ମାନଦଣ୍ଡ ଓ ଲୋକଙ୍କ ଜୀବନଚର୍ଯ୍ୟା ଓଡିଶାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଦେଶର ପ୍ରଜାମଣ୍ଡଳ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମରେ ସୁନାଖଳା ଓ ଏହାର ଆଖପାଖ ଗ୍ରାମର ସଂଗ୍ରାମୀଙ୍କର ଇତିହାସରେ ସ୍ୱତନ୍ତ୍ର ଅଧ୍ୟାୟ ରହିଛି। ରାଜସୁନାଖଳାରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ନିଜର କର୍ତ୍ତବ୍ୟ ପରାକାଷ୍ଠା ମାଧ୍ୟମରେ ନିଜ ଘର, ସହର, ରାଜ୍ୟ ଓ ଦେଶର ଆର୍ଥିକ ମାନଦଣ୍ଡ ବୃଦ୍ଧି କରି ପାରିଛନ୍ତି। ସୁନାଖଳାବାସୀଙ୍କୁ ପ୍ରଶଂସା କରି କହିଲେ ସେମାନଙ୍କର ସମନ୍ୱୟ, ସମ୍ମାନ, ଅତିଥି ପରାୟଣତା ଓ ପଲ୍ଲୀଶ୍ରୀ ମେଳା ପ୍ରତି ଥିବା ଭାବ ପ୍ରବଣତା ମହୋତ୍ସବକୁ ସଫଳତାରେ ପହଞ୍ଚାଇ ପାରିଛି। ସୁନାଖଳା ବାସୀଙ୍କୁ ନିଜ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ କୃତଜ୍ଞତା ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଏମ୍‌ପି ସମ୍ବିତ ପାତ୍ର, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇଥିଲେ। ସାଂସ୍କୃତିକ ଆସରର ବିଭିନ୍ନ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା।



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ବାଚସ୍ପତି ସୁରମା ପାଢୀ ଓ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।


## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖା**ରେ ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୯.୧୨.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ **ତା.୩୦.୧୨.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ନୟାଗଡ ଶାଖା, ସା: ପ୍ଲଟ୍ ନଂ.: ୧୯୭୦, ଓଲ୍ଡ ହଷ୍ଟେଲ୍ ଲେନ୍, ନୟାଗଡ, ଶାଖା ପ୍ରବନ୍ଧକଙ୍କ ନାମ: ପ୍ରିୟବ୍ରତ ନାୟକ, ମୋ.: ୭୪୩୭୯୯୮୧୫୧** | | |
| ୧. | **ବିକାଶ କୁମାର**, ସା/ପୋ.: ଇଟାମାଟି, ଜିଲ୍ଲା: ନୟାଗଡ / ୧୮୪୬୦୬୧୦୦୨୮୫୪୪ | ଟ.୬୮,୦୦୦/- + ସୁଧ ଏବଂ ଦେୟ | ୨୨.୦୦ |
| | **ଏମ୍ସ ସିଜୁଆ ଶାଖା, ଏନ୍‌ଏଚ୍-୫, ସା/ପୋ: ପାତ୍ରପଡା, ଖୋର୍ଦ୍ଧା, ଓଡିଶା, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀମତୀ ଦେବସ୍ମିତା ବେହେରା, ମୋ.: ୭୭୩୫୧୪୦୬୫୦** | | |
| ୧. | **ସିଦ୍ଧାର୍ଥ ରାଉତରାୟ**, ସା: ପ୍ଲଟ୍ ନଂ.: ୬୫୫/୮୨୪, କାବେରୀ ସାହି, ପଟିଆ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା / ୩୧୮୪୦୬୧୦୦୨୭୪୮୬ | ଟ.୧,୩୬,୦୦୦/- + ସୁଧ ଏବଂ ଦେୟ | ୩୦.୧୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧. ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ।
୨. ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରଗୁଡିକର ଯାଞ୍ଚ କରିପାରିବେ।
**୩. ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪. ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫. ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପୈଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ।
୬. ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦ ଦିନ** ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭. ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ।
୮. କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ।

ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୨.୧୨.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ


# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

## ଘଟଣାସ୍ଥଳରୁ କାର ସହ ଡ୍ରାଇଭର ଫେରାର

ଭାପୁର,୧୨।୧୨(ପ୍ରଭାତ ବରାଡ)



ନୟାଗଡ ଜିଲ୍ଲା ଫତେଗଡ ଥାନା ଅର୍ନ୍ତଗତ ଭାପୁର ବାଇପାସ୍ ରାସ୍ତା ହନୁମାନ ମନ୍ଦିର ନିକଟରେ ଶୁକ୍ରବାର କାର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୁକାନ୍ତ କୁମାର ଜେନା। ପ୍ରକାଶଯେ, ବିଜିପୁର ପଞ୍ଚାୟତ ସୁନାଖଳା ଗ୍ରାମର ସୁକାନ୍ତ ଓରଫ କାଳିଆ (୪୨) ଲୁନାରେ ଭଉଣୀ ଘର ବାଳସିଂକୁ ସନ୍ଧ୍ୟା ୬ଟା ଯାଉଥିଲେ। ଭାପୁରଠାରୁ କଳାପଥର ବାଇପାସ୍ ରାସ୍ତା ହନୁମାନ ମନ୍ଦିର ନିକଟରେ ପଛପଟୁ ଦ୍ରୁତଗତିରେ ଆସୁଥିବା ଏକ କାର ସୁକାନ୍ତଙ୍କୁ ଧକ୍କା ଦେଇ ପ୍ରାୟ ୩ ଶହ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ସେଠାରେ ସୁକାନ୍ତ ଛଟପଟ ହେଉଥିବା ବେଳେ କାର ଚାଳକ ଗାଡି ନେଇ କଳାପଥର ଅଭିମୁଖେ ଚମ୍ପଟ ମାରିଥିଲେ। ଲୋକେ ସୁକାନ୍ତଙ୍କୁ ୧୦୮ ଆମ୍ବୁଲାନ୍ସରେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କ୍ଷତିପୂରଣ ଦାବିରେ ପରିବାର ଲୋକେ ରାସ୍ତାରୋକୋ କରିବାକୁ ଚେଷ୍ଟା କରୁଥିବା ବେଳେ ଫତେଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଦୁର୍ଘଟଣା ଘଟାଇ କାର୍ ଚାଳକ କଳାପଥର ନାରାୟଣୀ ଗ୍ୟାରେଜକୁ ଗାଡ଼ି ସଜାଡିବାକୁ ନେଇଥିଲେ। କେଉଁଠି ଏମିତି ଦୁର୍ଘଟଣା ଘଟିଲା ବୋଲି ଗ୍ୟାରେଜ ଲୋକ ପଚାରିବାରୁ ଚାଳକ ହଡବଡେଇ ଯାଇ କାର ଛାଡି ଫେରାଇ ହୋଇଯାଇଥିଲେ। ପୋଲିସ ଗାଡିଟିକୁ ଜବତ କରିଥିବା ସୂଚନା ମିଳିଛି।

# ଜବତ ହେଲା ଚୋରି ମୋବାଇଲ, ସୁନା ଅଳଙ୍କାର

## ନାବାଳକଙ୍କ ସହ ୨ଜଣଙ୍କୁ ପୋଲିସ ଜିମା ଦେଲେ ଲୋକେ

ନୟାଗଡ,୧୨।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ଦୁର୍ଗାପ୍ରସାଦ ଗାଁରୁ ଚୋରି ହୋଇଥିବା ମୋବାଇଲ ଫୋନ ଓ ସୁନା ଅଳଙ୍କାର ରଣପୁର ଥାନା ରାଜସୁନାଖଳାରୁ ଜବତ ହୋଇଛି। ମୋବାଇଲ ଟ୍ରାକିଂ ଯୋଗୁ ଚୋର ଧରା ପଡିବା ପରେ ଚୋରି ଉପକରଣ ଫୋନ ଓ ସୁନାଚେନ ଉଦ୍ଧାର ହୋଇଛି। ଅନ୍ୟପକ୍ଷେ ନାବାଳକଙ୍କ ସହ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଲୋକ ପୋଲିସ ଜିମା ଦେଇଛନ୍ତି।

ସୂଚନା ଅନୁସାରେ, ଦୁର୍ଗାପ୍ରସାଦ ଗାଁର ବାବି ଦଳେଇଙ୍କ ଘରୁ ଶୁକ୍ରବାର ସକାଳେ ଚୋରି ହୋଇଥିଲା। ଘର ଖୋଲାଥିବା ବେଳେ କେହି ଭିତରେ ପଶି ଏକ ମୋବାଇଲ ଓ ବାବି ମା'ଙ୍କ ବେକରୁ ସୁନା ଚେନ କାଟି ନେଇଥିଲେ, ହେଲେ ଚୋରି ନେଇ କେହି ଜାଣି ପାରି ନ ଥିଲେ। ବାବି ଜାଣିବା ପରେ ଚୋରି ମୋବାଇଲ ସୁଇଚ ଅଫ ନ ହୋଇ ଖୋଲା ଥିବା ଜାଣି ପାରିଥିଲେ। ପରେ ମୋବାଇଲ ଟ୍ରାକିଂ କରି ଚୋରକୁ ଧରିବାରେ ସଫଳ ହୋଇଥିଲେ। ଚୋର ସୁନାଖଳା ପଡିଆରେ ବସିଥିଲେ। ତାଙ୍କଠାରୁ ଚୋରି ଉପକରଣ ଜବତ କରିଥିଲେ। ତେବେ କିଛି ଗୁଣି ଗାରେଡି ଜିନିଷ ଓ ଖଣ୍ଡା ଥିବା ଦେଖିବାକୁ ପାଇଥିଲେ। ଟାଉନ ଥାନା ପୋଲିସ ଘଟଣାର ତଦନ୍ତ କରୁଥିଲେ ହେଁ ଚୋରି ନେଇ ଥାନାରେ ଅଭିଯୋଗ କରାଯାଇ ନାହିଁ।

# ଜୈବିକ ଖତ ବିକ୍ରୟର ଶୁଭାରମ୍ଭ




ଜୈବିକ ଖତ ବିକ୍ରି କରାଯାଉଛି।

ନୟାଗଡ,୧୨।୧୨(ଲୋକନାଥ ମିଶ୍ର)

ନୟାଗଡ଼ ସହର ପଠାଣି ସାମନ୍ତ ଅଡିଟୋରିୟମ ସମ୍ମୁଖ ଦୁଃଖି ମାର୍କେଟରେ ନୟାଗଡ ମ୍ୟୁନିସିପାଲିଟି ପକ୍ଷରୁ ଚଳିତ ବର୍ଷର ଉତ୍ପାଦିତ ଜୈବିକ ଖତ ବିକ୍ରୟର ଶୁଭାରମ୍ଭ ଶୁକ୍ରବାର ହୋଇଛି। ଏହି ଅବସରରେ ମୋ ଖତ ବିକ୍ରୟ କେନ୍ଦ୍ର ନାଁରେ ଏକ ସ୍ୱତନ୍ତ୍ର ଷ୍ଟଲ କରାଯାଇ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିକ୍ରୟ ପାଇଁ ବ୍ୟବସ୍ଥା ହୋଇଛି। ଏଥିରେ ନୟାଗଡ ମ୍ୟୁନିସିପାଲିଟି ଅଧକ୍ଷା ନିରୁପମା ଖଟେଇ, କାଉନସିଲର ସ୍ୱୟଂପ୍ରଭା ମିଶ୍ର, ଲକ୍ଷ୍ମୀଧର ମହାପାତ୍ର ଓ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ଯୋଗ ଦେଇ ବିକ୍ରୟର ଶୁଭାରମ୍ଭ କରିଥିଲେ।ବଗିଚା, ଚାଷ କ୍ଷେତ ଓ ଫୁଲଗଛ ପାଇଁ ସମ୍ପୃକ୍ତ ଖତ ବେଶ ଉପଯୋଗୀ ବୋଲି କୁହାଯାଇଛି। କେଜି ପିଛା ୧୦ ଟଙ୍କାରେ ବିକ୍ରି କରାଯାଉଥିବା ବେଳେ ଗୋଟିଏ ପ୍ୟାକେଟରେ ୫ କେଜି ରହୁଛି। ଅଧକ୍ଷା ନିଜେ ଜୈବିକ ଖତ ୫୦ ଟଙ୍କା ଦେଇ କିଣିଥିଲେ।


## ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କା କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୩୦.୧୨.୨୦୨୫ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ସିଡିଏ ବିଡାନାସି ଶାଖା, ମୋ: ୯୩୯୮୨୬୩୭୯୯/** **ଋଣଗ୍ରହୀତାମାନେ: ମେସର୍ସ ସାଗର ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ବିରାଜ ଛୋଟରାୟ,** ସମ୍ରାଟ ହଲ୍ ନିକଟ, ସା/ପୋ/ଥାନା: ମଧୁପାଟଣା, ଜିଲ୍ଲା: କଟକ - ୭୫୩୦୧୦, **ଶ୍ରୀ ବିରାଜ ଛୋଟରାୟ,** ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟ, ସା: ବଡ଼େଇସାହି, ମାଛୁଆ ବଜାର, ପୋ: ବକ୍ସି ବଜାର, କଟକ - ୭୫୩୦୦୧ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅଜୟ କୁମାର ମହାନ୍ତି,** ପିତା: ସୁରେନ୍ଦ୍ର ମହାନ୍ତି, ସା: ନିମାଇସାପୁର, ପୋ: ଆୟତପୁର, ଭାୟା: କିଶାନନଗର, କଟକ ସଦର, କଟକ - ୭୫୪୧୩୧ / **ବକେୟା ରାଶି: ତା.୩୦.୦୬.୨୦୨୫ ସୁଦ୍ଧା ଟ.୧୧,୦୯,୧୯୧.୦୨** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ବିରାଜ ଛୋଟରାୟ,** ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଛୋଟରାୟଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୯୭, ଖାତା ନଂ.: ୩୪୨, ଥାନା ନଂ.: ୪, ଥାନା: ମଙ୍ଗଳାବାଗ, ମୌଜା: କଟକ ସହର ୟୁନିଟ୍-୧୮ ବକ୍ସି ବଜାର, ତହସିଲ: କଟକ ନଂ.: ୨୧୭, ଜିଲ୍ଲା: କଟକ, **ମୋଟ ଜମିର କ୍ଷେତ୍ର: ଏକର ୦.୦୯୭ ଡିସିମିଲି,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୧୩, ଦକ୍ଷିଣ: ପ୍ଲଟ୍ ନଂ.: ୫୯୮, ପୂର୍ବ: ପ୍ଲଟ୍ ନଂ.: ୫୯୬, ପଶ୍ଚିମ: ପ୍ଲଟ୍ ନଂ.: ୬୧୨ | ଟ.୭୧,୨୦,୦୦୦/- / ଟ.୭,୧୨,୦୦୦/- / ଟ.୭୧,୨୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୨. | **ଅରିଲୋ ଶାଖା, ମୋ: ୯୬୫୮୧୭୨୧୮୨ /** **ଋଣଗ୍ରହୀତା: ମେସର୍ସ ପରିଡା ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଅଶୋକ କୁମାର ପରିଡା,** ପିତା: ଶ୍ରୀ କୁଳମଣି ପରିଡା / **ଅଂଶୀଦାରମାନେ: ୧) ଶ୍ରୀ ଅଶୋକ କୁମାର ପରିଡା,** ପିତା: ଶ୍ରୀ କୁଳମଣି ପରିଡା, **୨) ଶ୍ରୀମତୀ ପ୍ରଭାତି ପରିଡା,** ସ୍ୱାମୀ: ଶ୍ରୀ ଅଶୋକ କୁମାର ପରିଡା, ସମସ୍ତଙ୍କ ଠିକଣା- ସା: ମଧୁପୁର, ପୋ: ଅଲଣାହାଟ, ଥାନା: ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା-୭୫୪୧୦୭ / **ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୧୬,୨୩,୪୪୩.୧୪** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ଅଶୋକ କୁମାର ପରିଡା ଏବଂ ଶ୍ରୀମତୀ ପ୍ରଭାତି ପରିଡା**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧୪୮, ରେଭିନ୍ୟୁ ଖାତା ନଂ.: ୪୪୯/୯୦, ମୌଜା: ମଧୁପୁର, ଥାନା ନଂ.: ୧୩, ତହସିଲ ନଂ.: ୧୨, ନାଉଗାଁ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା, କ୍ଷେତ୍ର: ଏକର୦.୦୭ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ଗ୍ରାମ୍ୟ ରାସ୍ତା, ପୂର୍ବ: ଭଗବାନ ପରିଡା, ପଶ୍ଚିମ: ପ୍ଲଟ୍ ନଂ.: ୧୧୪୯ | ଟ.୧୫,୩୯,୦୦୦/- / ଟ.୧,୫୩,୯୦୦/- / ଟ.୧୫,୩୯୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୩. | **ସାଲେପୁର ଶାଖା, ମୋ: ୭୯୭୮୦୧୯୨୨୫ /** **ଋଣଗ୍ରହୀତା: ଶ୍ରୀ ଅକ୍ଷୟ ମଲିକ,** ପିତା: ୰ ଉତ୍ତମ ମଲିକ, ସା: କୋଲଣପୁର, ପୋ.: ସାଲେପୁର, କଟକ - ୭୫୪୨୦୨ / **କୋ-ଓବ୍ଲିଗାଣ୍ଟ / ଗ୍ୟାରେଣ୍ଟିଦାତା: ଶ୍ରୀ ନରୋତ୍ତମ ସ୍ୱାଇଁ,** ପିତା: ଭାଗ୍ୟଧର ସ୍ୱାଇଁ, ସା: ଜିଗିନିପୁର, ପୋ.: ସାଲେପୁର, କଟକ - ୭୫୪୨୦୨ / **ବକେୟା ରାଶି: ତା.୧୦.୧୨.୨୦୨୫ରିଖ ସୁଦ୍ଧା ଟ.୨,୧୭,୮୯୮.୮୦** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ଅକ୍ଷୟ ମଲିକ,** ପିତା: ୰ ଉତ୍ତମ ମଲିକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୧, ପ୍ଲଟ୍ ନଂ.: ୨୦୭୨, କ୍ଷେତ୍ର: ଏକର ୦.୧୦୦ ଡିସିମିଲି, ମୌଜା: କୋଲଣପୁର, ତହସିଲ: ନିଶ୍ଚିନ୍ତକୋଇଲି, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ରେମାନନ୍ଦ ମଲ୍ଲିକ, ଦକ୍ଷିଣ: କେନାଲ, ପୂର୍ବ: ବାବନ ମଲ୍ଲିକ, ପଶ୍ଚିମ: ରାସ୍ତା | ଟ.୪,୧୫,୦୦୦/- / ଟ.୪୧,୫୦୦/- / ଟ.୪,୧୫୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୪. | **ପାରାଦୀପଗଡ଼ ଶାଖା, ମୋ.: ୭୩୨୬୦୪୦୩୯୦ /** **ଋଣଗ୍ରହୀତା: ଶ୍ରୀ ଅଟଳ ବିହାରୀ ଦାସ ଓରଫ୍ ଅଟଳ କୁମାର ଦାସ,** ପିତା: ଶ୍ରୀ ଧଡି ଦାସ, ସା: ଗଣ୍ଡକିପୁର, ପୋ.: ଗୋପିଆକୁଦ (କୁଜଙ୍ଗ), ଜିଲ୍ଲା: ଜଗତ୍‌ସିଂହପୁର / **ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୨୬,୫୪,୩୨୬.୩୦** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ଅଟଳ ବିହାରୀ ଦାସ ଓରଫ୍ ଅଟଳ କୁମାର ଦାସ**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୪, ପ୍ଲଟ୍ ନଂ.: ୧୨୬୯, କ୍ଷେତ୍ର: ଏକର ୦.୦୪୦ ଡିସିମିଲି (୧୭୪୨.୪ ବର୍ଗଫୁଟ), ମୌଜା: ଗଣ୍ଡକିପୁର (କୁଜଙ୍ଗ), ଜିଲ୍ଲା: ଜଗତ୍‌ସିଂହପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୨୬୮, ଦକ୍ଷିଣ: ରାସ୍ତା ଏବଂ ପ୍ଲଟ୍ ନଂ.: ୧୨୭୨, ପୂର୍ବ: ପ୍ଲଟ୍ ନଂ.: ୧୨୭୬, ପଶ୍ଚିମ: ରାସ୍ତା | ଟ.୧୬,୦୦,୦୦୦/- / ଟ.୧,୬୦,୦୦୦/- / ଟ.୧୬,୦୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୫. | **ବଡହାଟ କେନ୍ଦ୍ରାପଡା ଶାଖା, ମୋ.: ୯୭୩୪୨୮୦୦୦୪/** **ଋଣଗ୍ରହୀତାମାନେ: ୧) ରୁକ୍ମଣୀ ବଳ,** ସ୍ୱାମୀ: ୰ ରାଜ କିଶୋର ବଳ, **୨) ୰ ରାଜ କିଶୋର ବଳଙ୍କ ସମ୍ପତ୍ତିର ପ୍ରତିନିଧିମାନେ: କ) ରଜତ କୁମାର ବଳ,** ପିତା: ୰ ରାଜ କିଶୋର ବଳ, **ଖ) ରାଜଶ୍ରୀ ବଳ,** ପିତା: ୰ ରାଜ କିଶୋର ବଳ **ଏବଂ ଅନ୍ୟମାନେ / ଗ୍ୟାରେଣ୍ଟିଦାତା: ଶ୍ରୀ କୁଞ୍ଜ ବିହାରୀ ପଣ୍ଡା,** ପିତା: ଜେନାମଣି ପଣ୍ଡା, ସମସ୍ତଙ୍କ ଠିକଣା- ସା: ତରାଣ୍ଡୋ, ପୋ: ବାରୋ, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ପିନ୍ - ୭୫୪୨୫୦ / **ବକେୟା ରାଶି: ତା.୨୧.୦୭.୨୦୨୫ରିଖ ସୁଦ୍ଧା ଟ.୫,୯୪,୮୪୦.୫୩** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ରୁକ୍ମଣୀ ବଳଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ଖାତା ନଂ.: ୭୦୫/୧୪୩, ପ୍ଲଟ୍ ନଂ.: ୧୬୫/୩୦୧୪, କ୍ଷେତ୍ର: ଏକର ୦.୦୫୦ ଡିସିମିଲି, ମୌଜା: ତରାଣ୍ଡୋ, ଥାନା: ନିକିରାଇ ଏବଂ ନଂ.: ୧୮୦, ତହସିଲ: କେନ୍ଦ୍ରାପଡା, ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୧୬୪, ପୂର୍ବ: ପ୍ଲଟ୍ ନଂ.: ୧୬ର ଅବଶିଷ୍ଟ, ପଶ୍ଚିମ: ପ୍ଲଟ୍ ନଂ.: ୧୬୬ | ଟ.୨୧,୭୨,୦୦୦/- / ଟ.୨,୧୭,୨୦୦/- / ଟ.୨୧,୭୨୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ: ତା.୩୦.୧୨.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍/ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com & https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ, ତାରିଖ: ୧୨.୧୨.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ତୋଫାନ



@ ପ୍ରଳୟ



@ ସ୍ମିତାଦୀପ୍ତ



@ ପଲ୍ଲବୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
One Computer Operator for office and one Sales man for filed work with Graduation
- WhatsApp -
9338205137 / 9861404151
Bhubaneswar

**Staff ଆବଶ୍ୟକ**
ଭୁବନେଶ୍ୱରରେ Fabrication Industry ରେ କାର୍ଯ୍ୟ ପାଇଁ Experience Mechanical/Civil Engineer, Manager, Marketing ଓ Office କାର୍ଯ୍ୟ ପାଇଁ Accountant, Data Entry Operator, Driver ଓ other staff ଆବଶ୍ୟକ। ରହିବା ଓ ଖାଇବା ସୁବିଧା ଅଛି।
Contact : 9937499625

See Career Appointment on every Wednesday & Saturday

**WANTED**
1) Mali (Bagicha Kama)
2) Lady Office Assistant
Phulanakhara, Cuttack
Rahiba, Khaiba Free
Plus 10000 Each
Contact : 7809525452

**Sales Executive** For Angul Location **Requires**
Min. 1yr Exp. in Sales. Salary - 15k To 25k + Incentive
Interview Date :15/12/2025. Contact : 9124614408.
Saurashakti Enterprises Private Limited
Add : B/16, ID Market, Nayapalli, BBSR.

**ପାରାଦୀପ ବନ୍ଦର ପାଇଁ କ୍ରିକେଟ ପ୍ରଶିକ୍ଷକ ନିମନ୍ତେ ଆବେଦନ**
No.PPT/GKS/Cricket Coach/2025/119 — Date: 03.12.2025
ପାରାଦୀପ ବନ୍ଦର ପ୍ରାଧିକରଣ ରେ ଠିକା କର୍ମଚାରୀ ହିସାବରେ ୧ ବର୍ଷ ପାଇଁ କ୍ରିକେଟ ପ୍ରଶିକ୍ଷକ ର ଆବଶ୍ୟକ। ପାରାଦୀପ ବନ୍ଦର ରେ ଥିବା କ୍ରିକେଟ ଟ୍ରେନିଙ୍ଗ, ପାରାଦୀପ ବନ୍ଦର ର କ୍ରିକେଟ ଟିମ୍‌ର ଖେଳାଳୀ ଏବଂ ପାରାଦୀପ ବନ୍ଦର ର ଷ୍ଟାଡିୟମ ରେ ଆସୁଥିବା ଯୁବ ଖେଳାଳୀ (ପୁଅ ଓ ଝିଅ)ଙ୍କୁ ଖେଳ ପ୍ରଶିକ୍ଷଣ ଦେବେ। ଆବେଦନର ଶେଷ ତାରିଖ ୧୭.୧୨.୨୦୨୫। ଏହା ପରେ ସାକ୍ଷାତକାର ପାଇଁ ଜଣାଇଦିଆଯିବ।
For further details, visit our website- https://paradipport.gov.in/ Carrer.aspx.
Sd/ Working president
Gopabandhu Kreeda Sansad, Paradip port Authority
PPA/PR/55/2025-2026 — 05/12/2025

IFFCO
पूर्णतः सहकारी स्वामित्व
Wholly owned by Cooperatives
**Indian Farmers Fertiliser Cooperative Limited**
**Paradeep Unit**
Advertisement No. PDP/HR/App/2025 — Date: 09.12.2025
**Requirement of Act Apprentices for IFFCO, Paradeep Unit**
Indian Farmers Fertiliser Cooperative Limited, Paradeep Unit, District - Jagatsinghpur (Odisha) invites applications for the post of Act Apprentices from candidates possessing Diploma (Chemical) / Diploma (Mechanical) / Diploma (Electrical) / Diploma (Instrumentation) / Diploma (Civil) / B.Sc.(PCM) / ITI (Fitter) / ITI (Machinist) / ITI (Welder) / ITI (Electrician) / ITI (Instrument Mechanic) / ITI (Tuner) / ITI (Mechanic Motor Vehicle) / ITI (Draughtsman Mechanical) / ITI (Draughtsman Civil) / ITI (Computer Operator and Programming Assistant) / ITI (Refrigeration & AC)
**How to apply:**
For details of advertisement and required qualification, age, apprenticeship, categories, emoluments, other eligibility criteria of the above-mentioned post and how to apply etc. visit our website at www.iffcoyuva.in. The online application form may also be directly accessed on https://appspd.iffco.coop/candidate/.
It is mandatory to submit an online application form.
**Important Dates for candidates:**
Date of opening of online application: 08.12.2025, 10.30 hrs
Date of closing of online application: 21.12.2025, 23.59 hrs
For queries / clarification : Contact No: 06722-22 4761

## ସଂକ୍ଷେପରେ

### ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ପରଲୋକ

ବ୍ରହ୍ମବରଦା,୧୨।୧୨ (ଯଯାତି କେଶରୀ ବେହେରା)



ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ଡିଆସାହି ଗ୍ରାମର ଅବସରପ୍ରାପ୍ତ ପ୍ରାଶାସନିକ ଅଧିକାରୀ ତଥା ଜନ୍ମଭୂମି ଖବରକାଗଜର ପ୍ରତିଷ୍ଠାତା ସମ୍ପାଦକ ଭିକାରୀ ଚରଣ ବିଶ୍ୱାଳ(୭୮)ଙ୍କ ଶୁକ୍ରବାର ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ବିଶ୍ୱାଳ ଜଣେ ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ଲେଖକ, କବି, ଗାଳ୍ପିକ ଓ ସଚ୍ଚୋଟ ଅଧିକାରୀ ଭାବେ ସମଗ୍ର ଅଞ୍ଚଳରେ ପରିଚିତ ଥିଲେ। ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ଓ ବ୍ରହ୍ମବରଦା ଇଲେକ୍ଟ୍ରି ସବଷ୍ଟେସନ ସ୍ଥାପନ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟଥିଲା। ତାଙ୍କ ପରଲୋକ ଖବର ପାଇ ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ଭାଜପା ନେତା ଦେବେନ୍ଦ୍ର ଦାସଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ବିଶାଳଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ସତ୍ୟବ୍ରତ ମୁଖାଗ୍ନି ଦେଇଥିଲେ।

# ୭ ଡିଲରଙ୍କୁ କାରଣ ଦର୍ଶାଅ ନୋଟିସ

## ଗହମ ହଡ଼ପ ଘଟଣା

ବିଞ୍ଝାରପୁର,୧୨।୧୨(ରାମକୃଷ୍ଣ ଦାସ)

ବିଞ୍ଝାରପୁର ବ୍ଲକ୍‌ରେ ୫୪୮.୧୧ କୁଇଣ୍ଟାଲ ଗହମ ହଡ଼ପ ଘଟଣାରେ ଯାଜପୁର ଉପଜିଲାପାଳ ରଞ୍ଜନ କୁମାର ଦେହୁରୀ ୭ ଡିଲରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହି ଡିଲରମାନେ ହେଲେ ପ୍ରୀତିପୁରର ଶ୍ରୀବନ୍ତ ବାରିକ, ଉତ୍ତରକୁଳର ହଳଧର ସୂତାର, ଚନ୍ଦ୍ରମୁଁର ଅକ୍ଷୟ କୁମାର ମହାନ୍ତି, ଓଳେଇ ଚନ୍ଦନପୁରର ବାସନ୍ତୀଲତା ମଲିକ, ସୟଦପୁରର ସେକ୍ ଅନୁଆର ଅଲ୍ଲୀ, ଚିକଣାର ବାସନ୍ତୀଲତା ରାଉଳ ଓ ଘଣ୍ଟିଆଳିର ସ୍ନେହପ୍ରଭା ନାୟକ। ଆସନ୍ତା ୭ ଦିନ ମଧ୍ୟରେ କାରଣଦର୍ଶାଅ ନୋଟିସର ଜବାବ ଦାଖଲ ନ କରି ପାରିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ବ୍ଲକ୍‌ରେ ୨୦୨୨ରେ ୫୪୮ କୁଇଣ୍ଟାଲ ୧୧ କେଜି ଗହମ ସାଧାରଣ ବଣ୍ଟନ ପାଇଁ ଆସିଥିଲା। ଏହି ଗହମକୁ ବଣ୍ଟନ କରା ନ ଯାଇ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସରକାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଘଟଣାର ତଦନ୍ତ କରିବାକୁ ଉପଜିଲାପାଳ ଜିଲା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଯୋଗାଣ ବିଭାଗର ଅତିରିକ୍ତ ଯୋଗାଣ ଅଧିକାରୀ କେ. ଆକସ୍ମିକା ରାଉତରାୟ ଓ ଯାଜପୁର ମ୍ୟୁନିସିପାଲଟି ଯୋଗାଣ ଅଧିକାରୀ ବିଷ୍ଣୁପ୍ରିୟା ନାୟକ ବିଞ୍ଝାରପୁର ଆସି ଗହମ ହଡ଼ପ ଘଟଣାର ତଦନ୍ତ କରିଥିଲେ। ତଦନ୍ତବେଳେ ବ୍ଲକର କେତେଜଣ ଡିଲର ସାଧାରଣ ବଣ୍ଟନ ପାଇଁ ଗହମ ନେଇଥିଲେ ମଧ୍ୟ ବଣ୍ଟନ ନ କରି ଆତ୍ମସାତ କରିଥିବା ଜାଣିବାକୁ ପାଇଥିଲେ। ଏହାର ତଦନ୍ତ ରିପୋର୍ଟ ସେମାନେ ଉପଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଉପଜିଲାପାଳ ସବିଶେଷ ତଥ୍ୟ ଅନୁଧ୍ୟାନ କଲା ପରେ ଉକ୍ତ ନୋଟିସ ଜାରି କରିଛନ୍ତି।

## ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ ପାଳିତ



ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ରସୁଲପୁର,୧୨।୧୨(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ଦକ୍ଷିଣ ଭୋଟକା ଅଙ୍ଗନୱାଡି କେନ୍ଦ୍ର ପରିସରରେ ଶୁକ୍ରବାର ବଡ଼ରମ୍ଭେଇ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଆନୁକୂଲ୍ୟରେ ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ-୨୦୨୫ ପାଳିତ ହୋଇଯାଇଛି। ଅଙ୍ଗନୱାଡିକର୍ମୀ ଶାନ୍ତିଲତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ସରପଞ୍ଚ ସ୍ମୃତିରେଖା ରାଉତ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହିଳା ଓ ପୁରଷଙ୍କ ମଧ୍ୟରେ ଭେଦଭାବ ବନ୍ଦ କରିବା ଉପରେ ସମସ୍ତେ ଯତ୍ନବାନ ରହିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ସମ୍ମାନିତ ଅତିଥି ଭାବରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରଞ୍ଜିତା ଦାଶ ଯୋଗଦେଇ ଲଙ୍ଗଗତ ହିଂସା ଏକ ଜନସ୍ୱାସ୍ଥ୍ୟ ସମସ୍ୟା ବୋଲି କହିଥିଲେ। ଏ ଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଇ ପାରିଲେ ଲିଙ୍ଗଗତ ଭେଦଭାବ ଓ ହିଂସା ଦୂର କରାଯାଇ ପାରିବ ବୋଲି ସେ ସୂଚନା ଦେଇଥିଲେ। ବିଭିନ୍ନ ପରିବାରରେ ଉପୁଜୁଥିବା ଲିଙ୍ଗଗତ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ତାହା ଦୂରୀକରଣ ଉପାୟ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅଶା ଓ ଅଙ୍ଗନୱାଡିକର୍ମୀ ଓ ମହିଳାମାନେ ଯୋଗଦେଇ ସଚେତନ ହୋଇଥିଲେ। କେନ୍ଦ୍ରର କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀମାନେ ସହଯୋଗ କରିଥିଲେ। କେନ୍ଦ୍ର ସହ ପରିଚାଳିକା ମଞ୍ଜୁଲତା ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

# ଭଗତପୁର ବାଲିଘାଟରେ ଗ୍ରାମବାସୀଙ୍କ ଧାରଣା



ବାଲିଘାଟଠାରେ ଗ୍ରାମବାସୀ ଆନ୍ଦୋଳନ କରୁଛନ୍ତି।

ଯାଜପୁର ଟାଉନ,୧୨।୧୨ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତ ବୁଢ଼ାନଦୀର ଭଗତପୁର ବାଲିଘାଟକୁ ବିରୋଧ କରି ଶୁକ୍ରବାର ଭଗବତପୁର ଗ୍ରାମବାସୀ ବାଲିଘାଟରେ ଧାରଣା ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଭଗତପୁର ବାଲିଘାଟରୁ ବେଆଇନଭାବେ ଦୀର୍ଘ ଦିନ ହେବ ବାଲି ଓ ମାଟି ଉତ୍ତୋଳନ କରାଯାଇ ଚୋରାଚାଲାଣ କରାଯାଉଛି। ନକଲି ରସିଦ କାଟି ବାଲି ମାଫିଆ ବାଲି ଚାଲାଣ କରୁଛନ୍ତି। ଜେସିବି ଦ୍ୱାରା ବାଲି ଖୋଳା ହେବା ଯୋଗୁ ନଦୀରେ ଗଭୀର ଗର୍ତ୍ତ ସୃଷ୍ଟି ହେଉଛି।

ନଦୀକୂଳ ଲୋକେ ଗାଧୋଇବାବେଳେ ବୁଡ଼ି ପ୍ରାଣ ହରାଉଛନ୍ତି। ଏନେଇ ଖଣି ବିଭାଗକୁ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ବିଭାଗ କର୍ଣ୍ଣପାତ କରୁନାହିଁ। ତେଣୁ ବାଧ ହୋଇ ଗ୍ରାମବାସୀ ବାଲିଘାଟକୁ ବିରୋଧ କରିବା ସହ ଏକ ଜେସିବିକୁ ଅଟକାଇଥିଲେ। ଦୀର୍ଘ ସମୟ ଧରି ଗ୍ରାମବାସୀ ଧାରଣାରେ ବସି ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଦର ପୋଲିସ ଓ ଖଣି ବିଭାଗ ଅଧିକାରୀ ଧାରଣାର ୫ ଘଣ୍ଟା ପରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ପରେ ପୋଲିସ ଜେସିବିକୁ ଜବତ କରିବା ସହ ଜେସିବି ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ବାଲି ଉତ୍ତୋଳନ ଓ ପରିବହନ ଉପରେ କଟକଣା ଥିବାବେଳେ ଭଗତପୁର ବାଲିଘାଟରୁ କିପରି ବାଲି ଉତ୍ତୋଳନ କରାଯାଉଥିଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖଣି ବିଭାଗ ଏଥିପ୍ରତି ଦୃଷ୍ଟି ଦେବାଜରୁରୀ ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି।

## ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ କମିଟି ଗଠନ

### ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ

ବଡ଼ଚଣା,୧୨।୧୨ (ଦିଲ୍ଲୀପ କୁମାର ମହାନ୍ତି)

ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ର ନୂତନ କମିଟି ଗଠନ ନିମନ୍ତେ ଏକ ନିର୍ବାଚନ କମିଟି କରାଯାଇଛି। ଟ୍ରକ ମାଲିକମାନଙ୍କର ସାଧାରଣ ପରିଷଦ ବୈଠକରେ ମୁଖ୍ୟ ଉପଦେଷ୍ଟା ଚନ୍ଦନ କୁମାର ନାୟକ ଅଧ୍ୟକ୍ଷତା କରିଥଲେ। ପୂର୍ବ କମିଟିର କାର୍ଯ୍ୟକାଳ ଶେଷ ହୋଇଥିବାରୁ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା। ଏଥିରେ ସଂଘର ସମସ୍ତ ଉପଦେଷ୍ଟା, ଶୁଙ୍ଗୁଡ଼ା ସରପଞ୍ଚଙ୍କ ପ୍ରତିନିଧି ଅକ୍ଷୟ କୁମାର ସ୍ୱାଇଁ, ସଂଘର ବରିଷ୍ଠ ସଭ୍ୟ ନୃସିଂହ ନାରାୟଣ ହୋତା, ପୂର୍ବ କମିଟିର ସଭାପତି, ସମ୍ପାଦକ ସମେତ ଶତାଧିକ ଟ୍ରକ୍ ମାଲିକମାନେ ଯୋଗଦେଇଥିଲେ। ସମସ୍ତ ଟ୍ରକ୍ ମାଲିକମାନଙ୍କର ଅନୁରୋଧକ୍ରମେ ଏକ ନୂତନ ନିର୍ବାଚନ କମିଟି ଗଠନ କରାଯାଇଥିଲା। ଏହି ନିର୍ବାଚନ କମିଟିରେ ଅଧ୍ୟକ୍ଷ ଭାବେ ଚନ୍ଦନ କୁମାର ନାୟକ, ସଦସ୍ୟ ଭାବେ ସନ୍ତୋଷ କୁମାର ରାଉତ, ପ୍ରମୋଦ କୁମାର ନାୟକ, ପ୍ରଶାନ୍ତ କୁମାର ଜେନା, ବିନାୟକ ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ନିର୍ବାଚନ କମିଟି ଆସନ୍ତା ୯୦ଦିନ ମଧ୍ୟରେ ନିର୍ବାଚନ କରାଇ ଏକ ନୂତନ ପରିଚାଳନା କମିଟି ଗଠନ କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବକୁ ଗୃହୀତ କରାଯାଇଥିଲା।

## ନାବାଳିକା ଅସଦାଚରଣକାରୀଙ୍କୁ ୩ ବର୍ଷ ଜେଲ

ଯାଜପୁର ଟାଉନ,୧୨।୧୨ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଯାଜପୁର ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଅଭିଜିତ ପଲାଇ ମାମଲାର ବିଚାର କରି ୧୧ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଦୋଷୀ ସରୋଜ ଓରଫ୍ ଗୁଲୁ ଜେନାଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୭।୭।୨୦୨୨ରେ ଯାଜପୁର ଟାଉନ ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା ସାଇକେଲ ଯୋଗେ ସିନ୍ଧୁରାଇମୁହଁ ଛକକୁ ସଉଦା କିଣିବାକୁ ଆସୁଥିଲେ। ନିଛାଟିଆ ସ୍ଥାନରେ ପୂର୍ବରୁ ଛକି ରହିଥିବା ସିଦ୍ଧେଶ୍ୱର ଗ୍ରାମର ଗୁଲୁ ନାବାଳିକାଙ୍କୁ ସାଇକେଲକୁ ପଛପଟୁ ଧକ୍କା କରିଥିଲେ। ଫଳରେ ନାବାଳିକା ତଳେ ପଡ଼ିଯାଇଥିଲେ। ଏହାପରେ ଅଭିଯୁକ୍ତ ତାଙ୍କୁ ଏକ ଭଙ୍ଗାଗୃହକୁ ନେଇ ଅସଦାଚରଣ କରିବା ସହ ନାବାଳିକାଙ୍କ ମୋବାଇଲ ଫୋନ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ନାବାଳିକା ଜଣକ ଘରେ ପହଞ୍ଚି ପରିବାର ଲୋକଙ୍କୁ ଘଟଣା ବିଷୟରେ ଜଣାଇବା ପରେ ସେମାନେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୨୬୭/୨୨ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରୁଥିଲେ।

## ନଦୀରେ ବୁଡ଼ି ଶିଶୁପୁତ୍ର ମୃତ୍ୟୁ ଘଟଣା

### ନ୍ୟାୟ ପାଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ବ୍ରହ୍ମବରଦା,୧୨।୧୨ (ଯଯାତି କେଶରୀ ବେହେରା)

ରସୁଲପୁର ତହସିଲ ଅଧୀନ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ସୁନୀଲ ଦାସଙ୍କ ପୁଅ ମାନସ ଦାସ(୩)ଙ୍କ ବେଆଇନ ବାଲିଘାଟ ଯୋଗୁ ଗତ ମଙ୍ଗଳବାର ବ୍ରାହ୍ମଣୀ ନଦୀରେ ବୁଡ଼ି ମୃତ୍ୟୁ ହୋଇଛି। ତେଣୁ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ସହ ବେଆଇନ ବାଲିଘାଟ ବନ୍ଦ କରିବାକୁ ସାମାଜିକ କର୍ମୀ ପ୍ରତାପ ପୃଷ୍ଟି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ମାଧ୍ୟମରେ ନିବେଦନ କରିଛନ୍ତି। ଏଥିସହିତ ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ବାଲିଘାଟରେ ବ୍ୟବହୃତ ମେଶିନ ଓ ଭାରୀଯାନଗୁଡ଼ିକୁ ଜବତ କରିବା, ବେଆଇନ ବାଲିଘାଟରେ ସଂପୃକ୍ତଥିବା ବ୍ରହ୍ମବରଦା ଥାନା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିବା ସହ ବ୍ରହ୍ମବରଦା ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୪ ଘଣ୍ଟିଆ ସେବା ଯୋଗାଇ ଦେବାକୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି। ଘଟଣା ଦିନ ଲୋକେ ଉତ୍ତେଜିତ ହୋଇ ବାଲିଘାଟ ବନ୍ଦ କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ବ୍ରହ୍ମବରଦା ସେତୁରେ ରାସ୍ତା ଅବରୋଧ କରିଥିଲେ। ମାତ୍ର ବାଲିଘାଟ ବନ୍ଦ ହେବା ବଦଳରେ ଆନ୍ଦୋଳନକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା।

# ଧର୍ମଶାଳା ବ୍ଲକ୍ ଆଗରେ ଏସ୍‌ୟୁସିଆଇର ବିକ୍ଷୋଭ




ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଗଣବିକ୍ଷୋଭ କରାଯାଉଛି।

ଧର୍ମଶାଳା,୧୨।୧୨(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଶୁକ୍ରବାର ୧୫ ଦଫା ଦାବି ନେଇ ଗଣବିକ୍ଷୋଭ କରାଯାଇଛି। ବିକ୍ଷୋଭକାରୀ ଜାରକା ଶାନ୍ତି ବଜାରଠାରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ବ୍ଲକ ଅଫିସଠାରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବକ୍ତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ଭାଜପା ସରକାରଙ୍କ ପୁଞ୍ଜିପତି ସ୍ୱାର୍ଥ ରକ୍ଷାକାରୀ ନୀତି ଯୋଗୁ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି କହିଥିଲେ। ଏଥିସହିତ ତୁରନ୍ତ ବ୍ଲକରେ ବନ୍ଦ ହୋଇଥିବା ସରକାରୀ ସ୍କୁଲଗୁଡ଼ିକ ଖୋଲିବା, ଧର୍ମଶାଳା ଡାକ୍ତରଖାନାରେ ଅଲ୍‌ଟ୍ରାସାଉଣ୍ଡ, ଏକ୍ସରେ ବ୍ୟବସ୍ଥା କରିବା ସହ ଶିଶୁ ବିଭାଗ ଡାକ୍ତର ନିଯୁକ୍ତି କରିବାକୁ ଦାବି କରିଥିଲେ। ସେହିପରି କବାଟବନ୍ଧ ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା, ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ କରିବା ଆଦି ୧୫ ଦଫା ଦାବି ନେଇ ବିଡିଓ ଜ୍ୟୋତିର୍ମୟ କରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡ଼ିକ ଉପରେ ପ୍ରଶାସନ ପଦକ୍ଷେପ ନ ନେଲେ ବୃହତ୍ତର ଗଣଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏଥିରେ ଜିଲା କମିଟି ସଭ୍ୟ ଚୈତନ୍ୟ ସାହୁ, ମଧୁମିତା ସାହୁ, ମନୋଜ ସେଠୀ, ପ୍ରଭାତି ମଲ୍ଲିକ, ସଞ୍ଜୁକ୍ତା ସାହୁ, ବିଚିତ୍ର ଦାସ, ଦମୟନ୍ତୀ ମୁଦୁଲି, କବି ସେଠୀ ଓ ଜ୍ୟୋତିର୍ମୟୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଘର ଜଳିଯିବାରୁ ଆତ୍ମହତ୍ୟା

କଳିଙ୍ଗନଗର,୧୨।୧୨(ଶୁଭାଶିଷରାଉତ)

ଯାଜପୁର ଜିଲା ଟମକା ଥାନା ଅଧୀନ ଉଚ୍ଚ ବାଲି ପଞ୍ଚାୟତ ସନ୍ତରା ଗଡ଼ିଆ ଗ୍ରାମର କୃଷ୍ଣ ସାମଲ(୫୦)ଙ୍କ ଗୁରୁବାର ୨ ବଖରା ଘର କୌଣସି କାରଣରୁ ନିଆଁଲାଗି ଜଳିଯାଇଛି। ଏଥିରେ ଚିନ୍ତିତ ହୋଇ ସେ ଶୁକ୍ରବାର ସକାଳୁ ଗ୍ରାମ ନିକଟ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଟମକା ପୋଲିସ ନଂ.୯୧୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କୃଷ୍ଣଙ୍କ ସ୍ତ୍ରୀ କସନୀ ସାମଲଙ୍କ କହିବା ଅନୁଯାୟୀ, ଘର ପୋଡ଼ିବାରୁ ମାନସିକ ଚାପରେ ତାଙ୍କ ସ୍ୱାମୀ ଆତ୍ମହତ୍ୟା କରିଛନ୍ତି।

## ବଳାତ୍କାର ଉଦ୍ୟମ ପରେ ଖୁଡ଼ୀଙ୍କ ତଣ୍ଟି କାଟିଦେଲେ ପୁତୁରା

ଯାଜପୁର ଟାଉନ,୧୨।୧୨ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି)

ସମ୍ପର୍କୀୟ ଖୁଡ଼ୀଙ୍କୁ ବଳାତ୍କାର ଉଦ୍ୟମ ବିଫଳ ପରେ ତାଙ୍କ ତଣ୍ଟି କାଟି ଦେଇଛନ୍ତି ପୁତୁରା। ଏନେଇ ଶୁକ୍ରବାର ଯାଜପୁର ଟାଉନ ଥାନାରେ ଅଭିଯୋଗ ହେବାପରେ ପୋଲିସ ସମ୍ପୃକ୍ତ ପୁତୁରାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଗତ ୯ ତାରିଖ ସନ୍ଧ୍ୟାରେ ଯାଜପୁର ଟାଉନ ଥାନା ଅଧୀନ ବଡ଼ସୁଆର ପଞ୍ଚାୟତ ବନ୍ଧମୁଣ୍ଡା ଗ୍ରାମର ଜଣେ ଯୁବକ ପଡ଼ିଶା ଘରର ସମ୍ପର୍କୀୟ ଖୁଡ଼ୀଙ୍କୁ କେହି ନ ଥିବାର ସୁଯୋଗ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ସମ୍ପର୍କୀୟ ଖୁଡ଼ୀ ବାରଣ କରିବାରୁ ଗୁଡୁ ପକେଟରେ ରଖିଥିବା ଏକ ଛୁରୀରେ ତାଙ୍କ ତଣ୍ଟିକୁ କାଟିଦେଇ ଫେରାର ହୋଇଯାଇଥିଲେ। ମହିଳା ଜଣକ ଚିତ୍କାର କରିବାରୁ ତାଙ୍କ ସ୍ୱାମୀ ଦୌଡ଼ି ଆସି ତାଙ୍କୁ ଉଦ୍ଧାର କରି ମାର୍କଣ୍ଡପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ମାତ୍ର ତାଙ୍କର ଅତ୍ୟଧିକ ରକ୍ତସ୍ରାବ ହେବାରୁ କୁଆଖିଆ ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ମହିଳା ଚିକିତ୍ସିତ ହେବା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। ଏହାପରେ ମହିଳାଙ୍କ ସ୍ୱାମୀ ଘଟଣା ସମ୍ପର୍କରେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୫୭୫/୨୫ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଥାନାକୁ ଉଠାଇ ଆଣିଥିଲା। ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶତର ଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସୌରଭ ମାଝୀ ଘଟଣାର ତଦନ୍ତ କରୁଛନ୍ତି।

# ସାହାସପୁର କଲେଜର ଅତ୍ୟାଧୁନିକ ଗୃହର ଶିଳାନ୍ୟାସ

ଚଣ୍ଡିଖୋଲ,୧୨।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର କଲେଜକୁ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନରେ ୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିସହିତ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କଲେଜର ଉନ୍ନୟନ କାର୍ଯ୍ୟ ପାଇଁ ୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହିସବୁ ଅର୍ଥରୁ ୩ କୋଟି ଟଙ୍କା ବ୍ୟୟରେ ମହାବିଦ୍ୟାଳୟର ଅତ୍ୟାଧୁନିକ ସାରସ୍ୱତ ଶ୍ରେଣୀ ଗୃହ ନିର୍ମାଣ ସହିତ ପୁରାତନ ଶ୍ରେଣୀ ଗୃହ ନବୀକରଣ ପାଇଁ ଶୁକ୍ରବାର ଶିଳାନ୍ୟାସ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ପୃଷ୍ଟିଙ୍କ ଅଧ୍ୟକ୍ଷତା ଓ ପ୍ରାଧ୍ୟାପକ ସଞ୍ଜୟ ସାହୁଙ୍କ ସଞ୍ଚାଳନରେ ଆୟୋଜିତ ଶିଳାନ୍ୟାସ ଉତ୍ସବରେ ବିଧାୟକ ଅମର କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଛାତ୍ରୀଛାତ୍ରଙ୍କ ଶିକ୍ଷାର ଗୁଣାତ୍ମକ ବିକାଶ, କଲେଜର ଶୈକ୍ଷିକ ପରିବେଶକୁ ଉନ୍ନତ ମାନରକରିବା ସହ ଏହାର ଭିତିଭୂମିକୁ ସଜାଡ଼ିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ବିଧାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମିନତି ସେନାପତି, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ପୂର୍ତ୍ତ ବିଭାଗ ବଡ଼ଚଣା ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ ସେଠୀ ଓ ବାଲିଚନ୍ଦ୍ରପୁର ସରପଞ୍ଚ ଅନୁପମା ବଳ ପ୍ରମୁଖ ଯୋଗଦେଇ କଲେଜର ଉନ୍ନତି ପାଇଁ ବିଧାୟକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଅଧାପକ ଦୀପୁନ ପୁହାଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ମଣ୍ଡଳ ସଭାପତି ଅଶୋକ ସିଂହ, ଯୁବନେତା ଅମୀୟ ସାହାଣୀ, ଅଧାପକ ସଂଗ୍ରାମ କିଶୋର ପରିଡ଼ା ଓ ହରିଶଙ୍କର ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

ଏହା ପୂର୍ବରୁ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ପ୍ରଦତ୍ତ ୮ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହେବାକୁ ଥିବା ବାଲିଚନ୍ଦ୍ରପୁର ସ୍ଥିତ ପଲ୍ଲିଶ୍ରୀ ମହିଳା ମହାବିଦ୍ୟାଳୟର ଶ୍ରେଣୀ ଗୃହ ଓ ପାଚେରି ନିର୍ମାଣ ପାଇଁ ବିଧାୟକ ଶିଳାନ୍ୟାସ କରିଥିଲେ। ଏଥିରେ କଲେଜ ଅଧ୍ୟକ୍ଷା ମାମି ବଳବନ୍ତରାୟ ଓ ପ୍ରେମାନନ୍ଦ ପରିଡ଼ାଙ୍କ ସମେତ କଲେଜର ସମସ୍ତ ଅଧାପିକାଅଧାପକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଅଧାପକ ବିଜ୍ଞାନଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ।



ଶିଳାନ୍ୟାସ ଉତ୍ସବରେ ବିଧାୟକ ଅମର ନାୟକ ଓ ଅନ୍ୟମାନେ।

# ଆକର୍ଷଣ ସାଜିଲେ ଖେଳାଳି ପୂର୍ଣ୍ଣିମା ହେମ୍ବ୍ରମ



କାଳିଆପାଣି ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ କୃତୀ ଖେଳାଳିମାନେ।

## କାଳିଆପାଣି ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

କାଳିଆପାଣି,୧୨।୧୨(ଅସିତ ମହାନ୍ତ)

ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଦ୍ୱାରା ପରିଚାଳିତ କାଳିଆପାଣି ହାଇସ୍କୁଲର ୨ ଦିନିଆ ୩୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଟାଉନସିପସ୍ଥିତ ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ଅପରାହ୍ନରେ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଓଏମ୍‌ସି ଯାଜପୁର ଖଣି ନିଗମର ଆଞ୍ଚଳିକ ପ୍ରବନ୍ଧକ ଇଂ. ଅବନିକାନ୍ତ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ତର୍ଜାତୀୟ ଖେଳାଳି ପୂର୍ଣ୍ଣିମା ହେମ୍ବ୍ରମ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ଆକର୍ଷଣ ସାଜିବା ସହ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଓଏମ୍‌ସିର ଡିଜିଏମ ପର୍ସନାଲ ଦେବାଶିଷ ସାମଲ, କ୍ୱାଲିଟି କଣ୍ଟ୍ରୋଲର ସିନିୟର ମ୍ୟାନେଜର ପ୍ରଦୀପ୍ତ ମିଶ୍ର, ସିକ୍ୟୁରିଟି ମ୍ୟାନେଜର ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି କ୍ରୀଡ଼ାରେ ସବଜୁନିୟର, ଜୁନିୟର ଓ ସିନିୟର ୩ ବିଭାଗରେ ପ୍ରାୟ ୬୦ ଖେଳ ପ୍ରଦର୍ଶନ କରାଯାଇଥିଲା। ହାଇସ୍କୁଲର ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ଖେଳରେ ଭାଗ ନେଇଥିଲେ। ସିନିୟର ବାଳକ ବିଭାଗରେ ଦୀପକ ହେମ୍ବ୍ରମ ଚାମ୍ପିୟନ ହୋଇଥିବାବେଳେ ସିନିୟର ବାଳିକା ବିଭାଗରେ ଦ୍ରୌପତି ମହାକୁଡ଼ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ସେହିପରି ସବଜୁନିୟର ବାଳକ ବିଭାଗରେ ସୁନିଲ ମାରାଣ୍ଡି, ବାଳିକା ବିଭାଗରେ ବନୀତା ମୁଣ୍ଡା, ଜୁନିୟର ବାଳକ ବିଭାଗରେ ମଙ୍ଗୁଲୁ ମୁଣ୍ଡା ଓ ବାଳିକା ବିଭାଗରେ ମନିଶ୍ରୀ ମାଝୀ ଚାମ୍ପିୟନ ହୋଇଥିଲେ। ଖେଳ ଶିକ୍ଷକ ସୂର୍ଯ୍ୟବଂଶୀ ତ୍ରିପାଠୀ ଖେଳ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଅର୍ଚ୍ଚନା ସ୍ୱାଇଁ, ଅନୁରୂପା କାନୁନଗୋ, ଚିନ୍ମୟୀ ଦାସ, ସୋନାଲି ମୁଦୁଲି, ଅନୁରାଧା ମିଶ୍ର, ମଧୁସ୍ମିତା ପରିଡ଼ା, ଗୀତାଞ୍ଜଳି ସାହୁ, ଶିକ୍ଷକ ଯୁଧିଷ୍ଠିର ସାହୁ, ଶୁଭେନ୍ଦୁ ମହାନ୍ତ, ଈଶ୍ୱର ମହାନ୍ତ, ଜିତେନ୍ଦ୍ର ଜେନାଙ୍କ ସମେତ ସମସ୍ତ କର୍ମଚାରୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

**ପାଣିଟାଙ୍କିରୁ ଖସି ଶ୍ରମିକ ମୃତ**

ରାଜନଗର,(ଭାସ୍କର ରାଉତରାୟ): ରାଜନଗର ଥାନା ଗୁପ୍ତି ପଞ୍ଚାୟତର ଦେବେନ୍ଦ୍ରନାରାୟଣପୁର ଗାଁରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ଉଚ୍ଚ ପାଣିଟାଙ୍କି ନିର୍ମାଣ କାମରେ ନିୟୋଜିତ ଜଣେ ଶ୍ରମିକଙ୍କର ଉପରୁ ପଡ଼ି ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର କୃଷ୍ଣା ରାଉତ। ଉଚ୍ଚ ପାଣିଟାଙ୍କି ନିର୍ମାଣ ବେଳେ ଅପରାହ୍ନରେ କୃଷ୍ଣା କାମ କରୁଥିବା ସମୟରେ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିନା କୌଣସି ସେଫ୍ଟିରେ ଶ୍ରମିକମାନେ ଉଚ୍ଚ ଟାଙ୍କି ଉପରେ ବିପଜ୍ଜନକ ଭାବେ କାମ କରୁଥିବାରୁ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ରାଜନଗର ଥାନାରେ ଏକ ଅପମୃତ୍ୟୁ ମାମଲା(୩୦/୨୫) ରୁଜୁ ହୋଇଛି।



# ଜୀବିକା ପାଇଁ ଜମି, ଦାଦନ ମୁକାବିଲା ଲାଗି ଗାର୍ମେଣ୍ଟ ୟୁନିଟ୍ କର

ରାଜନଗର,୧୨।୧୨ (ଭାସ୍କର ରାଉତରାୟ)

## ବଗପାଟିଆରେ ସାତଭାୟାବାସୀଙ୍କ ସମସ୍ୟା ସମାଧାନ ବୈଠକ




ବଙ୍ଗୋପସାଗର ଆଁ ମୁହଁରେ ସାତଭାୟା ପଞ୍ଚାୟତକୁ ସମୁଦ୍ର ଗର୍ଭସ୍ଥ କରିବା ପରେ ବିପନ୍ନ ପରିବାରକୁ ବଗପାଟିଆଠାରେ ଥଇଥାନ କରାଯାଇଛି। ୨୦୧୮ରେ ଆରାଧ୍ୟା ଦେବୀ ମା'ପଞ୍ଚୁବରାହୀଙ୍କୁ ଥଇଥାନସ୍ଥଳକୁ ସ୍ଥାନାନ୍ତର କରାଯିବା ପରେ ସାତଭାୟାବାସୀ ଥଇଥାନ ସ୍ଥଳରେ ବସବାସ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ୫୭୧ ପରିବାରକୁ ଥଇଥାନ କରାଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨୪୮ପରିବାରକୁ ଥଇଥାନ କରାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଭାରତର ପ୍ରଥମ ବିସ୍ଥାପିତ କଲୋନୀ ବଗପାଟିଆକୁ ମଡେଲ ଭିଲେଜ କରିବାକୁ ସମୀକ୍ଷା ବୈଠକ ପରେ ବୈଠକ ବସୁଛି। ମାତ୍ର ଆଜି ଥଇଥାନ ସ୍ଥଳର ଚିତ୍ର ବଦଳିନି। ଜିଲାପାଳ ପରେ ଜିଲାପାଳ ବଦଳୁଛନ୍ତି, କିନ୍ତୁ ସାତଭାୟାବାସୀଙ୍କ ସମସ୍ୟା ସମାଧାନ ହୋଇପାରୁନାହିଁ। ଶୁକ୍ରବାର ଅନୁଷ୍ଠିତ ବୈଠକରେ ଅଞ୍ଚଳବାସୀଙ୍କ ପକ୍ଷରୁ ଜୀବିକା ପାଇଁ ଜମି ଓ ଦାଦନ ମୁକାବିଲା ପାଇଁ ଗାର୍ମେଣ୍ଟ ୟୁନିଟ୍ ପ୍ରତିଷ୍ଠା କରିବାକୁ ଦାବି ହୋଇଛି।

ରାଜନଗର ବ୍ଲକ ସାତଭାୟା ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳ ରଘୁନାଥ ଆର ଆୟାରଙ୍କ ପୌରୋହିତ୍ୟରେ ସାତଭାୟାବାସୀଙ୍କ ସମସ୍ୟା ସମାଧାନ ବୈଠକ ବସିଥିଲା। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ, ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ସରପଞ୍ଚ ପ୍ରସନ୍ନ କୁମାର ପରିଡାଙ୍କ ସହ ଉପଜିଲାପାଳ ଅରୁଣ କୁମାର ନାୟକ, ତହସିଲଦାର ଯୀଶୁକୃଷ୍ଣ ଦାସ, ବିଡିଓ ଲୋପାମୁଦ୍ରା ପୃଷ୍ଟି ଓ ଜିଲାସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଯୋଗଦେଇଥିଲେ। ସାତଭାୟାବାସୀଙ୍କ ପକ୍ଷରୁ ସୁଦର୍ଶନ ରାଉତ ପଞ୍ଚାୟତର ସମସ୍ୟା ଉପସ୍ଥାପନା କରିଥିଲେ। ଥଇଥାନସ୍ଥଳର ସଂଯୋଗୀକରଣ ରାସ୍ତା ନାହିଁ, ବର୍ଷା ପାଣି ଥଇଥାନସ୍ଥଳରୁ ନିଷ୍କାସନ ପାଇଁ ସ୍ଥାୟୀ ଡ୍ରେନେଜ, ଥଇଥାନସ୍ଥଳରେ କେବଳ ୧୦ ଡିସିମିଲି ଜମି ଚିହ୍ନଟ ଦିଆଯାଇଛି, ଆଜି ଯାଏଁ ପଟ୍ଟା ମିଳିନିହିଁ। ଫଳରେ ଆମ ପିଲା ପାଠ ପଢ଼ିବାକୁ କୌଣସି ସାର୍ଟିଫିକେଟ ପାଇପାରୁନାହାନ୍ତି। ମା' ପଞ୍ଚୁବରାହୀଙ୍କ ମନ୍ଦିର କାମ ମନ୍ଥର ଗତିରେ ଚାଲିଛି, ହାଇସ୍କୁଲରେ ବିଷୟ ଭିତ୍ତିକ ଶିକ୍ଷକ ନିଯୁକ୍ତି, ଖେଳ ପଡିଆ ଉନ୍ନତିକରଣ ପାଇଁ ସାତଭାୟାବାସୀ ଦାବି କରିଛନ୍ତି। ଜୀବନ ସିନା ବଞ୍ଚି ଯାଇଛି, ଜୀବିକା ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ଫଳରେ ସାତଭାୟାର ଯୁବତୀଯୁବକ କେରଳକୁ ଦାଦନ ଖଟିବାକୁ ଯାଉଛନ୍ତି। ଆମକୁ ଜୀବିକା ଉପାର୍ଜନ ପାଇଁ ପ୍ରତ୍ୟେକ ପରିବାରକୁ ୨ ଏକର ଲେଖାଏ ଚାଷ ଜମି, ଦାଦନ ସମସ୍ୟାର ସମାଧାନ ପାଇଁ ସାତଭାୟାରେ ଗାର୍ମେଣ୍ଟ ୟୁନିଟ ଓ ଶୁଖୁଆ ପ୍ରୋସେସିଂ ୟୁନିଟ ପ୍ରତିଷ୍ଠା କରାଯାଉ ବୋଲି ଦାବି କରିଥିଲେ। ଜିଲାପାଳ ସମସ୍ତ ଲାଇନ ଡିପାର୍ଟମେଣ୍ଟ ସହ ଥଇଥାନସ୍ଥଳରେ ଚାଲିଥିବା କାମ କିପରି ସମୟସୀମା ମଧ୍ୟରେ ସରିବ ସେ ନେଇ ନିର୍ଦ୍ଦେଶ ଦେଇଥିଲେ।

# ୮ ମାସରେ ୧୧୩୦ ଚାଳକଙ୍କ ଲାଇସେନ୍ସ ରଦ୍ଦ

କେନ୍ଦ୍ରାପଡ଼ା, ୧୨।୧୨ (ଜଗନ୍ନାଥ ଧଳ)


ବୈଠକରେ ଜିଲାପାଳ ରଘୁରାମ ଆର ଆୟାର ଓ ପ୍ରଶାସନିକ ଅଧିକାରୀ।

ସଡ଼କ ନିରାପତ୍ତାକୁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଗୁରୁତ୍ୱ ଦେଉଛି। ଗତ ଏପ୍ରିଲରୁ ନଭେମ୍ବର ଶେଷ ତାରିଖ ମଧ୍ୟରେ ମୋଟ ୧୧୩୦ ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ଏଥିସହ ସଡ଼କ ନିର୍ମାଣ କାର୍ଯ୍ୟରେ ହେଉଥିବା ଅନିୟମିତତା ଓ ସମସ୍ୟା ସମ୍ପର୍କରେ ଜିଲା ସଡ଼କ ନିରାପତ୍ତା ବୈଠକରେ ସମୀକ୍ଷା କରାଯାଇଛି। ଜିଲାପାଳ ରଘୁରାମ ଆର୍. ଆୟାରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ଦୁହୁରିଆଠାରେ ନିର୍ମାଣାଧୀନ ଜାତୀୟ ରାଜପଥରେ ପ୍ରଚୁର ମାତ୍ରାରେ ଧୂଳି ଉଡ଼ିବା, ଗୋପ ଛକଠାରେ ଅନବରତ ପାଇପ ପାଣି ଲିକ୍ ଯୋଗୁ ସମସ୍ୟା ସୃଷ୍ଟି ହେବାକୁ ଗୁରୁତ୍ୱ ଦିଆଯାଇଥିଲା। ନିର୍ମାଣାଧୀନ ରାଜପଥରେ ପ୍ରଚୁର ପାଣି ଢାଳିବା ଓ ଗୋପଠାରେ ପାଇପ ମରାମତି ସମସ୍ୟାକୁ ତୁରନ୍ତ ସମାଧାନ ପାଇଁ ଜିଲାପାଳ

## ଜିଲା ସଡ଼କ ନିରାପତ୍ତା ବୈଠକ

ଆୟାର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଜପଥରେ ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା ଓ ସଚେତନତା ବାର୍ତ୍ତା ବୋର୍ଡ, ବିଜ୍ଞାପନ ସମ୍ପର୍କୀୟ ବୋର୍ଡର ସମୀକ୍ଷା ହୋଇଥିଲା। ଏହାବ୍ୟତୀତ ଦ୍ରୁତ ଗାଡ଼ିଚାଳନା, ମଦ୍ୟପ ଗାଡ଼ିଚାଳକ, ଟ୍ରାଫିକ୍ ଅବମାନନାକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁମତି ଦିଆଯାଇଥିଲା। କଷଟିଠାରୁ ତିନିମୁହାଣୀ ପର୍ଯ୍ୟନ୍ତ ବେଆଇନ ପାର୍କିଂ ସହ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ସହରାଞ୍ଚଳର ଟ୍ରାଫିକ୍ ସମସ୍ୟା ସମ୍ପର୍କରେ ତର୍ଜମା କରାଯାଇଥିଲା। ଗତ ୮ ମାସ ମଧ୍ୟରେ ସଡ଼କ ନିରାପତ୍ତା ନିୟମ ଖିଲାପକାରୀଙ୍କଠାରୁ ୨୦,୩୮,୮୭୪ ଟଙ୍କା ଜରିମାନା ଆଦାୟ ହେବ ବୋଲି ଏଠାରେ ସୂଚନା ଦିଆଯାଇଥିଲା। ବୈଠକରେ ଉପଜିଲାପାଳ ଅରୁଣ କୁମାର ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିରଞ୍ଜନ ଗୌଡ଼ଙ୍କ ସହ ବହୁ ପଦାଧିକାରୀ ସାମିଲ ହୋଇଥିଲେ।

# ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ


କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

ଆଳି, ୧୨।୧୨(ବନମାଳୀ ସେନାପତି)

ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଉଦ୍ଯାପିତ ହୋଇଯାଇଛି। ମେଣ୍ଟପୁର ହାଇସ୍କୁଲ ପଡିଆରେ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ଶୁକ୍ରବାର ଶିଶୁ ମନ୍ଦିରର ବୌଦ୍ଧିକ ମଣ୍ଡପରେ ଆୟୋଜିତ ଉଦ୍ଯାପନୀ ଉତ୍ସବରେ ଆଳି ତହସିଲଦାର ସୁଶ୍ରୀ ସୁମନ ଘୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନେ ହାର ଜିତକୁ ଲକ୍ଷ୍ୟ ନ କରି ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଓଡ଼ିଶା ପୂର୍ବପ୍ରାନ୍ତ ବୌଦ୍ଧିକ ପ୍ରମୁଖ ତଥା ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ଭର ପାଣି ଶିଶୁମାନେ ଉଦ୍ୟମୀ, ସାହସୀ, ଧୈର୍ଯ୍ୟବାନ ହେବା ସହ ଦେଶମାତୃକାର ସେବାରେ ବ୍ରତୀ ହେବା ଆବଶ୍ୟକ ବୋଲି କହିଥିଲେ। ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ଦାଶ, ପରିଚାଳନା ପରିଷଦର ଉପସଭାନେତ୍ରୀ ସନ୍ନିଭା ମିଶ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଉପପ୍ରଧାନ ଆଚାର୍ଯ୍ୟା ସଞ୍ଜୁଲତା ସ୍ୱାଇଁ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅମର କୁମାର ବାରିକ ସମସ୍ତ କାର୍ଯ୍ୟର ସଂଯୋଜନା କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ଅରୁଣ ଦାଶ କ୍ରୀଡା ବିଭାଗର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟୁତ୍ ପରିଷଦର ସଭାପତି ଆଇନଜୀବୀ ରଞ୍ଜନ ପାତ୍ର, ଯୋଗଗୁରୁ ସହସମ୍ପାଦକ ନିର୍ଭୟ ସାହୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ବିଦ୍ୟା ମନ୍ଦିରର ସମସ୍ତ ଗୁରୁମାଗୁରୁଜୀ ଛାତ୍ରୀଛାତ୍ର, ସେବିକା ଭଉଣୀ, ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

# ଜମି ଅଧିଗ୍ରହଣ ବାଟ ଫିଟିଲା

ମହାକାଳପଡ଼ା, ୧୨।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

## ଚଣ୍ଡିଆପଲ୍ଲୀ-ମହାକାଳପଡ଼ା ଗୋବରୀ ସେତୁ


ଗୋବରୀ ନଦୀ ଉପରେ ସେତୁ ନିର୍ମାଣରେ ଜମି ଅଧିଗ୍ରହଣ କାର୍ଯ୍ୟ ପାଇଁ ଅଧିକାରୀମାନଙ୍କ ମାପଚୁପ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ସଦର ମହକୁମା ଗୋବରୀ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାମକୁ କେତେଜଣ ଲୋକ ଗୁରୁବାର ବନ୍ଦ କରିଥିଲେ। ଶୁକ୍ରବାର ଜମି ଅଧିଗ୍ରହଣ ପାଇଁ ବାଟ ଫିଟିଛି। ପୂର୍ତ୍ତ ବିଭାଗ ଅଧିକାରୀମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ଦୈତାରୀ ଗୁଚ୍ଛୁ, କନିଷ୍ଠ ଯନ୍ତ୍ରୀ ଦେବାଶିଷ ସାମଲ, ଜମି ଅଧିଗ୍ରହଣ ପ୍ରତିନିଧି ମନୋଜ କୁମାର ଜେନା, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ତହସିଲ କର୍ମଚାରୀ ପ୍ରମୁଖ ମାପଚୁପ କରିଥିଲେ। ସ୍ଥାନୀୟ ଚଣ୍ଡିଆପଲ୍ଲୀ, ସାହାବାଜପୁର ଗ୍ରାମର କ୍ଷତିଗ୍ରସ୍ତ ଚାଷୀମାନେ ଉପସ୍ଥିତ ଥିଲେ। ସେତୁଠାରୁ ସାହାବାଜପୁର ଗ୍ରାମ ପର୍ଯ୍ୟନ୍ତ ୩ କି.ମି. ଦୂର ରାସ୍ତାପାର୍ଶ୍ୱ ୭ ଏକରରୁ ଉର୍ଦ୍ଧ୍ୱ ଗୋବରୀ ପାର୍ଶ୍ୱ ଜମି ଅଧିଗ୍ରହଣ ହେବ। ଏଥିପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଜମି ହରାଇଥିବା ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।

ଚଣ୍ଡିଆପଲ୍ଲୀ-ମହାକାଳପଡ଼ା ଗୋବରୀ ସେତୁ ୧୨୯ ମିଟର ଲମ୍ବ ଓ ୪ଟି ସ୍ପାନ ବିଶିଷ୍ଟ। ଏହି ସେତୁ ନିର୍ମାଣରେ ୩୭ କୋଟି ଟଙ୍କା ବ୍ୟୟ ହେବ। ସେତୁ ନିର୍ମାଣ କାର୍ଯ୍ୟ ତଦାରଖ କରିବାକୁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଛି। କୋଲକାତାର ଏକ ଘରୋଇ ଠିକା ସଂସ୍ଥା ନିର୍ମାଣ କାର୍ଯ୍ୟ ଦାୟିତ୍ୱ ନିର୍ବାହ କରୁଛି। ଅପରପକ୍ଷରେ ଏହି ସେତୁ ପୂର୍ଣ୍ଣାଙ୍ଗ ହେଲେ ମହାକାଳପଡ଼ା ବ୍ଲକ ମୁଖ୍ୟାଳୟଠାରୁ ବିଜୟନଗର, ଦେଉଳପଡ଼ା, ବଳିପାଳ, ଡିହି, ଗଗୁଆ, ନାଞ୍ଜୁରା, ସୁନିତି, ଜମ୍ବୁ, କେବି ଦାଣ୍ଡୁଆ ଆଦି ପଞ୍ଚାୟତର ଲୋକେ ଯାତାୟାତ ସୁବିଧା ସୁଯୋଗ ମିଳିବ। ଏହାସହ ରାଜନଗର, ପଟ୍ଟାମୁଣ୍ଡାଇ ବ୍ଲକକୁ ଗମନାଗମନ ସମ୍ପର୍କ ଯୋଡ଼ିହେବ। ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଅଞ୍ଚଳବାସୀ ଖୁସିବ୍ୟକ୍ତ ହୋଇଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଆସନ୍ତା ଜୁନ୍ ସୁଦ୍ଧା ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହେବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି। ୨ ସପ୍ତାହ ପୂର୍ବେ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ଓ ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଦୈତାରୀ ଗୁଚ୍ଛୁଙ୍କୁ ପଚାରିବାରେ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଏହାପରେ ୩ କି.ମି. ଆପ୍ରୋଚ୍ ରୋଡ୍ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନମେଳା: ୮୫ ପ୍ରକଳ୍ପ ପ୍ରଦର୍ଶିତ

ମାର୍ଶାଘାଇ,୧୨।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ୍ ଶାସନିପଡ଼ା ଉପ୍ରା ବିଦ୍ୟାଳୟ ପରିସରରେ ମାର୍ଶାଘାଇ ବ୍ଲକସ୍ତରୀୟ ବିଜ୍ଞାନମେଳା ଏବଂ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ କଲେଜର ପ୍ରାଧ୍ୟାପକ ପ୍ରଭାତ ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗଦେଇ କୁନି ବାଲ୍ ବୈଜ୍ଞାନିକରୁ ଜଣେ ପ୍ରତିଷ୍ଠିତ ବୈଜ୍ଞାନିକ ଭାବେ ଗଢି ତୋଳିବାକୁ ଏହା ଏକ ସୁଯୋଗ ସୃଷ୍ଟି କରିପାରୁଛି ବୋଲି ମତବ୍ୟକ୍ତ କରିଥିଲେ। ମାର୍ଶାଘାଇ ବ୍ଲକ୍ ଏବିଇଓ ସୁଶାନ୍ତ କୁମାର ବେଉରା ସଭାପତିତ୍ୱ କରିଥିବା ବେଳେ ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ବିକ୍ରମାଦିତ୍ୟ ସାହୁ, ତାଳସଙ୍ଗା ସରପଞ୍ଚ ଅଶାନ୍ତି ସ୍ୱାଇଁ, ଏବିଇଓ ହିରଣ୍ୟ କୁମାର ବାରିକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଲେଙ୍କା, ମାର୍ଶାଘାଇ ବ୍ଲକ ନୋଡାଲ ସିଆର୍‌ସିସି କୈଳାସ ଚନ୍ଦ୍ର ଜେନା, ଶିକ୍ଷକ ପାର୍ଥସାରଥି ସାହୁ, ହିରଣ୍ୟ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାଥମିକ ଶିକ୍ଷକ ସଂଘ(ଏନ୍‌ପିଏସ୍) ସମ୍ପାଦକ ନିରଞ୍ଜନ ରାଉତ ଅତିଥି ପରିଚୟ ପ୍ରଦାନ ଏବଂ ସ୍ୱାଗତ ଭାଷଣ ଦେଇଥିଲା ବେଳେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ନାରାୟଣ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଉଦ୍ଯାପନୀ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଶୈଳେନ୍ଦ୍ର ପ୍ରସାଦ ଚୌଧୁରୀ, ସାମାଜିକ କର୍ମୀ ରାଜକିଶୋର ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ବିଜ୍ଞାନ ମେଳାରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୮୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ୭ଟି ପ୍ରକଳ୍ପ ଜିଲା, ୨ଟି ଜିଲାସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଏବଂ ୧ଟି ଜିଲା ପ୍ରକଳ୍ପ ପରିଚାଳନା ୟୁନିଟ୍‌କୁ ଉନ୍ନୀତ ହେବାକୁ ଚୟନ ହୋଇଛି।


ବିଜ୍ଞାନମେଳାରେ ପିଲାମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ରାଜନେତା ଶିବ ପ୍ରସାଦଙ୍କ ସ୍ମୃତିଚାରଣ

କେନ୍ଦ୍ରାପଡ଼ା, ୧୨।୧୨ (ଜଗନ୍ନାଥ ଧଳ)

ବରିଷ୍ଠ ବିଜେଡି ନେତା ତଥା ଚକ୍ରୋଡ଼ା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଶିବ ପ୍ରସାଦ ବିଶ୍ୱାଳଙ୍କ ସ୍ମୃତିଚାରଣ ସଭା କେନ୍ଦ୍ରାପଡ଼ା ବ୍ଲକ ମାଗୁରଗଣ୍ଡପାଟଣାଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ସଭାରେ ବିଶ୍ୱାଳଙ୍କୁ ଜଣେ ନିର୍ଭିକ, କର୍ତ୍ତବ୍ୟନିଷ୍ଠ ତଥା ଦରଦୀ ମଣିଷ ଭାବରେ ବର୍ଣ୍ଣନା କରାଯାଇଥିଲା। ଯୁବ ବିଜେଡି ନେତା ରାଜେଶ ପଣ୍ଡାଙ୍କ ସଞ୍ଚାଳନାରେ ପରିଚାଳିତ ଏହି ସଭାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଡ. ସିପ୍ରା ମଲ୍ଲିକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, କଂଗ୍ରେସ ନେତା ଜୟନ୍ତ ମହାନ୍ତି, ଉମେଶ ତ୍ରିପାଠୀ, ବିଧୂଭୂଷଣ ମହାପାତ୍ର, ବିଜେଡି ଜିଲା ସଭାପତି ଶିବ ପ୍ରସାଦ ବଳ, ସିପିଏମ୍ ନେତା ଗୟାଧର ଧଳ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ନଗର ବିଜେଡି ସଭାପତି ଯଯାତି ମହାନ୍ତି, କଂଗ୍ରେସ ନେତା ଭାଗୀରଥି ଜେନା ପ୍ରମୁଖ ଯୋଗଦେଇଥିଲେ। ସେମାନେ ସ୍ମୃତିଚାରଣ କରି କହିଥିଲେ, ବିଶ୍ୱାଳଙ୍କ ବିୟୋଗରେ ଚକ୍ରୋଡ଼ା ପଞ୍ଚାୟତ ମୁରବୀ ଛେଉଣ୍ଡ ହୋଇଗଲା। ରମାକାନ୍ତ ମହାନ୍ତି, ତାଙ୍କ ୨ ପୁଅ ସଞ୍ଜୀବ, ସନ୍ତୋଷ, ଝିଅ ସସ୍ମିତା ଓ ସ୍ନେହଲତା ପ୍ରମୁଖ ଏହି ସଭାକୁ ପରିଚାଳନା କରିଥିଲେ।


ସ୍ମୃତିଚାରଣ ସଭାରେ ଯୋଗ ଦେଇଥିବା ଅତିଥି।

# ୧୯ ଅଭିଯୋଗର ଶୁଣାଣି



ପାଟକୁରା,୧୨।୧୨(ରବୀନ୍ଦ୍ର ନାଥ ବାରିକ)

## ଗରଦପୁର ତହସିଲରେ ଅତିରିକ୍ତ ଜିଲାପାଳଙ୍କ ରାଜସ୍ୱ ଜନଶୁଣାଣି

ରାଜସ୍ୱ ବିଭାଗରେ ଜନସାଧାରଣଙ୍କ ବିଭିନ୍ନ କାର୍ଯ୍ୟର ଚାପ ହ୍ରାସ କରିବାକୁ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍ ଆୟାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏଣିକି ଜିଲାର ବିଭିନ୍ନ ତହସିଲ କାର୍ଯ୍ୟାଳୟରେ ପ୍ରତ୍ୟେକ ମାସରେ ଥରେ ରାଜସ୍ୱ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଜିଲାର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ରାଜସ୍ୱ ସଂକ୍ରାନ୍ତୀୟ ଜନସାଧାରଣଙ୍କ ଅଭିଯୋଗଗୁଡିକର ଶୁଣାଣିକରି ତାହାର ଫଇସଲା କରିବାକୁ ନିର୍ଦ୍ଦେଶ ଦେବେ। ଫଳରେ ଲୋକମାନଙ୍କ ତହସିଲରେ ଯେଉଁ କାର୍ଯ୍ୟର ଚାପ ଥିଲା ତାହା କ୍ରମେ ହ୍ରାସ ପାଇବ। ଏହି କ୍ରମରେ ଶୁକ୍ରବାର ଗରଦପୁର ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ (ରାଜସ୍ୱ) ନବକୃଷ୍ଣ ଜେନା ଶିବିରରେ ଉପସ୍ଥିତ ରହି ସମୁଦାୟ ୧୯ଟି ଅଭିଯୋଗର ଶୁଣାଣିକରି ସେଗୁଡିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ତୃପ୍ତି ଦାଶ, ଅତିରିକ୍ତ ତହସିଲଦାର ଗୁଡ୍ରା ହେମ୍ରାମ ଶିବିରରେ ଉପସ୍ଥିତ ରହିଥିଲେ। ଅଭିଯୋଗଗୁଡିକ ମଧ୍ୟରେ ଭୂମିହୀନମାନଙ୍କୁ ବସୁନ୍ଧରା ଯୋଜନାରେ ଘରବାଡ଼ି ପଟ୍ଟା, ସିକିମରେ ପ୍ରଜାସ୍ୱତ୍ୱ ପରିବର୍ତ୍ତନ, କଲମ ୨, ଆର୍‌ଓଆର ସଂଶୋଧନ ଓ ଜମିଜମା କିସମ ପରିବର୍ତ୍ତନ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା। ସୋଲପାଟ ଗ୍ରାମର ସୁଦର୍ଶନ ସାହୁ ତାଙ୍କ ଜମିର କିସମ ପରିବର୍ତ୍ତନ ପାଇଁ ଆବେଦନ କରିଥିଲେ ସୁଦ୍ଧା ତାହା ବିଳମ୍ବ ହେଉଥିବାରୁ ଆପତ୍ତି କରିଥିଲେ। ସେହିପରି ବାମରା ନଦୀବନ୍ଧ କଡ଼ରେ ଗୋଟିଏ ବଡ଼ ଚାକୁଣ୍ଡା ଗଛ ମରିଯାଇଥିଲେ ମଧ୍ୟ ତହସିଲ ଏହାକୁ ନିଲାମ କରୁ ନ ଥିବା ଓ ବାତ୍ୟା କ୍ଷତିଗ୍ରସ୍ତ ଧାନ ଫସଲ କ୍ଷତିର କ୍ଷତିପୂରଣ ପାଇ ନ ଥିବା ଚାଷୀଙ୍କୁ ଦେବାକୁ ଗରଦପୁର ଗ୍ରାମର ନବାବ ପଣ୍ଡା ଅଭିଯୋଗ କରିଥିଲେ।

# ଫାଇନାଲରେ ମୟୂରଭଞ୍ଜ

ଡେରାବିଶ, ୧୨।୧୨(ବେବର୍ତ୍ତା ଅଜୟ ଦାସ)

## ରାଜ୍ୟସ୍ତରୀୟ ଜୟଦୁର୍ଗା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ଡେରାବିଶ ବ୍ଲକ୍ ଅନ୍ତର୍ଗତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଜୟଦୁର୍ଗା ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ପ୍ରଥମ ସେମିଫାଇନାଲରେ ମୟୂରଭଞ୍ଜ ଟିମ୍ ରାଜକନିକାକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ମୟୂରଭଞ୍ଜ ଓ ରାଜକନିକା ଟିମ୍ ଉଭୟେ ପ୍ରଭାବ ବିସ୍ତାରକରି ଖେଳିଥିବା ବେଳେ ମ୍ୟାଚ୍‌ଟି ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ମୟୂରଭଞ୍ଜ ଟିମ୍ ୪-୩ ଗୋଲରେ ରାଜକନିକା ଟିମ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ରେଫରି ଭାବେ ସୁଶାନ୍ତ ବିଶ୍ୱାଳ, ଜିତେନ୍ଦ୍ର ବାରିକ ଓ ରିଆଜ କାଦ୍ରୀ ଖେଳ ପରିଚାଳନା କରିଥିଲେ। ଆସୋସିଏଶନର ସଭାପତି ନୃସିଂହ ଚରଣ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଭାଜପା ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡ଼ା ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ବିଶ୍ୱରଞ୍ଜନ ସାମଲ, ସୁଶାନ୍ତ କୁମାର ସାହୁ, କୈଳାସ ଲେଙ୍କା, ଅଲେଖ ବେଜ, ଅଭିରାମ ମହାନ୍ତି ଓ ସିଲୁ ସାହୁଙ୍କ ସମେତ ଆସୋସିଏଶନର କର୍ମକର୍ତ୍ତା ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଯାଜପୁର ଓ ବରହମପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

# ଉତ୍ତମ ସ୍ୱାସ୍ଥ୍ୟ ହିଁ ଉଭୟ ବ୍ୟକ୍ତି, ସମାଜ ପାଇଁ ଶ୍ରେଷ୍ଠ ସମ୍ପତ୍ତି

ପଟ୍ଟାମୁଣ୍ଡାଇ,୧୨।୧୨(କଳ୍ପତରୁ ନାୟକ)

## ତାଲୁକ ଆଇନ ସେବା ସମିତି ଆନ୍ତର୍ଜାତିକ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ


ସ୍ୱାସ୍ଥ୍ୟସେବା ଦିବସରେ ଯୋଗ ଦେଇଥିବା ଅତିଥିମାନେ।

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆନ୍ତର୍ଜାତିକ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଦିବସ ଶୁକ୍ରବାର ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ପରିସରରେ ପାଳିତ ହୋଇଯାଇଛି। ଉପଖଣ୍ଡ ଡାକ୍ତରଖାନାର ଭାରପ୍ରାପ୍ତ ମେଡିକାଲ ଅଫିସର ଡା. ନିରାକାର ପରିଡାଙ୍କ ଅଧ୍ୟକ୍ଷତାରେ ଅୟୋଜିତ ସଭାରେ ଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ୍ ବିଚାରପତି ବିଦ୍ୟାଧର ପୃଷ୍ଟି, ବିଚାରପତି ବିଦ୍ୟୁତଲତା ପ୍ରଧାନ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ପ୍ରତ୍ୟେକ ରାଷ୍ଟ୍ରର ପ୍ରଗତିରେ ସ୍ୱାସ୍ଥ୍ୟସେବାର ଏକ ମହତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଉତ୍ତମ ସ୍ୱାସ୍ଥ୍ୟ ହିଁ ଉଭୟ ବ୍ୟକ୍ତି ଓ ସମାଜ ପାଇଁ ଶ୍ରେଷ୍ଠ ସମ୍ପତ୍ତି। ସମସ୍ତ ଲୋକମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ପାଇଁ କ'ଣ କ'ଣ ସବୁ ବ୍ୟବସ୍ଥା ଅଛି ଓ ସେଗୁଡିକ କିପରି କାର୍ଯ୍ୟ କରାଯାଇ ପାରିବ ଓ କିପରି ସମାଜର ବିକାଶ ହୋଇପାରିବ, ଲୋକ ମାନଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଥିବା ଆଇନଗତ ବ୍ୟବସ୍ଥା ଓ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଡା. ଚନ୍ଦ୍ରଶେଖର ଦାଶ ସ୍ୱାସ୍ଥ୍ୟ ସଚେତନତା ବିଷୟରେ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ଧୀରେନ୍ଦ୍ର ନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମେଡ଼ିକାଲର ବହୁ ଡାକ୍ତର ଓ କର୍ମଚାରୀମାନଙ୍କ ସମେତ, ରିଟେନର ଗୀତାଞ୍ଜଳି ପୃଷ୍ଟି, ସତ୍ୟରଞ୍ଜନ ନାୟକ, ଶୈଳବାଳା ମଲ୍ଲିକ, ଗୟାଚାନ୍ଦ ପରିଡ଼ା, ଆଇନଜୀବୀ ବିଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମୋହନ ଦାଶ, ଅପର୍ଣ୍ଣା ସାମଲ, ଅରବିନ୍ଦ ପଣ୍ଡା, ଅମେରେନ୍ଦ୍ର ରାଉତ, ବବିତା ମଲିକ, କବିତା ଦାସ ଓ ପଟ୍ଟାମୁଣ୍ଡାଇ ମେଡ଼ିକାଲର ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀମାନେ ଏହି ସଚେତନତା ପରିଚାଳନାରେ ସହଯୋଗ କରିଥିଲେ।

# ବଢ଼ୁଛି ଚିଙ୍ଗୁଡ଼ିଘେରି; କମୁଛି ଜଙ୍ଗଲ, ଚାଷଜମି

କେନ୍ଦ୍ରାପଡ଼ା, ୧୨।୧୨ (ଜଗନ୍ନାଥ ଧଳ)

## ୧୪ଶହଙ୍କୁ ଅନୁମତି, ୨୫ ହଜାରରୁ ଊର୍ଦ୍ଧ୍ୱ ଏକରରେ ଘେରି

କେନ୍ଦ୍ରାପଡ଼ା ଜିଲାରେ ଚିଙ୍ଗୁଡ଼ିଘେରିର ଅହେତୁକ ବୃଦ୍ଧି ସ୍ଥାନୀୟ ଅଞ୍ଚଳବାସୀ ସହ ପରିବେଶବିତ୍‌ଙ୍କ ଉଦ୍‌ବେଗର କାରଣ ସାଜିଛି। ଜିଲାରେ ମାତ୍ର ୭୨୯ ଚାଷୀ ଚିଙ୍ଗୁଡ଼ି ଘେରି ପାଇଁ ଜିଲା ମତ୍ସ୍ୟ ବିଭାଗରୁ ଅନୁମତି ନେଇଥିବାବେଳେ ୨୦ ହଜାରରୁ ଉର୍ଦ୍ଧ୍ୱ ସ୍ଥାନରେ ଘେରି ଗଢ଼ି ଉଠିଛି। ଇକୋ ସେନ୍‌ସେଟିଭ ଜୋନ୍ ଅଧୀନରେ ଥିବା ଅଞ୍ଚଳ ଏଥିରୁ ବାଦ୍ ପଡୁନାହିଁ। ଫଳରେ ଜଙ୍ଗଲ ଓ ଚାଷଜମି କମିଯାଉଛି। ସେହିପରି ଚିଙ୍ଗୁଡ଼ି ଘେରିର ଲୁଣା ଓ ବର୍ଜ୍ୟଜଳ ସ୍ଥାନୀୟ କୃଷିକୁ ପ୍ରଭାବିତ କରୁଛି। ଏପରି ଅଭିଯୋଗ ଆଣି ମହାକାଳପଡ଼ା ବ୍ଲକ ଅଞ୍ଚଳର ଚାଷୀ ନିରାକରଣ ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ଶୁକ୍ରବାର ପ୍ରଦାନ କରିଛନ୍ତି।

ଏ ସମ୍ପର୍କରେ ଅଭିଯୋଗକାରୀ ରାଧାଶ୍ୟାମ ମଣ୍ଡଳ କହିଛନ୍ତି, ଚିଙ୍ଗୁଡ଼ି ଘେରି ଏବେ ଜୀବନ ଓ ଜୀବିକା ଉପରେ ଦାଉ ସାଧୁଛି। ଚଳିତବର୍ଷ ଧାର କରଜ କରି ୮ ଏକର ଜମିରେ ଖରିଫ ଧାନ ଚାଷ କରିଥିଲେ। ତେବେ ବ୍ୟବହାର ହେଉଥିବା ଲୁଣା ଜଳ ଚିଙ୍ଗୁଡ଼ି ଘେରି ନିକଟକୁ ଆଣିବା ଫଳରେ ଆଖପାଖ କ୍ଷେତ ନଷ୍ଟ ହୋଇଯାଇଛି। ପୂର୍ବରୁ ଏ ନେଇ ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହା ସତ୍ତ୍ୱେ ସୁଫଳ ମିଳିଲା ନାହିଁ। କ୍ଷେତ ଅମଳ ସମୟ ପରେ ବନ ବିଭାଗ ଓ ତହସିଲ କର୍ତ୍ତୃପକ୍ଷ ଚିଙ୍ଗୁଡ଼ି ଘେରି ଭାଙ୍ଗୁଥିଲେ ମଧ୍ୟ ଦିନ କେତୋଟି ପରେ ଏହାର ବନ୍ଧ ସମ୍ପୃକ୍ତ ମାଲିକ ବାନ୍ଧୁଛନ୍ତି। ଆଗାମୀ ଦିନରେ ଫସଲ ଏଠାରେ ଫଳିବା ନେଇ ଆଶଙ୍କା ପ୍ରକାଶ ପାଇଛି। ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ଜିଲାର ୬ ହଜାର ଏକର ଜମିରେ ବେଆଇନ ଘେରି ରହିଥିବା ଜିଲା ପ୍ରଶାସନ ସୂଚନା ଦେଉଛନ୍ତି। ମାତ୍ର ବାସ୍ତବିକରେ ଏହାର ପରିମାଣ ୨୫ ହଜାର ଏକରରୁ ଅଧିକ ଅଛି। ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ଇକୋ ସେନ୍‌ସେଟିଭ ଜୋନ୍ ଘୋଷଣା କରିଛନ୍ତି। ଏହାସତ୍ତ୍ୱେ ସମୁଦ୍ରର ୨ କିଲୋମିଟର ତଟବର୍ତ୍ତୀ ଅଞ୍ଚଳରେ ଏହି ଘେରି ବହୁ ଅଧିକ ରହିଛି। ଏପରିକି ଜଙ୍ଗଲ ଜମି ଉପରେ ଏହି ଘେରି ନିର୍ମାଣ ହେଉଛି। ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଘେରି ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଅଛି। ଏହାର ପ୍ରଭାବ ସ୍ଥାନୀୟ ଅଞ୍ଚଳରେ ଦେଖିବାକୁ ମିଳୁନାହିଁ। ଚିଙ୍ଗୁଡ଼ି ଘେରିରୁ ଉଦ୍‌ବୃତ୍ତ ବର୍ଜ୍ୟଜଳ ଜଙ୍ଗଲ ଓ ସାମୁଦ୍ରିକ ପରିବେଶକୁ ନଷ୍ଟ କରୁଥିବା ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଚିଙ୍ଗୁଡ଼ି ଘେରି ଚାଷୀ ରତିକାନ୍ତ ଦେବନାଥ କହିଛନ୍ତି, ଜିଲାରେ କର୍ମନିଯୁକ୍ତି ପାଇଁ ସୁଯୋଗ ନାହିଁ। କ୍ଷେତରୁ ଆଶାନୁରୂପକ ଅର୍ଥ ରୋଜଗାର ହେଉନାହିଁ। ଚିଙ୍ଗୁଡି ଘେରି ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ହେଉଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରେ ଜଙ୍ଗଲ ଜମିରେ ବେଆଇନ ଭାବେ ଗଢି ଉଠିଥିବା ଚିଙ୍ଗୁଡ଼ି ଘେରିକୁ ଉଚ୍ଛେଦ କରାଯାଉଛି। ଏହି ଜମିରେ ହେନ୍ତାଳ ବଣ ସୃଷ୍ଟି ପାଇଁ ବନ ଓ ରାଜସ୍ୱ ବିଭାଗ ଗୁରୁତ୍ୱ ଦେଉଛି ବୋଲି ସେ କହିଛନ୍ତି।

**ରସିଦ ନ ଦେଇ ରେଡକ୍ରସ୍ ନାଁରେ ଟଙ୍କା ଆଦାୟ ଅଭିଯୋଗ**

# ଜରିମାନା ଦେୟ ରସିଦ ପୈଠ ବେଳେ ନିଆଯାଉଛି ଟଙ୍କା

ନୟାଗଡ଼,୧୧।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ( ଆରଟିଓ) ରେ ରେଡକ୍ରସ୍ ନାଁରେ ୧୦୦ରୁ ୫୦୦ ଟଙ୍କା ଆଦାୟ ହେଉଥିବା ବେଳେ ଏଥିରେ ଚଞ୍ଚକତା କରାଯାଉଥିବା କୁହାଯାଉଛି। ରେଡକ୍ରସ୍ ପାଇଁ ଉଦ୍ଦିଷ୍ଟ ଟଙ୍କା ଲାଗି ହାତଗଣତି କେତେକ ଲୋକ ରସିଦ ପାଉଥିବାବେଳେ ଅଧିକାଂଶ ପାଉ ନ ଥିବା ଅଭିଯୋଗ ହୋଇ ଆସୁଛି। ରେଡକ୍ରସ୍ ଟଙ୍କା ନ ଦେଲେ ଜରିମାନା ବାବଦ ସ୍ଲିପ୍ ନ ଦେଇ ଲୋକଙ୍କୁ ଫେରାଇ ଦିଆଯାଉଥିବା ଅନୁରୂପ ଅଭିଯୋଗ ହେଉଛି। ଏହାର ପ୍ରତିବାଦ କଲେ ସିନିଅର ରେଭିନ୍ୟୁ ଆସିଷ୍ଟାଣ୍ଟ ଖରାପ ବ୍ୟବହାର ଦେଖାଉଥିବାର କୁହାଯାଉଛି। ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ କେତେକ ଖବରଦାତା ଆରଟିଓ ଅଫିସକୁ ଶୁକ୍ରବାର ଯାଇ ଘଟଣାର ଯାଞ୍ଚ କରିଥିଲେ। ତେବେ ରେଡ୍‌କ୍ରସ୍ ପାଇଁ ଟଙ୍କା ନ ଦେଲେ ସ୍ଲିପ୍ ଦେଇ ହେବନି ବୋଲି କହି ସିନିଅର ରେଭିନ୍ୟୁ ଆସିଷ୍ଟାଣ୍ଟ ଫେରାଇ ଦେଇଥିଲେ। ଏପରିକି ଦୁର୍ବ୍ୟବହାର ଦେଖାଇଥିଲେ। ଖବରଦାତା ପରିଚୟ ଜାଣିବା ପରେ ବ୍ୟବହାରରେ ସାମାନ୍ୟ ପରିବର୍ତ୍ତନ ଆସିଥିଲା। ତେବେ ନିଜକୁ ନିର୍ଦ୍ଦୋଷ ବୋଲି ବାରମ୍ବାର ସଫେଇ ଦେଇ ସବୁ କିଛି ଠିକ୍‌ଠାକ ଚାଲିଛି କହୁଥିଲେ। ଏନେଇ ଗଣିଆର ସୁଦାମା ପ୍ରଧାନ କୁହନ୍ତି, ମୋର ଜଣେ ସମ୍ପର୍କୀୟ ଡ୍ରାଇଭର ମଦ୍ୟପାନ କରି ଦଣ୍ଡିତ ହୋଇଥିଲେ। ତାଙ୍କୁ ୧୦ ହଜାର ଟଙ୍କା ଜରିମାନା ପଡିଥିଲା। ଦେୟ କୋର୍ଟରେ ପୈଠ କରି ଅନ୍‌ଲାଇନ୍ ରସିଦ୍ ଡିପୋଜିଟ୍ ପାଇଁ ଆରଟିଓ ଅଫିସକୁ ଯାଇଥିଲି। ମୋ ସାଥିରେ ସମ୍ପୃକ୍ତ ଡ୍ରାଇଭର ଥିଲେ। ଅନ୍‌ଲାଇନ୍ ରସିଦ୍ ଡିପୋଜିଟ୍ ସମୟରେ ୨୦୦ ଟଙ୍କା ରେଡ୍‌କ୍ରସ୍ ପାଇଁ ମାଗିଥିଲେ। ୧୦୦ ଟଙ୍କା ଦେବା ପରେ ହେବନି କହିଥିଲେ। ପରେ ୨୦୦ ଟଙ୍କା ଦେଲୁ ହେଲେ ରସିଦ୍ ଦେଲେନି। କହିଲେ ଆପଣ ଘରକୁ ଯାଆନ୍ତୁ ଆପଣଙ୍କର ସମସ୍ୟା ସମାଧାନ ହୋଇଯିବ। କୋର୍ଟରୁ ରସିଦ୍ ମିଳିଲା ଆପଣ କାହିଁକି ରସିଦ୍ ଦେବେନି କହିବାରୁ କୋର୍ଟର ରସିଦ୍ ଫେରାଇ ଦେଇଥିଲେ। ଆମେ ବାଧହୋଇ ଟଙ୍କା ଦେଇ ଆସିଲୁ। ପରେ ଆମର ସମସ୍ୟା ସମାଧାନ ହୋଇଯାଇଥିଲା।

**ଟଙ୍କା ନ ଦେଲେ ଦୁର୍ବ୍ୟବହାର**

ଯଦି ୨୦୦ ଟଙ୍କା ରେଡ୍‌କ୍ରସ୍ ପାଇଁ ନିଆ ଯାଉଛି ତେବେ ରସିଦ୍ କ'ଣ ପାଇଁ ଦେବେନି। ଅନ୍ୟପକ୍ଷେ ଭୁଲ କଲୁ ବୋଲି ୧୦ ହଜାର ଦଣ୍ଡ ଦେଲୁ। ଦଣ୍ଡ ପରେ ପୁଣି ରେଡ୍‌କ୍ରସ୍ ପାଇଁ ୨୦୦ ଟଙ୍କା କାହିଁକି ଦେବୁ। ରେଡ୍‌କ୍ରସ୍ ପାଇଁ ୨୦୦ ଟଙ୍କା ଆଦାୟ ହେଉଛି ବୋଲି ସଚେତନତା କରାଯାଉନି କାହିଁକି ସେ କହିଛନ୍ତି। ୫ରୁ ଉର୍ଦ୍ଧ୍ୱ ଲୋକ ନିଜ ନାଁ ଗୋପନ ରଖି ପ୍ରକାଶ କରିଛନ୍ତି। ବିଭିନ୍ନ କାରବାର କ୍ଷେତ୍ରରେ ରେଡକ୍ରସ୍ ନାଁରେ ୨୦୦ରୁ ୫୦୦ ଟଙ୍କା ଆଦାୟ ହେଉଛି। କିଛି ଲୋକ ରସିଦ୍ ପାଉଥିବା ବେଳେ ଅଧିକାଂଶ ଲୋକ ପାଉ ନାହାନ୍ତି। ରେଡ୍‌କ୍ରସ୍ ପାଇଁ ଟଙ୍କା ନ ଦେଲେ ଖରାପ ବ୍ୟବହାର ଶୁଣିବାକୁ ପଡୁଛି। ଏ ନେଇ ତଦନ୍ତ କରାଯାଇ ପଦକ୍ଷେପ ନିଆଯାଉ ବୋଲି କହିଛନ୍ତି।

ଏ ସମ୍ପର୍କରେ ସିନିଅର ରେଭିନ୍ୟୁ ଆସିଷ୍ଟାଣ୍ଟ ଧର୍ମପଦ ସେଠୀ କୁହନ୍ତି, ଜିଲାପାଳ ଆମକୁ ରେଡ୍‌କ୍ରସ୍ ପାଇଁ ଟଙ୍କା ଆଦାୟ କରିବାକୁ କହିଛନ୍ତି। ରେଡ୍‌କ୍ରସ୍ ପାଇଁ ଟଙ୍କା ନ ଦେଲେ କୋର୍ଟରେ ଜମା ହୋଇଥିବା ଜରିମାନା ଟଙ୍କାର ରସିଦ୍ ରଖି ହେବନି। ରେଡ୍‌କ୍ରସ୍ ଟଙ୍କା ଦେବା ପାଇଁ ପ୍ରଥମେ ବାଧ୍ୟତାମୂଳକ କହିଥିବାବେଳେ ପରେ ବାଧ୍ୟତାମୂଳକ ନୁହେଁ କହିଛନ୍ତି। ତେବେ ମୁଁ କାହାକୁ ଖରାପ ବ୍ୟବହାର ଦେଖାଉ ନାହିଁକି ଖବରଦାତାଙ୍କୁ ଦୁର୍ବ୍ୟବହାର କରିନାହିଁ ବୋଲି ସେ କହିଛନ୍ତି। ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) ନିର୍ମଳ ମହାନ୍ତିଙ୍କୁ ପଚାରିବାରୁ ସିନିଅର ରେଭିନ୍ୟୁ ଆସିଷ୍ଟାଣ୍ଟଙ୍କ ବିରୋଧରେ କିଛି ଅଭିଯୋଗ ଆସିଲାଣି। ମୁଁ ଏହାର ତଦନ୍ତ କରି ପଦକ୍ଷେପ ନେବି ବୋଲି ସୂଚନା ଦେଇଛନ୍ତି।

# ନୟାଗଡ଼ ବନଖଣ୍ଡରୁ ପୁରୀ ରଥ ନିର୍ମାଣ ପାଇଁ ୮୧୮ ଖଣ୍ଡ କାଠ ଯିବ

ଦଶପଲ୍ଲା, ୧୨।୧୨
(ପ୍ରକାଶ କୁମାର ପାଣି)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ୨୦୨୬ ପାଇଁ ନୟାଗଡ଼ ବନଖଣ୍ଡରୁ ଚଳିତ ବର୍ଷ ୮୧୮ ଖଣ୍ଡ କାଠ ପଠାଯିବ ବୋଲି ଜଣାପଡିଛି। ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବାବେଳେ ବିଗତ ବର୍ଷର ୪୭ ଖଣ୍ଡ କାଠ ବଳକା ରହିଛି। ୮୧୮ ଖଣ୍ଡ କାଠ ମଧ୍ୟରୁ ୪୦୨ ଖଣ୍ଡ ସ' ମିଲକୁ ଯିବାକୁ ଥିବାବେଳେ ୪୧୬ ଖଣ୍ଡ କାଠ ରଥ ଖଳାକୁ ଯିବ ବୋଲି ଜଣାପଡିଛି। ବିଭିନ୍ନ କିସମର ଅସନ, ଧଉରା, ଫାଶୀ ଓ ସିମୁଳି କାଠ ପଠାଯିବ। ସେହିଭଳି ପ୍ରଭୁ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା ପାଇଁ ରଥ ନିର୍ମାଣ ନିମନ୍ତେ ୩୫ ଖଣ୍ଡ କାଠ ପଠାଯିବ ବୋଲି ଦଶପଲ୍ଲା ରେଞ୍ଜର ଶ୍ରୀନିବାସ ଦାସଙ୍କ ସୂତ୍ରରୁ ଜଣାଯାଇଛି।

# ଘର ତାଲା ଭାଙ୍ଗି ଅଳଙ୍କାର ଲୁଟ

ଭାପୁର,୧୨।୧୨(ପ୍ରଭାତ ବରାଡ)

ଫତେଗଡ ଥାନା ଅର୍ନ୍ତଗତ ଫତେଗଡ ଗ୍ରାମରୁ ବିଳମ୍ବିତ ରାତ୍ରିରେ ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍ ହୋଇଛି। ଫତେଗଡ଼ ଥାନାଠାରୁ ଦୁଶ ଶହ ମିଟର ଦୂରରେ ଥିବା ବାଳକୃଷ୍ଣ ବେହେରାଙ୍କ ଘରୁ ଚୋରି ହୋଇଛି। ସେ ଏୟାର ଫୋର୍ସରେ କାମ କରୁଥିବାରୁ ହାଇଦ୍ରାବାଦରେ ପରିବାର ସହିତ ରହନ୍ତି। ସେ ଗ୍ରାମକୁ ଆସି ଫେରିବାର ଗୋଟିଏ ଦିନପରେ ଅର୍ଥାତ ଗୁରୁବାର ରାତିରେ ଘରେ କଳାକନା ବୁଲାଇଛନ୍ତି ଚୋର। ଚୋର ଛାତ ଉପରୁ ଶିଡି ଘର ପଟେ ପଶିଥିଲେ। ହେଲେ ଗ୍ରୀଲ ତାଡିବା ସମ୍ଭବ ନ ହେବାରୁ ବିଫଳ ହୋଇ ଦାଣ୍ଡ ଘର ତାଲା ଭାଙ୍ଗି ଭିତରେ ପଶି ୬ଟି ତାଲା ଭାଙ୍ଗି ବାଳକୃଷ୍ଣଙ୍କ ଶୋଇବା ଘରେ ପଶିଥିଲେ। ଗଡରେଜ,ଆଟାଚ ଭାଙ୍ଗି ଏକ କେଜି ରୁପା ଗହଣା ସହିତ ଅନ୍ୟାନ୍ୟ ଦାମୀ ଜିନିଷ ନେଇ ଲୁଗାପଟା ଚିରି ଫୋପାଡି ଦେଇ ଫେରାର ହୋଇଯାଇଥିଲେ। ସୁନା ଅଳଙ୍କାର ଟେର ପାଇପାରି ନ ଥିଲେ। ସକାଳୁ ପାଖଘରେ ରହୁଥିବା ବଡଭାଇ ହରେକୃଷ୍ଣ ବେହେରା ଚୋରି ସମ୍ପର୍କରେ ଜାଣିବା ପରେ ସାନଭାଇଙ୍କୁ ଫୋନକରି ଜଣାଇବା ସହିତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡିଛି।

# ଶ୍ରୀଜଗନ୍ନାଥ ସଂଗ୍ରହାଳୟକୁ ଆସିଲା ପାଟରା, ହାତପେଡ଼ି

ନୟାଗଡ଼,୧୨।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହୀପୁର ଗାଁର ୯୫ ବର୍ଷୀୟା ମହିଳା ସତ୍ୟଭାମା ସାହୁ ଦୁର୍ଦ୍ଧୁରାର ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ଅନୁଷ୍ଠାନକୁ ସ୍ୱେଚ୍ଛାକୃତ ଭାବେ ବିଭିନ୍ନ ପୁରୁଣା ସାମଗ୍ରୀ ପ୍ରଦାନ କରିଛନ୍ତି। ଏଥିରେ ୨୦୦ ବର୍ଷର ପୁରୁଣା ପାଟରା ଓ ବେତ ପେଡି ରହିଛି। ଯାହାକି ସତ୍ୟଭାମାଙ୍କ ଜେଜେ ଶାଶୁ ଯୌତୁକରେ ଆଣିଥିଲେ। ସେ ପେଡିକୁ ସାଇତି ରଖି ଆଜୀବନ ବ୍ୟବହାର କରି ଆସୁଥିଲେ। ପୁତୁରା ଶିକ୍ଷାବିତ ଧୀରେନ୍ଦ୍ର କୁମାର ସାହୁ ସଂଗ୍ରହାଳୟକୁ ଦେବାକୁ ମନସ୍ଥ କରିଥିବା କଥା ଜାଣିବା ପରେ ନିଜେ ସତ୍ୟଭାମା ତାଙ୍କର ସାଇତି ରଖିଥିବା ତାଲା ଚାବି ଥିବା ବେତ ତିଆରି ପାଟରାକୁ ସଂଗ୍ରହାଳୟକୁ ଦେଇଛନ୍ତି। ପାଟରାର ଓଜନ ୫୦ କେଜି ରହିଛି। ଅନ୍ୟପକ୍ଷେ ଦୁଇଟି, ବଡ ସିନ୍ଦୁକ,କାଠ ନିର୍ମିତ ହାତପେଡି ମଧ୍ୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାରକୁ ଦାନ କରିଛନ୍ତି। ଏଥିରେ ଅନୁଷ୍ଠାନର ସଦସ୍ୟ ସଂଯୋଜକ ଶ୍ରୀଧର ବେହେରା, ଅଜିତ୍ କୁମାର ସାହୁ ଏବଂ ସଂଗ୍ରାହକ ସଞ୍ଜୟ କୁମାର ସାହୁଙ୍କ ଉପସ୍ଥିତିରେ ଅନୁଷ୍ଠାନକୁ ହସ୍ତାନ୍ତର କରିଥିଲେ। ସମ୍ପୃକ୍ତ ଉପକରଣ ଭବିଷ୍ୟତରେ ଯୁବପିଢ଼ି ଦେଖିବାର ସୁଯୋଗ ପାଇବ ବୋଲି ସଂଗ୍ରାହକ ସଞ୍ଜୟ କୁମାର ସାହୁ କହିଛନ୍ତି।

# ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଠାଣି ସାମନ୍ତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଖଣ୍ଡପଡ଼ା,୧୨।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ପଠାଣି ସାମନ୍ତ ସ୍ମୃତିମନ୍ଦିର ଓ ପାଠାଗାର ପରିସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜ୍ୟୋର୍ତିର୍ବିଜ୍ଞାନୀ ମହାମହୋପାଧ୍ୟାୟ ପଠାଣି ସାମନ୍ତଙ୍କ ୧୯୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ମୃତି ମନ୍ଦିର ପରିସରରେ ଆୟୋଜିତ ସାଧାରଣ ସଭାରେ ପଠାଣି ସାମନ୍ତ ସ୍ମୃତି ମନ୍ଦିର ପରିଷଦ ସଭାପତି ଆର୍ତ୍ତତ୍ରାଣ ମିଶ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ଡ଼. ନାରାୟଣ ପଣ୍ଡା ଓ ସମ୍ମାନିତ ଅତିଥି ସାହିତ୍ୟିକ ସଞ୍ଜୟ କୁମାର ଛୁଆଳସିଂ, ସୁରେନ୍ଦ୍ର ଶ୍ରୀଚନ୍ଦନ ଓ ଖଣ୍ଡପଡ଼ାର ପ୍ରଥମ ନଗରପାଳ କିଶୋର ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ସାମନ୍ତଙ୍କ ସୁଦୁର ପ୍ରସାରୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନ ସମ୍ପାଦକ ବିନାୟକ ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଖଣ୍ଡପଡା ସହର ଓ ଆଖପାଖ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାନ୍ୟଗନ୍ୟ ବ୍ୟକ୍ତିବିଶେଷଙ୍କୁ ଏ ଅବସରରେ ପୁଷ୍ପଗୁଚ୍ଛ,ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ବାହାଡ଼ାକୁ ହରାଇ ଭୋଗଡ଼ା ବିଜୟୀ

ଖଣ୍ଡପଡ଼ା,୧୨।୧୨
(ଅଜୟ କୁମାର ମହାରଣା)

**ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟ**

କଣ୍ଟିଲୋ ପଲଟନ ପଡ଼ିଆ ମିନିଷ୍ଟାଡ଼ିୟମରେ ମା' ବରୁଣେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୧୯ ତମ ଟି–୨୦ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ୮ମ ଦିବସ ଲିଗ୍ ମ୍ୟାଚରେ ବାହାଡ଼ା କ୍ରିକେଟ କ୍ଲବକୁ ୮୮ ରନରେ ହରାଇ ଭୋଗଡା କ୍ଲବ ବିଜୟୀ ହୋଇଛି। ଟସ୍ ଜିତି ପ୍ରଥମେ ଭୋଗଡା ଦଳ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୫୪ ରନ କରିଥିଲା। ଜବାବରେ ବାହାଡା ଦଳ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୬୬ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଟିମ୍‌ର ଶିବୁ ସ୍ୱାଇଁ ୪୯ ବଲରେ ୮୫ ରନ ସଂଗ୍ରହ କରି ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ମ୍ୟାଚକୁ ବଣ୍ଟି ବେହେରା ଓ ଅନିଲ ନାୟକ ପରିଚାଳନା କରିଥିଲେ। ଶେଷଦେବ ନାୟକ ଭାଷ୍ୟକାର ଓ କାହ୍ନା ବେହେରା ସ୍କୋରର ଦାୟିତ୍ୱ ତୁଲାଇ ଥିଲେ। ଶନିବାର ୯ମ ଦିବସ ପ୍ରଥମ କ୍ୱାର୍ଟର୍ସ ଫାଇନାଲରେ କାନପୁର କ୍ରିକେଟ କ୍ଲବ ବନାମ ଭୋଗଡା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବର ସଦସ୍ୟ ଶଙ୍କର ବେହେରା ସୂଚନା ଦେଇଛନ୍ତି।

# ଦାରିଙ୍ଗବାଡ଼ି: ଦ୍ୱିତୀୟ ଦିନରେ ତୁଷାରପାତ



ଦାରିଙ୍ଗବାଡ଼ି, ୧୨।୧୨ (ଅରୁଣ ସାହୁ)

ଦାରିଙ୍ଗବାଡ଼ିରେ ଶୀତ ଅସହ୍ୟ ଯନ୍ତ୍ରଣା ଦେଇଛି। ଦିନକୁ ଦିନ ତାପମାତ୍ରା ତଳ ମୁହାଁ ହେବାରେ ଲାଗିଛି। ଶୁକ୍ରବାର ଦ୍ୱିତୀୟ ଦିନରେ ମଧ ଦାରିଙ୍ଗବାଡ଼ିର ବିଭିନ୍ନ ସ୍ଥାନରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି। ବିଶେଷ କରି କଫିବଗିଚା, କଲେଜ ପଡ଼ିଆ, ପେଟ୍ରୋଲଟାଙ୍କି ସାହି, ବଡ଼ିପଦର, ଶ୍ରୀପଙ୍କା, ସମେତ ସିମନବାଡ଼ି, ଶ୍ରାନିକେତା, କିରିକୁଟି, ତିଲୋରୀ, ବାଡ଼ାବାଙ୍ଗା, ଦାସିଙ୍ଗବାଡ଼ି, ସୋନପୁର, ସିଆଙ୍ଗବାଲି, ଭ୍ରମରବାଡ଼ି ପଞ୍ଚାୟତ ଆଦି ଅଞ୍ଚଳରେ ମଧ ତୁଷାରପାତ ହୋଇଛି। ଦାରିଙ୍ଗବାଡ଼ିବାସୀଙ୍କ ପାଇଁ ଅସମ୍ଭାଳ ହେବାରେ ଲାଗିଛି। ସନ୍ଧ୍ୟା ନଇଁ ଆସିବା ପରଠାରୁ ପରଦିନ ସକାଳ ୧୦ଟା ପର୍ଯ୍ୟନ୍ତ ଅସହ୍ୟ ଜାଡ଼ ଅସ୍ତବ୍ୟସ୍ତ କରିପକାଉଛି। ଶ୍ରମିକ ହୁଅନ୍ତୁ କି ସରକାରୀ ଓ ବେସରକାରୀ କର୍ମଚାରି ସଠିକ ସମୟରେ ନିଜ କାମଧନ୍ଦା ପାଇଁ ପହଞ୍ଚିବା ମୁସ୍କିଲ ହୋଇପଡ଼ିଛି। ସନ୍ଧ୍ୟା ହେବାକ୍ଷଣି ରାସ୍ତାଘାଟ, ବଜାର ଜନ ଶୂନ୍ୟ ହୋଇପଡୁ ଥିବାବେଳେ ଗାଁ ଦାଣ୍ଡ ଖାଁ ଖାଁ ଲାଗୁଛି। ତେବେ ଦୈନିକ ହଜାର ସଂଖ୍ୟାରେ ପର୍ଯ୍ୟଟକ ଶୀତର ମଜା ନେବାକୁ ଦାରିଙ୍ଗବାଡିରେ ଭିଡ଼ ଜମାଉଛନ୍ତି। ଆଗକୁ ରବିବାର ପର୍ଯ୍ୟନ୍ତ ସମସ୍ତ ହୋଟେଲ, ଲଡଜ ଗୁଡିକ ବୁକିଂ ସରିଗଲାଣି ବୋଲି ହୋଟେଲ ସଙ୍ଘର ସଭାପତି ଗିରିଶ ଚନ୍ଦ୍ର ସାହୁ କହିଛନ୍ତି।

# କପିଳେଶ୍ୱର ମନ୍ଦିର ପାର୍ଶ୍ୱ ନଦୀ ହିଡ଼ରେ ହେବ ଶ୍ମଶାନଘାଟ

ପୁରୁଷୋତ୍ତମପୁର,୧୨।୧୨(ସବିତା ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁରରେ ମୃତଦେହ ଦାହ କରିବା ଓ କ୍ରିୟାକ୍ରମ କରିବା ଲାଗି ୱାର୍ଡନଂ ୭,୮,୯,୧୦,୧୧ର ବାସିନ୍ଦାମାନେ ନାହିଁ ନ ଥିବା ହଇରାଣ ହେଉଥିଲେ। କପିଳେଶ୍ୱର ମନ୍ଦିର ସମ୍ମୁଖ ତୋରାବଣ ଋଷିକୁଲ୍ୟା ନଦୀ ପଠାରେ ନିର୍ମିତ ମୃତଦେହ ଦାହ ଗୃହକୁ କେତେ ଜଣ ବ୍ୟକ୍ତି ଜବରଦଖଲ କରି ରଖିଥିବାରୁ ସେମାନେ ମୃତଦେହକୁ ଦାହ ପାଇଁ କାନ୍ଧେଇ ବହୁଦୂରରେ ଥିବା କନକା ଓ କୁମାରୀ ମୌଜା ଶ୍ମଶାନଘାଟକୁ ନେଉଛନ୍ତି। ଏ ନେଇ ଧରିତ୍ରୀରେ ଏକ ଖବର ମଙ୍ଗଳବାର ପ୍ରକାଶ ପାଇବା ପରେ ପ୍ରସାଶନ ତତ୍ପରତା ପ୍ରକାଶ କରିଛି। ଶୁକ୍ରବାର ତହସିଲଦାର ବିନୋଦ ବେହେରା,ଏନଏସି ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀ, ଅଧକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ଜନପ୍ରତିନିଧି ବିଷ୍ଣୁ ମହାପାତ୍ର, ଯନ୍ତ୍ରୀ ରାମଚନ୍ଦ୍ର ପେଙ୍ଗୁଆ, ଆରଆଇ ଏ.ଶ୍ରୀକାନ୍ତ ଦୋରା ସେଠାରେ ପହଞ୍ଚି ଜବରଦଖଲରେ ରହିଥିବା ଶ୍ମଶାନ ଗୃହକୁ ଦେଖିବା ସହ ଖୋଲା ଆକାଶତଳେ ଗଛମୂଳେ ଅସୁରକ୍ଷିତ ସ୍ଥାନରେ ଲୋକେ କ୍ରିୟାକର୍ମ କରୁଥିବା ଦେଖି ଚିନ୍ତା ପ୍ରକଟ କରିଥିଲେ। ଏହି ସମସ୍ୟା କିପରି ଶୀଘ୍ର ସମାଧାନ ହୋଇପାରିବ ସେନେଇ ଉପସ୍ଥିତ ଜନସାଧାରଣ ଓ ସାମାଜିକକର୍ମୀଙ୍କ ସହ ଆଲୋଚନା କରି କପିଳେଶ୍ୱର ମନ୍ଦିର ପାର୍ଶ୍ୱ ନଦୀ ହିଡରେ ଏକ ନୂତନ ଶ୍ମଶାନଘାଟ ସହ କ୍ରିୟାକର୍ମ ଗୃହ, ମୃତବ୍ୟକ୍ତିଙ୍କ ଅସ୍ଥି ରହିବା ସ୍ଥାନ ଯୁଦ୍ଧକାଳିନ ଭିତ୍ତିରେ ନିର୍ମାଣ କରବାକୁ ଜିଲାପାଳଙ୍କୁ ଜଣାଇବାକୁ ନିଷ୍ପତ୍ତି ନେଇଥିଲେ।



ତହସିଲଦାର,ନିର୍ବାହୀ ଅଧିକାରୀ, ଅଧକ୍ଷ ଶ୍ମଶାନସ୍ଥଳ ପରିଦର୍ଶନ କରୁଛନ୍ତି।

# ନୟାଗଡ଼ ଜିଲା ମହୋତ୍ସବର ସ୍ୱତନ୍ତ୍ର ନାମକରଣ ପାଇଁ ଦାବି

ନୟାଗଡ଼,୧୨।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମହୋତ୍ସବର ସ୍ୱତନ୍ତ୍ର ନାମକରଣ ପାଇଁ ଦାବି ଉଠିଛି। ଏନେଇ ଜିଲା କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ବାଚସ୍ପତି ସୁରମା ପାଢ଼ୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟର ବହୁ ଜିଲାରେ ମହୋତ୍ସବଗୁଡିକର ସ୍ୱତନ୍ତ୍ର ନାମକରଣ କରାଯାଇ ତା'ର ନିଜସ୍ୱ ପରିଚୟ ପାଉଥିବା ବେଳେ ନୟାଗଡ଼ ଜିଲାରେ ବିଗତ ୩୦ ବର୍ଷ ଧରି ମହୋତ୍ସବ ହୋଇ ଆସୁଥିଲେ ମଧ ସ୍ୱତନ୍ତ୍ର ନାମକରଣ କରାଯାଉନି। ସ୍ୱତନ୍ତ୍ର ନାମକରଣ ସମ୍ପର୍କରେ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଥିଲେ ମଧ ଅଣଦେଖା କରାଯାଉଛି। ଏନେଇ ରଣଜିତ ବାଚସ୍ପତିଙ୍କ ଅଫିସିଆଲ ଟୁଇଟର ହାଣ୍ଡେଲ 'X'ରେ ଚିଠି ମାଧ୍ୟମରେ ପ୍ରସ୍ତାବ ଦେଇଛନ୍ତି। ଚିଠିର ନକଲ ମଧ ନୟାଗଡ଼ ଜିଲାପାଳଙ୍କ ଟୁଇଟର ହାଣ୍ଡେଲରେ ଅପ୍‌ଲୋଡ଼ କରିଛନ୍ତି।

# କଳାମୁଗୁନି ପଥର ବୋଝେଇ ଟ୍ରାକ୍ଟର ଜବତ

ନୟାଗଡ,୧୨।୧୨(ଲୋକନାଥ ମିଶ୍ର)

ବେଆଇନ ଭାବେ କଳାମୁଗୁନି ପଥର ଚାଲାଣ ହେଉଥିବା ବେଳେ ଟ୍ରାକ୍ଟରକୁ ଇଟାମାଟି ଥାନା ପୋଲିସ ଜବତ କରିଛି। ଏହି ଘଟଣାରେ ମାଲିକ ବଳିଆଙ୍କ ସମେତ ଡ୍ରାଇଭର, କେତେକ ଲୋକଙ୍କ ନାଁରେ ନଂ.୪୩୨/୨୫ରେ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ନୟାଗଡ ତହସିଲ ନୟାଗଡ ଟାଉନ ଥାନା ଅନ୍ତର୍ଗତ ବୃନ୍ଦାବନପୁର ମୁଣ୍ଡିଆ ନିଲାମ ହୋଇ ନାହିଁ। ତେବେ ଏଠାରେ ବେଆଇନ ଖଣି ଖନନ କରାଯାଇ ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ ହୋଇ ଆସୁଛି। ଓଡି୨୫ପି ୧୬୪୩ ନଂ ଟ୍ରାକ୍ଟରରେ କଳାମୁଗୁନି ପଥର ଚାଲାଣ ହେଉଥିବାବେଳେ ପୋଲିସ ଏହାକୁ ଜବତ କରିଥିଲା। ଏହି ଘଟଣାରେ ଡ୍ରାଇଭରଙ୍କୁ ଥାନାରୁ ବେଲ ଦିଆଯାଇଛି।

# ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ

ଛତ୍ରପୁର,୧୨।୧୨(ଦିଲୀପ ସାମଲ)

ଚମାଖଣ୍ଡି ଛକରେ ଶୁକ୍ରବାର କୌଣସି ଏକ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚମାଖଣ୍ଡି ଅଞ୍ଚଳର ପ୍ରହଲ୍ଲାଦ ନାୟକ (୬୦)। ପ୍ରହଲ୍ଲାଦ ତାଙ୍କ ସ୍ତ୍ରୀଙ୍କ ସହିତ କାଳିଆବାଲିରୁ ନିଜ ଘରକୁ ଚାଲି ଚାଲି ଯାଉଥିଲେ। ଚମାଖଣ୍ଡି ଛକରେ ପଛରୁ ଏକ ଗାଡି ଧକ୍କା ଦେଇ ପଳାଇବାରୁ ପ୍ରହଲ୍ଲାଦ ଗୁରୁତର ଆହତ ହୋଇଥିଲେ। ଚମାଖଣ୍ଡି ପୋଲିସ ପହଞ୍ଚି ତାଙ୍କୁ ପ୍ରଥମେ ଛତ୍ରପୁର ଓ ପରେ ବ୍ରହ୍ମପୁର ବଡ ମେଡ଼ିକାଲକୁ ପଠାଇଥିଲା। ସେଠାରେ ପ୍ରହଲ୍ଲାଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଚମାଖଣ୍ଡିଥାନାରେ ନଂ.୫୫୮/୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି କହିଛନ୍ତି।

# ମଣ୍ଡଳସ୍ତରୀୟ କୁଇଜ୍ ପ୍ରତିଯୋଗିତା

ଗଣିଆ,୧୨।୧୨ (ସନ୍ତୋଷ କୁମାର ପ୍ରଧାନ)

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ଗଣିଆ ପିଏମ୍ ଶ୍ରୀ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ମଣ୍ଡଳସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଜୁନିଅର୍, ସବ୍ ଜୁନିଅର୍ ଓ ସିନିଅର୍ ତିନୋଟି ଦଳରେ ବିଭକ୍ତ କରାଯାଇଥିଲା। ଜୁନିଅର୍ ଦଳରେ ୪୦, ସବ୍ ଜୁନିଅର୍ ଦଳରେ ୪୫ ଓ ସିନିଅର ଦଳରେ ୪୩ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସବ୍ ଜୁନିଅର ଦଳରେ ରାଉତପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆରାଧ୍ୟା ଦେବୀ, ଜୁନିଅର୍ ଦଳରେ ଛାମୁଣ୍ଡିଆ କୁଞ୍ଜ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଚିତ୍ତ୍ରାନନ୍ଦ ରଣା ଓ ସିନଅର୍ ଦଳରେ କିଶୋର ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ଅରୁଣ ମହାଳିକ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଗଣିଆ ମଣ୍ଡଳ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ରାଉତରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଗଣିଆ ବ୍ଲକ ଅଧକ୍ଷା ଝୁନା ଜେନା ଓ ମୁଖ୍ୟ ବକ୍ତା ଏବିଇଓ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜିକା ବିନୋଦିନୀ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଏବିଇଓ ନିରୁପମା ମହାପାତ୍ର, ପିଏମ୍‌ଶ୍ରୀ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନୀହାରବାଳା ରାଉତ, ଗଣିଆ ସରପଞ୍ଚ ଗିରିଧାରୀ ସେଠୀ ଓ ସମିତିସଭ୍ୟ ଫକୀର ମୋହନ ଡାକୁଆ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏଥିସହିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ସିଆରସିସି ସହଯୋଗ କରିଥିଲେ।



ଅତିଥିଙ୍କ ସହ ପୁରସ୍କୃତ ପ୍ରତିଯୋଗୀ।

# ସାତକୋଶିଆକୁ ଆସିଲେନି ଇଣ୍ଡିଆନ ସ୍କିମର ପକ୍ଷୀ

ଗଣିଆ, ୧୨।୧୨
(ସନ୍ତୋଷ କୁମାର ପ୍ରଧାନ)

ପ୍ରତିବର୍ଷ ଶୀତଋତୁ ଆସିଲେ ନଭେମ୍ବର ଆରମ୍ଭରୁ ମହାନଦୀର ସାତକୋଶିଆ ଗଣ୍ଡକୁ ବିଭିନ୍ନ ପ୍ରଜାତିର ବିଦେଶାଗତ ପକ୍ଷୀ ଆସିଥାନ୍ତି। ଏହି ବିଦେଶାଗତ ପକ୍ଷୀମାନଙ୍କ ମଧ୍ୟରେ ଇଣ୍ଡିଆନ ସ୍କିମର ଅନ୍ୟତମ। କିନ୍ତୁ ଚଳିତ ବର୍ଷ ଡିସେମ୍ବର ଅଧା ସମୟ ଅତିକ୍ରାନ୍ତ ହେଲାଣି ହେଲେ ଏହି ବିଦେଶାଗତ ପକ୍ଷୀଙ୍କୁ ଦେଖିବାକୁ ମିଳିନି। ଚଳିତ ବର୍ଷ ଶୀତ ବିଳମ୍ବରେ ଆସିବାରୁ ଏହି ପକ୍ଷୀଗୁଡିକ ଆସିନଥିବା କେତେକ ପ୍ରକୃତିପ୍ରେମୀ କହୁଥିବା ବେଳେ ପକ୍ଷୀମାନଙ୍କ ବିଚରଣସ୍ଥଳୀରେ ବିଶୃଙ୍ଖଳା ହେତୁ ଏଠାରୁ ମୁହଁ ଫେରାଉଥିବା ଆଉ କେତେକ ପରିବେଶବିତ୍ ମତ ଦେଉଛନ୍ତି।

ପ୍ରକାଶଯେ, ବିଦେଶାଗତ ଇଣ୍ଡିଆନ ସ୍କିମର ପକ୍ଷୀ ସାଇବେରିଆ ଓ ଲଦାଖ ଅଞ୍ଚଳରୁ ଆସିଥାନ୍ତି। ଓଡ଼ିଶାର ସାତକୋଶିଆ ଗଣ୍ଡର ଟିକରପଡ଼ା, ସୁନାଖଣିଆ ଓ ବଡ଼ମୂଳ, କଟକ ଜିଲାର ମୁଣ୍ଡୁଳି ଅଞ୍ଚଳରେ ଏହି ବିଦେଶାଗତ ପକ୍ଷୀ ଗଣନା ବେଳେ ଦେଖିବାକୁ ମିଳିଥାନ୍ତି। ଇଣ୍ଡିଆନ ସ୍କିମର ପକ୍ଷୀ ଦେଖିବାକୁ ଅତ୍ୟନ୍ତ ସୁନ୍ଦର। ନାରଙ୍ଗୀ ରଙ୍ଗର ଥଣ୍ଟ ସହ ଧଳା ଓ ଧୂସରିଆ ମିଶ୍ରିତ ଶରୀର। ମହାନଦୀର ବାଲୁକା ପଠାରେ ଦଳ ଦଳ ହୋଇ ବିଚରଣ କରୁଥିବା ବେଳେ କିଚିରିମିଚିରି କଳରବ ପର୍ଯ୍ୟଟକମାନଙ୍କ ମନମୁଗ୍ଧ କରିଥାଏ। ସାତକୋଶିଆ ଗଣ୍ଡରେ ପର୍ଯ୍ୟଟକମାନେ ନୌକା ବିହାର କରୁଥିବାବେଳେ ପକ୍ଷୀମାନଙ୍କର ଫଟୋ ଉଠାଇବା ସହ ମଜା ନେଇଥାନ୍ତି। ଏହି ବିଦେଶାଗତ ପକ୍ଷୀମାନେ ପ୍ରତି ବର୍ଷ ସାତକୋଶିଆ ଗଣ୍ଡକୁ ପୁନର୍ବାର ଆସୁଛନ୍ତି କି ନାହିଁ ଜାଣିବା ପାଇଁ ୨୦୧୪ରେ ନୟାଗଡ଼ ବନ୍ୟପ୍ରାଣୀ ବିଭାଗ ଦ୍ୱାରା ବାର୍ଡ ରିଙ୍ଗିଙ୍ଗ କରାଯାଇଥିଲା। ପକ୍ଷୀମାନଙ୍କ ଗୋଡ଼ରେ ନମ୍ବରିଂ କରି ଚିହ୍ନିତ କରାଯାଇଥିଲା। ଚିହ୍ନିତ କରାଯାଇଥିବା କେତେକ ପକ୍ଷୀ ସାତକୋଶିଆକୁ ପୁନର୍ବାର ଆସି ଫେରି ଯାଇଥିଲେ। ଏହି ପକ୍ଷୀମାନେ ଜନଶୂନ୍ୟ ନିରାପଦ ଅଞ୍ଚଳରେ ରହିବାକୁ ପସନ୍ଦ କରନ୍ତି। ବାସସ୍ଥଳୀରେ ବିଶୃଙ୍ଖଳା ସୃଷ୍ଟି ହେଲେ ଆଉ ସେ ସ୍ଥାନକୁ ଆସନ୍ତି ନାହିଁ। ତେବେ ସାତକୋଶିଆ ଗଣ୍ଡରେ ଅବାଧ ପ୍ରବେଶ କରି ମାଛ ଧରିବା ଓ ଲୋକଙ୍କର ଚଳ ପ୍ରଚଳ ହେତୁ ଏହି ପକ୍ଷୀମାନେ ସାତକୋଶିଆରୁ ମୁହଁ ଫେରାଉଥିବା କେତେକ ପରିବେଶବିତ୍ ମତ ଦେଇଛନ୍ତି।

ଏ ସମ୍ପର୍କରେ ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କୁ ପଚାରିବାରୁ ବିଳମ୍ବରେ ଶୀତ ଆସିବାରୁ ପକ୍ଷୀମାନଙ୍କ ଆସିବାରେ ଡେରି ହୋଇଛି। ସ୍କିମର ପକ୍ଷୀ ମୁଣ୍ଡୁଳିରେ ଥାଇପାରନ୍ତି ବୋଲି ସେ କହିଛନ୍ତି।



ଇଣ୍ଡିଆନ୍ ସ୍କିମର ପକ୍ଷୀ।

# ସ୍ୱର୍ଣ୍ଣଯୁଗ ପ୍ରବର୍ତ୍ତକ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ

**ରୀତା ସ୍ୱାଇଁ**

ଶ୍ରୀରାମଚନ୍ଦ୍ର ଭଞ୍ଜ ଜଣେ ସାହିତ୍ୟିକ, ସଂସ୍କାରକ, ସ୍ୱଦେଶବତ୍ସଳ, ଈଶ୍ୱରବିଶ୍ୱାସୀ, ଜାତୀୟତାବାଦୀ ଜନନାୟକ ଥିଲେ। ସେ 'ଉତ୍କଳପ୍ରଭା'ରେ Novice ଛଦ୍ମନାମରେ ଲେଖୁଥିଲେ। ସେ ବାରିପଦାରେ ଏକ ଛାପାଖାନା ପ୍ରତିଷ୍ଠା କରିବା ସହ ୧୯୦୪ ବେଳକୁ 'ମନୋରମା' ନାମରେ ଏକ ସାହିତ୍ୟ ଏବଂ ସଂସ୍କାରମୂଳକ ପତ୍ରିକା ପ୍ରକାଶ କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ। ଉତ୍ତର ଓଡ଼ିଶାରେ ବଙ୍ଗଳା ଭାଷାର ଚକ୍ରାନ୍ତକୁ ପଣ୍ଡ କରି ଏହି ପତ୍ରିକାଗୁଡ଼ିକ ଓଡ଼ିଆ ଭାଷାର ସ୍ଥିତି ଓ ପ୍ରସାରକୁ ସୁଦୃଢ଼ କରିଥିଲା।



[୧୮୭୦ – ୧୯୧୨]

**ଅବଲୋକନ**

ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ବିଭୂତି। ୧୮୭୦ ଡିସେମ୍ବର ୧୭ରେ ମୟୂରଭଞ୍ଜ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଔରସରୁ ସେ ଜନ୍ମଗ୍ରହଣ କରିଥିଲେ। ୧୮୯୬ରେ ଛୋଟନାଗପୁର ମହାରାଜା ନୀଳମଣି ସିଂହଙ୍କ ନାତୁଣୀ ଲକ୍ଷ୍ମୀକୁମାରୀଙ୍କୁ ବିବାହ କରିଥିଲେ। ମହାରାଣୀ ଗୋଟିଏ କନ୍ୟା ଓ ଦୁଇଟି ପୁତ୍ରସନ୍ତାନ ଜନ୍ମଦେଇ ୧୯୦୨ ମାର୍ଚ୍ଚ ୬ରେ ବସନ୍ତ ରୋଗରେ ମୃତ୍ୟୁବରଣ କରିଥିଲେ। ରାଣୀଙ୍କ ସ୍ମୃତିରେ ୧୯୦୬ରେ ବାରିପଦାରେ 'ଲକ୍ଷ୍ମୀକୁମାରୀ ଧର୍ମଶାଳା' ପ୍ରତିଷ୍ଠା ଓ 'ରାଣୀବାଗ' ନାମକ ଏକ ଉଦ୍ୟାନରେ ମହାରାଣୀଙ୍କର ନାମକୁ ଶଙ୍ଖମର୍ମର ପଥରରେ ଖୋଦିତ କରିଥିଲେ। ପରେ ବଙ୍ଗର ସମାଜ ସଂସ୍କାରକ ଓ ବ୍ରାହ୍ମଧର୍ମର ପ୍ରଚାରକ କେଶବ ଚନ୍ଦ୍ର ସେନଙ୍କ ତୃତୀୟା କନ୍ୟା ସୁଚାରୁଦେବୀଙ୍କ ସହ ୧୯୦୪ରେ ତାଙ୍କର ଦ୍ୱିତୀୟ ବିବାହ ହୋଇଥିଲା। ସୁଚାରୁଦେବୀଙ୍କ ଗର୍ଭରୁ ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟାସନ୍ତାନ ଜନ୍ମ ହୋଇଥିଲେ। ୧୮୮୨ରେ ପିତୃମାତୃଙ୍କର ବିୟୋଗ ସହ ୧୯୦୬ ଏପ୍ରିଲ ୯ରେ ଅଲିଅଳ କନ୍ୟା ଶ୍ରୀପଦମଞ୍ଜରୀଙ୍କ ଦେହାନ୍ତ ହୋଇଥିଲା। କନ୍ୟାର ସ୍ମୃତିରକ୍ଷା ପାଇଁ ବାରିପଦା ସହର ଉପକଣ୍ଠରେ ମୁର୍ଗାବାଡ଼ି ନିକଟରେ ସେ ଏକ କୁଷ୍ଠାଶ୍ରମ ନିର୍ମାଣ କରିଥିଲେ।

୧୮୮୮ ମସିହାରେ ସେ କଟକ ରେଭେନ୍ସା କଲେଜିଏଟ୍ ସ୍କୁଲରୁ ଏଣ୍ଟ୍ରାନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସେହି କଲେଜରେ ଏଫ୍.ଏ. ପଢ଼ି ପାସ୍ କରିଥିଲେ। ବି.ଏ. ପଢ଼ିବା ପୂର୍ବରୁ ସାବାଳକ ହେବା ଯୋଗୁଁ କୋର୍ଟ ଅଫ୍ ୱାର୍ଡ୍ସ ଅଧୀନରେ ଥିବାରୁ ରାଜ୍ୟଶାସନ ପରିଚାଳନା ପାଇଁ ସେ ନିଜ ରାଜ୍ୟକୁ ଚାଲିଆସିଥିଲେ। ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଓ କିଡ୍ଡେଲ ସାହେବଙ୍କୁ ଗୃହ ଶିକ୍ଷକରୂପେ ନିଯୁକ୍ତ କରି ଅଧ୍ୟୟନ କରିଥିଲେ। ୧୮୯୨ ମସିହା ଅଗଷ୍ଟ ୧୫ ତାରିଖରେ ସେ ମୟୂରଭଞ୍ଜ ସିଂହାସନ ଆରୋହଣ କରିଥିଲେ।

ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୃଷ୍ଠପୋଷକତାରେ ୧୮୯୧ ଏପ୍ରିଲ୍ ମାସରୁ 'ଉତ୍କଳପ୍ରଭା' ପତ୍ରିକା ବାରିପଦାରୁ ପ୍ରକାଶ ପାଇଥିଲା। ଚୈତନ୍ୟ ପ୍ରସାଦ ରାୟ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ରାଜେଶ୍ୱର ମହାପାତ୍ର ପ୍ରମୁଖ ଏହାର ସମ୍ପାଦନା ଦାୟିତ୍ୱ ଗ୍ରହଣ କରିଥିଲେ। ଗୋବିନ୍ଦ ଚନ୍ଦ୍ର ମହାପାତ୍ରଙ୍କର ମହାଭାରତ ଅନୁବାଦ ଧାରାବାହିକ ଭାବେ ଏଥିରେ ସ୍ଥାନିତ ହୋଇଥିଲା। ଓଡ଼ିଶାର ପ୍ରଥମ ପତ୍ରିକା ଭାବେ ଏହା ସୃଜନାତ୍ମକ ଓ ସମାଲୋଚନାମୂଳକ ଲେଖାଗୁଡ଼ିକୁ ପୁରସ୍କୃତ କରୁଥିଲା। ପୁରସ୍କାର ଦେବାର ଏହି ନୂଆ ପରମ୍ପରା ଓଡ଼ିଆ ଲେଖକମାନଙ୍କୁ ଅନୁପ୍ରାଣିତ କରିଥିଲା। ରାଧାନାଥ ରାୟଙ୍କ ଚିଲିକା, ମହାଯାତ୍ରା, ଯଯାତିକେଶରୀ, ମଧୁସୂଦନ ରାଓଙ୍କ ଋଷିପ୍ରାଣେ ଦେବାବତରଣ, ଗଙ୍ଗାଧର ମେହେରଙ୍କ ଇନ୍ଦୁମତୀ, ଗୋବିନ୍ଦ ଚନ୍ଦ୍ର ମହାପାତ୍ରଙ୍କ ହିମାଚଳ ସହିତ ଫକୀରମୋହନ ସେନାପତି, ଚନ୍ଦ୍ରମୋହନ ମହାରଣା, ରାମକୃଷ୍ଣ ସାହୁ ପ୍ରମୁଖ 'ଉତ୍କଳପ୍ରଭା' ଦ୍ୱାରା ପୁରସ୍କୃତ ହୋଇଥିଲେ। ରାମଶଙ୍କର ରାୟଙ୍କର 'ବିବାସିନୀ' ଉପନ୍ୟାସ ଧାରାବାହିକ ଭାବେ ଏଥିରେ ପ୍ରକାଶ ପାଇଥିଲା, ଯାହା ଥିଲା 'ପଦ୍ମମାଳୀ' ପରେ ଓଡ଼ିଶାର ଦ୍ୱିତୀୟ ଉପନ୍ୟାସ। ଲାଲା ରାମନାରାୟଣ ରାୟଙ୍କ ଯୁଗାନ୍ତକାରୀ ପ୍ରବନ୍ଧ 'କବି ଉପେନ୍ଦ୍ର ଭଞ୍ଜ' ଏଥିରେ ଧାରାବାହିକ ପ୍ରକାଶ ଲଭି ବିଜୁଳି-ଇନ୍ଦ୍ରଧନୁ ସାରସ୍ୱତ କଳହକୁ ଜନ୍ମ ଦେଇଥିଲା। ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ଦିଗରେ ଏହି ପତ୍ରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ସମକାଳରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ନଥିଲା। ସମ୍ବଲପୁର ଅଞ୍ଚଳ ଥିଲା ମଧ୍ୟପ୍ରଦେଶ ଅଧୀନରେ, ଦକ୍ଷିଣାଞ୍ଚଳ ଥିଲା ମାନ୍ଦ୍ରାଜ ଅଧୀନରେ ଓ କଟକ, ପୁରୀ ଏବଂ ବାଲେଶ୍ୱର ଅଞ୍ଚଳ ଥିଲା ବଙ୍ଗଳା ଅଧୀନରେ। ଛିନ୍ନବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳକୁ ଏକତ୍ରିତ କରିବା ପାଇଁ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀ ଗଠିତ ହୋଇଥିଲା। ତାଙ୍କୁ ସହଯୋଗ କରିଥିଲେ ଓଡ଼ିଶାର ବୁଦ୍ଧିଜୀବୀ ଓ ରାଜନ୍ୟମଣ୍ଡଳୀ। ଏହି ସମ୍ମିଳନୀର ପ୍ରଥମ ଅଧିବେଶନ ୧୯୦୩ ଡିସେମ୍ବର ୩୦-୩୧ କଟକର ଇଦ୍‌ଗା ପଡ଼ିଆଠାରେ ଅନୁଷ୍ଠିତ ହୋଇଥିଲା। ଏହି ମହାନ୍ ଜାତୀୟ ଯଜ୍ଞରେ ପୌରୋହିତ୍ୟ କରିଥିଲେ ରାମଚନ୍ଦ୍ର ଭଞ୍ଜ। ସେ ସମସ୍ତ ଓଡ଼ିଆଭାଷୀଙ୍କୁ ଏକ ମନ ଓ ଏକ ପ୍ରାଣରେ ମାତୃସେବାରେ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ତାଙ୍କର ନେତୃତ୍ୱ ଯୋଗୁଁ ଗଡ଼ଜାତର ସମସ୍ତ ରାଜାଗଣ ଏହି ସମ୍ମିଳନୀକୁ ଆର୍ଥିକ ସାହାଯ୍ୟ କରିବା ଫଳରେ 'ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ' ସମ୍ଭବ ହୋଇପାରିଥିଲା। ସେ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲେ।

ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀରେ ମୁଗ୍ଧ ହୋଇ ସେ ୧୯୧୦ରେ ତାଙ୍କୁ ନିଜ ରାଜ୍ୟରେ ସରକାରୀ ଓକିଲ ପଦରେ ନିଯୁକ୍ତ କରିଥିଲେ।

ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ୧୯୦୬ ଡିସେମ୍ବରରେ ଅଲ୍‌ଇଣ୍ଡିଆ ଥେଇଷ୍ଟି କନ୍‌ଫରେନ୍ସ ରିସେପ୍‌ସନ୍ କମିଟିର ସଭାପତି ରୂପେ ନିର୍ବାଚିତ ହୋଇଥିଲେ। ୧୮୯୩ରେ 'ମୟୂରଭଞ୍ଜ ଷ୍ଟେଟ୍ କାଉନ୍‌ସିଲ', ୧୮୯୫ରେ ପେନ୍‌ସନ୍ ପ୍ରଥା ସୃଷ୍ଟି ଓ ୧୯୦୫ ଜୁନ୍ ୧ତାରିଖ ବାରିପଦା ପୌରପରିଷଦ ପ୍ରତିଷ୍ଠା କରିଥିଲେ। ମହାରାଜାଙ୍କ ନିମନ୍ତ୍ରଣ ରକ୍ଷାକରି ୧୯୦୪ ଡିସେମ୍ବର ୨ ତାରିଖରେ ବଙ୍ଗର ଛୋଟଲାଟ୍ ସାର୍ ଆଣ୍ଡ୍ରୁ ଫ୍ରେଜର ରୁପ୍‌ସା-ବାରିପଦା ରେଳପଥ ଉଦ୍‌ଘାଟନ ନିମନ୍ତେ ବାରିପଦା ଆସିଥିଲେ। ଉକ୍ତ ରେଳପଥ ଛଅଲକ୍ଷ ଟଙ୍କା ବ୍ୟୟରେ ୩୨ ମାଇଲ ଦୀର୍ଘବିଶିଷ୍ଟ ରାସ୍ତା ଥିଲା।

ମୟୂରଭଞ୍ଜକୁ ଏକ ଆଦର୍ଶ ରାଜ୍ୟ କରିବା ପାଇଁ ୧୯୧୦ରେ ଚାଇନା, ଜାପାନ, ଆମେରିକା ଓ ଇଂଲଣ୍ଡ ଆଦି ବହୁ ଦେଶ ଭ୍ରମଣ କରି ଅର୍ଜନ କରିଥିବା ଜ୍ଞାନକୁ ନିଜ ରାଜ୍ୟରେ ବିନିଯୋଗ କରିଥିଲେ। ନିଜ ରାଜ୍ୟରେ ଗମନାଗମନ, କ୍ଷୁଦ୍ର ଜଳବିଦ୍ୟୁତ୍ ଭଣ୍ଡାର ପ୍ରତିଷ୍ଠା କରିବା ସହ କୁଟୀରଶିଳ୍ପର ଉନ୍ନତି ସାଧନ କରିଥିଲେ। ତାଙ୍କ ନାମରେ କଟକରେ ଶ୍ରୀରାମଚନ୍ଦ୍ର ଭେଷଜ ମହାବିଦ୍ୟାଳୟ ଏବଂ ଶ୍ରୀରାମଚନ୍ଦ୍ର ଭବନ ପ୍ରତିଷ୍ଠା ହୋଇଥିଲା। ତାଙ୍କ ରାଜତ୍ୱ କାଳରେ ମୟୂରଭଞ୍ଜ ରାଜ୍ୟ ଥିଲା ଓଡ଼ିଶାର ୨୬ଟି ଗଡ଼ଜାତ ରାଜ୍ୟମାନଙ୍କ ମଧ୍ୟରେ ସର୍ବବୃହତ ଏବଂ ପ୍ରାଥମିକ ବିଦ୍ୟାଳୟ ୪୪ରୁ ୪୩୧କୁ ଓ ମଧ୍ୟଇଂରାଜୀ ବିଦ୍ୟାଳୟ ୧ରୁ ୬କୁ ବୃଦ୍ଧି ପାଇଥିଲା। ସେ ବାରିପଦାରେ ଭିକ୍ଟୋରିଆ ଡାଇମଣ୍ଡ ଜୁବିଲି ଲାଇବ୍ରେରୀ ପ୍ରତିଷ୍ଠା କରିଥିଲେ, ଯାହା ବର୍ତ୍ତମାନ ରାମଚନ୍ଦ୍ର ଭଞ୍ଜ ପାଠାଗାର ନାମରେ ପରିଚିତ। ୧୯୧୨ ଜାନୁଆରୀ ୩୧ ତାରିଖରେ ଶିକାରରେ ଆକସ୍ମିକ ଗୁଳିବିଦ୍ଧ ହୋଇ ଫେବୃଆରୀ ୨୨ ତାରିଖରେ ଏହି ରାଜର୍ଷି ମହାରାଜାଙ୍କ ଦେହାନ୍ତ ହୋଇଥିଲା।

ସ୍ୱର୍ଣ୍ଣଯୁଗପ୍ରବର୍ତ୍ତକରାଜର୍ଷିଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଓଡ଼ିଶାର ଏକ କୀର୍ତ୍ତିସ୍ତମ୍ଭ।

ମୋ: ୮୯୧୭୬୯୦୮୪୯

## ପୁସ୍ତକ ପରିଚୟ

### ବାଟଲ୍‌ଫିଲ୍ଡ ଟୁ ବୋର୍ଡରୁମ୍




**ଲେଖକ:** ଡ. ସ୍ମୃତି ରଂଜନ ନାୟକ
**ପ୍ରକାଶକ:** ନୋସନ୍ ପ୍ରେସ୍.କମ୍.ଇଣ୍ଡିଆ
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୬୫୩/-

"Battlefield to Boardroom" ଏକ ଭିନ୍ନ କିସମର ବହି, ଯହିଁରେ ଶ୍ରୀମଦ୍ ଭଗବଦ୍ ଗୀତାରୁ ସୂତ୍ର ଆଣି କର୍ପୋରେଟ୍ ଜଗତର ପରିଚାଳନାରେ ତା'ର ଉପଯୋଗିତାର ଅବକାଶ ସନ୍ଧାନ କରାଯାଇଛି ଓ ସମାନ୍ତରାଳ ପ୍ରୟୋଗର ଦିଶା ଦର୍ଶନ ତଥ୍ୟନିଷ୍ଠ ଭାବେ ଉପସ୍ଥାପନ କରାଯାଇଛି। କୁରୁକ୍ଷେତ୍ର ଯୁଦ୍ଧରେ ବିପକ୍ଷ ଯୋଦ୍ଧାଙ୍କ ମଧ୍ୟରେ ଆତ୍ମୀୟ ସ୍ୱଜନଙ୍କୁ ଦେଖି ମୁହ୍ୟମାନ ହୋଇପଡ଼ିଥିବା ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ଦ୍ୱିଧାମୁକ୍ତ କରିବା ପାଇଁ ଯେଉଁ ଉଦ୍‌ବୋଧନ ଦେଇଛନ୍ତି, ତାହା ୧୮ ଅଧ୍ୟାୟ ବିଶିଷ୍ଟ ଗୀତାରେ ୭୦୦ ଶ୍ଳୋକରେ ବିବୃତ ହୋଇଛି; ଯାହାର ପରିଣତିରେ ମୋହାଚ୍ଛନ୍ନ, କିଂକର୍ତ୍ତବ୍ୟବିମୂଢ଼ ଅର୍ଜୁନ ମୋହମୁକ୍ତ ହୋଇ ଯୁଦ୍ଧରେ ଅସ୍ତ୍ର ଧରିଛନ୍ତି। କର୍ପୋରେଟ୍ ଶାସନ ପରିଚାଳନା କ୍ଷେତ୍ରରେ ସମଷ୍ଟିରେ ନେତୃତ୍ୱ ଦେଉଥିବା ଅଧିକାରୀ ଓ କର୍ମଚାରୀମାନେ କିପରି ଗୀତାପ୍ରଦତ୍ତ ଜ୍ଞାନର ଯଥାର୍ଥ ବିନିଯୋଗ କରି ସ୍ୱକର୍ତ୍ତବ୍ୟ ନିର୍ଭୟ ଓ ନିରହଂକାର ଭାବେ ତୁଲାଇ କର୍ମଦୀପ୍ତ, ନୈତିକ ତଥା ଚାପହୀନ ଦାୟିତ୍ୱ ସଂପାଦନ କରିପାରିବେ, ଆଲୋଚ୍ୟ ଗ୍ରନ୍ଥରେ ତା'ର ମାର୍ଗ ନିରୂପଣ କରାଯାଇଛି। ନାନା ଆହ୍ୱାନରେ ପରିପୂର୍ଣ୍ଣ କର୍ମଜୀବନ ଗୀତାଜ୍ଞାନର ଆଲୋକରେ କିପରି ଉତ୍ସାହପ୍ରଦ ଓ ଆନନ୍ଦଦାୟକ ହୋଇପାରିବ ପୁସ୍ତକର ଛ'ଟି ଯାକ ପରିଚ୍ଛେଦରେ ତା'ର ବୁଦ୍ଧିଦୀପ୍ତ ବିଶ୍ଳେଷଣ ଲେଖକ ସଦୃଷ୍ଟାନ୍ତ କରିଛନ୍ତି। ପାଞ୍ଚହଜାର ବର୍ଷ ତଳେ ରଚିତ ଶ୍ରୀମଦ୍ ଭଗବଦ୍ ଗୀତା ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରରେ କିପରି ତା'ର ପ୍ରାସଙ୍ଗିକତା ଅବ୍ୟାହତ ରଖିଛି- ଏ ସମ୍ପର୍କରେ ଅବଗତ ହେବାକୁ ହେଲେ ଆଗ୍ରହୀ ବ୍ୟକ୍ତି ବା ଅନୁଷ୍ଠାନ ପାଇଁ ଏ ଗ୍ରନ୍ଥ ଯେ ଆଲୋକବର୍ତ୍ତିକା ସାବ୍ୟସ୍ତ ହେବ, ଏଥିରେ ସନ୍ଦେହ ନାହିଁ। ଷଷ୍ଠ ପରିଚ୍ଛେଦ ୨୩ତମ ଅଧ୍ୟାୟର ଉପସଂହାରରେ ଲେଖକ ଡ. ନାୟକ କହିଛନ୍ତି: "When ancient wisdom and modern strategy meet, leadership transcends success – it becomes a force of conscious evolution." ଆଧୁନିକ-ଜ୍ଞାନଗ୍ରନ୍ଥର ସାରଣୀରେ ଆଲୋଚ୍ୟ ପୁସ୍ତକଟି ଯେ ଏକ ବିରଳ ସଂଯୋଗ, ଏଥିରେ ସନ୍ଦେହ ନାହିଁ।

### ପ୍ରତିବେଶୀ




**ସଂପାଦକ:** ପୀତାମ୍ବର ବାରିକ
**ପ୍ରକାଶକ:** ଉତ୍କଳ ଶିକ୍ଷା ସଂସଦ, କଲକାତା
**ସାଇଜ୍:** ଡବଲ ଡିମାଇ, ପୃ:୪୨୦, **ମୂଲ୍ୟ:** ଟ.୨୦୦/-

ପରିଚ୍ଛନ୍ନ ମୁଦ୍ରଣ ପରିପାଟୀ, ଉନ୍ନତମାନର ଲେଖା ଓ ପ୍ରତୀକାତ୍ମକ ପ୍ରଚ୍ଛଦ ନେଇ ଆତ୍ମପ୍ରକାଶ କରିଛି 'ପ୍ରତିବେଶୀ'ର 'ଅକ୍ଟୋବର-ଡିସେମ୍ବର-୨୦୨୫ ବିଶେଷାଙ୍କ'। ସମ୍ପାଦକୀୟର ପ୍ରସଙ୍ଗ ଖୁବ୍ ସାମ୍ପ୍ରତିକ, ଯାହାର ଶୀର୍ଷକ ରହିଛି 'ଜେନ୍-ଜି ଓ ସାହିତ୍ୟ'। ଏଥିରେ ବର୍ତ୍ତମାନର ରାଜନୈତିକ ତଥା ସାମାଜିକ 'ଭିଡ଼ତନ୍ତ୍ର'ରେ ଦିଶାହରା ନ ହୋଇ ଏବର ଯୁବପିଢ଼ି ବଲମ ଛାଡ଼ି କଲମ ଧରନ୍ତୁ ବୋଲି ଆହ୍ୱାନ ଦିଆଯାଇଛି। ପତ୍ରିକାରେ ସ୍ଥାନିତ ପ୍ରବନ୍ଧ, ଗଳ୍ପ, କବିତା, ଫିଚର, ପ୍ରତିବେଶୀ ସାହିତ୍ୟ, ଅନୁବାଦ, ବ୍ୟଙ୍ଗ ଓ ପୁସ୍ତକ ସମୀକ୍ଷାରେ ବହୁ ପ୍ରବୀଣ ଓ ନବୀନ ଲେଖିକାଲେଖକଙ୍କ ସାରସ୍ୱତ ସ୍ୱାକ୍ଷର ରହିଛି, ଯାହା ପତ୍ରିକାଟିକୁ ରୁଚିରେ ଅଭିଜାତ ଓ ଯୁଗୋପଯୋଗୀ କରିଛି। ପ୍ରବନ୍ଧରେ ଦେବୀ ପ୍ରସନ୍ନ ପଟ୍ଟନାୟକ, ଶୈଳଜ ରବି, ଉଦୟନାଥ ସାହୁ, ଜ୍ଞାନୀ ଦେବାଶିଷ ମିଶ୍ର, ବୈଷ୍ଣବ ଚରଣ ମହାନ୍ତି ଓ କଇଳାଶ ପଟ୍ଟନାୟକ ପ୍ରମୁଖ ପତ୍ରସ୍ଥ ହୋଇଥିବା ବେଳେ ଗଳ୍ପରେ ପରିସରଭୁକ୍ତ ରାମଚନ୍ଦ୍ର ବେହେରା, ନାରୁ ମହାନ୍ତି, ଆଦିକନ୍ଦ ସାହୁ, ନୃସିଂହ ତ୍ରିପାଠୀ, ଅଧ୍ୟାପକ ବିଶ୍ୱରଂଜନ, ପରେଶ କୁମାର ପଟ୍ଟନାୟକ, ରବି ସ୍ୱାଇଁ, ରଜନୀକାନ୍ତ ମହାନ୍ତି ଓ ବିରଜା ରାଉତରାୟ ପ୍ରମୁଖ। ସତୁରିରୁ ଊର୍ଦ୍ଧ୍ୱ କବିତାରେ ନାଁ ଦରଜ କରିଛନ୍ତି ଶ୍ରୀନିବାସ ଉଦ୍‌ଗାତା, ଫନୀ ମହାନ୍ତି, ବଂଶୀଧର ଷଡ଼ଙ୍ଗୀ, ଅମରେନ୍ଦ୍ର ଖଟୁଆ, ହୃଷୀକେଶ ମଲ୍ଲିକ, ଆଶୁତୋଷ ପରିଡ଼ା, ଗିରିଜା କୁମାର ବଳିୟାରସିଂହ, ନୀଳାଦ୍ରିଭୂଷଣ ହରିଚନ୍ଦନ, ଅମରେଶ ପଟ୍ଟନାୟକ, ଭଗବାନ ଜୟସିଂହ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ତୁହିନାଂଶୁ ରଥ ଓ ରକ୍ଷକ ନାୟକ ପ୍ରମୁଖ। ଗଳ୍ପ ଓ କବିତାରେ ନାରୀସ୍ୱରକୁ ପୃଥକ୍ ଭାବେ ଉପସ୍ଥାପିତ କରାଯାଇଛି। 'କବିତା:ନାରୀସ୍ୱର'ରେ ୩୩ଜଣ ଓ 'ଗଳ୍ପ:ନାରୀସ୍ୱର'ରେ ୧୪ଜଣ ଲେଖିକା ଅବଦାନ ରଖିଛନ୍ତି।

## କବିତା

### ଅସମାହିତ

**ଉମା ଶଙ୍କର ପାଳ**

ମୋ' ଉଲଗ୍ନ ଆତ୍ମାକୁ
କିଏ ପଞ୍ଚଭୂତର ବଳ୍କଳ ଦେଲା
ଆଖି ମେଲିବା ପରେ,
ବିସ୍ମୟରେ ଶିହରିଉଠିଲି।

ସାମ୍ନାରେ ମୋ' ବିଶାଳ ପ୍ରକୃତି
ବିପୁଳ ଆକାଶ ଜଳଧି ଧରିତ୍ରୀ
ବଞ୍ଚିବାକୁ ଲୋଡ଼ିଲି ଖାଦ୍ୟ
ବାସ ନିମନ୍ତେ ପ୍ରସ୍ତର ସୁଡ଼ଙ୍ଗ
ସୁରକ୍ଷା ପାଇଁ ଲଢ଼ିବା ଶିଖିଲି
ନିରାପତ୍ତା ଲାଗି ସମାଜ ଗଢ଼ିଲି।

ନୂତନର ସନ୍ଧାନରେ ଲଂଘିଗଲି
କେତେ ଗିରି ଗହ୍ୱର, ବନକାନ୍ତାର
ଦଖଲ କରି ନୂତନ ଦିଗନ୍ତ
ଜାହିର୍ କଲି ମୋ' ଆଧିପତ୍ୟ
ଜୀବନକୁ କରିବାକୁ ସରସ ସୁନ୍ଦର
ଆବିଷ୍କାର କଲି କେତେ କଳ କୌଶଳ।

ସ୍ୱାର୍ଥ ପାଇଁ ତିଆରିଲି
ଗୋଷ୍ଠୀବାଦ, ଉଚ୍ଚନୀଚ ବିଭେଦ ପାଚେରି
ପଶାପାଲିରେ ଖେଳିଲି
ରାଜନୀତି, କୂଟନୀତି, ବିବିଧ ଚାତୁରୀ।

ଦିନେ ହଠାତ୍ କଲି ସ୍ୱଗତୋକ୍ତି
କିଏ ମୁଁ? କୁଆଡ଼େ ମୋ' ଗତି?
ଏଠାକୁ ମୁଁ ଆସିନାହିଁ ସ୍ୱଇଚ୍ଛାରେ
କହି ବି ପାରିବି ନାହିଁ, ଯାଉଛି କୁଆଡ଼େ?

ସେମାନଙ୍କୁ ପଚାରିଲି, କିଏ ତୁମେ?
କୁଆଡ଼େ ଯାଉଛ
ସେମାନେ କହି ବି ପାରିଲେ ନାହିଁ
ଯଦିଓ ସଭିଏଁ ଥିଲେ, ଚାଲିବାରେ ବ୍ୟସ୍ତ।

ଏତକ ବୁଝିଲି
ଆସିଛି ମାନେ, ଇଚ୍ଛା ହେଉ କି ଅନିଚ୍ଛା
ଆଉମାନଙ୍କ ପରି ମୋତେ ଚାଲିବାକୁ ହେବ
ସୀମିତ ସମୟର ପରିଧି ଭିତରେ
ଏକ ଅନିଶ୍ଚିତ ଯାତ୍ରା ପଥରେ।

କେତେ ଧର୍ମ, ଦର୍ଶନ, ତତ୍ତ୍ୱର ବିକାଶ ସତ୍ତ୍ୱେ
ତଥାପି ମୋ' ଅସ୍ତିତ୍ୱ ଓ ଉଦ୍ଦେଶ୍ୟର ପ୍ରଶ୍ନ
ଯୁଗ ଯୁଗ ଧରି ଅସମାହିତ।

– ଜାଗମରା, ଭୁବନେଶ୍ୱର
ମୋ: ୯୫୫୬୮୮୮୭୦୮

### ତୁମେ ଓ ମୁଁ

**ଦୀପ୍ତି ମିଶ୍ର**

ତୁମେ ଆକାଶ ହେଲେ
ସେଠି ଝଟକୁଥିବା ମୁଁ ରୁପା ଜହ୍ନଟିଏ...
ତୁମେ ବଇଁଶୀ ହେଲେ
ତହିଁରୁ ଝଙ୍କୃତ ମୁଁ ମଧୁର ସ୍ୱନଟିଏ....

ତୁମେ ନିଦାଘ ହେଲେ
ମୁଁ ତୁମ କପାଳେ ଶୀତଳ ଚନ୍ଦନ ଲେପଟିଏ...
ତୁମେ ବସନ୍ତ ହେଲେ
ମୁଁ ବାସ୍ନାଭରା ମଧୁ ମଳୟର ସ୍ପର୍ଶଟିଏ...

ତୁମେ ରାତ୍ରି ହେଲେ
ମୁଁ ତୁମ ତନ୍ଦ୍ରା ବିଜଡ଼ିତ ନୟନେ ଶାନ୍ତିର ନିଦଟିଏ...
ତୁମେ ନିଦ ହେଲେ
ମୁଁ ତୁମ ଅବଚେତନ ମନରେ ମଧୁଝରା ସ୍ୱପ୍ନଟିଏ...

ତୁମେ ମନ ହେଲେ
ମୁଁ ତୁମ ମନ ରାଇଜର ପରୀଟିଏ...
ତୁମେ ଦେହ ହେଲେ
ମୁଁ ତୁମ ସଙ୍ଗେ ଲାଖି ରହିଥିବା ଛାଇଟିଏ...

ତୁମେ ଦୀପ ହେଲେ
ମୁଁ ତହିଁରେ ଅହରହ ଜଳୁଥିବା ଘିଅ ସଳିତାଟେ...
ତୁମେ କବି ହେଲେ
ମୁଁ ତୁମ କବିତାରେ ଅଳସୀ ରୂପସୀ ନାୟିକାଟେ...

ମୋ: ୯୪୩୮୪୦୪୩୦୮

**ଗୀତି-କବିତା**

### ସମୟ ଯାଉଛି ସରି

**ବିଷ୍ଣୁ ମୋହନ**

ପ୍ରିୟା ତୁମେ ମୋର ପୁନେଇଁ ଜହ୍ନ
ପ୍ରାଣର ମୁରଲୀ ସ୍ୱନ,
ତୁମ ଛଡ଼ା ଆଉ କେହି ପାରେ ନାହିଁ
ରୋମାଞ୍ଚିତ କରି ମନ।

ଗୋଲାପୀ ଓଠର ଶାଣିତ ଛୁରିକା
ବୁକୁ ଦେଇଯାଏ ଚିରି,
ତୁମ ପରି ଆଉ ରୂପରେ କେହି ବି
ହେବେ ନାହିଁ ତୁମ ସରି।

ବଉଳଫୁଲିଆ ଅଙ୍ଗର ରଙ୍ଗ
କରିଥାଏ ମନ ଚୋରି,
ଏପଟୁ ସେପଟ ଉଡ଼ିବୁଲେ ମନ
ବାଚାଳ ଭଅଁର ପରି।

ଛୁଇଁ ହୁଏ ନାହିଁ ଆକାଶ ଯେପରି
ତୁମେ ପ୍ରିୟା ସେହିପରି,
ଅପେକ୍ଷାରେ ମୋର ସମୟ ଯେପରି
ଯାଉଅଛି ସରି ସରି।

ମୋ: ୭୨୦୫୭୫୮୨୫୫

## କାଳକାଳକୁ



"ହୃଦୟର କୋମଳତାଠାରୁ ବଳି
କୋମଳତା ଆଉ ନାହିଁ।"
– ଜାନି ଅଷ୍ଟେନ୍

**ଜାନି ଅଷ୍ଟେନ୍‌ଙ୍କ** ଜନ୍ମ ୧୬ ଡିସେମ୍ବର ୧୭୭୫ରେ ଇଂଲଣ୍ଡର ଷ୍ଟିଭେନ୍‌ଷ୍ଟନ୍‌ରେ ଓ ପରଲୋକ ୧୮ ଜୁଲାଇ ୧୮୧୭ରେ ଇଂଲଣ୍ଡର ୱିଞ୍ଚେଷ୍ଟରରେ। ଇଂଲିଶ୍ ଭାଷାର ଏହି ପ୍ରସିଦ୍ଧ ଔପନ୍ୟାସିକା ଯେଉଁ ଛ'ଟି ଉପନ୍ୟାସ ପାଇଁ ବିଶ୍ୱବିଦିତ, ସେଗୁଡ଼ିକ ହେଲା- 'ସେନ୍ସ ଆଣ୍ଡ୍ ସେନ୍ସିବିଲିଟି' (୧୮୧୧), 'ପ୍ରାଇଡ୍ ଆଣ୍ଡ୍ ପ୍ରିଜୁଡିସ୍' (୧୮୧୩), 'ମେନ୍‌ସଫିଲ୍ଡ' (୧୮୧୪), 'ଏମ୍ମା' (୧୮୧୬) ଏବଂ 'ନର୍ଥଏଙ୍ଗର୍ ଆବ୍‌ବେ' ଓ 'ପର୍ସୁଏସନ୍' (୧୮୧୭)। ଜାନି ଥିଲେ ସମକାଳୀନ ସମାଜବାସ୍ତବତାର ସଫଳ ରୂପକାର। ତାଙ୍କ ଲେଖାରେ ବୁଦ୍ଧି ଓ ବ୍ୟଙ୍ଗର ଅପୂର୍ବ ସମନ୍ୱୟ ଘଟିଥାଏ। ମୃତ୍ୟୁର ବହୁ ପରେ ୧୮୬୯ରେ ତାଙ୍କର ଜଣେ ପୁତୁରା ପ୍ରକାଶ କରିଛନ୍ତି 'ଏ ମେମୋୟର୍ ଅଫ୍ ଜାନି ଅଷ୍ଟେନ୍'। ଲେଖିକା କହନ୍ତି: "ଘରଠାରୁ ବଳି ସ୍ୱସ୍ତିଦାୟକ ଆଶ୍ରୟ ଆଉ ନାହିଁ।"

## ଅନୁବାଦ ଗଳ୍ପ

### ଚିକିତ୍ସା

**ମୂଳ ହିନ୍ଦୀ-ଡ. ଚନ୍ଦ୍ରେଶ କୁମାର ଛତଲାନୀ**
**ଅନୁବାଦ-ମଧୁସ୍ମିତା ପଟ୍ଟନାୟକ**

ଚର୍ଚ୍ଚର ଘଣ୍ଟି ଶୁଣିଲେ କାହିଁକି କେଜାଣି ଷ୍ଟିବ୍‌ର ଦେହରେ ବିଷ ଚରିଯାଏ। ପ୍ରାର୍ଥନା ଆରମ୍ଭ ହେବାର କିଛି ସମୟ ପୂର୍ବରୁ ବାଜୁଥିବା ଘଣ୍ଟିର ଶବ୍ଦ ଶୁଣି ସେ କେତେଥର ଯେ ଅଶାନ୍ତ ହୋଇ କହିଛି, 'ଦେଖାଏ ବହୁରୂପୀ ବଗୁଲା ଭଗତମାନଙ୍କୁ ପ୍ରାର୍ଥନା କରିବାର ସମୟ ହୋଇଗଲାଣି ବୋଲି କେମିତି ଘଣ୍ଟି ବଜେଇ ମନେପକେଇଦେବାକୁ ପଡୁଛି..!!'

ବିଚରା ଷ୍ଟିବ୍.. କିଛି କରି ପାରୁ ନ ଥାଏ, କାରଣ ଚର୍ଚ୍ଚର ପ୍ରାର୍ଥନା ଗୃହକୁ ସଫା କରିବା ଦାୟିତ୍ୱ ତା' ଉପରେ ନ୍ୟସ୍ତ। ଏମିତିରେ ଦେଖିବାକୁ ଗଲେ ସେ କାହାର ରଙ୍ଗ ରୂପରେ ମୋହିତ ହୋଇ ଲଫଙ୍ଗାମି କରିବା ଲୋକ ନୁହେଁ। କିନ୍ତୁ ସନ୍ଧ୍ୟା ହେବା ମାତ୍ରେ ଲୁଚିଛପି ଚର୍ଚ୍ଚଠୁଁ କିଛି ଦୂରରେ ଥିବା ବେଶ୍ୟାଳୟ ସାମ୍ନାରେ ଠିଆ ହୋଇଯାଏ। ସେଠାକୁ ଯିବାପାଇଁ ସେ ଏକ ନିର୍ଦ୍ଦିଷ୍ଟ ସମୟକୁ ବାଛିଥିଲା। ଯେଉଁ ସମୟରେ ପ୍ରାୟତଃ ସେହି ବେଶ୍ୟାଳୟର ଝିଅମାନେ ସଜବାଜ ହୋଇ ବାଲ୍‌କୋନିରେ ଆସି ଠିଆ ହୁଅନ୍ତି, ସେ କିନ୍ତୁ ଖୁବ୍ ପସନ୍ଦ କରେ ଦ୍ୱିତୀୟ ମହଲାରେ ଆସି ଠିଆ ହେଉଥିବା ଗୋଟିଏ ସୁନ୍ଦରୀ ଝିଅକୁ।

ସେଠାରେ ଥିବା ଦରୱାନକୁ ସେହି ନିର୍ଦ୍ଦିଷ୍ଟ ଝିଅଟିକୁ କେମିତି ଦେଖା କରିହେବ ସେ ବାବଦରେ ପଚାରିଲା। ଉତ୍ତରରେ ଜାଣିବାକୁ ପାଇଲା ଯେ ସେହି ଝିଅ ପାଖକୁ ଯିବାକୁ ହେଲେ ତାକୁ ପଞ୍ଚାବନ ଡଲାର ଦେବାକୁ ପଡ଼ିବ। ବିଚରା ଷ୍ଟିବ୍... ସେମିତିରେ ଦେଖିବାକୁ ଗଲେ ତା' ପକେଟ୍‌ରେ କେବେ ବି ଦଶ ପନ୍ଦର ଡଲାରରୁ ଅଧିକା ଅର୍ଥ ନ ଥାଏ। ଏହା ପରଠାରୁ ସେ ଆଉ କାହାକୁ କିଛି ପଚାରେନି। ଚୁପ୍‌ଚାପ୍ ସେଠାକୁ ଯାଏ ଓ ବାହାରେ ଠିଆ ହୋଇ ତା' ପସନ୍ଦର ଝିଅଟିକୁ ଅପଲକ ନୟନରେ ଚାହିଁ ରହେ।

ଦିନେ ଚର୍ଚ୍ଚ ସଫା କରିବା ବେଳେ ତାକୁ ଗୋଟେ ପର୍ସ ମିଳିଲା। ସେ ଖୋଲି ଦେଖେ ତ ଭିତରେ ଚାରି ହଜାର ଡଲାର ଥିଲା। ଏତେଗୁଡ଼େ ଡଲାର ଦେଖି ଷ୍ଟିବ୍ ଖୁସିରେ ଆତ୍ମହରା ହୋଇଉଠୁଥାଏ। ଯିଶୁଙ୍କ ମୂର୍ତ୍ତି ପାଖକୁ ଧାଇଁଯାଇ ନମସ୍କାର କରି ସିଧା ପହଞ୍ଚିଗଲା ବେଶ୍ୟାଳୟ ସାମ୍ନାରେ।



ଧାର୍ଯ୍ୟ ଟଙ୍କା ଦେଇ ସିଧା ପହଞ୍ଚିଗଲା ସେହି ଝିଅର ରୁମ୍ ଭିତରେ। ଝିଅଟି ତା' ରୁମ୍‌ର କବାଟ ଯେମିତି ବନ୍ଦ କରିଛି ଷ୍ଟିବ୍ ତାକୁ କୁଣ୍ଢେଇ ପକେଇଲା। ଝିଅଟି ତା'ର ହାବଭାବ ଦେଖି ବଡ଼ ମଟୁଆଲା ଅନ୍ଦାଜରେ ହସିହସି କହିଲା, "ଏତେ ଅଧୈର୍ଯ୍ୟ କାହିଁକି ହେଉଛ? ବର୍ଷ ବର୍ଷ ଧରି ଲେଖା ହେଉଥିବା ବହିକୁ କ'ଣ ଗୋଟିଏ ଥରରେ ପଢ଼ିଦେବ ନା କ'ଣ?"

ଷ୍ଟିବ୍ ତା' ମୁହଁକୁ ଚାହିଁ କହିଲା, "ପଢ଼ିବିନି କେମିତି? ମାସ ମାସ ଧରି କେବଳ ବହିକୁ ଯେ ଦୂରରୁ ଦେଖୁଥିଲି!"

ଝିଅଟି ଆଶ୍ଚର୍ଯ୍ୟ ହୋଇ କହିଲା, "ହୁଁ! ମୁଁ ତୁମକୁ ବହୁତ ଥର ବାହାରେ ଠିଆ ହେଉଥିବାର ଦେଖିଛି। ତୁମ ନାଁ କ'ଣ?"

'ଷ୍ଟିବ୍', ଆଉ ତୁମ ନାଁ?

'ମେରୀ'।

ମେରୀ! ଚିର ପରିଚିତ ନାଁଟି ଶୁଣିବା ମାତ୍ରେ ଷ୍ଟିବ୍ ହୃଦୟରେ ଚର୍ଚ୍ଚ ଘଣ୍ଟି ଜୋର୍‌ରେ ବାଜିବାକୁ ଲାଗିଲା। ସେ ଶବ୍ଦ ଏତେ ଜୋର୍ ଥିଲା ଯେ, ଷ୍ଟିବ୍‌କୁ ଲାଗୁଥିଲା ସତେ କି ତା' ମୁଣ୍ଡ ଏଇ ସାଙ୍ଗେ ସାଙ୍ଗେ ଫାଟିଯିବ। ଗୋଟେ ଝଟକାରେ ସେଇ ଝିଅଟିକୁ ନିଜଠାରୁ ଅଲଗା କରି ମୁଣ୍ଡକୁ ଧରି ଖଟ ଉପରେ ବସିପଡ଼ିଲା।

ଝିଅଟି ସହଜ ଭାବରେ ହସି ଦେଇ ପଚାରିଲା, "କ'ଣ ହେଲା ତୁମର? ଏମିତି ବସିପଡ଼ିଲ ଯେ!"

ସେମିତି ବସିବସି ଷ୍ଟିବ୍ ନିଜ ପକେଟ୍‌ରୁ ବଳିଥିବା ଡଲାରତକ ସେହି ଝିଅ ହାତରେ ଧରେଇଦେଲା। ଏତେଗୁଡ଼ାଏ ଡଲାର ଦେଖି ଝିଅଟି ଏକଦମ୍ ଡରିଗଲା। କମ୍ପିତ ସ୍ୱରରେ ପଚାରିଲା, "ଏତେଗୁଡ଼େ ଡଲାର ବଦଳରେ ମୋତେ କ'ଣ କରିବାକୁ ହେବ?" ଧୀର ଅଥଚ ଦୃଢ଼ ସ୍ୱରରେ ଷ୍ଟିବ୍ କହିଲା, "ଯଦି ପାରିବ ଦୟାକରି ନିଜ ନାଁଟା ବଦଳେଇ ଦେବ।" କବାଟ ଖୋଲି ନିରବରେ ସେଠାରୁ ବାହାରିଗଲା ସେ।

ଏବେ ଚର୍ଚ୍ଚର ଘଣ୍ଟି ବାଜିଲେ ଷ୍ଟିବ୍ ରାଗୁନି କି ତା' ମନ ବିଷାକ୍ତ ହୋଇଉଠୁନି। କାରଣଟା କ'ଣ ଜାଣିଛନ୍ତି... କାରଣଟା ହେଲା ସେ ତା' ରୋଗର ଉପଯୁକ୍ତ ଚିକିତ୍ସା କରିସାରିଛି।

ପ୍ଲଟ୍ ନମ୍ବର-୨୭, ବ୍ରହ୍ମେଶ୍ୱର ବାଗ,
ଟଙ୍କପାଣି ରୋଡ, ଭୁବନେଶ୍ୱର
ମୋ: ୭୨୦୫୮୫୦୮୩୧

ଯୋଗାଯୋଗ: E-mail:dharitrisahityayana@gmail.com

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


ଭୁବନେଶ୍ୱରରେ
ଭବ୍ୟ ଉଦ୍‌ଘାଟନ
(ଫ୍ଲାଗ୍‌ଶିପ୍ ଶୋରୁମ୍)
ଏବଂ କଟକ
ଆଜି!
କଲ୍ୟାଣ
ଜ୍ୱେ ଲ ର୍ସ
KALYAN JEWELLERS
ଭୁବନେଶ୍ୱରରେ
(ଫ୍ଲାଗ୍‌ଶିପ୍ ଶୋରୁମ୍)
ସନ୍ଧ୍ୟା 06:30
କଟକ
ରାତି 07:30
UP TO ₹1500 PER GRAM OFF ON MAKING CHARGES
ଉଦ୍‌ଘାଟନ କରିବେ
ଶ୍ରୀ ଅକ୍ଷୟ୍ କୁମାର
KALYAN SPECIAL 1g GOLD RATE ₹12160**
SAVE ₹70 per g*
MARKET 1g GOLD RATE ₹12230**
T&C apply. Limited period offer. *Savings per gram may vary.
**22ct gold rate for 1g on 12/12/2025 at 2:00 p.m. at Bhubaneswar & Cuttack.
LARGEST COLLECTION IN GOLD & DIAMOND JEWELLERY
SPACIOUS SHOWROOM
AMPLE CAR PARKING FACILITY
WORLD'S MOST TRUSTWORTHY COMPANIES 2024 Newsweek statista
OPEN ON ALL DAYS
BHUBANESWAR - OPP. DCP OFFICE, VANI VIHAR SQUARE, SAHEED NAGAR, KHORDHA. PH: 94371 28033
CUTTACK - GROUND AND FIRST FLOOR, CDA SECTOR -1, NEAR JUDICIAL ACADEMY. PH: 99386 24233
PATIA - PH: 90403 43353 | MASTER CANTEEN - PH: 91141 96197 | SOUBHAGYA NAGAR - PH: 73269 65533 | BERHAMPUR - PH: 91240 55633, 0680-2250051
ROURKELA - PH: 99389 42633 | JAJPUR - PH: 80799 23343 | ANGUL - PH: 96922 20343 | JHARSUGUDA - PH: 73269 05533 | SAMBALPUR - PH: 73269 15533
454 BRANCHES SPREAD ACROSS INDIA, THE MIDDLE EAST, THE UK & THE USA | FOR MORE DETAILS CONTACT US ON TOLL FREE NUMBER: 1800 425 7333
WWW.KALYANJEWELLERS.NET | FOLLOW US ON | BUY ONLINE @ WWW.CANDERE.COM | FOR FRANCHISE ENQUIRIES WRITE TO FRANCHISEE.ENQUIRY@KALYANJEWELLERS.NET

ଧରିତ୍ରୀ 52 Years

ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୩/୨୦୨୫ (୧୨+୮= ୨୦ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 13/2025 Page 20 ₹ 7.00

୫୨ଶ ଭାଗ ୨୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 20 ମୂଲ୍ୟ₹୭/-




ଚନ୍ଦ୍ରଭାଗା ବେଳାଭୂମିରେ କୋଣାର୍କ ଇକୋ ରିଟ୍ରିଟ୍‌କୁ ଶୁକ୍ରବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁପ୍ରସାଦ ତରାଇ ଏବଂ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର। **(ଫଟୋ: ଜ୍ୟୋତିରାଜ ମହାନ୍ତି)**

# ୨୦୨୭ରେ ଭାରତର ପ୍ରଥମ ଡିଜିଟାଲ ସେନ୍‌ସସ

**ଭାରତରେ ୨୦୧୧ରେ ଶେଷ ଥର ପାଇଁ ଜନଗଣନା କରାଯାଇଥିଲା। କୋଭିଡ୍ –୧୯ ଯୋଗୁ ୨୦୨୧ରେ ହେବାକୁ ଥିବା ଜନଗଣନାକୁ ସ୍ଥଗିତ ରଖାଯାଇଥିଲା। ସେନ୍‌ସସ୍‌ରେ ବିଳମ୍ବ ଯୋଗୁ ନୀତି ନିର୍ଦ୍ଧାରଣରେ ଅସ୍ୱାଭାବିକତା ଦେଖାଦେଉଥିବା ନେଇ ବିରୋଧୀ ବିଭିନ୍ନ ସମୟରେ ସରକାରଙ୍କୁ ପ୍ରଶ୍ନ କରିଥିଲେ। ତେବେ ୨୦୨୭ରେ ଦେଶରେ ପ୍ରଥମ ଡିଜିଟାଲ ଜନଗଣନା ହେବାକୁ ଯାଉଛି। ଏଥିଲାଗି ଶୁକ୍ରବାର କେନ୍ଦ୍ର କ୍ୟାବିନେଟ ୧୧,୭୧୮ କୋଟି ଟଙ୍କା ମଞ୍ଜୁର କରିଛି। ଜନଗଣନା ଡିଜିଟାଲ ହେବା ପରେ ନୀତି ପ୍ରଣୟନ ସକାଶେ ଗୋଟିଏ ବଟନ୍ ଦବାଇଲେ ସବୁ ତଥ୍ୟ ଉପଲବ୍ଧ ହୋଇପାରିବ ବୋଲି କୁହାଯାଉଛି।**

**୧୧,୭୧୮ କୋଟି ଟଙ୍କା ମଞ୍ଜୁର କଲା କେନ୍ଦ୍ର**

ନୂଆଦିଲ୍ଲୀ,୧୨।୧୨(ପି.ଟି./ ଏଜେନ୍ସି)

୨୦୨୭ରେ ଦେଶର ପ୍ରଥମ ଡିଜିଟାଲ ସେନ୍‌ସସ୍ କରାଯିବ। ଏଥିପାଇଁ କେନ୍ଦ୍ର ସରକାର ଶୁକ୍ରବାର ୧୧,୭୧୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଦେଶରେ ପ୍ରଥମ ଥର ପାଇଁ ଜନଗଣନା ଡିଜିଟାଲ ପ୍ରକ୍ରିୟାରେ ହେବାକୁ ଯାଉଛି। ଏହା ୨ଟି ପର୍ଯ୍ୟାୟରେ ହେବ। ଘରଗୁଡ଼ିକୁ ତାଲିକାଭୁକ୍ତ ଓ ଗୃହଗଣନା ୨୦୨୬ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ଏହା ପରେ ୨୦୨୭ ଫେବୃଆରୀରେ ଜନଗଣନା କରାଯିବ। ତୁଷାରପାତ ହେଉଥିବା କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ ଓ ଜମ୍ମୁ-କଶ୍ମୀର ସମେତ ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶରେ ଜନଗଣନା ୨୦୨୬ ସେପ୍ଟେମ୍ବରରେ କରାଯିବ। ୨୦୨୭ ସେନ୍‌ସସ୍ ବେଳେ ଜନଗଣନା ପର୍ଯ୍ୟାୟରେ ଜାତିଗତ ତଥ୍ୟକୁ ବୈଦ୍ୟୁତିକ ମାଧ୍ୟମରେ ସଂଗ୍ରହ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟ୍ ବୈଠକ ଶେଷରେ ଏକ ପ୍ରେସ୍ କନ୍‌ଫରେନ୍ସରେ ସୂଚନା ଦେଇଛନ୍ତି। ଅଶ୍ୱିନୀ ଆହୁରି କହିଛନ୍ତି, ଡାଟା ସୁରକ୍ଷାକୁ ଦୃଷ୍ଟିରେ ରଖି ସେନ୍‌ସସ୍‌ର ଡିଜିଟାଲ ଡିଜାଇନ୍ କରାଯାଇଛି। ଏହା ବିଶ୍ୱର ସର୍ବବୃହତ୍ ପ୍ରଶାସନିକ ଓ ପରିସଂଖ୍ୟାନଗତ ପ୍ରକ୍ରିୟା ହେବାକୁ ଯାଉଛି।

ଜାତୀୟ ମହତ୍ତ୍ୱ ରଖୁଥିବା ଏହି ବିଶାଳ ପ୍ରକ୍ରିୟାରେ ପ୍ରାୟ ୩୦ ଲକ୍ଷ କ୍ଷେତ୍ର ଅଧିକାରୀ ନିୟୋଜିତ ହେବେ। ସେମାନଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଶିକ୍ଷକ ଓ ଅନ୍ୟ ଅଧିକାରୀମାନେ ସାମିଲ ହେବେ। ସେମାନେ ନିଜ ନିୟମିତ ଡ୍ୟୁଟି ସହ ଅତିରିକ୍ତ ଭାବେ ଏହି କାର୍ଯ୍ୟ ତୁଲାଇବେ। ସେହିପରି ଉପଖଣ୍ଡ, ଜିଲା ଓ ରାଜ୍ୟସ୍ତରୀୟ ଅନ୍ୟ ଅଧିକାରୀମାନଙ୍କୁ ମଧ୍ୟ ସେନ୍‌ସସ୍ କାର୍ଯ୍ୟରେ ନିୟୋଜିତ କରାଯିବ।

ଉନ୍ନତ ଗୁଣବତ୍ତାର ତଥ୍ୟ ସଂଗ୍ରହକୁ ସୁନିଶ୍ଚିତ କରିବା ପାଇଁ ଡାଟା କଲେକ୍ସନ୍‌ର ଏକ ମୋବାଇଲ୍ ଆପ୍ ଏବଂ ଅନୁଧ୍ୟାନ କାର୍ଯ୍ୟ ଲାଗି ସେଣ୍ଟ୍ରାଲ ପୋର୍ଟାଲକୁ ବ୍ୟବହାର କରାଯିବ। ତଥ୍ୟ ପ୍ରେରଣ ଉନ୍ନତ ତଥା ୟୁଜର-ଫ୍ରେଣ୍ଡ୍‌ଲି ଶୈଳୀରେ କରାଯିବ। ଏହାଦ୍ୱାରା ଆବଶ୍ୟକ ମାପଦଣ୍ଡ ଉପରେ ସମସ୍ତ ପ୍ରଶ୍ନର ଉତ୍ତର ଦିଆଯାଇପାରିବ, ଯାହାକି ନୀତି ପ୍ରଣୟନ ସକାଶେ ଗୋଟିଏ ବଟନ୍ ଦବାଇଲେ ସବୁକିଛି ଉପଲବ୍ଧ କରାଇପାରିବ। ସେନ୍‌ସସ୍-ଆଜ୍-ଏ-ସର୍ଭିସ୍ (ସିଏଏସ୍) ମନ୍ତ୍ରଣାଳୟଗୁଡ଼ିକୁ ସ୍ୱଚ୍ଛ, ମେଶିନ୍-ରିଡେବଲ୍ ଓ ପଦକ୍ଷେପ ନେବାଯୋଗ୍ୟ ଫର୍ମାଟରେ ତଥ୍ୟ ମିଳିପାରିବ ବୋଲି ଅଶ୍ୱିନୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଭାରତରେ ପ୍ରତି ୧୦ ବର୍ଷରେ ଥରେ ଜନଗଣନା ହୋଇଥାଏ। ୧୮୭୨ରେ ଆରମ୍ଭ ହୋଇଥିବା ଜନଗଣନା ୨୦୧୧ ସୁଦ୍ଧା ୧୫ ଥର କରାଯାଇଥିବାବେଳେ ପରବର୍ତ୍ତୀ ସେନ୍‌ସସ୍ ୨୦୨୧ରେ କରାଯିବା ପାଇଁ ଧାର୍ଯ୍ୟ ହୋଇଥିଲା। କିନ୍ତୁ କୋଭିଡ୍ ମହାମାରୀ ଯୋଗୁ ଏହା ସମ୍ଭବପର ହୋଇ ନ ଥିଲା।

# ପର୍ଯ୍ୟଟନ ବିକାଶର ମାଇଲଖୁଣ୍ଟ ଇକୋ ରିଟ୍ରିଟ୍: ମୁଖ୍ୟମନ୍ତ୍ରୀ

କୋଣାର୍କ,୧୨।୧୨
(ଜ୍ୟୋତିରାଜ ମହାନ୍ତି)

**ସପ୍ତମ କୋଣାର୍କ ଇକୋ ରିଟ୍ରିଟ୍ ଉଦ୍‌ଘାଟିତ**

ଇକୋ ରିଟ୍ରିଟ୍ ପର୍ଯ୍ୟଟନ ବିକାଶର ମାଇଲଖୁଣ୍ଟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କୋଣାର୍କ-ପୁରୀ ଜାତୀୟ ରାଜପଥର ସାହୁଖଣ୍ଡାସ୍ଥିତ ସୁଦୀର୍ଘ ଚନ୍ଦ୍ରଭାଗା ବେଳାଭୂମି କୂଳରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ କୋଣାର୍କ ଇକୋ ରିଟ୍ରିଟ୍ ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟନ କରି ସେ ଏହା କହିଛନ୍ତି। ପର୍ଯ୍ୟଟନ ଶିଳ୍ପ ଦ୍ରୁତ ଅଭିବୃଦ୍ଧିର ମାଧ୍ୟମ। ଇକୋ ରିଟ୍ରିଟ୍ ଆୟୋଜନ ହେବା ଫଳରେ ଦେଶ ବିଦେଶର ପର୍ଯ୍ୟଟକମାନେ ସମୁଦ୍ରକୂଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ପରିବେଶରେ ନିର୍ମିତ ବିଳାସପୂର୍ଣ୍ଣ ତମ୍ବୁରେ ପଞ୍ଚତାରକା ହୋଟେଲରେ ରହଣି ଭଳି ନିଆରା ଅନୁଭୂତି ପାଇପାରୁଛନ୍ତି। ସେହିପରି ପର୍ଯ୍ୟଟନ ଶିଳ୍ପର ପ୍ରଚାର ପ୍ରସାର ଦିଗରେ ଇକୋ ରିଟ୍ରିଟ୍ ପ୍ରମୁଖ ଭୂମିକା ନିର୍ବାହ କରିବା ଦିଗରେ ସହାୟକ ହେଉଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଆୟୋଜିତ ହେଉଥିବା ଇକୋ ରିଟ୍ରିଟ୍ ମଧ୍ୟରେ ସର୍ବାଗ୍ରେ ରହିଛି କୋଣାର୍କ। ଏହା ପର୍ଯ୍ୟଟନ ବିଭାଗର ମାନସ ସନ୍ତାନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଠାରେ ଜଳକ୍ରୀଡ଼ା, ଯୋଗ, ଗୁଡ଼ିଉଡ଼ା ପ୍ରତିଯୋଗିତା, ସାଇକେଲ ଚାଳନା ସହ ପର୍ଯ୍ୟଟକଙ୍କ ନିମନ୍ତେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଚନ୍ଦ୍ରଭାଗା ସମୁଦ୍ରକୂଳରେ ପଞ୍ଚତାରକା ହୋଟେଲ ଭଳି ସ୍ୱତନ୍ତ୍ର ସୁବିଧା ସୁଯୋଗ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ୭୦ଟି ବିଭିନ୍ନ ପ୍ରକାର ବିଳାସପୂର୍ଣ୍ଣ ତମ୍ବୁଘର ନିର୍ମାଣ କରାଯାଇଛି। ସେହିପରି ଓପନ୍ ବାର୍, ପାରାସେଲିଙ୍ଗ୍, ସାମୁଦ୍ରିକ କ୍ରୀଡ଼ା ସହ ବିଭିନ୍ନ ପ୍ରକାର ସୁସ୍ୱାଦ ଖାଦ୍ୟ ଓ ବ୍ୟଞ୍ଜନର ବନ୍ଦୋବସ୍ତ ହୋଇଛି। ସୁନ୍ଦର ତୋରଣ, ଆକର୍ଷଣୀୟ ସାଜସଜ୍ଜା, ଉଜ୍ଜ୍ୱଳ ଆଲୋକ, ଶୌଚାଳୟ ଓ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି।

ଉଦ୍‌ଘାଟନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁପ୍ରସାଦ ତରାଇ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଏବଂ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ବି ପ୍ରବଳ ଶୀତ

**୨୪ ଘଣ୍ଟା ପରେ ତାପମାତ୍ରା ସାମାନ୍ୟ ବଢ଼ିବ**

ଭୁବନେଶ୍ୱର,୧୨।୧୨
(ବନ୍ଦନା ସେଠୀ)

ଆହୁରି ଦୁଇଦିନ ହାଡ଼ଭଙ୍ଗା ଶୀତରେ ଥରିବ ସାରା ଓଡ଼ିଶା। ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ଥଣ୍ଡା ଶୁଷ୍କ ବାୟୁ ପ୍ରଭାବରେ ଶୀତ ଲହରି ଜାରି ରହିଥିବାବେଳେ ୧୩ ତାରିଖ ଯାଏ ପ୍ରବଳ ଶୀତ ଅନୁଭୂତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପ୍ରାୟ ୬ରୁ ୭ ଦିନ ପର୍ଯ୍ୟନ୍ତ ପାଗରେ ବିଶେଷ ପରିବର୍ତ୍ତନ ନ ଥିବାବେଳେ ୨୪ ଘଣ୍ଟା ପରେ ୧ରୁ ୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବା ନେଇ ପୂର୍ବାନୁମାନ କରାଯାଇଛି। ସେହିପରି ଶନିବାର ଅନୁଗୋଳ, ଝାରସୁଗୁଡା ଏବଂ କଳାହାଣ୍ଡି ଜିଲାରେ ପ୍ରବଳ ଶୀତ ଅନୁଭୂତ ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଗତ ୨୪ ଘଣ୍ଟାରେ ରାଜ୍ୟର ୧୫ଟି ସହରର ତାପମାତ୍ରା ୧୦ଡିଗ୍ରୀ ତଳେ ରହିଥିବା ରେକର୍ଡ ହୋଇଛି। ଜି.ଉଦୟଗିରିଠାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୩.୧ ଡିଗ୍ରୀ ରହିଥିବାବେଳେ ସିମିଳିଗୁଡାଠାରେ ୩.୬ ଡିଗ୍ରୀ, ଫୁଲବାଣୀ ୫.୫, ଦାରିଙ୍ଗବାଡି ୬.୫, ଟିଟିଲାଗଡ଼ ୬.୬, ଝାରସୁଗୁଡା ୭.୧, ରାଉରକେଲା ୭.୨, ଭବାନୀପାଟଣା ୭.୫, କୋରାପୁଟ ୮.୧, କିରେଇ ୮.୪, ଅନୁଗୋଳ ୮.୬, ବଲାଙ୍ଗୀର ୯, ନବରଙ୍ଗପୁର ୯.୨, କେନ୍ଦୁଝର ୯.୬ ଏବଂ ସୁନ୍ଦରଗଡ଼ଠାରେ ୯.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ତେବେ ରାଜଧାନୀ ଭୁବନେଶ୍ୱରରେ ୧୨.୬ ଏବଂ କଟକରେ ୧୧.୮ ଡିଗ୍ରୀ ତାପମାତ୍ରା ରହିଥିଲା। ସେହିପରି ଫୁଲବାଣୀ, ଭବାନୀପାଟଣା ଏବଂ ରାଉରକେଲାଠାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ପରିଲକ୍ଷିତ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବାଘ ଉପରେ ପ୍ରତିଶୋଧ ନେଲେ ବଳଦ ମାଲିକ

- ମୃତ ବଳଦ ଦେହରେ ବିଷ ବୋଳି ନେଲେ କଲରାପତରିଆ ଜୀବନ
- ବଳଦ ମାଲିକଙ୍କୁ ଗିରଫ କଲା ବନ ବିଭାଗ

ବଣାଇଁ,୧୨।୧୨(ପ୍ରଦୀପ ତ୍ରିପାଠୀ)

କଲରାପତରିଆ ବାଘ ଆକ୍ରମଣରେ ବଳଦର ମୃତ୍ୟୁ ହୋଇଥିବାରୁ ଏଥିରେ ପ୍ରତିଶୋଧ ପରାୟଣ ହୋଇ ବଳଦ ମାଲିକ ଯୋଜନାବଦ୍ଧ ଭାବେ ବିଷ ପ୍ରୟୋଗ କରି କଲରାପତିରିଆ ବାଘର ଜୀବନ ନେଇଛନ୍ତି। ମୃତ ବଳଦ ଦେହରେ ମାଲିକ ବିଷ ବୋଳିଦେଇଥିବାରୁ ବିଷ ମିଶା ମାଂସ ଖାଇ ବାଘର ମୃତ୍ୟୁ ଘଟିଥିବା ବନ ବିଭାଗ ସ୍ପଷ୍ଟ କରିବା ସହ ବଳଦ ମାଲିକଙ୍କୁ ଗିରଫ କରିଛି। ଏପରି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡ ତାମଡା ବନାଞ୍ଚଳର କୁସୁମଡିହୀ ଖସଡ଼ା ଜଙ୍ଗଲରେ। ଗିରଫ ବଳଦ ମାଲିକ ହେଲେ କୁସୁମଡିହୀ ଗ୍ରାମର ନୂଆସ ଖେସ(୬୧)।

ବଣାଇ ବନ ବିଭାଗ ପକ୍ଷରୁ କୁହାଯାଇଛି, କିଛିଦିନ ଧରି ଏକ କଲରାପରିଆ ବାଘ ଖସଡ଼ା ଜଙ୍ଗଲାଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା। କୁସୁମଡିହୀ ଗ୍ରାମର ନୂଆସଙ୍କ ଏକ ବଳଦକୁ ଗତ ୭ ତାରିଖରେ ଉକ୍ତ ବାଘ ଆକ୍ରମଣ କରି ମାରିଦେଇଥିଲା। ଏହାକୁ ନେଇ ନୂଆସ କ୍ରୋଧିତ ହୋଇପଡ଼ିଥିଲେ। ଉକ୍ତ ବାଘକୁ ମାରିବାକୁ ସେ ଜଙ୍ଗଲରେ ପଡ଼ିଥିବା ମୃତ ବଳଦ ଦେହରେ ବିଷ ପ୍ରଲେପ କରିଦେଇଥିଲେ। ଫଳରେ ବିଷ ବୋଳା ବଳଦକୁ ଖାଇବା ପରେ ୧୨ ବର୍ଷୀୟ ମାଈ କଲରାପତିଆ ବାଘର ମୃତ୍ୟୁ ହୋଇଥିଲା। ଶୁକ୍ରବାର ଏହି ଖବରପାଇ ରାଉରକେଲା ଆର୍‌ସିସିଏଫ୍ ପି. ରାମସ୍ୱାମୀଙ୍କ ସମେତ ଏକ ତଦନ୍ତକାରୀ ଦଳ ପହଞ୍ଚି ତଦନ୍ତ କରିଥିଲା। ପରେ



୨ଜଣ ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସକ ଘଟଣାସ୍ଥଳରେ ବ୍ୟବଚ୍ଛେଦ କରି ବିଷକ୍ରିୟା ଯୋଗୁ ବାଘର ମୃତ୍ୟୁ ଘଟିଥିବା ସ୍ପଷ୍ଟ କରିଥିଲେ। ଏହାପରେ ହିଂସ୍ରଜନ୍ତୁ ସଂରକ୍ଷଣ ଆଇନର ଗାଇଡ୍‌ଲାଇନ ଅନୁଯାୟୀ ସେଠାରେ ମୃତ ବାଘକୁ ପୋଡ଼ି ଦିଆଯାଇଥିଲା। ବଳଦ ମାଲିକ ନୂଆସ ବିଷ ପ୍ରୟୋଗ କରି ବାଘକୁ ମାରିଥିବା ତଦନ୍ତ ବେଳେ ସ୍ୱୀକାର କରିଥିବା ବନବିଭାଗ ସ୍ପଷ୍ଟ କରିଛି। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯିବା ସହ ନୂଆସଙ୍କୁ ଗିରଫ କରାଯାଇଛି। ଅପରପକ୍ଷରେ ତାମଡ଼ା ବନାଞ୍ଚଳର ତାମଡ଼ା ସେକ୍ସନରେ ବନପାଳ ନ ଥିବା ଓ ଜଣେ ବନରକ୍ଷୀ ଦାୟିତ୍ୱରେ ଥିବା ପ୍ରଶ୍ନକୁ ବନବିଭାଗ ଅଧିକାରୀ ଏଡ଼ାଇଯିବା ଘଟଣାକୁ ଅଧିକ ରହସ୍ୟମୟ କରିଛି। ଏପରି ଘଟଣା ପାଇଁ ଦାୟୀ କିଏ ଓ ଦାୟିତ୍ୱ କାହାର ଥିଲା ସେଥିନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ସୂଚନାଯୋଗ୍ୟ, ପୂର୍ବରୁ ଉକ୍ତ କଲରାପତରିଆ ବାଘ ସ୍ଥାନୀୟ ଅଞ୍ଚଳରେ ୨ଟି ଛେଳିକୁ ଆକ୍ରମଣ କରିଥିଲା। ଏ ନେଇ ଅଞ୍ଚଳବାସୀ ବାରମ୍ବାର ବନବିଭାଗକୁ ସୂଚନା ଦେଇଥିଲେ ହେଁ ବିଭାଗ ପକ୍ଷରୁ କେବଳ ଟ୍ରାପ୍ କ୍ୟାମେରା ଲଗାଯିବ ବୋଲି କୁହାଯିବା ସହ ଘରୁ ନ ବାହାରିବାକୁ ଚେତାବନୀ ଦିଆଯାଇ ନୀରବତା ଅବଲମ୍ବନ କରାଯାଇଥିବା ଅଭିଯୋଗ ହେଉଛି।


DSPL-419


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## କପା ଚାଷୀଙ୍କ ପାଇଁ ସୂଚନା

ଚଳିତ ୨୦୨୫-୨୬ ବର୍ଷରେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ରେ କପା ବିକ୍ରୟ ନିମନ୍ତେ ଭାରତୀୟ କପା ନିଗମ ଲି଼ଃ (CCI) ଦ୍ୱାରା "କପାସ୍ କିଷାନ" ମୋବାଇଲ୍ ଆପ୍ ରେ କପା ଚାଷୀଙ୍କ ସ୍ୱ-ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି।

**ପଞ୍ଜୀକରଣର ଶେଷ ତାରିଖ ୩୧ ଡିସେମ୍ବର ୨୦୨୫**

**ପଞ୍ଜୀକରଣ ପାଇଁ ବାଧ୍ୟତାମୂଳକ ଆବଶ୍ୟକତା**

- ଜମି ରେକର୍ଡର ତଥ୍ୟ
- ଗ୍ରାମ୍ୟ କୃଷି କର୍ମଚାରୀ(VAW)/ କୃଷି ଓଭର୍‌ସିୟର୍(AO) ଙ୍କ ଦ୍ୱାରା କପା ଫସଲର ପ୍ରମାଣପତ୍ର
- ଆଧାର ସହ ସଂଯୋଗୀକୃତ ବ୍ୟାଙ୍କ୍ ଖାତା
- ହିତାଧିକାରୀଙ୍କ ପାସ୍‌ପୋର୍ଟ ଫଟୋ

**ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ**

- ନିକଟସ୍ଥ ଭାରତୀୟ କପା ନିଗମ (CCI)ର ଅଧିକାରୀ/ ନିୟନ୍ତ୍ରିତ ବଜାର କମିଟି (RMC)
- ନିକଟସ୍ଥ ଗ୍ରାମ୍ୟ କୃଷି କର୍ମଚାରୀ କିମ୍ବା ବ୍ଲକ/ ଜିଲ୍ଲା କୃଷି ଅଧିକାରୀ

ସି.ସି.ଆଇ ହେଲ୍ପଲାଇନ୍ ନମ୍ବର ୭୩୭୦୦୧୧୯୨୦

କପାସ୍ କିଷାନ ଆପ୍ ଡାଉନଲୋଡ୍ କରନ୍ତୁ

କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର ୧୫୫୩୩୩

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-01034/13/0013/2526

# ଗରମ ପାଣି ପଡ଼ି ଛାତ୍ର ଗୁରୁତର

ମୋରଡ଼ା/ରାସଗୋବିନ୍ଦପୁର, ୧୨ା୧୨(ସ୍ୱାରକ ମାଝୀ/ ସତ୍ୟବାଦୀ ପରିକ୍ରମା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ନଳଗାଜିପୁର ନୂଆଚାଟି ସରକାରୀ ପ୍ରାଥମିକ ବିଦ୍ୟାଳୟର ଗରମ ପାଣି ପଡ଼ି ଜଣେ ୪ର୍ଥ ଶ୍ରେଣୀ ଛାତ୍ର ଗୁରୁତର ହୋଇଛନ୍ତି। ବୁଧବାର ପୂର୍ବାହ୍ନରେ ଘଟଣାଟି ଘଟିଥିବା ବେଳେ ଶୁକ୍ରବାର ତାହା ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, ଛାତ୍ର ଜଣକ ଶ୍ରେଣୀଗୃହ ବାହାରେ ଥିବା ସମୟରେ ବିଦ୍ୟାଳୟର ରୋଷେଇ କରୁଥିବା ପାଚିକା ଜଣକ ତାଙ୍କ ଉପରକୁ ଅଣ୍ଡା, ଆଳୁ ସିଝା ହୋଇଥିବା ଗରମ ପାଣି ଛାଟିଥିଲେ। ଫଳରେ ଛାତ୍ର ଜଣକ ଗୁରୁତର ହୋଇପଡ଼ିଥିବା ଜଣାପଡ଼ିଛି। ଗୁରୁତର ଛାତ୍ରଙ୍କୁ ପ୍ରଥମେ ନଳଗଜା ଡାକ୍ତରଖାନା ନିଆଯାଇଥିବା ବେଳେ ପରେ ବାଲେଶ୍ୱର ଜିଲା ବସ୍ତାସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ପଚାରିବୁଝ ମଧ୍ୟ କରିଥିଲେ। ଏ ସମ୍ପର୍କରେ ସିଆରସିସି ନାଳିମା ହାଁସଦା କହିଛନ୍ତି, ଉକ୍ତ ଛାତ୍ର ଶୌଚାଳୟକୁ ଯାଉଥିବା ସମୟରେ ଶ୍ରେଣୀଗୃହ ବାହାରେ ତାଙ୍କୁ ଅନ୍ୟ ଜଣେ ଛାତ୍ର ଗୋଡ଼ାଉଥିଲେ। ସେହି ସମୟରେ ଘଟଣାଟି ଘଟିଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରଛାତ୍ରୀଙ୍କ ଉପରେ ନଜର ରଖିବା ଆବଶ୍ୟକ। ତେବେ ସେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ତାଗିଦ୍ କରିଥିବା କହିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଥିବା ବେଳେ ଘଟଣା ପାଇଁ ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଝିରିପାଣି ଜଙ୍ଗଲରେ ଦନ୍ତାହାତୀର ମୃତ୍ୟୁ

ଗୁଡ଼ୁଭିଞ୍ଜ/ବାଲିଗୁଡ଼ା, ୧୨ା୧୨ (ଦୀପକ କୁମାର ପରାସେଠ/ ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ବନଖଣ୍ଡ ବେଲଘର ବନାଞ୍ଚଳ ଅନ୍ତର୍ଗତ ଝିରିପାଣି ଜଙ୍ଗଲରେ ଶୁକ୍ରବାର ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଅସହ୍ୟ ଥଣ୍ଡା ଯୋଗୁ ଦନ୍ତାହାତୀର ମୃତ୍ୟୁ ହୋଇଥିବା ବନବିଭାଗ ସ୍ପଷ୍ଟୀକରଣ ଦେଇଛି। ହାତୀଟି ଦୁର୍ବଳ ଥିଲା, ଠିକ୍ ଭାବେ ଦେଖିପାରୁ ନ ଥିଲା କି ଶୁଣିପାରୁ ନ ଥିଲା ବୋଲି ସ୍ଥାନୀୟ ବନ ଅଧିକାରୀ ସୂଚନା ଦେଇଛନ୍ତି। ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ନେଇ ସେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶନିବାର ଡାକ୍ତରୀ ଦଳ ପହଞ୍ଚିବା ପରେ ହାତୀର ମୃତଦେହ ବ୍ୟବଚ୍ଛେଦ କରାଯିବ।

କିଛିଦିନ ହେଲା କଳାହାଣ୍ଡି ଜିଲାରୁ ହାତୀପଲ ଆସି ଝିରିପାଣି ଅଞ୍ଚଳରେ ରହି ଫସଲ ନଷ୍ଟ କରିବା ସହିତ ଘରଦ୍ୱାର ଭାଙ୍ଗି ଉପଦ୍ରବ ଜାରି ରଖିଥିଲେ। ଶୁକ୍ରବାର ଭୋରରେ ଏକ ଦନ୍ତାହାତୀର ମୃତ୍ୟୁ ହୋଇଥିବା କଣ୍ଟେଇ ଗ୍ରାମବାସୀ ଜାଣିବାକୁ ପାଇଥିଲେ। ହାତୀପଲ ଉପଦ୍ରବ ନେଇ ପୂର୍ବରୁ ଅଭିଯୋଗ ହୋଇଥିଲେ ମଧ୍ୟ ସ୍ଥାନୀୟ ବନ ବିଭାଗ କୌଣସି ପଦକ୍ଷେପ ନେଇ ନ ଥିବାରୁ ଗ୍ରାମବାସୀ ଉତ୍ତେଜିତ ହୋଇ ମୃତ ଦନ୍ତାହାତୀ ଚତୁର୍ପାଶ୍ୱରେ ଘେରି ରହିଥିଲେ। ପ୍ରାୟ ୧୧ଟାରେ ବେଲଘର ପୋଲିସ ଉପସ୍ଥିତିରେ ଘଟଣା ସ୍ଥଳରେ ବନ କର୍ମଚାରୀ ପହଞ୍ଚି ବ୍ୟବଚ୍ଛେଦ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଛନ୍ତି।


ମୃତ ଦନ୍ତାହାତୀ।


## ZILLA PARISHAD, KANDHAMAL
Panchayati Raj & Drinking Water Department
Government of Odisha
Tender Call Notice No.561//Date:10.12.2025

No.CAD-2661: **TENDER CALL NOTICE**

For and on behalf of Govt. of Odisha the undersigned invites sealed tenders in duplicate superscribing the tender notice number and date from reputed potential suppliers, tent houses and electrical decorators to take up the tent and allied work of Kandhamal Mahotsav and Pallishree Mela-2026 to be held at Kandhamal Stadium, Phulbani for the period from 7th to 11th Jan, 2026.

The detailed Tender Call Notice and Tender Document can be seen and downloaded from www.kandhamal.odisha.gov.in.

The authority reserves the right to reject any or all the bids without assigning any reason thereof.

Sd./- CDO-cum-EO, Zilla Parishad, Kandhamal
OIPR-19273/11/0005/2526

## FOREST DEPARTMENT
No.MM-364
OFFICE OF THE DEPUTY DIRECTOR, SIMILIPAL SOUTH WL DIVISION, BARIPADA
e-mail: dfo.similipalsouthwl@odisha.gov.in
Government of Odisha "e" Procurement Notice
Bid Identification No.DD South-BPD-07/2025-26

1. Number of Works : 01 (One number of Work)
2. Approximate estimated cost :

| Sl. No. | Name of the Work | Estimate Cost (In Rs.) (Without GST) |
|---|---|---|
| 1 | Construction of 6 nos. of multi-storeyed (G+3) E type (6-E) Family Quarter/Hostel at Manchanabandha, Baripada under CAMPA APO: 2025-26 | 1,36,36,807.00 |

1. Period of Completion : Three (3) Calendar Months
2. Date & Time of availability of bid documents in the portal : Dt.12.12.2025 to Dt.21.12.2025
5. Last Date/Time of receipt of bid in the portal : Dt.21.12.2025 upto 5.00 PM
6. Date of Opening of Bid : Dt.22.12.2025 at 11.00 AM
7. Name & Address of the Office Inviting Bid : O/o the Deputy Director Similipal South WL Division Baripada, Mayurbhanj.

Further details can be seen from the e-procurement portal http://www.tendersodisha.gov.in.

Sd./- Deputy Director, Similipal South WL Division, Baripada
OIPR-08127/11/0040/2526

## Government of Odisha
## DEPARTMENT OF WATER RESOURCES
## OFFICE OF THE CHIEF ENGINEER, DAM SAFETY
SECHA SADAN, BHUBANESWAR – 751001
**SHORT NOTICE – EXPRESSION OF INTEREST (EOI)**
Ref. No.: DRIP-II-Odisha/CS/2025/03
Date: 15.12.2025 from 1.00pm
(Consulting Services – Firms Selection)

No. A-1108: The Chief Engineer, Dam Safety, Department of Water Resources, Government of Odisha invites **Expressions of Interest (EOI)** from eligible consulting firms ("Service Providers") for the assignment titled:
**"Engagement of Environmental and Social Experts through Service Provider for DRIP-II, Odisha"** (Reference No.: DRIP-II-Odisha/CS/2025/03)
The consultancy aims to provide professional support to the State Project Management Unit (SPMU), Odisha in implementing environmental and social safeguard measures under the **Dam Rehabilitation and Improvement Project Phase-II (DRIP-II)**, financed by the World Bank (IBRD) and AIIB.
This EOI is being re-published as the earlier notice could not be uploaded properly due to technical issues.
Detailed Terms of Reference (ToR) and EOI document are available on the following website: **https://dowr.odisha.gov.in & https://tendersodisha.gov.in**.
Interested consulting firms must submit EOIs online only through the portal: **https://tendersodisha.gov.in from 15.12.2025, 1:00pm to 21.12.2025 up to 05:00 PM (IST)**.
EOIs received after the due date and time will not be considered.
EOIs will be opened on 22.12.2025 at 3:00 PM (IST) at the Office of the Chief Engineer, Dam Safety, Secha Sadan, Bhubaneswar. Bidders or their authorized representatives may attend during opening, at the office of the Chief Engineer, Dam Safety, Secha Sadan, Unit-V, Bhubaneswar – 751001, Odisha.
The Chief Engineer, Dam Safety reserves the right to accept or reject any or all EOIs without assigning any reason thereof.

**Chief Engineer, Dam Safety**
**Department of Water Resources, Odisha**
OIPR-32390/11/0004/2526

## DIRECTORATE OF ANIMAL HUSBANDRY & VETERINARY SERVICES, ODISHA
No.M-45
MANGALABAG, CUTTACK-753001
Phone No.0671-2414629, Fax No.0671-2414739, E-mail : dahvsorissa@gmail.com
**Quotation/Tender Call Notice for selection of Reputed Travel Agencies/Tour Operators or Private Individuals for Hiring of Private Petrol/Diesel driven commercial pool Vehicles**

| Sl. No. | Name of the Work | Tender for selection of reputed Travel Agencies/Tour Operators or Private Individuals for Hiring of Private Petrol/Diesel driven commercial pool Vehicles |
|---|---|---|
| 1 | Bid Identification No. of the Tender Documents | No.19443 Dated.27.11.2025 |
| 2 | Date of availability of the Tender Documents in the Directorate Website i.e. https://dahvs.odisha.gov.in/ | 09.12.2025 to 23.12.2025 |
| 3 | Due Date & Time for Receipt of the Tender Documents along with Annexure | 24.12.2025 up to 05.00 P.M. by Regd. Post |
| 4 | Date & Time for opening of Tender Documents of the Bidders by the Tender Committee & Finalization of the Tenderer | 26.12.2025 at 02.00 P.M. at the Office Chamber of the Additional Director (Extn./Plan), DAH & VS, Odisha, Mangalabag, Cuttack |
| 5 | Eligible Bidders | Reputed Travel Agencies/Tour Operators or Private Individuals |

Sd./- DIRECTOR, AH & VS, ODISHA, CUTTACK
OIPR-06014/11/0073/2526

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER KEONJHAR (R&B) CIRCLE, KEONJHAR
No.6053 dt.04.12.2025
EOI Identification No. CCEKC-01/2025-26
**Expression of Interest**

**No.B-801** : The Chief Construction Engineer, Keonjhar (R&B) Circle, Keonjhar (the "Authority") on behalf of the Works Department, Government of Odisha invite Expression of Interest (EOI) from Registered firms for the following works.

| Sl NO. | Name of the work | EOI invitation for | Period of engagement |
|---|---|---|---|
| 1 | Arrangement of Venue Set-up, Logistics and other allied activities associated with state level function at different locations under Keonjhar (R&B) Circle | Non-Consultancy Services | 36 Months |

1. In accordance with the provisions under the Guidelines for Engagement of Non-Consultancy Services issued in the Office Memorandum No. 7460/F Dt. 04.03.2025, No. 16832 dt. 04.06.2025 & No. 21619 dt. 23.07.2025 of the Finance Department, Government of Odisha & Odisha General Finance Rule-2023, the Authority now invites eligible registered service provider to apply for above assignments.
2. Letter of Invitation of the Authority along with all other relevant details of Expression of Interest (EOI) will be available in the website: www.odisha.gov.in from 10:30 A.M of 12.12.2025 to 4:00 P.M of 31.12.2025. Further details with any addendum, corrigendum and cancellation can be seen from www.odisha.gov.in.
3. Expression of Interest (EOI) should be submitted by Courier/ Speed Post/ Registered Post only to the following address latest by 4:00 P.M. on 31.12.2025 during office hours only. Submission of bid through any other mode and late bid will be rejected.
4. Proposals received shall be opened at 11:00 A.M. on 02.01.2026 in the Office of the Chief Construction Engineer, Keonjhar (R&B) Circle, Keonjhar-758001.
5. The Authority reserves all rights to cancel any or all proposals without assigning any reason.

**Adress of Authority**
**Chief Construction Engineer,**
**Keonjhar (R&B) Circle, Keonjhar, Odisha**
**Pin - 758001, Tel : +91-6766-255226**
**Email : ccekeonjharpwdcircle@gmail.com**

Sd./- Chief Construction Engineer, Keonjhar (R&B) Circle, Keonjhar
OIPR-34033/11/0099/2526

## SAMBALPUR MUNICIPAL CORPORATION
Notice No. 14529/SMC Date. 09.12.2025
**RFP FOR "SELECTION OF OUTSOURCING AGENCY FOR ANIMAL BIRTH CONTROL PROGRAM WITHIN SMC AREA".**

**No.C-1753** : Sealed tenders are hereby invited by SMC from suitable Agency for implementation of "Animal Birth Control Program" within SMC area for a period of 01 (one) year which will be extended for further 02 years, one year at a time.
The details of the bidding process are as follows :

| Sl. No. | Bidding Schedule | Deadline |
|---|---|---|
| 1 | Date of Issue | 09.12.2025 |
| 2 | Bid due Date & Time | 04.01.2026 upto 5.30 |
| 3 | Opening of Technical Bid | 05.01.2026 at 4.00 P.M. |

The details tender document can be downloaded from this office website www.smcsambalpur.nic and www.tendersodisha.gov.in.
The Authority reserves the right to cancel any or all the Bids without assigning any reason thereof.

Sd./- Municipal Commissioner, Sambalpur Municipal Corporation
OIPR-13122/11/0152/2526

## OFFICE OF THE MUNICIPALITY, NABARANGPUR
NABARANGPUR (ODISHA), PIN-764059
E-mail : municipalityngpr@gmail.com
No.5144 Date : 08.12.2025
**Quotation Call Notice**

**No.C-1744** : Sealed Quotations are invited from the intending Agency / Firm for wall painting at different strategic location of Nabarangpur Municipality who are already involved for Preparation of creative art designing of the works to Wall Painting in different themes. The quotation is to be received by the undersigned on or before 5.00 P.M on dated 19.12.2025 through registered post/ speed post / hand delivery At- Nabarangpur Municipality, Po/Ps-Nabarangpur, Dist- Nabarangpur, Pin-764059 within the working hour from 10.00 A.M to 5.00 P.M. The rate should be inclusive of all taxes. The quotation will be opened on dt.20.12.2025 at 11.00 A.M in the office premises in presence of the bidder/Firm/Agency or their authorized representatives if any. The undersigned reserve the rights to accept or reject any or all quotation without assigned any reason thereof. For more details enquiry, Quotationer may contact to the Nabarangpur Municipality Office within the Official working hour (Mobile No. 8249255900). Details may accessed and quotation details can be downloaded from the website https://www.nawarangpurm.in/ and https:// www.nabarangpur.odisha.gov.in/en/tender (From **10.12.2025 of 10.00 A.M to 18.12.2025 of 5.00 P.M**).

Sd./- Executive Officer, Nabarangpur Municipality
OIPR-13065/11/0029/2526

## Odisha State Road Transport Corporation
Paribahan Bhawan, Sachivalaya Marg
Bhubaneswar, Odisha 751009
Email: osrtc@od.gov.in, Phone No.0674-2530908
Notice No.14627, Date:11.12.2025
**EXPRESSION OF INTEREST**
**EOI FOR SELECTION OF IRDA APPROVED INSURANCE AGENCIES FOR ODISHA STATE ROAD TRANSPORT CORPORATION (OSRTC) BUSES.**

**No.CAD-2672:** Odisha State Road Transport Corporation (OSRTC) invites Proposal from interested agencies for the above mentioned EoI. Please refer to the EoI document for details.
- The EoI document shall be available from 11.12.2025 onwards in the following web portal:www.osrtc.org and https://tendersodisha.gov.in. **Any further intimation (i.e. Corrigendum/Addendum/Responses to the queries/ Clarifications) shall be uploaded in the above website only.**
- Applicants are required to submit a duly filled EoI Proposal as per the prescribed formats online on or before 19.12.2025 by 05.00 PM. The EoI Proposals received shall be opened at 04.00 PM on 20.12.2025.
- In case of any queries/ clarifications, E-mail at osrtc@od.gov.in
- OSRTC reserves the right to accept or reject bid process without assigning any reason thereof.

Sd./- General Manager (Operation), Odisha State Road Transport Corporation
OIPR-38002/11/0036/2526

## GOVERNMENT OF ODISHA
No.C-1713
## OFFICE OF THE ADDITIONAL CHIEF ENGINEER, P.H. CIRCLE, NAYABAZAR, CUTTACK-753004
Ph. : 0671-2440841, E-mail : sephctc@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
Invitation For Bids (IFB) No.ACEPHCTC-06/2025-26 Dtd.06.12.2025

| Sl. No. | Name of the work | Estimated cost (Approx) |
|---|---|---|
| 1. | Construction of approach road to 4 MLD WTP under Athagarh NAC under State Plan | Rs.124.21 lakh |

1. Date & time of availability of bid document in the portal : 11.00 Hrs. of dt.16.12.2025 to 17.30 Hrs. of dt.30.12.2025
2. Last date/time of receipt of bids in the portal : 30.12.2025 upto 17.30 Hrs.
3. Date & time of opening of bids : 31.12.2025 at 12.30 Hrs.
4. Name and address of the Officer Inviting Bid : The Additional Chief Engineer, P.H. Circle, Nayabazar, Cuttack - 753004, Odisha, Ph. (0671)2440841, email : sephctc@gmail.com

Further details can be seen from the website www.tendersorissa.gov.in

Sd./- Addl. Chief Engineer, P.H. Circle, Cuttack
OIPR-13029/11/0015/2526

## Bhubaneswar Development Authority
Akash Shova Building, Pandit Jawaharlal Nehru Marg, Bhubaneswar, Odisha 751001
Visit us at: http://www.bda.gov.in
**INVITATION FOR BIDS**
Notice No.682/EE-II/BDA Date:09.12.2025

No.CAD-2650: Executive Engineer, Division No.II, BDA on behalf of Bhubaneswar Development Authority, Bhubaneswar invites Highest Quoted (H1) bids in OFFLINE MODE from eligible bidders as mentioned below.

| Sl. No. | Particulars | Details |
|---|---|---|
| 1 | Name of Work | Selection of an Agency or Individual for Operation and Management of Parking Lot at Master Canteen |
| 2 | Offset Price | INR 75,00,000.00 |
| 3 | Cost of Bid documents | INR 10,000.00+18% GST = INR 11,800.00 (Offline Mode) |
| 4 | Earnest Money Deposit (EMD) | INR 7,50,000.00 (Offline Mode) |
| 5 | Availability of Tender | From 12.12.2025 to 05.30 PM of 26.12.2025 |
| 6 | Last date and time of submission of Tender | 05.00 PM of 26.12.2025 |
| 7 | Date and time of opening of Tender | 11.30 AM of 29.12.2025 |
| 8 | Place of opening of Tender | Office of the Executive Engineer, Division No.II, BDA, Bhubaneswar |

Further details can be seen from the website: https://bda.gov.in. Any addendum/ corrigendum/ cancellation of tender can also be seen in the said website.

Sd./- Executive Engineer, Div-II, BDA, Bhubaneswar
OIPR-13033/11/0413/2526

## OFFICE OF THE MANAGING DIRECTOR, ORISSA STATE COOPERATIVE SPINNING MILLS FEDERATION LTD.,
C/O DIRECTORATE OF TEXTILES, ODISHA, SATYANAGAR, BHUBANESWAR-751007
E-mail: spinfedodisha@gmail.com
**Quotation/Tender Call Notice for Hiring of Vehicle**

**No.CAD-2671:** Sealed quotations are invited in the prescribed format from Travel Agencies/ Tour Operators/ Individuals vehicle owners having valid upto date PAN/GST Registration Number for providing 01 (One) no. of vehicle (Tiago/ Bolt/ Celerio etc) for engagement in Office of Orissa State Co-operative Spinning Mill Federation Ltd., Odisha, Bhubaneswar on monthly rent basis. The details of the terms & conditions of the above services alongwith tender documents can be downloaded from the website **www.textiles.odisha.gov.in** and **www.sadhacodisha.org.** Last date for submission of quotation is on or before dt.30.12.2025 by 5.30 PM by Courier/Speed Post/ Registered Post only.

Sd./- Managing Director
OIPR-31002/11/0009/2526

## GOVT. OF ODISHA
No. O-1694
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA
Ph.: 06670-235504, E_Mail: serwbpt@yahoo.com
Bid Identification No.: BPT/Online-13/2025-26, Date: 29.11.2025
**NOTICE INVITING TENDERS FOR BUILDING WORKS IN ODISHA, NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of Building Works in the District of Nuapada.
2. No. of Works : 06 Nos.
3. Location Details : Kalahandi and Nuapada District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of Technical Bid |
|---|---|---|---|
| From | To | | |
| 12.12.2025 11.00 A.M. | 30.12.2025 5.00 P.M. | 29.12.2025 | 31.12.2025 at 11.00 A.M. |

Further details can be seen from the website **"www.tendersorissa.gov.in"**.

Sd./- Chief Construction Engineer, Rural Works Circle, Bhawanipatna
OIPR-25102/11/0037/2526

## OFFICE OF THE NOTIFIED AREA COUNCIL, CHIKITI, GANJAM
Letter No.1641, Date:11.12.2025
**Corrigendum of e-tender call Notice No. CHKT-NAC-02/2025-26 published vide letter no.1544, dtd.28.11.2025**

No.C-1773:The DTCN published vide e-Tender Call Notice No.CHKT-NAC-02/2025-26 published vide letter No.1544, dtd.28.11.2025, please read the table 26. Check list of submission for Sl.No.06 read EPF Registration Certification instead of EPF Registration & Clearance Certificate.

Sd./- Executive Officer, NAC, Chikiti
OIPR-13222/11/0004/2526

## ODISHA MINING CORPORATION LIMITED
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

No.CAD-2675 **Bid document No.** : OMC/E-PROC/C&P/033/2025-26 dated 11.12.2025

| | | |
|---|---|---|
| 1 | Name of the Work/Service | Preparation and Authentication of Land Schedule, Land Use Maps & Associated Works for Submission of Forest Clearance Application of various exploration blocks of OMC |
| 2 | Availability of tender documents | Date : 12.12.2025 |
| 3 | Bid due date | Date : 13.01.2026 Up to 3.00 P.M. |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in), OMC reserves the right to reject any or all bids without assigning any reason thereof.

Sd./- Head (C&P)
OIPR-30005/11/0299/2526

## OFFICE OF THE GENERAL MANAGER, WATCO DIVISION, BARIPADA
e-Mail : eephbaripada2016@gmail.com
Letter No.4948 Dt.09.12.2025
**1st Corrigendum of the Tender Call Notice Bid Identification No. : 19/GM/WATCO/2025-26 Dt.01.12.2025**

**No.C-1770** : The bid invitation **Bid No.-19//GM/WATCO/2025-26 of Dt.01.12.2025** is hereby delayed in B.OQ. & DTCN upload due to Technical reason on Dt.05.12.2025. The last date and time of seeking clarification is 5.00 P.M. Dt.20.12.2025

| Sl. No. | Name of the work | Class of Contract or/Type of Bid | Estimated cost (Excluding GST)(Rs. In Lakhs) | Cost of DTCN & EMD (Online) | Period of Completion | Availability of Tender for Online Bidding | Last date & Time for bidding online | Date & time of opening of Bid |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Improvement of water supply to Newly Developed area to Rairangpur Municipality in Mayurbhanj District | "B" Class | 57.19 | 0.58 | 6 (Six) Calendar months | From 11.00 hrs of 10.12.2025 17.00 hrs of 23.12.2025 | 17.00 hrs of 23.12.2025 | 11.30 hrs of 24.12.2025 |

Sd./- General Manager, WATCO Division, Baripada
OIPR-13209/11/0008/2526

## GOVERNMENT OF ODISHA
No. A-1104
## DEPARTMENT OF WATER RESOURCES
## OFFICE OF THE CHIEF ENGINEER & BASIN MANAGER SUBARNAREKHA AND BUDHABALANGA BASIN
LAXMIPOSI, DIST.: MAYURBHANJ
MAIL ID: CEBMSBB2019@GMAIL.COM
**"e" PROCUREMENT NOTICE**
Bid Identification No. 01/25-26 of CEBM, SBB, Laxmiposi

| | | |
|---|---|---|
| 1 | Name of Work | A. Chandipur Embankment Extension (Construction of Additional length of 460m Protection work of Panthaniwas<br>B. Raising and Protection to left Bank of River Subarnarekha from Village: Bidyadharpur to Sekhbad<br>C. Restoration and protection to right bank of river Budhabalanga near Village: Palusia, Rabaneswar, Kalyanpur, Alada, Makanda & Haldia<br>D. Construction of Sluice cum VRB over supply channel of OCC R-III and Reconstruction of Lock Gate at Bhograi Block of Balasore District. |
| 2 | Estimated Cost | A. Rs.1723.99 Lakh<br>B. Rs.1550.97 Lakh<br>C. Rs.1256.42 Lakh<br>D. Rs.775.10 Lakh |
| 3 | Bid Security/E.M.D. | A. Rs.17,24,000/-<br>B. Rs.15,51,000/-<br>C. Rs.12,56,500/-<br>D. Rs.7,75,100/- |
| 4 | Period of Completion | For Sl. No. A & B - 15 (Fifteen) Calendar Months, For Sl. No. C - 12 (Twelve) Calendar Months & For Sl. No. D - 10 (Ten) Calendar Months |
| 5 | Class of Contractor | "A" Class and "Special" Class |
| 6 | Date & Time of availability of bid document in the portal | 18.12.2025 at 10.00 A.M. |
| 7 | Last date/time for receipt of bid in the portal | 07.01.2026 upto 5.00 P.M. |
| 8 | Date of opening of bid | 08.01.2026 at 11.00 A.M. |
| 9 | Name & address of the O.I.T. | Chief Engineer & Basin Manager, O/o. the CE & BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal **"https://tendersodisha.gov.in"**. Corrigednum if any will be published in e-Procurement site.

Sd./- Chief Engineer & Basin Manager, Subarnarekha & Budhabalanga Basin, Laxmiposi, Mayurbhanj
OIPR-32429/11/0009/2526

## ODISHA PUBLIC SERVICE COMMISSION
**NOTICE**
No.8549/P.S.C., Dt. 11.12.25
(2PG-09-25/26, DR-I)

**No.D-279** : It is for information of all concerned that, the Commission has decided to conduct the Odisha Civil Services Main (Written) Examination- 2024, "pursuant to Advt. No. 07 of 2024-25 from **31.01. 2026 to 10.02.2026** as per the Programme detailed below: -

**PROGRAMME FOR ODISHA CIVIL SERVICES MAIN (WRITTEN) EXAMINATION, 2024**

| Date of Examination | Forenoon Session (9.00 A.M. to 12 Noon) | Afternoon Session (2.00 P.M. to 5.00 P.M.) |
|---|---|---|
| (1) | (2) | (3) |
| 31.01.2026 (Saturday) | Paper-I : Odia Language | Paper-II : English Language |
| 02.02.2026 (Monday) | Paper-I : Essay | |
| 04.02.2026 (Wednesday) | Paper-II : Genral Studies, Paper-I | Paper-III : General Studies, Paper-II |
| 06.02.2026 (Friday) | Paper-IV : General Studies, Paper-III | Paper-V : General Studies, Paper-IV |
| 10.02.2026 (Tuesday) | Paper-VI: Optional Subject, Paper-I (Agriculture/Agriculture Engineering/Animal Husbandry and Veterinary Science/ Anthropology/ Botany/Chemistry/ Civil Engineering/Commerce and Accountancy/Economics/ Education/Electrical Engineering/ Fishery Science/ Forestry/ Geography/ Geology/History/Home Science/ Law/Management/ Mathematics/Mechanical Engineering/ Medical Science/ Philosophy/ Physics/Political Science and International Relations/ Psychology/ Public Administration/ Sociology/ Zoology/Literature of any one of the following languages: English/Hindi/Odia) | Paper-VII: Optional Subject, Paper-II (Agriculture/ Agriculture Engineering/Animal Husbandry and Veterinary Science/ Anthropology/ Botany/Chemistry/ Civil Engineering/Commerce and Accountancy/Economics/ Education/ Electrical Engineering/ Fishery Science/Forestry/ Geography/ Geology/History/ Home Science /Law/ Management/ Mathematics/Mechanical Engineering/ Médical Science/ Philosophy/ Physics/ Political Science and International Relations/Psychology/ Public Administration/Sociology/Zoology/ Literature of any one of the following languages: English/Hindi/Odia) |

**N.B:-** The PwD candidates will be given one hour extra time in each sitting i.e. from 9.00 A.M. to 1.00 PM. & 2.00 P.M. to 6.00 P.M,
2. The **"Admission Certificate"** and **"Instructions to Candidates"** for the aforesaid Examination will be available in the website of Commission prior to 7 days of the Examination. The candidates are required to download their **"Admission Certificate"** and **"Instructions to Candidates"** from the website of the Commission at http://opsc.gov.in for admission to the Examination Center.
3. The candidates are advised to visit the website of the Commission at http://opsc.gov.in for further information.

Sd./- Secretary
OIPR-12002/11/0343/2526

## INVITATIONS FOR BIDS (IFB)
## ODISHA STATE CASHEW DEVELOPMENT CORPORATION LTD.
KAJUBHAWAN, GHATIKIA, BHUBANESWAR
E-mail:contact@oscdc.com
**e-Procurement Notice**
No.CAD-2664: Bid Identification Number: OSCDC-06 of 2025-26
Tender Call Notice No.3514, Date:11.12.2025

| | |
|---|---|
| Name of the Work : | 1.Construction of Administrative-cum-Labourshed Building at Kathagada Nursery, Rambha, Ganjam<br>2. Construction of C.C.Road at Kathagada Nursery, Rambha, Ganjam<br>3. Installation of Bore Well & Construction of Water Sump at Kathagada Nursery, Rambha, Ganjam |
| Total No. of Projects: | 3 (Three) numbers |
| Estimated Cost of Projects: | Varies from Rs.6.84 lakh to Rs.39.73 lakh (Excluding GST) |
| Class of Contractor: | For the work at sl.no. 1- "C" & "B" Class and for the works at sl.no. 2 & 3 - "D" & "C" Class (of Odisha PWD) or equivalent Class of other licensing authorities. |
| Period of Completion: | As per TCN |

**Other details:**

| Procurement Officer | Bid Identification No. | Availability of Tender online for bidding | | Submission of Original Documents | Date & Place of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| MANAGING DIRECTOR, OSCDC LTD. BHUBANESWAR | OSCDC-06 OF 2025-26 | 12.12.2025 from 11.00 A.M. | 26.12.2025 upto 5.00 P.M. | During office hours of working days from dt.15.12.2025 from 11.00 AM to 29.12.2025 upto 05.00 PM in the Office of Executive Engineer, OSCDC, Kajubhawan, Bhubaneswar-751029 (To be dropped in the sealed Box) | Dt.30.12.2025 at 11.30 AM in the confernece hall, OSCDC, Kajubhawan, Bhubaneswar 751029 |

Further details can be seen from the website www.tendersodisha.gov.in.

Sd./- Managing Director
OIPR-01049/11/0040/2526

କିଛିଦିନ ପରେ ବିଦାୟ ନେବ ୨୦୨୫। ଉତ୍ତର ଓଡ଼ିଶାରେ ଘଟିଥିବା ଚର୍ଚ୍ଚିତ ଘଟଣା ମଧ୍ୟରୁ ଜନମାନସକୁ ଦୋହଲାଇଦେଇଥିଲା ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି । ନ୍ୟାୟ ପାଇଁ ସେ ନିଜ ଦେହରେ ଲଗାଇଦେଇଥିଲେ ନିଆଁ। ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଥିବା ଏହି ଘଟଣା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ସମାନ ଧରଣର ଘଟଣା ନଜରକୁ ଆସିଥିଲା। ଜମ୍ମୁ କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ବାଲେଶ୍ୱର ସଦର ବ୍ଲକ୍ ସାରଗାଁ ପଞ୍ଚାୟତ ଇଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀ ଟଳିପଡିଥିଲାବେଳେ ସିନେ ଅଭିନେତା ଉତ୍ତମ ମହାନ୍ତିଙ୍କ ପରଲୋକ ଦୁଃଖ ଦେଇଥିଲା। ଏହି ଶୋକ ଆଉ ଦୁଃଖ ଭିତରେ ଶିମିଳିପାଳ ଅଭୟାରଣ୍ୟକୁ ଜାତୀୟ ଉଦ୍ୟାନ ମାନ୍ୟତା, ଘଟଗାଁ ତାରିଣୀ ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୩୧୨ କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ କରିବା ଖୁସି ଭରି ଦେଇଥିଲା। ବର୍ଷ ଶେଷ ଆଡ଼କୁ ଭଦ୍ରକ ଜିଲାର ୪ ବ୍ଲକ୍ ଅଧ୍ୟକ୍ଷା ଅଧ୍ୟକ୍ଷ ବିଜେଡି ଛାଡ଼ି ଭାଜପାରେ ସାମିଲହେବା ଉତ୍ତର ଓଡ଼ିଶା ରାଜନୈତିକ ପାଣିପାଗକୁ ସରଗରମ କରିଥିଲା। ଏହିଭଳି ଘଟଣା ସମୂହକୁ ନେଇ ଅଭୁଲା-୨୦୨୫...

# ନ୍ୟାୟ ନିଆଁ



## ଜଳିଗଲେ ସୌମ୍ୟାଶ୍ରୀ



ସେଦିନ ଥିଲା ଜୁଲାଇ ୧୨ ତାରିଖ। ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ଛାତ୍ରୀ ବାରମ୍ବାର ନ୍ୟାୟ ପାଇଁ ଲଢ଼େଇ କରି ଶେଷରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଜୀବନ ସଂଗ୍ରାମରେ ହାରିଗଲେ। ଏହି ଘଟଣା ରାଜ୍ୟରେ ସୃଷ୍ଟିକରିଥିଲା ଚହଳ। ବାଲେଶ୍ୱର ଏଫଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗର ଏଚ୍‌ଓଡି ସମୀର ସାହୁଙ୍କ ନାମରେ ମାନସିକ ନିର୍ଯାତନାର ଅଭିଯୋଗ ଆଣିଥିଲେ ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟାଶ୍ରୀ ବିଶି। ଛାତ୍ରୀଜଣକ ଆତ୍ମରକ୍ଷା ପ୍ରଶିକ୍ଷଣରେ ଜଣେ ତାଲିମପ୍ରାପ୍ତ ଟ୍ରେନର। ଅଧ୍ୟାପକ ଜଣକ ଛାତ୍ରୀଙ୍କଠାରୁ ଫେଭର (ଅନୁଚିତ ଅନୁଗ୍ରହ) ମାଗିବା ସହ ଶାରୀରିକ ପ୍ରାପ୍ୟ ଆଶା କରିଥିଲେ। ସେ ଅସ୍ୱୀକାର କରିବାରୁ ଅଧ୍ୟାପକ ତାଙ୍କୁ ପ୍ରଥମେ କ୍ଲାସ୍ ଅନୁପସ୍ଥିତିକୁ କେନ୍ଦ୍ରକରି ଫେଲ୍ କରିଦେବାର ଧମକ ଦେଇଥିଲେ। ଏଚ୍‌ଓଡିଙ୍କ ବିରୋଧରେ ସୌମ୍ୟାଶ୍ରୀ ଅଧ୍ୟକ୍ଷ ଓ ପୋଲିସଙ୍କଠାରେ ଅଭିଯୋଗ କରିଥିଲେ। ଗତ ଜୁଲାଇ ୧୨ତାରିଖ ତଦନ୍ତ କ'ଣ ହେଲା ଏବଂ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଇନାହିଁ ବୋଲି ଦାବିକରି ଛାତ୍ରୀଛାତ୍ରଙ୍କ ସହ ସୌମ୍ୟାଶ୍ରୀ କଲେଜ ପରିସରରେ ଧାରଣାରେ ବସିଥିଲେ। ପରେ ଅଧ୍ୟକ୍ଷ ଦିଲୀପ ଘୋଷ ଛାତ୍ରୀଙ୍କୁ ଡାକି ଏକୁଟିଆ କିଛି ସମୟ ଆଲୋଚନା କରିଥିଲେ। ସେଠାରୁ ଫେରି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୌମ୍ୟାଶ୍ରୀ ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମସ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଜୁଲାଇ ୧୪ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାରେ ଗିରଫ ହୋଇଥିଲେ ଏଚ୍‌ଓଡି ସାହୁ ଓ ଅଧ୍ୟକ୍ଷ ଘୋଷ। ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଅଗଷ୍ଟ ୩ରେ ଛାତ୍ରନେତା ଶୁଭ୍ରସମ୍ବିତ ନାୟକ ଓ ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଅକ୍ଟୋବର ୨୪ରେ ଉଭୟେ ଜେଲରୁ ଜାମିନରେ ମୁକୁଳିଥିଲେ।

## ଉତ୍ତମ କଳାଜଗତର ସର୍ବୋତ୍ତମ



୨୦୨୫ ଫେବୃଆରୀ ୨୭ରେ ଅଭିନେତା ଉତ୍ତମ ମହାନ୍ତିଙ୍କ ପରଲୋକ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଶୂନ୍ୟତା ସୃଷ୍ଟି କରିଥିଲା। ତାଙ୍କ ଜନ୍ମମାଟି ମୟୂରଭଞ୍ଜ ଜିଲା ବାରିପଦା ସମେତ ସାରା ଓଡ଼ିଶାରେ ଶୋକର ଛାୟା ଖେଳିଯାଇଥିଲା। ଉତ୍ତମଙ୍କ ଅଭିନୟ ଓଡ଼ିଆ ଜଗତରେ ଚହଳ ସୃଷ୍ଟି କରିଥିଲା। ୩ ଦଶନ୍ଧି ଧରି ବିଭିନ୍ନ ଚଳଚ୍ଚିତ୍ରରେ ଅଭିନୟକରି ନିଜର ପତିଆରା ଜାହିରକରି ଆସିଥିଲେ। ମନଛୁଆଁ ଅଭିନୟ ସାଙ୍ଗକୁ ସୁନ୍ଦର ଚେହେରା ପାଇଁ ସେ କଳାଜଗତରେ ଦର୍ଶକଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ୧୯୭୭ରେ 'ଅଭିମାନ' ଚଳଚ୍ଚିତ୍ରରୁ ସେ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୦ରେ 'ଦଣ୍ଡାବାଳୁଙ୍ଗା' ଚଳଚ୍ଚିତ୍ରରେ ସେ ଅଭିନୟକରି ସିନେଜଗତରେ ଚର୍ଚ୍ଚିତ ଚେହେରା ଭାବେ ପରିଚୟ ହାସଲ କରିଥିଲେ। ନିଜ କ୍ୟାରିୟର ମଧ୍ୟରେ ୧୩୫ଟି ଚଳଚ୍ଚିତ୍ରରେ ତାଙ୍କ ଅଭିନୟ କଳାପ୍ରେମୀଙ୍କୁ ଆକର୍ଷିତ କରିଛି। ୪ ଥର ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହୋଇଥିଲେ।

## ପହଲଗାମ୍‌ରେ ଲିଭିଲା ସିନ୍ଦୂର



ସେଦିନ ଥିଲା ୨୦୨୫ ଏପ୍ରିଲ ୨୨ ତାରିଖ। ଜମ୍ମୁ କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ଟଳିପଡ଼ିଥିଲେ ବାଲେଶ୍ୱର ସଦର ବ୍ଲକ୍ ଇଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀ। ବାଲେଶ୍ୱର ସିପେଟ୍‌ରେ ଆକାଉଣ୍ଟାଣ୍ଟ କାମ କରୁଥିବା ପ୍ରଶାନ୍ତ ଗ୍ରୀଷ୍ମଋତୁରେ ଛୁଟି କାଟିବା ଲାଗି ଏପ୍ରିଲ ୧୯ ରେ ସ୍ତ୍ରୀ ପ୍ରିୟଦର୍ଶିନୀ ଓ ୮ ବର୍ଷର ପୁଅ ତନୁଜଙ୍କ ସହ ଜମ୍ମୁ କଶ୍ମୀର ଯାଇଥିଲେ। ସେଠାରେ ପହଞ୍ଚି ପହଲଗାମ୍‌ର ବୈସାରନ ଭ୍ୟାଲିରେ ରହିଥିଲେ। ୨୨ତାରିଖରେ ପୁଅ ଓ ସ୍ତ୍ରୀଙ୍କ ସହ ପ୍ରଶାନ୍ତ ବୁଲୁଥିବା ବେଳେ ସେଠାରେ ଆତଙ୍କବାଦୀମାନେ ଅତର୍କିତ ଗୁଳିମାଡ଼ କରିଥିଲେ। ପୁଅ ଓ ସ୍ତ୍ରୀଙ୍କ ସାମ୍ନାରେ ଟଳିପଡ଼ିଥିଲେ ପ୍ରଶାନ୍ତ। ପ୍ରଶାନ୍ତଙ୍କ ପାର୍ଥିବ ଶରୀର ଜମ୍ମୁ-କଶ୍ମୀରରୁ ଆସି ୨୩ ତାରିଖ ରାତିରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରୁ ତାଙ୍କ ମରଶରୀରକୁ ୨୪ ତାରିଖ ଭୋର ସମୟରେ ଜନ୍ମମାଟି ଇଶାଣୀକୁ ଅଣାଯାଇଥିଲା। ନିସ୍ତବ୍ଧ ହୋଇଥିଲା ଇଶାଣୀ ଗାଁ। ପ୍ରଶାନ୍ତଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ସହାୟତା, ସ୍ତ୍ରୀଙ୍କ ପାଇଁ ସରକାରୀ ଚାକିରି ସହ ପୁଅର ପାଠପଢ଼ା ପାଇଁ ଆବଶ୍ୟକ ବ୍ୟବସ୍ଥା ରାଜ୍ୟ ସରକାର କରିବେ ବୋଲି ଘୋଷଣା କରିଥିଲେ। ଶବାଧାର ସହ ଚାଲି ଚାଲି ଶ୍ମଶାନକୁ ଯାଇଥିଲେ ମୁଖ୍ୟମନ୍ତ୍ରୀ। ଲୁହ ଛଳ ଛଳ ଆଖିରେ ପ୍ରଶାନ୍ତଙ୍କୁ ଅଶ୍ରୁଳ ବିଦାୟ ଜଣାଇଥିଲା ଜନ୍ମମାଟି।

## ସ୍ତ୍ରୀଙ୍କୁ ହତ୍ୟାକଲେ ଏବିଡିଓ

ଅକ୍ଟୋବର ୨ରେ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅଞ୍ଚଳରେ ଘରୋଇ କଳହକୁ ନେଇ ଭଦ୍ରକ ଜିଲା ବନ୍ତ ବ୍ଲକ୍ ଏବିଡିଓ ଦେବୀପ୍ରସାଦ ଜେନା ନିଜ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପରେ ସେ ଉତ୍ତର ପ୍ରଦେଶ ପଳାଇଯାଇ ଏକ ଆଶ୍ରମରେ ରହିଥିଲେ। ଅକ୍ଟୋବର ୨୬ରେ କୌଣସି କାରଣରୁ ଲୁଚିଛପି ଗ୍ରାମକୁ ଆସିଥିବା ବେଳେ ନନ୍ଦୀପଦା ପୋଲିସ ତାଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା।

## ରାଜଧାନୀରେ ହତ୍ୟା ଘଟଗାଁରେ ମୃତଦେହ

ସେପ୍ଟେମ୍ବର ୧୮ରେ ବହୁଚର୍ଚ୍ଚିତ ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲଙ୍କ ମୃତଦେହ ଘଟଗାଁରୁ ମିଳିଥିଲା। ଭୁବନେଶ୍ୱରରୁ ନିଖୋଜ କନ୍‌ଷ୍ଟେବଲ ଶୁଭମିତ୍ରା ସାହୁଙ୍କୁ ତାଙ୍କ ପୁରୁଷ ବନ୍ଧୁ ହତ୍ୟାକରି ଆଣି ଘଟଗାଁରେ ପୋତିଥିଲେ। ପୋଲିସ ଘଟଗାଁ ଥାନା ଅଞ୍ଚଳରୁ ମୃତଦେହ ମାଟିତଳୁ ବାହାରକରି ଜବତ କରିଥିଲା। ଘଟଣାରେ ପୋଲିସ ତାଙ୍କ ପୁରୁଷ ବନ୍ଧୁ ଯାଜପୁର ଜିଲାର କନ୍‌ଷ୍ଟେବଲ ଦୀପକ ରାଉତଙ୍କ ସମେତ ସହଯୋଗୀଙ୍କୁ ଗିରଫ କରିଥିଲା।

## ବିଜେଡିକୁ ଝଟକା



ନଭେମ୍ବର ୨୯ରେ ଭଦ୍ରକ ରାଜନୀତିରେ ଏକ ନାଟକୀୟ ମୋଡ଼ ସୃଷ୍ଟି ହୋଇଥିଲା। ବିଜେଡିକୁ ଲାଗିଥିଲା ବଡ଼ ଝଟକା। ଏକାଥରେ ୪ ବ୍ଲକ୍ ଅଧ୍ୟକ୍ଷା ଅଧ୍ୟକ୍ଷ ଦଳ ଛାଡ଼ିଥିଲେ। ପ୍ରଥମେ ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ୨୯ ତାରିଖରେ ଦଳରୁ ଇସ୍ତଫା ଦେଇଥିବା ବେଳେ ସେହି ଗୋଟିଏ ଦିନରେ ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ଓ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଊର୍ମିଳା ନାୟକ ଇସ୍ତଫା ଦେଇଥିଲେ। ୩୦ ତାରିଖରେ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ବିଜେଡି ଛାଡ଼ିଥିଲେ। ଡିସେମ୍ବର ୬ରେ ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲଙ୍କ ୨ ପୁଅଙ୍କ ସମେତ ଦଳ ଛାଡ଼ିଥିବା ୪ ବ୍ଲକ୍ ଅଧ୍ୟକ୍ଷା ଅଧ୍ୟକ୍ଷ ଭାଜପାରେ ମିଶିଥିଲେ। ଯାହାକି ଭଦ୍ରକ ରାଜନୀତିକୁ ସରଗରମ କରିଥିଲା।

୧- ମନୋରଞ୍ଜନ ଘଡ଼େଇ
୨-ସୁମତୀ ସେଠୀ
୩-ଊର୍ମିଳା ନାୟକ
୪-ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ

## ଶିମିଳିପାଳକୁ ଜାତୀୟ ଉଦ୍ୟାନ ମାନ୍ୟତା



୨୦୨୫ ଏପ୍ରିଲ ୨୪ ଥିଲା ମୟୂରଭଞ୍ଜ ଜିଲା ତଥା ଓଡ଼ିଶା ପାଇଁ ଖୁସିର ଦିନ। କାରଣ ଏହିଦିନ ଜୈବ ବିବିଧତାରେ ପରିପୂର୍ଣ୍ଣ ଶିମିଳିପାଳ ଅଭୟାରଣ୍ୟକୁ ୧୦୭ତମ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଥିଲା। ୧୯୮୦ରେ ଜାତୀୟ ଉଦ୍ୟାନ ମାନ୍ୟତା ପାଇଁ ପ୍ରସ୍ତାବ ଆଗତ ହୋଇଥିଲେ ସୁଦ୍ଧା ୪୫ବର୍ଷ ପରେ ଏହାକୁ ସ୍ୱତନ୍ତ୍ର ଭାବେ ମଞ୍ଜୁର କରାଯାଇଥିଲା। ଶିମିଳିପାଳର ୮୪୫.୭୦ବର୍ଗ କି.ମି. ବିଶିଷ୍ଟ ପରିଧି ଅଞ୍ଚଳ ରାଜ୍ୟର ସର୍ବବୃହତ୍ ଜାତୀୟ ଉଦ୍ୟାନ ଭାବେ ପରିଗଣିତ ହୋଇପାରିଛି। କଳା ମହାବଳ ବାଘକୁ ନେଇ ଶିମିଳିପାଳ ବିଶ୍ୱସ୍ତରରେ ପରିଚିତ। ମହାବଳ ବାଘବଂଶ ବୃଦ୍ଧିରେ ଶିମିଳିପାଳକୁ ସର୍ବୋତ୍ତମ ସ୍ଥାନଭାବେ ବିବେଚନା କରାଯାଏ। ୩୯ ମହାବଳ ବାଘ ସାଙ୍ଗକୁ ରାଜ୍ୟର ମୋଟ ହାତୀ ସଂଖ୍ୟାର ୨୫ ପ୍ରତିଶତ ହାତୀଙ୍କର ଏହା ହେଉଛି ଆଶ୍ରୟସ୍ଥଳୀ। ଏଠାରେ ୩୬୦ରୁ ଅଧିକ ପ୍ରଜାତିର ପକ୍ଷୀ, ୧୦୭୬ ପ୍ରକାର ଉଦ୍ଭିଦ, ୬୦୪ ପ୍ରକାର ଔଷଧୀୟ ବୃକ୍ଷ, ୪୫ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୬୨ ପ୍ରଜାତିର ସରୀସୃପ ଏବଂ ୨୦ ପ୍ରଜାତିର ଉଭୟଚର ପ୍ରାଣୀଙ୍କୁ ଦେଖିବାକୁ ମିଳିଥାଏ।

## ତାରିଣୀ ପୀଠ ପାଇଁ ୩୧୨ କୋଟି



ଡିସେମ୍ବର ୭ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀଙ୍କ ପୀଠକୁ ବିଶ୍ୱସ୍ତରୀୟ ଧାର୍ମିକ ସ୍ଥଳ ଭାବେ ଗଢ଼ି ତୋଳିବାକୁ ୩୧୨ କୋଟି ଟଙ୍କାର ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ୬୦ ଏକର ଜମିରେ ପରିବ୍ୟାପ୍ତ ପ୍ରକଳ୍ପରେ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀନିବାସ, ତୀର୍ଥଯାତ୍ରୀ କେନ୍ଦ୍ର, ବ୍ୟାଖ୍ୟାନ କେନ୍ଦ୍ର, ଖାଦ୍ୟ ପ୍ଲାଜା, ୱାଚ୍ ଟାୱାର, ମାର୍କେଟ କମ୍ପ୍ଲେକ୍ସ, ନଡ଼ିଆ ଗୋଦାମ, ୫୦୦ ଜଣଙ୍କ ପାଇଁ ପ୍ରସାଦ ସେବନ ହଲ୍, ଶୌଚାଳୟ, ପୋଷାକ କୋଠରି, ଜୋତା ଷ୍ଟାଣ୍ଡ, ଟିକେଟ କାଉଣ୍ଟର, ହାତପାଦ ଧୋଇବା ସ୍ଥାନ, ଡ୍ରାଇଭରଙ୍କ ପାଇଁ ରେଷ୍ଟରୁମ୍ ନିର୍ମାଣ ନେଇ ସେ ଅବଗତ କରିଥିଲେ। ଏଥିସହ ମନ୍ଦିରକୁ ସଂଯୋଗ ରାସ୍ତାର ଉନ୍ନତୀକରଣ, ପାର୍କିଂ, ୪ଟି ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକାରୀ କରାଯିବ। ଆଗାମୀ ୧ ବର୍ଷ ମଧ୍ୟରେ ସମସ୍ତ ତୀର୍ଥଯାତ୍ରୀଙ୍କ ସୁବିଧା ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

## ଭଦ୍ରକ, ଧାମନଗରରେ ବନ୍ଦ ରହିଲା ଇଣ୍ଟରନେଟ୍ ସେବା



ମେ ୩୦ରେ ଗୋରୁ ବେପାରୀଙ୍କ ଆକ୍ରମଣରେ ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଆଇସିୟୁରେ ଥିବା ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କୁବେରା ପଞ୍ଚାୟତ କଷଟି ଗ୍ରାମର ସନ୍ତୋଷ ପରିଡ଼ା(୪୦) ଜୁନ୍ ୧୨ରେ ଆଖି ବୁଜିଥିଲେ। ମୃତଦେହ ଭଦ୍ରକରେ ପହଞ୍ଚିବା ପରେ ନେହେରୁ ଷ୍ଟାଡିୟମ ନିକଟରେ ଉତ୍ତେଜନା ଦେଖାଦେଇଥିଲା। ସେଠାରେ ପୂର୍ବରୁ ଏକତ୍ରିତ ଥିବା ବିଭିନ୍ନ ହିନ୍ଦୁ ସଙ୍ଗଠନ ଓ କଷଟି ଗ୍ରାମର ଲୋକେ ମୃତଦେହ ଆସୁଥିବା ଗାଡ଼ିକୁ ଅଟକାଇ ୧୬ ନଂ. ଜାତୀୟ ରାଜପଥ ଓ ଉଭୟ ପାର୍ଶ୍ୱରେ ଥିବା ସର୍ଭିସ ରୋଡ୍‌କୁ ଅବରୋଧ କରିଥିଲେ। ପ୍ରବଳ ଉତ୍ତେଜନା ଯୋଗୁ ଜିଲା ପ୍ରଶାସନ ପକ୍ଷରୁ ଭଦ୍ରକ ଓ ଧାମନଗରରେ ୩୬ ଘଣ୍ଟା ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଥିଲା।

## ମା'ର ମମତା

ନଭେମ୍ବର ୨୫ରେ ଏକ ହାତୀଛୁଆ କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ସୁକଡ଼ୋଳା ଗ୍ରାମ ନିକଟ ଏକ ଖାଲରେ ପଡ଼ିଯାଇଥିଲା। ତା'ର ମା' ୨ ଦିନ ଧରି ସେଠାରେ ଜଗି ରହିଥିଲା। ଗ୍ରାମବାସୀଙ୍କଠାରୁ ଖବରପାଇ ବନ ବିଭାଗ ଗାତରୁ ହାତୀଛୁଆକୁ ଉଦ୍ଧାର କରିଥିଲା। ମାତ୍ର ପରେ ହାତୀଛୁଆଟିକୁ ମା' ହାତୀ କିମ୍ବା ହାତୀ ପଲ ଗ୍ରହଣ କରି ନ ଥିଲେ। ବନ ବିଭାଗ ବାରମ୍ବାର ପଲରେ ମିଶାଇବାକୁ ପ୍ରୟାସ କରି ନିରାଶ ହେବା ପରେ ହାତୀଛୁଆକୁ ପଦ୍ମପୁରସ୍ଥିତ ହାତୀ ରେସ୍କ୍ୟୁ ସେଣ୍ଟରରେ ଛାଡ଼ିଥିଲା।





## ମନ ମାନିଲାନି ବୋଲି...

ମହାରାଷ୍ଟ୍ରରୁ ଆସିଥିବା ମହାବଳ ବାଘୁଣୀ ଜିନ୍ନତର ମୟୂରଭଞ୍ଜର ଶିମିଳିପାଳ ଅଭୟାରଣ୍ୟରେ ମନ ମାନିଲାନି। ଓଡ଼ିଶା ଛାଡ଼ି ପ୍ରଥମେ ଝାଡ଼ଖଣ୍ଡ ଓ ପରେ ପଶ୍ଚିମବଙ୍ଗ ପଳାଇଥିବା ଜିନ୍ନତ ୨୦୨୫ ଜାନୁଆରୀ ୧ରେ ଶିମିଳିପାଳ ଫେରିଥିଲା। ଦୀର୍ଘ ୨୨ଦିନ ଧରି ବୁଲୁଥିବା ଜିନ୍ନତକୁ ବନ ବିଭାଗ ଟ୍ରାଙ୍କୁଲାଇଜ୍ କରି ଧରିଥିଲା। ୧୩୫ କି.ଗ୍ରା. ଓଜନର ବାଘୁଣୀ ଜିନ୍ନତକୁ ପଶ୍ଚିମବଙ୍ଗର ଆଲିପୁର ଚିଡ଼ିଆଖାନାକୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେ ସୁସ୍ଥହେବା ପରେ ଜାନୁଆରୀ ୩୧ ରାତିରେ ଏକ ସ୍ୱତନ୍ତ୍ର ଗାଡ଼ିରେ ଶିମିଳିପାଳକୁ ଅଣାଯାଇଥଲା।

## ଆରପିଏଫ୍ ଥାନା ଅଧିକାରୀ ନିଲମ୍ବିତ

ବାଲେଶ୍ୱର,(ବାଞ୍ଛାନିଧି ଦେ): ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱରରୁ ଲକ୍ଷ୍ମଣନାଥ ମଧରେ ତମ୍ବା କେବୁଲ୍ ତାର ଚୋରି ଘଟଣାରେ ସମ୍ପୃକ୍ତି ଥିବା ଅଭିଯୋଗରେ ରୂପ୍ସା ଆରପିଏଫ୍ ଥାନା ଆଇଆଇସି କୁନ୍ଦନ କୁମାର ଝାଙ୍କୁ ରେଲୱେ ସିନିୟର କମାଣ୍ଡାଣ୍ଟ (ଡିଏସି) ପ୍ରକାଶ କୁମାର ପଣ୍ଡା ନିଲମ୍ବନ କରିଛନ୍ତି। ଅନ୍ୟପକ୍ଷରେ ଏହି ଚୋରି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ସିଂଲା ଥାନା କାଦରାୟାଁ ଅଞ୍ଚଳର ସେକ୍ ଜଇରୁଦ୍ଦିନ ଓ ସେକବାଡ ଅଞ୍ଚଳର ମନୋରଞ୍ଜନ ଜେନା। ଏନେଇ ରେଲୱେ ପକ୍ଷରୁ ଏକ ମାମଲା (ନଂ. ୩/୨୫) ରୁଜୁ ହୋଇ ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଭିଜିଲାନ୍ସ ଅଧିକାରୀ କହି ଓଏଏସ୍ ଅଧିକାରୀଙ୍କୁ ଠକେଇ

- ଜଣଙ୍କୁ ବାନ୍ଧିଲା ପୋଲିସ
- ୩୮ ଏଟିଏମ କାର୍ଡ, ୧୦ ମୋବାଇଲ, ୨୫ ହଜାର ଟଙ୍କା, ସାମ୍ବାଦିକ ପରିଚୟପତ୍ର ଜବତ




ଗିରଫ ୨ ଅଭିଯୁକ୍ତ।

ବଣାଇଁ,୧୨।୧୨(ପ୍ରଦୀପ ତ୍ରିପାଠୀ)

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଓଏଏସ୍ ଅଫିସରଙ୍କୁ ଭିଜିଲାନ୍ସର ଧମକ ଦେଇ ଲୁଟ୍ ଚଳାଇଥିବା ୨ଜଣଙ୍କୁ ବଣାଇଁ ପୋଲିସ ଶୁକ୍ରବାର ଗିରଫ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ଗଣେଶ ପ୍ରସାଦ ନନ୍ଦ ଓ ତାଙ୍କ ସମ୍ପର୍କୀୟ ପ୍ରଦୀପ କୁମାର ପଣ୍ଡା। ତାଙ୍କ ନିକଟରୁ ବଣାଇଁ ପୋଲିସ ୩୮ ଏଟିଏମ୍ କାର୍ଡ, ୧୦ଟି ମୋବାଇଲ ଫୋନ, ୨୫ ହଜାର ଟଙ୍କା, ଓ୍ୱେବ ସାମ୍ବାଦିକ ପରିଚୟପତ୍ର ଜବତ କରିଛି। ଏନେଇ ଥାନାରେ ଏକ ମାମଲା ନଂ. ୨୭୨/୨୫ ରୁଜୁ ହୋଇଛି। ୧୮ରୁ ଅଧିକ ଅଫିସରଙ୍କ ନିକଟରୁ ଭିଜିଲାନ୍ସ ଅଧିକାରୀ କହି ଟଙ୍କା ଠକି ନେଇଥିବା ପୋଲିସ ତଦନ୍ତରୁ ଜଣାପଡିଛି। ଅଭିଯୁକ୍ତମାନେ ନିଜକୁ ବରିଷ୍ଠ ଭିଜିଲାନ୍ସ ଅଫିସର ପରିଚୟ ଦେଇ ୨୦୨୧ରୁ ଅଫିସରଙ୍କଠାରୁ ଟଙ୍କା ଠକିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତଦନ୍ତ ପରେ ୨ଦୁର୍ବୃତ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି ।

ସୂଚନା ଅନୁଯାୟୀ, ବଣାଇଁରେ କାର୍ଯ୍ୟରତ ଜଣେ ଓଏଏସ୍ ଅଫିସରଙ୍କୁ ଅନୁରୂପଭାବେ ଧମକଚମକ ଦେବା ନେଇ ଗୁରୁବାର ବଣାଇଁ ଥାନାରେ ଅଭିଯୋଗ ହୋଇଥିଲା। ରାଉରକେଲା ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ତଦନ୍ତ ଚଳାଇଥିଲା। ଏତଲାରେ ଥିବା ତଥ୍ୟ କ୍ରମେ ସମ୍ପୃକ୍ତ ଓଏଏସ୍ ଅଫିସରଙ୍କୁ ୪ ଲକ୍ଷ ଟଙ୍କା ଅଭିଯୁକ୍ତମାନେ ଦାବିକରୁଥିଲେ। ସରକାରୀ ଅର୍ଥ ହେରଫେର କରିଥିବାରୁ ଚାରି ଲକ୍ଷ ଟଙ୍କା ଦେଲେ ଘଟଣାକୁ ରଫାଦଫା କରିବେ ବୋଲି କହିଥିଲେ । ସାଇବର ସଂସ୍ଥା ସହାୟତାରେ ବଣାଇଁ ପୋଲିସ ଓ ଭିଜିଲାନ୍ସ ବିଭାଗ ଟ୍ରାକିଂ କରି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ମେଣ୍ଢାମାଳ ଗ୍ରାମରୁ ଗଣେଶ ପ୍ରସାଦ ଓ ପ୍ରଦୀପ କୁମାରଙ୍କୁ ଗିରଫ କରିଥିଲା।

## ଅଜା ଘରକୁ ବୁଲି ଆସିଥିବା ନାତିକୁ ହତ୍ୟା ଘଟଣା

# ପଡ଼ୋଶୀ ମହିଳା ଗିରଫ

### ଗୁଣିଗାରେଡ଼ି ଅନ୍ଧବିଶ୍ୱାସରୁ ଘଟିଛି ହତ୍ୟା କାଣ୍ଡ: ପୋଲିସ



ଗିରଫ ସୋନାଲି ସ୍ୱାଇଁ ।

କବିସୂର୍ଯ୍ୟନଗର,୧୨।୧୨ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ପୁରୁଷୋତ୍ତମପୁର ବ୍ଲକ ସାମନ୍ତରାପୁର ଗ୍ରାମ ଅଜାଘରକୁ ବୁଲିବାକୁ ଆସି ହତ୍ୟାର ଶିକାର ହୋଇଥିବା ୯ ବର୍ଷର ନାତି ଆଦିତ୍ୟ ଜେନାଙ୍କ ମୃତ୍ୟୁ ରହସ୍ୟ ଖୋଲିଛି। ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କୁ କବିସୂର୍ଯ୍ୟନଗର ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସୋନାଲି ସ୍ୱାଇଁ। ଅନ୍ଧବିଶ୍ୱାସରୁ ଏପରି ଘଟଣା ଘଟିଥିବା ଏସ୍‌ଡିପିଓ ସୁଜିତ ନାୟକ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପୁରୁଷୋତ୍ତମପୁର ବ୍ଲକ ସାମନ୍ତରାପୁର ଗ୍ରାମରେ ଥିବା ଅଜା ସନିଆ ଭୂୟାଁଙ୍କ ଘରକୁ ଗତ ବୁଧବାର ଶେରଗଡ଼ ଖମାର ଗ୍ରାମର ଆଦିତ୍ୟ ବୁଲିବାକୁ ଆସିଥିଲେ। ଆଈ ତାଙ୍କୁ ଖାଇବାକୁ ଦେଇ ଚାଷଜମିକୁ କାମ କରିବାକୁ ଚାଲିଯାଇଥିଲେ। କାମ କରୁଥିବା ବେଳେ ସେ ନାତି ନିଖୋଜ ଖବର ପାଇ ଘରକୁ ଫେରିଆସିଥିଲେ। ଖୋଜାଖୋଜି ପରେ ଆଦିତ୍ୟଙ୍କ ମୃତଦେହ ଘର ବାଡ଼ିପଟ ଲାଟ୍ରିନ୍ ପାଖରୁ ମିଳିଥିଲା । ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ନଂ. ୮୩୦/୨୫ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ତଦନ୍ତରୁ ପଡୋଶୀ ଘର ସୋନାଲିଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ବର୍ଷେ ତଳେ ସୋନାଲିଙ୍କ ୧୦ ବର୍ଷ ପୁଅର କୌଣସି କାରଣରୁ ମୃତ୍ୟୁ ହୋଇଥିଲା । ପୁଅ ମୃତ୍ୟୁର କାରଣ ଜାଣିବାକୁ ସୋନାଲି ଅନେକ ଗୁଣିଆଙ୍କ ନିକଟକୁ ଯାଇ ପଡ଼ୋଶୀ ଘର ଲୋକ ତାଙ୍କ ପୁଅକୁ ଗୁଣିକରି ମାରିଦେଇଥିବା ଜାଣିବାକୁ ପାଇଥିଲେ। ଏଥିରେ ସୋନାଲି ଈର୍ଷାପରାୟଣ ହୋଇ ପଡ଼ୋଶୀ ଘର ସନିଆଙ୍କ ନାତି ଆଦିତ୍ୟଙ୍କୁ ଘରେ କେହି ନ ଥିବା ସୁଯୋଗରେ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିବା ସେ ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି ବୋଲି ଏସ୍‌ଡିପିଓ ନାୟକ କହିଛନ୍ତି।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଆନନ୍ଦପୁର,୧୨।୧୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଶୁକ୍ରବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ଦେବଦତ୍ତ ଦାସ ମହାପାତ୍ର ମାମଲାର ବିଚାର କରି ନନ୍ଦିପଦା ଥାନା ଅଁରା ଗ୍ରାମର ଅଭିଯୁକ୍ତ ବିଜନ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ ଲକ୍ଷ ଟଙ୍କାର ଜରିମାନା ଓ ଅନାଦାୟେ ଅତିରିକ୍ତ ୨ ବର୍ଷ ସଶ୍ରମ କାରଦଣ୍ଡ ଶୁଣାଇଛନ୍ତି। ।

ମାମଲାର ବିବରଣୀ ଅନୁଯାୟୀ, ଅଁରା ଗ୍ରାମର ଆନନ୍ଦ ଚନ୍ଦ୍ର ନାୟକ ୨୦ ନଭେମ୍ବର ୨୦୨୦ ସନ୍ଧ୍ୟା ସମୟରେ ଗ୍ରାମର ଏକ ବୈଠକରେ ଯୋଗଦେବାକୁ ଆସିଥିଲେ। ସଭା କାର୍ଯ୍ୟ ଚାଲିଥିବା ସମୟରେ କୌଣସି କାରଣକୁ ନେଇ ଆନନ୍ଦ ଓ ବିଜନ ବେହେରାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ବିଜନ ଏକ କ୍ରିକେଟ୍ ବ୍ୟାଟ ଦ୍ୱାରା ଆନନ୍ଦଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ଘଟଣାରେ ଆନନ୍ଦ ଗୁରୁତର ହୋଇଥିବା ବେଳେ ତାଙ୍କୁ ପ୍ରଥମେ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାକୁ ନେଇ ଆନନ୍ଦଙ୍କ ସ୍ତ୍ରୀ ମଞ୍ଜୁଲତା ନାୟକ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନନ୍ଦିପଦା ପୋଲିସ ମାମଲା(ନଂ.୧୫୧/୨୦୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୯ ଜଣ ସାକ୍ଷୀଙ୍କ ବୟାନ, ୨୧ ଗୋଟି ଦସ୍ତାବିଜକୁ ଆଧାର କରି ଅତିରିକ୍ତ ଜିଲା ଦୌରାଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଥିବା ଡେପୁଟି ଡାଇରେକ୍ଟର ଅଫ୍ ପ୍ରସିକ୍ୟୁଶନ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ମାମଲା ପରିଚାଳନା କରୁଥିବା ସରକାରୀ ଆଇନଜୀବୀ ସୌମିତ୍ରୀ କୁମାର ରାଉତ ପ୍ରକାଶ କରିଛନ୍ତି।

# ଅର୍ଥ ଆତ୍ମସାତ୍ ମାମଲା, ଶିକ୍ଷକଙ୍କୁ ୪ ବର୍ଷ ଜେଲ

ଫୁଲବାଣୀ/ବୌଦ୍ଧ, ୧୨।୧୨(ରାକେଶ କୁମାର ରାଉତ/ଅଜିତ୍‌କୁମାର ବାରିକ୍)

ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଆସିଥିବା ଅର୍ଥ ଆତ୍ମସାତ୍ ମାମଲାର ବିଚାର କରି ଶୁକ୍ରବାର ଫୁଲବାଣୀ ଭିଜିଲାନ୍ସ ବିଚାରପତି ରାଜେଶ ଦାସ ଜଣେ ଶିକ୍ଷକଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୪ ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ୪ ମାସ ଜେଲ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଶିକ୍ଷକ ଜଣଙ୍କ ହେଲେ ବୌଦ୍ଧ ଜିଲା ବୁଧିବାଲଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ମଲ୍ଲିକ। ବର୍ତ୍ତମାନ ସେ ଗୁଣ୍ଡୁଲିଆ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସୂଚନା ଅନୁସାରେ, ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଅର୍ଥ ଆସିଥିଲା। କାମ ନ କରି ସେଥିରୁ ୨ ଲକ୍ଷ ୪୮ ହଜାର ୭୯୧ ଟଙ୍କା ଆତ୍ମସାତ୍ ହୋଇଥିବା ନେଇ ଭିଜିଲାନ୍ସରେ ୨୦୧୭ ଜୁନ୍ ୨୨ରେ ଅଭିଯୋଗ ହୋଇଥିଲା । ଭିଜିଲାନ୍ସ ବିଭାଗ ଏନେଇ ୧୧/୧୭ରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା । ତଦନ୍ତରେ ଅର୍ଥ ଆତ୍ମସାତ୍ ହୋଇଥିବା ନେଇ ସ୍ପଷ୍ଟ ହୋଇଥିଲା। ମାମଲା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ମଲ୍ଲିକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ନାମରେ ଚାଲିଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ମୃତ୍ୟୁ ହୋଇଥିବାରୁ ତାଙ୍କ ବିରୋଧରେ ମାମଲାକୁ ବନ୍ଦ କରି ଦିଆଯାଇଛି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭିଭି ରାମଦାସ ମାମଲା ପରିଚାଳନା କରୁଥିଲେ।


## ସୁନ୍ଦରଗଡ଼ ସ୍ଥିତ ଲୋଡିଙ୍ଗ ବଲ୍‌ବ ତଥା ଝାରସୁଗୁଡ଼ା ସ୍ଥିତ ଫ୍ଲାଇ-ଓଭର ସଂପର୍କିତ ବିବାଦୀୟ ଜମିର ଶୁଣାଣୀ ନିମନ୍ତେ ଡାକରା ଏବଂ ଅଣପୈଠ ତାଲିକା

### ସୂଚନା

ଏତଦ୍ୱାରା ଆପଣଙ୍କୁ ସୂଚିତ କରାଯାଉଅଛି ଯେ, ଆପଣଙ୍କ ନାମରେ ଥିବା ନିମ୍ନ ତଫସିଲଭୁକ୍ତ ଜମିକୁ ଦୁଇ ଲାଇନ ବିଶିଷ୍ଟ ଫ୍ଲାଇ-ଓଭର, ଝାରସୁଗୁଡ଼ା ଓ ବରପାଲି ଲୋଡିଙ୍ଗ ବଲ୍‌ବ, ସୁନ୍ଦରଗଡ଼ ପ୍ରକଳ୍ପ ପାଇଁ ଦ.ପୂ. ରେଳପଥ (ନିର୍ମାଣ), ଭାରତ ସରକାରଙ୍କ ଦ୍ୱାରା ଅଧିଗ୍ରହଣ କରାଯାଉଅଛି। ଏ ବାବଦକୁ ସରକାରୀ ରାଜପତ୍ର ଅଧିସୂଚନା ୨୦(A), ୨୦(B) ଓ ୨୦(H) ଯଥାକ୍ରମେ ତା.୨୭.୦୪.୨୦୨୨, ୧୨.୦୪.୨୦୨୩ ଏବଂ ୩୦.୧୨.୨୦୨୩ (ଝାରସୁଗୁଡ଼ା) ଓ ୩୧.୦୭.୨୦୨୪ (ସୁନ୍ଦରଗଡ଼) ରିଖ ପ୍ରକାଶିତ ହୋଇଥିଲା ଏବଂ ତାହା ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଖବରକାଗଜରେ ବିଜ୍ଞାପିତ ହୋଇଥିଲା। ଏତତ ପୂର୍ବରୁ ଅଧିଗ୍ରହଣ ଗ୍ରାମରେ ଯାଦସ୍ତ କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ଉପସ୍ଥିତିରେ ଆପଣଙ୍କ ନାମ ଜଣାଇ ଦିଆଯାଇଥିଲା। ଶେଷରେ କ୍ଷେତ୍ର କର୍ମଚାରୀଙ୍କ ଜରିଆରେ ଆପଣଙ୍କ ରେକର୍ଡ ଭୁକ୍ତ ଜମି ଥିବା ଗ୍ରାମରେ ତଦନ୍ତ କରାଯାଇଥିଲେ ସୁଦ୍ଧା ଆପଣ ଆଜି ପର୍ଯ୍ୟନ୍ତ କୌଣସି ଆବଶ୍ୟକ କାଗଜାତ ଜମା କରିନାହାନ୍ତି। ଏଣୁ ଏହି ବିଜ୍ଞାପନର ୧୫ (ପନ୍ଦର) ଦିନ ମଧ୍ୟରେ ଆବଶ୍ୟକ କାଗଜାତ ଜମା ନ କଲେ ଭାରତୀୟ ରେଳ ଆଇନ-୧୯୮୯ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ।

ଏଥି ସହିତ ଯେଉଁ ରୟତଦାର / ଖାତାଦାରଙ୍କ ବିବାଦୀୟ ଅବସ୍ଥାରେ ଥିବା ଜମିର କ୍ଷତିପୂରଣ ରାଶିର ସିଭିଲ ଡିପୋଜିଟ ସମ୍ବନ୍ଧରେ ସମସ୍ତଙ୍କ ଉପସ୍ଥିତିରେ ଆସନ୍ତା ୧୯.୧୨.୨୦୨୫ (ଶୁକ୍ରବାର) ସକାଳ ଘ.୧୦:୩୦ ରେ ରେଲୱେ କଲୋନୀ ସ୍ଥିତ ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ)ଙ୍କ କାର୍ଯ୍ୟାଳୟରେ ଆଲୋଚନା କରାଯିବ।

BOMBOM PANDEY Digitally signed by BOMBOM PANDEY Date: 2025.12.04 17:52:27 +05'30'

ଭୂ-ଅର୍ଜନ ପ୍ରାଧିକାରୀ ଓ ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ)
ଦ. ପୂ. ରେଳପଥ, ରାଉରକେଲା

### ତାଲିକା

| କ୍ର. ସଂ | ମୌଜା | ତହସିଲ | ଜିଲ୍ଲା | ଖାତା | ପ୍ଲଟ | ଏରିଆ | ଆର.ଟି |
|---|---|---|---|---|---|---|---|
| ୧ | ବାଲିଯୋରୀ | ଝାରସୁଗୁଡ଼ା | ଝାରସୁଗୁଡ଼ା | ୪୨ | ୫୬୮୪ | ୦.୦୧୦ | ଉପେନ୍ଦ୍ର ଘାଷି, ଇନ୍ଦ୍ରମଣି ଘାଷି, ପି:ବାସୁଦେବ ଘାଷି, ସୁମିତ୍ରା ଘାଷି, ସ୍ୱା:ବାସୁଦେବ ଘାଷି, ରାମ ପ୍ରସାଦ ଘାଷି, ରାମ ସାଗର ଘାଷି, ପି:ଦେବାନନ୍ଦ ଘାଷି, ପବିତ୍ର ଘାଷି, ପି:ସଦା ଘାଷି, ଲଛମନ ଘାଷି, ରାଜ କୁମାରୀ ଘାଷି, ହେମ ଘାଷି, ବୃନ୍ଦାବତୀ ଘାଷି, ପାର୍ବତୀ ଘାଷି, ସୁରେଶ ଘାଷି, ପି:ବଣିଆଁ ଘାଷି, ମିନା ଘାଷି, ସ୍ୱା:ବଣିଆଁ ଘାଷି, ଜା:ଘାସି, ବା:ନିଜଗାଁ ପଡ଼ା ବେହେରାମାଳ |
| ୨ | ବାଲିଯୋରୀ | ଝାରସୁଗୁଡ଼ା | ଝାରସୁଗୁଡ଼ା | ୬୫ | ୧୫୦୫<br>୫୭୯୪<br>୫୭୯୬<br>୫୮୧୫ | ୧.୦୬୦<br>୦.୦୩୦<br>୦.୦୭୦<br>୧.୭୩୦ | କୁଞ୍ଜରାମ ନାୟକ, ବଡ଼ରାମ ନାୟକ, ପି:ହରିହର ନାୟକ, ନାରାୟଣ ନାୟକ, ଲବ ନାୟକ, କୁଶ ନାୟକ, ପି:ମନୋହର ନାୟକ, ପ୍ରତିଭା ନାୟକ, ପି:ଦେବେନ୍ଦ୍ର ନାୟକ, ଚୂଡ଼ାମଣି ନାୟକ, ପି:ଲକ୍ଷ୍ମଣ ନାୟକ, ରେଙ୍ଗଟୁ ନାୟକ, ତୀର୍ଥ ନାୟକ, ସତ୍ୟବତୀ ପଟେଲ, ରଙ୍ଗବତୀ ପଟେଲ, ପି:ଶବଦ ରାମ ନାୟକ, ଶୋଭାଚନ୍ଦ୍ର ନାୟକ, ପି:ପର୍ଶୁରାମ ନାୟକ, ପୂର୍ଣ୍ଣାବତୀ ନାୟକ, ନେତ୍ରବତୀ ନାୟକ, ସ୍ୱା:ପର୍ଶୁରାମ ନାୟକ, ଜା:ଅଘରିଆ, ବା:ନିଜଗାଁ ପଡା ବାଲିଯୋରୀ |
| ୩ | ବାଲିଯୋରୀ | ଝାରସୁଗୁଡ଼ା | ଝାରସୁଗୁଡ଼ା | ୨୪୬ | ୧୪୭୨<br>୧୪୮୩<br>୧୪୮୪<br>୧୪୮୫ | ୦.୦୨୦<br>୦.୦୬୦<br>୦.୦୮୦<br>୦.୦୪୦ | ଧନନ୍ତରୀ ପଟେଲ, ପି:ବଳଦେବ ପଟେଲ, ଦୟା ସାଗର ପଟେଲ, ପି:ଚିନ୍ତାମଣି ପଟେଲ, ଜା:ଅଘରିଆ, ବା:ନିଜଗାଁ ପଡ଼ା ବାଲିଯୋରୀ |
| ୪ | ବାଲିଯୋରୀ | ଝାରସୁଗୁଡ଼ା | ଝାରସୁଗୁଡ଼ା | ୩୭୩ | ୫୬୧୭<br>୫୬୧୯ | ୦.୦୪୦<br>୦.୦୨୦ | ଜୟସିଂହ କିସାନ, ଦୁର୍ଯ୍ୟୋଧନ କିସାନ, ଦ୍ରୌପଦୀ କିସାନ, ବିରେନ କିସାନ, ପି:ଗୁଲୁ କିସାନ, ବିଜୟ କିସାନ, ପି:ବାଲେଶ୍ୱର କିସାନ, ବନମାଳି କିସାନ, ଗୋବିନ୍ଦ କିସାନ, ପି:ଶ୍ରୀକର @ ଗଦଲା କିସାନ, ଶଙ୍କର କିସାନ, ଶିବ କିସାନ, ଦୁଲାରି କିସାନ, ରାଜକୁମାରୀ କିସାନ, ପି:କୁଷ୍ଟ କିସାନ, ଝିମ କିସାନ, ସ୍ୱା:କୁଷ୍ଟ କିସାନ, ମନବୋଧ କିସାନ, ସଂକିର୍ତ୍ତନ କିସାନ, ମଲି କିସାନ, ପି:ବୈଶାଖୁ କିସାନ, ପୁଟକି କିସାନ, ସ୍ୱା:ମଙ୍ଗଲୁ କିସାନ, ବିପ୍ର କିସାନ, ପି:ମହନ କିସାନ, ମଞ୍ଜରି କିସାନ, ବିଲାସିନୀ କିସାନ, ଦିଲିପ କିସାନ, ପ୍ରଦୀପ କିସାନ, ପି:ଶିବଲାଲ କିସାନ, ଗଙ୍ଗା କିସାନ, ଟିକିନୁ କିସାନ, ପି:ମହନ କିସାନ, ଚଇତୁ କିସାନ, ପି:ବାଣ୍ଟୁ କିସାନ, ଚୁମୁନୁ କିସାନ, ପି:ଖଡା କିସାନ, ଜା:କିସାନ, ବା:ନିଜଗାଁ |
| ୫ | ବାଲିଯୋରୀ | ଝାରସୁଗୁଡ଼ା | ଝାରସୁଗୁଡ଼ା | ୬୫୩ | ୫୬୨୨ | ୦.୦୧୦ | ଗୋପାଳ ମିଶ୍ର, ପି:ହଲଧର ମିଶ୍ର, ଅଶୋକ ପଣ୍ଡା, ମନୋଜ ପଣ୍ଡା, ସଂକୁ ପଣ୍ଡା, ମଂକୁ ପଣ୍ଡା, ପି:କିଶୋର ପଣ୍ଡା, ବିର୍ଜା ଚୈନି, ତିଲୋତ୍ତମା ମିଶ୍ର, ପି:ସୀତାରାମ ମିଶ୍ର, କୈଳାସ ଦାଶ, ପି:ରଘୁନାଥ ଦାଶ, ରାଜେଶ କର, ପି:ପ୍ରଫୁଲ୍ଲ କର, ପ୍ରମୋଦ କର, ପି:ଦଃଖି କର, ବିପିନ ବିହାରି ହୋତା, ପି:ଲଳିତ ମୋହନ ହୋତା, ହୃଷିକେଶ ମିଶ୍ର, ଦଲଗୋବିନ୍ଦ ମିଶ୍ର, ବିଶ୍ୱକେଶନ ମିଶ୍ର, ପି:ବଂଶିଧର ମିଶ୍ର, ମନୋରଞ୍ଜନ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ଜ୍ଞାନରଞ୍ଜନ ମିଶ୍ର, ପି:କୁଞ୍ଜବିହାରି ମିଶ୍ର, ସୁବ୍ରତ ମିଶ୍ର, ଜ୍ଞାନରଞ୍ଜନ ମିଶ୍ର, ପି:କୁଞ୍ଜବିହାରି ମିଶ୍ର, ସୁବ୍ରତ ମିଶ୍ର, ସନ୍ତୋଷ ମିଶ୍ର, ପି:ଯୁଗଲ କିଶୋର ମିଶ୍ର, ଜଗତ ଜନନୀ ମିଶ୍ର, ସ୍ୱା:ଯୁଗଲ କିଶୋର ମିଶ୍ର, ଅଶ୍ୱିନି କୁମାର ମିଶ୍ର, ପି:ଦୈତାରୀ ମିଶ୍ର, ଶିବ ହୋତା, ରାଜା ହୋତା, ପି:ସତ୍ୟନାରାୟଣ ହୋତା, ସୁରୁବତୀ ମିଶ୍ର, ପି:ଦୈତାରୀ ମିଶ୍ର, ସୁରେଶ ମିଶ୍ର, ରମେଶ ମିଶ୍ର, ମହେଶ ମିଶ୍ର, ଉମେଶ ମିଶ୍ର, ପି:ହୃଦାନନ୍ଦ ମିଶ୍ର, ବିଶ୍ୱନାଥ ମିଶ୍ର, ବିଳାସିନୀ ସତପଥି, ବୁଇ ମିଶ୍ର, ପି:ଦିନବନ୍ଧୁ ମିଶ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ ପଡ଼ା ପୁରୁଣାବସ୍ତି |
| ୬ | ବାଲିଯୋରୀ | ଝାରସୁଗୁଡ଼ା | ଝାରସୁଗୁଡ଼ା | ୬୬୧ | ୧୬୭୭ | ୦.୧୮୦ | ହିରା କିସାନ, ପି:ଗଜ କିସାନ, ନାରାୟଣ କିସାନ, ନୃପ କିସାନ, କଙ୍କ କିସାନ, ଶିବଲାଲ କିସାନ, ପି:ବନମାଳି କିସାନ, ଫୁଲଡୁଲି କିସାନ, ଦୀନା କିସାନ, ଶୁଶିଲା କିସାନ, ସ୍ୱା:ଶ୍ରୀମଙ୍ଗଲ କିସାନ, ସୁକୁନ କିସାନ, କୁନ୍ତି କିସାନ, ପି:ଶ୍ରୀମଙ୍ଗଲ କିସାନ, କୁମାରୀ କିସାନ, ସ୍ୱା:ଉପେନ୍ଦ୍ର କିସାନ, ଅନିଲ କିସାନ, ପୁରସ୍ତମ କିସାନ, ଲଳିତା କିସାନ, ଲକ୍ଷ୍ମଣ କିସାନ, ପି:ଉପେନ୍ଦ୍ର କିସାନ, ବିଶି କିସାନ, କୁମାରୀ କିସାନ, ଅମୂଲ୍ୟ କିସାନ, ନିଆଁଶିଳ କିସାନ, ରାକୁନ କିସାନ, ପି:ଲାଧୁ କିସାନ, ମନଭାଙ୍ଗି କିସାନ, ଫୁଲମତୀ କିସାନ, ପି:ଜାରା କିସାନ, ଜା:କିସାନ, ବା:ନିଜଗାଁ |
| ୭ | ବାଲିଯୋରୀ | ଝାରସୁଗୁଡ଼ା | ଝାରସୁଗୁଡ଼ା | ୭୪୭/୧୧୫୭ | ୫୬୮୨/୭୬୨୩ | ୦.୦୫୦ | ଧିନ୍ଦା ବାଡା, ପି:ରାନୁ ବାଡା, ତରଣୀ ବାଡା, ହେମନ୍ତ ବାଡା, ଦିପକ ବାଡା, ପି:ଧିନ୍ଦା ବାଡା, ଜା:ଓରାମ, ବା:ଝାରସୁଗୁଡ଼ା ବାଲିଯୋରୀ |
| ୮ | ବାଲିଯୋରୀ | ଝାରସୁଗୁଡ଼ା | ଝାରସୁଗୁଡ଼ା | ୭୪୭/୨୮୯୯ | ୧୪୯୩ | ୦.୦୩୦ | ଦୀପ୍ତି ସାହୁ, ସ୍ୱା:କୃଷ୍ଣ ନନ୍ଦ ଝା, ଜା:ବ୍ରାହ୍ମଣ, ବା: ବି. ଟି. ଏମ୍. କଲୋନୀ, ଝାରସୁଗୁଡ଼ା |
| ୯ | ବାଲିଯୋରୀ | ଝାରସୁଗୁଡ଼ା | ଝାରସୁଗୁଡ଼ା | ୭୪୭/୩୪୨୪ | ୫୭୮୩/୧୦୨୮୯ | ୦.୦୫୦ | ରାଜ କିଶୋର ନାୟକ, ପି:ବଟକୃଷ୍ଣ ନାୟକ, ଜା:ଖଣ୍ଡାୟତ, ବା:ଗୋପାଳପୁର, ଥା:ରାଜକନିକା, ଜି:କେନ୍ଦ୍ରାପଡ଼ା, ହା: ନି: ଇଟାଭଟା, କକ୍ସ କଲୋନୀ, ଝାରସୁଗୁଡ଼ା |
| ୧୦ | ବାଲିଯୋରୀ | ଝାରସୁଗୁଡ଼ା | ଝାରସୁଗୁଡ଼ା | ୭୪୭/୪୨୬୩ | ୫୮୧୪/୧୦୬୧୧ | ୦.୦୪୦ | ମନୋଜ ଏକ୍କା, ପି:ମୁକୁଟ ଏକ୍କା, ଜା:ଓରାମ, ବା:ରାଜଗାଙ୍ଗପୁର, ଜି:ସୁନ୍ଦରଗଡ଼, ହା. ନି. ସୁନାରିମୁଣ୍ଡା, ଝାରସୁଗୁଡ଼ା |
| ୧୧ | ବାଲିଯୋରୀ | ଝାରସୁଗୁଡ଼ା | ଝାରସୁଗୁଡ଼ା | ୭୪୭/୪୩୪୨ | ୫୮୧୭/୧୦୬୭୦ | ୦.୩୪୦ | ସେସା ଷ୍ଟେରଲାଇଟ ଲିଃ. ତରଫରୁ ରାଜୀବ ନୟନ, ପି:ଦୀନନାଥ ରାଏ, ବା:ଭୁର୍କାମୁଣ୍ଡା, ଥା:ବଡ଼ମାଲ, ତ:ଜି:ଝାରସୁଗୁଡ଼ା |
| ୧୨ | ବାଲିଯୋରୀ | ଝାରସୁଗୁଡ଼ା | ଝାରସୁଗୁଡ଼ା | ୭୪୭/୪୩୯୦ | ୫୮୧୬/୧୧୨୨୬ | ୦.୦୬୦ | କିରତୀ କୁମାରୀ ଗଣ୍ଡ, ସ୍ୱା:ସୁରେନ୍ଦ୍ର ଗଣ୍ଡ, ଜା:ଗଣ୍ଡ, ବା:କଣ୍ଡେଇକେଲା, ଥା:ରେଙ୍ଗାଲି, ଜି:ଝାରସୁଗୁଡ଼ା |
| ୧୩ | ବାଲିଯୋରୀ | ଝାରସୁଗୁଡ଼ା | ଝାରସୁଗୁଡ଼ା | ୭୪୭/୫୯୨୫ | ୧୪୧୭/୧୨୪୯୫<br>୧୪୧୬/୧୨୪୯୪ | ୦.୦୮୦<br>୦.୦୮୩ | ସତ୍ୟବତୀ କିସାନ, ପି:ଗଣ୍ଡା କିସାନ, ଜା:କିସାନ, ବା:ନିଜଗାଁ |
| ୧୪ | ବାଲିଯୋରୀ | ଝାରସୁଗୁଡ଼ା | ଝାରସୁଗୁଡ଼ା | ୭୪୭/୫୯୩୦ | ୫୬୨୧/୧୨୫୧୧ | ୦.୦୫୦ | ତପନ କୁମାର ରଥ, ପି:ଗଣେଶ ଚନ୍ଦ୍ର ରଥ, ଜା:ବ୍ରାହ୍ମଣ, ବା:କିସାନ ଛକ, ବେହେଲାମାଲ, ଝାରସୁଗୁଡ଼ା |
| ୧୫ | ଦେବଡିହି | ଝାରସୁଗୁଡ଼ା | ଝାରସୁଗୁଡ଼ା | ୭୫ | ୩୧୯୫ | ୦.୩୪୦ | ଗଜିନ୍ଦ୍ର ପ୍ରଧାନ, ରଘୁ ପ୍ରଧାନ, ପି:ପଣ୍ଡରୁ ପ୍ରଧାନ, ଜା:କିସାନ, ବା:ନିଜଗାଁ |
| ୧୬ | ଦେବଡିହି | ଝାରସୁଗୁଡ଼ା | ଝାରସୁଗୁଡ଼ା | ୧୮୭ | ୨୮୧୯ | ୦.୨୧୦ | ଦୟା ବାରିକ, ପି:ଧକାର୍ତ୍ତିନ ବାରିକ, ସୁଦର୍ଶନ ବାରିକ, ପି:ଗଜ ବାରିକ, ସୁମିତ୍ରା ବାରିକ, ପି:ବାଳମୁକୁନ୍ଦ ବାରିକ, ଲବଣୀ ବାରିକ, ପି:ରଥ ବାରିକ, ପଦ୍ମଲୋଚନ ବାରିକ, ପି:ମନରଥ ବାରିକ, ଜଗତରାମ ବାରିକ, ସଜୀରାମ ବାରିକ, ପି:ମଦନ ବାରିକ, ଜା:କେଉଟ, ବା:ବାଲିଯୋରୀ |
| ୧୭ | ଦେବଡିହି | ଝାରସୁଗୁଡ଼ା | ଝାରସୁଗୁଡ଼ା | ୨୮୭ | ୨୮୨୮<br>୨୮୩୧ | ୦.୪୧୫<br>୦.୦୯୦ | ବାଳମତୀ ପ୍ରଧାନ, ପି:ଖଦ ପ୍ରଧାନ, ଗୀତ ପ୍ରଧାନ, ପାର୍ଥ ପ୍ରଧାନ, ବୁଧୁ ପ୍ରଧାନ, ପି:ପଣ୍ଡା ପ୍ରଧାନ, ଜା:କିସାନ, ବା:ନିଜଗାଁ |
| ୧୮ | ଦେବଡିହି | ଝାରସୁଗୁଡ଼ା | ଝାରସୁଗୁଡ଼ା | ୪୪୩ | ୩୩୦୭ | ୦.୦୨୦ | ସାଧବାଣି କିସାନ, ସ୍ୱା:ବୃନ୍ଦା କିସାନ, ଗଜା କିସାନ, ପି:ଧରଣି କିସାନ, ଯଦୁମଣୀ ପ୍ରଧାନ, କାହ୍ନୁ ଚରଣ ପ୍ରଧାନ, ଅର୍ଜୁନ ପ୍ରଧାନ, ଶାନ୍ତନୁ ପ୍ରଧାନ, ସୋମନାଥ ପ୍ରଧାନ, ଧନମତୀ ପ୍ରଧାନ, ପି:ହିରା ପ୍ରଧାନ, ଉଲ୍ଲାସ ପ୍ରଧାନ, ସ୍ୱା:ହିରା ପ୍ରଧାନ, ତିର୍ଥବାସୀ ପ୍ରଧାନ, ବିଜୟ ପ୍ରଧାନ, ବିନୋଦ ପ୍ରଧାନ, ବେଣୁ ପ୍ରଧାନ, ଗୁଲାବତୀ ପ୍ରଧାନ, ପି:ବୁଧୁ ପ୍ରଧାନ, ସୌକି ପ୍ରଧାନ, ବିଷ୍ଣୁ ପ୍ରଧାନ, ପି:ତ୍ରିନାଥ ପ୍ରଧାନ, ଜା:କିସାନ, ବା:ନିଜଗାଁ |
| ୧୯ | ଦେବଡିହି | ଝାରସୁଗୁଡ଼ା | ଝାରସୁଗୁଡ଼ା | ୫୩୬/୧୩୪୬ | ୨୮୨୬/୫୭୯୬ | ୦.୦୬୦ | ବାବୁଲାଲ ପିଙ୍ଗ, ପି:ଦାଶ ପିଙ୍ଗ,ଜା:କିସାନ, ବା:ହଣ୍ଡାତୁପା, ଥା:ଲଇକେରା |
| ୨୦ | ଦେବଡିହି | ଝାରସୁଗୁଡ଼ା | ଝାରସୁଗୁଡ଼ା | ୫୩୬/୧୭୬୭ | ୨୮୨୬/୫୮୬୫ | ୦.୧୦୦ | ରାଜେଶ କୁମାର ତ୍ରିପାଠୀ, ପି:ପ୍ରହଲ୍ଲାଦ ତ୍ରିପାଠୀ, ଜା:ବ୍ରାହ୍ମଣ, ବା:ଶାନ୍ତିନଗର, ଅଇଁଠାପାଲି, ସମ୍ବଲପୁର |
| ୨୧ | ମାଳିମୁଣ୍ଡା | ଝାରସୁଗୁଡ଼ା | ଝାରସୁଗୁଡ଼ା | ୨୬ | ୨୧୨୪ | ୦.୦୫୦ | ନିଲ କିସାନ, ଶ୍ରୀକର କିସାନ, ପି:ଖଦଲା କିସାନ, ଦମୟନ୍ତି କିସାନ, ହେମଲତା କିସାନ, ପି:ସାଧୁ କିସାନ, କେଶବ ଚନ୍ଦ୍ର କିସାନ, ସନାତନ କିସାନ, ପି:ମହେନ୍ଦ୍ର କିସାନ, ପୁଷ୍ପାଞ୍ଜଳି କିସାନ, ରାକେଶ କିସାନ, ଦାପାଞ୍ଜଳି କିସାନ, ପି:ସୋନୁ କିସାନ, ଜା:କିସାନ, ବା:ନିଜଗାଁ |
| ୨୨ | ମାଳିମୁଣ୍ଡା | ଝାରସୁଗୁଡ଼ା | ଝାରସୁଗୁଡ଼ା | ୪୭ | ୨୧୧୧<br>୨୧୧୨<br>୨୧୧୩<br>୨୧୧୪ | ୦.୩୩୦<br>୦.୦୭୦<br>୦.୨୫୦<br>୦.୧୩୦ | ଗୌରୀ ଶଙ୍କର ନାଏକ, ଜନକ ପଟେଲ, ସ୍ନେହଲତା ପଟେଲ, ପ୍ରେମ ପଟେଲ, ପୁଷ୍ପ ପଟେଲ, ପି:ବୈକୁଣ୍ଠ ନାଏକ, ଲଳିତା ନାଏକ, ସ୍ୱା:ବୈକୁଣ୍ଠ ନାଏକ, ଗୋକୁଳ ବିହାରି ନାଏକ, ମଣି ପଟେଲ, ପି:ହିରାଧର ନାଏକ, ନିଳାବତୀ ନାଏକ, ସ୍ୱା:ହିରାଧର ନାଏକ, ହେମାଦ୍ରୀ ନାଏକ, ଭବାନୀ ଶଙ୍କର ନାଏକ, ନୃପ କିଶୋର ନାଏକ, ସାବିତ୍ରୀ ପଟେଲ, ମିରା ନାଏକ, କିନୀ ଚୌଧୁରୀ, ପି:ଯୋଗେନ୍ଦ୍ର ନାଏକ, ସୁଲଚନା ନାଏକ, ସ୍ୱା:ଯୋଗେନ୍ଦ୍ର ନାଏକ, ବିଜୟକୁମାର ନାଏକ, ପ୍ରଫୁଲ କୁମାର ନାଏକ, ଗିରିଧାରି ନାଏକ, ପି:ଚନ୍ଦ୍ର ଶେଖର ନାଏକ, ଜା:ଅଘରିଆ, ବା:ନିଜଗାଁ |
| ୨୩ | କୁଶରା | ହେମଗିରି | ସୁନ୍ଦରଗଡ଼ | ୪ | ୬୦୧<br>୬୦୨ | ୦.୪୦୦<br>୦.୭୦୦ | ମହରସାଏ ବାଗ, ଧନ ସାଏ ବାଗ, ପି:ଉଦେନଥ ବାଗ, କୁନ୍ତି ବାଗ, ପି:ଅଶ୍ୱିନୀ କୁମାର ବାଗ, ଉରବତୀ ବାଗ, ସ୍ୱା:ଅଶୋକ କୁମାର ବାଗ, ଆଶିଷ ବାଗ, ପି:ଅଶୋକ କୁମାର ବାଗ, ଜା:ଗଣ୍ଡା, ବା:ନିଜଗାଁ |
| ୨୪ | କୁଶରା | ହେମଗିରି | ସୁନ୍ଦରଗଡ଼ | ୧୯ | ୯୭ | ୦.୨୦୦ | ଚିତ୍ରସେନ ପଣ୍ଡା, ପି:ଗୋପିନାଥ ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ, ଜ.ଦ. ଲକ୍ଷ୍ମି ପାଣିଗ୍ରାହି, ସ୍ୱା:ଲୋକନାଥ ପାଣିଗ୍ରାହି, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୨୫ | କୁଶରା | ହେମଗିରି | ସୁନ୍ଦରଗଡ଼ | ୨୨ | ୧୦୮ | ୦.୧୭୦ | ଚୈତନ୍ୟ ବାଗ, ପି:ଚକ୍ରାନନ୍ଦ ବାଗ, ଜା:ଗଣ୍ଡା, ବା:ନିଜଗାଁ |
| ୨୬ | କୁଶରା | ହେମଗିରି | ସୁନ୍ଦରଗଡ଼ | ୨୪ | ୧୦୩ | ୦.୪୮୦ | ଧନେଶ୍ୱର ଚୌଧୁରୀ, ପି:ସଂସାର ଚୌଧୁରୀ, ଜା:ଆଗ୍ରିଆ, ବା:ନିଜଗାଁ |
| ୨୭ | କୁଶରା | ହେମଗିରି | ସୁନ୍ଦରଗଡ଼ | ୨୬ | ୧୦୨<br>୨୬୯<br>୭୬୩<br>୭୬୫<br>୭୮୪ | ୦.୨୬୦<br>୦.୦୫୦<br>୦.୫୪୦<br>୦.୮୨୦<br>୦.୦୫୦ | ନରୋତ୍ତମ ଚୌଧୁରୀ, ଲାଇବନ ପଟେଲ, ବା:ବିଲାଇଗଡ଼, ତେଜବତି ପଟେଲ, ବା:ବାଲିଯୋରୀ, ଥା:ଝାରସୁଗୁଡ଼ା, ଭଗବତୀ ନାଏକ, ବା:ରେମଣ୍ଡା, ଥା:ଭଷ୍ମା, ଗେଲବତୀ ନାଏକ, ବା:ବଡ଼ଖଲିଆ, ପି:ଧନେଶ୍ୱର ଚୌଧୁରୀ, କେତକୀ ଚୌଧୁରୀ, ସ୍ୱା:ଭଜମନ ଚୌଧୁରୀ, ମଧୁସୁଦନ ଚୌଧୁରୀ, ପି:କାଶି ଚୌଧୁରୀ, ଜା:ଆଗ୍ରିଆ, ବା:ନିଜଗାଁ |
| ୨୮ | କୁଶରା | ହେମଗିରି | ସୁନ୍ଦରଗଡ଼ | ୪୩ | ୧୦୪<br>୧୯୮<br>୧୯୯<br>୨୦୧<br>୨୦୨<br>୨୦୪<br>୨୧୭<br>୨୨୨<br>୨୨୩<br>୨୪୭<br>୨୪୮<br>୨୪୯<br>୨୫୦<br>୨୫୧<br>୨୫୩ | ୦.୮୫୦<br>୦.୧୮୦<br>୨.୫୦୦<br>୦.୪୫୦<br>୦.୧୩୦<br>୦.୩୧୦<br>୦.୧୩୦<br>୦.୧୨୦<br>୦.୨୦୦<br>୦.୪୧୦<br>୦.୦୯୦<br>୦.୧୪୦<br>୧.୨୦୦<br>୦.୭୩୦<br>୦.୦୮୦ | ସତ୍ୟାନନ୍ଦ ପାତ୍ର, ପି:ମଦନ ପାତ୍ର, ଜା:ଶୁଦ, ବା:ନିଜଗାଁ |
| ୨୯ | କୁଶରା | ହେମଗିରି | ସୁନ୍ଦରଗଡ଼ | ୪୮ | ୭୮୫<br>୧୨୫ | ୦.୦୨୦<br>୦.୬୩୦ | ମୁରଲୀଧର ମଗର, ଜିତେନ୍ଦ୍ରିୟ ମଗର, ସଚ୍ଚିଦାନନ୍ଦ ମଗର, ତିଲେଶ୍ୱରୀ ମଗର, ତୁଳା ମହାନନ୍ଦିଆ, ବା:ବର୍ତନକେଲା, ବୈଦେହୀ ମଗର, ବା:ଚୁଆବାହାଲ, ପି:ମସତ ମଗର ଗଣ୍ଡା, ବା:ବାଙ୍କିବାହାଲ ହେମଗିରି |
| ୩୦ | କୁଶରା | ହେମଗିରି | ସୁନ୍ଦରଗଡ଼ | ୫୧ | ୮୯ | ୦.୨୮୦ | ମୀନକେତନ ତଣ୍ଡିଆ, ପି:ବୈଦନାଥ ତଣ୍ଡିଆ, ଜା:ଗଣ୍ଡ, ବା:ନିଜଗାଁ |

ବମ୍‌ବମ୍ ପାଣ୍ଡେ, ପ୍ରାଧିକୃତ କର୍ତ୍ତୃପକ୍ଷ (ସ୍ୱତନ୍ତ୍ର ରେଲୱେ ପ୍ରକଳ୍ପ)
ତଥା ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ରାଉରକେଲା

(PR-948)

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବାରତ

## ରାଜଧାନୀରେ ନାବାଳିକାଙ୍କୁ ବଳାତ୍କାର ମାମଲା

# ଅଭିଯୁକ୍ତଙ୍କୁ ଗିରଫ କଲା ମହିଳା ଥାନା ପୋଲିସ

ଭୁବନେଶ୍ୱର,୧୨।୧୨(ତ୍ରିନାଥ ମହାନ୍ତି)

ରାଜଧାନୀ ଭୁବନେଶ୍ୱରରେ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ମହିଳା ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଭରତପୁର ଥାନାଞ୍ଚଳରେ ରହୁଥିବା ନରେଶ କୁମାର। ଗୁରୁବାର ରାତିରେ ପୋଲିସ ମାମଲା ରୁଜୁ କରି ଘାଟିକିଆ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତକୁ ଧରିଛି। ଏଥିସହ ପୋଲିସ ପୀଡିତାଙ୍କ ବୟାନ ରେକର୍ଡ କରିଛି। ଅନ୍ୟପକ୍ଷରେ ମହିଳା କମିଶନ ସଦସ୍ୟା ପୀଡିତା ନାବାଳିକା ଏବଂ ତାଙ୍କ ପରିବାର ଲୋକଙ୍କୁ ହସ୍ପିଟାଲରେ ଭେଟି ଆଲୋଚନା କରିଛନ୍ତି। ଏନେଇ ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର କହିଛନ୍ତି, ଏହି ସମ୍ବେଦନଶୀଳ ଘଟଣାକୁ ସରକାର ଏବଂ ପ୍ରଶାସନ ଗୁରୁତ୍ୱର ସହ ନେଇଛନ୍ତି। ଅଭିଯୁକ୍ତଙ୍କୁ ଉପଯୁକ୍ତ ଶାସ୍ତି ଓ ପୀଡିତାଙ୍କୁ ନ୍ୟାୟ ମିଳିବ। ଅଭିଯୋଗ ହେବା ମାତ୍ରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୀଡିତାଙ୍କ ଆମ ପକ୍ଷରୁ ସବୁ ପ୍ରକାର

### ପୀଡିତାଙ୍କୁ ଭେଟିଲେ ମହିଳା କମିଶନ ସଦସ୍ୟ

ସହଯୋଗ ଯୋଗାଇ ଦେବୁ ବୋଲି ମହିଳା କମିଶନ ସଦସ୍ୟା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗଞ୍ଜାମ ଅଞ୍ଚଳର ନାବାଳିକା ଜଣକ ବାପା-ମା'ଙ୍କ ସହ ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର ଅଞ୍ଚଳରେ ଏକ ଭଡ଼ା ଘରେ ରୁହନ୍ତି। ବାପା-ମା' ବ୍ୟବସାୟ କରିବାକୁ ଯିବା ପରେ ଘରେ ନାବାଳିକା ଝିଅ ଏକୁଟିଆ ରହୁଥିଲେ। ଏହାର ସୁଯୋଗ ନେଇ ଗତ ୪ ତାରିଖରେ ସେହି ଅଞ୍ଚଳରେ ପାନ ଦୋକାନ କରିଥିବା ନରେଶ ନାମକ ଜଣେ ଯୁବକ ତାଙ୍କ ଘରେ ପଶି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏଥିସହ ନାନା ଧମକ ଦେଇ ତାଙ୍କୁ ବାରମ୍ବାର ବଳାତ୍କାର କରିଥିଓ୍ୱେ। ଦୁଇଦିନ ତଳେ ନାବାଳିକା କାନ୍ଦୁଥିବା ଦେଖି ମା'ବାପା ତାଙ୍କୁ ପଚାରିଥିଲେ। ହେଲେ ଭୟରେ ଥିବା ନାବାଳିକା ପରିବାର ଲୋକଙ୍କ ଆଗରେ କିଛି ବି ପ୍ରକାଶ କରି ନ ଥିଲେ। ନାବାଳିକାଙ୍କ ଯୌନାଙ୍ଗରୁ ରକ୍ତସ୍ରାବ ହେବା ପରେ ତାଙ୍କ ମା' ମେଡିସିନ ଦୋକାନରୁ ଔଷଧ ଆଣି ଖାଇବାକୁ ଦେଇଥିଲେ ମଧ୍ୟ ତାହା ବନ୍ଦ ହୋଇ ନ ଥିଲା। ପରିବାର ଲୋକେ ସନ୍ଦେହ କରି ଝିଅକୁ ବାରମ୍ବା ପଚାରିବା ପରେ ଶେଷରେ ସବୁ ସତକଥା କହିଥିଲେ। ଏହାପରେ ପରିବାର ଲୋକେ ଗାଁର କେତେଜଣ ବ୍ୟକ୍ତିଙ୍କୁ ଡାକି ଜଣାଇବା ପରେ ଥାନାରେ ଅଭିଯୋଗ କରିଥିଲେ।

## ପୀତବାସ ପଣ୍ଡା ହତ୍ୟା ମାମଲା: ୧୬ରେ ୫ ଅଭିଯୁକ୍ତଙ୍କ ଜାମିନ ରାୟ

ବ୍ରହ୍ମପୁର,୧୨।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ହୋଇଛି। ଉଭୟ ପକ୍ଷ ଓକିଲଙ୍କ ମଧ୍ୟରେ ଜବାବ ସୁଆଲ ସରିଛି। ଜଜ୍ ଆସନ୍ତା ୧୬ ତାରିଖରେ ଏହାର ରାୟ ପ୍ରକାଶ କରିବେ ବୋଲି ଦିନ ଧାର୍ଯ୍ୟ ହୋଇଛି। ଉକ୍ତ ଦିନ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ବିଏମ୍‌ସି ପୂର୍ବତନ ମେୟର ପିଣ୍ଟୁ ଦାସଙ୍କ ସମେତ ୫ ଅଭିଯୁକ୍ତଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ବିକ୍ରମ, ପିଣ୍ଟୁଙ୍କ ସମେତ ବିଜେଡି ନେତା ମଦନ ଦଳାଇ, ଜୟପୁରରେ ବ୍ୟବସାୟୀ ସୁନୀଲ ହୋତା ଓ ଅଳକାପୁରୀର ଶୂନ୍ୟଚନ୍ଦ୍ର ଦାସ ଜାମିନ ଆବେଦନ କରିଥିଲେ। ପୋଲିସ ଦାଖଲ କରିଥିବା କେସ୍ ଡାଏରିରେ ସେମାନଙ୍କ କଲ ଡିଟେଲ୍ସ ରିପୋର୍ଟ (ସିଡିଆର୍) ସହ କିଛି ଡିଜିଟାଲ ପ୍ରମାଣ ରହିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମାମଲାର ତଦନ୍ତ ଚାଲୁ ରହିଥିବା ଦର୍ଶାଇ ପୋଲିସ ଚୂଡ଼ାନ୍ତ ଚାର୍ଜଶିଟ ଦାଖଲ କରିବା ବିଳମ୍ବ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି ।


## ରେଲୱେ (ସଂଶୋଧନ) ଅଧିନିୟମ, ୨୦୦୮ ଅଧିନରେ ଜମି ଅଧିଗ୍ରହଣ ନିମନ୍ତେ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ସ୍ଥିତ ଝାରସୁଗୁଡ଼ା ୟାର୍ଡ ଆଧୁନିକୀକରଣ (୨ୟ ପର୍ଯ୍ୟାୟ) ଏବଂ ବରପାଲି ଲୋଡିଙ୍ଗ ବଲ୍‌ବ (୨ୟ ପର୍ଯ୍ୟାୟ) ସହିତ ଡବଲ ଲାଇନ ରେଲୱେ ଫ୍ଲାଇ-ଓଭର ନିମିତ୍ତ ସ୍ୱତନ୍ତ୍ର ରେଲୱେ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି

### ରେଳପଥ ମନ୍ତ୍ରଣାଳୟ

(ରେଳପଥ ପରିଷଦ)

ଭାରତୀୟ ରେଳପଥ (ସଂଶୋଧନ) ଅଧିନିୟମର ଧାରା ୨୦ଏଫ (୪) ପ୍ରକାରେ ସର୍ବସାଧାରଣ ବିଜ୍ଞପ୍ତି

ଗାର୍ଡେନ ରିଚ୍, କୋଲକାତା, ୫ ଡିସେମ୍ବର, ୨୦୨୫

ଏତଦ୍ୱାରା ଭାରତୀୟ ରାଜପତ୍ର, ଅତିରିକ୍ତ, ଭାଗ-୨, ଧାରା-୩, ଉପଧାରା-୨ (ବର୍ତ୍ତମାନ ଠାରୁ କଥିତ ଅଧିନିୟମ ରୂପେ ପରିଚିତ ହେବ) ଯାହା ଭାରତୀୟ ରେଳପଥ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଏସ୍‌ଓ ସଂଖ୍ୟା ୧୭୧୦(ଇ) ତାରିଖ ୧୧ ଏପ୍ରିଲ ୨୦୨୫ ପ୍ରକାରେ ୧୧ ଏପ୍ରିଲ ୨୦୨୫ ରେ ପ୍ରକାଶିତ ହୋଇଛି ଯାହା ରେଳପଥ ଅଧିନିୟମ, ୧୯୮୯ (୧୯୮୯ ର ୨୪) ର ଧାରା-୨୦ଇ ର ଉପଧାରା (୧) (ବର୍ତ୍ତମାନ ଠାରୁ କଥିତ ଅଧିନିୟମ ରୂପେ ପରିଚିତ ହେବ), କେନ୍ଦ୍ର ସରକାର ଏହା ଘୋଷଣା କରୁଛନ୍ତି ଯେ, ଏହି ବିଜ୍ଞପ୍ତିରେ ସଂଯୁକ୍ତ ଅନୁସୂଚୀ ଅନ୍ତର୍ଭୁକ୍ତ ଜମି କେନ୍ଦ୍ର ସରକାରଙ୍କ ଦ୍ୱାରା ସମସ୍ତ ପ୍ରକାରର ମାଲିକାନାରୁ ମୁକ୍ତ କରାଯାଇ ସର୍ବସାଧାରଣ ଉଦ୍ଦେଶ୍ୟରେ କାର୍ଯ୍ୟକ୍ଷମ, ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଯଥା ଝାରସୁଗୁଡ଼ା ଜିଲ୍ଲାରେ **"ଝାରସୁଗୁଡ଼ା ୟାର୍ଡ଼ ଆଧୁନିକୀକରଣ ସହିତ ଡବଲ ଲାଇନ ଫ୍ଲାଇ-ଓଭର"** ଏବଂ ସୁନ୍ଦରଗଡ଼ ଜିଲ୍ଲାରେ **"ବରପାଲି ଲୋଡିଙ୍ଗ ବଲ୍‌ବ"** କାର୍ଯ୍ୟକ୍ଷମ ହେବ।

ଏବଂ, ଏହି ପ୍ରକାରେ କଥିତ ଅଧିନିୟମର **ଧାରା-୨୦ଏ** ର **ଉପଧାରା (୧)** ପ୍ରକାରେ **୬ ମାର୍ଚ୍ଚ ୨୦୨୪** ରେ ଓଡ଼ିଆ, ହିନ୍ଦୀ, ଇଂରାଜୀ ଖବରକାଗଜରେ ତଥା ଗେଜେଟ୍ ବିଜ୍ଞପ୍ତି ସଂଖ୍ୟା **ଏସ୍‌ଓ ୨୧୬୮ (ଇ)** ତାରିଖ **୧୧ ଡିସେମ୍ବର ୨୦୨୩** ରେ କଥିତ ୧ମ ରାଜପତ୍ର ପ୍ରକାଶ ପାଇବା ସହିତ ୨ୟ ରାଜପତ୍ର ବିଜ୍ଞପ୍ତି ସଂଖ୍ୟା **ଏସ୍‌ଓ ୧୭୧୦ (ଇ)** ତାରିଖ **୧୧ ଏପ୍ରିଲ ୨୦୨୫** ପ୍ରକାରେ ରାଜପତ୍ରରେ ପ୍ରକାଶିତ ହେବା ସହିତ କଥିତ ଅଧିନିୟମର **ଧାରା-୨୦ଇ ର ଉପଧାରା (୧)** ପ୍ରକାରେ **୪ ମଇ ୨୦୨୫** ରେ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଖବରକାଗଜରେ ପ୍ରକାଶିତ ହୋଇଛି।

ଏବଂ, ନିମ୍ନ ସ୍ୱାକ୍ଷରକାରୀ ଏହି ପ୍ରକଳ୍ପର ଅଟକଳକୁ ମଞ୍ଜୁର କରିବା ସହିତ କ୍ଷତିପୂରଣ ରାଶିକୁ **ତା.୦୧.୧୨.୨୦୨୫** ରେ ଚୂଡାନ୍ତ କରିଛନ୍ତି। ସେହି ସମାନ ମଧ୍ୟ ନୋଡ଼ାଲ ଅଫିସର (ଏଲଏଓ, ଝାରସୁଗୁଡ଼ା) ତଥା ଜିଲ୍ଲାପାଳ ଝାରସୁଗୁଡ଼ା ଏବଂ ନୋଡ଼ାଲ ଅଫିସର (ଏଲଏଓ, ସୁନ୍ଦରଗଡ଼) ତଥା ଜିଲ୍ଲାପାଳ ସୁନ୍ଦରଗଡ଼ଙ୍କୁ ଜଣାଇବା ସହିତ ଗ୍ରାମ୍ୟ କମିଟିଙ୍କୁ ଅବଗତ କରାଯାଇଛି। ଏହି ସମ୍ବନ୍ଧରେ ନାମାଙ୍କିତ ଜମିମାଲିକଙ୍କ ବିବରଣୀ ସହିତ ସଂପୂର୍ଣ୍ଣ ଜମି ତଥ୍ୟ ନିମ୍ନରେ ପ୍ରଦାନ କରାଯାଇଛି।

### ଅନୁସୂଚୀ

ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ "ଜେଏସଜି ୟାର୍ଡ ଆଧୁନିକୀକରଣ ସହିତ ଡବଲ ଲାଇନ ଫ୍ଲାଇ-ଓଭର" ଏବଂ "ବରପାଲି ଲୋଡିଙ୍ଗ ବଲ୍‌ବ ସଂପର୍କିତ ଭୂମି ଅଧିଗ୍ରହଣର ସଂପର୍କିତ ସଂକ୍ଷିପ୍ତ ବିବରଣୀ କ୍ଷତିପୂରଣ ରାଶି ପ୍ରଦାନ ସଂପର୍କିତ ସୂଚନା ସହିତ ପ୍ରଦାନ କରାଯାଇଛି। ବ୍ୟକ୍ତିବିଶେଷ/ଏଜେଣ୍ଟ/ଆଇନଗତ ଉପସ୍ଥାପକଙ୍କ ମାଧ୍ୟମରେ ଦାବି/ଉପଦେଶ ଯଦି କିଛି ଥାଏ, ତାହାର ସମାଧାନ ନିମନ୍ତେ ଉପସ୍ଥିତ ହେବାକୁ ଅନୁରୋଧ।

ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଠିକଣା

**ଉପ-ମୁଖ୍ୟ ଯନ୍ତ୍ରୀ (ନିର୍ମାଣ) ଙ୍କ କାର୍ଯ୍ୟାଳୟ**
**୧ମ ମହଲା, ମଲ୍ଟି ଅଫିସ କମ୍ପ୍ଲେକ୍ସ ବିଲଡିଂ**
**ରନିଂ ରୁମ ନିକଟ, ରେଲୱେ କଲୋନି, ଝାରସୁଗୁଡ଼ା**

**ମୌଜା: ଝାରସୁଗୁଡ଼ା ଟି.ୟୁ ନଂ-୨, ବାଲିଯୋରୀ**

| କ୍ର. ନଂ | ଖାତା ନଂ | ପ୍ଲଟ ନଂ | କିସମ | ୨୦ଇ ଆକଳିତ କ୍ଷେତ୍ର (ଏକରରେ) | ପଞ୍ଜିକୃତ ଜମି ମାଲିକ |
|---|---|---|---|---|---|
| ୧ | ୩୨ | ୧୪୪୧ | ଆ.ସା | ୦.୦୧୦ | ମହମ୍ମଦ ଇସାକ, ମହମ୍ମଦ ରହମଦତୁଲ୍ଲା, ପି:ମହମ୍ମଦ ଇନାୟତ, ଜା:ମୁସଲମାନ, ବା:ନିଜଗାଁ |
| ୨ | | ୧୪୨୭ | ବେ.ପା | ୦.୨୦୦ | |
| ୩ | ୭୦ | ୧୪୧୬ | ମା.ସା | ୦.୦୫୦ | ସତ୍ୟବତି କିସାନ, ଭାରତୀ କିସାନ, ଅନ୍ନବତୀ କିସାନ, ପି:ଗଣ୍ଡା କିସାନ, ମନଚନ ମାଝୀ, ବିରଞ୍ଚି କୁମାର ମାଝୀ, ପି:ଦୁର୍ଯ୍ୟୋଧନ ମାଝୀ, ଶୁକ୍ରୁ କିସାନ, ପ୍ରସାଦୀ କିସାନ, ସୁମିତ୍ରା କିସାନ, ପି:ଖୁଟୁଲା କିସାନ, କୁମାର କିସାନ, ବନମାଳୀ କିସାନ, ସରୋଜିନୀ କିସାନ, କିଆ କିସାନ, ଗଦେ କିସାନ, ପାର୍ବତୀ କିସାନ, ପି:ଶିବା କିସାନ, ଉଦ୍ଧବ କିସାନ, ନିର କିସାନ, ଅନୁପମା କିସାନ, ପି:ଆଷାଢୁ କିସାନ, ବିଷ୍ଣୁ କିସାନ, ପି:ଜେଠୁ କିସାନ, ସୁନିଲ କିସାନ, ଦୈତାରି କିସାନ, ଦୟା କିସାନ, ବାସନ୍ତି କିସାନ, ବୃନ୍ଦାବତୀ କିସାନ, ପି:ଖେଡ୍ରୁ କିସାନ, ବୃନ୍ଦାବତୀ କିସାନ, ସ୍ୱା:ଖେଡ୍ରୁ କିସାନ, ରୁକ୍ମଣୀ କିସାନ, ପି:ଚକ୍ର କିସାନ, ଚନ୍ଦ୍ରକାନ୍ତ କିସାନ, ଅଞ୍ଜଳି କିସାନ, ରୀତାଞ୍ଜଳି କିସାନ, ପୁଷ୍ପାଞ୍ଜଳି କିସାନ, ପି:ଯୁଧିଷ୍ଠିର କିସାନ, ସରୋଜିନି କେଛୋ, ବୁନ୍ଦେ କିସାନ, ପି:ମଙ୍ଗଲା କିସାନ, ସମିର କିସାନ, ପି:ବବୁଲୁ କିସାନ, ସୀତା କିସାନ, ସ୍ୱା: ବବୁଲୁ କିସାନ, ମିନକେତନ କିସାନ, ରମେଶ କିସାନ, ସଞ୍ଜୁ କିସାନ, ରଞ୍ଜୁ କିସାନ, ପି:ଭୁବନ କିସାନ, ସବିତା କିସାନ, ସ୍ୱା:ଭୁବନ କିସାନ, ସୁକେଶି କିସାନ, ପି:ପିଛାଲୁ କିସାନ, ଜା:କିସାନ, ବା:ନିଜଗାଁ ପଡ଼ା ବାଲିଯୋରୀ |
| ୪ | ୭୮ | ୫୮୧୮ | ଆ.ସା | ୧.୦୫୦ | ରାଜବର୍ଦ୍ଧନ ଅଗସ୍ତି, ହର୍ଷବର୍ଦ୍ଧନ ଅଗସ୍ତି, ଅନୁପ ଅଗସ୍ତି, ସର୍ବେଶ ଅଗସ୍ତି, ଶୈଳେଶ ଅଗସ୍ତି, ସୀମା ଅଗସ୍ତି, ସନ୍ଧ୍ୟା ଅଗସ୍ତି, ପି:କୃପାଶଙ୍କର ଅଗସ୍ତି, ଅଞ୍ଚଳ ଅଗସ୍ତି, ପଙ୍କଜ ଅଗସ୍ତି, ମିତା ମିଶ୍ରା, ପି:ପ୍ରଭୁଶଙ୍କର ଅଗସ୍ତି, ରୋଲି ମିଶ୍ରା ଉର୍ଫ ଶୁକ୍ଲା, ମାରକ୍ଷା ମିଶ୍ରା ଉର୍ଫ ଶୁକ୍ଲା, ଭରତ ଅଗସ୍ତି, ସରିତା ତିୱାରୀ, ସୁଷମା ତିୱାରୀ, ରତ୍ନା ତିୱାରୀ, ପି:ରମଶଙ୍କର ଅଗସ୍ତି, ଆଶୀଷ ଶୁକ୍ଲା, ପି:ଗାନ୍ଧୀ ଶୁକ୍ଲା, ନୀରଜା ମିଶ୍ରା, ପି:ଗଣେଶ ମିଶ୍ରା, ନିତା ତିୱାରୀ, ସୁକନ୍ୟା ଶୁକ୍ଲା, ଜୟଶଙ୍କର ଅଗସ୍ତି, ପି:ସିଉମଙ୍ଗଳ ଅଗସ୍ତି, ହରିଶଙ୍କର ଅଗସ୍ତି, ଶିଉଶଙ୍କର ଅଗସ୍ତି, ରବିଶଙ୍କର ଅଗସ୍ତି, ବିଜୟଶଙ୍କର ଅଗସ୍ତି, ପି:ଉମାଶଙ୍କର ଅଗସ୍ତି, କଳାବତୀ ଅଗସ୍ତି, ସ୍ୱା:ଉମାଶଙ୍କର ଅଗସ୍ତି, ଜା:ବ୍ରାହ୍ମଣ, ବା:ନିଜଗାଁ |
| ୫ | ୧୮୯ | ୫୬୫୮ | ବା.ସା | ୦.୦୫୦ | ଝାଡି ଉରାମ, ପିତା:ରାଇଲୋ ଉରାମ, ମଙ୍ଗରା ଉରାମ ପିତା:ଡିବା ଉରାମ, ମୁନିଆଁ ଉରାମ, ପିତା:ମାହାତ ଉରାମ, ଜାତି:ଉରାମ, ବାସସ୍ଥାନ:ନିଜଗାଁ ପଡ଼ା ବାଲିଯୋରୀ। ବା: |
| ୬ | | ୫୬୨୬ | ମା.ସା | ୦.୦୫୦ | |
| ୭ | ୨୪୬ | ୧୪୮୫ | ଆ.ସା | ୦.୦୨୦ | ଧନନ୍ତରୀ ପଟେଲ, ପି:ବଳଦେବ ପଟେଲ, ଦୟାସାଗର ପଟେଲ, ପି:ଚିନ୍ତାମଣି ପଟେଲ, ଜା:ଅଘରିଆ, ବା:ନିଜଗାଁ ପଡ଼ା ବାଲିଯୋରୀ |
| ୮ | ୩୪୪ | ୧୪୯୫/୬୧୪୩ | ଆ.ସା | ୦.୧୪୦ | ନରେଶ କୁମାର ମେହେର, ରାକେଶ କୁମାର ମେହେର, ପି:ପୁରନ୍ଦର ମେହେର, ଲକ୍ଷ୍ମୀ ମେହେର, ସ୍ୱା:ପୁରନ୍ଦର ମେହେର, ଜା:ଭୁଲିଆ, ବା:ନିଜଗାଁ ପଡ଼ା ପୁରୁଣାବସ୍ତି |
| ୯ | ୩୪୯ | ୧୪୪୩ | ଆ.ସା | ୦.୦୧୦ | ବେଦମତୀ ପଟେଲ, ସ୍ୱା:ଦଶରଥ ପଟେଲ, ବିଦ୍ୟାଧର ପଟେଲ, କେଶରୀ ପଟେଲ, ପ୍ରଶାନ୍ତ ପଟେଲ, ଉଦିତ ପଟେଲ, ଟିକେଶ୍ୱରୀ ନାଏକ, ଜାହ୍ନବୀ ପଟେଲ, ମନୋରମା ପଟେଲ, ପି:ଦଶରଥ ପଟେଲ, ସ୍ନେହଲତା ପଟେଲ, ସ୍ୱା:ଧନ୍ୱନ୍ତରୀ ପଟେଲ, ରଞ୍ଜନ ପଟେଲ, ମଙ୍ଗଳ ପ୍ରସାଦ ପଟେଲ, ଆରତୀ ପଟେଲ, ବିନତୀ ନାୟକ, ପି:ଧନ୍ୱନ୍ତରୀ ପଟେଲ, କେଦାରନାଥ ପଟେଲ, ଶାନ୍ତି ପଟେଲ, ସୁକାନ୍ତି ପଟେଲ, ଲବଙ୍ଗଲତା ନାଏକ, ଝରଣା ପଟେଲ, ପି:ଦୟାସଗର ପଟେଲ, ଜା: ଅଘରିଆ, ବା:ନିଜଗାଁ ପଡ଼ା ବାଲିଯୋରୀ |
| ୧୦ | ୪୨୩ | ୧୪୪୦ | ବେ.ପା | ୦.୦୫୦ | ମହମ୍ମଦ ମଜହର, ପି:ମହମ୍ମଦ ସୁଜାଏତ, ରହିମାନ ବିବି, ସ୍ୱା:ମହମ୍ମଦ ସୁଜାଏତ, ଜା:ମୁସଲମାନ, ବା:ନିଜଗାଁ |
| ୧୧ | | ୧୪୧୪ | ମା.ସା | ୦.୦୫୦ | |
| ୧୨ | | ୧୪୧୫ | ମା.ସା | ୦.୦୫୦ | |
| ୧୩ | | ୧୪୨୫ | ମା.ସା | ୦.୦୪୦ | |
| ୧୪ | | ୧୪୪୨ | ଆ.ସା | ୦.୦୧୦ | |
| ୧୫ | ୪୨୬ | ୧୪୨୧ | ବା.ସା | ୦.୦୭୦ | ମଜିଦୁନ ବିବି, ସ୍ୱା:ନବି ଖାଁ, ଜା:ମୁସଲମାନ, ବା:ସୁନ୍ଦରଗଡ଼, ଜିଲ୍ଲା:ସୁନ୍ଦରଗଡ଼ |
| ୧୬ | | ୫୬୬୦ | ବା.ସା | ୦.୦୧୦ | |
| ୧୭ | ୪୫୦ | ୫୮୨୫-କ | ଆ.ସା | ୦.୦୫୨ | ଜସବିର ସୋରେଙ୍ଗ, ପି:ଅନୁଗ୍ରହ ପ୍ରସାଦ ସୋରେଙ୍ଗ, ଜା:ଖରିଆ, ବା:ବାଲିଯୋରୀ, ଝାରସୁଗୁଡ଼ା |
| ୧୮ | | ୫୮୨୫-ଖ | ବା.ସା | ୦.୦୨୮ | |
| ୧୯ | ୪୬୧ | ୧୬୭୯/୬୧୦୩ | ଆ.ସା | ୦.୮୦୦ | ପିଙ୍କି ଓରାମ, ରିଙ୍କି ଓରାମ, ଜଗନ୍ନାଥ ଓରାମ, ରିମି ଓରାମ, ଆକାଶ ଓରାମ, ପି:ଚିନ ଓରାମ, ଝିମି ଓରାମ, ପି:ଜୟସିଂହ ଓରାମ, ରାଜେଶ ଓରାମ ଓରଫ ଲାକଡ଼ା, ପି:ମାଲୁ ଓରାମ, ରମେଶ ଲାକଡ଼ା, ମହେଶ ଲାକଡ଼ା, ଶୁବମ ଲାକଡ଼ା, ଲକ୍ଷ୍ମୀ ମିଞ୍ଜ, ଦୁତି ବାରଲା, ରାଇବାରୀ ବାଗ, ପି:ସନିଚର ଓରାମ, ଗଣପତି ଲାକଡ଼ା, ପି: ଭୀମସେନ ଲାକଡ଼ା, ଦ୍ରୋପଦୀ ଲାକଡ଼ା, ସ୍ୱା:ଭୀମସେନ ଲାକଡ଼ା, ଜା:ଉରାମ, ବା:ନିଜଗାଁ |
| ୨୦ | ୪୬୩ | ୫୬୭୯ | ବା.ସା | ୦.୩୧୦ | ମଜନି ଓରାମ, ଶିବ ଓରାମ, ନିଳାମ୍ବର ଓରାମ, ରାଜେନ୍ଦ୍ର ଓରାମ, ଶାନ୍ତି ଓରାମ, ଲୋଭା ଓରାମ, ପି: ଜେନା ଉରାମ, ପାର୍ବତୀ ଓରାମ, ସ୍ୱା:ଜେନା ଉରାମ, ଜା:ଓରାମ, ବା:ନିଜଗାଁ |
| ୨୧ | | ୫୬୮୦ | ବେ.ସା | ୦.୦୪୦ | |
| ୨୨ | ୬୧୧ | ୫୮୨୨ | ଆ.ସା | ୦.୨୫୦ | ସୁକାନ୍ତି ଗର୍ଡ଼ିଆ, ପୂଜା ଗର୍ଡ଼ିଆ, ଡ୍ରୋଳାମଣି ଗର୍ଡ଼ିଆ, ଲିଜା ଗର୍ଡ଼ିଆ, ପି:ରାଜେନ୍ଦ୍ର ଗର୍ଡ଼ିଆ, ଲୋଚନି ଗର୍ଡ଼ିଆ @ ମହାନନ୍ଦ, ପି:ଶ୍ରୀରାମ ଗର୍ଡ଼ିଆ, ଲୁପାମୁଦ୍ରା ଚୌହାନ, ବିଶ୍ୱବଳା @ ପୁଟୁଳି ତାଣ୍ଡିଆ, ଦେବସିଂହ ତାଣ୍ଡିଆ, ଜନସିଂହ ତାଣ୍ଡିଆ, ସରସ୍ୱତୀ ବଙ୍କରା, ପି: ମାଣିକରାମ ଗର୍ଡ଼ିଆ, ଭୁଜପତି ଗର୍ଡ଼ିଆ, ପି:ମୁକ୍ତିରାମ ଗର୍ଡ଼ିଆ, ମହେଶ ଗର୍ଡ଼ିଆ, କବିତା ଗର୍ଡ଼ିଆ, ପି: କୁଞ୍ଜବିହାରୀ ଗର୍ଡ଼ିଆ, ଭାରତୀ ଗର୍ଡ଼ିଆ, ସୁନିତା ଗର୍ଡ଼ିଆ ପି:ଜୟଶଙ୍କର ଗର୍ଡ଼ିଆ, ତିଳୋତମା ଗର୍ଡ଼ିଆ, ସ୍ୱା: ଜୟଶଙ୍କର ଗର୍ଡ଼ିଆ, ତିଳୋଉମା ଗର୍ଡ଼ିଆ, ସ୍ୱା: ଜୟଶଙ୍କର ଗର୍ଡ଼ିଆ, ବେଦପଦ ଗର୍ଡ଼ିଆ, ପି:ବୁଧୁରାମ ଗର୍ଡ଼ିଆ, ଜା:ଗଣ୍ଡା, ବା:ନିଜଗାଁ |
| ୨୩ | ୭୪୭/୨୩୯ | ୧୪୮୨ | ମା.ସା | ୦.୦୩୦ | ଜୟ ଘାସି, ଭୟ ଘାସି, ପି:ହରି ଘାସି, ଜା:ଘାସି, ବା:ଓ.ଏମ୍.ପି କଲୋନୀ ଭୂୟାଁପଡ଼ା ଝାରସୁଗୁଡ଼ା |
| ୨୪ | | ୧୪୮୩/୬୫୮୧ | ମା.ସା | ୦.୦୩୦ | |
| ୨୫ | | ୧୪୮୪/୬୫୮୨ | ମା.ସା | ୦.୦୨୫ | |
| ୨୬ | ୭୪୭/୧୧୫୭ | ୫୬୮୨/୭୬୨୩ | ବେ.ସା | ୦.୦୨୦ | ଧିନ୍ଦା ବାଡ଼ା, ପି:ରାନୁ ବାଡ଼ା, ତରଣୀ ବାଡ଼ା, ହେମନ୍ତ ବାଡ଼ା, ଦିପକ ବାଡ଼ା, ପି:ଧିନ୍ଦା ବାଡ଼ା, ଜା:ଓରାମ, ବା:ଝାରସୁଗୁଡ଼ା ବାଲିଯୋରୀ |
| ୨୭ | ୭୪୭/୨୪୪୯ | ୫୬୮୩/୯୧୩୯ | ଘରବାରି | ୦.୦୧୦ | ସନ୍ତୋଷ କୁମାର ପଟେଲ, ପି:ପଦ୍ମଲୋଚନ ପଟେଲ, ଜା:ଅଘରିଆ, ବା:ସାଗରପାଲି, ଥା:ଭଷ୍ମା, ଜି:ସୁନ୍ଦରଗଡ଼ |
| ୨୮ | ୭୪୭/୨୬୦୬ | ୧୪୪୮/୯୩୧୬ | ମା.ସା | ୦.୦୯୦ | ଚନ୍ଦନ ଘୋଷ, ପି:ରଖହରି ଘୋଷ, ଜା:କାୟସ୍ଥ, ବା: ଆଇ.ଟି କଲୋନୀ, ରାଜଗଙ୍ଗପୁର, ଜି:ସୁନ୍ଦରଗଡ଼ |
| ୨୯ | ୭୪୭/୨୮୮ | ୫୬୮୩/୯୬୨୬ | ଆ.ସା | ୦.୧୫୦ | ସୁଜିତ କୁମାର ଦାଶ, ପି:ଡ଼ା. କିଶୋର ଚନ୍ଦ୍ର ଦାଶ, ଜା: ବ୍ରାହ୍ମଣ, ବା:ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କଲୋନୀ, ଝାରସୁଗୁଡ଼ା |
| ୩୦ | ୭୪୭/୨୯୧୯ | ୫୮୨୫/୯୬୫୬ | ଆ.ସା | ୦.୦୭୦ | ସରିତା ଡୁଙ୍ଗଡୁଙ୍ଗ, ପି:ଜୋନାସ ଡୁଙ୍ଗଡୁଙ୍ଗ, ଜା:ଖଡିଆ, ବା:କକ୍ସ କଲୋନୀ, ଝାରସୁଗୁଡ଼ା |
| ୩୧ | ୭୪୭/୩୨୬୧ | ୧୫୦୪/୧୦୦୫୮ | ଆ.ସା | ୦.୨୭୫ | ହରିଚନ୍ଦନ ନାଏକ, ପି:ନିଳାଦ୍ରି ନାଏକ, ଜା:ଅଘରିଆ, ବା:ବାଲିଯୋରୀ, ଥା: ତ: ଜି: ଝାରସୁଗୁଡ଼ା |
| ୩୨ | ୭୪୭/୩୩୨୭ | ୫୮୧୫/୧୦୧୭୫ | ଆ.ସା | ୦.୦୧୦ | ମାଳିକା ପଟେଲ, ସ୍ୱା:ଜନ୍ମଜୟ ପଟେଲ, ଜା:ଅଘରିଆ ବା:କଙ୍କରାମୁଣ୍ଡା, ଥା:ଲଇକେରା |
| ୩୩ | ୭୪୭/୩୮୭୪ | ୧୪୪୮/୧୦୭୫୩ | ମା.ସା | ୦.୦୧୦ | ସରସ୍ୱତୀ ଦେବୀ ଛେତ୍ରୀ, ସ୍ୱା:ବିନୟ କୁମାର ଛେତ୍ରୀ, ଜା:ଛେତ୍ରୀ, ବା:ଓ.ଏସ.ଏ.ପି. ଦ୍ୱିତୀୟ ବାଟାଲିୟନ, ଝାରସୁଗୁଡ଼ା |
| ୩୪ | ୭୪୭/୩୯୭୯ | ୫୮୧୬/୧୦୮୬୨ | ଆ.ସା | ୦.୦୨୦ | କ୍ଷୀର ସାଗର ମୁଣ୍ଡା, ପି:ସୁଦାମ ମୁଣ୍ଡା, ଜା:ମୁଣ୍ଡା, ବା: ଅଭୟପୁର, ମୁଣ୍ଡାପଡ଼ା, ଥା:ବ୍ରଜରାଜନଗର |
| ୩୫ | ୭୪୭/୪୦୦୨ | ୫୬୨୨/୧୦୮୮ | ଘ.ବା | ୦.୦୩୦ | ଶ୍ୟାମ ବାହାଦୂର ରଣା, ପି:ପ୍ରେମ ବାହାଦୂର ରଣା, ଜା: ରାଜପୁତ ବା:ଓ.ଏସ୍.ଏ.ପି, ଝାରସୁଗୁଡ଼ା |
| ୩୬ | ୭୪୭/୪୦୧୨ | ୫୬୨୨/୧୦୮୯୮ | ଘ.ବା | ୦.୦୨୦ | ରାଜୁ ବାହାଦୂର ଥାପା, ପି:ସରତ ବାହାଦୂର ଥାପା, ଜା:ରାଜପୁତ, ବା:ସେକ୍ଟର-୨୧, ରାଉରକେଲା, ଜି:ସୁନ୍ଦରଗଡ଼ |
| ୩୭ | ୭୪୭/୪୦୩୩ | ୫୬୨୨/୧୦୯୧୭ | ଘ.ବା | ୦.୦୮୦ | କେ ପଦ୍ମା ଦୋରା, ସ୍ୱା:କେ ମୋହନ ରାଓ ଦୋରା, ଜା:ତେଲେଙ୍ଗା, ବା:ବେହେରାମାଲ, ଝାରସୁଗୁଡ଼ା |
| ୩୮ | ୭୪୭/୪୮୦୪ | ୫୬୨୨/୧୧୫୮୭ | ଘ.ବା | ୦.୦୫୦ | ସଞ୍ଜୁକ୍ତା ମେହେର, ସ୍ୱା:ଡମ୍ବରୁଧର ମେହେର, ଜା: ଭୁଲିଆ, ବା:ତାଲମାଲ, ଝାରସୁଗୁଡ଼ା |
| ୩୯ | ୭୪୭/୪୮୦୫ | ୫୬୨୨/୧୧୫୮୮ | ମା.ସା | ୦.୦୫୦ | ପ୍ରିୟବ୍ରତ ବାରିକ, ପି:ହୁକୁମ ବାରିକ, ଜା:କୁଳତା, ବା: କଣ୍ଡେଇକେଲା, ଥା:ରେଙ୍ଗାଲି, ଜି:ଝାରସୁଗୁଡ଼ା |
| ୪୦ | ୭୪୭/୫୪୨୫ | ୫୬୨୦/୧୨୦୭୪ | ଆ.ସା | ୦.୦୪୦ | ଜୟଶ୍ରୀ ସାହୁ, ସ୍ୱା:ବୁଦ୍ଧଦେବ ସାହୁ, ଜା:ଖଣ୍ଡାୟତ, ବା: ଅର୍ଡ଼ା, ଥା:ଲାଇକେରା, ଜି:ଝାରସୁଗୁଡ଼ା |
| ୪୧ | ୭୪୭/୫୭୩୯ | ୫୬୨୨/୧୨୩୩୧ | ଘ.ବା | ୦.୦୩୫ | ବିନୟ କୁମାର ପାଣ୍ଡେ, ପି:ରାଜେନ୍ଦ୍ର କୁମାର ପାଣ୍ଡେ, ଜା:ଅଘରିଆ, ବା:ଦେବାଡ଼ିହି, ଝାରମୁଣ୍ଡା ପଡ଼ା, ଝାରସୁଗୁଡ଼ା |
| ୪୨ | ୭୪୭/୫୭୪୦ | ୫୬୨୨/୧୦୯୧୩ | ଘ.ବା | ୦.୦୩୫ | ଉଦୟ କୁମାର ପାଣ୍ଡେ, ପି:ରାଜେନ୍ଦ୍ର କୁମାର ପାଣ୍ଡେ, ଜା:ଅଘରିଆ, ବା:ଦେବାଡ଼ିହି, ଝାରସୁଗୁଡ଼ା |
| ୪୩ | ୭୪୭/୫୮୫୮ | ୫୬୨୩/୧୨୪୩୩ | ଘ.ବା | ୦.୦୨୬ | ସସ୍ମିତା ପ୍ରଧାନ, ସ୍ୱା:ବିରେନ କୁମାର ଗଡ଼ନାୟକ, ଜା: ଚଷା, ବା:ଝଟିକିପାସି, ଥା/ଜି:ଦେବଗଡ଼, ହା.ନି. ବେହେରାମାଲ, ଝାରସୁଗୁଡ଼ା |
| ୪୪ | | ୫୬୨୪/୧୨୪୩୨ | ଘ.ବା | ୦.୦୩୦ | |
| ୪୫ | ୭୪୭/୫୮୯୬ | ୧୪୮୯/୧୨୪୭୭ | ଆ.ସା | ୦.୦୪୦ | ଅକ୍ଷୟ କୁମାର ନାଏକ, ପି:ରତନ କୁମାର ନାଏକ, ଜା: ଅଘରିଆ, ବା:କୁରେବଗା, ଥା:ବଡ଼ମାଲ, ଝାରସୁଗୁଡ଼ା |
| ୪୬ | ୭୪୭/୫୯୧୧ | ୫୬୨୪/୧୨୪୮୫ | ଘ.ବା | ୦.୦୭୧ | ମିଲିନାମୟୀ ଧଳ, ସ୍ୱା:ଆଲୋକ କୁମାର ଧଳ, ଜା: ଖଣ୍ଡାୟତ, ବା:କୋଳିଡ଼ିହ, ଜି:କେନ୍ଦ୍ରାପଡ଼ା, ହା.ନି. ବମ୍ଫେଛକ, ଝାରସୁଗୁଡ଼ା |
| ୪୭ | ୭୪୭/୬୦୩୪ | ୧୪୮୯/୯୭୫୨ | ଆ.ସା | ୦.୦୨୫ | ସହଦେବ ନାଏକ, ପି:ନାରାୟଣ ନାଏକ, ଜା:ଅଘରିଆ ବା:କୁରେବଗା, ଝାରସୁଗୁଡ଼ା |
| ୪୮ | ୭୪୭/୬୩୧୭ | ୫୬୧୬/୧୨୭୮୧ | ମା.ସା | ୦.୦୩୦ | ତ୍ରିବିକ୍ରମ ସିଂହ, ପି:ଗର୍ଜନ ସିଂହ, ଜା:ଗଣ୍ଡା, ବା:ପାନପାଲି, ଥା:ଲଇକେରା, ଝାରସୁଗୁଡ଼ା |
| ୪୯ | ୭୪୭/୬୪୫୩ | ୫୬୨୧/୧୧୦୮୬ | ଆ.ସା | ୦.୦୪୦ | ଟୁଲ ବାହାଦୂର ବରଘରେ, ପି:ଟିକାରାମ ବରଘରେ, ଜା:ନେପାଳୀ, ବା:ଓ ଅସ ଏପି ୨ୟ ବାଟାଲିୟନ, ଝାରସୁଗୁଡ଼ା |
| ୫୦ | ୭୪୭/୬୬୯୪ | ୫୬୮୧ | ବେ.ସା | ୦.୦୧୦ | ଗୁଣନିଧି କିସାନ, ପି:ବିଷ୍ଣୁ କିସାନ, ଜା:କିସାନ, ବା:ବାଲିଯୋରୀ, ଛତ୍ରିଆକଟା, ଝାରସୁଗୁଡ଼ା |

**ମୌଜା: ଝାରସୁଗୁଡ଼ା ଟି.ୟୁ. ନଂ.୩, ଦେବଡିହି**

| କ୍ର. ନଂ | ଖାତା ନଂ | ପ୍ଲଟ ନଂ | କିସମ | ୨୦ଇ ଆକଳିତ କ୍ଷେତ୍ର (ଏକରରେ) | ପଞ୍ଜିକୃତ ଜମି ମାଲିକ |
|---|---|---|---|---|---|
| ୧ | ୮୭ | ୩୨୯୨/୪୦୭୩ | ଆ.ସା | ୦.୦୨୦ | ଗୋବିନ୍ଦ ରାମ ଗଣ୍ଡା, ମଧୁକର ଗଣ୍ଡା, ମେଘୁ ଗଣ୍ଡା, ପି:ଗରିବ ଗଣ୍ଡା, ଜା:ଗଣ୍ଡା, ବା:ବାଲିଯୋରୀ |
| ୨ | ୧୬୯ | ୨୮୬୨ | ବେ.ସା | ୦.୦୧୦ | ସଞ୍ଜୟ ଦଣ୍ଡସେନା, ଶଙ୍କର ଦଣ୍ଡସେନା, ହେମଲତା ଦଣ୍ଡସେନା, ସାବିତ୍ରି ପ୍ରଧାନ, ପି:ତ୍ରିନାଥ ଦଣ୍ଡସେନା, ପୂର୍ଣ୍ଣମୀ ଦଣ୍ଡସେନା, ସ୍ୱା:ତ୍ରିନାଥ ଦଣ୍ଡସେନା, କୁନ୍ତଲା କିସାନ, ଗୋଲାପ ବାଗ, ଡିଲେଶ୍ୱରୀ ପିଙ୍ଗ, ମଧୁସୂଦନ ବାଗ, ଚିତ୍ତରଞ୍ଜନ ବାଗ, ପି:ହୀରା ବାଗ, ଦ୍ରୌପଦୀ ମାଝୀ, ସନାତନ ଦଣ୍ଡସେନା, ଯଶୋଦା ମାଝି, ଚତୁର୍ଭୁଜ ଦଣ୍ଡସେନା, କୌଶଲ୍ୟା ପ୍ରଧାନ, ଦେବକୀ କିସାନ, ପି:ହେମସାଗର ଦଣ୍ଡସେନା, ଜମ୍ବୋବତୀ କିସାନ, ବିନୋଦ ଦଣ୍ଡସେନା, ପି:ପୁରନ୍ଦର ଦଣ୍ଡସେନା, |
| ୩ | | ୨୮୬୪ | ବା.ସା | ୦.୪୧୦ | |
| ୪ | | ୩୧୯୬ | ମା.ସା | ୦.୦୨୦ | |
| ୫ | | ୩୪୪୬ | ମା.ସା | ୦.୦୦୫ | |
| ୬ | | ୩୪୪୭ | ମା.ସା | ୦.୦୦୫ | |
| ୭ | | ୩୪୫୮ | ମା.ସା | ୦.୦୨୦ | |
| ୮ | | ୩୪୭୦ | ଆ.ସା | ୦.୦୧୫ | ଯୋଗେନ୍ଦ୍ର ପ୍ରଧାନ, ପି:ମହେଶ ପ୍ରଧାନ, କିଶୋରୀ ଦଣ୍ଡସେନା, ମିନା ଦଣ୍ଡସେନା, ବିଘ୍ନେଶ୍ୱର ଦଣ୍ଡସେନା, ପି:କାନ୍ତି ଦଣ୍ଡସେନା, ଧରମୁ ଦଣ୍ଡସେନା, ସନ୍ତୁର୍ଯ୍ୟ ଦଣ୍ଡସେନା, ଭଗବାନ ଦଣ୍ଡସେନା, ଶୁଖ ଦଣ୍ଡସେନା ଉର୍ଫ ପ୍ରଧାନ, ପି:ବାଲମକୁନ୍ଦ ଦଣ୍ଡସେନା, ଜା:କିସାନ, ବା:ନିଜଗାଁ |
| ୯ | ୧୭୦ | ୩୪୪୯ | ମା.ସା | ୦.୦୨୦ | ତ୍ରିନାଥ ଦଣ୍ଡସେନା, ପି:ଘନଶ୍ୟାମ ଦଣ୍ଡସେନା, ଜା: କିସାନ, ବା:ନିଜଗାଁ, ରମ୍ଭାବତୀ ବାଗ, ପି:ମହେଶ୍ୱର ଦଣ୍ଡସେନା, ଜା:କିସାନ, ବା:ବାଙ୍କି ଲଏକେରା |
| ୧୦ | | ୩୪୬୩ | ଆ.ସା | ୦.୦୧୦ | |
| ୧୧ | ୧୮୦ | ୩୧୮୯/୪୦୫୧ | ଆ.ସା | ୦.୦୩୦ | ତ୍ରିନାଥ ଦଣ୍ଡସେନା, ହିରା ବାଗ, ପିତା:ଘନଶ୍ୟାମ ଦଣ୍ଡସେନା, ହେମ ସାଗର ଦଣ୍ଡସେନା, ପିତା:ଶୁଖି ଦଣ୍ଡସେନା, ପୁରନ୍ଦର ଦଣ୍ଡସେନା, ପିତା:ବୁଡ଼ା ଦଣ୍ଡସେନା, ପଦ୍ମା ଦଣ୍ଡସେନା, ପିତା:ଭୁଲା ଦଣ୍ଡସେନା, କସ୍ତୁରୀ ଦଣ୍ଡସେନା, ସ୍ୱାମି:ଭୁଲା ଦଣ୍ଡସେନା, କାନ୍ତି ଦଣ୍ଡସେନା, ପିତା:ଭୁଲା ଦଣ୍ଡସେନା, ବାଲମକୁନ୍ଦ ଦଣ୍ଡସେନା, ପିତା:ଲିମ୍ବ ଦଣ୍ଡସେନା, ଜାତି:କିସାନ, ବାସସ୍ଥାନ:ଝାରସୁଗୁଡ଼ା ଟାଉନ ପଡ଼ା ଦେବାଡ଼ିହି ବେଆଇନ ଖରିଦ ସୂତ୍ରେ ଦଖଲ ରମେନ୍ଦ୍ରନାଥ ମୁଖାର୍ଜୀ ପିତା:ବିଶେଶ୍ୱର ମୁର୍ଖାଜୀ, ଜାତି:ବ୍ରାହ୍ମଣ, ବାସସ୍ଥାନ: ନିଜଗାଁ ପଡ଼ା କାଳିମନ୍ଦିର ରେଜିଷ୍ଟ୍ରି ଦଲିଲ ନମ୍ବର ୧୪୦୪ ତାରିଖ ୨୧.୦୭.୬୭ ଜର ସମନ ଟଙ୍କା ୧୦୦.୦୦ । ବା: |
| ୧୨ | ୧୯୪ | ୩୫୩୬ | ବା.ପା | ୦.୦୨୦ | ଧ୍ରୁବଚରଣ ପାଣ୍ଡେ, କଳ୍ପନା ନାଏକ, ଅଞ୍ଜନା ପଟେଲ, ହରିଶ୍ଚନ୍ଦ୍ର ପାଣ୍ଡେ, ପି:ଦୀନମଣି ପାଣ୍ଡେ, କଳ୍ପନା ପାଣ୍ଡେ, ସ୍ୱା:ପ୍ରହଲ୍ଲାଦ ପାଣ୍ଡେ, ଆଲିସା ପାଣ୍ଡେ, ଅଲିଭା ପାଣ୍ଡେ, ଆକୃତୀ ପାଣ୍ଡେ, ପି:ପ୍ରହଲ୍ଲାଦ ପାଣ୍ଡେ, ଜା:ଅଘରିଆ, ବା:ନିଜଗାଁ |
| ୧୩ | ୨୦୬ | ୩୨୨୬ | ବା.ସା | ୦.୨୫୦ | ଦେବେନ୍ଦ୍ର ପ୍ରସାଦ ପାଣ୍ଡେ, ପି:ଭୀଷ୍ମଦେବ ପାଣ୍ଡେ, ଜା: ଅଘରିଆ, ବା:ନିଜଗାଁ |
| ୧୪ | ୨୬୩ | ୩୨୬୩ | ବା.ସା | ୦.୦୧୦ | ପୁରନ୍ଦର ମେହେର, ପି:ମୁନୁ ମେହେର, ଜା:ଭୁଲିଆ, ବା:ଝାରସୁଗୁଡ଼ା ପଡ଼ା ପୁରୁଣାବସ୍ତି |
| ୧୫ | | ୩୨୬୪ | ବେ.ସା | ୦.୦୦୫ | |
| ୧୬ | ୨୬୮ | ୩୨୨୨ | ବା.ସା | ୦.୦୮୦ | ବୁଧବାରି ପ୍ରଧାନ, ସ୍ୱା:ଫଗୁ ପ୍ରଧାନ, ମାଲତୀ ପ୍ରଧାନ, ଗୋପବନ୍ଧୁ ପ୍ରଧାନ, ହିରାବତୀ ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ, କ୍ଷୀରବତୀ ପ୍ରଧାନ, ଗୋଲବଦନ ପ୍ରଧାନ, ଗଣେଶ୍ୱର ପ୍ରଧାନ, କୁନ୍ତି ପ୍ରଧାନ, ପି:ଫଗୁ ପ୍ରଧାନ, ଜା:କିସାନ, ବା:ନିଜଗାଁ |
| ୧୭ | | ୩୨୨୩ | ବା.ସା | ୦.୦୫୦ | |
| ୧୮ | ୩୩୨ | ୩୪୦୭ | ଆ.ସା | ୦.୦୧୦ | ନିରଞ୍ଜନ ପ୍ରଧାନ, ଶ୍ରୀପ୍ରସାଦ ପ୍ରଧାନ, ପି:ଭୀମ ପ୍ରଧାନ ଜା:କିସାନ, ବା:ନିଜଗାଁ |
| ୧୯ | ୩୪୭ | ୩୨୨୬/୪୧୭୦ | ବା.ସା | ୦.୧୧୫ | ବାସୁଦେବ ପାଣ୍ଡେ, ପାର୍ବତୀ ପାଣ୍ଡେ, ପି:ମହେନ୍ଦ୍ର ପ୍ରସାଦ ପାଣ୍ଡେ, ତପସ୍ୱିନୀ ପାଣ୍ଡେ, ସ୍ୱା:ମହେନ୍ଦ୍ର ପ୍ରସାଦ ପାଣ୍ଡେ, ଜା:ଅଘରିଆ, ବା:ନିଜଗାଁ |
| ୨୦ | ୩୮୯ | ୩୪୯୪ | ବା.ପା | ୦.୦୧୦ | ରୋହିତକୁମାର ପାଣ୍ଡେ, ପି:ଜଗନ୍ନାଥ ପାଣ୍ଡେ, ଜା: ଅଘରିଆ, ବା:ନିଜଗାଁ |
| ୨୧ | ୪୦୯ | ୩୨୫୪ | ଆ.ସା | ୦.୦୨୦ | ଲକ୍ଷ୍ମୀଧର ମେହେର, ଗୋବିନ୍ଦ ମେହେର, ପି:ଛାଲଖାଇ ମେହେର, ଶ୍ରୀଆ ମେହେର, ବେଲମତୀ ମେହେର, ପି:ଚୁଡାମଣି ମେହେର, ବିଦ୍ୟାଧର ମେହେର, ଚିନ୍ତାମଣୀ ମେହେର, ପି:ବିଟ ମେହେର, ନରେଶ କୁମାର ମେହେର, ରାଜେଶ କୁମାର ମେହେର, ପି: ପୁରନ୍ଦର ମେହେର, ଲକ୍ଷ୍ମୀ ମେହେର, ସ୍ୱା:ପୁରନ୍ଦର ମେହେର, ନାରାୟଣ ମେହେର, ପି:ମଙ୍ଗତା ମେହେର ଜା:ଭୁଲିଆ, ବା:ଝାରସୁଗୁଡ଼ା ପୁରୁଣାବସ୍ତି |
| ୨୨ | ୪୫୩ | ୩୨୩୩ | ଆଡି | ୦.୦୨୦ | ତପସ୍ୱିନି ମାଝୀ, ପି:ଶିବ ମାଝୀ, ଜା:କିସାନ, ବା:ନିଜଗାଁ |
| ୨୩ | | ୩୨୩୫ | ଆଡି | ୦.୦୨୦ | |
| ୨୪ | | ୩୨୩୮ | ମୁଣ୍ଡା | ୦.୦୩୫ | |
| ୨୫ | ୫୩୬/୧୯୫୨ | ୩୪୬୭ | ମା.ସା | ୦.୦୧୫ | ବୁଧୁବାରୀ ପ୍ରଧାନ, ସ୍ୱା:ଫଗୁ ପ୍ରଧାନ, ମାଲତୀ ପ୍ରଧାନ, ଗୋପବନ୍ଧୁ ପ୍ରଧାନ, ହୀରାବତୀ ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ, ଖିରାବତୀ ପ୍ରଧାନ, ଗୋଲବଦନ ପ୍ରଧାନ, ଗଣେଶ୍ୱର ପ୍ରଧାନ, କୁନ୍ତି ପ୍ରଧାନ, ପି:ଫଗୁ ପ୍ରଧାନ, ଜା:କିସାନ, ବା:ନିଜଗାଁ |
| ୨୬ | ୫୩୬/୧୯୫୩ | ୩୧୯୩ | ମା.ସା | ୦.୦୧୦ | ସଦା ଦଣ୍ଡସେନା, ପି:ଚମ୍ପା ଦଣ୍ଡସେନା, ଜା:କିସାନ, ବା:ନିଜଗାଁ |
| ୨୭ | | ୩୧୯୪ | ମା.ସା | ୦.୦୧୦ | |
| ୨୮ | | ୩୪୪୮ | ମା.ସା | ୦.୦୦୫ | |

**ମୌଜା: ଝାରସୁଗୁଡ଼ା ଟି.ୟୁ. ନଂ.୮, ମାଲିମୁଣ୍ଡା**

| କ୍ର. ନଂ | ଖାତା ନଂ | ପ୍ଲଟ ନଂ | କିସମ | ୨୦ଇ ଆକଳିତ କ୍ଷେତ୍ର (ଏକରରେ) | ପଞ୍ଜିକୃତ ଜମି ମାଲିକ |
|---|---|---|---|---|---|
| ୧ | ୪୭ | ୨୧୧୧ | ଆ.ସା | ୦.୦୯୦ | ଗୌରୀଶଙ୍କର ନାଏକ, ଜନକ ପଟେଲ, ସ୍ନେହଲତା ପଟେଲ, ପ୍ରେମ ପଟେଲ, ପୁଷ୍ପ ପଟେଲ, ପି:ବୈକୁଣ୍ଠ ନାଏକ, ଲଳିତା ନାଏକ, ସ୍ୱା:ବୈକୁଣ୍ଠ ନାଏକ, ଗୋକୁଳ ବିହାରି ନାଏକ, ମଣି ପଟେଲ, ପି:ହିରାଧର ନାଏକ, ନିଳାବତୀ ନାଏକ, ସ୍ୱା:ହିରାଧର ନାଏକ, ହେମାଦ୍ରୀ ନାଏକ, ଭବାନୀଶଙ୍କର ନାଏକ, ନୃପ କିଶୋର ନାଏକ, ସାବିତ୍ରୀ ପଟେଲ, ମିରା ନାଏକ, କିନୀ ଚୌଧୁରୀ, ପି:ଯୋଗେନ୍ଦ୍ର ନାଏକ, ସୁଲଚନା ନାଏକ, ସ୍ୱା:ଯୋଗେନ୍ଦ୍ର ନାଏକ, ବିଜୟକୁମାର ନାଏକ, ପ୍ରଫୁଲ୍ଲ କୁମାର ନାଏକ, ଗିରିଧାରି ନାଏକ, ପି:ଚନ୍ଦ୍ର ଶେଖର ନାଏକ, ଜା:ଅଘରିଆ, ବା:ନିଜଗାଁ |
| ୨ | | ୨୧୧୨ | ଆ.ସା | ୦.୨୩୦ | |

**ମୌଜା: କୁଶହରା**

| କ୍ର. ନଂ | ଖାତା ନଂ | ପ୍ଲଟ ନଂ | କିସମ | ୨୦ଇ ଆକଳିତ କ୍ଷେତ୍ର (ଏକରରେ) | ପଞ୍ଜିକୃତ ଜମି ମାଲିକ |
|---|---|---|---|---|---|
| ୧ | ୬୧/୭୭ | ୯୦/୧୦୪୮ | ବେ.ସା | ୦.୪୧୦ | ଭୋପାଲ ଚନ୍ଦ୍ର ପଟେଲ, ପି:ବୈକୁଣ୍ଠ ପଟେଲ, ଜା: ଅଘରିଆ, ବା:ନିଜଗାଁ |

### ପ୍ରତ୍ୟାହାର ଅନୁସୂଚୀ

**ମୌଜା: କୁଶହରା**

| କ୍ର. ନଂ | ଖାତା ନଂ | ପ୍ଲଟ ନଂ | କିସମ | ୨୦ଇ ଆକଳିତ କ୍ଷେତ୍ର (ଏକରରେ) | ପଞ୍ଜିକୃତ ଜମି ମାଲିକ |
|---|---|---|---|---|---|
| ୧ | ୭୪୭/୫୨୪୩ | ୫୬୨୧/୧୦୯୩୫ | ଘରବାରି | ୦.୦୬୦ | ସୁଜିତ କୁମାର ମହାପାତ୍ର, ପି:ବଳରାମ ମହାପାତ୍ର, ଜା:ବ୍ରାହ୍ମଣ, ବା:ବେହେରାମାଲ, ଝାରସୁଗୁଡ଼ା |

ସ୍ୱା/- ପ୍ରାଧିକୃତ କର୍ତ୍ତୃପକ୍ଷ ତଥା ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ରାଉରକେଲା
ଦ. ପୂ. ରେଳପଥ, ରାଉରକେଲା

(PR-949)

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବାରତ

# ଡବ୍ଲ୍ୟୁଟିସି ତାଲିକାରେ ଖସିଲା ଭାରତ

ଦୁବାଇ,୧୨।୧୨(ପି.ଟି.)

ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ତାଲିକାରେ ଭାରତ ଶୁକ୍ରବାର ଷଷ୍ଠ ପୋଜିଶନକୁ ଖସି ଆସିଛି। ୱେଷ୍ଟଇଣ୍ଡିଜ୍ ବିପକ୍ଷ ୱେଲିଂଟନ ଟେଷ୍ଟକୁ ଜିତିବା ପରେ ନ୍ୟୁଜିଲାଣ୍ଡ ତୃତୀୟ ସ୍ଥାନକୁ ଉଠିଛି। ପ୍ରଥମ ଦୁଇ ଡବ୍ଲ୍ୟୁଟିସି ସାଇକେଲର ରନରଅପ୍ ଟିମ୍ ଇଣ୍ଡିଆ ଗତ ମାସରେ ଦକ୍ଷିଣ ଆଫ୍ରିକାଠାରୁ ୨-୦ରେ ଘରୋଇ ଟେଷ୍ଟ ସିରିଜ୍ ହାରିବା ପରେ ପଞ୍ଚମ ସ୍ଥାନରେ ଥିବାବେଳେ ନ୍ୟୁଜିଲାଣ୍ଡ ଷଷ୍ଠ ସ୍ଥାନରେ ଥିଲା। ପୂର୍ବତନ ଚାମ୍ପିୟନ ଅଷ୍ଟ୍ରେଲିଆ ପୂର୍ବ ଭଳି ଶୀର୍ଷରେ ରହିଛି।

# କର୍ଣ୍ଣାଟକ ବିଜୟୀ, ଓଡ଼ିଶାର ଇନିଂସ ପରାଜୟ

ବଲାଙ୍ଗୀର, ୧୨।୧୨ (ବୀରେନ୍ଦ୍ର କୁମାର ଝାଙ୍କର)


ଖେଳ ଶେଷ ହେବାପରେ ୨ ଦଳର ଖେଳାଳି, ଟିମ୍ ମ୍ୟାନେଜରଙ୍କ ସହ ଆୟୋଜକ ଜିଲା କ୍ରୀଡା ସଂସଦର ସଦସ୍ୟମାନେ।

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ ଠାରେ ୪ ଦିନ ଧରି ଚାଲିଥିବା ଓଡ଼ିଶା-କର୍ଣ୍ଣାଟକ କୁଚ ବିହାର ଟ୍ରଫି କ୍ରିକେଟ୍ ମ୍ୟାଚ ଶୁକ୍ରବାର ଶେଷ ହୋଇଛି। କର୍ଣ୍ଣାଟକ ଦଳ ସବୁ କ୍ଷେତ୍ରରେ ଚମତ୍କାର ଖେଳ ପ୍ରଦର୍ଶନ କରି ଓଡିଶା ଦଳକୁ ଏକ ଇନିଂସ ଏବଂ ୫୩ ରନ୍‌ରେ ପରାସ୍ତ କରିଛି ।

ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆୟୋଜିତ କୁଚ୍ ବିହାର ଟ୍ରଫିର ତୃତୀୟ ଦିବସରେ ଓଡ଼ିଶା ଦଳ ୭ ଉଇକେଟ ବିନିମୟରେ ୨୧୧ ରନ୍ ସଂଗ୍ରହ କରିଥିଲା। ଚତୁର୍ଥ ତଥା ଅନ୍ତିମ ଦିବସରେ ଓଡ଼ିଶାର ୨ ଆଉ ୩ ଜଣ ଖେଳାଳୀ ଅଳ୍ପ ରନ୍ ଯୋଡି ସମୁଦାୟ ୨୪୬ ରନ୍‌ରେ ଅଲ ଆଉଟ ହୋଇଯାଇଥିଲେ । ଓଡ଼ିଶା ଦଳ ପକ୍ଷରୁ ସ୍ୱାଗତ ସୌରଭ ମିଶ୍ର ସର୍ବାଧିକ ୫୦ ରନ୍ ଓ ସମ୍ବିଦ ବେଜ ୪୪ ରନ୍ ସଂଗ୍ରହ କରିଥିଲେ। କର୍ଣ୍ଣାଟକ ଦଳ ପକ୍ଷରୁ ସଫଳ ବୋଲର ଭାବେ ରତନ ବି.ଆର. ସର୍ବାଧିକ ୬ଟି ଉଇକେଟ ଏବଂ ଅକସଦ ପ୍ରଭାକର ୨ଟି ଉଇକେଟ ଅକ୍ତିଆର କରିଥିଲେ । କର୍ଣ୍ଣାଟକ ଦଳ ଏକ ଇନିଂସ ଏବଂ ୫୩ ରନ୍‌ରେ ବିଜୟୀ ହୋଇଥିଲା। କ୍ରୀଡା

**କୁଚ୍ ବିହାର ଟ୍ରଫି କ୍ରିକେଟ**

ସଂସଦର କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ, ଶତୃଘ୍ନ ସିଂ, କୋଷାଧ୍ୟକ୍ଷ ହେମନ୍ତ ବେହେରା, କ୍ରୀଡା ସମ୍ପାଦକ ବିଭୂତି ପଣ୍ଡା, ବରିଷ୍ଠ ସଭ୍ୟ ରମାକାନ୍ତ ସେଠ, ସୁଧୀର ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର କୁମାର ମିଶ୍ର, ଗୌରଚନ୍ଦ୍ର ପ୍ରଧାନ, ଓଡ଼ିଶା ଟିମ୍ ମ୍ୟାନେଜର ପୃଥ୍ୱୀରାଜ ମିଶ୍ର, ଅରୁଣ କୁମାର ନାୟକ, ସ୍ୱାଗତ ଶୁଭଙ୍କର ତ୍ରିପାଠୀ, ମୁନସୀ ସୋରେନ, ଅମିତ ମଛଖଣ୍ଡ, ହୃଦୟ ଶବର, ସୁମନ୍ତ ଦାସ, ଜିତୁ କୁମାର ଦଲାଇ, ନରସିଂ ସ୍ୱାମୀ ନାଇଡୁ, ସୁଦୟ ବାରିକ, ସୁଧାଂଶୁ ସେଠ, ଦଶରଥ କୁମ୍ଭାର ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

# ମନେ ପଡ଼ନ୍ତି



**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**୰ଦେବେନ୍ଦ୍ର କୁମାର ମହାପାତ୍ର**
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଫଳପୁର, ଧାମନଗର, ଭଦ୍ରକ
ଆବିର୍ଭାବ: ୨୩।୫।୧୯୪୦
ତିରୋଧାନ: ୦୩।୧୨।୨୦୨୫

ବାପା, ଆପଣଙ୍କ ପରାମର୍ଶ ଓ ନିର୍ଦ୍ଦେଶରେ ଆମେ ପଥ ଅନୁସରଣ କରୁଥିଲୁ, କିନ୍ତୁ ଆପଣ ଆମକୁ ଛାଡ଼ି ଅନେକ ଦୂରକୁ ଚାଲିଗଲେ ଆପଣ ଯେଉଁଠି ଥାଆନ୍ତୁ ଈଶ୍ୱର ଆପଣଙ୍କୁ ଭଲରେ ରଖନ୍ତୁ । ଆପଣଙ୍କ ହତଭାଗ୍ୟ (ପୁତ୍ର ଓ ପୁତ୍ରବଧୂ) ଅଜୟ କୁମାର ମହାପାତ୍ର ଓ ବଧୂପମା ମହାପାତ୍ର, ସଞ୍ଜୟ କୁମାର ମହାପାତ୍ର ଓ ରଶ୍ମି ରଞ୍ଜିତା ମଲିକ, (ଝିଅ ଓ ଜ୍ୱାଇଁ) – ଜ୍ୟୋତ୍ସ୍ନାରାଣୀ ଓ ବାବୁଲା, ସନ୍ଧ୍ୟାରାଣି ଓ ବିଶ୍ୱନାଥ, ମମତା ଓ ନରେନ୍ଦ୍ର, ରଞ୍ଜିତା ଓ ସୁଶାନ୍ତ, ସୁଶ୍ରୀସଂଗୀତା ଓ ଅୟସକାନ୍ତ, ନାତିନାତୁଣୀ, ବନ୍ଧୁବାନ୍ଧବ।

ଧ-୨୮୨୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ରୋଜାଲି ମିଶ୍ର**
ଆବିର୍ଭାବ: ୧୧।୩।୧୯୬୭
ତିରୋଧାନ: ୨୩।୧୨।୨୦୨୪

ମାଆ (ରିନା)! ତମେ ଇହଲୀଳା ସମ୍ବରଣ କରିବାର ଏଭିତରେ ଗୋଟିଏ ବର୍ଷ ବିତିଗଲାଣି। ସବୁଦିନେ ଆମେ ତମର ଅନୁପସ୍ଥିତି ଅନୁଭବ କରୁଛୁ। ତମର ସେହି ହସ ହସ ମୁହଁ ମନେ ପଡୁଛି। ଯେଉଁଠି ବି ଥାଅ ଭଲ ରେ ଥାଅ। ଆଜିର ଦିନରେ ତମକୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।

-:ଶୋକ ସନ୍ତପ୍ତ:-
ସୋହମ (ପୁଅ), ସୁସ୍ମି (କୁହୁ) (ବୋହୂ) ଓ ପରିବାରବର୍ଗ।

ଧ-୨୮୧୯

# ରିଭାବା ଜାଡେଜାଙ୍କ ବୟାନକୁ ନେଇ ବିବାଦ

ଅହମଦାବାଦ,୧୨।୧୨

ଭାରତୀୟ କ୍ରିକେଟ ଦଳର ସଦସ୍ୟ ରବୀନ୍ଦ୍ର ଜାଡେଜାଙ୍କ ପତ୍ନୀ ତଥା ଗୁଜରାଟ ମନ୍ତ୍ରୀ ରିଭାବା ଜାଡେଜା ନିଜ ସ୍ୱାମୀଙ୍କ ଅବିଶ୍ୱସନୀୟ ଶୃଙ୍ଖଳାକୁ ପ୍ରଶଂସା କରିବାକୁ ଯାଇ ଏକ ବିବାଦୀୟ ବୟାନ ଦେଇଛନ୍ତି। ଗୁଜରାଟର ଦ୍ୱାରକାରେ ଆୟୋଜିତ ଏକ ଇଭେଣ୍ଟରେ ଯୋଗଦେଇ ସେ କହିଛନ୍ତି ଯେ, ମୋ ସ୍ୱାମୀ, କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କୁ କ୍ରିକେଟ ଖେଳିବା ପାଇଁ ଲଣ୍ଡନ, ଦୁବାଇ ଭଳି ବିଭିନ୍ନ ସହରକୁ ଯିବାକୁ ପଡ଼େ। ଏହାସତ୍ତ୍ୱେ ସେ କଦାପି କୌଣସି ପ୍ରକାର ନିଶା ସେବନ କିମ୍ବା ଖରାପ ଅଭ୍ୟାସରେ ସାମିଲ ହୋଇ ନାହାନ୍ତି। କାରଣ ସେ ତାଙ୍କର ଦାୟିତ୍ୱକୁ ବୁଝନ୍ତି। ଦଳର ଅନ୍ୟ ଖେଳାଳି ଖରାପ ଅଭ୍ୟାସରେ ଲିପ୍ତ ହୁଅନ୍ତି। କିନ୍ତୁ ସେମାନଙ୍କ ଲାଗି କୌଣସି କଟକଣା ନାହିଁ। ମୋ ସ୍ୱାମୀ ୧୨ ବର୍ଷ ହେଲା ଘରଠାରୁ ଦୂରରେ ରହୁଛନ୍ତି। ସେ ଚାହିଁଲେ, କିଛି ବି କରିପାରିବେ। କିନ୍ତୁ ତାଙ୍କର ନୈତିକ ଦାୟିତ୍ୱ କ’ଣ ତାଙ୍କୁ ଜଣା। ରିଭାବାଙ୍କ ଏଭଳି ବୟାନକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ସ୍କ୍ୱାଶ ବିଶ୍ୱକପ୍: ସେମିଫାଇନାଲରେ ଭାରତ

ଚେନ୍ନାଇ,୧୨।୧୨(ପି.ଟି.)

ଚଳିତ ସ୍କ୍ୱାଶ ବିଶ୍ୱକପ୍‌ରେ ଆୟୋଜକ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର କ୍ୱାର୍ଟର ଫାଇନାଲରେ ଭାରତ ୩-୦ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଭେଟେରାନ ଜୋସ୍ନା ଚିନପ୍ପା, ଉଦୀୟମାନତା ତାରକା ଅନାହତ ସିଂ ଓ ୱାର୍ଲ୍ଡ ନଂ-୨୯ ଅଭୟ ସିଂ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଜୋସ୍ନା ପ୍ରଥମ ମହିଳା ସିଙ୍ଗଲ୍ସରେ ଟିଜେନ ରସେଲଙ୍କୁ ୩-୦ (୭-୪, ୭-୪, ୭-୨) ହରାଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଅଭୟ ୩-୦ (୭-୧, ୭-୬, ୭-୧) ଗେମ୍‌ରେ ଡେୱାଲ୍ଡ ଭାନ ନିଏକେର୍କଙ୍କୁ ଏବଂ ତୃତୀୟ ମ୍ୟାଚ୍‌ରେ କନିଷ୍ଠ ପ୍ରତିଦ୍ୱନ୍ଦ୍ୱୀ ଅନାହତ ୩-୦ (୭-୩, ୭-୩, ୭-୪)ରେ ହେଲି ୱାର୍ଡଙ୍କୁ ହରାଇ ସେମିଫାଇନାଲରେ ଭାରତ ପାଇଁ ସ୍ଥାନ ନିଶ୍ଚିତ କରିଥିଲେ।

# Classified Everyday
**0674-2580101, 9692975378**


REAL ESTATE

**SALE**

READY TO MOVE 3BHK DUPLEX BUNGALOW AT BOTANDA, SUNDARAPADA, BHUBANESWAR RANGING Rs 1.25CR. CONTACT: 9040521173/ 9861125539. D-76083

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14




All types of physiotherapy with massage, Contact number 9556924059/ 7656969134. D-2766

**LOST**

I, Barendra Patra, S/o.- Rabindra Patra, Residing of At- Maheshpur, P.O.- Sultanpur, Dehurda, Bhograi, Balasore, Odisha, 756036 declare that I have lost my origianal Register sale deed No.- 783, dated- 31.03.2019 and ROR Khata No.- 21/15, Plot No.- 84/106, Mouza- Chakasana Jaleswarpur, P.S- Bhograi, P.S.- 262 somewhere and unable to trace. If anyone find the above documents kindly contact- 9937112021. D-2818

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated- 03.11.2025, I, Biswambar Mallick, Address: At- Panasaganda, P.O.- Barha Damodarpur, P.S.- Rajkanika, Dist.- Kendrapara, PIN- 755016, Odisha declare that I have changed my daughter’s name from Priyanshu Priyadarsini Malik to Priyanshi Priyadarsini Malik. Henceforth, she shall be known as Priyanshi Priyadarsini Malik for all future purposes.
Biswambar Mallick D-2817

I, Janeshar Akhtar, aged about 59 years, S/o.- Sayed Akhtar Ali, Resident of At- GP- Choramuhan, P.O./P.S.- Dharmasala, Bada Mangalpur, Dist.- Jajpur, Odisha-755008, declare by this affidavit No.- 77AA 612948, dtd.- 27.11.2025 that now onwards I shall be known as SAYED JANESHAR AKHTAR for all future purposes. D-2806

I, D Pramila Dora, W/o.- D Prasanna Rao, Resident of At- plot No. M8/3, Panchasakha Nagar, Near Beleswari Shiv Mandir, Bhubaneswar, Dist.- Khordha, Odisha- 751011 declare by this affidavit No. 77AA 612947 dtd.- 27.11.2025 that now onwards I shall be known as D PRAMILA RAO for all future purposes. D-2807

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Debasis Sarangi, son of Ajaya Kumar Sarangi, residing at S- 5/301, Niladri Vihar, Bhubaneswar, Odisha, 751021 hereby declare that my mother Sabita Sarangi has changed her name to Swarnalata Sadangi for all future purposes/forever. This change has been made as per an affidavit sworn before a Notary Public/ Oath Commissioner at Bhubaneswar, Odisha on 04.12.2025, with affidavit No. 3500. Henceforth, she shall be known as Swarnalata Sadangi in all records, deeds, and transactions. D-2811

By virtue of an affidavit sworn before Notary Public, Bhubaneswar, Sl. No. 410, dated- 12.12.2025, I, RASHMIREKHA NAYAK, W/o.- Late Anil Kumar Das, resident of At- Qr. No.- Type- II -365, New AG Colony, P.O./P.S.- Nayapalli, Bhubaneswar, Dist.- Khordha, PIN- 751012 declare that I have changed my name from Rashmirekha Das (Old Name) to RASHMIREKHA NAYAK (New Name). Henceforth, I shall be known as RASHMIREKHA NAYAK for all purposes.
RASHMIREKHA NAYAK D-2808

By virtue of an affidavit sworn before Executive Magistrate, Satyabadi, dtd. 11.12.25, I, Subrata Jena, S/o.- Ashok Kumar Jena, Resident of Bamadeipur, P.O.- Raichakradharpur, PIN- 752014, Puri, my actual name is Subrata Jena, but wrongly Subrat Jena mentioned in the Aadhaar card. So I changed my name Subrat Jena to SUBRATA JENA for all purposes. D-2809

By virtue of an affidavit sworn before the Executive Magistrate, Bhubaneswar, dated 12.12.2025, I RASMITA GAMANGO, Address: At- Dambal, P.O.- Dambal, P.S.- Rayagada, Dist.- Gajapati, Odisha, PIN- 761212 declare that I have changed my name from ASHMITA GAMANGA to RASMITA GAMANGO. Henceforth, I shall be known as RASMITA GAMANGO for all purposes. D-2810

By virtue of an affidavit sworn before The Executive Magistrate, Angul, affidavit No.- 1108, dated- 25.11.2025, I, ADITYA VIKRAM MOHAPATRA, Address: At- J.S.P.L, NISHA, P.O.- NISHA, P.S.- NISHA, Dist.- ANGUL, Odisha- 759130 declare that I have changed my name from ADITYA BIKRAM MOHAPATRA to ADITYA VIKRAM MOHAPATRA. Henceforth, I shall be known as ADITYA VIKRAM MOHAPATRA for all purposes.
ADITYA VIKRAM MOHAPATRA D-2812

By the virtue of an affidavit sworn before the Notary Public, Badamba, No.- 646, Dated- 15.10.2025, I, BATAKRISHNA PALEI, Address: At/P.O.- Khuntakata, P.S.- Maniabandha, Dist.- Cuttack, Odisha declare that I have changed my name from BATAKRUSHNA PALEI TO BATAKRISHNA PALEI. Henceforth, I shall be known as BATAKRISHNA PALEI for all purpose.
Batakrishna Palei D-2813

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By the virtue of an affidavit sworn before the Notary Public, Badamba, No.- 642, Dated- 15.10.2025, I, MANAMOHAN MOHARANA, Address: At/P.O.- Khuntakata, P.S.- Maniabandha, Dist.- Cuttack, Odisha declare that I have changed my name from MAN MOHAN MOHARANA TO MANAMOHAN MOHARANA. Henceforth, I shall be known as MANAMOHAN MOHARANA for all purpose.
Manamohan Moharana D-2814

By virtue of an affidavit sworn before the Executive Magistrate, Brahmagiri, dtd.- 6.12.2025, I, Sailabala Pradhan, W/o.- Late Adhikari Pradhan, Village- Bidurabank, P.S.- Brahmagiri, Dist.- Puri declare that I have changed my name from Sairendri Pradhan to Sailabala Pradhan. Henceforth, I shall be known as Sailabala Pradhan for all future purposes.
Sailabala Pradhan D-2815

**ଏସିଆନ ଇଣ୍ଟରନ୍ୟାଶନାଲ ବିଶ୍ୱବିଦ୍ୟାଳୟ, ମଣିପୁର ପକ୍ଷରୁ ଇତିରଞ୍ଜନ ରଞ୍ଜିତଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି**



ପୁରୀ ଜିଲ୍ଲା ନିମାପଡ଼ା ଥାନା ଅନ୍ତର୍ଗତ ନହନ୍ତରା ଗ୍ରାମର ଇତିରଞ୍ଜନ ରଞ୍ଜିତ ଏକ ବିଶେଷ ସଫଳତା ପାଇଛନ୍ତି। ରାଖାଲଚନ୍ଦ୍ର ରଞ୍ଜିତ ଏବଂ ସ୍ୱର୍ଗତା କାଞ୍ଚନବାଳା ରଞ୍ଜିତଙ୍କ କନିଷ୍ଠ ପୁତ୍ର ଇତିରଞ୍ଜନଙ୍କୁ ମଣିପୁରସ୍ଥିତ ଏସିଆନ ଇଣ୍ଟରନ୍ୟାଶନାଲ ବିଶ୍ୱବିଦ୍ୟାଳୟ ବ୍ୟବସାୟ-ପ୍ରଶାସନ ବିଭାଗରେ ସମ୍ମାନସୂଚକ ଡକ୍ଟରେଟ ଉପାଧି ନଭେମ୍ବର୨୯ରେ ହାଇଦ୍ରାବାଦର ଏଫ୍‌ଟିସିସିଆଇଠାରେ GHRT International ପ୍ରଦାନ କରିଛି। ସମାରୋହରେ ମୁଖ୍ୟ ଅତିଥି ଆଫଗାନିସ୍ତାନର କନସୁଲ ଜେନେରାଲ ମୁଜିବୁର୍ ରହମାନ ଆଫତାବ, ସାଂସଦ ଡକ୍ଟର ମାଲ୍ଲୁ ରବି, ଜିଏଚଆରଟି ଭାରତର ଚେୟାରମ୍ୟାନ ଡକ୍ଟର ଏଚ.ଆର୍. ରହମାନ, ଓଡ଼ିଶା ରାଜ୍ୟ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ମାନସ ଦାଶ ଉପସ୍ଥିତ ଥିଲେ। ସମ୍ମାନ ପାଇବା ପରେ ଇତିରଞ୍ଜନ କହିଛନ୍ତି-ଏହି ସମ୍ମାନ ମୋତେ କାର୍ଯ୍ୟକ୍ଷେତ୍ର, ସମାଜ ପାଇଁ ଅଧିକ ଅବଦାନ ରଖିବାକୁ ପ୍ରେରିତ କରୁଛି। ଏହା ତାଙ୍କ ବୃତ୍ତିଗତଜୀବନର ଏକ ମାଇଲଷ୍ଟୋନ ହେବା ସହ ଆଗାମୀ ପିଢ଼ି ଲାଗି ପ୍ରେରଣାର ସ୍ରୋତ ହେବ ବୋଲି ଆଶା କରାଯାଉଛି।

D-2818

**LEGAL NOTICE**

IR No.- 1891, Dt.08.12.2025

ମାନ୍ୟବର ଆଡିସିନାଲ୍ କମିଶନର, ଶ୍ରୀ ଆଶୁତୋଷ ସାମଲ, ଓ.ଏ.ଏସ୍. (ଏସ୍.ଏ.ଜି.) ଓଡ଼ିଶା ଆଡିସିନାଲ୍ ରିଭିଜନ୍ କୋର୍ଟ ନଂ.- ୨ଙ୍କ ଅଦାଲତ, ଭୁବନେଶ୍ୱର ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ, ଭୁବନେଶ୍ୱର
ଓଡ଼ିଶା ସର୍ଭେ ଓ ସେଟଲ୍‌ମେଣ୍ଟଙ୍କ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ
ଓ.ଏ.ଏସ୍.ଏସ୍. କେସ୍ ନଂ. ୩୯୭/୨୦୧୮

ରାକେଶ ରୋସନ ସାହୁ .....ବାଦୀ
ବନାମ
ସେଟଲ୍‌ମେଣ୍ଟ ଅଫିସର, କଟକ, ତନୁଲତା ଦାଶ ଓଗେର ....ପ୍ରତିବାଦୀ

ପ୍ରାପ୍ତେଷୁ,

ପ୍ରତିବାଦୀ ନଂ.-୨: ତନୁଲତା ଦାଶ, ସ୍ୱାମୀ- ଚୈତନ୍ୟ ଚରଣ ଦାଶ, ସା- ସମେଇଗଡ଼ିଆ (ପାଣ୍ଡରା) ପୋଷ୍ଟ- ରସୁଲଗଡ଼, ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ବର୍ତ୍ତମାନର ଠିକଣା ସତ୍ୟବିହାର (ଜାଭିୟର ସ୍କୁଲ୍ ସାମ୍ନା), ପ୍ଲଟ୍ ନଂ.- ୧୫୫୯, ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ନଂ.- ୩: ଜିତନ କୁମାର ସାହୁ, ପି- ଭୋବନୀ ସାହୁ, ସା-ଏନ୍-୧/୧୬, ଆଇ.ଆର୍.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର ବର୍ତ୍ତମାନର ଠିକଣା- ପ୍ଲଟ୍ ନଂ.- ୫/୬୬, ଆଇ.ଆର୍.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ନଂ.-୪: ଚିତ୍ରାବତୀ ରଥ, ସ୍ୱାମୀ- ୰ଶତ୍ରୁଘ୍ନ ରଥ, ସା- ଦାରୁଠେଙ୍ଗ, ଥାନା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ନଂ.- ୫: ବିଷ୍ଣୁ ରଥ, ପିତା- ୰ସଦାଶିବ ରଥ, ସା- ଦାରୁଠେଙ୍ଗ, ଥାନା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ନଂ.- ୬: ଜଗନ୍ନାଥ ରଥ, ପିତା- ୰ସଦାଶିବ ରଥ, ସା- ଦାରୁଠେଙ୍ଗ, ଥାନା ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ନଂ.-୭: ବଳଭଦ୍ର ରଥ, ପିତା- ୰ସଦାଶିବ ରଥ, ସା- ଦାରୁଠେଙ୍ଗ, ଥାନା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ନଂ.-୮: ସନ୍ତୋଷ କୁମାର ପଣ୍ଡା, ପିତା- ୰ବାଉରୀବନ୍ଧୁ ପଣ୍ଡା, ସା- ଗୁମ୍ମା, ପୋ- ଫାଶୀଗୁଡ଼ା, ଥାନା- ଦିଗପହଣ୍ଡି, ଜିଲ୍ଲା- ଗଞ୍ଜାମ, ବର୍ତ୍ତମାନର ଠିକଣା ପ୍ଲଟ୍ ନଂ.- ୨୪୯୫/୨୮୫୩, ସପ୍ତସତୀ ନଗର, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବାଦୀ ନିମ୍ନ ତଫସିଲ ସମ୍ପତ୍ତି ପାଖେ ସର୍ଭେ ସେଟ୍‌ଲମେଣ୍ଟ ଆଇନ ୧୯୫୮ର ଧାରା ୧୫(ଖ) ଅନୁଯାୟୀ ଉକ୍ତ ମୋକଦ୍ଦମା ଦାଏର କରିଅଛନ୍ତି। ଉକ୍ତ ମୋକଦ୍ଦମାର ନୋଟିସ ଉପରୋକ୍ତ ପ୍ରତିବାଦୀଙ୍କୁ ଉପରୋକ୍ତ ଠିକଣାରେ ପଠାଇଯାଇଥିବାରେ ସେମାନେ ଅନୁପସ୍ଥିତ ଯୋଗୁଁ ନୋଟିସ ଫେରସ୍ତ ହୋଇଅଛି ।

ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଉପରୋକ୍ତ ପ୍ରତିବାଦୀମାନଙ୍କୁ ଜଣାଇ ଦିଆଯାଉଅଛିକି ଯେ, ସେ ବ୍ୟକ୍ତିଗତ ଭାବେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଉକ୍ତ ଅଦାଲତରେ ତା.୦୭।୦୧।୨୦୨୬ ଦିବା ୧୧ଘଣ୍ଟା ୩୦ ମିନିଟ୍‌ରେ ରହି ମୋକଦ୍ଦମାର ତଦବିର କରିବେ। ଅନ୍ୟଥା ନିୟମ ଅନୁଯାୟୀ ମୋକଦ୍ଦମାର ବିଚାର କରାଯିବ।

ତଫସିଲ ସମ୍ପତ୍ତିର ବିବରଣୀ
ଜିଲ୍ଲା-ଖୋର୍ଦ୍ଧା, ମୌଜା-ପଥରଗାଡ଼ିଆ, ଥାନା-ଚନ୍ଦକା, ଭୁବନେଶର।
ହାଲ୍ ଖାତା ନଂ.- ୧୯୫୩, ପ୍ଲଟ୍ ନଂ.- ୭୫୬/୭୨୯୨, ଏରିଆ- ଏ୦.୧୦୫ଡି.ରୁ ଏ୦.୦୩୫ଡି.। ସାବକମତେ ମୌଜା- ପଥରଗାଡ଼ିଆ, ଖାତା ନଂ.- ୨୬୬, ପ୍ଲଟ୍ ନଂ.- ୩୭୩, ରକବା ଏରିଆ ଏ୨.୪୦୫ଡି. ମଧ୍ୟରୁ କ୍ରୟ କରାଯାଇଥିବା ସମ୍ପତ୍ତିର ପରିମାଣ ଏ୦.୦୫୦ଡି.।

ତାରିଖ: ୦୮।୧୨।୨୦୨୫ — ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର — ସ୍ୱା/- କୋର୍ଟ ଅଫିସର

ଧ-୨୮୧୬

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରେଳଯାତ୍ରୀଙ୍କୁ ସୁରକ୍ଷା ଦେବ ସୌରଚାଳିତ ସିସିଟିଭି

ଭୁବନେଶ୍ୱର,୧୨।୧୨(ଅନୁରାଧା ମହାରଣା)

## ପୂର୍ବତଟ ରେଳପଥର ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥା

ପୂର୍ବତଟ ରେଳପଥ ଅଧୀନ ମଣ୍ଡଳ ଗୁଡ଼ିକରେ ଯାତ୍ରୀ ସୁରକ୍ଷାକୁ ବୃଦ୍ଧି କରିବା, ଅନଧିକାର ପ୍ରବେଶକୁ ରୋକିବା, ଦୁର୍ଗମ ଅଞ୍ଚଳ ଗୁଡିକରେ ନିରୀକ୍ଷଣରେ ଉନ୍ନତି ଆଣିବା ଏବଂ ରେଳ ସମ୍ପତ୍ତି ଏବଂ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସୌରଚାଳିତ ସିସିଟିଭି ଓ ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥା କରାଯାଇଛି। ଦୁର୍ଗମ ଅଞ୍ଚଳ କିମ୍ବା କୌଣସି ବିଦ୍ୟୁତ୍ ଯୋଗାଣ ନ ଥିବା ଅଞ୍ଚଳରେ ନିରବଚ୍ଛିନ୍ନ ନିରୀକ୍ଷଣ ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳପଥ ଏହାର ତିନୋଟି ଡିଭିଜନର ଦୁର୍ଗମ ଏବଂ ସମ୍ବେଦନଶୀଳ ସ୍ଥାନଗୁଡିକରେ ସୌରଚାଳିତ ସିସିଟିଭି ବ୍ୟବସ୍ଥା ସ୍ଥାପନ କରାଯାଇଛି । ୱାଲ୍ଟିୟର ଡିଭିଜନରେ ଅନଧିକାର ପ୍ରବେଶ ପ୍ରବଣ ସ୍ଥାନ ଏବଂ ରେଳ ୟାର୍ଡରେ ୧୧୩ଟି ସୌର ଶକ୍ତିଚାଳିତ ସିସିଟିଭି କ୍ୟାମେରା ଲଗାଯାଇଛି। ଆହୁରି ମଧ ୧୧୫ଟି ଅତିରିକ୍ତ କ୍ୟାମେରା କ୍ରୟ କରିବା ପ୍ରକ୍ରିୟାରେ ଅଛି । ଖୋର୍ଦ୍ଧା ରୋଡ୍ ଡିଭିଜନର ପ୍ରମୁଖ ସ୍ଥାନରେ ୬ ଗୋଟି ସୌର ଶକ୍ତିଚାଳିତ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ ହୋଇଛି। ୧୦୧୭ଟି ଅତିରିକ୍ତ କ୍ୟାମେରା କ୍ରୟ କରାଯିବା ଯୋଜନା ରହିଛି। ସେହିଭଳି ସମ୍ବଲପୁର ଡିଭିଜନର ଦୁର୍ଗମ ଅଞ୍ଚଳ ଏବଂ ପ୍ରମୁଖ ସ୍ଥାନଗୁଡ଼ିକରେ ୪୬ଟି ସୌର ଶକ୍ତିଚାଳିତ ସିସିଟିଭି କ୍ୟାମେରା ନିୟୋଜିତ କରାଯାଇଛି। ସୌରଚାଳିତ ସିସିଟିଭି ନିୟୋଜିତ ହେବା ଦ୍ୱାରା ଯାତ୍ରୀ ଏବଂ ଜନସାଧାରଣ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି। ଏହାଦ୍ୱାରା ଅସୁରକ୍ଷିତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି ପାଇବ, ଅପରାଧ ରୋକାଯାଇପାରିବ, ଅନଧିକାର ପ୍ରବେଶ ଘଟଣା ହ୍ରାସ ପାଇବ ଏବଂ ଦୁର୍ଗମ ସ୍ଥାନରେ ଅଧିକ ପ୍ରଭାବଶାଳୀ ନଜର ରଖାଯାଇପାରିବ। ଦୁର୍ଘଟଣା ପରବର୍ତ୍ତୀ ବିଶ୍ଳେଷଣରେ ଉନ୍ନତି ଆଣିବା ଏବଂ ରେଳ କର୍ମଚାରୀଙ୍କ ସୁରକ୍ଷା ବୃଦ୍ଧି କରିବାରେ ମଧ ଏହି କ୍ୟାମେରା ସହାୟକ ହେବ ବୋଲି ଆଶା କରାଯାଉଛି। ଆକାଶ ମାର୍ଗରୁ ଡ୍ରୋନ୍ ସାହାଯ୍ୟରେ ଉନ୍ନତ ନିରୀକ୍ଷଣକୁ ଗୁରୁତ୍ୱ ଦିଆଯାଉଛି। ଭୂସ୍ତରୀୟ ନିରୀକ୍ଷଣକୁ ଆହୁରି ମଜଭୁତ କରିବା ପାଇଁ ପୂର୍ବତଟ ରେଳପଥ ଡ୍ରୋନ୍ ସାହାଯ୍ୟରେ ନିରୀକ୍ଷଣ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିଛି। ବର୍ତ୍ତମାନ ମୋଟ ୫ଗୋଟି ସର୍ଭିଲେନ୍ସ ଡ୍ରୋନ୍ କାର୍ଯ୍ୟକ୍ଷମ ଅଛି। ସେଥିମଧ୍ୟରୁ ଖୋର୍ଦ୍ଧା ରୋଡ୍ ଡିଭିଜନ ଓ ୱାଲ୍ଟିୟର ଡିଭିଜନ ପ୍ରତ୍ୟେକ ଦୁଇଟି ଲେଖାଏ ଡ୍ରୋନ୍ ବ୍ୟବହାର କରୁଥିବାବେଳେ ସମ୍ବଲପୁର ଡିଭିଜନ ଗୋଟିଏ ଡ୍ରୋନ୍ ବ୍ୟବହାର କରୁଛି । ଏହି ଡ୍ରୋନ୍‌ଗୁଡ଼ିକ ଦୀର୍ଘ ରେଳପଥର ପ୍ରକୃତ ସମୟ ନିରୀକ୍ଷଣ, ଦୁର୍ଗମ ଅଞ୍ଚଳରେ ଯାଞ୍ଚ, ରେଳ ୟାର୍ଡର ତଦାରଖ, ବିଶେଷ କାର୍ଯ୍ୟକ୍ରମ ସମୟରେ ଭିଡ଼ ପରିଚାଳନା ଏବଂ ବିଭିନ୍ନ ସୁରକ୍ଷା କାର୍ଯ୍ୟ ପାଇଁ ବ୍ୟବହୃତ କରାଯାଏ।

# କଟକରେ ଇଣ୍ଡ୍ରିୟା ଷ୍ଟୋର ଉଦ୍‌ଘାଟିତ

ଭୁବନେଶ୍ୱର,୧୨।୧୨



ଆଦିତ୍ୟ ବିର୍ଲା ଗ୍ରୁପର ଜୁଏଲେରି ଷ୍ଟୋରର ନୂତନ ଷ୍ଟୋର କଟକରେ ଖୋଲିଛି। ନୂଆ ଷ୍ଟୋରରେ ବିଭିନ୍ନ ଜୋନ୍ ଯେପରିକି ବ୍ରାଇଡାଲ ଲାଉଞ୍ଜ ଏବଂ ବିଶେଷ କାରିଗରି କକ୍ଷ ସହିତ ୨୮,୦୦୦ରୁ ଅଧିକ ସୁନ୍ଦର ଡିଜାଇନର ବୃହତ୍ କଲେକ୍ସନ ଏଠାରେ ରହିଛି । ଏହି ଶୁଭାରମ୍ଭ ଅବସରରେ ଫ୍ରାଞ୍ଚାଇଜ ମାଲିକ ରଜୀବ ହଂସ, ସଙ୍ଗୀତା ହଂସ, ଇଣ୍ଡ୍ରିଆ ରିଟେଲ ମୁଖ୍ୟ ଅମିତ ଧରପ, ଇଣ୍ଡ୍ରିଆ ଫ୍ରାଞ୍ଚାଇଜ ମୁଖ୍ୟ ଗୌରବ କୁମାର, ଇଷ୍ଟର ଆଞ୍ଚଳିକ ବ୍ୟବସାୟ ମ୍ୟାନେଜର ଦୀପଙ୍କର ସେନଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଇଣ୍ଡ୍ରିଆର ସିଇଓ ସନ୍ଦୀପ କୋହଲି କହିଛନ୍ତି, ଭୁବନେଶ୍ୱରରେ ଆମର ପ୍ରଥମ ଷ୍ଟୋର ପ୍ରତି ସକାରାତ୍ମକ ପ୍ରତିକ୍ରିୟା ପ୍ରକୃତରେ ପ୍ରେରଣାଦାୟକ ହୋଇଛି । କଟକରେ ଦ୍ୱିତୀୟ ଷ୍ଟୋରର ଶୁଭାରମ୍ଭ ସହିତ ପୂର୍ବାଞ୍ଚଳରେ ଇଣ୍ଡ୍ରିଆର ଉପସ୍ଥିତିକୁ ଆହୁରି ସୁଦୃଢ କରିବାକୁ ଉତ୍ସାହିତ ବୋଲି ସେ କହିଛନ୍ତି । ଏହା ଓଡ଼ିଶାର ଦ୍ୱିତୀୟ ଷ୍ଟୋର ହୋଇଥିବାବେଳେ କଟକର ପ୍ରଥମ ଷ୍ଟୋର। ଦେଶବ୍ୟାପୀ ଷ୍ଟୋର ସଂଖ୍ୟା ୪୧ ରେ ପହଞ୍ଚିଛି। ପୂର୍ବରୁ ଦିଲ୍ଲୀରେ ୬ଟି ଆଉଟଲେଟ୍, ମୁମ୍ବାଇ ଏବଂ ହାଇଦ୍ରାବାଦରେ ୪ଟି, ପୁଣେରେ ୩ଟି, ଅହମଦାବାଦ, ଜୟପୁର, ପାଟନା ଏବଂ ବାଙ୍ଗାଲୋରରେ ୨ଟି ଲେଖାଏଁ ଷ୍ଟୋର ରହିଛି । ସେହିଭଳି ଇନ୍ଦୋର, ଯୋଧପୁର, ସୁରଟ, ବିଜୟୱାଡା, ଭୁବନେଶ୍ୱର, ଲକ୍ଷ୍ନୌ, ପ୍ରୟାଗରାଜ, କାନପୁର, ଆଗ୍ରା, ଗୟା, ଜମ୍ମୁ, ଛତ୍ରପତି ସମ୍ଭାଜୀନଗର, ଚଣ୍ଡିଗଡ଼, ମାଙ୍ଗାଲୋର, କୋଲକାତା ଏବଂ ବର୍ତ୍ତମାନ କଟକ ଭଳି ଗୁରୁତ୍ୱପୂର୍ଣ୍ଣ ସହରରେ ଗୋଟିଏ ଲେଖାଏଁ ଷ୍ଟୋର ରହିଛି।

# ଦୁଇଦିନିଆ ଅନ୍ତର୍ଜାତୀୟ ଜନ୍ମମଙ୍ଗଳ ସମ୍ମିଳନୀ




ଭୁବନେଶ୍ୱର,୧୨।୧୨

ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ୨ଦିନିଆ ଅନ୍ତର୍ଜାତୀୟ ଜନ୍ମମଙ୍ଗଳ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୋଗ ଏବଂ ଉପବାସର ୨ ପ୍ରସିଦ୍ଧ ସନ୍ଥ – ଯୋଗ ଋଷି ସ୍ୱାମୀ ରାମଦେବ ମହାରାଜ ଏବଂ ଜୈନ ସନ୍ଥ ଅନ୍ତର୍ମାନ ଆଚାର୍ଯ୍ୟ ପ୍ରସନ୍ନ ସାଗର ଜୀ ମହାରାଜଙ୍କ ଦିବ୍ୟ ମାର୍ଗଦର୍ଶନରେ ହର୍ ମାସ – ଏକ ଉପବାସ ଅର୍ଥାତ୍ ପ୍ରତି ମାସର ୭ ତାରିଖରେ ଥରେ ଉପବାସ ଏକ ଗଣ ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ୨ଦିନିଆ ସମ୍ମିଳନୀ ଚାରୋଟି ଅଧିବେଶନରେ 'ଜନମଙ୍ଗଳର ଠିକ୍ ଦୃଷ୍ଟିକୋଣ – ଉପବାସ, ଧ୍ୟାନ, ଯୋଗ ଏବଂ ସ୍ୱଦେଶୀ ଚିନ୍ତାଧାରା' ଉପରେ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ଭାଷଣ ଦେଇ ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି , ଉପବାସ ଶରୀର ଏବଂ ମନକୁ ସୁସ୍ଥ ରଖେ ଏବଂ ଇନ୍ଦ୍ରିୟଗୁଡ଼ିକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଅନ୍ତର୍ଜାତୀୟ ଜନମଙ୍ଗଳ ସମ୍ମିଳନୀ ସମସାମୟିକ ଦୃଷ୍ଟିକୋଣରୁ ବହୁତ ଗୁରୁତ୍ୱପୂର୍ଣ୍ଣ। ସେ ଗୋଟିଏ ମାସ ପାଇଁ ଉପବାସ ରଖିବାକୁ ପ୍ରତିଜ୍ଞା କରିଥିଲେ ଏବଂ କହିଥିଲେ, ସେ ମଧ ମାସରେ ଥରେ ଉପବାସ କରିବେ। ଜାଗ୍ରତ କରି ସେମାନଙ୍କ ମଧ୍ୟରେ ଯୋଗ୍ୟତା ଆଣୁଛନ୍ତି ଏବଂ ନିରନ୍ତର ଯୋଗ ମାଧ୍ୟମରେ ସେ ସେମାନଙ୍କ ମଧ୍ୟରେ ପବିତ୍ରତା ମଧ ଆଣୁଛନ୍ତି। ଏହା ଉପବାସର ଉଦ୍ଦେଶ୍ୟ ମଧ। ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଥିଲେ, ରୋଗର ଉତ୍ପତ୍ତିର ସବୁଠାରୁ ବଡ଼ କାରଣ ରେଷ୍ଟୁରାଣ୍ଟ । ବ୍ୟକ୍ତି ନିଜେ କମ୍ ଖାଇବା ଉଚିତ, କିନ୍ତୁ ଭୋକିଲାଙ୍କୁ ଖାଇବାକୁ ଦେବା ଉଚିତ, ଏହା ମଧ ଉପବାସ। ଯିଏ ଅଧିକ ଖାଏ ସେ କେବେବି ସାତ୍ତ୍ୱିକ ହୋଇପାରିବ ନାହିଁ, କେବଳ ଯିଏ ଉପବାସ କରେ ସେ ଜଣେ ମହାନ୍ ସାଧକ ହୋଇପାରେ। ଆମର ମହାନ୍ ସନ୍ଥମାନେ ଏହାର ଉଦାହରଣ।

# ଫ୍ରୋଜିଟ୍‌ର ୧୫ତମ ଆଉଟ୍‌ଲେଟ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୨।୧୨(ଅନୁରାଧା ମହାରଣା)




କଟକର ସିଡିଏ ସେକ୍ଟର ୯ ଠାରେ ଫ୍ରୋଜିଟ୍‌ର ୧୫ତମ ଆଉଟ୍‌ଲେଟ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଫ୍ରୋଜିଟ୍‌ର ପ୍ରତିଷ୍ଠାତା, ନିର୍ଦ୍ଦେଶିକା ତଥା ଓଡ଼ିଶାର ବିଶିଷ୍ଟ ଯୁବ ମହିଳା ଉଦ୍ୟୋଗୀ ରଶ୍ମି ସାହୁ ଏହି ଆଉଟ୍‌ଲେଟ୍‌କୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନିର୍ଦ୍ଦେଶକ ଡ. ଅବିନାଶ ନନ୍ଦ, ପ୍ରଯୋଜକ ଓ ଚଳଚ୍ଚିତ୍ର ସଂରକ୍ଷକ ବାପୁ ଲେଙ୍କା, ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଶରତ ନାୟକ, ବିଶିଷ୍ଟ ଗୀତିକାର ଅରୁଣ ମନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବର୍ଗର ଲୋକମାନେ ସେମାନଙ୍କ ମନପସନ୍ଦର ଖାଦ୍ୟ ଏହି ଫ୍ରୋଜିଟ୍ ଆଉଟ୍‌ଲେଟ୍‌ରେ ପାଇପାରିବେ। ପିଜା, ବର୍ଗର, ସ୍ୟାଣ୍ଡୱିଚ୍, ପଫ୍, କେକ୍, ପେଟିସ୍, ପେଷ୍ଟ୍ରି, କଫି, ପାଉଁରୁଟି, କୁକିଜ୍, କୋଲ୍ଡ କଫି ଆଦି ସୁଲଭ ଓ ସୁବିଧା ଦରରେ ଏଠାରେ ଉପଲବ୍ଧ ଥିବା ବେଳେ ବିଭିନ୍ନ ପ୍ରକାର ମୃଦୁ ପାନୀୟ ଯଥା ରସିଲେ, ଲିଚି ଆଦି ମଧ ଏହି ଫ୍ରୋଜିଟ୍ ଆଉଟ୍‌ଲେଟ୍‌ରେ ଉପଲବ୍ଧ । ଉଦ୍‌ଘାଟନର ପ୍ରଥମ ସପ୍ତାହରେ ୧୫% ବିଶେଷ ରିହାତି ରହିବ ବୋଲି ଆଉଟ୍‌ଲେଟ ମୁଖ୍ୟ ଦ୍ୟାନିସ୍ ସ୍ୱାଇଁ କହିଛନ୍ତି । ଲୋକଙ୍କ ରୁଚିକୁ ପ୍ରାଥମିକତା ଦେଇ ଆମେ ସର୍ବଦା ସୁସ୍ୱାଦୁ ଖାଦ୍ୟ ଯୋଗାଇଦେବା ପାଇଁ ସଂକଳ୍ପବଦ୍ଧ ବୋଲି ଆଉଟ୍‌ଲେଟ୍‌ର ସେଲସ୍ ବିଭାଗର ମୁଖ୍ୟ ଅଂଶୁମାନ ମିଶ୍ର କହିଛନ୍ତି। ଏହି ଅବସରରେ ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ ଓ ସଲିନା ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫ୍ରୋଜିଟ୍ ପରିବାର ପକ୍ଷରୁ ଶିଲ୍ପା ଦାସ, ଶ୍ରୀକାନ୍ତ ମହାପାତ୍ର, ଆଦ୍ୟାଶା ପଟ୍ଟନାୟକ, ରାଜା ନିର୍ମାଲ୍ୟ ଲୋକସମ୍ପର୍କ ଅଧିକାରୀ ଶୁଭାଶିଷ୍ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।


## वरीय पुलिस अधीक्षक का कार्यालय, राँची। सर्वसाधारण के लिए सूचना।



नाम–सकीला बानो, उम्र–54 वर्ष, उँचाई–5 फीट, रंग–साँवला, पहनावा–हरा रंग का साड़ी पहनी हुई है।

उपरोक्त लापता महिला सकिला बानो, उम्र–54 वर्ष, पति–दाउद कुरैशी, पता–गढाटोली, गेसिया मदरसा के पास, थाना–सदर, जिला–राँची जो दिनांक–28.11.2025 को घर से बगैर बताए कहीं चली जो आजतक अपने घर वापस नहीं आई है। जिसके संबंध में सदर थाना सनहा संख्या–16/2025, दिनांक–30.11.2025 दर्ज कर इनकी खाजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

Email ID(rnc-dcb@jhpolice.gov.in)

पुलिस उपाधीक्षक, सदर, राँची। – 9431102090

थाना प्रभारी, सदर, राँची। – 9431706160

PR 368412 Police(25-26)D

वरीय पुलिस अधीक्षक, राँची।



SKILL COUNCIL for MINING SECTOR

## महिलाओं के लिए निःशुल्क आवासीय डम्पर ऑपरेटर प्रशिक्षण एवं अप्रेंटिसशिप में दाख़िला

स्किल काउंसिल फॉर माइनिंग सेक्टर द्वारा उत्तर प्रदेश, मध्य प्रदेश, ओडिशा, झारखंड, बिहार और छत्तीसगढ़ के पात्र महिला उम्मीदवारों से आवेदन आमंत्रित है

| प्रशिक्षण ट्रेड | आयु सीमा | शैक्षणिक योग्यता | स्टाइपेंड | प्रशिक्षण अवधि | प्रशिक्षण केंद्र |
|---|---|---|---|---|---|
| डम्पर ऑपरेटर (100 टन) | उम्र: 20 से 35 वर्ष 01 दिसंबर 2025 तक | डिप्लोमा (मैकेनिकल, इलेक्ट्रिकल, इलेक्ट्रॉनिक्स, मेकाट्रॉनिक्स में)/ ग्रेजुएट (किसी भी क्षेत्र में) | ₹10,900 प्रति माह | 1 साल 4 महीने की ट्रेनिंग (चयनित अभ्यर्थियों को 4 महीने के प्रशिक्षण के उपरांत 1 वर्ष की अप्रेंटिसशिप प्रदान की जाएगी) | सिंगरौली, मध्य प्रदेश |

आवेदन पत्र भरने की अंतिम तिथि : 19 दिसंबर 2025, शाम 5:00 बजे तक

अधिक जानकारी के लिए " www.skillcms.in " पर जाएँ और किसी भी अन्य जानकारी एवं सहायता के लिए कृपया कॉल करें: 70006 26450


# ଟାଟା ଷ୍ଟିଲ୍, କନ୍‌ଷ୍ଟ୍ରକ୍ଟ ଷ୍ଟିଲ୍‌ର ଜିରୋ ଏନର୍ଜି ବିଲ୍ଡିଂ



ଭୁବନେଶ୍ୱର,୧୨।୧୨(ଅନୁରାଧା ମହାରଣା)

ଟାଟା ଷ୍ଟିଲ୍ ପକ୍ଷରୁ କନ୍‌ଷ୍ଟ୍ରକ୍ଟ ଷ୍ଟିଲ୍ ସହଯୋଗିତାର ଅତ୍ୟାଧୁନିକ ଲାଇଟ ଗେଜ୍ ଇସ୍ପାତ ଫ୍ରେମ୍ (ଏଲ୍‌ଜିଏସ୍‌ଏଫ୍) ପ୍ରଯୁକ୍ତି ବ୍ୟବହାରକରି ନିର୍ମାଣ କରାଯାଇଥିବା ଇସ୍ପାତ ଆଧାରିତ ଜିରୋ ଏନର୍ଜି ବିଲ୍ଡିଂ (ଜେଡ୍‌ଇବି)ର ଲୋକାର୍ପଣ କରାଯାଇଛି। କନ୍‌ଷ୍ଟ୍ରକ୍ଟଷ୍ଟିଲ ହେଉଛି ୱାର୍ଲଡ ଷ୍ଟିଲ୍ ଆସୋସିଏସନର ଇସ୍ପାତ ନିର୍ମାଣ ବଜାର ବିକାଶ କାର୍ଯ୍ୟକ୍ରମ। ୧୮୩୬ ବର୍ଗଫୁଟରେ ନିର୍ମାଣ କରାଯାଇଥିବା ଏହି କୋଠାକୁ ୱାର୍ଲଡ ଷ୍ଟିଲ ଆସୋସିଏସନ (ୱାର୍ଲଡ ଷ୍ଟିଲ)ର ମହାନିର୍ଦ୍ଦେଶକ ଡ. ଏଡ୍‌ୱିନ ବାସନଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ ଟି .ଭି. ନରେନ୍ଦ୍ରନ ଉଦ୍‌ଘାଟନ କରିଛନ୍ତି। ସାଢ଼େ ୩ ମାସରେ ନିର୍ମାଣ କରାଯାଇଥିବା ଏହି କୋଠା ନେଟ୍‌–ଜିରୋ, କମ୍ ଶକ୍ତି ବ୍ୟବହାର ଓ ପରିବର୍ତ୍ତିତ ଜଳବାୟୁ ପାଇଁ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉଦ୍‌ଘାଟନୀ ଅବସରରେ ନରେନ୍ଦ୍ରନ କହିଛନ୍ତି , ଇସ୍ପାତ ଆଧାରିତ ଜିରୋ ଏନର୍ଜି କୋଠା, ନିର୍ମାଣ ଭବିଷ୍ୟତକୁ ପ୍ରତିଫଳିତ କରୁଛି। କନ୍‌ଷ୍ଟ୍ରକ୍ଟଷ୍ଟିଲ ସହ ଆମ ସହଯୋଗିତା ଏହା ଦର୍ଶାଉଛି ଯେ, କିଭଳି ଆଧୁନିକ, ଶକ୍ତି ଅନୁକୂଳ ଓ ଲୋ–କାର୍ବନ ସମାଧାନକୁ ସାରା ଭାରତରେ ବ୍ୟାପକ ଭାବେ ଦୋହରାଇହେବ ଓ ମୁଖ୍ୟସ୍ରୋତ ଭିତ୍ତିଭୂମିରେ ସମନ୍ୱିତ କରିହେବ। ଏଲ୍‌ଜିଏସ୍‌ଏଫ୍ ପ୍ରଯୁକ୍ତିରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଇସ୍ପାତ ସେକ୍ସନକୁ ଫ୍ରେମ ଭଳି ଆସେମ୍ବଲ କରାଯାଇଥାଏ, ଯାହା କୋଠାକୁ ସର୍ବନିମ୍ନ ବାୟୁ ଲିକେଜ, ଉନ୍ନତ ବାୟୁ ଚଳାଚଳ ଓ ଅଳ୍ପ ଶକ୍ତି କ୍ଷୟ ସହ ଏକ କଠିନ ଆବରଣରେ ପରିଣତ କରିଥାଏ। ଏହା ଦୀର୍ଘସ୍ଥାୟୀ ହୋଇଥାଏ ଏବଂ ଏହାକୁ ରିସାଇକଲ କରାଯାଇପାରୁଥିବାରୁ ପରିବେଶ ଉପରେ ତାହାର ପ୍ରଭାବ ମଧ କମ୍ କରିଥାଏ।


ଭା.କ.ନି. CCI

## ଭାରତୀୟ କପା ନିଗମ ଲିମିଟେଡ୍
### ଶାଖା କାର୍ଯ୍ୟାଳୟ: ରାୟଗଡା

ଭବନାରାୟଣ ନୀଳୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା –୭୬୫୦୦୧

ମୋବାଇଲ ଆପ — कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ — ତାରିଖ: ୧୨.୧୨.୨୦୨୫

### କପା ଚାଷୀଙ୍କୁ ଆହ୍ୱାନ

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/–ଶାଖା ପ୍ରମୁଖ


# ହୃଦୟ ରଞ୍ଜନ ସିଂହାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍




ଭୁବନେଶ୍ୱର, ୧୨।୧୨

ଭୁବନେଶ୍ୱରର ଖାରବେଳନଗର ଅଞ୍ଚଳରେ ଅବସ୍ଥିତ ଓଡ଼ିଶା ଆସୋସିଏସନ ଫର୍ ଦି ବ୍ଲାଇଣ୍ଡସ ଅଡିଟୋରିୟମରେ ଇଣ୍ଟରନ୍ୟାଶନାଲ ହ୍ୟୁମାନ ରାଇଟ୍ସ ଫୋରମ ଅଫ ଓଡ଼ିଶା ଦ୍ୱାରା ମାନବ ଅଧିକାର ଦିବସ ପାଳନ କରାଯାଇଛି। ଫୋରମର ସ୍ଥାପକ ଅଧ୍ୟକ୍ଷ ଡ. ସୁଭାଶିନୀ ବଳ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଜେଲ ଡିଜି ସୁଶାନ୍ତ କୁମାର ନାଥ ମାନବ ଅଧିକାରର ଗୁରୁତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସମାଜ ଉନ୍ନତି ପାଇଁ ନିଜ ନିଜ କ୍ଷେତ୍ରରେ ଦ୍ରଷ୍ଟବ୍ୟ ସଫଳତା ଓ ସାମାଜିକ ସେବାରେ ଯୋଗଦାନ କରିଥିବା ବିଭିନ୍ନ ମେଧାବୀ ବ୍ୟକ୍ତିଙ୍କୁ ଏହି ଅବସରରେ ସମ୍ମାନିତ କରାଗଲା। ହୃଦୟ ରଞ୍ଜନ ସିଂହାଙ୍କୁ ଭାରତର ତେଲ ଓ ଗ୍ୟାସ୍ ଅନ୍ୱେଷଣ ଓ ଉନ୍ନୟନ କ୍ଷେତ୍ରରେ ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନ ସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି।


SBI

## ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
### ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା

"ନାଗାଲାଣ୍ଡ ହାଉସ୍", ୮ମ ମହଲା, ୧୧ ଓ ୧୩ ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୨୨, ଇ-ମେଲ୍: sbi.04151@sbi.co.in

ପରିଶିଷ୍ଟ – IV [ନିୟମ ୮(୧)] ଦଖଲ ନୋଟିସ (ସ୍ଥାବର ସମ୍ପତ୍ତି ପାଇଁ)

ଯେହେତୁ
ନିମ୍ନ ସ୍ୱାକ୍ଷରକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ (୨୦୦୨ର ଅଧିନିୟମ ୫୪) ଅଧୀନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୩ ସହିତ ପଠନପୂର୍ବକ ଧାରା ୧୩ (୧୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ତା୨୯।୦୯।୨୦୨୦ରିଖରେ ଏକ ଡିମାଣ୍ଡ ନୋଟିସ ଜାରି କରି ଋଣଗ୍ରହୀତା **ନାୟକ ଇନଫ୍ରାଷ୍ଟ୍ରକ୍ଚର୍ ପ୍ରା. ଲିଃ** ଏବଂ ଏହାର ଗ୍ୟାରେଣ୍ଟିଦାତା(ଗଣ) (୧) ଶ୍ରୀ ଅନନ୍ତ ଚରଣ ନାୟକ (୨) ଶ୍ରୀମତୀ ରେଣୁ ଦେବୀ ନାୟକ (୩) ଶ୍ରୀ ବିଶ୍ୱଜିତ ନାୟକ (୪) ଶ୍ରୀ ଆଲୋକ କୁମାର ନାୟକ (୫) ଶ୍ରୀ ଉମେଶ ସେନାପତି ଏବଂ (୬) ଶ୍ରୀ ବାସୁଦେବ ନାୟକଙ୍କୁ ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି ଅର୍ଥାତ୍ **ତା୨୮।୦୯।୨୦୨୦ରିଖ** ସୁଦ୍ଧା ଥିବା **ଟ.୧୦୦,୬୯,୦୪,୪୪୧.୭୧ (ଶହେକୋଟି ଅଣସ୍ତରି ଲକ୍ଷ ଚାରି ହଜାର ଚାରିଶହ ଏକଚାଳିଶ ଟଙ୍କା ଏକସ୍ତରି ପଇସା ମାତ୍ର)** ଏବଂ ତା୨୯।୦୯।୨୦୨୦ରିଖଠାରୁ ତାହା ଉପରେ ପ୍ରଯୁଜ୍ୟ ପରବର୍ତ୍ତୀ ସୁଧ ସହ ଆନୁଷଙ୍ଗିକ ବ୍ୟୟ, ଖର୍ଚ୍ଚ, ଶୁଳ୍କ ଆଦି ଉକ୍ତ ନୋଟିସ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପରିଶୋଧ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ ।

ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା(ଗଣ) ଉକ୍ତ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏତଦ୍ୱାରା ବିଶେଷ ଭାବେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀ ଅଧିନିୟମର ଧାରା ୧୩ର ଉପ- ଧାରା (୪) ସହ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଅଧୀନରେ ତାଙ୍କୁ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି **୧୧ ଡିସେମ୍ବର, ୨୦୨୫** ଦିନ ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।

ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା(ଗଣ)/କର୍ପୋରେଟ୍ ଗ୍ୟାରେଣ୍ଟିଦାତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ଉକ୍ତ ସମ୍ପତ୍ତି ସହ କୌଣସି କାରବାର ନ କରିବା ପାଇଁ ସତର୍କ କରାଇଦିଆଯାଉଛି ଏବଂ ସମ୍ପତ୍ତି ସହିତ କୌଣସି କାରବାର କରାଗଲେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା **ତା୨୮।୦୯।୨୦୨୦ରିଖ** ସୁଦ୍ଧା ଥିବା **ଟ.୧୦୦,୬୯,୦୪,୪୪୧.୭୧ (ଶହେକୋଟି ଅଣସ୍ତରି ଲକ୍ଷ ଚାରି ହଜାର ଚାରିଶହ ଏକଚାଳିଶ ଟଙ୍କା ଏକସ୍ତରି ପଇସା ମାତ୍ର)** ଓ ତା୨୯।୦୯।୨୦୨୦ରିଖଠାରୁ ତାହା ଉପରେ ପ୍ରଯୁଜ୍ୟ ପରବର୍ତ୍ତୀ ସୁଧ ସମେତ ଆନୁଷଙ୍ଗିକ ବ୍ୟୟ, ଖର୍ଚ୍ଚ, ଶୁଳ୍କ ଆଦି ଚାର୍ଜ କରାଯିବ ।

ବନ୍ଧକ ପରିସମ୍ପତ୍ତିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସଂକ୍ରାନ୍ତରେ ଅଧିନିୟମର ଧାରା ୧୩ର ଉପ-ଧାରା (୮)ର ବ୍ୟବସ୍ଥାପନ ପ୍ରତି ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି ।

### ସ୍ଥାବର ସମ୍ପତ୍ତିର ବର୍ଣ୍ଣନା

ଝାରସୁଗୁଡ଼ା ଜିଲ୍ଲା ସବ୍-ରେଜିଷ୍ଟ୍ରି ମଧ୍ୟସ୍ଥ ମୌଜା - ବଡ଼ମାଲ, ଥାନା - ଝାରସୁଗୁଡ଼ା, ବର୍ତ୍ତମାନ ଥାନା - ବଡ଼ମାଲ, ତହସିଲ ଏବଂ ଜିଲ୍ଲା - ଝାରସୁଗୁଡ଼ା, ଥାନା ନଂ. ୩୫, ତହସିଲ ନଂ. ୧୯, ଓଡ଼ିଶାରେ ଅବସ୍ଥିତ ଜମିର ସମସ୍ତ ଭାଗ ଓ ଅଂଶବିଶେଷ, ମ୍ୟୁଟେଶନ ଖାତା ନଂ. ୧୨୬/୨୯୩, ପ୍ଲଟ୍ ନଂ. ୮୫୦/୧୭୦୬, ଏ.୦.୦୫୦ (ପାଞ୍ଚ) ଡିସିମିଲ ରକବା ସମ୍ବଳିତ, କିସମ - ଘରବାରି ଜମି ସହିତ ୬୦୦ ବର୍ଗଫୁଟର ଆଜବେଷ୍ଟସ୍ ଛାତ ଥିବା ଗୋଦାମ ଘର। ବିକ୍ରି କବଲା ସଂ. ୧୦୮୬୩୦୧୮୫ ତାରିଖ: ୨୨।୦୪।୨୦୧୩। ସମ୍ପତ୍ତିର ମାଲିକ ହେଉଛନ୍ତି ଶ୍ରୀ ଅନନ୍ତ ଚରଣ ନାୟକ। ଜମିର ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର: ରାସ୍ତା; ଦକ୍ଷିଣ: ପ୍ଲଟ୍ ନଂ. ୧୩୫୨; ପୂର୍ବ: ପ୍ଲଟ୍ ନଂ. ୧୩୫୨; ପଶ୍ଚିମ: ପ୍ଲଟ୍ ନଂ. ୧୩୫୨ ।

ତାରିଖ: ୧୧.୧୨.୨୦୨୫, ସ୍ଥାନ: ଝାରସୁଗୁଡ଼ା — ସ୍ୱା./- ପ୍ରାଧିକୃତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



HDFC BANK — We understand your world

## AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 19-Dec-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75841534 | PHILIP MEGWAR | 99100 | HDFC BANK LTD, BURLA I.G. MARKET, PLOT NO. 17, NEAR SHYAM SWEETS, BURLA, SAMBALPUR, ODISHA - 768017 |
| 2 | 75819943 | PRADIP GURIA | 27600 | |
| 3 | 74661503 | SUBHADARSINI SAMAL | 18200 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 4 | 75964050 | PABITRA PANDA | 54900 | HDFC BANK LTD, DURGA BAZAR, JAGATSINGHAPUR, ORISSA-754103 |
| 5 | 75836657 | AJIT KUMAR BUDA | 50000 | HDFC BANK LTD, DURGA COMPLEX, JHARSUGUDA-768201 |
| 6 | 74522285 | RAJESH KUMAR DAS | 107600 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 7 | 75632767 | RANJAN SUNA | 24900 | |
| 8 | 75965764 | RAJESH SETHI | 27000 | HDFC BANK LTD, F M CIRCLE, BALASORE-756001 |
| 9 | 73830393 | CHAHAT SAMANTARAY | 532000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 10 | 75246527 | SURAJAKANTA GHADAI | 289500 | HDFC BANK LTD, GROUND FLOOR, KINGSTON BUSINESS PARK SHOP NO-1, MANGULI CHOWK, CHOUDWAR, NELIA, TANGI, DIST:CUTTACK - 754025 |
| 11 | 75373611 | BALARAM BADETYA | 95500 | HDFC BANK LTD, GROUND FLOOR, MAIN ROAD CHIKITI PENTHA, GANJAM-761010 |
| 12 | 75657640 | RAMESH BAHADUR | 102000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 13 | 75460840 | SANTOSH KUMAR PANDA | 55000 | |
| 14 | 75950896 | PAPUN PATRA | 40900 | HDFC BANK LTD, KALINGA NAGAR, DUBURI, JAJPUR-755019 |
| 15 | 75859173 | JAYASHREE MOHANTY | 389100 | HDFC BANK LTD, MAHIPAL, KENDRAPARA-754211 |
| 16 | 75509524 | PRUTHIRAJ MAHAPATRA | 96000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 17 | 4000665411 | KOUSHALYA MAHAKHUD | 146000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 18 | 75981291 | PRAKASH MAJHI | 47000 | |
| 19 | 74313379 | GITANJALI MANGARAJ | 27300 | |
| 20 | 74818902 | ROUTA SANHYARANI PRADHAN | 60000 | HDFC BANK LTD, MARKET SQUARE, PARLAKHEMUNDI, GAJAPATI-761200 |
| 21 | 73945960 | BISHNUPRIYA DAKSHINARAY | 118200 | HDFC BANK LTD, MERIDIEN TOWER, C-8, FIRST FLOOR, UDIT NAGAR, ROURKELA-769012 |
| 22 | 75999146 | BARSHA BUDA | 26800 | HDFC BANK LTD, MISSION ROAD, SUNDARGARH-770001 |
| 23 | 75163545 | PRASANT KUMAR GOUDA | 61000 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 24 | 75079251 | SANTOSH BISOYI | 19600 | HDFC BANK LTD, OPPOSITE TOWN POLICE STATION, PURI-752001 |
| 25 | 4000235022 | SANGRAM PRADHAN | 96000 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 26 | 75906298 | SUPRAVA SINGH | 403300 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 27 | 75018624 | P GOPAL RAO | 368600 | |
| 28 | 75178821 | MUKUNDA PRASAD JENA | 108000 | |
| 29 | 4000407292 | MUKUNDA PRASAD JENA | 75000 | |
| 30 | 75570612 | PRAMOD OJHA | 62000 | |
| 31 | 73798245 | MANOJ KUMAR DAS | 151900 | HDFC BANK LTD, PLOT NO 344, CHANDI CHHAK, CUTTACK-753001 |
| 32 | 75267665 | ARAJIT MOHANTY | 49700 | HDFC BANK LTD, PLOT NO- 447, BHAGWAN TRADE CENTER, NEAR IFFCO SQUARE, ATHARBANKI, PARADEEP-754142 |
| 33 | 74577443 | SUSHANKAR SARKAR | 24900 | |
| 34 | 4000168204 | SRIDHAR DASH | 496000 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 35 | 75574045 | KUNAL BARMAN | 404000 | HDFC BANK LTD, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 36 | 75355705 | SUNILI SUNDARA | 121000 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 37 | 75903662 | SANTOSH CHIRGUN | 54300 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 38 | 75886226 | RAJESH KUSHAL | 45000 | |
| 39 | 75872319 | SUSHANT PUTEL | 30000 | |
| 40 | 74507301 | SEKH RAHIM | 73000 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 41 | 75010078 | ROJI MAHARANA | 70800 | |
| 42 | 74021036 | SEKH RAHIM | 20400 | |
| 43 | 75420970 | MAMUN KHAN | 81500 | HDFC BANK LTD, SANTI NIKETAN BUILDING, JHOLASAHI, CUTTACK-753001 |
| 44 | 75938533 | JYOTIMAYEE DEO | 113000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

Date : 13/12/2025, Place : ODISHA — Sd/- Authorized Officer, HDFC BANK LTD.

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୩/୨୦୨୫ Bhubaneswar, Saturday, December 13/ 2025

# ଆଜି ଭାରତ ଆସିବେ ମେସି


ଲାୟୋନେଲ ମେସି।

**କୋଲକାତା,୧୨।୧୨(ପି.ଟି.)**

ଆର୍ଜେଣ୍ଟିନାର ଫୁଟବଲ ସୁପରଷ୍ଟାର ଲାୟୋନେଲ ମେସି ଶନିବାର ଭାରତ ଆସିବେ। ସେ ହେୟାତ ରେଜେନ୍ସିଠାରେ ସକାଳ ୯ଟା ୩୦ରେ ଏକ ମିଟ୍ ଆଣ୍ଡ ଗ୍ରୀଟ୍ ଇଭେଣ୍ଟରେ ପ୍ରଥମେ ପ୍ରଶଂସକଙ୍କୁ ଭେଟିବେ। ମାତ୍ର ଏହି ଗସ୍ତ ଆୟୋଜନ କରୁଥିବା 'ଜିଓଏଟି ଇଣ୍ଡିଆ ଟୁର ୨୦୨୫' ପକ୍ଷରୁ ମେସିଙ୍କ ସହ ଥରେ ହାତ ମିଳାଇବା ଓ ଏକ ଫଟୋ ଉଠାଇବା ପାଇଁ ୧୦ ଲକ୍ଷ ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଛି। ତେବେ ତାଙ୍କର ଏହି ଗସ୍ତରେ ମେସି ପ୍ରତିଦ୍ୱନ୍ଦ୍ୱିତାମୂଳକ ଫୁଟବଲ ଖେଳିବେ ନାହିଁ। ୧୪ ବର୍ଷର ବ୍ୟବଧାନ ପରେ ମେସି ଭାରତ ଆସିବାକୁ ଯାଉଛନ୍ତି। ଅନ୍ତିମ ଥର ୨୦୧୧ରେ ସେ ଭାରତ ଗସ୍ତରେ ଆସି ୮୫ ହଜାର ଦର୍ଶକଙ୍କ ମଧ୍ୟରେ ସଲ୍ଟ ଲେକ ଷ୍ଟାଡିୟମରେ ଆର୍ଜେଣ୍ଟିନା ପାଇଁ ଭେନେଜୁଏଲା ବିପକ୍ଷ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଥିଲେ।

ଶନିବାରଠାରୁ ଆରମ୍ଭ ହେଉଥିବା ତାଙ୍କର ଗସ୍ତ ସମ୍ପୂର୍ଣ୍ଣ ପ୍ରଚାର ଓ ବ୍ୟବସାୟଭିତ୍ତିକ ହେବ। ସେ ଭାରତରେ ୭୨ ଘଣ୍ଟା ବିତାଇବେ। କିନ୍ତୁ ମୁଖ୍ୟତଃ କୋଲକାତା,

**ଏକ ଫଟୋ ଉଠାଇବା ପାଇଁ ୧୦ ଲକ୍ଷ**

ହାଇଦ୍ରାବାଦ, ମୁମ୍ବାଇ ଓ ଦିଲ୍ଲୀ ଆଦି ୪ ମେଟ୍ରୋ ସହରରେ ମୁଖ୍ୟମନ୍ତ୍ରୀ, ପ୍ରତିଷ୍ଠିତ କର୍ପୋରେଟ୍, ବଲିଉଡ୍ ସେଲିବ୍ରିଟି ଏବଂ ଏପରି କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ସେ ଭର୍ଚୁଆଲ ଜରିଆରେ କୋଲକାତାର ସାଉଥ ଦମ୍ ଦମ୍‌ରେ ଲେକ୍ ଟାଉନଠାରେ ତାଙ୍କର ୭୦ ଫୁଟ ଉଚ୍ଚତା ବିଶିଷ୍ଟ ଲୁହାର ପ୍ରତିମୂର୍ତ୍ତିକୁ ଉନ୍ମୋଚିତ କରିବେ। ଭାରତର ଟେଷ୍ଟ ଓ ଦିନିକିଆ ଅଧିନାୟକ ଶୁବମନ ଗିଲ ଜଣେ ମେସିଙ୍କର ବଡ଼ ପ୍ରଶଂସକ ଏବଂ ସେ ଆସନ୍ତା ୧୪ ତାରିଖରେ ଧର୍ମଶାଳାରେ ମେସିଙ୍କୁ ଭେଟିବେ ବୋଲି ଆଶା କରାଯାଉଛି।

# ସେମିରେ ଉନ୍ନତି-ତାନ୍ୟା, ତସନିମ-ଇସାରାଣୀ

**ଭୁବନେଶ୍ୱର, ୧୨।୧୨**
**(ତପନ ସ୍ୱାଇଁ)/କଟକ (କାର୍ତ୍ତିକ ସାହୁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ମାଷ୍ଟର୍ସ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ମହିଳା ଓ ପୁରୁଷ ସିଙ୍ଗଲ୍ସରେ ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ମହିଳା ସେମିରେ ଟପସିଡ ଉନ୍ନତି ହୁଡା ଓ ତାନ୍ୟା ହେମନ୍ତ, ଏବଂ ତସନିମ ମିର ଓ ଇସାରାଣୀ ବରୁଆଙ୍କ ମଧ୍ୟରେ ମୁକାବିଲା ହେବ। ସେହିପରି ଇଣ୍ଡୋନେସିଆର ମହମ୍ମଦ ୟୁସୁଫ ଓ ବିଷ୍ଣୁରାୟା ଅକଟୋରା ଏବଂ ଭାରତର ରୋନକ ଚୌହାନ ଓ କିରଣ ଜର୍ଜ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ପୁରୁଷ ବିଭାଗ ସିଙ୍ଗଲ କ୍ୱାର୍ଟର ଫାଇନାଲରେ ଇଣ୍ଡୋନେସିଆର ୟୁସୁଫ ଟପ୍ ସିଡ୍ ଭାରତର ଥରୁନ ମାନେପଲ୍ଲୀଙ୍କୁ ୨୧-୯, ୨୨-୨୦ରେ ପରାସ୍ତ କରିଛନ୍ତି। ସେହିପରି ଇଣ୍ଡୋନେସିଆର ବିଷ୍ଣୁରୟା ଅକଟୋରା ନିଜ ଦେଶର ରିଚି ଦୁତା ରିକାର୍ଦୋଙ୍କୁ ୨୧-୧୩, ୧୮-୨୧, ୨୧-୯ ପଏଣ୍ଟରେ ହରାଇଛନ୍ତି। ଭାରତୀୟ ଖେଳାଳି କିରଣ ଜର୍ଜ ଗତବର୍ଷର ଚାମ୍ପିୟନ ସତୀଶ କୁମାରଙ୍କୁ ୨୧-୧୧, ୨୧-୧୭ରେ ହରାଇ ଥିବାବେଳେ ରୋନକ ଚୌହାନ ନିଜ ଦେଶର ଶଙ୍କର ସୁବ୍ରମଣ୍ୟମଙ୍କୁ ୨୧-୧୯, ୨୨-୨୦ରେ ପରାସ୍ତକରି ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ମହିଳା କ୍ୱାର୍ଟରରେ ଟପ ସିଡ୍ ଉନ୍ନତି ହୁଡା ପଞ୍ଚମ ସିଡ୍ ଅନୁପମା ଉପାଧ୍ୟାୟଙ୍କୁ ୨୧-୧୬, ୨୧-୧୫ରେ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ଅନ୍ୟ କ୍ୱାର୍ଟରରେ ଅଣସିଡେଡ୍ ତାନ୍ୟା ହେମନ୍ତ ତୃତୀୟ ସିଡ୍ ତନଭୀ ଶର୍ମାଙ୍କୁ ୨୧-୧୬, ୨୧-୧୪ରେ ପରାସ୍ତ କରିଛନ୍ତି। ଅନ୍ୟ ଦୁଇ ଭାରତୀୟ ତସନିମ ମିର କ୍ୱାର୍ଟର ଫାଇନାଲରେ ତାଇପେର ସପ୍ତମ ସିଡ୍ ତୁଙ୍ଗ ସିଉ ଟଙ୍ଗଙ୍କୁ ହରାଇଥିବା ବେଳେ ଇସାରାଣୀ ବରୁଆ ଷଷ୍ଠ ସିଡ୍ ଅନମୋଲ ଖର୍ବଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି।






ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଶୁକ୍ରବାର ପୁରୁଷ ଓ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ଅବସରରେ ଦୁଇ ପ୍ରତିଯୋଗୀ।

**ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ**

**ପୁରୁଷ ସେମିରେ ୟୁସୁଫ, ଅକଟୋରା, ରୋନକ ଓ କିରଣ**

ମିକ୍ସଡ୍ ଡବଲ୍ସ କ୍ୱାର୍ଟରରେ ଭାରତୀୟ ଯୋଡି ଏସ. କଣପୁରମ ଓ ସାଥୀ ଆର. ଉଥେୟ ସୁରିୟାନ ଇଣ୍ଡୋନେସିଆ ଯୋଡି ଏମ. ନାୱାଫ ଓ ସାଥୀ ନାହ୍ୟା ମୁହିଫାଙ୍କୁ ୨୧-୧୫, ୨୧-୧୯ରେ ହରାଇଛନ୍ତି। ସେମିଫାଇନାଲରେ ପହଞ୍ଚିଥିବା ଅନ୍ୟ ଯୋଡିଗୁଡ଼ିକ ହେଲେ ତଣ୍ଡନ ତମ୍ପାନୀଚ ଓ ସାଥୀ ଫୁଙ୍ଗଫା. କେ, ଇଣ୍ଡୋନେସିଆ ଯୋଡି ଡି. ଫେରଦିନାଂଶ୍ୟା ଓ ସାଥୀ ବି. ୱାର୍ଡନା ଏବଂ ଟପ ସିଡ୍ ଏମ. ଫାଜା ଓ ଏ. ପ୍ରଣତା। ମହିଳା ଡବଲ୍ସ କ୍ୱାର୍ଟରଫାଇନାଲରେ ଟପ୍ ସିଡ ବୁଲଗେରିଆ ଯୋଡି ଗାବ୍ରିଏଲା ଷ୍ଟୋଭା ଓ ଷ୍ଟେଫାନି ଷ୍ଟୋଭା ଇଣ୍ଡୋନେସିଆ ଯୋଡି ଲେନି ତ୍ରିଆ ମୟସରି ଓ ସାଥୀ ଏମାଲିଆ ଚାହାଙ୍କୁ ୧୬-୨୧, ୨୧-୧୨ ଓ ୨୧-୧୯ରେ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ମହିଳା ସେମି ଫାଇନାଲରେ ପହଞ୍ଚିଥିବା ଅନ୍ୟ ଯୋଡିଗୁଡ଼ିକ ହେଲେ ଭାରତର ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମ, ମାଲେସିଆ ଯୋଡି ଅଙ୍ଗ ଜିନ ୟୀ ଓ କାର୍ମେନ ଟିଙ୍ଗ ଏବଂ ଇଣ୍ଡୋନେସିଆର ଆଇ. ମେଇଡା ଓ ଆର. ନାସ୍ତିନେ। ପ୍ରତିଯୋଗିତାର ସେମିଫାଇନାଲ ଶନିବାର ଅନୁଷ୍ଠିତ ହେବ।

# ଆସାମର ୪ କ୍ରିକେଟର ସସପେଣ୍ଡ

**ଗୁଆହାଟୀ,୧୨।୧୨(ପି.ଟି.)**

ଚଳିତ ସୟଦ ମୁସ୍ତାକ ଅଲୀ ଟ୍ରଫି ଟି୨୦ ଟୁର୍ନାମେଣ୍ଟ ବେଳେ ଦୁର୍ନୀତିରେ ଲିପ୍ତ ରହିବା ପାଇଁ ଆସାମ କ୍ରିକେଟ ଆସୋସିଏଶନ (ଏସିଏ) ଶୁକ୍ରବାର ଅମିତ ସିହ୍ନା, ଇଶାନ ଅହମଦ, ଅମନ ତ୍ରିପାଠୀ, ଅଭିଷେକ ଠାକୁର ଆଦି ୪ ଖେଳାଳିଙ୍କୁ ଶୁକ୍ରବାର ସସ୍‌ପେଣ୍ଡ କରାଯାଇଛି। ଏସିଏ ପକ୍ଷରୁ ରାଜ୍ୟ ପୋଲିସର କ୍ରାଇମ ବ୍ରାଞ୍ଚରେ ୪ ଖେଳାଳିଙ୍କ ବିରୋଧରେ ମାମଲା ରୁଜୁ କରିଛି। ସେମାନଙ୍କ ବିରୋଧରେ ସୟଦ ମୁସ୍ତାକ ଅଲୀ ଟ୍ରଫି ବେଳେ କିଛି ଖେଳାଳିଙ୍କୁ ପ୍ରବର୍ତ୍ତାଇବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି।

ଅଭିଯୋଗ ସାମ୍ନାକୁ ଆସିବା ପରେ ବିସିସିଆଇର ଆଣ୍ଟି-କରପଶନ ଓ ସିକ୍ୟୁରିଟି ୟୁନିଟ୍ ପକ୍ଷରୁ ତଦନ୍ତ କରାଯାଇଥିବା ବେଳେ ଏସିଏ ମଧ୍ୟ ଅପରାଧିକ ପ୍ରକ୍ରିୟା ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ସେମାନେ ଦୁର୍ନୀତି ଓ କ୍ରୀଡ଼ାର ଅଖଣ୍ଡତାକୁ ପ୍ରଭାବିତ କରିବାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି ବୋଲି ଏସିଏ ସମ୍ପାଦକ ସନାତନ ଦାସ କହିଛନ୍ତି।

# ୧୦ମ ସ୍ଥାନରେ ରହିଲା ଭାରତ

**ସାଣ୍ଟିଆଗୋ,୧୨।୧୨(ପି.ଟି.)**

ଚଳିତ ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ଭାରତୀୟ ଦଳ ଦଶମ ସ୍ଥାନରେ ଅଭିଯାନ ଶେଷ କରିଛି। ଶୁକ୍ରବାର ଅନୁଷ୍ଠିତ ନବମ/ଦଶମ କ୍ଲାସିଫିକେଶନ ମ୍ୟାଚ୍‌ରେ ଭାରତ ୧-୨ ଗୋଲରେ ସ୍ପେନଠାରୁ ପରାସ୍ତ ହୋଇଛି। ସ୍ପେନ ଲାଗି ନାଟିଲିଆ ଭିଲାନୋଭା (୧୬ତମ ମିନିଟ୍ ) ଓ ଏସଥର କାନାଲ୍ସେ(୩୬ତମ) ଗୋଲ ଦେଇଥିବା ବେଳେ ଭାରତ ପାଇଁ କନିକା ସିୱାଚ (୪୧ତମ)ଏକମାତ୍ର ଗୋଲ ପରିଶୋଧ କରିଥିଲେ।

ମ୍ୟାଚ୍ ଆରମ୍ଭରୁ ଭାରତୀୟ ଗୋଲକିପର ନିଧି ଲଗାତର ଦୁଇଟି ଚମତ୍କାର ସେଭ କରିଥିଲେ। ୧୪ତମ ମିନିଟ୍‌ରେ ସ୍ପେନକୁ ପେନାଲ୍ଟି କର୍ନର (ପିସି) ମିଳିଥିଲା। ହେଲେ ଏଥର ମଧ୍ୟ ସ୍ପେନ ଲାଗି ନିଧି ବାଧକ ସାଜିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ସାରା କାରମୋନା ରାମୋସଙ୍କଠାରୁ ମିଳିଥିବା ପାସ୍‌କୁ ନାଟାଲିଆ ଭିଲାନୋଭା (୧୬ତମ) ଗୋଲରେ ପରିଣତ କରିଥିଲେ। ପରବର୍ତ୍ତୀ ମିନିଟ୍‌ରେ ଭାରତକୁ ଏକ ସୁବର୍ଣ୍ଣ ସୁଯୋଗ ମିଳିଥିଲା, ହେଲେ ତାହାକୁ କେହି ଗୋଲରେ କନଭର୍ଟ କରିପାରି ନ ଥିଲେ। ତୃତୀୟ କ୍ୱାର୍ଟରରେ ୩୬ତମ ମିନିଟ୍‌ରେ ସୋନମ ଏକ ଫିଲ୍ଡ ଗୋଲ କରିଥିଲେ। ମାତ୍ର ସ୍ପେନ ପକ୍ଷରୁ ଭିଡିଓ ରେଫରାଲ ନିଆଯିବା ପରେ ତାହାକୁ କ୍ୟାନ୍‌ସଲ କରାଯାଇଥିଲା। ଦୁର୍ଭାଗ୍ୟବଶତଃ,

**ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍**

ସମାନ ମିନିଟ୍‌ରେ ସ୍ପେନକୁ ଏକ ପିସି ମିଳିଥିଲା, ଯାହାକୁ ଏଥର କାନାଲ୍ସେ ଗୋଲରେ ପରିଣତ କରିଥିଲେ। ୪୧ତମ ମିନିଟ୍‌ରେ ଭାରତକୁ କ୍ରମାଗତ ଦୁଇଟି ପିସି ମିଳିଥିଲା। ସେଥିରୁ ଗୋଟିଏ ପିସିକୁ ଗୋଲରେ ପରିଣତ କରିଥିଲେ କନିକା। ଅନ୍ତିମ କ୍ୱାର୍ଟରରେ ଭାରତ ପାଇଁ ଇଶିକା ଗୋଲ ସ୍କୋର କରିବା ପାଖାପାଖି ଆସିଥିଲେ। ମାତ୍ର ଗୋଲ୍ ଲାଇନ୍‌ରେ ଜଣେ ଡିଫେଣ୍ଡର ବଲକୁ ରୋକି ଦେଇଥିଲେ।

# ନାଡାଲଙ୍କ ହାତରେ ଅସ୍ତ୍ରୋପଚାର

**ବାର୍ସିଲୋନା, ୧୨।୧୨ (ଏପି):** ଟେନିସ ଗ୍ରେଟ୍ ରାଫାଲ ନାଡାଲଙ୍କ ଡାହାଣ ହାତରେ ଅସ୍ତ୍ରୋପଚାର ହୋଇଛି। ଶୁକ୍ରବାର ନିଜେ ନାଡାଲ ଏହା ପ୍ରକାଶ କରିଛନ୍ତି। ୨୨ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନାଡାଲ ଜଣେ ବାମ ହାତୀ ଖେଳାଳି। ସେ ଅନେକ ଦିନଧରି ଏହି ସମସ୍ୟା ସହିତ ଜୁଝି ଆସୁଥିଲେ ବୋଲି ଏକ 'ଏକ୍ସ' ପୋଷ୍ଟରେ ଦର୍ଶାଇଛନ୍ତି। ଡାହାଣହାତ ବ୍ୟାଣ୍ଡେଜ ହୋଇଥିବା ଏକ ଫଟୋ ମଧ୍ୟ ନାଡାଲ ଶେୟାର କରିଛନ୍ତି। କ୍ୟାରିୟରରେ ଅନେକ ସମୟ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିବା ୩୯ ବର୍ଷୀୟ ନାଡାଲ ୨୦୨୪ ନଭେମ୍ବରରେ ଅବସର ଘୋଷଣା କରିଥିଲେ।

# ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ



ୟୁନିଟ-୬ ଓ ମଙ୍ଗଳା କ୍ଲବ୍ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟରଫାଇନାଲ୍ ପୂର୍ବରୁ ଦୁଇ ଦଳର ଖେଳାଳିଙ୍କ ସହ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୧୨।୧୨ (ତପନ ସ୍ୱାଇଁ)**

**ସତ୍ୟବ୍ରତ ସ୍ମାରକୀ ଫୁଟ୍‌ବଲ**

**ସେମିରେ ୟୁନିଟ୍ ୬-ସମ୍ବଲପୁର, ସନ୍‌ରାଇଜ-ଫାଓ ଇଲେଭେନ**

କ୍ଲବ-୭୩ ଆନୁକୂଲ୍ୟରେ ଚାଲିଥିବା ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟରେ ଶେଷ ଦୁଇ ଦଳଭାବେ ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଓ ସନ୍‌ରାଇଜ୍ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଫଳରେ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। କାର୍ଯ୍ୟସୂଚୀ ଅନୁସାରେ ଶନିବାର ଅପରାହ୍ନ ୩ଟାରେ ୟୁନିଟ-୬ ଓ ସମ୍ବଲପୁର ଫୁଟବଲ ଏକାଡେମୀ ଏବଂ ଅପରାହ୍ନ ୫ଟା ୩୦ରେ ଫାଓ ଇଲେଭେନ ଓ ସନ୍‌ରାଇଜ୍ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ।

ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲରେ ୟୁନିଟ୍-୬ ପ୍ରତିପକ୍ଷ ମଙ୍ଗଳା କ୍ଲବକୁ ୩-୨ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳର ସୋମନାଥ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। କ୍ଲବ-୭୩ ସହ ସମ୍ପାଦକ ଦେବଭକ୍ତ ବେଜ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ସୋମନାଥ ମହାନ୍ତିଙ୍କୁ ପୁରସ୍କାର ଆକାରରେ ୫୦୦୦ଟଙ୍କା ପ୍ରଦାନ କରିଛନ୍ତି। ଚତୁର୍ଥ କ୍ୱାର୍ଟରରେ କଟକର ସନ୍‌ରାଇଜ୍ କ୍ଲବ ୩-୦ ଗୋଲରେ ଝାରସୁଗୁଡ଼ାକୁ ହରାଇଛି। ସନ୍‌ରାଇଜ୍ ପକ୍ଷରୁ ଫାବିଲ୍ ଜେ.ପି. ୨ଟି ଏବଂ ସଞ୍ଜିତ ଖୋରା ଗୋଟିଏ ଗୋଲ ଦେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ଫାବିଲଙ୍କୁ କ୍ଲବ-୭୩ କୋଷାଧ୍ୟକ୍ଷ ରାଜେଶ ସାହୁ ପୁରସ୍କୃତ କରିଛନ୍ତି। ପୂର୍ବରୁ କଟକର ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ୨-୦ ଗୋଲରେ ହରାଇ ଫାଓ ଇଲେଭେନ ଏବଂ କିଶୋର କ୍ଲବକୁ ୪-୦ ଗୋଲରେ ହରାଇ ସମ୍ବଲପୁର ଫୁଟବଲ ଏକାଡେମୀ ସେମିଫାଇନାଲରେ ପ୍ରବେଶ କରିସାରିଛି।

# ବୃହତ୍ ବିଜୟ ସହ ଭାରତର ଅଭିଯାନ

**ଦୁବାଇ, ୧୨।୧୨ (ପି.ଟି.)**

ବୈଭବ ସୂର୍ଯ୍ୟବଂଶୀଙ୍କ ରେକର୍ଡ ବ୍ରେକିଂ ଇନିଂସ ସହାୟତାରେ ଭାରତ ଶୁକ୍ରବାର ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ବୃହତ୍ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ବୈଭବ ୯୫ ବଲ୍‌ରୁ ୧୭୧ ରନ ସଂଗ୍ରହ କରିଥିବାବେଳେ ଭାରତ ୨୩୪ ରନରେ ୟୁଏଇକୁ ପରାସ୍ତ କରିଛି। ବିହାର ସମସ୍ତିପୁରର ୧୪ ବର୍ଷୀୟ ବୈଭବ ନିଜ ଇନିଂସ ମଧ୍ୟରେ

**୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ**

**ବୈଭବ ସୂର୍ଯ୍ୟବଂଶୀଙ୍କ ରେକର୍ଡ ବ୍ରେକିଂ ଇନିଂସ**

୧୪ ଛକା ମାରିଥିଲେ, ଯାହା କି ୧୯ ବର୍ଷରୁ କମ୍ କ୍ରିକେଟର କୌଣସି ଏକ ଇନିଂସରେ ସର୍ବାଧିକ। ଏହି ମ୍ୟାଚ୍‌ରେ ଭାରତ ୫୦ ଓଭରରେ ୬ ଉଇକେଟ ହରାଇ ୪୩୩ ରନ୍ କରିଥିଲା। ଜବାବରେ ୟୁଏଇ ପୂରା ୫୦ ଓଭର ଖେଳିଥିଲେ ହେଁ ୭ ଉଇକେଟ ହରାଇ ୧୯୯ ରନ କରିପାରିଥିଲା। ବିସ୍ଫୋରକ ଇନିଂସ ପାଇଁ ବୈଭବ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୪୦୦+ ସ୍କୋର ୧୯ ବର୍ଷରୁ କମ୍ ଦିନିକିଆରେ ଭାରତର ଏବଂ ଟୁର୍ନାମେଣ୍ଟ ଇତିହାସରେ ସର୍ବାଧିକ। ବୈଭବଙ୍କ ୧୭୧ ରନ ୟୁଥ୍ ଦିନିକିଆରେ ଭାରତର କୌଣସି ବ୍ୟାଟରଙ୍କ ଲାଗି ଏହା ଦ୍ୱିତୀୟ ସର୍ବାଧିକ ସ୍କୋର। ୨୦୦୨ରେ ଇଂଲଣ୍ଡ ବିପକ୍ଷରେ ଅମ୍ବାତି ରାୟୁଡୁ ସର୍ବାଧିକ ୧୭୭ ରନ କରିଥିଲେ। ଓଭରଅଲ୍ ୧୯ ବର୍ଷରୁ କମ୍ ଦିନିକିଆରେ ଏହା ୯ମ ସର୍ବାଧିକ ସ୍କୋର।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ମାତ୍ର ୮ ରନରେ ଅଧିନାୟକ ଆୟୁଷ ମାହାତ୍ରେ (୪)ଙ୍କ ଉଇକେଟ ହରାଇଥିଲେ ହେଁ ବୈଭବଙ୍କ ଧୂଆଁଧାର ବ୍ୟାଟିଂ ସହାୟତାରେ ବଡ଼ ସ୍କୋର ଅଭିମୁଖେ ଅଗ୍ରସର ହୋଇଥିଲା। ୧୪ ଛକା ବ୍ୟତୀତ ବୈଭବ ନିଜ ଇନିଂସ ମଧ୍ୟରେ ୯ ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରୋଜ ଜର୍ଜ ୬୯, ଭିହାନ ମାଲହୋତ୍ରା ୬୯ ରନ କରିଥିଲେ। ବୈଭବ ଓ ଜର୍ଜଙ୍କ ମଧ୍ୟରେ ୨୧୨ ରନର ପାର୍ଟନରଶିପ୍ ହୋଇଥିଲା। ୟୁଏଇ ପକ୍ଷରୁ ୟୁଗ ଶର୍ମା ଓ ଉଦିଶ ସୁରି ୨ଟି ଲେଖାଏ ଉଇକେଟ ନେଇଥିଲେ। ବିଜୟ ଲକ୍ଷ୍ୟ ବହୁତ ବଡ଼ ଥିବାରୁ ଚାପରେ ୟୁଇଏ ଲଢ଼େଇ କରିବା ପରିବର୍ତ୍ତେ ମାତ୍ର ୫୩ ରନ ମଧ୍ୟରେ ୬ ଉଇକେଟ ହରାଇ ହାତ ଟେକିଦେବାଭଳି ପରିସ୍ଥିତି ସୃଷ୍ଟି କରିଥିଲା। ପୃଥ୍ୱୀ ମଧୁଙ୍କ ୫୦ ଓ ଉଦିଶ୍ ସୁରିଙ୍କ ଅପରାଜିତ ୭୮ ରନ ସହାୟତାରେ ଦଳ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ଭାରତ ପକ୍ଷରୁ ୯ ଜଣ ବୋଲର ବୋଲିଂ କରିଥିଲେ। ଦିପେଶ ଦେବେନ୍ଦ୍ରନ ସର୍ବାଧିକ ୨ଟି ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ବୈଭବ ସୂର୍ଯ୍ୟବଂଶୀ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୪୩୩/୬ (ବୈଭବ ସୂର୍ଯ୍ୟବଂଶୀ-୧୭୧, ଭିହାନ ମାଲହୋତ୍ରା-୬୯, ଆରୋନ ଜର୍ଜ-୬୯, ୟୁଗ ଶର୍ମା-୨/୭୫)। ୟୁଏଇ ୫୦ ଓଭରରେ ୧୯୯/୭ (ଉଦିଶ ସୁରି-୭୮*, ପୃଥ୍ୱୀ ମଧୁ-୫୦, ଦୀପେଶ ଦେବେନ୍ଦ୍ରନ-୨/୨୧)।

# ଫୋଗଟଙ୍କ ନିଷ୍ପତ୍ତିକୁ ଡବ୍ଲ୍ୟୁଏଫ୍‌ଆଇର ସ୍ୱାଗତ

**ନୂଆଦିଲ୍ଲୀ,୧୨।୧୨**

ଅବସରରୁ ଭିନେଶ ଫୋଗଟଙ୍କ ପ୍ରତ୍ୟାବର୍ତ୍ତନ ନିଷ୍ପତ୍ତିକୁ ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ସଞ୍ଜୟ ସିଂ ସ୍ୱାଗତ କରିଛନ୍ତି। ସେ ଏ ସମ୍ପର୍କରେ ପ୍ରକାଶ କରିଛନ୍ତି, ପୂରା ଡବ୍ଲ୍ୟୁଏଫ୍‌ଆଇ ଭିନେଶଙ୍କ ଅବସରରୁ ପ୍ରତ୍ୟାବର୍ତ୍ତନ ନିଷ୍ପତ୍ତିକୁ ସ୍ୱାଗତ କରୁଛି। କିନ୍ତୁ ତାଙ୍କ ପ୍ରତ୍ୟାବର୍ତ୍ତନ ଡବ୍ଲ୍ୟୁଏଫ୍‌ଆଇର ନିୟମ ଓ ଆଇନ ଅନୁସାରେ ହେବ। ସେ ରେସଲିଂ ଲିଗ୍ ଲାଗି ଆବେଦନ କରି ନ ଥିଲେ। ଏଥିଲାଗି ଧାର୍ଯ୍ୟ ଅନ୍ତିମ ତାରିଖ ଶେଷ ହୋଇସାରିଛି। ବିଶ୍ୱର ୩୦୦ ଆଥ୍‌ଲେଟ୍ ଆବେଦନ କରିଛନ୍ତି। ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ସେ ନିଶ୍ଚିତ କିଛି ଚିନ୍ତା କରିଥିବେ। ଭିନେଶ ନିଜର ଅଲିମ୍ପିକ୍ ପଦକ ଜିତିବା ସ୍ୱପ୍ନକୁ ପୂରା କରିବା ପାଇଁ ୧୮ ମାସ ପରେ ରେସଲିଂକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ସେ ପ୍ରଥମ ଭାରତୀୟ ମହିଳା ରେସଲର ଭାବେ ଅଲିମ୍ପିକ୍ସ ଫାଇନାଲକୁ ଉନ୍ନୀତ ହୋଇଥିଲେ।

# ଅବସରରୁ ଫେରିଲେ ଭିନେଶ

**ନୂଆଦିଲ୍ଲୀ,୧୨।୧୨(ପି.ଟି.)**

୨୦୨୮ ଲସଏଞ୍ଜେଲ୍ସ ଗେମ୍ସରେ ଅଲିମ୍ପିକ୍ ପଦକ ଜିତିବାର ଅଧୁରା ସ୍ୱପ୍ନକୁ ପୂରା କରିବା ପାଇଁ ଭାରତର ଷ୍ଟାର ରେସଲର ଭିନେଶ ଫୋଗଟ ମ୍ୟାଟ୍‌କୁ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସେ ଶୁକ୍ରବାର ସୂଚନା ଦେଇଛନ୍ତି। ଗତ ବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ଦୁର୍ଭାଗ୍ୟବଶତଃ ପଦକ ହରାଇବା ପରେ ୩୧ ବର୍ଷୀୟା ଭିନେଶ ରେସଲିଂରୁ ଅବସର ଘୋଷଣା କରିଥିଲେ। ସ୍ୱର୍ଣ୍ଣ ପଦକ ମ୍ୟାଚ୍‌କୁ କ୍ୱାଲିଫାଏ କରିବା ପରେ ଧାର୍ଯ୍ୟ ଓଜନଠାରୁ ତାଙ୍କ ଓଜନ ୧୦୦ ଗ୍ରାମ ଅଧିକ ଜଣାପଡ଼ିବା ପରେ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହି ନିଷ୍ପତ୍ତି ବିରୋଧରେ ସେ କୋର୍ଟ ଅଫ୍ ଆର୍‌ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ)ରେ ଆବେଦନ କରିଥିଲେ। କିନ୍ତୁ ରାୟ ବଳବତ୍ତର ରହିଥିଲା ; ଯାହା ଫଳରେ ସେ ଅବସର ନେଇ ରାଜନୀତିରେ ଯୋଗଦେଇଥିଲେ। ଏବେ ସେ ହରିୟାଣାର ଝୁଲନ ନିର୍ବାଚନ ମଣ୍ଡଳୀର ବିଧାୟିକା ଅଛନ୍ତି।

'ଲୋକେ ମୋତେ ଦୀର୍ଘଦିନ ହେଲା ପଚାରି ଆସୁଛନ୍ତି ପ୍ୟାରିସ ହିଁ ମୋ ପାଇଁ ଅନ୍ତିମ କି। ମୋ ପାଖରେ ଉତ୍ତର ନ ଥିଲା। ମୋତେ ମ୍ୟାଟ୍, ଚାପ, ଆକାଂକ୍ଷା, ଏପରି କି ମୋ ନିଜର ଅଭିଳାଷଠାରୁ ଦୂରେଇ ରହିବାର ଆବଶ୍ୟକତା ଥିଲା। ମୁଁ ନିଜକୁ ନିଃଶ୍ୱାସ ନେବାକୁ ସମୟ ଦେଇଥିଲି। ମୋତେ ସବୁ କିଛି ବୁଝିବା ପାଇଁ ସମୟ ଦରକାର ଥିଲା। ଏଥିରୁ ମୋତେ ସତ୍ୟତା ଜଣାପଡ଼ିଥିଲା ଯେ, ମୁଁ ଏବେ ବି ରେସଲିଂକୁ ଭଲପାଏ। ମୁଁ ଏବେ ବି ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହେଁ ଏବଂ ମୋ ଭିତରେ ଏବେ ବି ସେହି ନିଆଁ ରହିଛି। ଏଣୁ ମୁଁ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ ଲାଗି ପ୍ରସ୍ତୁତି ଆରମ୍ଭ କରୁଛି। ଏଥର ଏହି ଯାତ୍ରାରେ ମୋ ସହିତ ମୋ ପୁଅ ଯୋଗ ଦେଉଛି, ସେ ହିଁ ମୋର ସବୁଠୁ ବଡ଼ ପ୍ରେରଣା' ବୋଲି ଭିନେଶ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଭିନେଶ ୩ ଥର ଅଲିମ୍ପିକ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ଏସିଆନ ଗେମ୍ସ ଓ କମନୱେଲ୍‌ଥ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ